




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-228 ◆FRIDAY ◆13 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୨୮ ◆ଶୁକ୍ରବାର ◆୧୩ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଆଜି 'ସେବାତୀର୍ଥ' ଯିବେ ପ୍ରଧାନମନ୍ତ୍ରୀ



■ ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ଭାରତୀୟ ପ୍ରଶାସନିକ ଇତିହାସରେ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନିଜର ନୂତନ କାର୍ଯ୍ୟାଳୟକୁ ସ୍ଥାନାନ୍ତର ହେବେ। ସେ ନୂଆ କାର୍ଯ୍ୟାଳୟ 'ସେବା ତୀର୍ଥ'ରେ କାର୍ଯ୍ୟ ଆରମ୍ଭ କରିବେ। ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅଧୀନରେ ଏହି ନୂତନ ବିଲ୍ଡିଂ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ଅପରାହ୍ଣ ୧.୩୦ ସମୟରେ 'ସେବା ତୀର୍ଥ' ନାମ ଫଳକ ଉନ୍ମୋଚନ ହେବ ଓ ସନ୍ଧ୍ୟା ୬ଟାରେ ମୋଦୀ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିବେ। ଏଥିସହ କର୍ତ୍ତବ୍ୟ ଭବନ-୧ ଓ ୨ର ମଧ୍ୟ ଉଦ୍‌ଘାଟନ କରାଯିବ, ଯେଉଁଠାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ରହିବ। ନୂଆ କାର୍ଯ୍ୟାଳୟକୁ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଶୁକ୍ରବାର ସନ୍ଧ୍ୟା ୪ଟାରେ ପୁରୁଣା ସେକ୍ରେଟାରିଏଟ ବିଲ୍ଡିଂ (ନର୍ଥ-ସାଉଥ୍ ବ୍ଲକ)ରେ ଶେଷ କ୍ୟାବିନେଟ ବୈଠକ କରିବେ। ଏହି ନର୍ଥ-ସାଉଥ ବ୍ଲକ ପ୍ରାୟ ୯୫ ବର୍ଷ ଧରି ଭାରତର ସାଶନ କେନ୍ଦ୍ର ହୋଇ ରହିଆସିଥିଲା। ଏହି ବିଲ୍ଡିଂକୁ ବ୍ରିଟିଶ ▶ପୃଷ୍ଠା-୭

### ବିରୋଧୀ ଦଳ ନେତାଙ୍କ ବିରୋଧରେ ଫେରାଦ ହେଲେ ଦୁବେ

# ରାହୁଲଙ୍କ ସଦସ୍ୟତା ରଦ୍ଦ ପାଇଁ ନୋଟିସ୍

■ ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଥିବା ବେଳେ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କର ସାଂସଦ ପଦ ରଦ୍ଦ କରିବା ଲାଗି ବିଜେପି ସାଂସଦ ନୋଟିସ ଦେଇଛନ୍ତି। ବିଜେପିର ଏହି ସାଂସଦ ହେଉଛନ୍ତି ନିଶିକାନ୍ତ ଦୁବେ। ବାଣିଜ୍ୟ ଚୁକ୍ତି ଓ ପୂର୍ବତନ ସେନା ଅଧକ୍ଷ ଜେନେରାଲ ନରବାଣେଙ୍କ ଅପ୍ରକାଶିତ ପୁସ୍ତକ ଠାରୁ ଆରମ୍ଭ କରି ବିଭିନ୍ନ ବିବାଦୀୟ ପ୍ରସଙ୍ଗ ନେଇ ରାହୁଲ ଏବଂ ବିଜେପି ସାଂସଦ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଦୁବେ ଆଜି ଏଭଳି ନୋଟିସ୍ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧୀ ମିଥ୍ୟା ଓ ମନଗଢ଼ା ଅଭିଯୋଗ ଆଣି ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। କୁଖ୍ୟାତ ଯୌନ ଅପରାଧୀ ଏପଷ୍ଟିନଙ୍କ ସହିତ କେନ୍ଦ୍ର ମନ୍ତ୍ରୀ ହରଦିପ ସିଂହ ପୁରୀଙ୍କର ସଂପର୍କ ରହିଛି ବୋଲି ଗତକାଲି ରାହୁଲ ଅଭିଯୋଗ କରିବା ପରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି।



> "ରାହୁଲ ଗାନ୍ଧୀ ମିଥ୍ୟା ଓ ମନଗଢ଼ା ଅଭିଯୋଗ ଆଣି ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି"

ନୋଟିସ ଦେବାପରେ ଦୁବେ କହିଛନ୍ତି ଯେ ଯାହା ଲାଗୁଛି ବିଦେଶୀ ଶକ୍ତିଙ୍କ ସହିତ ରାହୁଲ ଗାନ୍ଧୀଙ୍କର ସଂପର୍କ ରହିଛି। ଦେଶକୁ ବରବାଦ କରିବାକୁ ଚାହୁଁଥିବା ରାହୁଲଙ୍କୁ କିଏ ପାଣ୍ଠି ଯୋଗାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଜେନେରାଲ ନରବାଣେଙ୍କ ଯେଉଁ ପୁସ୍ତକ ପ୍ରକାଶିତ ହୋଇନାହିଁ, ତାହାର କପି ରାହୁଲ କେଉଁଠୁ ପାଇଲେ? ସରକାରଙ୍କୁ ବଦନାମ କରିବା ଲାଗି ରାହୁଲଙ୍କର ଏହା ପ୍ରଥମ ପ୍ରୟାସ ନୁହେଁ ବୋଲି ଉଲ୍ଲେଖ କରି ଦୁବେ କହିଛନ୍ତି ଯେ ପ୍ରତିରକ୍ଷା ହେଉକି, ବାଣିଜ୍ୟ, ଅର୍ଥବା ବୈଦେଶିକ ବ୍ୟାପାର ହେଉ ସବୁ ପ୍ରସଙ୍ଗରେ ରାହୁଲ ମିଥ୍ୟା ଓ ମନଗଢ଼ା ଅଭିଯୋଗ କରୁଛନ୍ତି। ବିଭିନ୍ନ ଦେଶରେ ସରକାରକୁ ଅସ୍ଥିର କରିବାରେ କୁଖ୍ୟାତି ଅର୍ଜନ କରିଥିବା 'ସୋରୋସ ଫାଉଣ୍ଡେସନ୍' ସହିତ ରାହୁଲଙ୍କର ସଂପର୍କ ରହିଛି ଏବଂ ସେହି ସଂସ୍ଥା କଥାରେ ପଡ଼ି ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ଗତ ୧୧ ତାରିଖରେ ଲୋକସଭାରେ ଭାଷଣ ଦେବା ସମୟରେ ସେ ଏମିତି ବିଭ୍ରାନ୍ତିକର ତଥ୍ୟ ଦେଲେ ଯେ ସତେ ଯେମିତି ବଡ଼ ବଡ଼ କରପୋରେଟ ସଂସ୍ଥା ସହିତ ସଂପର୍କ ଯୋଗୁଁ ଆମ ଦେଶରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ରାହୁଲଙ୍କର ଏଭଳି ଆଚରଣ ଦର୍ଶାଉଛି ଯେ ଦେଶ ଭିତରେ ସେ ଅସ୍ଥିରତା ସୃଷ୍ଟି କରିବାକୁ ▶ପୃଷ୍ଠା-୭

# ଭାରତ ବନ୍ଦ ଶାନ୍ତିପୂର୍ଣ୍ଣ

### ରାଜ୍ୟରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ



■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୨।୨ (ସମିସ): ଦେଶର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଡାକରା ଦିଆଯାଇଥିବା 'ଭାରତ ବନ୍ଦ'ର ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ ଶ୍ରମନୀତି, ୪ଟି ନୂଆ ଶ୍ରମକୋଡ୍ ଏବଂ ଭାରତ- ଆମେରିକା ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଥିଲା। ପଞ୍ଜାବରେ ଶ୍ରମିକ ଓ କୃଷକ ସଂଗଠନଗୁଡିକ ଧର୍ମଘଟ କରିଥିଲେ। ଠିକା କର୍ମଚାରୀମାନେ କାମ ବନ୍ଦ ରଖିଥିବା ବେଳେ ନିୟମିତ କର୍ମଚାରୀମାନେ କାମ ଜାରି ରଖିଥିଲେ। ଫଳରେ ସରକାରୀ ବିଭାଗରେ କାର୍ଯ୍ୟ ଆଂଶିକ ପ୍ରଭାବିତ ହୋଇଛି। ବନ୍ଦ ସତ୍ତ୍ୱେ ବ୍ୟାଙ୍କ ଖୋଲା ରହିଥିଲା ଓ ସାଧାରଣ ଦିନ ଭଳି କାର୍ଯ୍ୟ ଜାରି ରହିଥିଲା। ଅଲ ଇଣ୍ଡିଆ ପାୱାର ଇଞ୍ଜିନିୟର୍ସ ଫେଡେରେସନ (ଏଆଇପିଇଏଫ୍) ପକ୍ଷରୁ ପ୍ରାୟ ୨୭ ଲକ୍ଷ କର୍ମଚାରୀ ଓ ଇଞ୍ଜିନିୟର ଏହି ବନ୍ଦରେ ସାମିଲ ଅଛନ୍ତି। ଭାରତ ବନ୍ଦକୁ ଆମ ଆଦମୀ ପାର୍ଟି (ଆପ୍) ସମେତ ଅନେକ ବିରୋଧୀ ଦଳ ସମର୍ଥନ ଜଣାଇଛନ୍ତି। ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ▶ପୃଷ୍ଠା-୭



ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ଅଭିଯୋଗରେ ଗୁରୁବାର ସଂସଦ ଭବନ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି ସାଂସଦଙ୍କ ପ୍ରତିବାଦ

## ୧୪ରେ ମନ୍ତ୍ରୀ ପରିଷଦ ବୈଠକ

# ୩ ଲକ୍ଷ କୋଟି ଟପିପାରେ ବଜେଟ ଆକାର

■ ଭୁବନେଶ୍ୱର, ୧୨।୨ (ସମିସ): ଆସନ୍ତା ୧୪ ତାରିଖ ସନ୍ଧ୍ୟା ୭ଟାରେ ରାଜ୍ୟ କ୍ୟାବିନେଟ ଓ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ମନ୍ତ୍ରୀ ପରିଷଦ ବୈଠକରେ ୨୦୨୬-୨୭ ଆର୍ଥିକ ବର୍ଷର ଚିଠା ବଜେଟ୍ ପ୍ରସ୍ତାବକୁ ଅନୁମୋଦନ ଦିଆଯିବ। ମନ୍ତ୍ରୀ ପରିଷଦ ବୈଠକ ପରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ।

### ବଜେଟ ଚିଠା ପ୍ରସ୍ତାବକୁ ମିଳିବ ଅନୁମୋଦନ

୨୦୨୫-୨୬ ଆର୍ଥିକ ବର୍ଷରେ ସରକାର ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ ଗୃହରେ ଆଗତ କରିଥିଲେ। ସେହିପରି ୧୭୭୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ମଧ୍ୟ ଗୃହର ସମ୍ମତି ଲାଭ କରିଥିଲା। ଏସବୁକୁ ବିଚାରକୁ ନେଲେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଆକାର ୩ ଲକ୍ଷ କୋଟି ଟପିବା ନେଇ ଆଶା କରାଯାଉଛି। ଅନ୍ୟପକ୍ଷରେ କ୍ୟାବିନେଟ ବୈଠକରେ ରାଜସ୍ୱ, ଉଚ୍ଚଶିକ୍ଷା, ପଞ୍ଚାୟତିରାଜ, ଶକ୍ତି, ପୂର୍ତ୍ତ ପରି ବିଭାଗର ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ ମୋହର ବାଜିପାରେ।

# ବଜେଟ ଖର୍ଚ୍ଚରେ ମନ୍ଥରତା

### ବଳକା ଅର୍ଥ ଫେରସ୍ତ ଅବଧି ଫେବୃଆରୀ ୨୭ ଯାଏ ବୃଦ୍ଧି

■ ଭୁବନେଶ୍ୱର, ୧୨।୨ (ସମିସ): ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚରେ ସରକାରଙ୍କୁ ସେପରି ଆଖିଦୃଶିଆ ସଫଳତା ମିଳିପାରି ନାହିଁ। ଅନେକ ପ୍ରମୁଖ ବିଭାଗର ବଜେଟ ଅର୍ଥ ଖର୍ଚ୍ଚ ନୈରାଶ୍ୟଜନକ ରହିଛି। ତେଣୁ ଆର୍ଥିକ ବର୍ଷର ଶେଷ ଭାଗରେ ଅଧିକ ଆର୍ଥିକ ବ୍ୟୟର ସମସ୍ୟାକୁ ଏଡ଼ାଇବା ପାଇଁ ସରକାରର ଅର୍ଥ ବିଭାଗ ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକଳାପର ସମୟସୀମାକୁ ବୃଦ୍ଧି କରିଛନ୍ତି। ବିଭିନ୍ନ ବିଭାଗ ସାମ୍ନା କରୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଅର୍ଥ ମଞ୍ଜୁରୀ, ବଣ୍ଟନ, ଅର୍ଥର ପୁନଃ ବିନିଯୋଗ ଏବଂ ଖର୍ଚ୍ଚ ହୋଇପାରି ନ ଥିବା ଅର୍ଥର ଫେରସ୍ତ ଆଦିର ସମୟସୀମାକୁ ଫେବୃଆରୀ ୨୭ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଛି।


ଅର୍ଥ ବିଭାଗ ପକ୍ଷରୁ ଜାରି ଏକ ଚିଠିରେ ସମସ୍ତ ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଏବଂ ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ଏହି ସମ୍ପର୍କରେ ସୂଚନା ଦିଆଯାଇଛି। ପୂର୍ବରୁ ଅର୍ଥ ବିଭାଗ ଏନେଇ ଏକ ସମୟସୀମା ନିର୍ଦ୍ଧାରଣ କରାଯାଇଥିଲା; କିନ୍ତୁ କିଛି ସମୟସୀମା ଅତିକ୍ରମ ହୋଇଯାଇଥିବାରୁ ବିଭିନ୍ନ ବିଭାଗରୁ ଅର୍ଥ ମଞ୍ଜୁରୀ ଏବଂ ▶ପୃଷ୍ଠା-୭






## ଆମେରିକାରେ ମୃତ ଭାରତୀୟ ଛାତ୍ରଙ୍କ ପରିବାରକୁ ୨୬୦ କୋଟିର କ୍ଷତିପୂରଣ

■ ସିଆଟେଲ, ୧୨।୨ (ଏଜେନ୍ସି): ଆମେରିକାର ୱାସିଂଟନ ରାଜ୍ୟର ସିଆଟେଲ ସହରରେ ୨୦୨୩ରେ ପୁଲିସର ଗାଡ଼ି ଧକ୍କାରେ ଜଣେ ଭାରତୀୟ ଛାତ୍ରୀ ମୃତ୍ୟୁବରଣ କରିଥିଲେ। ଏବେ ତାଙ୍କୁ ନ୍ୟାୟ ମିଳିଛି। ତାଙ୍କ ପରିବାରକୁ ୨୯ ମିଲିଅନ ଡଲାର ବା ୨୬୨ କୋଟି ଟଙ୍କାର କ୍ଷତିପୂରଣ ଦେବାକୁ କୁହାଯାଇଛି। ଜଣେ ପୁଲିସ ଅଧିକାରୀଙ୍କ ଗାଡ଼ି ଧକ୍କାରେ ପ୍ରାଣ ହରାଇଥିବା ୨୩ ବର୍ଷୀୟ ଭାରତୀୟ ଛାତ୍ରୀ ଜାହ୍ନବୀ କାଣ୍ଡୁଲାଙ୍କ ପରିବାର ସହ ସିଆଟେଲ ପ୍ରଶାସନ ପାଖାପାଖି ୨୬୨ କୋଟି ଟଙ୍କାର ସମାଧାନ ବା ସେଟଲମେଣ୍ଟ କରିଛି। ଏହା ଜାହ୍ନବୀଙ୍କ ପରିବାର ପାଇଁ ଏକ ପ୍ରକାର ନ୍ୟାୟ ସଦୃଶ ହୋଇଛି। ଜାହ୍ନବୀ ରାସ୍ତା ପାର ହେଉଥିବା ସମୟରେ ପୁଲିସ ଅଧିକାରୀ କେଭିନ୍ ଡେଭ୍ ତାଙ୍କୁ ଧକ୍କା ଦେଇଥିଲେ। ସେହି ସମୟରେ ପୁଲିସ ଗାଡ଼ିର ବେଗ ଘଣ୍ଟାପ୍ରତି ୧୧୯ କିମି ଥିଲା। ▶ପୃଷ୍ଠା-୭

# ରାଷ୍ଟ୍ରପତିଙ୍କୁ ଭେଟିଲେ ତୁର୍କା ଗ୍ରାମର ୪ ଆଦିବାସୀ ଝିଅ

ଭବାନୀପାଟଣା, ୧୨।୨ (ସମିସ)



କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଅଧୀନ ଦୁର୍ଗମ ଲାଞ୍ଜି ପଞ୍ଚାୟତର ତୁର୍କା ଗ୍ରାମ କିଛିବର୍ଷ ପର୍ଯ୍ୟନ୍ତ ବାହାର ଜଗତରୁ ପ୍ରାୟ ବିଚ୍ଛିନ୍ନ ଥିଲା। ଗ୍ରାମରେ ନ ଥିଲା ପକ୍କା ରାସ୍ତା, ପାନୀୟ ଜଳ କିମ୍ବା ବିଦ୍ୟୁତ୍ ସୁବିଧା। ଏହି ପରିସ୍ଥିତିରେ ଶିକ୍ଷା ଗ୍ରାମର ଆଦିବାସୀ ପିଲାମାନଙ୍କ ପାଇଁ ସ୍ୱପ୍ନ ସଦୃଶ ଥିଲା। ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ଦୃଷ୍ଟି ଏହି ଗ୍ରାମଉପରେ ପଡ଼ିବା ପରେ ବ୍ଲକ ଓ ଜିଲ୍ଲା ପ୍ରଶାସନର ସମନ୍ୱିତ ପ୍ରଚେଷ୍ଟାରେ ରାସ୍ତା, ପାନୀୟ ଜଳ ଓ ବିଦ୍ୟୁତ୍ ବ୍ୟବସ୍ଥା ସୁନିଶ୍ଚିତ ହୋଇଥିଲା। କିନ୍ତୁ ଝିଅମାନଙ୍କ ଶିକ୍ଷା ଏବେ ମଧ୍ୟ ଅପହଞ୍ଚ ଥିଲା। ୨୦୨୨ ପର୍ଯ୍ୟନ୍ତ ଗ୍ରାମର କୌଣସି ଝିଅ ସ୍କୁଲରେ ଭର୍ତ୍ତି ହୋଇ ନ ଥିଲେ। ସାଂସଦ ଶ୍ରୀ କୁମାର ଓ ବ୍ଲକ ପ୍ରଶାସନଙ୍କ ଉଦ୍ୟମରେ ୨୦୨୨ ମସିହାରେ ଗ୍ରାମର ୪ ଜଣ ଆଦିବାସୀ ଝିଅ ପଦ୍ମା ମାଝୀ, ଦଇମତି ମାଝୀ, ଗୀତା ମାଝୀ ଓ ଜନତି ମାଝୀଙ୍କୁ ନିକଟସ୍ଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭଟାଙ୍ଗପଦରରେ ଭର୍ତ୍ତି କରାଯାଇଥିଲା। ଭଟାଙ୍ଗପଦର ପଞ୍ଚାୟତ ଓ ବିଦ୍ୟାଳୟ ସାଂସଦଙ୍କ ପୋଷ୍ୟଗ୍ରାମ ଓ ପୋଷ୍ୟ ବିଦ୍ୟାଳୟ ଅଟେ। ସାଂସଦ ଶ୍ରୀ କୁମାର ଏହି ଝିଅମାନଙ୍କ ସମସ୍ତ ଶିକ୍ଷା ଓ ଆନୁସଙ୍ଗିକ ଖର୍ଚ୍ଚ ବହନ କରିବା ସହ ତାଙ୍କର ଆବଶ୍ୟକ ସମସ୍ତ ବ୍ୟବସ୍ଥା ନିଜେ ନିରୀକ୍ଷଣ କରୁଛନ୍ତି। ସାଂସଦଙ୍କ ଉଦ୍ୟମରେ ଏହି ଝିଅମାନେ ନିକଟରେ ଦିଲ୍ଲୀ ଯାଇ ରାଷ୍ଟ୍ରପତି ଭବନରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ କରିବାର ସୁଯୋଗ ପାଇଥିଲେ। ସେମାନେ ସଂସଦଭବନ ମଧ୍ୟ ପରିଦର୍ଶନ କରିଥିଲେ। ମହାମହିମ ରାଷ୍ଟ୍ରପତି ସାଂସଦଙ୍କ ଏହି ଉଦ୍ୟମକୁ ପ୍ରଶଂସା କରି କହିଥିଲେ ଯେ, ଏହା ରାଜ୍ୟ ଓ ଦେଶର ଲକ୍ଷାଧିକ ଆଦିବାସୀ ଛାତ୍ରୀମାନଙ୍କୁ ଶିକ୍ଷା ଗ୍ରହଣ କରି ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ। ରାଜ୍ୟସଭା ସାଂସଦ ଶ୍ରୀ କୁମାର କହିଛନ୍ତି ଯେ, ଏହି ୪ ଜଣ ଝିଅଙ୍କର ଶିକ୍ଷା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସେ ସମସ୍ତ ପ୍ରକାର ସହଯୋଗ ଜାରି ରଖିବେ। ସେହିପରି କଳାହାଣ୍ଡି ସହ ରାଜ୍ୟର ଅନ୍ୟାନ୍ୟ ଝିଅମାନେ କିପରି ଶିକ୍ଷାଗ୍ରହଣ କରି ରୋଜଗାରକ୍ଷମ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ, ସେହି ଦିଗରେ ମଧ୍ୟ ତାଙ୍କ ପ୍ରୟାସ ଜାରି ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ବିଭିନ୍ନ ଦାବିନେଇ ଭାରତ ବନ୍ଦ

**ଭବାନୀପାଟଣା, ୧୨।୨ (ସମିସ):** ବାମପନ୍ଥୀ ଦଳମାନଙ୍କର ପାଖାପାଖି ୧୦ଟି ଶ୍ରମିକ ସଂଗଠନ ଶ୍ରମିକ ବିରୋଧୀ ୪ଶ୍ରମ କୋଡ୍ ବାତିଲ କରିବା, ସ୍କିମ, ଠିକା ଓ ଆଉଟସୋର୍ସିଂ ନିଯୁକ୍ତି ବନ୍ଦ କରିବା, ମଣ୍ଡି ଅବ୍ୟବସ୍ଥା ଦୂର କରିବା, ରାଷ୍ଟ୍ରୀୟ ଉଦ୍ୟୋଗକୁ ଘରୋଇକରଣ ବନ୍ଦ କରିବା, ଇପିଏଫ୍ ପାଇଁ ସର୍ବନିମ୍ନ ମାସିକ ପେନସନ୍ ବୃଦ୍ଧି ଆଦି ଦାବିକୁ ନେଇ ସର୍ବଭାରତୀୟସ୍ତରରେ ବନ୍ଦ ଡାକରା ଦିଆଯାଇଥିବା ବେଳେ ଏଆଇୟୁଟିସିର କଳାହାଣ୍ଡି ଜିଲ୍ଲା ସଭାପତି ସଞ୍ଜୟ ସୁନାନୀଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲ୍ଲାରେ ବନ୍ଦ ପାଳନ କରାଗଲା। କଳାହାଣ୍ଡି ଜିଲ୍ଲାପାଳ ଅଫିସ୍ ନିକଟରେ ସମସ୍ତ ସଂଗଠନମାନେ ଏକତ୍ରିତ ହୋଇ ସହର ପରିକ୍ରମା କରି ଗାନ୍ଧୀ ଛକଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଅଛି। ସେହି ସମୟରେ ପିକେଟିଂ କରି ସହରରେ ଥିବା ଅଫିସ୍ ଏବଂ ବ୍ୟାଙ୍କମାନଙ୍କୁ ବନ୍ଦ କରିଥିଲେ। ଭବାନୀପାଟଣା ସହରରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ଆଂଶିକ ଭାବରେ ଦୋକାନ ବଜାର ଓ ଗାଡିମଟର ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଏହି ବନ୍ଦ ସମୟରେ ସିପିଆଇ ର ଦାମୋଦର ବେହେରା, ସିପିଏମ୍‌ର ନବ ପଟ୍ଟନାୟକ, ଏସ୍‌ଏଚଜି ଇସି ମେମ୍ବର ଝିଲି ବାଗ, ଟୁନି ନାୟକ ଓ ସରିତା ବାଗ, ପାଚିକା ସଂଘର ଦେବକୀ ଶବର ଓ ଯଶୋବନ୍ତ ବେମାଲ, ନିର୍ମାଣ ଶ୍ରମିକ ସଂଘର ମାଧବ ସାହୁ ଓ ଜୀବନଜ୍ୟୋତି ବାଗ, ସରେଶ ସଂଗ୍ରାମ ଓ ଲକ୍ଷ୍ମୀନାରାୟଣ ପଣ୍ଡା, ଲିଙ୍ଗରାଜ ପ୍ରଧାନ, ଏଆଇଏସଏଫ ର ରାଜାରାମ ଜଙ୍ଗ୍ରୀ ଓ ତୁଲେଶ୍ୱର ଖମାରୀ, କଂଗ୍ରେସ ର ସରୋଜ ବାଗ, ସନ୍ତୋଷ ପ୍ରଧାନ ଓ ମନ୍ଦାକିନୀ ବାଣୁଆ, ଉତ୍କଳ ମହିଳା ସମିତିର ରତିମତୀ ଛତ୍ରୀ ଓ ଏଡଭୋକେଟ୍ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଲିଙ୍କନ ବାଗ ପ୍ରମୁଖ ସହିତ ୨୦୦ରୁ ଅଧିକ ପାଚିକା, ଆଶା ଓ ଶ୍ରମିକମାନେ ସାମିଲ ହୋଇଥିଲେ।




# ତିଖାଲୀ ଡ୍ୟାମରୁ ବୃଦ୍ଧଙ୍କ ଶବ ଉଦ୍ଧାର

**କୋମନା, ୧୨।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଅଧୀନ ରେଙ୍ଗ ଗ୍ରାମର ଜଣେ ବୃଦ୍ଧଙ୍କ ଶବ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଉଛନ୍ତି ୭୦ ବର୍ଷୀୟ ହନୁ ରଣା। ମାନସିକ ଭାରସାମ୍ୟ ହରାଇ ସେ ତିଖାଲୀ ଡ୍ୟାମ୍‌ରେ ପଡ଼ି ଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ବୁଧବାରଠାରୁ ହନୁ ରଣା ନିଖୋଜ ଥିଲେ। ଏନେଇ ତାଙ୍କ ପୁଅ ମିନିକେତନ ରଣା କୋମନା ଥାନାରେ ଏକ ନିଖୋଜ ଅଭିଯୋଗ ଦେଇଥିଲେ। ଆଜି ସକାଳେ ବୋଡା ଛାପର ଘାଟ ନିକଟରେ ଏକ ଶବ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ କୋମନା ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଶବଟିକୁ ପାଣିରୁ ବାହାର କରିଥିଲେ। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ହନୁ ରଣା କିଛି ଦିନ ହେବ ମାନସିକ ଭାରସାମ୍ୟ ହରାଇଥିଲେ। ଏହି କାରଣରୁ ସେ ତିଖାଲୀ ଡ୍ୟାମ୍ ମଧ୍ୟକୁ ଡେଇଁ ପଡ଼ିଥିବା ସନ୍ଦେହ କରାଯାଉଛି। ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି ଏବଂ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# କାୟାକଳ୍ପ ଟିମ୍‌ର କୋକସରା ଡାକ୍ତରଖାନା ପରିଦର୍ଶନ

**କୋକସରା, ୧୨।୨(ସମିସ):** ରାଜ୍ୟ କାୟାକଳ୍ପର ଏକ ୩ ଜଣିଆ ଟିମ୍ ଗୁରୁବାର କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଟିମରେ ଡାକ୍ତର କ୍ଷେତ୍ରମୋହନ କାଣ୍ଡ, ଡାକ୍ତର ଦେବବ୍ରତ ମହାପାତ୍ର, ସୁଧାଂଶୁ ଶେଖରସାମନ୍ତ ପ୍ରମୁଖ ରହିଥିଲେ। ତାଙ୍କ ସହ ଜିଲ୍ଲାରୁ ରୀତା ନାଏକ (ଆସିଷ୍ଟାଣ୍ଟ ମେନେଜର କ୍ୟୁଏମ) ପ୍ରମୁଖ ପରିଦର୍ଶନରେ ଆସିଥିଲେ। ଏହି ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରର ଆନୁସଙ୍ଗିକ ସୁବ୍ୟବସ୍ଥା ସହ ସ୍ୱଚ୍ଛତା, ପରିବେଷ ପରିଚ୍ଛନ୍ନତା, ପିଇବା ପାଣି, ଔଷଧ ଭଣ୍ଡାର, ବର୍ଜ୍ୟବସ୍ତୁ ପରିଚାଳନା ବିଭାଗ, ଶବ ବ୍ୟବଚ୍ଛେଦ ଗୃହ, ପ୍ରସୂତି କକ୍ଷ, ଆୟୁଷ ବିଭାଗ ବ୍ୟତିତ ଡାକ୍ତରଖାନାର ବିଭିନ୍ନ ବିଭାଗକୁ ତଦାରଖ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡାକ୍ତର ତତ୍ତ୍ୱଦର୍ଶୀ ଦାସ, ଡାକ୍ତର ଅଭିଷେକ ବେହେରା, ଡା. ଦେବେନ୍ଦ୍ର ମାଝୀ, ଡା. ମାନବେଶ ମହାପାତ୍ର, ଡା. ଉମାକାନ୍ତ ଶବର, ଡାକ୍ତର ଆଦିତ୍ୟ ସାହୁ, ଫାର୍ମାସିଷ୍ଟ ସୁଧୀର ଧଙ୍ଗଡ଼ାମାଝୀ, ବିପିଏମ୍ ସୁଜିତ ସିଂ କୁମାର, ପଏଚ୍‌ଇଓ ଶର୍ମିଳା ଛତ୍ରିଆ, ନର୍ସିଂ ଷ୍ଟାଫ୍ ଅଫିସର ଲକ୍ଷ୍ମୀ ପ୍ରିୟା ବଲ, ନର୍ସିଙ୍ଗ ଷ୍ଟାଫ ଅଫିସର ହୋତାସିନୀ ଶା, ଆକାଉଣ୍ଟାଣ୍ଟ ସୁଜିତ କୁମାର ଡାକୁଆ, ବିଡ଼ିଏମ ଲୋକନାଥ ମିଶ୍ର, ଏସଟିଏସ୍ ଆମୋଦ ଗୋଲାପ, ଭିବିଡିଏସ୍ ଦୁଷ୍ମନ୍ତ ରାଉତ, ରୋହିତ ପାଣିଗ୍ରାହୀ, ରଶ୍ମୀରଞ୍ଜନ ଅଗସ୍ତି ପ୍ରମୁଖ କାୟାକଳ୍ପ ଟିମ୍ ସଦସ୍ୟମାନଙ୍କୁ ସ୍ୱାଗତ୍ କରିବା ସହ ଡାକ୍ତରଖାନା ବୁଲି ଦେଖାଇଥିଲେ।



# ଅବକାରୀ ଚଢ଼ଉ; ମଦ ଜବତ

**କୋକସରା, ୧୨।୨(ସମିସ):** କୋକସରା ଅବକାରୀ ଥାନାପକ୍ଷରୁ ଗୁରୁବାର ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଧର୍ମଗଡ଼ ଅବକାରୀ ଇନ୍ସପେକ୍ଟର ଅରୁଣ କୁମାର ଯୋଷୀଙ୍କ ନେତୃତ୍ୱରେ ମାଝୀଗୁଡ଼ା ଗ୍ରାମର ସନ୍ତୋଷ କୁମାର ଚୌଧୁରୀଙ୍କ ଦୋକାନରେ ଚଢ଼ଉ କରି ୯ ଲିଟର ବିଦେଶୀ ମଦ (ବିୟର) ଜବତ କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ସନ୍ତୋଷ କୁମାର ଚୌଧୁରୀ ଗିରଫ କରିଥିବାବେଳେ ଆମପାଣି ଗ୍ରାମର ସାନୁ ମାଝୀଙ୍କ ଘରୁ ୧୪ ଲିଟର ହାତରନ୍ଧା ଦେଶୀ ମଦ ଜବତ ସହ ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ଏଥିରେ ସନ୍ତୋଷ କୁମାର ଚୌଧରୀଙ୍କୁ ଜାମିନ ମିଳିଥିବାବେଳେ ସାନୁ ମାଝୀଙ୍କୁ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଯାତକୁ ପଠେଇ ଦିଆଯାଇଛି। ଏହି ଚଢ଼ଉରେ ଓଆସି ଗୁପ୍ତେଶ୍ୱର ପଟେଲ ସହିତ ଅବକାରୀ କର୍ମଚାରୀ ସହଯୋଗ କରିଥିଲେ।



# ସରସ୍ୱତୀ ନର୍ସିଂ କଲେଜର ସ୍ୱାଗତ ଓ ଶପଥ ପାଠ

**ଭବାନୀପାଟଣା, ୧୨।୨(ସମିସ):** ସ୍ଥାନୀୟ ସର ସ୍ୱତୀ ନର୍ସିଂ କଲେଜର ସ୍ୱାଗତ ଓ ଶପଥ ପାଠ ଉତ୍ସବ ଟାଉନହଲଠାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ସୁଧାଂଶୁ ଶେଖର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ପ୍ରିନ୍ସିପାଲ୍ ଆଦିତ୍ୟ ମୁଣ୍ଡ, ଗାୟତ୍ରୀ ସ୍ମାର୍ଟ ସ୍କୁଲ ଅଧ୍ୟକ୍ଷ ବୁଦ୍ଧଦେବ ସାହୁ, ସରସ୍ୱତୀ ନର୍ସିଂ କଲେଜର ଅଧ୍ୟକ୍ଷ ରଞ୍ଜନ ମେହେର, ନିର୍ଦ୍ଦେଶିକା ଦେବପ୍ରିୟ ଦାସ, ଅନୁଷ୍ଠାନର ମ୍ୟାନେଜମେଣ୍ଟ ଦାୟିତ୍ୱରେ ଥିବା ଉତ୍ତମ ସାହୁ ଓ ଲିଲେଶ ସାହୁ ଉପସ୍ଥିତ ଥିଲେ।

# କର୍ଲାମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**କର୍ଲାମୁଣ୍ଡା, ୧୨।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଉପ ସଭାପତି ନନ୍ଦୀକିଶୋର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ବିଧାୟିକା ମନୋରମା ମହାନ୍ତି, ସମ୍ମାନିତ ଅତିଥି ବିଡିଓ ସୁଚରିତା ମୁଗ୍ରୀ, ତହସିଲଦାର ଅରୁଣ କୁମାର ବର୍ଗେ, ମୁଖ୍ୟବକ୍ତା ତୁଷୁରା ସଂକୁଳ ପ୍ରମୁଖ ହେମନ୍ତ କୁମାର ଦାସ, ଅନୁଷ୍ଠାନର ସମ୍ପାଦକ କୁଞ୍ଜ ସାହୁ, ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହେଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ତଥା ମାତୃ ଭାରତୀ, ପୂର୍ବତନ ପରିଚାଳନା ସମିତିର କର୍ମକର୍ତ୍ତାଙ୍କୁ ପୁରସ୍କୃତ କରିବା ସହ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟରେ ଭଉଣୀ ଦେବକୀ ସାହୁ ଓ ଆରାଧ୍ୟା ଦାଶ ସଂଯୋଜନା କରିଥିବା ବେଳେ ପୁରସ୍କାର ବିତରଣ ସଭାରେ ଗୁରୁଜୀ ତୁମ୍ବେଶ୍ୱର ସହ ସଂଯୋଜନା କରିଥିଲେ ଓ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ସୁରେଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚର ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା, ୧୨।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ବିଜାପାଟି ଠାରେ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚର ବାର୍ଷିକ ଉତ୍ସବ ଓ ମଞ୍ଚର ନବ ନିର୍ମିତ ଗୃହ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁର, ମୁଖ୍ୟବକ୍ତା ଭାବେ କୁଶୁର୍ଲା ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁବୋଧ କୁମାର ଶତପଥୀ, ସମ୍ମାନିତ ଅତିଥିଭାବେ ସାଇଟସେଭର ଇଣ୍ଡିଆର ଓଡ଼ିଶା ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁମିତ ସୁମନ କର ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ଖବରଦାତା ପ୍ରଦୀପ କୁମାର ସାହୁଙ୍କୁ କର୍ଲାମୁଣ୍ଡା ସଂଗ୍ରାମୀ ଭୂମିପୁତ୍ର ଭାବେ ସମ୍ମାନିତ କରାଯାଇଥିବା ବେଳେ ବେଲଖଣ୍ଡି ସରପଞ୍ଚ ସୁଶାନ୍ତ ବାଗ, ରାଜ୍ୟ ହୁଇଲ ଚେୟାର କ୍ରିକେଟ ଦଳର ଉପ ଅଧିନାୟକ ସରୋଜ କାନ୍ତ କୁମାରଙ୍କୁ ସମ୍ମାନିତ କରାଯାଇଥିଲା। ଏଥି ସହିତ କର୍ଲାମୁଣ୍ଡା ବ୍ଲକର ଚିତ୍ରଶିଳ୍ପୀ ଓ ଘୁମୁରା କଳାକାରମାନଙ୍କୁ ମଧ୍ୟ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ କରଣ ବିଭାଗ ସହାୟତା ତଥା ସାଇଟସେଭର ଓ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ଆନୁକୂଲ୍ୟରେ ରେ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କିତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ନେତୃତ୍ୱ ବିକାଶ କର୍ମଶାଳା ଆୟୋଜିତ ହୋଇଥିଲା। ସଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରିୟବ୍ରତ ପାଢ଼ୀ, ସୁମିତ ମହାପାତ୍ର, ମୋନାଲିଶା ପତି ଓ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚର ସଦସ୍ୟ, ବିଜାପାଟି ବାଳିକା ମଣ୍ଡଳ, ୟୁଥ୍ କ୍ଲବ୍ ସଦସ୍ୟମାନେ ସହଯୋଗ କରିଥିଲେ।



# କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ସଭାପତି ହେଲେ ଅବିନାଶ ଠାକୁର

**ଭବାନୀପାଟଣା, ୧୨।୨(ସମିସ):** ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ସଭାପତି ଭାବରେ ବିଜେଡି ଛାତ୍ର ନେତା ତଥା ପୂର୍ବତନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ଅବିନାଶ ଠାକୁରଙ୍କୁ ନିଯୁକ୍ତି ଦିଆଯାଇଛି। ଜଣେ ସୁବକ୍ତା ଭାବରେ ପରିଚିତ ଅବିନାଶ କଲେଜ ସମୟରୁ ନେତୃତ୍ୱ ନେଇ ଆସୁଛନ୍ତି। ୨୦୦୮/୯ ମସିହାରେ ସେ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ପରେ ବିଜେଡିରେ ସାମିଲ ହୋଇ ବିଜୁ ଛାତ୍ର ଜନତା ଦଳର ଲଗାତାର ୩ ଥର ଜିଲ୍ଲା ସଭାପତି ହେବାପରେ ରାଜ୍ୟ ସାଧାରଣ ସମ୍ପାଦକ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କୁ ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ପଦ ଦିଆଯାଇଥିଲା। ସେ ପଶ୍ଚିମ ଓଡ଼ିଶାର ଛାତ୍ର ନେତୃତ୍ୱ ନେବା ସହ ଦଳର ବିଭିନ୍ନ ପଦ ପଦି ରହିଆସୁଥିଲେ। ଏପରିକି ବିଜେଡି ସରକାର ସମୟରେ ତାଙ୍କ ଦଳ ପ୍ରତି ଆନୁଗତ୍ୟ ଓ ବଳିଷ୍ଠ ନେତୃତ୍ୱ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ଭାବରେ ନିଯୁକ୍ତି ମିଳିଥିଲା। ପୂର୍ବରୁ ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ ୨ ଥର ଜିଲ୍ଲା ଯୁବ ବିଜେଡି ସଭାପତି ଦାୟିତ୍ୱ ତୁଲାଇଥିଲେ। ଏଥର ଦଳ ଅବିନାଶ ଭଳି ଜଣେ ଯୁବ ଚେହେରାକୁ ଜିଲ୍ଲା ଯୁବ ବିଜେଡି ସଭାପତି ନିଯୁକ୍ତି ଦେଇ ଏକ ଭିନ୍ନ ବାର୍ତ୍ତା ଦେଇଛି।

# ଚଟିଆଗୁଡା ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ



**ସିନାପାଲି, ୧୨।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଚଟିଆଗୁଡା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଖିଳ ଧରୁଆଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଚଟିଆଗୁଡା ସରପଞ୍ଚ ରଞ୍ଜିତା ପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ସିଆରସିସି ରାକେଶ ମିଶ୍ର, ସମ୍ମାନିତ ଅତିଥି ଭାବେ ଡବ୍ଲୁଇଓ ସୁନିଲ କୁମାର ସାମଲ, ବେଲାରାଣି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତ ନଳିନି ବେହେରା, ପୁରୁଷମ ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ଅନିତା କୁମାର ସଭା ପ୍ରାରମ୍ଭ କରିଥିବାବେଳେ ତାରାଚନ୍ଦ୍ର ମାଝୀ ବିବରଣୀ ପାଠ କରିଥିଲେ।

# ମା' ଭୈରବୀ ନକଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଲାଞ୍ଜିଗଡ଼, ୧୨।୨(ସମିସ):** ଲାଞ୍ଜିଗଡ଼ ବ୍ଲକ ଖମାରି ଗାଁ ଖେଳପଡ଼ିଆ ଠାରେ ମା' ଭୈରବୀ ନକଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନ ମ୍ୟାଚ୍ ବେଲମ୍ବା ଓ ତାଲାଙ୍ଗସୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ପ୍ରଥମେ ବେଲମ୍ବା ଟସ୍ ଜିତି ତାଲାଙ୍ଗସୁର ଦଳକୁ ବ୍ୟାଟିଙ୍ଗ କରିବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ୧୨ ଓଭରରେ ୭ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବେଲମ୍ବା ଦଳ ୧୨ ଓଭରରେ ୮ ଉଇକେଟ ହରାଇ ୧୧୪ ରନ କରି ତାଲାଙ୍ଗସୁର ଦଳଠାରୁ ପରାଜୟ ହୋଇଥିଲେ। ଏହି ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁବାସ ଅଗ୍ରୱାଲ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଯୁବନେତା ନରେନ୍ଦ୍ର ବେହେରା, ରବି ସିଂ, ରବି କରୁଆଁ, ବାବୃବାହାନ ଦୋରା, ସାମ୍ବାଦିକ ତୁଳସୀରାମ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚକୁ ମିଳନ ସାହୁ ଓ ଦେବେନ୍ଦ୍ର ଦୋରା ଖେଳ ପରିଚାଳନା କରିଥିବାବେଳେ ସ୍କୋରବୋର୍ଡ ଦାୟିତ୍ୱ ବାପି ଦୋରା ଓ ବାସୁଦେବ ଦୋରା ତୁଲାଇଥିଲେ। ମନୋରଞ୍ଜନ ବେହେରା ଓ ଟୁଲୁ ଦୋରା ଧାରବିବରଣୀ ଦେଇଥିଲେ। ଏଥିରେ ୧୬ଟି ଦଳ ଭାଗ ନେଇଛନ୍ତି। ଆସନ୍ତା ୧୯ ତାରିଖରେ ଏହାର ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଯୁବକ ସଂଘ ପକ୍ଷରୁ ସୂଚନା ମିଳିଛି। ଏଥିରେ ସଂଘର ସୁରେଶ ସାହୁ, ଦୁଷ୍ମନ୍ତ ସାହୁ, ପ୍ରଭାକର ଦୋରା, ମନୋଜ ଦୋରା, ଆନନ୍ଦ ଦୋରାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।



# ବାଲସିର ଇକୋ କ୍ଲବ୍ ଦ୍ୱାରା ପୋଖରୀ ସଫା ଓ ଚାରାରୋପଣ

**କେସିଙ୍ଗା, ୧୨।୨(ସମିସ):** ଜବାହର ଉଚ୍ଚ ବିଦ୍ୟାପୀଠ, ବାଲସିର ଇକୋ କ୍ଲବ୍ ପକ୍ଷରୁ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ସଚେତନତା ବୃଦ୍ଧି ପାଇଁ ପୋଖରୀ ପରିଷ୍କାର ଓ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ ସଭାରେ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ଅଭୟ କୁମାର ଦେବତା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ପ୍ରକୃତି ବନ୍ଧୁ ତଥା ଓଷ୍ଟାର ବ୍ଲକ ସମ୍ପାଦକ ସମୀର କୁମାର ବେହେରା, ହେମନ୍ତ ବାଗ, ତରୁଣ କାନ୍ତି ମିଶ୍ର ତଥା ଶୁଭମ କୁମାର ଦାଶ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସର ସମୀପସ୍ଥିତ ପୋଖରୀକୁ ଛାତ୍ରଛାତ୍ରୀମାନେ ଓ ଶିକ୍ଷକମାନଙ୍କ ସହଯୋଗରେ ପରିଷ୍କାର କରିଥିଲେ। ପୋଖରୀରେ ଜମା ହୋଇଥିବା ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଅବାଞ୍ଛିତ ପଦାର୍ଥ ହଟାଇ ପରିବେଶକୁ ସ୍ୱଚ୍ଛ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଗଛ ଲଗାଇ ସେଗୁଡ଼ିକର ଯତ୍ନ ନେବାକୁ ସଂକଳ୍ପ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ପ୍ରତି ଦାୟିତ୍ୱବୋଧ ବୃଦ୍ଧି ପାଇଥିବା ସହ ସ୍ଥାନୀୟ ଅଞ୍ଚଳରେ ସ୍ୱଚ୍ଛତା ଓ ସବୁଜୀକରଣ ପ୍ରତି ସଚେତନତା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ହିନ୍ଦୀ ଶିକ୍ଷକ ଜୟଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିଲେ।



# ନିର୍ବାଚନ ମଣ୍ଡଳୀ ପୁନଃଗଠନ ପାଇଁ ବୈଠକ

କୋକସରା, ୧୨।୨(ସମିସ)



କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ଗତ ୨୦୦୯ ମସିହାରେ ସୀମା ପୁନଃଗଠନ ହେତୁ ଉଚ୍ଛେଦ କରି ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ କରି ଦିଆଗଲା। ତେବେ ଏହି ସର୍ବପୁରାତନ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ପୁନଃ ଗଠନ ତଥା ଫେରେଇ ଆଣିବା ପାଇଁ କୋକସରା ନିର୍ବାଚନ ମଣ୍ଡଳୀ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ଏହି କମିଟି ବିଭିନ୍ନ ଗ୍ରାମ ପଞ୍ଚାୟତରେ ପହଞ୍ଚି ଅଞ୍ଚଳବାସୀଙ୍କ ସହିତ ଏ ଦିଗରେ ବିଶେଷ ଆଲୋଚନା କରିବା ସହ ସେମାନଙ୍କ ମତାମତ ସଂଗ୍ରହ କରାଯାଉଛି। ଏହି କ୍ରମରେ ଗୁରୁବାର ବ୍ଲକର ବଡ଼ପୋଡ଼ାଗୁଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ମନୋଜ କୁମାର ଦାସ ସଭାପତିତ୍ୱ କରିଥିଲେ। ତେବେ ବୈଠକରେ ଉପସ୍ଥିତ ଗ୍ରାମବାସୀ ଉକ୍ତ ପ୍ରସ୍ତାବକୁ ସମର୍ଥନ ଜଣାଇବା ସହ ପୂର୍ବ ଗୌରବକୁ ଫେରେଇ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି କ୍ରମରେ ପଞ୍ଚାୟତସ୍ତରରୁ ଦାବିକୁ ତୀବ୍ର କରିବା ପାଇଁ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ନିମନ୍ତେ ୧୧ ଜଣିଆ କମିଟି ଗଠନ କରାଯାଇଥିଲା। ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ରାଜୀବ କୁମାର ଅଗ୍ରୱାଲ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଶ୍ରୀନିବାସ ପ୍ରଧାନୀ, ଧବଳେଶ୍ୱର ନାଗ, ସନତ କୁମାର ପ୍ରଧାନୀ, ପ୍ରଧାନୀ ବାଗ, ମହେନ୍ଦ୍ର ନେଗୀ, ବରାଡଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ବଡ଼ପୋଡ଼ାଗୁଡ଼ା ନାଏବ ସରପଞ୍ଚ ବିଜୁ ନାଏକ, ଧର୍ମାନନ୍ଦ ନାଏକ, ପୂର୍ବତନ ସରପଞ୍ଚ ଗୋବର୍ଦ୍ଧନ ନାଏକ, ଶ୍ରୀମନ୍ତ ପାଢ଼ୀ, ସୁରେଶ ଚନ୍ଦ୍ର ସାହୁ, ବିନୋଦ କୁମାର ସିଂ, ସଞ୍ଜୟ ସିଙ୍ଗଲ, ନରହରି ସୁନା, ରବିନାରାୟଣ ଦାସ, ବିମଳ ଦାସ, ମନ୍ମଥ ଦାସ, ଯୁଗଳ ନାଏକ, ଘାସିରାମ ନାଏକ, ଚୈତନ ବେମାଲ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଉପସ୍ଥିତ ଥିଲେ।

■ ହାଇୱା ଧକ୍କାରେ ଦୁଇ ମୃତ୍ୟୁ ଘଟଣା

# ଶବ ରଖି ପରିବାର ଲୋକଙ୍କ ରାସ୍ତା ଅବରୋଧ



**କଲମପୁର/ଜୟପାଟଣା, ୧୨।୨ (ସମିସ):** ଗତକାଲି ମୋଟେର ଜୟପାଟଣା ରାସ୍ତା ଦୋଲକିବନ୍ଧ ନିକଟରେ ହାଇୱା ଓ ବାଇକ ଧକ୍କାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିଲେ। ଗୁରୁତରଙ୍କୁ ଉଦ୍ଧାର କରି ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମୃତକ ମାନେ ହେଲେ କଲମପୁର ଥାନା ଅଧୀନ ଗୁନଗୁନିଆ ଭେଜିଗୁଡାର ଶକ୍ତି ମାଝୀ ଓ ବିପିନ ମାଝୀ। ତେବେ ଗତକାଲି କ୍ଷତିପୂରଣ ଦାବିରେ ପରିବାର ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ କଲମପୁର ଥାନା ପୁଲିସ ଅଧିକାରୀ ବିଶ୍ୱମ୍ବର କହଁର, ଏଏସ୍‌ଆଇ ଶିବଶଙ୍କର ମହାନ୍ତି, ବଡ଼କୁଟ୍ଟ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା ପ୍ରମୁଖ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଆଜି ସକାଳେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ହେବା ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ପରିବାର ବର୍ଗ ଶବ ଆଣି ଗୁନଗୁନିଆ ଛକ ନିକଟରେ ଶବରଖି ରାସ୍ତା ଅବରୋଧ କରିଥିଲେ। ଆନ୍ଦୋଳନ କାରିମାନେ କ୍ଷତିପୂରଣ ପ୍ରଦାନ ଓ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିବା ପାଇଁ ସେମାନେ ଦାବି କରିଥିଲେ। ଘଟଣାସ୍ଥଳରେ ଧର୍ମଗଡ଼ ଏସ୍‌ଡିଓ ଡୋଲାମଣି ଭୋଇ, ଜୟପାଟଣା ଥାନା ପୁଲିସ, ଅତିରିକ୍ତ ତହସିଲଦାର, କଲମପୁର ଥାନା ପୁଲିସ ଅଧିକାରୀ ବିଶ୍ୱମ୍ବର କହଁର ଏଏସଆଇ ଶିବ ଶଙ୍କର ମହାନ୍ତି ବଡକୁଟ୍ଟ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ଷଡ଼ଙ୍ଗୀ, ବିଭାଗୀୟ ମୁଖ୍ୟ ଅଧିକାରୀ ଚନ୍ଦ୍ରଶେଖର ସାହୁ, ବଡକୁଟ୍ଟ ରାଜସ୍ୱ ନିରୀକ୍ଷକା ଅର୍ଚ୍ଚନା ସାହୁ ପ୍ରମୁଖ ପହଞ୍ଚି ଆନ୍ଦୋଳନ କାରୀମାନଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନକାରୀମାନେ ଗାଡି ଜବତ ନ ହେବା ପର୍ଯ୍ୟନ୍ତ ହଟିବୁ ନାହିଁ ବୋଲି ଅଡି ବସିଥିଲେ। ରାସ୍ତା ଅବରୋଧ ଫଳରେ ମୋଟେର ଜୟପାଟଣା ଯାତାୟାତ ଠପ୍ ହୋଇଥିଲା। ଦୁର୍ଘଟଣା ଘଟାଇ ଥିବା ହାଇୱା ଗାଡି ଚିହ୍ନଟ ହୋଇଥିବା ପୁଲିସ କହିଥିବା ବେଳେ ସମ୍ପୃକ୍ତ ଗାଡି ମାଲିକଙ୍କୁ ଡକା ହୋଇଥିବା ଜଣାପଡ଼ିଛି। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରି ନ ଥିବାରୁ ଅବରୋଧ ଜାରି ରହିଛି।

**ମାଟି ତଳୁ ମହିଳାଙ୍କ ଗଳିତ ଶବ ଉଦ୍ଧାର ହେବା ଘଟଣା**

# ହତ୍ୟାକାରୀ ସ୍ୱାମୀ ଓ ସହଯୋଗୀ ଗିରଫ

**ଭବାନୀପାଟଣା, ୧୨।୨ (ସମିସ)**

ଭବାନୀପାଟଣା ସହର ଉପକଣ୍ଠ ଶ୍ରୀପୁରସ୍ଥିତ ଏକ ଫାର୍ମହାଉସରୁ ଗତ ୯ତାରିଖ ମଧ୍ୟାହ୍ନରେ ମାଟି ତଳେ ପୋତା ହୋଇଥିବା ମହିଳାଙ୍କ ଗଳିତ ଶବକୁ ପୁଲିସ ଜବତ କରିଥିଲା। ପୁଲିସ ତଦନ୍ତକରି ମୃତ ମହିଳାଙ୍କ ପରିଚୟ ଜାଣିବା ସଙ୍ଗେସଙ୍ଗେ ହତ୍ୟାକାରୀକୁ ଗିରଫ କରିଛି। ଏହାପରେ ଆଜି ମଧ୍ୟାହ୍ନରେ ସଦରଥାନା ଆଇଆଇସି ମମତା ହେମ୍ବ୍ରମ ସିନରିକ୍ରିଏସନ କରାଇଥିଲେ। ଏହି ସମୟରେ କୋଦାଳ ଓ ସାବଳ ହୋଇଥିଲା। ଅଭିଯୁକ୍ତ କେମିତି ହତ୍ୟା କରିଥିଲା ତାହା ପୁଲିସ ଆଗରେ ଓଗାରିଥିଲା। ହତ୍ୟାକାରୀ ଅନ୍ୟ କେହି ନୁହେଁ ପ୍ରେମ ବିବାହ କରିଥିବା ସ୍ୱାମୀ ନୀଳାମ୍ବର ପଟେଲ ଓରଫ୍ ଲଳିତ। ମୃତ ମହିଳା ହେଲେ ସେହି ଗାଁ ର ପ୍ରକାଶ ପଟେଲଙ୍କ ଝିଅ ବର୍ଷା ପଟେଲ (୨୫)। ସେ ୨୦୨୨ରେ ପ୍ରେମ ବିବାହ କରିଥିଲେ। ସଦରଥାନା ଅନ୍ତର୍ଗତ ସରଲାଞ୍ଜି ଗ୍ରାମରେ ଉଭୟ ଘର। ଦୁହେଁ ଗୋଟିଏ ବଂଶର ସମ୍ପର୍କୀୟ ଭାଇ ଭଉଣୀ। ତେଣୁ ଦୁଇ ପରିବାର ଏହି ବିବାହରେ ରାଜି ନ ଥିଲେ। ଏପରିକି ସରଲାଞ୍ଜି ଗ୍ରାମବାସୀ ମଧ ଏଭଳି ସମ୍ପର୍କକୁ ନେଇ ନାନା ଚର୍ଚ୍ଚା ଆଲୋଚନା ଚଳାଇଥିଲେ। ବାଧହୋଇ ଶେଷରେ ବର୍ଷା ଓ ଲଳିତ ଗାଁ ଛାଡ଼ି ବାହାରେ ଭଡ଼ା ଘରେ ରହୁଥିଲେ। ମାତ୍ର କିଛି ବର୍ଷ ବିତିବା ଭିତରେ ସ୍ୱାମୀ ଲଳିତ କାହା ଚାପରେ ପଡ଼ି ହେଉ କି ପରିବାରର ମାୟା ମୋହ ପାଇଁ ନିଜ ଗାଁ ଭିଟା ମାଟିକୁ ଯିବାର ନିଷ୍ପତ୍ତି ମନଭିତରେ ରଖିଥିଲା। ଗାଁ ଘରେ ରହି ପରିବାର ସହିତ ବଳକା ଜୀବନ କଟାଇବ ବୋଲି ସ୍ଥିର କରିନେଲା। କେବଳ ସେତିକି ନୁହେଁ ଲଳିତ ଅନ୍ୟ ଏକ ଝିଅ ସହ ପରକୀୟା ପ୍ରେମରେ ପଡ଼ିଯାଇଥିଲା। ତାକୁ ବିବାହ କରିବାକୁ ଯୋଜନା ପ୍ରସ୍ତୁତ କରୁଥିଲା। ଲଳିତ ର ମାଁ ଓ ମାଉସୀ ସବୁ ଜାଣିଥିବା ପୁଲିସ କହିଛି। ତେଣୁ ମାଁ ଓ ମାଉସୀ ମଧ ପୁଲିସ ହେପାଜତରେ ଅଛନ୍ତି। ଶୁକ୍ରବାର ମୁଖ୍ୟ ଅଭିଯୁକ୍ତ ସହିତ ସହଯୋଗୀ ଯୋଶବନ୍ତ ଏବଂ ମାଁ ମାଉସୀଙ୍କୁ କୋର୍ଟ ଚାଲାଣ କରାଯାଇପାରେ ବୋଲି ଏସ୍‌ଡିପିଓ ପ୍ରକାଶ କରିଛନ୍ତି। ଏତେସବୁ ଭିତରେ ବର୍ଷା ଲଳିତର ପରିବାର ପାଇଁ କଣ୍ଟା ରୂପେ ଛିଡ଼ା ହୋଇ ସମସ୍ତ ଚିନ୍ତା ପରିକଳ୍ପନାର ରାସ୍ତାରେ ଅଡୁଆ ହେଉଥିଲା। ତେଣୁ ଲଳିତ ବର୍ଷାକୁ ଶେଷ କଲେ ହିଁ ଲଳିତ ଗାଁ ମୁହାଁ ହୋଇପାରିବ ଓ ଦ୍ୱିତୀୟ ଝିଅକୁ ବାହା ହୋଇପାରିବ ଭାବି ବର୍ଷାକୁ ହତ୍ୟା ପାଇଁ ପ୍ରସ୍ତୁତ କଲା। ଲଳିତ ଡ୍ରାଇଭର୍ କାମ କରୁଥିଲା। ସେଦିନ ସନ୍ଧ୍ୟାରେ ବୁଲିଯିବା କହି ବର୍ଷାକୁ ଫାର୍ମ ହାଉସ୍ ଭିତରକୁ ନେଇଥିଲା। ଇତିମଧ୍ୟରେ ବର୍ଷା ୮ ମାସର ଗର୍ଭବତୀ ଜାଣିବା ସତ୍ତ୍ୱେ ଲଳିତ ଗତ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ରାତିରେ ବର୍ଷାକୁ ତଣ୍ଟିଚିପି ହତ୍ୟା କରିଥିଲେ। ନିଜ ବନ୍ଧୁ ଚକ୍ରଧର ନଗରର ଯୋଷବନ୍ତ ଗୌଡ଼ର ସହାୟତାରେ ଫାର୍ମହାଉସ ଭିତରେ ମାଟି ଖୋଳି ପୋତିଦେଇଥିଲା। ପରବର୍ତ୍ତୀ ସମୟରେ ଗତ ୯ ତାରିଖରେ ଫାର୍ମ ହାଉସର ସଫେଇ କର୍ମଚାରୀ ସଫେଇ କରୁଥିବାବେଳେ ମାଟି ଉପରେ ବର୍ଷାର ଆଙ୍ଗୁଠି ପଦାକୁ ବାହାରିଥିବା ଦେଖି ପ୍ରଥମେ ଫାର୍ମ ହାଉସ ମାଲିକ ପରେ ପୁଲିସକୁ ଜଣାଇଥିଲେ। ପୁଲିସ ଖୋଳତାଡ଼ କରି ଘଟଣାର ପର୍ଦ୍ଦାଫାସ କରିଛି। ଏ ନେଇଁ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ଲଳିତର ମାଁ ମାଟିତଳେ ପୋତିବାରେ ସାହାର୍ଯ୍ୟ କରିବାକୁ ଯୋଷବନ୍ତ କୁ ୫୦ହଜାର ଟଙ୍କା ଦେବା ଏବଂ ଯୋଷବନ୍ତ ସେ ଟଙ୍କାରେ ସ୍କୁଟି ଗାଡ଼ି କିଣିବା କଥା ମଧ ପୋଲିସ ଜାଣିପାରିଛି। ମୁଖ୍ୟ ଅଭିଯୁକ୍ତ ଲଳିତର ପରିବାର ହତ୍ୟାକାଣ୍ଡ ରଚିବାରେ ସାମିଲ ଥିବା ପୋଲିସ ଜାଣିବା ପରେ ଗୋଟେ ପରେ ଗୋଟେ ଘଟଣା ସାମ୍ନାକୁ ଆସିଲା। ପ୍ରେମରେ ସୁଖ ଦୁଃଖ ଚିନ୍ତା ଚେତନା ସମର୍ପଣ ଆକର୍ଷଣ ସବୁ ତୁଚ୍ଛବୋଲି ଏହି ହତ୍ୟାକାଣ୍ଡ ଘଟଣା ପ୍ରମାଣିତ କରିଦେଇଛି।

### ସିନ୍ ରିକ୍ରିଏସନ୍ ବେଳେ ସତ କହିଲା

### ଲଳିତର ମା' ଓ ମାଉସୀଙ୍କୁ ଅଟକ ରଖିଛି ପୁଲିସ



ମୃତ ମହିଳା





## ଗାଡ଼ି ଧକ୍କାରେ ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ

**କୋକସରା, ୧୨।୨(ସମିସ):** ଜାତୀୟ ରାଜପଥ ନଂ-୨୬ କୋକସରା ବ୍ଲକ କାଉଡୋଲା-ମହାଜନଗୁଡା ରାସ୍ତାର ସତନାମୀ ପୋଖରୀ ନିକଟରେ ବୁଧବାର ରାତିରେ ଅଜଣା ଗାଡ଼ି ଧକ୍କାରେ କାଉଡୋଲା ଗ୍ରାମର ଯୁବକ ଭୁଜବଳ ମାଝି(୪୨) ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଛି। ଗୁରୁତର ଥିବା ଭୁଜବଳଙ୍କୁ ଉଦ୍ଧାର କରି ପ୍ରଥମେ କୋକସରା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଜଟିଳ ଥିବାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସିଉନି ଗ୍ରାମକୁ କୌଣସି ଏକ ବିବାହ କାର୍ଯ୍ୟରେ ଯୋଗଦେଇ ନିଜ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଆମପାଣି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଭୁଜବଳ ମାଝୀ ଜଣେ ରାଜମିସ୍ତ୍ରୀ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ଏହି ଦୁର୍ଘଟଣା ପରେ ସ୍ତ୍ରୀ ଓ ଛୁଆ ବେସାହାରା ହୋଇ ପଡ଼ିଛନ୍ତି।

## ଛାତ୍ର ବିଜେଡି ସଭାପତି ହେଲେ ଅଜିତ କୁମାର ସାହୁ



**ଭବାନୀପାଟଣା, ୧୨।୨ (ସମିସ):** କଳାହାଣ୍ଡି ଛାତ୍ର ବିଜେଡି ସଭାପତି ଭାବେ ଅଜିତ କୁମାର ସାହୁଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶ୍ରୀ ସାହୁଙ୍କୁ ଏହି ଗୁରୁ ଦାୟିତ୍ୱ ଦିଆଯାଇଥିବାରୁ ସେ ତାଙ୍କର କାର୍ଯ୍ୟା ସଠିକ୍ ଭାବେ ତୁଲାଇ ଛାତ୍ର ବିଜେଡି ସଂଗଠନକୁ କଳାହାଣ୍ଡି ଜିଲ୍ଲାରେ ସୁଦୃଢ଼ କରିବେ ବୋଲି ପ୍ରକାଶ କରିବା ସହ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

## ଧର୍ମଗଡ଼ରେ ଯୁବକଙ୍କୁ ହତ୍ୟା ମାମଲା; ଅଭିଯୁକ୍ତ କୋର୍ଟ ଚାଲାଣ

**ଧର୍ମଗଡ଼, ୧୨।୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା କେବିଡି ବାଗମାରୁ ପଡ଼ାରେ ଜଣେ ଯୁବକଙ୍କୁ ହତ୍ୟା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ଧର୍ମଗଡ଼ ଥାନା ପୁଲିସ। ମୃତ ଯୁବକ ଜଣକ ବାଗମାରୁ ପଡ଼ାର ମୋହନ ହଂସଙ୍କ ପୁଅ ସନ୍ତୋଷ ହଂସ।

ପୁଲିସ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ଯେ, ଗତ ୧୦ ତାରିଖ ସୋମବାର ରାତିରେ ଗୋପବନ୍ଧୁ ନଗର ପଡ଼ାର ବୁଧବାରୁ ବିଶିର ପୁଅ ଭୁବନେ ବିଶି(୨୩) ସହିତ କୌଣସି କାରଣରୁ ହାତାହାତି ହୋଇଥଲା। ଭୁବନେ ବିଶି ତାକୁ ଧକ୍କା ଦେବାରୁ ସନ୍ତୋଷ ତଳେ କଚାଡ଼ି ହୋଇ ପଡ଼ିଥିଲା ଏବଂ ଭୂବନେ ସେଠାରୁ ଫେରାର ହୋଇ ଯାଇଥିଲା। ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ସନ୍ତୋଷର ମୃତ୍ୟୁ ଘଟିଛି। ଏପଟେ ଘରକୁ ଫେରିବା ବିଳମ୍ବ ହେବାରୁ ସନ୍ତୋଷଙ୍କ ଭଉଣୀ ନିଜ ଭାଇ କୁ ଖୋଜିବାକୁ ଯାଇଥିବା ବେଳେ ବାଗମାରୁ ପଡ଼ା କେନାଲ ହୁଡ଼ାରେ ନିଜ ଭାଇର ମୃତଦେହ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବାରୁ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲା। ଏ ସଂକ୍ରାନ୍ତ ରେ ବାପା ମୋହନ ହଂସ ଧର୍ମଗଡ଼ ଥାନା ରେ ଏତଲା ଦେଇଥିବାବେଳେ ପୁଲିସ ଦୁଇଜଣଙ୍କୁ ଅଟକ ରଖି ଥିଲା। ବୁଧବାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି।

## ସର୍ବଭାରତୀୟ ଧର୍ମଘଟରେ ସାମିଲ ହେଲେ ଜିଲ୍ଲାର ବିଭିନ୍ନ ସଂଗଠନ






**ଭବାନୀପାଟଣା, ୧୨।୨(ସମିସ):** ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ଓ ଆଇନର ପ୍ରତ୍ୟାହାର, ସ୍କିମ ୱାର୍କର, ଯଥା ଆଶା, ଅଙ୍ଗନବାଡ଼ି, ପାଚିକା, ଉଦ୍ୟାନସାଥୀ, ଗ୍ରାମ ପଞ୍ଚାୟତ କର୍ମଚାରୀଙ୍କୁ ଶ୍ରମିକ ମାନ୍ୟତା, ଶ୍ରମିକ ବିରୋଧୀ ଶ୍ରମ ଶକ୍ତି ନୀତି ୨୦୨୫ ର ପ୍ରତ୍ୟାହାର, ରାଷ୍ଟ୍ରୀୟ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଓ ଘରୋଇକରଣ ବନ୍ଦ, ବିଦ୍ୟୁତ ସଂଶୋଧନ ବିଲ ୨୦୨୫ର ବାତିଲ ଆଦି ବିଭିନ୍ନ ଦାବିନେଇ ଶ୍ରମିକ ସଂଗଠନଙ୍କ ଡାକରାରେ ଆଜି ସର୍ବ ଭାରତୀୟ ବନ୍ଦ ପାଳିତ ହୋଇଛି। କଳାହାଣ୍ଡିରେ ଏହାର ମିଶ୍ରିତ ପ୍ରଭାବ ପଡ଼ିଛି। ଆନ୍ଦୋଳନକାରୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକମାରଣ ନୀତିର କଠୋର ସମାଲୋଚନା କରି ନାରାବାଜି କରିଥିଲେ। ସହର ପରିକ୍ରମା ପରେ ସ୍ଥାନୀୟ ଗାନ୍ଧୀଛକରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ସଂଘର ରାଜ୍ୟ ଓ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସାମିଲ ଥିଲେ। ଏହି ଅବସରରେ ସିପିଆଇର ନବକିଶୋର ପଟ୍ଟନାୟକ, ଦାମୋଦର ବେହେରା, ସଞ୍ଜୟ ସୁନାନୀ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗ, ଯୁବ କଂଗ୍ରେସ ରାଜ୍ୟ ସମ୍ପାଦିକା ମନ୍ଦାକିନୀ ବାଣୁଆ, ନଗର କଂଗ୍ରେସ ସଭାପତି ସୁକାନ୍ତ ବିଶି, ସଂଗଠକ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ସହିତ ଅନ୍ୟମାନେ ଯୋଗ ଦେଇଥିଲେ।

**ଥୁଆମୂଳ ରାମପୁର:** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବିଭିନ୍ନ ଶ୍ରମିକ ସଂଗଠନଙ୍କ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ଆଜି ଥୁଆମୂଳ ରାମପୁର ସଦର ମହକୁମାରେ ଦେଖିବାକୁ ମିଳିଥିଲା। ସକାଳୁ ବସ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ ପ୍ରାୟ ବନ୍ଦ ରହିଥିବାରୁ ସାଧାରଣ ଲୋକଙ୍କ ଯାତାୟତରେ ଅସୁବିଧା ହୋଇଥିଲା। ସହରର ମୁଖ୍ୟ ରାସ୍ତା ଓ ବଜାର ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଥିଲା। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡିକ ମଧ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ବନ୍ଦକୁ ସମର୍ଥନ କରି ସିପିଆଇ ଏମ୍‌ଏଲ୍ (ଲିବରେସନ୍), ବ୍ଲକ ରାଜମିସ୍ତ୍ରୀ ସଂଘ ଓ କୃଷକ ସଂଗଠନର ସଦସ୍ୟମାନେ ଏକତ୍ରିତ ହୋଇ ସରକାର ବିରୋଧୀ ସ୍ଲୋଗାନ୍ ଦେଇଥିଲେ। ଆନ୍ଦୋଳନକାରୀ ମାନଙ୍କ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ନୂତନ ଶ୍ରମ କୋଡ୍ ବାତିଲ, ସର୍ବନିମ୍ନ ମଜୁରୀ ବୃଦ୍ଧି, ଶ୍ରମିକ ଛଟେଇ ବନ୍ଦ, ରାଷ୍ଟ୍ରୀୟ ସମ୍ପତ୍ତିର ଘରୋଇକରଣ ରୋକ, ସ୍ଥାୟୀ ନିଯୁକ୍ତି ପ୍ରଦାନ, ଭିଜିଜି ରାମଜୀ ଯୋଜନା ପ୍ରତ୍ୟାହାର କରି ପୁନର୍ବାର ମନେରେଗାକୁ ସୁଚାରୁ ଭାବେ ପରିଚାଳନା କରିବା ଭଳି ମୁଦ୍ଦା ଥିଲା।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା

**ନୂଆପଡ଼ା, ୧୨।୨(ସମିସ):** ନୂଆପଡ଼ା ଜିଲ୍ଲା ସଶକ୍ତିକରଣ କେନ୍ଦ୍ର ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ନୂଆପଡ଼ା ଆନୁକୂଲ୍ୟରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ୨୦୨୬ ପାଳନ ପାଇଁ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତଭାଷଣ ରଖିଥିଲେ। ଜିଲ୍ଲାପାଳ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଉଦ୍ଦେଶ୍ୟ ଓ ମହିଳାଙ୍କ ଅଧିକାର ସୁରକ୍ଷାରେ ପ୍ରଶାସନ ଓ ସମାଜର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏବର୍ଷ ପ୍ରଥମଥର ପାଇଁ ସମସ୍ତ ଆଶା, ଅଙ୍ଗନବାଡ଼ି କର୍ମୀ, ଗ୍ରାମ୍ୟସ୍ତର କର୍ମଚାରୀ, ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ସାମିଲ କରି ସମସ୍ତ ଗ୍ରାମ, ପଞ୍ଚାୟତ, ବ୍ଲକ ଓ ଏନଏସି ସ୍ତରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଜିଲ୍ଲାସ୍ତରରେ ଉପ-ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ସାମାଜିକ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ମହିଳାମାନଙ୍କୁ ଚୟନ କରି ଆସନ୍ତା ୮ ମାର୍ଚ୍ଚ ତାରିଖରେ ଜିଲ୍ଲାସ୍ତରୀୟ ସମାରୋହରେ ସେମାନଙ୍କୁ ସମ୍ମାନିତ କରିବାକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମହିଳାମାନଙ୍କ ମଧ୍ୟରେ କ୍ରୀଡ଼ାସଚେତନା ବୃଦ୍ଧି ପାଇଁ ମହିଳା ଡବଲ୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜନ କରିବାକୁ ଜିଲ୍ଲାପାଳ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କର୍ମଶାଳାରେ ଜେନେରାଲ ମ୍ୟାନେଜର, ଡିଆଇସି ସମୀର ମୁଦୁଲି, ଜିଲ୍ଲା ସଂଯୋଜକ, ମିଶନଶକ୍ତି ସୁନିଲ କୁମାର ମଲ୍ଲିକ, ଏଲଡିଏମ ହରିଶଙ୍କର ନିଆଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ପୂର୍ବତନ ଏଲଡିଏମ ସୀତାରାମ ମେହେର ଓ ୟାର ଏନଜିଓ ସଚିବ ମହେନ୍ଦ୍ର ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମଶାଳାରେ ବିଭିନ୍ନ ଏନଜିଓର ପ୍ରତିନିଧି, ପ୍ରୋଟେକ୍ସନ ଅଫିସର, ଏନଏସି କମ୍ୟୁନିଟି ଅର୍ଗାନାଇଜର, ବିଭିନ୍ନ ଏସଏଚଜିର ସଦସ୍ୟାମାନେ ଓ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସାଡରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହିଳା ସଶକ୍ତିକରଣ କେନ୍ଦ୍ରର ଜିଲ୍ଲା ମିଶନ ସଂଯୋଜକ ଆଶିଷ ରଞ୍ଜନ ଖମାରୀ, ନାରଦ ଛତର, ସଞ୍ଜୟ ବନ୍ଦିଛୋର, ଇପ୍ସିତା ରାଜପୁତ, ରମାକାନ୍ତ ସେଠୀ, ଦେଶରାମ ହରିଜନ, ରାକେଶ ନାଗ, ସୁମିତ ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ସୁରକ୍ଷା ଅଧିକାରୀ ମଞ୍ଜୁଲତା ଶୁକ୍ଲା ଧନ୍ୟବାଦ ଜ୍ଞାପନ କରିଥିଲେ।

## ଷ୍ଟାର୍ ହେଲ୍‌ଥ ଇନ୍‌ସୁରାନ୍ସକୁ ଅଦାଲତ ଛାଟ

**ଭବାନୀପାଟଣା, ୧୨।୨(ସମିସ):** ଷ୍ଟାର୍ ହେଲ୍‌ଥ ଇନ୍‌ସୁରାନ୍ସର ମନମାନୀ ଏବଂ ଆକ୍ରୋଶମୂଳକ ନୀତିକୁ ବାଜିଛି ଅଦାଲତି ଛାଟ। ଏହି ଇନ୍‌ସୁରାନ୍ସର କିପରି ଭାବରେ ନିଜ ଗ୍ରାହକଙ୍କ ଠାରୁ ଲୁଟ କରେ ଏବଂ ମନମାନୀ କରେ ତାହା ଏହି ଘଟଣାରୁ ସ୍ପଷ୍ଟ ବାରି ହେଉଛି। ସୂଚନା ଥାଉକି, କେସିଙ୍ଗାର ଆନନ୍ଦ ଜୈନ, ଗତ ୨୦୨୦ରେ ଏକ ହେଲ୍‌ଥ ଇନ୍‌ସୁରାନ୍ସର କିଣିଥିଲେ। କିଣିବା ସମୟରେ ପରିବାରର ସମସ୍ତଙ୍କ ଶାରୀରିକ ତଥ୍ୟ ଠିକ ଭାବରେ ଦେଇଥିଲେ। କିନ୍ତୁ ୨୦୨୨ ମସିହାରେ ହଠାତ୍ ତାଙ୍କ ସ୍ତ୍ରୀଙ୍କ ଟ୍ୟୁମର ଥିବା ଜଣାପଡ଼ିଥିଲା। ଏ ନେଇ ଡାକ୍ତର ଗାମାନାଇଫ୍ ଅପରେସନ କରିବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରିମର୍ଶ ଅନୁଯାୟୀ ବେଙ୍ଗାଲୁରୁ ସ୍ଥିତ ନିମାନ୍ସ ଠାରେ ଗାମାନାଇଫ ସର୍ଜରୀ ହୋଇଥିଲା, ଯେଉଁଥିପାଇଁ ଶ୍ରୀ ଜୈନ ଚିକିତ୍ସାଖର୍ଚ୍ଚ ବାବଦକୁ ଷ୍ଟାର ହେଲ୍‌ଥ ଇନ୍‌ସୁରାନ୍ସର ପାଖରେ ଆବେଦନ କରିଥିଲେ, କିନ୍ତୁ ଷ୍ଟାର ହେଲ୍‌ଥ ଇନ୍‌ସୁରାନ୍ସ ବିଭିନ୍ନ ଆଳ ଦେଖାଇ ଏହି ଦାବିକୁ ଦେବାକୁ ମନାକରିଦେଇଥିଲା। ଯାହା ଫଳରେ ଶ୍ରୀ ଜୈନ ମାନ୍ୟବର ଉପଭୋକ୍ତା ଅଦାଳତ, ଭବାନୀପାଟଣା ର ଦ୍ୱାରସ୍ଥ ହୋଇଥିଲେ ଏବଂ ମାନ୍ୟବର ଅଦାଳତ ଅଭିଯୋଗ ନଂ ୧୧୨/୨୦୨୪ଙ୍କୁ ଶୁଣିବା ମଧ୍ୟରେ ଷ୍ଟାର ହେଲଥ ଇନ୍‌ସୁରେନ୍ସ ଆପୋଷ ବୁଝାମଣା ପାଇଁ ଅନୁରୋଧ କରି ଥିଲା। କିନ୍ତୁ ଷ୍ଟାର ହେଲଥ ଇନ୍‌ସୁରାନ୍ସର ଶ୍ରୀମତୀ ଜୈନ ଙ୍କ ନାମ କାଟିଦେଇଛନ୍ତି। କେବେ ଏବଂ କାହିକି ନାଁ କଟିଲା ଏ ବାବଦ ଶ୍ରୀମତି ଜୈନ ଓ ଶ୍ରୀ ଜୈନ ଜାଣି ନ ଥିଲେ। ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଲେ ଯେ, ତାଙ୍କ ନାମ ଫ୍ୟାମିଲି ଆକ୍ସିଡେଣ୍ଟ ଇନ୍ସୁରେନ୍ସର କାଟି ଦିଆଯାଇଛି। ଏ ବାବଦରେ ଶ୍ରୀ ଜୈନ ମାନ୍ୟବର ଖାଉଟି ଅଦାଳତଙ୍କ ଦ୍ୱାରସ୍ଥ ହୋଇ ଘଟଣା ବିଷୟରେ ନ୍ୟାୟ ଅପେକ୍ଷା କରିଥିଲେ। ଖାଉଟି ଅଦାଲତ ଘଟଣାକୁ ବିଚାରକୁ ନେଇ ଖାଉଟି ଅଦାଲତ ଆଦେଶ କରିଛନ୍ତି ଯେ, ଯେଉଁ ତାରିଖରୁ ଶ୍ରୀମତି ଜୈନଙ୍କ ନା କାଟି ଦିଆଯାଇଛି, ସେହି ତାରିଖରୁ ପୁନଃ ଯୋଡ଼ାଯିବା, ମାନସିକ ଯନ୍ତ୍ରଣା ପାଇଁ ଟ. ୧୦, ୦୦୦/- କ୍ଷତିପୂରଣ ଓ ଲିଟିଗେସନ ପାଇଁ ଟ. ୧୦, ୦୦୦/- ଦେବାକୁ ଷ୍ଟାର ହେଲଥ ଇନସୁରେନ୍ସ କମ୍ପାନୀକୁ ଆଦେଶ କରିଅଛନ୍ତି। ଆଦେଶ ପାଇବାର ୩୦ ଦିନ ମଧ୍ୟରେ ଏହି ଆଦେଶର ପାଳନ ନ ହେଲେ ଅଧିକ ପ୍ରତ୍ୟେକ ଦିନ ବାବଦକୁ ଟ.୨୦୦/- ଅଧିକ ଜୋରିମାନା ପ୍ରଦାନ କରିବାକୁ ହେବ ବୋଲି ଏହି ଆଦେଶରେ ଉଲ୍ଲେଖ ଅଛି। ଉପଭୋକ୍ତା ଅଦାଲତର ସଭାପତି ଅଶ୍ୱିନୀ କୁମାର ପାତ୍ର ଏବଂ ସଦସ୍ୟ ଜୋସ୍ନା ରାଣୀ ମିଶ୍ରଙ୍କ ଖଣ୍ଡପୀଠ ଏହି ଆଦେଶ ପ୍ରଦାନ କରିଛି। ଶ୍ରୀ ଜୈନଙ୍କ ତରଫରୁ ଓକିଲ ଅମିତ ପ୍ରସାଦ ଜୈନ୍ ଏବଂ ଓକିଲ୍ଲ ଶଶାଙ୍କ କୁମାର ନେଗୀ ମାମଲା ପରିଚାଳନା କରୁଥିଲେ।

**ବାଲ୍ୟବିବାହ ମୁକ୍ତ ଭାରତ ଓ ପ୍ରସବ ପୂର୍ବ ନିଦାନ ପ୍ରକ୍ରିୟା ସଚେତନତା ଶିବିର**

## ଜିଲ୍ଲାରେ ଲିଙ୍ଗ ନିରୂପଣ ସମ୍ପୂର୍ଣ୍ଣ ବନ୍ଦ ହେବ : ଜିଲ୍ଲାପାଳ

**ନୂଆପଡ଼ା, ୧୨।୨(ସମିସ):** ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଚଳିତ ଆଶା ଯୋଜନା ଅନ୍ତର୍ଗତ ବାଲ୍ୟ ବିବାହ ମୁକ୍ତ ଭାରତ ଓ ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିଦାନ ପ୍ରକ୍ରିୟା (ଲିଙ୍ଗ ନିରୂପଣ ପ୍ରତିବନ୍ଧ) ଅଧିନିୟମ ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଧନେଶ୍ୱର ସେଠୀ, ତହସିଲଦାର କୋମନା ସର୍ବେଶ୍ୱର ଜାଲ, ବିଡିଓ ସୁଶାନ୍ତ କୁମାର ରଣା, ବିଡିଓ କାର୍ମୀ ଓରାମ, ତହସିଲଦାର ସିନାପାଲି ଉପାଞ୍ଜଳି ମାଝୀ, ତହସିଲଦାର ସନ୍ତୋଷ ଗୁପ୍ତା, ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଞ୍ଜୟ ଭୋଇ, ଡ୍ରଗ ଇନ୍ସପେକ୍ଟର ପ୍ରସନଜିତ ମହାନ୍ତି, ଡା. ସୁରଜ କୁମାର ହୋତା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଦାଶ ଆଇନଗତ ଅପରାଧ ଏବଂ ଏଥିରୁ ନିବୃତ ରହିବାକୁ ଜନ ସାଧାରଣଙ୍କୁ ଆହ୍ୱାନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶ ବାଲ୍ୟ ବିବାହକୁ ଏକ ସାମାଜିକ କଳଙ୍କ କହିବା ସହିତ ଏଥିରୁ ଜନସାଧାରଣଙ୍କୁ ନିବୃତ୍ତ ରହିବାକୁ ଆହ୍ୱାନ ଦେଇଥିଲେ ଓ ବାଲ୍ୟ ବିବାହ ରୋକିବାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭୂମିକା ତଥା ପୀଡ଼ିତମାନଙ୍କ ପାଇଁ ଦିଆଯାଉଥିବା ଆଇନ ସହାୟତା ବିଷୟରେ ଆଲୋଚନା କରିଥିଲେ।



# ଜାତିଆଣ ଆକ୍ଷେପ କରି ବଜା ପାର୍ଟିକୁ ନିସ୍ତୁକ ମାଡ଼

**ବଙ୍ଗୋମୁଣ୍ଡା ଥାନାରେ ଆଟ୍ରୋସିଟି ଏତଲା**

**୫ ଦିନ ପରେ ମଧ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ**

**ସନ୍ଦେହ ଘେରରେ ଥାନା ଅଧିକାରୀଙ୍କ ଭୂମିକା**

**କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ**

**କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୧୨।୨(ସମିସ)**

ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଖୁଜେନ ଗାଁରେ ଜାତିଆଣ ଆକ୍ଷେପ କରି ବଜା ପାର୍ଟିକୁ ନିସ୍ତୁକ ମାଡ଼ ହୋଇଛି। ଏ ନେଇ ମାମଲା ରୁଜୁ ହୋଇଥିଲେ ବି ପୁଲିସ ଚୁପ୍ ବସିଛି। ଏରୁ ଅସନ୍ତୋଷ ପ୍ରକାଶ ପାଇଛି।

କଣ୍ଟାବାଞ୍ଜି ଥାନା ଡୁମେରଚୁଆଁର ଜଣେ ଯୁବକଙ୍କ ବିବାହ ଥିଲା। ଡୁମେରଚୁଆଁରୁ ସେମାନେ ବଙ୍ଗୋମୁଣ୍ଡା ଥାନା ଖୁଜେନ ଗାଁକୁ ବରଯାତ୍ରୀ ଯାଇଥିଲେ। ଡୁମେରଚୁଆଁ ଗାଁର ହାର୍ଡ ବଏଜ ମ୍ୟୁଜିକାଲ ବଜା ପାର୍ଟି ଟିମ୍ ଏଥିରେ ସାମିଲ ହୋଇଥିଲା। ଗାଁରେ ବଜା ପାର୍ଟି ପହଞ୍ଚିବା ପରେ ଝିଅ ଘର ଲୋକ ବରପକ୍ଷ ପାଇଁ ଜଳଖିଆ ବ୍ୟବସ୍ଥା କରିଥିଲେ। ସେତେବେଳେ ଡୁମେରଚୁଆଁ ଗାଁର ହାର୍ଡ ବଏଜ ମ୍ୟୁଜିକାଲ ବଜା ପାର୍ଟି ଯୁବକମାନେ ମଧ ଜଳଖିଆ ଖାଇବାକୁ ଯାଇଥିଲେ। ଏଥିରେ ଡୁମେରଚୁଆଁ ଗାଁର ହରି ପୋଢଙ୍କୁ ଜଣେ ବ୍ୟକ୍ତି ଜାତିଆଣ ଆକ୍ଷେପ କରି ବଜା କେତେବେଳେ ବଜାଇବ କହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ବଜା ପାର୍ଟି ଏବଂ ହରି ପୋଢଙ୍କ ମଧ ପାଟି ତୁଣ୍ଡ ହୋଇଥିଲା। ବିବାହ ସରିଲେ କ'ଣ କରିବି ଦେଖିବ କହି ହରି ପୋଢ ବଜାର ପାର୍ଟି ଯୁବକମାନଙ୍କୁ ଧମକ ଦେଇଥିଲେ। ବରଯାତ୍ରା କାର୍ଯ୍ୟକ୍ରମ ଶେଷ ହେବା ପରେ ହରି ପୋଢଙ୍କ ସହ ଅମିତ ପୋଢ, ବିଶାଳ ନିଆଳ, ନରେନ ନାଗ, ଆଲୋକ ଦାସ, ନିଳାମ୍ବର ପୋଢ ପ୍ରମୁଖ ଡୁମେରଚୁଆଁ ଗାଁର ହାର୍ଡ ବଏଜ ମ୍ୟୁଜିକାଲ ବଜା ପାଟି ଟିମ୍ ଯୁବକମାନଙ୍କୁ କାଠ ବାଡ଼ିରେ ମରଣାନ୍ତକ ଆକ୍ରମଣ କରିବା ସହ ବଜା ପାର୍ଟି ଗାଡ଼ିକୁ ଭାଙ୍ଗି ଦେଇଥିଲେ। ଏ ନେଇ ଡୁମେରଚୁଆଁ ଗାଁର ହାର୍ଡ ବଏଜ ମ୍ୟୁଜିକାଲ ବଜା ପାର୍ଟି ପକ୍ଷରୁ ପଦୁ ସୁନା ଗତ ୭ ତାରିଖରେ ବଙ୍ଗୋମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଡୁମେରଚୁଆଁ ଗାଁର ୬ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ମାମଲା ରୁଜୁ ହେବାର ଏହା ଭିତରେ ସପ୍ତାହେ ବିତିଲାଣି; ହେଲେ ସେମାନଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ଏନେଇ ବଙ୍ଗୋମୁଣ୍ଡା ଥାନା ଅଧିକାରୀ ସଞ୍ଜୀବ ପ୍ରଧାନଙ୍କୁ ପଚାରିବୁ ଯେଉଁମାନଙ୍କ ନାଁରେ ଅଭିଯୋଗ ହେଇଛି ସେମାନେ ତଦନ୍ତରେ ସହଯୋଗ କରୁଛନ୍ତି। ସୁପ୍ରିମକୋର୍ଟ ଆଦେଶ ଅନୁସାରେ ଯେଉଁ ଅଭିଯୋଗର ସଜା ୭ ବର୍ଷକୁ କମ୍ ଅଛି ତାକୁ ଥାନାରୁ ଚୁକ୍ତିନାମା ଦେଇ ଜାମିନ ଦିଆଯାଉଛି। ତେଣୁ ଏମାନଙ୍କୁ ମଧ ସେହି ଅନୁସାରେ ଜାମିନ ଦିଆଯାଇଛି ବୋଲି ସେ କହିଛନ୍ତି। ତେବେ ଜାତିଆଣ ଆକ୍ଷେପ କରି ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ବିରୋଧରେ ବଙ୍ଗୋମୁଣ୍ଡା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ଲକ୍ଷେଘର ଗଣ୍ଡା ସମାଜ ବଡ଼ ଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଛି।

**THE BISRA STONE LIME COMPANY LIMITED**
CIN: L14100OR1910GO1033904
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF FINANCIAL RESULTS FOR THE NINE MONTH ENDED 31ST DECEMBER'2025**

(Rs.in Lakhs)

| Sl. No. | Particulars | Nine Month Ended 31.12.2025 (Reviewed) | Nine Month Ended 31.12.2024 (Reviewed) | Year Ended 31.03.2025 (Audited) |
|---|---|---|---|---|
| 1 | Total Income from Operation (including Other Income) | 6,740.37 | 4,792.72 | 6,260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 1,063.96 | 691.11 | 671.34 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 1,063.96 | 691.11 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 697.62 | 453.75 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 697.62 | 453.75 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,482.66) | (21,219.49) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.80 | 0.52 | 0.50 |
| | (ii) Diluted | 0.80 | 0.52 | 0.50 |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Visakhapatnam
Date: 12th February' 2026

## ସୂଚନା ନ ଦେଇ ତାମ୍ପରାରୁ ଜଳ ଛାଡ଼ିଦେଲେ

# କ୍ଷତିଗ୍ରସ୍ତ ହେବ ୭ ପଞ୍ଚାୟତର ରବି ଫସଲ

ଛତ୍ରପୁର,୧୨ ।୨(ସମିସ)



ଚାଷୀଙ୍କୁ ସହାୟତା ବଦଳରେ ବିଭିନ୍ନ ଅସୁବିଧାରେ ପକାଇଛି ଜଳ ସେଚନ ବିଭାଗର ଅଜବ ନୀତି। ଏପରି ଘଟଣା ଦେଖିବାକୁ ମିଳିଛି ଖୋଦ ଛତ୍ରପୁର ବ୍ଲକ ଅଞ୍ଚଳରେ। ଚାଷୀଙ୍କ ଏକମାତ୍ର ସାହାରା ସାଜିଥିବା କରାତଳି ତାମ୍ପରାରୁ ପ୍ରାକ୍ ସୂଚନା ନଦେଇ ଜଳ ନିଷ୍କାସନ କରାଯାଇଛି। ଫଳରେ ଶହ ଶହ ଚାଷୀ ଏବେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଛତ୍ରପୁର ବ୍ଲକର କରାତଳି ତାମ୍ପରା ଉପରେ ଭିକାରୀପଲ୍ଲୀ, ସୁନ୍ଦରପୁର, ବିପୁଲିଙ୍ଗି, ମହାନାଦପୁର, ବଉଳଗାଁ ଏବଂ ପୁରୁଷୋତ୍ତମପୁର ବ୍ଲକ ସୁନାଥର ପଞ୍ଚାୟତର ଚାଷୀ ନିର୍ଭର କରୁଥିଲେ। ଏଠାରୁ ପାଣି ଆସିବା ଦ୍ୱାରା ଉକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ଚାଷ ଜମି ଗୁଡ଼ିକୁ ଜଳସେଚନ କରାଯାଉଥିଲା। ଏବେ ଉକ୍ତ ଜମି ମାନଙ୍କରେ ରବି ଋତୁରେ ଚାଷ କରିଥିବା ବାଦାମ, ପନିପରିବା, ଲଙ୍କା, ଆଳୁ, ସୁଇଟକୋନ ମକା ଆଦି ନଷ୍ଟ ହୋଇଯିବ। ଏଣୁ ଏହାକୁ ବିରୋଧ କରି ଚାଷୀ ମାନେ ଗୁରୁବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଚାଷୀ ମାନେ ଧାର କରଜ କରି ଚାଷ କରିଥିବା ବେଳେ ଚାଷଜମିକୁ ଜଳ ନ ମିଳିଲେ ଏହା ନଷ୍ଟ ହୋଇଯିବାର ଆଶଙ୍କା ରହିଛି ବୋଲି ପତିତପାବନ ପାଣି ପଞ୍ଚାୟତର ସଭାପତି ପଙ୍କଜ କୁମାର ଦାଶ, ମା' ଭୁବନେଶ୍ୱରୀ ପାଣି ପଞ୍ଚାୟତ ସଭାପତି କୈବଲ୍ୟ ମହାକୁଡ, ଚନ୍ଦ୍ର କନ୍ଦେଶ୍ୱର ପାଣିପଞ୍ଚାୟତ ସଭାପତି ବିଭୁତି ଦାଶ, ବୁଢୀ ଠାକୁରାଣୀ ପାଣି ପଞ୍ଚାୟତ ସଭାପତି ପବିତ୍ର କୁମାର ଦାଶ, ଚାଷୀ ନୀଳ କଣ୍ଠ ଦାଶ, ଅଜିତ କୁମାର ପଣ୍ଡା, ଗୋବିନ୍ଦ ନାୟକ, ଶାନ୍ତନୁ କୁମାର ଦାଶ, ଦଣ୍ଡ ପାଣି ରଥ, କୃଷ୍ଣ ମୁଦୁଲିଙ୍କ ସମେତ ବହୁ ଚାଷୀ କହିଛନ୍ତି। ଏଣୁ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ତୁରନ୍ତ ଜଳ ନିଷ୍କାସନ ପ୍ରକ୍ରିୟା ବନ୍ଦ କରିବା ପାଇଁ ଚାଷୀ ଦାବି କରିଛନ୍ତି। ଚାଷୀ ନେତା ନୀଳ କଣ୍ଠ ଦାଶଙ୍କ ନେତୃତ୍ୱରେ ବହୁ ଚାଷୀ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ଏହାକୁ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପୃଷ୍ଟି ଗୁରୁତ୍ୱର ସହ ନେଇ ଜଳ ସେଚନ ବିଭାଗ ଅଧିକାରୀଙ୍କୁ ଡାକି ଚାଷୀଙ୍କ କିପରି ଅସୁବିଧା ନ ହେବ ସେଥିପାଇଁ ପରାମର୍ଶ ଦେଇଛନ୍ତି।

## ଗଞ୍ଜେଇ ସହ ସ୍କୁଟି ଜବତ; ୬ ଗିରଫ



ଭଞ୍ଜନଗର,୧୨ ।୨(ସମିସ): କନ୍ଧମାଳ ଜିଲ୍ଲାରୁ ବିଭିନ୍ନ ସ୍ଥାନକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ୬ ଯୁବକ ସହ ବୋଝେଇ ହେଇଥିବା ସ୍କୁଟି ଅବକାରୀ ବିଭାଗ ଜବତ କରିଛି। ମାଜିଷ୍ଟ୍ରେଟ ଫକୀର ଜୀବନ ନାୟକଙ୍କ ଉପସ୍ଥିତରେ ସେମାନଙ୍କ ଠାରୁ ୨୯. ୫୦୦କେଜି ଗଞ୍ଜେଇ ଜବତ କରାଯାଇଛି। ଗିରଫ ଯୁବକ ମାନେ ଏକ ସ୍କୁଟି ଯୋଗେ ଗଞ୍ଜେଇ ଧରି କନ୍ଧମାଳରୁ ଭଞ୍ଜନଗର ଅଭିମୁଖେ ଆସୁଥିବା ବେଳେ ସେହି ସମୟରେ ଅନ୍ୟ ପଟେ ସୋରାଦେବୀ ମନ୍ଦିର ନିକଟରେ ଗଞ୍ଜେଇ ବସ୍ତା ଧରି କିଛି ଯୁବକ ବସକୁ ଅପେକ୍ଷା କରିଥିବା କୌଣସି ସୂତ୍ରରୁ ଖବର ପାଇଁ ଅବକାରୀ ବିଭାଗ କାବୁ କରିଥିଲା। ଏହି ଚଢାଉ ଅବକାରୀ ଥାନା ଅଧିକାରୀ ପ୍ରଦିପ କୁମାର ମହାନ୍ତିଙ୍କ ନେତୃତ୍ୱରେ କରାଯାଇଥିଲା। ଏନେଇ କେସନଂ୧୧୭/୧୪୬/୧୬୬/ ୨୬-୨୭ରେ ୩ ଟିମାମଲା ରୁଜୁ କରାଯାଇ ୬ଜଣକୁ କୋର୍ଟଚାଲାଣକରାଯାଇଥିବାଅବକାରୀଓଆଇସିଜୋତିରଞ୍ଜନସେନାପତିସୂଚନାଦେଇଛନ୍ତି। ଚଢ଼ଉବେଳେଏଏସଆଇବହୁମୂଲ୍ୟପରିଛା, ରାଧାମୋହନସାହୁ, ସନାତନନାହାକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ, ଦୀପକ ରଞ୍ଜନ ସାହୁ ସାମିଲ ହୋଇଥିଲେ।

## ରାଜ୍ୟ ପୁଲିସ ଆଥଲେଟିକ୍ ଚାମ୍ପିଅନ୍‌ସିପ୍‌ରେ ବ୍ରହ୍ମପୁର ପୁଲିସର ଚମକ



ବ୍ରହ୍ମପୁର,୧୨ ।୨(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲା ଖେଳାଳିମାନେ ୭୪ତମ ରାଜ୍ୟ ପୁଲିସ ଆଥଲେଟିକ୍ ଚାମ୍ପିଅନସିପରେ ପ୍ରଭାବଶାଳୀ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ସମେତ ବିଭିନ୍ନ ପଦକ ହାସଲ କରିଛନ୍ତି। କନେଷ୍ଟବଳ ବାବୁଲା ମଲ୍ଲିକ ଜଣେ ଉତ୍କୃଷ୍ଟ ପ୍ରଦର୍ଶନକାରୀ ଭାବରେ ଉଭା ହୋଇଛନ୍ତି। ସେ ୮୦୦ ମିଟରରେ ସ୍ୱର୍ଣ୍ଣ ପଦକ ଏବଂ ୧୫୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ଅଭିଷେକ ଦଳବେହେରା ମଧ୍ୟ ଏକ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ୧୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି। ବ୍ରହ୍ମପୁର ପୁଲିସ ଦଳ ୪ ଗୁଣା ୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଯେଉଁଥିରେ ଭାସ୍କର ବେହେରା, ବାବୁଲା ମଲ୍ଲିକ, ଜୋଗେଶ୍ୱର ଲାକ୍ରା ଏବଂ ଅଭିଷେକ ଦଳବେହେରା ଦଳ ପ୍ରତିନିଧିତ୍ୱ କରିଥିଲେ। ଜିଲ୍ଲା ଦଳ ୪ଗୁଣ ୪୦୦ ମିଟର ରିଲେରେ ମଧ ରୌପ୍ୟ ପଦକ ଜିତିଥିଲା, ଯେଉଁଥିରେ ଅଭିଷେକ ଦଳବେହେରା, ପ୍ରସାନ୍ତ ପ୍ରଧାନ, ଚନ୍ଦନ ଭୂୟାଁ ଏବଂ ବାବୁଲା ମଲ୍ଲିକ ସଫଳତାରେ ଅବଦାନ ରଖିଥିଲେ। ହାବିଲଦାର ମେଜର ସତ୍ୟ ବେହେରାଙ୍କ ନେତୃତ୍ୱରେ ଯାଇଥିବା ବ୍ରହ୍ମପୁର ପୁଲିସ ଟିମ୍ ଆଜି ଓଡ଼ିଶା ପୋଲିସ ଆଥଲେଟିକ ମହୋତ୍ସବରେ ସ୍ୱର୍ଣ୍ଣ ପଦକ ହାସଲ କରି ସମସ୍ତ ଓଡ଼ିଶାବାସୀଙ୍କ ମନରେ ଗର୍ବ ଓ ଗୌରବ ଆଣିଛନ୍ତି ।ଏହି ସଫଳତାରେ ଟିମ୍ ପ୍ରଶିକ୍ଷଣ କୋଚ ରାଜି ସାହୁ, କ୍ୟାପେଟେନ ରଂଜିତ ପାତ୍ର, ମେସ୍ ମ୍ୟାନେଜର ମଙ୍ଗୁଲୁ ପାତ୍ରଙ୍କ ଅକ୍ଳାନ୍ତ ପରିଶ୍ରମ, ଶୃଙ୍ଖଳା ଓ ସମର୍ପଣ ଯୋଗୁ ଏହି ବିଜୟ ସମ୍ଭବ ହୋଇଛି ବୋଲି ବିଜୟୀମାନେ କହିଛନ୍ତି। ଟିମ୍ ସମସ୍ତ ସଦସ୍ୟଙ୍କୁ ହୃଦୟପୂର୍ଣ୍ଣ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ଆଇଜି ନୀତି ଶେଖର ଓ ଏସପି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ। ଆଜି କନେଷ୍ଟବଳ ଓ ହାବିଲଦାର ସଂଘର ବହୁ କର୍ମକର୍ତ୍ତା ଆଇଜି, ଏସପି ଓ ରିଜର୍ଭ ଇନ୍ସପେକ୍ଟରଙ୍କୁ ଭେଟି ବିଜୟ ହାସଲର ମୁହୂର୍ତ୍ତକୁ ବଖାଣିଥିଲେ। ଏଭଳି ଖେଳ ପ୍ରଦର୍ଶନ ଜାରି ରଖିବାକୁ ଆଇଜି ଓ ଏସପି କ୍ରୀଡ଼ାବିତ ପୁଲିସ କର୍ମଚାରୀଙ୍କୁ କହିଛନ୍ତି।

## ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ପୋଲସରା,୧୨ ।୨ (ସମିସ): ପୋଲସରା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲା ଶିଳ୍ପାଞ୍ଚଳର ସହଯୋଗ ଓ ସହକାରୀ ଶିଳ୍ପ ଅଧିକାରୀ ତୁଷାରକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଶଶିଭୂଷଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ୟୋଗୀମାନଙ୍କ ସଫଳତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲାର ଶିଳ୍ପ ବିଭାଗର ଜିଏମ ହୃଷୀକେଶ ବେହେରା ଯୋଗଦେଇ କିଭଳି ଉଦ୍ୟୋଗୀଟିଏ ହୋଇପାରିବେ ଆଉ ସଫଳତା ଅର୍ଜନ କରିପାରିବେ କହିଥିଲେ। ଏହି ଅବସରରେ ପୋଲସରା ଅଞ୍ଚଳର ୫ ଜଣ ଉଦ୍ୟୋଗୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏବିଡ଼ିଓ ସୋନମ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ବିଷୋୟୀ, ଝୁନୁ ଦାସ, ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ନିରଞ୍ଜନ କହଁର, ୟୁନିଅନ ବ୍ୟାଙ୍କ ଶାଖା ପରିଚାଳକ ଚିତ୍ତରଞ୍ଜନ ସାହୁ, ସହକାରୀ ଶିଳ୍ପ ଅଧିକାରୀ ପ୍ରିୟାଂଶୁ ପଟ୍ଟନାୟକ, ଦୀପାର ଅଧିକାରୀ ହରପ୍ରସାଦ କଂସ ଯୋଗଦେଇ ଯୁବ ଗୋଷ୍ଠୀ ଓ ମହିଳା ମାନେ କିଭଳି ଉଦ୍ୟୋଗ ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିବେ ବୁଝାଇଥିଲେ। ସହକାରୀ ଶିଳ୍ପ ଅଧିକାରୀ ତୁଷାରକାନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ସମସ୍ତ ଜନପ୍ରତିନିଧି ଓ ସଫଳତା ଉଦ୍ୟୋଗୀମାନେ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର

ବେଲଗୁଣ୍ଠା,୧୨ ।୨(ସମିସ): ବେଲଗୁଣ୍ଠା ଅତିରିକ୍ତ ତହସିଲଦାର କବିରାଜ ସେଠୀଙ୍କୁ ଭିଜିଲାନ୍ସ ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଛି। ଜଣେ ବାଲି ବୋଝେଇ ଟ୍ରାକ୍ଟର ମାଲିକଙ୍କ ଗାଡ଼ି ଛାଡ଼ିବା ପାଇଁ ଲାଞ୍ଚ ନେଉଥିବା ବେଳେ ସେ ଧରାପଡ଼ିଛନ୍ତି। ଗତ ଫେବୃଆରୀ ୫ରେ ଶ୍ରୀ ସେଠୀ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକ ରଖିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି, ଗାଡ଼ିଟିକୁ ଅଟକ ରଖିବା ନେଇ ସେ କୌଣସି ସରକାରୀ ରେକର୍ଡ ବା ଦସ୍ତାବିଜ୍ ପ୍ରସ୍ତୁତ କରିନଥିଲେ। ଟ୍ରାକ୍ଟର ମାଲିକ ଗାଡ଼ିର ସମସ୍ତ ବୈଧ କାଗଜପତ୍ର ଦେଖାଇବା ସତ୍ତ୍ୱେ, ଅତିରିକ୍ତ ତହସିଲଦାର ଗାଡ଼ି ଛାଡ଼ିବା ପାଇଁ ଅର୍ଥ ଦାବି କରିଥିଲେ। ଶେଷରେ ମାଲିକ ଜଣକ ଏନେଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଆଜି ଯେତେବେଳେ ଅଭିଯୋଗକାରୀ ଅତିରିକ୍ତ ତହସିଲଦାରଙ୍କୁ ଭେଟିଥିଲେ, ଶ୍ରୀ ସେଠୀ ତାଙ୍କୁ ୩୦ ହଜାର ଟଙ୍କା ସରକାରୀ ଜରିମାନା ଦେବାକୁ କହିବା ସହ ନିଜ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ଗ୍ରହଣ କରୁଥିବା ସମୟରେ ପୂର୍ବରୁ ପ୍ରସ୍ତୁତ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ତଦନ୍ତ ସମୟରେ ତାଙ୍କ ପାଖରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏଥିସହ ସରକାରୀ ରସିଦ୍ ବା ଚାଲାଣରେ ଥିବା ଅନିୟମିତତାର ମଧ୍ୟ ଯାଞ୍ଚ କରାଯାଉଛି। ଶ୍ରୀ ସେଠୀଙ୍କ ଗିରଫଦାରୀ ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ସହ ଜଡ଼ିତ ଦୁଇଟି ପୃଥକ ପୃଥକ ସ୍ଥାନରେ ଚଢ଼ଉ ଜାରି ରହିଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଧ ତଦନ୍ତ କରାଯାଉଛି। ଏହି ମାମଲାରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ କେସ୍‌ନଂ ୦୧/୨୦୨୬, ଧାରା ୭ ପିସି ଆକ୍ଟ, ୨୦୧୮ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି।



## ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ

ଛତ୍ରପୁର,୧୨ ।୨(ସମିସ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲା ବ୍ୟାଙ୍କ୍ ସମୂହ ପକ୍ଷରୁ ଅର୍ଥପରାମର୍ଶଦାତା କମିଟି ବୈଠକ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ୩୪ ବ୍ୟାଙ୍କର୍ ସମୁଦାୟ ୪୫୪ଟି ଶାଖା ଅଛି। ୨୦୨୫ ଡିସେମ୍ବର ମାସ ଶେଷ ସୁଦ୍ଧା ସମସ୍ତ ବ୍ୟାଙ୍କରେ ମୋଟ ୩୪୨୭୯ କୋଟି ଟଙ୍କା ଜମା ରଖିଥିବା ବେଳେ ମୋଟ ୨୩୭୪୮ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ଯାହାକି ଲକ୍ଷ୍ୟ ଧାର୍ଯ୍ୟର ଶତକଡା ୬୯. ୨୮ ପ୍ରତିଶତ ରହିଛି। ଏତ୍‌ତ ବ୍ୟତୀତ ସମୂହ ବ୍ୟାଙ୍କ୍ ତରଫରୁ ଡିସେମ୍ବର ସୁଦ୍ଧା ମୋଟ ୧୧୪୭୬ କୋଟି ପ୍ରାଥମିକତା କ୍ଷେତ୍ରରେ ଋଣ ପ୍ରଦାନ କରିଛନ୍ତି। କୃଷି କ୍ଷେତ୍ରରେ ୬୯ ପ୍ରତିଶତ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ କ୍ଷେତ୍ରରେ ୭୨ ପ୍ରତିଶତ ଏବଂ ଶିକ୍ଷା ଓ ଗୃହ କ୍ଷେତ୍ରରେ ୩୨ ପ୍ରତିଶତ ଏବଂ ୪୨ ପ୍ରତିଶତ ଋଣ ପ୍ରଦାନ କରାଯାଇଛି। ଏଥିସହ ବ୍ୟାଙ୍କ ମାନଙ୍କ ଦ୍ୱାରା ଅଣ ପ୍ରାଥମିକତା କ୍ଷେତ୍ରରେ ମୋଟ ୬୪୯୮ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ଯୋଜନା ସଫଳ ରୂପାୟନ ଓ କାର୍ଯ୍ୟକ୍ଷମ କରିବା ପାଇଁ ଅଧ୍ୟକ୍ଷ ସମସ୍ତ ବ୍ୟାଙ୍କ୍ ଏବଂ ଜିଲ୍ଲାସ୍ତରୀୟ ସମସ୍ତ ଜିଲ୍ଲା ଅଧିକରୀମାନଙ୍କୁ ଜିଲ୍ଲାପାଳ ଉପଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପ୍ରଚଳିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ ଆଗାମୀ ମାର୍ଚ୍ଚ ୨୫ ସୁଦ୍ଧା ଆବେଦନ ହୋଇଥିବା ସମସ୍ତ ଋଣଦାତାକୁ ଋଣ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ୟୁନିଅନ ବ୍ୟାଙ୍କ କ୍ଷେତ୍ରୀୟ ମୁଖ୍ୟ ଏଲ. ସଂଗୀତା କୁଜୁନ, ଆରବିଆଇ ଏଲଡ଼ିଓ ରାହୁଲ କାନ୍ତ, ନାବାର୍ଡ ଡିଡିଏମ ସଂଜୀବ ମିଶ୍ର ଏବଂ ଏଲ୍‌ଡିଏମ୍ ହିମାଞ୍ଚଳ ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ବ୍ୟାଙ୍କର ଅଧିକାରୀ ଏବଂ ସହକାରୀ ଅଧିକାରୀମାନେ ଯୋଗଦେଇଥିଲେ। ଲ୍‌ଡିଏମ୍ ଧନ୍ୟବାଦ ଅର୍ପଣ କରିଥିଲେ।



## ବାଲି ଚାଲାଣ ବିରୋଧରେ ବିଜେଡିର ବାଇକ ରାଲି



ଆସିକା,୧୨ ।୨(ସମିସ): ଆସିକା ବିଧାନସଭା ନିର୍ବାଚନମଣ୍ଡଳୀ ତଥା ଆସିକା ବ୍ଲକରେ ବିଭିନ୍ନ ସ୍ଥାନରେ ଶାସକ ଦଳର ଇଙ୍ଗିତରେ ବେଆଇନ ଭାବେ ଖଣିଜ ପଦାର୍ଥ ଲୁଟ ହୋଇ ଆସୁଛି। ଏହାକୁ ବନ୍ଦ କରିବା ପାଇଁ ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, କେନ୍ଦୁପଦର ପଞ୍ଚାୟତ ସରପଞ୍ଚ ତଥା ବିଜେଡି ନେତା ଭବାନୀ ଶଙ୍କର ମଲିକଙ୍କ ନେତୃତ୍ୱରେ ଆସିକା ବ୍ଲକର କେନ୍ଦୁ ପଦର ଛକ ଠାରୁ ଏକ ବିରାଟ ବାଇକ ରାଲି ବାହାରିଥିଲା। ଏହି ରାଲି ଗହଙ୍ଗୁ, ଫାଫଲପୁର, ଧନିଯା, ବଡ଼ ଖୋଲି ଦେଇ ଚେରମାରିଆ, ନରସିଂହପଲ୍ଲୀ, କେନ୍ଦୁପଦର ଦେଇ ବିଜେଡି କାର୍ଯ୍ୟାଳୟରେ ପହଞ୍ଚିଥିଲା। ବିଜୁ ଯୁବ ଛାତ୍ର ଜନତା ଦଳର ଶତାଧିକ କର୍ମୀ ଏହି ରାଲିରେ ସାମିଲ ହୋଇଥିଲେ। ବାଇକ ରାଲିରେ ଆସୁଥିବା ବିଜେଡି ଯୁବ ଛାତ୍ର ମାନଙ୍କ ସହ ଆସିକା ଥାନା ଅଧିକାରୀ ଓ କୋଟି ନଡା ଥାନା ଅଧିକାରୀ ଉଭୟ ଆଲୋଚନା କରିଥିଲେ। ସୂଚନାଥାଉ କି ବେଆଇନ ଖଣିଜ ପଦାର୍ଥ ଲୁଟ ପ୍ରଶାସନ ପକ୍ଷରୁ ବନ୍ଦ ନ କରାଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ପ୍ରଶାସନକୁ ଚେତାବନୀ ଦିଆଯାଇଛି।

## ନଚିକେତା ଓ ଶୋଭନଙ୍କ କାନ୍ଧରେ ବିଜେଡି ଯୁବଛାତ୍ର ଦାୟିତ୍ୱ





ବ୍ରହ୍ମପୁର,୧୨।୨(ସମିସ): ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ଯୁବ ଓ ଛାତ୍ର ନେତୃତ୍ୱ ଘୋଷଣା ହୋଇଛି। ଏହିକ୍ରମରେ ଗଞ୍ଜାମ ଜିଲ୍ଲା ଯୁବ ବିଜୁ ଜନତା ଦଳର ସଭାପତି ଭାବେ ନଚିକେତା ସ୍ୱାଇଁ ଓ ଛାତ୍ର ବିଜୁ ଜନତା ଦଳର ଜିଲ୍ଲା ସଭାପତି ଭାବେ ଶୋଭନ ନାୟକଙ୍କ ନାମ ଘୋଷିତ ହୋଇଛି। ଏନେଇ ଉଭୟଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି। ନଚିକେତା ସ୍ୱାଇଁ ଦିବଙ୍ଗତ ନେତା ତଥା ପୂର୍ବତନ ସାଂସଦ ଲଡ୍ଡୁ କିଶୋର ସ୍ୱାଇଁ ଓ ଆସିକାର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସୁପୁତ୍ର। ସଂଗଠନ କ୍ଷେତ୍ରରେ ତାଙ୍କର ବେଶ ଅଭିଜ୍ଞତା ରହିଛି। ସେହିଭଳି ଶୋଭନ ମଧ୍ୟ ଛାତ୍ର ରାଜନିତୀରେ ସକ୍ରିୟ ରହିଛନ୍ତି। ତାଙ୍କ ସାଂଗଠନିକ ଦକ୍ଷତା ରହିଛି। ଉଭୟେ ମିଶି ଯୁବ-ଛାତ୍ରଙ୍କୁ ସଂଗଠିତ କରି ଜିଲ୍ଲାରେ ଦଳକୁ ଅଧିକ ସଶକ୍ତ କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରିବେ ନିଶ୍ଚୟ। ଏନେଇ ନଚିକେତା ଓ ଶୋଭନ ଦଳର ସୁପ୍ରିମ ନବୀନ ପଟ୍ଟନାୟକଙ୍କ ସମେତ ବରିଷ୍ଠ ନେତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଦାୟିତ୍ୱ ସୂଚାରୁ ଭାବେ ସମ୍ପାଦନ କରିବେ ବୋଲି ମତବ୍ୟକ୍ତ କରିଛନ୍ତି।

## ଏନ୍‌ଏସ୍‌ଏସ୍ ଏକ ଦିବସୀୟ ଶିବିର



କବିସୂର୍ଯ୍ୟନଗର,୧୨ ।୨(ସମିସ): ଆଠଗଡ଼ ପାଟଣା ସ୍ଥିତ ନାରାୟଣୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ଏକ ଦିବସୀୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଣବ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁନିଲ କୁମାର ମୁନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ସେବା ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ତଥା ସୁସ୍ଥ ସମାଜ ଗଠନରେ ଯୁବ ଶକ୍ତିର ଭୂମିକା ସମ୍ପର୍କରେ ଉଦବୋଧନ ଦେଇଥିଲେ। ଏତଦବ୍ୟତୀତ ଅଂଶୁଘାତ ସଚେତନତା ନିମନ୍ତେ ସ୍ୱେଚ୍ଛାସେବୀ ମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଜାହାଙ୍ଗୀର ଖାଁ, ପ୍ରଦୀପ କୁମାର ପ୍ରହରାଜ, ଚିତ୍ରସେନ ଡାକୁଆ, ସୁଶାନ୍ତ କୁମାର ସାହୁ, ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରୋଗ୍ରାମ ଅଫିସର ପ୍ରଫୁଲ୍ଲ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଧାକର ଦାସ, ଶ୍ୟାମସୁନ୍ଦର ପ୍ରଧାନ, ଉମା ଚରଣ ପଣ୍ଡା ଏବଂ ଚନ୍ଦ୍ରଶେଖର ସାମନ୍ତ ପ୍ରମୁଖ ସହଯୋଗ କରିଥିଲେ। ପ୍ରାକ୍ତନ ପ୍ରୋଗ୍ରାମ ଅଫିସର ଚିତ୍ରସେନ ଡାକୁଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଲାଠୀ ହାଇସ୍କୁଲର ପୁରସ୍କାର ବିତରଣ ଉତ୍ସବ




କୁକୁଡ଼ାଖଣ୍ଡି,୧୨ ।୨(ସମିସ): ଲାଠୀସ୍ଥ ଉତ୍କଳ ବିଦ୍ୟାପୀଠ ସରକାରୀ ଉଚ୍ଚ ବିଦ୍ୟାଳୟର ୪୨ତମ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁକୁଡ଼ାଖଣ୍ଡି ବିଡିଓ ଡଃ ପଲ୍ଲବୀ ସ୍ୱାଇଁ ଯୋଗଦେଇ ନାରୀ ବା ଛାତ୍ରୀମାନଙ୍କ ସାହସିକତା ଓ ସବୁକ୍ଷେତ୍ରରେ ଶ୍ରେଷ୍ଠତା ଆଣିଛି ବୋଲି କହିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ବିଷ୍ଣୁ ପ୍ରିୟା ପାତ୍ର ବିଶିଷ୍ଟ ଅତିଥି, ୯ନଂ ୱାର୍ଡ ଜିଲ୍ଲା ପରିଷଦ ସଦସ୍ୟା ମମତା ଦାସ ନିମନ୍ତ୍ରିତ ଅତିଥି, ଲାଠୀ ସରପଞ୍ଚ ରାଧାମୋହନ ସେଠୀ, ସମିତି ସଭ୍ୟ ଜଗନ୍ନାଥ ଭୂୟାଁ, ୱାର୍ଡ ସଭ୍ୟ ଜଗନ୍ନାଥ ଗୌଡ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଆଶିଷ କୁମାର ସାବତଙ୍କ ଉଦ୍ୟମକ୍ରମେ ଏଭଳି ଆୟୋଜନ ହୋଇଥିବାରୁ ସମସ୍ତେ କୃତଜ୍ଞତା ଜ୍ଞାପନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ସହକାରୀ ଶିକ୍ଷୟିତ୍ରୀ ସ୍ମୃତିଞ୍ଜନା ପଣ୍ଡା। ପୂର୍ବତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ତ୍ରିପାଠୀଙ୍କୁ ଲାଠୀ ବଣିକ ସଂଘ ସ୍ମୃତି ପାଣ୍ଠିରୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ଆଲମିନି ମାନଙ୍କ ସହାୟତାରେ ବିଦ୍ୟାଳୟର ପୁରାତନ ଛାତ୍ର ଦ୍ୱୟ ଅବସରପ୍ରାପ୍ତ ସ୍ଥଳସେନା ଯନ୍ତ୍ରୀ ଲିଙ୍ଗରାଜ ପାତ୍ର ଓ ନୈସେନା କମାଣ୍ଡୋ ଦିଲ୍ଲୀପ କୁମାର ପାଢୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ଛାତ୍ର ଅବସରପ୍ରାପ୍ତ ବାୟୁସେନା ସେବକ ରବିନାରାୟଣ ପଣ୍ଡା ନିଜ ପିତା ତଥା ଏହି ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ସ୍ୱର୍ଗତ ରାଜୀବ ପଣ୍ଡାଙ୍କ ସ୍ମୃତିରେ ୨୦ ହଜାର ଟଙ୍କା ଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ହିନ୍ଦୀ ଶିକ୍ଷକ ଅବନ୍ତି ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଶିଶୁ-ଫ୍ରେଣ୍ଡଲି ପୁଲିସ ଷ୍ଟେସନ ଲୋକାର୍ପିତ

# 'ପୁଲିସ ଏବଂ ଶିଶୁଙ୍କ ମଧ୍ୟରେ ସମ୍ପର୍କ ବନ୍ଧୁତ୍ୱପୂର୍ଣ୍ଣ କରିବ'

ବ୍ରହ୍ମପୁର,୧୨।୨(ସମିସ)



ଶିଶୁମାନଙ୍କୁ ଭୟମୁକ୍ତ ଏବଂ ଆନନ୍ଦଦାୟକ ପରିବେଶରେ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ବୁଧବାର ଗୋଷାଣୀନୂଆଗାଁ ଥାନା ପରିସରରେ ଏକ ଅଭିନବ "ଶିଶୁ-ଅନୁକୂଳ ପୁଲିସ ଷ୍ଟେସନ' (ସିଏଫପିଏସ) ଉଦଘାଟିତ ହୋଇଯାଇଛି। ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରର ଶୁଭାରମ୍ଭ କରିଥିବା ବେଳେ ଏହା ପୁଲିସ ଏବଂ ଶିଶୁଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ସମ୍ବେଦନଶୀଳ ଓ ବନ୍ଧୁତ୍ୱପୂର୍ଣ୍ଣ କରିବ ବୋଲି କହିଛନ୍ତି। ଓଡ଼ିଶା ସରକାରଙ୍କ ଏହି ସ୍ୱତନ୍ତ୍ର ପଦକ୍ଷେପ ଅଧୀନରେ ନିର୍ମିତ ଏହି ଥାନାରେ ଆନିମେଟେଡ୍ ମ୍ୟୁରାଲ୍, କାର୍ଟୁନ୍ ବହି ସମ୍ପନ୍ନ ଛୋଟ ଲାଇବ୍ରେରୀ, ନରମ ଖେଳନା, ଖେଳ ସାମଗ୍ରୀ ଏବଂ ପ୍ରାଥମିକ ଚିକିତ୍ସା କିଟ୍ ଭଳି ଅତ୍ୟାଧୁନିକ ସୁବିଧା ସୁଯୋଗ ରହିଛି। ଶିଶୁ ଅଧିକାରର ସୁରକ୍ଷା ପାଇଁ ଏଠାରେ ପୁଲିସ କର୍ମଚାରୀଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ମା'ମାନଙ୍କ ପାଇଁ ଏକ ପୃଥକ ସ୍ତନ୍ୟପାନ କକ୍ଷ ମଧ୍ୟ ପ୍ରସ୍ତୁତ କରାଯାଇଛି।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ପୁଲିସ ଜିଲ୍ଲାରେ ପୂର୍ବରୁ ମହିଳା ଥାନା ଓ ଗୋପାଳପୁର ଥାନାକୁ ଶିଶୁ-ଅନୁକୂଳ ଘୋଷଣା କରାଯାଇଥିବା ବେଳେ ଗୋଷାଣୀନୂଆଗାଁକୁ ମିଶାଇ ଏହି ସଂଖ୍ୟା ଏବେ ୩ରେ ପହଞ୍ଚିଛି। ଯାହା ଶିଶୁମାନଙ୍କୁ ବିନା ଦ୍ୱନ୍ଦ୍ୱରେ ନିଜ ଅଭିଯୋଗ ଜଣାଇବାକୁ ସାହସ ପ୍ରଦାନ କରିବେ ବୋଲି କୁହାଯାଇଛି। ନିର୍ଯାତନାର ଶିକାର ହୋଇ ଶିଶୁମାନେ ଥାନାକୁ ଆସିଥାନ୍ତି। ଥାନାରେ ତାଙ୍କୁ ପରିବାର ସଦସ୍ୟଙ୍କ ଭଳି ସ୍ନେହର ଆବଶ୍ୟକତା ରହିଥାଏ। ଏହି ଦାୟିତ୍ୱରେ ସିଭିଲ ପୋଷାକରେ ଜଣେ ଅଧିକାରୀ ନିୟୋଜିତ ରହିବେ। ସେମାନେ ପିଲାଙ୍କ ସହିତ ଜଣେ ସାଙ୍ଗ ପରି ଆଲୋଚନା କରିବେ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ କହିଛନ୍ତି। ଲୋକାର୍ପିତ ବେଳେ ଗୋଷାଣୀନୂଆଗାଁ ଥାନା ଅଧିକାରୀ ପ୍ରତାପ କୁମାର ଦାଶ, ଟାଉନ ଏସଡ଼ିପିଓ ପ୍ରିୟ ରଞ୍ଜନ ଛୋଟରାୟ, ଡ଼ିଏସପି ସ୍ମୃତି ପ୍ରଭା ପ୍ରଧାନ, ତିରୁପତି ଚୌଧୁରୀ, ରିଜର୍ଭ ପୁଲିସ ଇନ୍ସପେକ୍ଟର ଏମ୍. ଲକ୍ଷ୍ମୀ ରଞ୍ଜନ, ଉତ୍ତରେଶ୍ୱର ମନ୍ଦିର ପରିଚାଳନା କମିଟି ମୁଖ୍ୟ ପଞ୍ଚାନନ ଚୌଧୁରୀଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

### ସର୍ବଭାରତୀୟ ସାଧାରଣ ଧର୍ମଘଟର ଆଂଶିକ ପ୍ରଭାବ

# ଗଡ଼ିଲାନି ଗାଡ଼ି, ଦୋକାନବଜାର ବନ୍ଦ







ବ୍ରହ୍ମପୁର,୧୨।୨(ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଗୁଡ଼ିକ ପକ୍ଷରୁ ସର୍ବଭାରତୀୟ ସାଧାରଣ ଧର୍ମଘଟର ଡ଼ାକରା ଦିଆଯାଇଥିଲା। ଏନେଇ ଶ୍ରମିକ ସଂଗଠନ ଗୁଡ଼ିକ ଶ୍ରମ କୋଡ଼ ବାତିଲ, ମନରେଗାର ପୁନଃ ପ୍ରଚଳନ, ଫସଲର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଆଇନ, ସରକାରୀ ସମ୍ପତ୍ତିର ବିକ୍ରି ବନ୍ଦ କରିବା, ଦର କମାଇବା, ସର୍ବନିମ୍ନ ମଜୁରୀ ମାସିକ ୨୬ହଜାର କରିବା ଦାବିରେ ସହରରେ ଧର୍ମଘଟ କରିଥିଲେ। ଏହାର ପ୍ରଭାବ ବ୍ରହ୍ମପୁର ସହରରେ ପଡ଼ିଛି। ରେଳ ଷ୍ଟେସନ, ଏସବିଆଇ ମୁଖ୍ୟ ଶାଖା, ଟାଟା ପାୱାର କାର୍ଯ୍ୟାଳୟ, ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟ, କମାପଲ୍ଲୀ ପୁରୁଣା ବସଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇଥିଲା। ଧର୍ମଘଟର ପ୍ରଭାବରେ ବହୁ ସମୟ ଧରି ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ କାର୍ଯ୍ୟ ବନ୍ଦ ରହିଥିଲା। ଧର୍ମଘଟକୁ ସଫଳ କରିବାକୁ ଟ୍ରେଡ୍ ୟୁନିୟନ ସେଣ୍ଟର ଅଫ୍ ଇଣ୍ଡିଆ(ଟିୟୁସିଆଇ)ର ରାଜ୍ୟ ସମ୍ପାଦକ ଶଙ୍କର ଇନକିଲାବଙ୍କ ନେତୃତ୍ୱରେ ଗେଟ୍ ବଜାରରେ ରାସ୍ତା ଅବରୋଧ କରାଯାଇଥିଲା। ଆୟୋଜିତ ସଭାରେ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନର ଯୁଧିଷ୍ଠିର ଦାଶ ଅଧ୍ୟକ୍ଷତା କରି ଆମେରିକା ସହ କେନ୍ଦ୍ର ସରକାରଙ୍କ ଅନ୍ତରୀଣ ସ୍ୱାକ୍ଷରିତ ଅର୍ଥନୈତିକ ଚୁକ୍ତି ଏପର୍ଯ୍ୟନ୍ତ ଘଟିଥିବା ସମସ୍ତ ଦୁର୍ନୀତି ରେକର୍ଡ ଭାଙ୍ଗି ଥିବା କହିଥିଲେ। କେନ୍ଦ୍ର ସରକାର ଆମେରିକା ସାମ୍ରାଜ୍ୟବାଦୀ ଶକ୍ତି ହାତରେ ସମର୍ପଣ କରିଛି। ଆମେରିକୀୟ ଉତ୍ପାଦ ଭାରତୀୟ ବଜାରରେ ଶୁଳ୍କମୁକ୍ତ ପ୍ରବେଶ କରିବାକୁ ଅନୁମତି ପ୍ରଦାନ କରାଯାଇଛି। ଫଳସ୍ୱରୂପ, ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ଭାରତୀୟ ଉତ୍ପାଦର ମୂଲ୍ୟ ହ୍ରାସ ପାଇଛି ବୋଲି ସେ କହିଛନ୍ତି। ଶ୍ରମିକମାନେ ସର୍ବନିମ୍ନ ମଜୁରୀ, ଚାକିରି ସୁରକ୍ଷା ଏବଂ ସମ୍ମାନଜନକ ଜୀବନ ପାଇଁ ଜୀବନ-ମୃତ୍ୟୁ ସଂଗ୍ରାମ କରୁଛନ୍ତି। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ୪ଟି

**ଶ୍ରମିକଙ୍କ ଉପରେ କେନ୍ଦ୍ର ସରକାରଙ୍କ 'ଶ୍ରମ କୋଡ୍' ଦ୍ୱାରା ଭୟଙ୍କର ଆକ୍ରମଣ**

ନୂତନ ଶ୍ରମକୋଡ ମାଧ୍ୟମରେ ଶ୍ରମିକ ଶ୍ରେଣୀ ଉପରେ ଏକ ଭୟଙ୍କର ଆକ୍ରମଣ କରୁଥିବା ଅଭିଯୋଗ ହୋଇଥିଲା। ସେହିଭଳି ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନାକୁ ଉଚ୍ଛେଦ କରିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଇଥିବା ଅଭିଯୋଗ ହୋଇଥିଲା। ଏଥିରେ ଶଙ୍କର ଇନକିଲାବ, ଯୁଧିଷ୍ଠିର ଦାଶ, ମାଲି ଦାଶ, ଶୈଳ ନାହକ, ଶାନ୍ତି ଦାଶ, ମଞ୍ଜୁଳା ଆଦି ସାମିଲ ହୋଇଥିଲେ। ସେହିପରି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ଭାରତ ବନ୍ଦକୁ ସମର୍ଥନ ଦେଇଥିଲେ। ମେଡିକାଲ କଲେଜ ମୁଖ୍ୟ ଫାଟକ ସମ୍ମୁଖରେରେ ପ୍ରତିବାଦ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ଶ୍ରମିକ କର୍ମଚାରୀ ବିରୋଧି ନୂଆ ଶ୍ରମ ସଂହିତାକୁ ବାତିଲ କରିବାର ଦାବୀ ରଖିଥିଲେ। ସରଳୀକରଣ ନାମରେ ୨୯ଟି ଶ୍ରମ ଆଇନକୁ ବାତିଲ କରି ଶ୍ରମିକଙ୍କ ଅଧିକାର ଛଡେଇ ନିଆଯାଇଥିବା ଦାବି କରିଥିଲେ। କର୍ମଚାରୀମାନେ ୮ଘଣ୍ଟା ପରିବର୍ତ୍ତେ ୧୦ଘଣ୍ଟା କାମ କରିବା ସହ ମହିଳାଙ୍କୁ ରାତ୍ରୀକାଳୀନ ଡ୍ୟୁଟି ପ୍ରଦାନ କରାଯାଉଛି। ଏଭଳି ସହରର ବିଭିନ୍ନ ସ୍ଥାନରେ କେନ୍ଦ୍ରୀୟ ଶ୍ରମିକ ସଂଗଠନର ବିଭିନ୍ନ କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୁଧିଷ୍ଠିର ବେହେରା, ପ୍ରଶାନ୍ତ ପାଟଯୋଶୀ, ପ୍ରଦୀପ ସେଠୀ, ଭୋକଲି ସେଠୀ, ସୋମନାଥ ବେହେରା, ସତ୍ୟ ତ୍ରିପାଠୀ, ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର, ଗୋପାଳ ପାଣିଗ୍ରାହୀ, ଇଫଟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସମ୍ପାଦକ କାମଦେବ ନାହାକ, ସୁରେଶ ତ୍ରିପାଠୀ, ନର୍ମଦା ନାହାକ, ପ୍ରଫୁଲ୍ଲ ଜେନା, ମହମ୍ମଦ ଉସମନ, ରାମେଶ୍ୱର ନାହାକ, ଅଜୟ ଗୌଡ଼, ପପୁନ ସାହୁ, ନିମାଇଁ ସାହୁ, ଆଦିତ୍ୟ ତ୍ରିପାଠୀ, ଶଙ୍କର ସାହୁ, ପୌର କର୍ମଚାରୀ ନେତା ଉତ୍ତମ ନାୟକ, ଆଉଟସୋର୍ସିଂ କର୍ମଚାରୀ ନେତା ପ୍ରଶାନ୍ତ ପରିଛା, ସ୍ୱାସ୍ଥ୍ୟ କର୍ମଚାରୀ ନେତା ନମିତା ନାୟକ, ପି. ରମେଶ ନାୟକ, ସୁନୀଲ ପାତ୍ର, ନିରଞ୍ଜନ ଦାସ, ଭାଗିରଥି ନାୟକ, ଆଶୁତୋଷ ଘଡ଼ାଇ, ମଧୁ ସୁଦନ ରାଓ, ମିନି ରାଜୁ ଓ ସୁରଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର,୧୨।୨(ସମିସ): ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୂଆଁ ଖଜୁରିଆର ପିଙ୍କୁ ସେଠୀ(୨୮)। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ପହିଲାରେ ବୈଦ୍ୟନାଥପୁର ଥାନା ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ ବେଳେ ନାବାଳିକା ନିଖୋଜ ନୁହେଁ ପିଙ୍କୁ ସେଠୀ ନାମକ ଜଣେ ଯୁବକ ସମ୍ପୃକ୍ତ ନାବାଳିକାକୁ ଅପହରଣ କରି ନେଇଥିବା ଜଣାପଡିଛି। ପୁଲିସ ଯୁବକଙ୍କ ମୋବାଇଲକୁ ଟ୍ରାକିଂ କରିବା ଜାରି ରଖିଥିଲା। ଅଭିଯୁକ୍ତ ପିଙ୍କୁକୁ ପୁଲିସ କାବୁ କରିବା ସହ ସମ୍ପୃକ୍ତ ନାବାଳିକାକୁ ଉଦ୍ଧାର କରିଥିଲା। ନାବାଳିକାଙ୍କ ବୟାନ ରେକର୍ଡ ବେଳେ ଅଭିଯୁକ୍ତ ପିଙ୍କୁ ତାଙ୍କୁ ଏକାଧିକ ଥର ଦୁଷ୍କର୍ମ କରିଥିବା ଜଣାପଡିଥିଲା। ପିଡିତାଙ୍କ ବୟାନକୁ ଆଧାର କରି ପୁଲିସ ଉଭୟଙ୍କ ମେଡ଼ିକାଲ ପରୀକ୍ଷା କରିବା ସହ ଦୁଷ୍କର୍ମ ମାମଲା ରୁଜୁ କରି ଅଭିଯୁକ୍ତ ପିଙ୍କୁକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି।

## ଜବତ ଟ୍ରକରୁ ବ୍ୟାଟେରି ଚୋରି; ଜଣେ ଗିରଫ

ବ୍ରହ୍ମପୁର,୧୨।୨(ସମିସ): ପୁଲିସ ପକ୍ଷରୁ ଜବତ କରାଯାଇଥିବା ଏକ ଟ୍ରକରୁ ବ୍ୟାଟେରୀ ଚୋରି କରିଥିବା ଜଣେ ଯୁବକଙ୍କୁ ସଦର ଥାନା ପୁଲିସ ଗିରଫ କରିଛି। ସେ ହେଲେ ପାଣିଗ୍ରାହୀପେଣ୍ଠ ସାହିର ଅଜିତ ପାଣିଗ୍ରାହୀ(୨୮)। ସୂଚନାପ୍ରକାରେ, ଦୁର୍ଘଟଣାର ଶିକାର ହୋଇଥିବା ଏକ ଟ୍ରକକୁ ପୁଲିସ ପକ୍ଷରୁ ଜବତ କରାଯିବା ପରେ ତାକୁ ସଦର ଥାନା ସମ୍ମୁଖରେ ରଖାଯାଇଥିଲା। ହେଲେ କିଛି ଦିନ ତଳେ ଉକ୍ତ ଟ୍ରକରୁ ବ୍ୟାଟେରୀ ଚୋରି ହୋଇଯାଇଥିଲା। ଏହି ମାମଲାରେ ପୁଲିସ ପକ୍ଷରୁ ତଦନ୍ତ ବେଳେ ଏଏସଆଇ



ଲକ୍ଷ୍ମୀକାନ୍ତ ପ୍ରଧାନ ଓ ତାଙ୍କ ଟିମ୍ ଅଙ୍କୁଶପୁର ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ଅଜିତଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ୨ଟି ବ୍ୟାଟେରୀ ସମେତ ଚୋରିରେ ବ୍ୟବହୃତ ଯନ୍ତ୍ରପାତି ଓ ଗୋଟିଏ ମୋବାଇଲ୍ ଜବତ କରିଛି। ଅଭିଯୁକ୍ତ ଅଜିତ ନାମରେ ପୂର୍ବରୁ ବଡ଼ବଜାର ଥାନା, ବିଏନପୁର ଥାନାରେ ଚୋରି ଓ ଅନ୍ୟାନ୍ୟ ଅପରାଧିକ ମାମଲା ରହିଥିବା ବେଳେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

## ବିକ୍ରମ ପଣ୍ଡାଙ୍କ ସ୍ୱାସ୍ଥ୍ୟ ସ୍ଥିତି ଯାଞ୍ଚ କଲେ ଉଚ୍ଚସ୍ତରୀୟ ଡାକ୍ତରୀ ଟିମ୍

ବ୍ରହ୍ମପୁର,୧୨।୨(ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଛନ୍ଦି ହୋଇ ଗିରଫ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ଏମକେସିଜି ମେଡିକାଲରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ପେଟରେ ଗଲ ବ୍ଲାଡର ଷ୍ଟୋନ ଯୋଗୁଁ ଅସହ୍ୟ ଯନ୍ତ୍ରଣା ଅନୁଭବ କରି ଖାଇବା ଓ ଶୋଇବାରେ କଷ୍ଟ ହେଉଛି। ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ କୋର୍ଟଙ୍କ ପକ୍ଷରୁ ଜେଲ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ତଲବ ପରେ ଜେଲ କର୍ତ୍ତୃପକ୍ଷ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଫଳରେ ଆଜି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶଙ୍କ ନେତୃତ୍ୱରେ ଅଧୀକ୍ଷକ



ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥୀ, ସର୍ଜରୀ ବିଭାଗର ଦୁଇଜଣ ବିଶେଷଜ୍ଞ ତଥା ପ୍ରଫେସର ଡାକ୍ତର ଶିବ ପଟ୍ଟନାୟକ ଓ ମନୋଜ ସେଠୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ଡାକ୍ତରୀ ଟିମ ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ବିକ୍ରମଙ୍କ ସହ ଡାକ୍ତରୀ ଟିମ ଆଲୋଚନା କରିବା ବେଳେ ତାଙ୍କର ମଳ ସହିତ ରକ୍ତ ପଡିବା, ପେଟରେ ଯନ୍ତ୍ରଣା, ମୁଣ୍ଡ ବୁଲାଇବା ସହିତ ଗୋଡରେ ଦରଜ ଥିବା କହିଥିଲେ। ଯାହାକୁ ନେଇ ଡାକ୍ତରୀ ଟିମ ବିକ୍ରମଙ୍କ ଗୋଡର ଏକ୍ସ-ରେ ସହିତ କାର୍ଡିଓଲୋଜି ବିଭାଗରେ ନିଦାନ କରିବାକୁ ପରାମର୍ଶ ଦେଇଥିଲେ। ଯନ୍ତ୍ରଣା ସହିତ ଖାଦ୍ୟପେୟରେ ସମସ୍ୟା ସୃଷ୍ଟି ହେଉଥିବାରୁ ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେଉଥିବା ସୂଚନା ମିଳିଛି। ଯାହାକୁ ନେଇ ବିକ୍ରମଙ୍କ ପରିବାର ବର୍ଗଙ୍କ ଚିନ୍ତା ବଢିଯାଇଛି। ଅଧିକ ତଥା ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା କରି ତାଙ୍କର ଯତ୍ନ ନେବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ବିକ୍ରମଙ୍କ ପରିବାର ବର୍ଗ।

## ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମପୁର,୧୨।୨(ସମିସ): ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ରହୁଥିବା ଜଣେ +୨ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଯାଇଛି। ସେ ହେଲେ ଯାଜପୁର ଜିଲ୍ଲାର ମିନାକ୍ଷୀ ମହାପାତ୍ର(୧୭)। ସେ ସହରର ଏକ କଲେଜରେ +୨ ପଢୁଥିବା ବେଳେ ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ଥିବା ନିଜ ଅଜା ଘରେ ରହୁଥିଲେ। ମଙ୍ଗଳବାର ସେ କଲେଜରୁ ଫେରି ଉପର ମହଲାରେ ନିଜ କୋଠରୀ ଭିତରେ ଥିଲେ। ହେଲେ ପରିବାର ଲୋକେ ଡାକିବା ପରେ ସେ ଶୁଣିନଥିଲେ। କବାଟ ଖୋଲି ଦେଖିବା ବେଳେ ସେ ବେକରେ ଚୁନି ବାନ୍ଧି ଝୁଲି ପଡିଥିବା ସମ୍ପର୍କୀୟମାନେ ଦେଖିବାକୁ ପାଇଥିଲେ। ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପୁଲିସ ପହଞ୍ଚି ତଦନ୍ତ କରିଥିଲା। ଛାତ୍ରୀଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ନାନାପ୍ରକାର ସନ୍ଦେହ କରିଛନ୍ତି। ପୁଲିସ ମୃତ ଛାତ୍ରୀଙ୍କ ମୋବାଇଲ ଜବତ କରି ତଦନ୍ତକୁ ଜାରି ରଖିଛି।

## ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନିଷ୍କ୍ରମଣ ଉତ୍ସବ






ବ୍ରହ୍ମପୁର,୧୨।୨(ସମିସ): ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଦଶମ ଶ୍ରେଣୀ, ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ନିଷ୍କ୍ରମଣ ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀ, ଯୁକ୍ତଦୁଇ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଆଗାମୀ ବୋର୍ଡ ପରୀକ୍ଷାରେ ଉତ୍କର୍ଷ ପ୍ରତିପାଦନ ନିମନ୍ତେ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ଦ୍ୱାରା ଅକ୍ଷତ ସିଞ୍ଚନ ପୂର୍ବକ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ନିକଟସ୍ଥ ନୀଳକଣ୍ଠେଶ୍ୱର ମହାଦେବଙ୍କଠାରେ ଅଖଣ୍ଡଦୀପ ପ୍ରଜ୍ୱଳନ ପୂର୍ବକ ଛାତ୍ରଛାତ୍ରୀମାନେ ଆଶୀର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଏସ୍. ମୋହନ ରାଓ ନିମନ୍ତ୍ରିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ନାରାୟଣ ପଣ୍ଡା ଓ ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ ଅଧ୍ୟକ୍ଷୀୟ ଅଭିଭାଷଣ ପ୍ରଦାନ କରିଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ଉପସଚିବ ଡଃ. କୁଳମଣି ଓଝା ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସଫଳ ଛାତ୍ରଛାତ୍ରୀଙ୍କ ଅନୁଭୂତି କଥନ ମଧ୍ୟରେ ବିଜ୍ଞାନ ବିଭାଗର ସୁଶ୍ରୀ ଶ୍ରୀୟାଲିସା ଦେବୀ, ଶ୍ରୀମାନ୍ ଆଶୁତୋଷ ସେଠୀ ଏବଂ ସୁଶ୍ରୀ ଅର୍ପିତା ଆଚାର୍ଯ୍ୟ କନିଷ୍ଠ ଛାତ୍ରଛାତ୍ରୀ ଭାଇଭଉଣୀମାନଙ୍କ ସମ୍ମୁଖରେ ନିଜ ନିଜର ଶୈକ୍ଷିକ ଅନୁଭୂତି ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଭାବେ ଅନୁଷ୍ଠାନର ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା ନିଜର ଅଭିଭାଷଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନଙ୍କୁ ପରବର୍ତ୍ତୀ ସମୟରେ ଜଣେ ଉତ୍ତମ ନାଗରିକ ଭାବେ ନିଜକୁ ପ୍ରସ୍ତୁତ କରାଇବାକୁ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ସ୍ୱରାଜ୍ୟ ମାଝି ଓ ସହ ପ୍ରଧାନଆଚାର୍ଯ୍ୟ ଜଟେଶ୍ୱର କର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଅତିଥି, ଗୁରୁଜୀ, ଗୁରୁମା ଓ ଛାତ୍ରଛତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ହରିକୃଷ୍ଣ ପାଢ଼ୀ, କେ. ଭେଙ୍କଟ ରାଓ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସଦସ୍ୟା ପ୍ରଣତି ସାମଲ, ଅବସରପ୍ରାପ୍ତ ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ପୂର୍ବତନ ଆଚାର୍ଯ୍ୟା ଦେବକୀ ସୁବୁଦ୍ଧି, ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ଡିଗ୍ରୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡଃ. ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉପାସନା ନିଜକୁ ଦର୍ପଣରେ ଦେଖନ୍ତୁ: ସଂଘମିତ୍ରା



ବ୍ରହ୍ମପୁର,୧୨।୨(ସମିସ): ବିଜୁ ଜନତା ଦଳର ସୁପ୍ରିମ ଓ ଅନ୍ୟ ନେତାଙ୍କ ମାଙ୍କଡ଼ ଉପାଖ୍ୟାନ କରିଥିବା ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କୁ କଡ଼ା ସମାଲୋଚନା କରିଛନ୍ତି ବ୍ରହ୍ମପୁର ମେୟର ତଥା ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳେଇ। ସେ କହିଛନ୍ତି ଯେ, ଏ ଅଭଦ୍ର ଭାଷାକୁ ଓ କହିଥିବା ଭଦ୍ର ମହିଳା ବିଧାୟିକାଙ୍କୁ ମୁଁ ବିରୋଧ କରୁଛି। କିଏ ବୁଡିବ କିଏ ଉଠିବ କହିବା ଅଧିକାର ଏହି ମହିଳା ଜଣଙ୍କର ନାହିଁ। ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ, ତଥା ବରିଷ୍ଠ ରାଜନେତାଙ୍କୁ ମାଙ୍କଡ଼ ମୁହଁ ସହ ତୁଳନା କରିବା ଅତ୍ୟନ୍ତ ଲଜ୍ଜାକର, ପରିତାପ ଓ ନିନ୍ଦନୀୟ। ବିଧାୟିକା ମହାଶୟା ନିଜକୁ ପ୍ରଥମେ ଦର୍ପଣ ଆଗରେ ଠିଆ କରନ୍ତୁ। ନିଜ ବିବେକକୁ ଓ ନିଜ ମୁହଁକୁ ଦେଖନ୍ତୁ। ମାଙ୍କଡ଼ ମାନେ କେମିତି ତାର ଉତ୍ତରଟା ଆପେ ଆପେ ପାଇଯିବେ। ପ୍ରତି ଲୋକଙ୍କ ନିଜସ୍ୱ ସ୍ଥାନର ମହତ୍ୱ ଅଛି। କେବଳ ନବୀନ ବାବୁଙ୍କୁ ଏପରି ତତ୍ତ୍ୱହୀନ ଅବାନ୍ତର ହୀନ ମନ୍ତ୍ୟବ ଦେଇ ଦଳୀୟ ପ୍ରଶଂସା ପାଇଁ ଅପପ୍ରୟାସ କରି ହାସ୍ୟାସ୍ପଦ ହେବା ଛଡା ଅନ୍ୟ କିଛି ନୁହଁ। ଆଉ ଯଦି କାହାକୁ ଖୁସି କରିବା ପାଇଁ ସମାଜର ଜଣେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଉପହାସ କରାଯାଏ ତେବେ ତାହା ପିଲାଳିଆମି। ନବୀନ ବାବୁଙ୍କୁ ରାଷ୍ଟ୍ରପତି, ପ୍ରଧାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ସମେତ ବରିଷ୍ଠ ରାଜନେତାମାନେ ସମ୍ମାନ ଜଣାନ୍ତି। ଏଭଳି ପରିସ୍ଥିତିରେ ଜଣେ ବିଧାୟିକା ଏଭଳି କହିବା ଘୋର ନିନ୍ଦନୀୟ ବୋଲି ଶ୍ରୀମତୀ ଦଳେଇ କହିଛନ୍ତି।

## କ୍ଷୁଦ୍ର ଜଳସେଚନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତିର ଗନ୍ଧ




**ଭିଜିଲାନ୍ସ ତଦନ୍ତ ଦାବି କଲା ଫରୱାର୍ଡ ବ୍ଲକ୍**

ବ୍ରହ୍ମପୁର,୧୨।୨(ସମିସ): ଚିକିଟି ଅଞ୍ଚଳରେ କ୍ଷୁଦ୍ର ଜଳସେଚନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତିର ଚେର ଲମ୍ବିଥିବା ଅଭିଯୋଗ ହୋଇଛି। ଏନେଇ ଭିଜିଲାନ୍ସ ତଦନ୍ତ କରିବାକୁ ଅଲ୍ ଇଣ୍ଡିଆ ଫରୱାଡର୍ ବ୍ଲକ ଦାବି କରିଛି। ଅଲ୍ ଇଣ୍ଡିଆ ଫରୱାଡର୍ ବ୍ଲକ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ଚିକିଟି ଅଞ୍ଚଳର ଚକ୍ରବର୍ତ୍ତୀ ସାଗର ଏଷ୍ଟିମେଟ ମୂଲ୍ୟ ୬୬.୭୩ ଲକ୍ଷ ଟଙ୍କା, ଏଗ୍ରିମେଣ୍ଟ ନମ୍ବର ୮୫ ପି୧/୨୦୨୪-୨୫ ପ୍ରକାରେ ଏଗ୍ରିମେଣ୍ଟ ମୂଲ୍ୟ ୪୩, ୦୭, ୫୦୦.୯୧ ଟଙ୍କା ହୋଇଥିବା ବେଳେ ସେଠାରେ ୪୦ପ୍ରତିଶତ କାର୍ଯ୍ୟ ହୋଇଛି। ଆର୍‌ଆର୍‌ଆର୍‌ରେ କାର୍ଯ୍ୟ ଚାଲିଥିବା ବେଳେ ଏମ/ଆର ଏଷ୍ଟିମେଟ ମୂଲ୍ୟ ୪.୯୪ଲକ୍ଷ ଟଙ୍କା, ଏଗ୍ରିମେଣ୍ଟ ନମ୍ବର ୨୬ ପି୧/୨୦୨୪-୨୫ ପ୍ରକାରେ ଏଗ୍ରିମେଣ୍ଟ ମୂଲ୍ୟ ୪.୨୦ଲକ୍ଷ ଟଙ୍କାର କାର୍ଯ୍ୟ ନ କରି ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇଥିବା ଫରୱାଡର୍ ବ୍ଲକ ଜିଲ୍ଲା ସଭାପତି ବିଭୂଧେନ୍ଦ୍ର ପାଢୀ ଅଭିଯୋଗ କରିଛନ୍ତି। ସେହିଭଳି ବଡେଇ ଘାଇ ନିର୍ମାଣ କାର୍ଯ୍ୟର ଏଷ୍ଟିମେଟ ମୂଲ୍ୟ ୩୧,୪୦,୪୧୮.୦୦ଟଙ୍କା ରହିଥିଲା। ଏହାର ଏଗ୍ରୀମେଣ୍ଟ ନମ୍ବର ୬୧ ପି୧/୨୦୨୪-୨୫. ଏଗ୍ରୀମେଣ୍ଟ ମୂଲ୍ୟ ୧୮,୧୯,୨୭୧.୮୮ ଟଙ୍କା ହୋଇଥିବା ବେଳେ ସେଠାରେ ୨୦ ପ୍ରତିଶତ କାର୍ଯ୍ୟ ହୋଇଛି। କୋଟଲିଙ୍ଗି ସାଗର ନିର୍ମାଣ କାର୍ଯ୍ୟର ଏଷ୍ଟିମେଟ ମୂଲ୍ୟ ୯୭.୯୮ ଲକ୍ଷ ଟଙ୍କା, ଏଗ୍ରୀମେଣ୍ଟ ନମ୍ବର ୬୨ ପି୧/୨୦୨୪-୨୫, ଏଗ୍ରୀମେଣ୍ଟ ମୂଲ୍ୟ ୬୨,୪୩,୯୪୩.୭୦ ଟଙ୍କା ହୋଇଥିବା ବେଳେ ସେଠାରେ ୫୦ପ୍ରତିଶତ କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଚିକିଟି ଏନ୍ଏସିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ୫୦୦ କ୍ଷମତା ବିଶିଷ୍ଟ ବହୁମୁଖୀ ଭବନ ଓ ୩୦୦କ୍ଷମତା ବିଶିଷ୍ଟ ବହୁମୁଖୀ ଭବନ ନିର୍ମାଣ ନିମ୍ନମାନର କରାଯାଇଛି। ଦୁଇଟି ବହୁମୁଖୀ ଭବନ ନିର୍ମାଣ ପାଇଁ ଏଷ୍ଟିମେଟ ମୂଲ୍ୟ ୫୧୬.୦୦ ଲକ୍ଷ ଟଙ୍କା ହୋଇଥିବା ବେଳେ ଠିକାଦାର ଏଷ୍ଟିମେଟ ମୂଲ୍ୟଠାରୁ ୫.୨୦ ପ୍ରତିଶତ ମୂଲ୍ୟ କମାଇ (୨୨,୩୩,୫୮୩ ଟଙ୍କା) ଏଗ୍ରୀମେଣ୍ଟ କରି କାର୍ଯ୍ୟ କରୁଛନ୍ତି। ବହୁମୁଖୀ ଗୃହ ନିର୍ମାଣ ମଧ୍ୟ ନିମ୍ନମାନର କରାଯାଇଛି। ସମସ୍ତ ଗୁଣବତ୍ତା ଓ ପରିମାଣ ସହିତ ଠିକାଦାର ଓ ଯନ୍ତ୍ରୀ ବୁଝାମଣା କରି ନିମ୍ନମାନର କାର୍ଯ୍ୟ କରିଛନ୍ତି। ଟେଣ୍ଡର ମୂଲ୍ୟ ହ୍ରାସ ଓ ପିସି ୧୬ରୁ ୨୨ପ୍ରତିଶତ ସମେତ ଠିକାଦାରଙ୍କ ଲାଭ ଅନୁଧାନ କଲାବେଳେ ବହୁମୁଖୀ ଗୃହ ଦୁଇଟି କାର୍ଯ୍ୟର ସ୍ଥାୟିତ୍ୱ ସନ୍ଦେହ ସୃଷ୍ଟି କରୁଛି। କାର୍ଯ୍ୟରେ ବ୍ୟବହୃତ ସିମେଣ୍ଟ, ଲୁହାଛଡ, ଗୋଡି, ମେଟାଲ୍ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ପାଇଁ ବ୍ୟବହୃତ ସାମଗ୍ରୀ ନିମ୍ନମାନର ହୋଇଥିବାରୁ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ନୀତିର ତଦନ୍ତ ପାଇଁ ଫରୱାର୍ଡ ବ୍ଲକ ଜିଲ୍ଲା ସଭାପତି ବିଭୂଧେନ୍ଦ୍ର ପାଢୀ ମୁଖ୍ୟମନ୍ତ୍ରୀ ଓଡ଼ିଶା, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ, ଜିଲ୍ଲାପାଳ ଗଞ୍ଜାମ, ଭିଜିଲାନ୍ସ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ,ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର ଓ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ମଣ୍ଡଳ, ବ୍ରହ୍ମପୁରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ନୀତିର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଜାଣିଶୁଣି ବିଳମ୍ବ କରାଗଲେ ଆବଶ୍ୟକ ସ୍ଥଳେ ମାମଲା ପାଇଁ ଉଚ୍ଚ ନ୍ୟାୟାଳୟକୁ ଯିବୁ ବୋଲି ସେ କହିଛନ୍ତି। ଏହି ଟେଣ୍ଡର ଦୁର୍ନୀତିରେ ଠିକାଦାର ଓ ଯନ୍ତ୍ରୀ ମାନେ ସଂପୃକ୍ତ ରହିଥିବା ସାମ୍ବାଦିକ ସମ୍ମିଳନୀରେ ଫରୱାର୍ଡ ବ୍ଲକର କୋଷାଧ୍ୟକ୍ଷ ସପ୍ନେଶ୍ୱର ପାଣିଗାହୀ ଓ ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ସମରଜିତ୍ ମହାନ୍ତି ପ୍ରକାଶ କରିଛନ୍ତି।

**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE NINE MONTH ENDED 31ST DEC'2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Nine Month Ended | | Year Ended | Nine Month Ended | | Year Ended |
| | | 31.12.2025 | 31.12.2024 | 31.03.2025 | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 39.76 | 63.67 | 44.27 | 13,635.82 | 10,832.21 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (14.38) | 0.50 | (28.91) | 1,216.38 | (351.64) | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (14.38) | 0.50 | (28.91) | 1,216.38 | (351.64) | (3,525.52) |
| 6 | Net Profit attributable to Non Controlling Interests | - | - | - | 583.59 | (211.33) | (1,791.41) |
| 7 | Net Profit attributable to Owners of the Company | - | - | - | 632.79 | (140.31) | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,532.26 | 26,576.05 | 26,546.64 | (8,776.47) | (7,819.01) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (1.00) | 0.03 | (2.00) | 44.59 | (9.89) | (121.71) |
| | (ii) Diluted | (1.00) | 0.03 | (2.00) | 44.59 | (9.89) | (121.71) |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.


Place: Visakhapatnam
Date: 12th February' 2026

Sd/-
(A.K.Bagchi)
Managing Director-EIL

# ଶ୍ରୀକ୍ଷେତ୍ର ସିଟି


୧୨/୨/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୮୩,୮୩୫/- ସୁନା:୦୨.୫୦୦ ଗ୍ରାମ୍ ରୁପା: ୫୬.୫୦୦ ଗ୍ରାମ୍





### ଆଜି ପଙ୍କୋଦ୍ଧାର ଏକାଦଶୀ

## ଶ୍ରୀଲୋକନାଥଙ୍କ ପୀଠରେ ମଧ୍ୟାହ୍ନ ୧୨ଟାରୁ ଦର୍ଶନ

**ସ୍ୱତନ୍ତ୍ର ଦର୍ଶନ ଲାଗି ୩୫୦୦ ଟିକଟ**

ପୁରୀ,୧୨।୨(ସମିସ): ଶୁକ୍ରବାର ପବିତ୍ର ପଙ୍କୋଦ୍ଧାର ଏକାଦଶୀ। ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିର ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ବର୍ଷକରେ ଏହି ଗୋଟିଏ ଦିନ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିବାର ସୁଯୋଗ ମିଳୁଥିବାରୁ ପଙ୍କୋଦ୍ଧାର ଏକାଦଶୀକୁ ଭକ୍ତ ଅପେକ୍ଷା କରିଥା'ନ୍ତି। ଏହିଦିନ ଗମ୍ଭୀରା ଭିତରକୁ ଯାଇ ଦର୍ଶନ ହେଉଥିବାରୁ ଭକ୍ତଙ୍କ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳାର ସହ ଦର୍ଶନ କରିପାରିବେ ସେ ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ ବୋଲି ନୀତିକାନ୍ତି ଚୂଡ଼ାନ୍ତ ହୋଇଛି।

ପଙ୍କୋଦ୍ଧାର ଏକାଦଶୀ ପାଇଁ ପୂର୍ବରାତି ୧୨ଟା ୩୦ରେ ପହୁଡ଼ ଦ୍ୱାର ଖୋଲିବ। ଏହାପରେ ମଙ୍ଗଳ ଆଳତି, ଅବକାଶ ନୀତି ହେବ। ଭୋର୍ ୪ଟା ମଧ୍ୟରେ ମଧ୍ୟାହ୍ନ ଧୂପ ସାରିବାକୁ ସ୍ଥିର କରାଯାଇଛି। ଭୋର୍ ୪ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା ସର୍ବସାଧାରଣ ଦର୍ଶନ ଓ ରାତ୍ର ୧୦ଟାରୁ ରାତ୍ର ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡ଼ସିଂହାର ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପଙ୍କୋଦ୍ଧାର ଏକାଦଶୀରେ ୩,୫୦୦ ସ୍ୱତନ୍ତ୍ର ଦର୍ଶନ ଟିକଟ କରାଯାଇଛି। ପ୍ରତ୍ୟେକ ଟିକଟର ଦାମ୍ ୧୦୦ ଟଙ୍କା ରହିଛି। ଦର୍ଶନ ଟିକଟଧାରୀ ରୋଷଘର ପଛପାଖ୍ୱର୍ ଦେଇ ଗମ୍ଭୀରାକୁ ଦର୍ଶନ ପାଇଁ ଯିବେ। ଦର୍ଶନ ସାରି ବଉଳଗଛ ଦ୍ୱାର ଦେଇ ବାହାରିବେ। ସେବାୟତ ପରିବାର ସଦସ୍ୟ ରୋଷଘର ଗେଟ୍ ଦେଇ ବୃଷଭ ବଖରାରେ ପ୍ରବେଶ କରି ଗମ୍ଭୀରାରେ ଦର୍ଶନ କରିବେ। ଦର୍ଶନ ପରେ ବଉଳ ଗଛ ଦେଇ ବାହାରକୁ ବାହାରିବେ। ସେହିପରି ସର୍ବସାଧାରଣ ଭକ୍ତ ସିଂହଦ୍ୱାର ଦେଇ ଲକ୍ଷ୍ମୀଙ୍କ ଦ୍ୱାରରେ ପ୍ରବେଶ କରି ଗମ୍ଭୀରାରେ ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରି ବଉଳ ଗଛ ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ବ୍ୟବସ୍ଥା ହୋଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ପଙ୍କୋଦ୍ଧାର ଏକାଦଶୀ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

## ଜଗିବେ ୭ ପ୍ଲାଟୁନ ଫୋର୍ସ

ପୁରୀ,୧୨।୨(ସମିସ): ଶୁକ୍ରବାର ପଙ୍କୋଦ୍ଧାର ଏକାଦଶୀ। ଶ୍ରୀଲୋକନାଥଙ୍କ ପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ଏହାକୁ ନଜରରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେ ନେଇ ପୁଲିସ ବ୍ୟାପକ ବ୍ୟବସ୍ଥା କରିଥିବାବେଳେ ବ୍ୟାରିକେଡ୍ ମଧ୍ୟ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ମୋଟ୍ ୭ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ତାଙ୍କ ସୂଚନା ଅନୁଯାୟୀ, ଜଣେ ଆଡିସ୍‌ନାଲ ଏସ୍‌ପି, ୭ ଜଣ ଡିଏସ୍‌ପି, ୧୬ ଜଣ ଇନ୍ସପେକ୍ଟର, ୪୧ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୭୨ ଜଣ ହାବିଲ୍‌ଦାର, କନେଷ୍ଟବଳ ଓ ଟ୍ରାଫିକ୍ କନେଷ୍ଟବଳ, ୮୨ ଜଣ ହୋମ୍‌ଗାର୍ଡ ନିୟୋଜିତ ହେବେ। ମନ୍ଦିର ଭିତର ଓ ବାହାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ନିୟୋଜିତ ପୁଲିସ ଫୋର୍ସ ଏବଂ ଭକ୍ତଙ୍କ ପ୍ରବେଶ ଓ ପ୍ରସ୍ଥାନ ସ୍ଥାନ ସମେତ ବ୍ୟାରିକେଡ୍ ଭିତରେ, ଗହଳି ଜାଗା ଏବଂ ମନ୍ଦିର ଚତୁଃପାର୍ଶ୍ୱରେ ରହି ଶୃଙ୍ଖଳିତ ଦର୍ଶନକୁ ସୁନିଶ୍ଚିତ କରିବେ। ଏ ନେଇ ଗୁରୁବାର ଏସ୍‌ପି ଶ୍ରୀ ସିଂ ନିୟୋଜିତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ବ୍ରିଫିଂ କରିଛନ୍ତି।



### ଘରୋଇ ବସ୍ ମାଲିକ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ

## ପୁନର୍ବାର ଲୋକନାଥ ସଭାପତି, ଦେବେନ୍ଦ୍ର ସମ୍ପାଦକ

ପୁରୀ,୧୨।୨(ସମିସ): ଟାଉନ ହଲ୍ ପରିସରରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ବୈଠକରେ ଯାତ୍ରୀ ସୁରକ୍ଷା, ଭଡ଼ା ନିର୍ଦ୍ଧାରଣ, ଦୁର୍ଘଟଣା ନିୟନ୍ତ୍ରଣ ଏବଂ ଘରୋଇ ବସ୍ ମାଲିକ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନେକ ଗ୍ରାମାଞ୍ଚଳରେ ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ ଗାଡ଼ି ଚଳାଚଳରେ ବହୁ ସମସ୍ୟା ସୃଷ୍ଟି ହେଉଥିବା ନେଇ ପରିବହନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ବସ୍‌ଷ୍ଟାଣ୍ଡ ନିକଟରେ ଏବଂ ବିଭିନ୍ନ ଢାବାରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ଘରୋଇ ବସ୍ ମାଲିକ ସଂଘ ଦାବି କରିଛି। ଏହାଦ୍ୱାରା ମଦ୍ୟପାନଜନିତ ଦୁର୍ଘଟଣା ହ୍ରାସ ପାଇବ। ରାଜ୍ୟରେ ବସ୍‌ଗୁଡ଼ିକ ପାଇଁ ଆବଶ୍ୟକ ହେଉଥିବା ଫିଟ୍‌ନେସ ବିଭିନ୍ନ ଜିଲ୍ଲାରେ କରିବାର ବ୍ୟବସ୍ଥା ନ ଥିବାରୁ ବସ୍ ମାଲିକମାନେ ବହୁ ହଇରାଣ ହେଉଥିବା ବୈଠକରେ ଆଲୋଚନା ହୋଇଥିଲା। ଏହି ସମସ୍ୟାର ସମାଧାନ ଶୀଘ୍ର କରିବାକୁ ବସ୍ ମାଲିକ ସଂଘ ଦାବି କରିଛି। ସେହିପରି ରାସ୍ତାରେ ଦୁର୍ଘଟଣା ରୋକିବା ପାଇଁ ରାସ୍ତାରେ ବାଲି ପକାଉଥିବା ବ୍ୟକ୍ତିଙ୍କ ବିରୋଧରେ ଏବଂ ରାସ୍ତା ମଝିରେ ବେଆଇନ କଟ୍ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିଛି। ଏହି ଦୁଇଦିନିଆ ସମ୍ମିଳନୀର ଗୁରୁବାର ଉଦ୍‌ଯାପନୀ ଦିବସରେ ନୂତନ କର୍ମକର୍ତ୍ତା ନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ସଂଘର ନେତୃତ୍ୱ ମନୋନୟନ କରାଯାଇଛି। ସଭାପତି ଭାବେ ପୁନର୍ବାର ଲୋକନାଥ ପାଣି, ସମ୍ପାଦକ ଭାବେ ଦେବେନ୍ଦ୍ର ସାହୁ ଓ କୋଷାଧ୍ୟକ୍ଷ ଭାବେ ବରଦା ପ୍ରସନ୍ନ ଆଚାର୍ଯ୍ୟ ନେତୃତ୍ୱ ନେଇଛନ୍ତି।

## ଏସ୍‌ସିଏସ୍‌ରେ ସେଫର ଇଣ୍ଟରନେଟ୍ ଡେ' ପାଳିତ

ପୁରୀ,୧୨।୨(ସମିସ): ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ସେଫର ଇଣ୍ଟରନେଟ୍ ଡେ' (ଏସ୍‌ଆଇଡି) ପାଳିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ଥିଲା 'ସ୍ମାର୍ଟ ଟେକ୍, ସେଫ୍ ଚଏସ୍: ଏଆଇର ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର'। କାର୍ଯ୍ୟକ୍ରମ ଆରମ୍ଭରେ ବାଣିଜ୍ୟ ବିଭାଗର ସହାୟକ ଅଧ୍ୟାପକ ଡ. ମହେନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଅଧ୍ୟକ୍ଷ ପ୍ରଫେସର ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଡିଜିଟାଲ୍ ସାକ୍ଷରତା ଓ ଦାୟିତ୍ୱପୂର୍ଣ୍ଣ ପ୍ରଯୁକ୍ତି ବିଦ୍ୟାର ବ୍ୟବହାରର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ବିଭିନ୍ନ ବିଶେଷଜ୍ଞ ଭାବେ ବିଶ୍ୱନାଥ ପଣ୍ଡା, ସଂଯୁକ୍ତ ନିର୍ଦ୍ଦେଶକ (ଆଇଟି), ଏନ୍‌ଆଇସି ପୁରୀ ଏସ୍‌ଆଇଡିର ଗୁରୁତ୍ୱକୁ ଉଲ୍ଲେଖ କରିଥିବାବେଳେ ନାରାୟଣ ଚନ୍ଦ୍ର ମହାନ୍ତି, ପ୍ରୋଗ୍ରାମର (ଏମ୍‌ଆଇଏସ୍), ସମଗ୍ର ଶିକ୍ଷା ଅଭିଯାନ ପୁରୀ ସାଇବର୍ ହାଇଜିନ୍ ପ୍ରାକ୍ଟିସେସ୍ ବିଷୟରେ ଉପସ୍ଥାପନା କରିଥିଲେ। ସେହିପରି ଦୁର୍ଗା ପ୍ରସାଦ ଜେନା, ଉପନିର୍ଦ୍ଦେଶକ (ଆଇଟି) ଏନ୍‌ଆଇସି ପୁରୀ ସାଧାରଣ ସାଇବର୍ ଝୁମ୍ପ ବିଷୟରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନେ ଆଇଏସ୍‌ଇଏ ସାଇବର ହାଇଜିନ୍ ମୋବାଇଲ ଆପ୍ଲିକେସନ ଡାଉନ୍‌ଲୋଡ୍ କରିବା ପ୍ରକ୍ରିୟା ଶିଖିଥିଲେ। ଏହାସହିତ ଅନ୍‌ଲାଇନ୍ କୁଇଜ୍ ଓ ପ୍ଲେଜ୍ ସହିତ ସାର୍ଟିଫିକେସନ୍‌ରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡ. ସଙ୍ଗୀତା ମିଶ୍ର, ଇତିହାସ ବିଭାଗର ସହାୟକ ଅଧ୍ୟାପକ ଧନ୍ୟବାଦ ଜଣାଇଥିଲେ।

## ପୁରୀରେ ବୁଲିଲା ଖଣ୍ଡା: ଦୁଇ ଯୁବକଙ୍କୁ ଖଣ୍ଡା ଚୋଟ, ଜଣେ ଗୁରୁତର



ପୁରୀ,୧୨।୨(ସମିସ): ଗୋଟିଏପଟେ ପୁରୀ ସହରକୁ ଅପରାଧମୁକ୍ତ କରିବା ଲାଗି ପୁଲିସ ଅପରେସନ ଚକ୍ର ଚଳାଇଛି। ଏହି ଅଭିଯାନରେ ପୁଲିସ ବହୁ ଅପରାଧୀଙ୍କୁ କାବୁ କରିଥିବାବେଳେ ବେଆଇନ ନିଶା କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ କିନ୍ତୁ ଅନେକ ଭୟ କରୁନାହାନ୍ତି। ଫଳରେ ନିକଟରେ ପୁରୀ ସହରରେ ଏକାଧିକ ବଡ଼ ବଡ଼ ଅପରାଧ ଘଟିଗଲାଣି। ସ୍ୱର୍ଗଦ୍ୱାର ନିକଟରେ ସାମାନ୍ୟ କଥାକୁ ନେଇ ଶବଦାହ ପାଇଁ ଆସିଥିବା ଯୁବକଙ୍କ ବେକ କାଟି ହତ୍ୟା କରିବାର କିଛିଦିନ ପରେ ଏସ୍‌ସିଏସ୍ କଲେଜ ନିକଟରେ ହୋଟେଲରେ କାମ କରୁଥିବା ଜଣେ ଯୁବକଙ୍କୁ ମଧ୍ୟ ଛୁରୀ ଭୁସି ହତ୍ୟା କରାଯାଇଥିଲା। ଏହି ଘଟଣା ସହରବାସୀଙ୍କ ମନରୁ ନ ଲିଭୁଣୁ ପୁଣି ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଅପରାଧୀ। ଗୁରୁବାର ସନ୍ଧ୍ୟାରେ ଜନଗହଳିପୂର୍ଣ୍ଣ ମାଟିଆପଡ଼ା ଛକ ନିକଟ ଏକ ଗଳି ଭିତରେ ବୁଲିଛି ଖଣ୍ଡା। କୌଣସି ଏକ କଥାକୁ କେନ୍ଦ୍ରକରି ଦୁଇଜଣ ଯୁବକଙ୍କୁ ଖଣ୍ଡାରେ ହାଣି ଆତଙ୍କ ସୃଷ୍ଟି କରିଛନ୍ତି ଦୁର୍ବୃତ୍ତ। ଖଣ୍ଡା ଚୋଟରେ ଜଣେ ଯୁବକ ଗୁରୁତର ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଦୁଇ ଯୁବକ ହେଉଛନ୍ତି ରାକେଶ ବାରିକ ଓ ରଣଜିତ୍ ଗୋଛାୟତ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାକେଶଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ରାକେଶଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି ରଣଜିତ୍‌ଙ୍କ ପିଠି ଓ କାନ୍ଧରେ ଆଘାତ ଲାଗିଥିବାବେଳେ ତାଙ୍କର ପୁରୀ ହସ୍ପିଟାଲରେ ଚିକିତ୍ସା ଚାଲିଛି। ଖବର ପାଇ କୁମ୍ଭାରପଡ଼ା ପୁଲିସ ଘଟଣାସ୍ଥଳରେ ଓ ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପୁଲିସ ଜଣେ ଯୁବକଙ୍କୁ ଥାନାକୁ ଧରି ନେଇଥିବା ଜଣାପଡ଼ିଛି।

ରାକେଶ ଓ ରଣଜିତ୍ ସନ୍ଧ୍ୟା ସମୟରେ ମାଟିଆପଡ଼ା ଛକ ନିକଟ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀଠାରେ ବସିଥିଲେ। ଷ୍ଟେସନ ବଜାର ନିକଟ ବାଲି ଉପର ବସ୍ତିର ଯୁବକଙ୍କ ସହ ଉଭୟଙ୍କ ମଧ୍ୟରେ ସେଠାରେ କୌଣସି କାରଣକୁ ନେଇ ପ୍ରଥମେ କଥା କଟାକଟି ହୋଇଥିଲା। ପରେ ରାକେଶ ଓ ରଣଜିତ୍‌ଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ ଦୁର୍ବୃତ୍ତ। ତେବେ ନିଶାକୁ ନେଇ ଗଣ୍ଡଗୋଳ ଲାଗିବା ଏବଂ ପରବର୍ତ୍ତୀ ସମୟରେ ଏଭଳି ଖଣ୍ଡାରେ ଆକ୍ରମଣ କରାଯାଇଥିବା ଶୁଣିବାକୁ ମିଳୁଛି। ଏ ନେଇ କୁମ୍ଭାରପଡ଼ା ପୁଲିସ ଅଟକ ଯୁବକଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି।

## ହଜି ଯାଇଥିବା ୫୨ ହଜାର ଟଙ୍କା ଫେରିପାଇଲେ ଭକ୍ତ

ପୁରୀ,୧୨।୨(ସମିସ): ଶ୍ରୀମନ୍ଦିର ଭିତରେ ବିଭିନ୍ନ ସମୟରେ ଭକ୍ତଙ୍କ ମୂଲ୍ୟବାନ ସାମଗ୍ରୀ ହଜିଯାଉବା ବେଳେ ଲୁଟ୍‌ର ଶିକାର ମଧ୍ୟ ହେଉଛନ୍ତି। ପୁଲିସର ତ୍ୱରିତ ପଦକ୍ଷେପ ଫଳରେ ବହୁ ଭକ୍ତ ସେମାନଙ୍କ ଜିନିଷ ଫେରି ପାଉଛନ୍ତି। ଗୁରୁବାର ପୁଲିସର ତ୍ୱରିତ ପଦକ୍ଷେପ ଯୋଗୁଁ ଜଣେ ମହିଳା ଶ୍ରଦ୍ଧାଳୁ ହଜିଯାଇଥିବା ତାଙ୍କର ୫୨ ହଜାର ଟଙ୍କା ସମେତ ମୂଲ୍ୟବାନ କାକଗଜପତ୍ର ଫେରି ପାଇଛନ୍ତି। ଅଭିଯୋଗ ଅନୁଯାୟୀ, ରାଜସ୍ଥାନ ବୀଣା ଶର୍ମା (୩୯) ତାଙ୍କ ସମ୍ପର୍କୀୟମାନଙ୍କ ସହିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସି ତାଙ୍କ ଭ୍ୟାନିଟି ବ୍ୟାଗ୍ ହଜେଇ ଦେଇଥିଲେ। ଖୋଜି ନ ପାଇବା ପରେ ସିଂହଦ୍ୱାର ଥାନା ଏବଂ ପୁଲିସ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ। ସିଂହଦ୍ୱାର ଆଇଆଇସି ଶ୍ୱେତପଦ୍ମା ଦାଶ ସଙ୍ଗେ ସଙ୍ଗେ ସିଭିଲ୍ ଷ୍ଟାଫ୍‌ଙ୍କୁ ତଦନ୍ତ ଓ ଖୋଜାଖୋଜି ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୁଲିସ କର୍ମଚାରୀମାନେ ମନ୍ଦିର ଭିତରେ ବ୍ୟାଗ୍‌କୁ ଠାବ କରିଥିଲେ। ଏହି ବ୍ୟାଗ୍‌ରେ ନଗଦ ୫୨ହଜାର ଟଙ୍କା ସହ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଥିବା ଜଣାପଡ଼ିଥିଲା। ସମ୍ପୂର୍ଣ୍ଣ ପରିଚୟ ଯାଞ୍ଚ ପରେ ବ୍ୟାଗ୍‌ଟିକୁ ବୀଣା ଶର୍ମାଙ୍କୁ ଫେରାଇ ଦିଆଯାଇଥିଲା। ସେ ତାଙ୍କର ଟଙ୍କା ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପାଇପାରିଥିବାରୁ ବୀଣା ପୁରୀ ପୁଲିସକୁ କୃତଜ୍ଞତା ଜଣାଇଥିଲେ।

### ପୁରୀରେ ଭାରତ ବନ୍ଦ

## ଗଡ଼ିଲାନି ବସ୍, ଟ୍ରକ୍; ଦୁଇଚକିଆ ସ୍ୱାଭାବିକ





- ଦୋକାନ ବଜାର ଅଧା ବନ୍ଦ, ଶିକ୍ଷାନୁଷ୍ଠାନ ଖୋଲା
- ବସ୍‌ଷ୍ଟାଣ୍ଡ, ଷ୍ଟେସନ ସମ୍ମୁଖରେ ଆନ୍ଦୋଳନକାରୀଙ୍କ ପିକେଟିଂ

ପୁରୀ,୧୨।୨(ସମିସ): ଶ୍ରମ ସଂହିତା ରଦ୍ଦ ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ମିଳିତ ମଞ୍ଚର ଦେଶବ୍ୟାପୀ ଧର୍ମଘଟ। ନୂଆ ଶ୍ରମ କୋଡ୍ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତାତିଛନ୍ତି ବିଭିନ୍ନ ଶ୍ରମିକ ସଂଗଠନ। ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ବନ୍ଦ ଡକରା ଦେଇଛନ୍ତି। ଏଥିସହ ଓଡ଼ିଶାରେ ଚାଲିଥିବା ବିଜୁଳି ବିଲ୍, କଟ୍‌ନୀଛଟ୍‌ନୀ ଓ ମନରେଗାକୁ ପ୍ରସଙ୍ଗ କରି ବନ୍ଦ ଡକରା ଦେଇଛନ୍ତି ବିଭିନ୍ନ ସଂଗଠନ। କଂଗ୍ରେସ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଛି। ତେବେ ୧୨ ଘଣ୍ଟିଆ ଭାରତ ବନ୍ଦର ପ୍ରଭାବ ପୁରୀରେ ପରିଲକ୍ଷିତ ହୋଇଛି। ଦୁଇଚକିଆ ଗାଡ଼ି ଚଳାଚଳ ସ୍ୱାଭାବିକ ରହିଥିବାବେଳେ ବସ୍, ଟ୍ରକ୍ ଆଦି ଚାରିଚକିଆ ଗାଡ଼ି ସେମିତି ଚଳାଚଳ କରୁ ନ ଥିଲା। କିନ୍ତୁ କାଁ ଭାଁ କାର୍ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ଗଳିକନ୍ଦି ଦୋକାନ ବଜାର ସ୍ୱାଭାବିକ ଥିବାବେଳେ ବଡ଼ଦାଣ୍ଡରେ ବଡ଼ ବଡ଼ ଦୋକାନ ବନ୍ଦ ରହିଥିଲା। ବସ୍‌ଷ୍ଟାଣ୍ଡ ଏବଂ ଷ୍ଟେସନ ସମ୍ମୁଖରେ ବିକ୍ଷୋଭ ଯୋଗୁଁ ଚଳାଚଳ ପ୍ରଭାବିତ ହୋଇଥିଲା।

ପୁରୀରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ଏଆଇଟିୟୁସି, ସିଟୁ ପ୍ରଭୃତି ସଂଗଠନଗୁଡ଼ିକ ଏହି ବନ୍ଦ ଡକରାରେ ସାମିଲ୍ ହୋଇଥିବାବେଳେ ଜିଲ୍ଲା କଂଗ୍ରେସ ମଧ୍ୟ ଭାରତ ବନ୍ଦକୁ ସମର୍ଥନ ଦେଇଥିଲା। ଟ୍ରେଡ୍ ୟୁନିୟନଗୁଡ଼ିକର ଆଞ୍ଚଳିକ ଶାଖାର କର୍ମକର୍ତ୍ତାମାନେ ଏହି ଧର୍ମଘଟରେ ସାମିଲ୍ ହୋଇ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ମୋଦି ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମ ସଂହିତା ପ୍ରତ୍ୟାହାର, ବିହନ ବିଲ୍ ଓ ବିଦ୍ୟୁତ୍ ବିଲ୍-୨୦୨୫ ବାତିଲ୍, ଚାଷୀ ଫସଲର ଏମ୍‌ଏସ୍‌ପି ଗ୍ୟାରେଣ୍ଟି, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଂଶ ଧନକୁ କର୍ପୋରେଟ୍ ହାତକୁ ନ ଦେବା, ଦରଦାମ୍ ନିୟନ୍ତ୍ରଣ, ମନରେଗା ଆଇନ ପୁନଃ ସଂସ୍ଥାପନ, ମାସିକ ମଜୁରି ୨୬ ହଜାର ଟଙ୍କା, ସ୍କିମ୍ ୱାର୍କରଙ୍କୁ ଶ୍ରମିକ ମାନ୍ୟତା, ଠିକା ପ୍ରଥା ଲୋପ୍, ବେକାରୀ ନିଯୁକ୍ତି, ଆମେରିକା ସହ ବାଣିଜ୍ୟିକ ଚୁକ୍ତି ବାତିଲ୍ ଆଦି ଦାବିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ କୃଷକ ସଂଗଠନ ପକ୍ଷରୁ ଏହି ଭାରତ ବନ୍ଦ ଡକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ସକାଳୁ ବିକ୍ଷୋଭକାରୀମାନେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଏକାଠି ହୋଇଥିଲେ। ସେହିଠାରୁ ଶୋଭାଯାତ୍ରା ବାହାରି ବଡ଼ଦାଣ୍ଡ ଦେଇ କଚେରି ଛକରେ ରାସ୍ତାରୋକ କରିଥିଲେ। ସରକାରୀ କର୍ମଚାରୀମାନେ ଅଫିସକୁ ଆସିଥିଲେ ମଧ୍ୟ ଜନସାଧାରଣଙ୍କ ଉପସ୍ଥିତି ଦେଖିବାକୁ ମିଳି ନ ଥିଲା। ପରେ ଆନ୍ଦୋଳନକାରୀ ଗୋଟିକ ପରେ ଗୋଟିଏ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ଏଥିରେ ସିଟୁ ଜିଲ୍ଲା ସାମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ଏଆଇଟିୟୁସିର ବ୍ରଜବନ୍ଧୁ ପ୍ରଧାନ, ହରିହର ସେନାପତି, ପ୍ରଦିପ୍ତ ମହାନ୍ତି, ଏଆଇଏଫ୍‌ଟିୟୁର ମୋହନ ନାଇଡୁ ଓ ସୁରେନ୍ଦ୍ର ଜେନା, ମନୋରଞ୍ଜନ ମହାରଣା, ସୁଜାତା ବିଶ୍ୱାସ, ଟୁନା ନାୟକ, ପ୍ରମୋଦ ଜେନା, କାମିନୀ ନାୟକ, ଜ୍ୟୋତ୍ସ୍ନା ସୁବୁଦ୍ଧି, କୃପାସିନ୍ଧୁ ପଣ୍ଡା, ଦାଶରଥି ସାହୁ, ବିଭୂତି ରାଉତରାୟ, ଦେବ ସାହୁ, ଲୋକନାଥ ନାୟକ, ସୁନିଲ ମହାରଣା, ମନୋଜ ବାରିକ ଯୋଗଦେଇ ମୋଦି ସରକାରର ଜନ ବିରୋଧୀ ଶ୍ରମିକ ବିରୋଧୀ ନୀତି ପ୍ରତ୍ୟାହାର ପାଇଁ ଦାବି କରିଥିଲେ।

ସେହିପରି ସିଆଇଟିଇ ସହବନ୍ଧିତ ଇଷ୍ଟକୋଷ୍ଟ ରେଲ୍‌ୱେ କଣ୍ଟ୍ରାକ୍ଟର ଶ୍ରମିକ ୟୁନିୟନ, ନୀଳକଣ୍ଠେଶ୍ୱର ଅଟୋ ଚାଳକ ସଂଘ, ପୁରୀ ରେଳ ଷ୍ଟେସନ ରିକ୍ସା ଚାଳକ ସଂଘ ତରଫରୁ ମିଳିତ ଭାବେ ଶତାଧିକ ଶ୍ରମିକ ସିଟିଟିୟୁ ଜିଲ୍ଲା ସଭାପତି ଆଡ୍‌ଭୋକେଟ୍ ଶ୍ରୀକାନ୍ତ ପରିଜାଙ୍କ ନେତୃତ୍ୱର ରେଳ ଷ୍ଟେସନ ଭିତରକୁ ପଶିବା ପାଇଁ ଉଦ୍ୟମ କରିଥିଲେ। ପୁରୀ ସଟଲ ପାସେଞ୍ଜର ଟ୍ରେନ୍‌କୁ ଅଟକାଇବା ନିମନ୍ତେ ଷ୍ଟେସନ ମଧ୍ୟକୁ ଯିବାକୁ ଉଦ୍ୟମ ବେଳେ ଆର୍‌ପିଏଫ୍ ଓ ଜିଆର୍‌ପି ଅଧିକାରୀ ସେମାନଙ୍କୁ ପ୍ରବେଶ କରାଇଦେଇ ନ ଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଶତାଧିକ ଶ୍ରମିକ ଷ୍ଟେସନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନୂତନ ଶ୍ରମ ଆଇନ୍ ପ୍ରତ୍ୟାହାର, ରେଲ୍‌ୱେ ଘରୋଇକରଣ ବନ୍ଦ କରିବା, ଅଟୋଚାଳକଙ୍କୁ ନିର୍ମାଣ ଶ୍ରମିକମାନଙ୍କ ଭଳି ସୁବିଧା ସୁଯୋଗ ପ୍ରଦାନ, ୬୦ ବର୍ଷ ପରେ ପେନ୍‌ସନ ବ୍ୟବସ୍ଥା, ୮ ଘଣ୍ଟା କାମକୁ ୧୨ ଘଣ୍ଟା କରିଥିବା ଆଇନ୍ ପ୍ରତ୍ୟାହାର, ରାତିରେ ମହିଳାମାନେ କାମ କରିବା ଆଇନ ପ୍ରତ୍ୟାହାର କରିବା ଆଦି ସ୍ଲୋଗାନମାନ ଦେଇଥିଲେ। ଏଥିରେ ୟୁନିୟନ୍ ସମ୍ପାଦକ ଦେବାଶିଷ ସାମଲ, ସୁଶାନ୍ତ ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ଦିପୁ ହାତୀ, ପ୍ରଭାକର ଜେନା, ପ୍ରଫୁଲ୍ଲ ମହାପାତ୍ର, ପ୍ରତାପ ମିଶ୍ର, ସୁବାସ ପ୍ରଧାନ, ଏ.ବିଶୁ ରେଡ୍ଡୀ, ସୁରେଶ ମଲ୍ଲିକ, ଅଲେଖ ସାହୁ ପ୍ରମୁଖ ସାମିଲ୍ ଥିଲେ। ପରେ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାରତ ବନ୍ଦ ଯୋଗୁଁ ବହୁ କାର୍ଯ୍ୟାଳୟ ଭିତରେ ଅଧିକାରୀମାନେ ଥିଲେ ବି ବାହାର ଫାଟକ ବନ୍ଦ ରହିଥିଲା। ତେବେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲା ରହିଥିଲାବେଳେ ଛାତ୍ରଛାତ୍ରୀମାନେ ସ୍ୱାଭାବିକ ଭାବେ ସ୍କୁଲ, କଲେଜ ଯିବାଆସିବା କରୁଥିଲେ। ବସ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ହଇରାଣ ହୋଇଥିଲେ।

## ଡ୍ରୋନ୍ ଉଡ଼ାଇବାକୁ ଚେଷ୍ଟା କରି ଯୁବକ ଗିରଫ

ପୁରୀ,୧୨।୨(ସମିସ): ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା। ବିଭିନ୍ନ ସମୟରେ ସେଲ୍ଫି ଓ ଫଟୋ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଥିବାବେଳେ ବାରମ୍ବାର ମନ୍ଦିର ଉପରେ ଉଡୁଛି ଡ୍ରୋନ୍। ଅନେକ ସମୟରେ ପୁଲିସ ଡ୍ରୋନ୍ ଜବତ କରୁଥିବାବେଳେ ଉଡ଼ାଣକାରୀଙ୍କୁ ମଧ୍ୟ କାବୁ କରୁଛି। ତଥାପି ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ଲାଗିପାରୁ ନାହିଁ। ଗୁରୁବାର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ ପାଇଁ ଚେଷ୍ଟା କରୁଥିବାବେଳେ ଜଣେ ଯୁବକଙ୍କୁ କାବୁ କରିଛି ପୁଲିସ। ସମ୍ପୃକ୍ତ ଯୁବକ ହେଉଛନ୍ତି କର୍ଣ୍ଣାଟକର ଅଭ୍ୟୁଦୟ ସିହ୍ନା (୨୫)। ସୂଚନା ଅନୁଯାୟୀ, ଅଭ୍ୟୁଦୟ ଡ୍ରୋନ୍ ଉଡ଼ାଇବାକୁ ଚେଷ୍ଟା କରୁଥିବା ନେଇ ଏସ୍‌ପି ପ୍ରତୀକ୍ ସିଂଙ୍କ ନିକଟରେ ଖବର ପହଞ୍ଚିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଓ ସିଂହଦ୍ୱାର ଥାନାର ସ୍ୱତନ୍ତ୍ର ଟିମ୍‌କୁ ଡ୍ରୋନ୍ ଉଡ଼ାଣକାରୀଙ୍କୁ ଧରିବା ପାଇଁ ନିୟୋଜିତ କରାଯାଇଥିଲା। ଏହି ଦୁଇଟି ଟିମ୍ ଡ୍ରୋନ୍ ଗତିବିଧିକୁ ଟ୍ରାକିଂ କରି ପିଛା କରିଥିଲେ। ଡ୍ରୋନ୍‌ଟି ଉତ୍ତର ଦ୍ୱାର ସମ୍ମୁଖ ପଣ୍ଡା ଗଳି ଅଞ୍ଚଳରେ ଥିବା ଠାବ କରାଯାଇଥିଲା। ସେଠାରେ ଚଢ଼ଉ କରି ଡ୍ରୋନ୍ ଚାଳକ ଅଭ୍ୟୁଦୟଙ୍କୁ ପୁଲିସ କାବୁ କରିଥିବାବେଳେ ତାଙ୍କ ନିକଟରୁ ଡ୍ରୋନ୍ ଜବତ କରାଯାଇଛି। ଶ୍ରୀମନ୍ଦିର ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଥିବାରୁ ଏଠାରେ ଡ୍ରୋନ୍ ଉଡ଼ାଣ ସମ୍ପୂର୍ଣ୍ଣ ନିଷିଦ୍ଧ ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହି ପ୍ରକାର ବେଆଇନ କାର୍ଯ୍ୟକଳାପ ଉପରେ ପୁଲିସ କଠୋର ନଜର ରଖିଛି। ଘଟଣା ସମ୍ପର୍କରେ ସିଂହଦ୍ୱାର ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।


**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE NINE MONTH ENDED 31ST DEC'2025**
(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Nine Month Ended | | Year Ended | Nine Month Ended | | Year Ended |
| | | 31.12.2025 | 31.12.2024 | 31.03.2025 | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 39.76 | 63.67 | 44.27 | 13,635.82 | 10,832.21 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (14.38) | 0.50 | (28.91) | 1,216.38 | (351.64) | (3,518.39) |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | (14.38) | 0.50 | (28.91) | 1,216.38 | (351.64) | (3,525.52) |
| 6 | Net Profit attributable to Non Controlling Interests | - | - | - | 583.59 | (211.33) | (1,791.41) |
| 7 | Net Profit attributable to Owners of the Company | - | - | - | 632.79 | (140.31) | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,532.26 | 26,576.05 | 26,546.64 | (8,776.47) | (7,819.01) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (1.00) | 0.03 | (2.00) | 44.59 | (9.89) | (121.71) |
| | (ii) Diluted | (1.00) | 0.03 | (2.00) | 44.59 | (9.89) | (121.71) |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 12th February' 2026

Sd/-
(A.K.Bagchi)
Managing Director-EIL

# ବାବା ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା ଆଉ ୩ ଦିନ

# ୨୦ ପ୍ଲାଟୁନ ଫୋର୍ସ ମୁତୟନ

ଭଦ୍ରକ/ଆରଡ଼ି,୧୨।୨(ସମିସ)



ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ଆଉ ୩ ଦିନ ରହିଲା। ଏହି ଜାଗର ଯାତ୍ରାରେ ବାବାଙ୍କ ଦର୍ଶନ ସହ ଦୀପ ଜାଳିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏଥିପାଇଁ ପୀଠରେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ସହ ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ସ୍ଥିତି ପରଖିଛନ୍ତି। ପବିତ୍ର ଜାଗର ଯାତ୍ରା ଦିନ ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୀଠରେ ୪ଜଣ ମାଜିଷ୍ଟ୍ରେଟ୍‌ଙ୍କ ସହ ଏସ୍‌ପି ଶ୍ରୀ ରାଉତ, ୩ଜଣ ଏଏସ୍‌ପି, ୪ଜଣ ଡିଏସ୍‌ପି, ୧୫ଜଣ ଇନ୍ସପେକ୍ଟର, ୨୦ ପ୍ଲାଟୁନ୍ ଫୋର୍ସ ଓ ଟ୍ରାଫିକ୍ ପୁଲିସ ନିୟୋଜିତ ରହିବେ। ପୀଠକୁ ଆସୁଥିବା ସମସ୍ତ

■ ୪ ଜଣ ମାଜିଷ୍ଟ୍ରେଟ୍‌ଙ୍କ ସହ ଜଣେ ଏସ୍‌ପି, ୩ ଏଏସ୍‌ପି ନିୟୋଜିତ

■ ଟ୍ରାଫିକ୍ ବ୍ୟବସ୍ଥାରେ ହେବ କଡ଼ାକଡ଼ି

ଛୋଟବଡ଼ ଗାଡ଼ି ପାନ୍ଥନିବାସ ନିକଟରେ ପାର୍କିଂ କରିବା ପାଇଁ ସ୍ଥିର କରାଯାଇଛି। ସେହିପରି ଭଦ୍ରକଠାରୁ ଆରଡ଼ି ପର୍ଯ୍ୟନ୍ତ ଟ୍ରାଫିକ୍ ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଜଳପଥ ଓ ସ୍ଥଳପଥରେ ତିନିଥାକିଆ ସୁରକ୍ଷା ବ୍ୟବସ୍ଥା କରାଯିବ। ବିଶେଷକରି ଭକ୍ତମାନଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଉଚ୍ଚ ପଦାଧିକାରୀ ବ୍ୟାପକ ପୁଲିସ ଫୋର୍ସ ମୁତୟନ ରହିବେ। ଭିଡ଼କୁ ଦୃଷ୍ଟିରେ ରଖି ମେଡିକାଲ ଛକଠାରୁ ଶିବ ପ୍ଲାଜା ଯାଏଁ ସିସିଟିଭି କ୍ୟାମେରା ଲଗାଯିବା ସହ ଡ୍ରୋନ୍ ଦ୍ୱାରା ଅସାମାଜିକ ବ୍ୟକ୍ତିମାନଙ୍କ ପ୍ରତି ନଜର ରଖାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଲକ୍ଷାଧିକ ଭକ୍ତମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପୀଠରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ, ପରିମଳ ଆଦି ଯେଉଁ ପ୍ରସ୍ତୁତି ହୋଇଥିଲା। ତାହା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଯାତାୟାତ ନିମନ୍ତେ ରାସ୍ତା ମରାମତି ହେଉ ନ ଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ସାମ୍ବାଦିକା ପ୍ରମୋଦିନୀ ପାଢ଼ୀ ସମ୍ବର୍ଦ୍ଧିତ



ଭଦ୍ରକ,୧୨।୨(ସମିସ): ଯୁବ ସାମ୍ବାଦିକା ତଥା ଭିଜୁଆଲ ଏଡିଟର ପ୍ରମୋଦିନୀ ପାଢ଼ୀଙ୍କୁ ଉଲ୍ଲେଖନୀୟ ଅବଦାନ ଲାଗି ୧୫ତମ ରାଜ୍ୟସ୍ତରୀୟ ମାତୃଶକ୍ତି ମହୋତ୍ସବରେ ସମ୍ବାଦ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ମାତୃଶକ୍ତି ଫାଉଣ୍ଡେସନର ପ୍ରତିଷ୍ଠାତା ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭାପତି ରାଜଲକ୍ଷ୍ମୀ ମହାପାତ୍ର, ଉଦ୍‌ଘାଟକ ମୁଖ୍ୟଅତିଥି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଶିଶୁ ସାହିତ୍ୟିକ ଇଂ. ଅଭୟ ସୂତାର, ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ ଅତିଥିଭାବେ ଯୋଗଦେଇ ପ୍ରମୋଦିନୀ ପାଢ଼ୀଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ, ସମ୍ବର୍ଦ୍ଧନା ପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସହାୟତା



ଦୋଳସାହି,୧୨।୨(ସମିସ): ସାରା ରାଜ୍ୟରେ ସରକାରଙ୍କ ତରଫରୁ ସମସ୍ତ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ୨୦୨୫-୨୬ ଆର୍ଥିକ ବର୍ଷରେ ପାଠ ପଢ଼ିବା ପାଇଁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ସମସ୍ତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ ଗତ କିଛିଦିନ ତଳେ କରାଯାଇଥିବା ଜଣାପଡ଼ିଛି। ସେହିପରି ତିହିଡ଼ି ଗୋଷ୍ଠୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ସମସ୍ତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ୯ ଲକ୍ଷ ୭୬ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

## ପୋଡ଼ାପାଟଣା ବିଦ୍ୟାଳୟର ବାର୍ଷିକ ଉତ୍ସବ



ବନ୍ତ/ଆଗରପଡ଼ା,୧୨।୨(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୋଡ଼ାପାଟଣାର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅମୂଲ୍ୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଭାଗିରଥି ପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଶୁଭେନ୍ଦ୍ର ମିଶ୍ର ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ତଥା ସମ୍ମାନିତ ପ୍ରତିଭା ଭାବେ ହାଇଦରାବାଦ ବିଶ୍ୱବିଦ୍ୟାଳୟ ପ୍ରଫେସର ଯଯାତୀ କେଶରୀ ପରିଡ଼ା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବାରିକ, କେନ୍ଦୁଆପଦା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ଶିକ୍ଷାବିତ୍ ସୁବାସ ଦାସ, ତାରାପୁର କ୍ଲଷ୍ଟର ସିଆର୍‌ସିସି ଜଗନ୍ନାଥ ଖୁଣ୍ଟିଆ, ଟିଲୋ କ୍ଲଷ୍ଟର ସିଆର୍‌ସିସି ଅଶୋକ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହେମନ୍ତ ବାରିକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସୁଧୀର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ଅମୂଲ୍ୟ ଦାସ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା, ଅଭିଭାବକ, ଗ୍ରାମବାସୀ ଓ ପୁରାତନ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ



ଭଣ୍ଡାରିପୋଖରୀ,୧୨।୨(ସମିସ): ବାରିକପୁର ନିକଟସ୍ଥ ବରପଦୀରେ ଶ୍ରୀଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ ଓ ଯଜ୍ଞ ପୁରୋହିତ ବ୍ରଜ କିଶୋର ପଣ୍ଡାଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ମଧୁସୂଦନ ନାୟକ ଓ ମାନସୀ ନାୟକ ସଂକଳ୍ପ କରିଥିଲେ। ପଣ୍ଡିତ ଦୈତାରୀ ମହାପାତ୍ର, ଗୟାଧର ସାମଲ, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ, ପୁରୁଷୋତ୍ତମ ଧଳ, ସନ୍ତୋଷ ସାହୁ, ମଦନ ପଣ୍ଡା, ଘନଶ୍ୟାମ ସ୍ୱାଇଁ, ଗଣେଶ ମହାନ୍ତି, ତରୁଣ ଦତ୍ତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭୁବନେଶ୍ୱର ଗୀତ ସମ୍ରାଟ ଦ୍ୱାରା ପରିବେଷଣ କରାଯାଇଥିଲା। କମିଟି ସଭାପତି ଶତ୍ରୁଘ୍ନ ରାଉତ, ସମ୍ପାଦକ ସୁଦର୍ଶନ ନାୟକ, ସଭ୍ୟ ପୁଷ୍ପାନ ଚନ୍ଦ୍ର ରାଉତ, କୈଳାସ ସ୍ୱାଇଁ, ଗୋବର୍ଦ୍ଧନ ଶଙ୍ଖୁଆ, ପ୍ରଦୀପ ରାଉତ, ନାରାୟଣ ବେହୁରିଆ, ଜଗବନ୍ଧୁ ରାଉତ, ସେବଲତା ରାଉତ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## 'ପିତାମାତାଙ୍କ ଋଣ ସୁଝିବା ସମ୍ଭବ ନୁହେଁ'



ବାରିକପୁର,୧୨।୨(ସମିସ): ଆସନ୍ତା ୧୪ ତାରିଖ ଦିନ ମାତାପିତା ପୂଜନ ଉତ୍ସବ ପାଳିତ ହେବ। ଏହା ପୂର୍ବରୁ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ପ୍ରାନ୍ତରେ ମାତାପିତାଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମେ ବିରୋଳୀ ସ୍କୁଲଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଗୁରୁବାର ଆଖୁଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମାତୃପିତୃ ପୂଜନ ଉତ୍ସବ ପାଳିତ ହୋଇଛି। ଏଥିରେ ଆୟୋଜକ ଶ୍ରୀଯୋଗବେଦାନ୍ତ ସେବା ସମିତି ସଦସ୍ୟ ତଥା ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା ଯୋଗଦେଇ ମାତାପିତାଙ୍କ ପୂଜା କଲେ ପିଲାମାନଙ୍କର ସର୍ବାଙ୍ଗୀଣ ଉନ୍ନତି ହୋଇଥାଏ ବୋଲି ମତବ୍ୟକ୍ତ କରି ସେମାନଙ୍କ ଋଣ ସୁଝିବା ସମ୍ଭବ ନୁହେଁ ବୋଲି କହିଥିଲେ। ତେଣୁ ଭଗବାନ ସଦୃଶ ମାଆ-ବାପାଙ୍କ ପାଇଁ ବର୍ଷର ଗୋଟିଏ ଦିନ ଫେବୃଆରୀ ୧୪କୁ ମାତୃପିତୃ ପୂଜନ ଉତ୍ସବ ଭାବେ ପାଳନ କରିବାକୁ ଶ୍ରୀ ଲେଙ୍କା ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାମାନେ ବୈଦିକ ରୀତିନୀତି ଅନୁଯାୟୀ, ମାଆ- ବାପାଙ୍କୁ ପୂଜା କରିଥିଲେ। ଗୁରୁବନ୍ଦନା ସହିତ ଧୂପ, ଦୀପ ସହିତ ପୁଷ୍ପ ନୈବେଦ୍ୟ ପ୍ରଦାନ ପୂର୍ବକ ପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଅଭିଭାବକ ଯୋଗଦେଇ ଯୋଗବେଦାନ୍ତ ସେବା ସମିତିର ଏତାଦୃଶ କାର୍ଯ୍ୟକୁ ସାଧୁବାଦ ଜଣାଇଥିବାବେଳେ ସାମ୍ପ୍ରତିକ ସମୟ ପାଇଁ ମାତାପିତା ପୂଜନ ଦିବସର ଆବଶ୍ୟକତା ଉପରେ ମତ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ଧନେଶ୍ୱର ସାହୁ, ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ନରେନ୍ଦ୍ର ସେଠୀ, ଲକ୍ଷ୍ମୀପ୍ରିୟା ଶତପଥୀ, ମଧୁସ୍ମିତା ପରିଡ଼ା, ଦୀପ୍ତିପ୍ରଭା ବେହୁରିଆ, ସୁଜାତା ପରିଡ଼ା, ଅମିତା ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା ସମ୍ବର୍ଦ୍ଧିତ



ଦୋଳସାହି,୧୨।୨(ସମିସ): କଟକରେ ଆୟୋଜିତ ହୋଇଥିବା ଅବକାରୀ ବିଭାଗ ପକ୍ଷରୁ ୫୧ତମ କ୍ରୀଡ଼ା ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଅବକାରୀ ବିଭାଗକୁ ରାଜ୍ୟର ୨ୟ ଶ୍ରେଷ୍ଠ ଦଳ ଭାବେ ବିବେଚିତ ହୋଇଥିଲା। ଏହି ଅବକାରୀ ବିଭାଗର ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କୁ ସମ୍ମାନିତ କରିବା ନେଇ ଗୁଆମାଳ ପଞ୍ଚାୟତରେ ହେଉଛି ଚର୍ଚ୍ଚା ଗୁଆମାଳର ଗୌରବ ଅମରେନ୍ଦ୍ର। ସୂଚନା ଅନୁସାରେ, ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ଝାଡ଼ପଟା ଗାଁର ସ୍ୱର୍ଗତ ବଂଶୀଧର ଜେନାଙ୍କ ପୁତ୍ର ତଥା ଗଞ୍ଜାମ ଜିଲ୍ଲା ଅବକାରୀ ଅଧିକାରୀ ରାଜ୍ୟର ବିଭିନ୍ନ ଜିଲ୍ଲାର ଅବକାରୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବା ସହ ନିଶା ନିବାରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଅମରେନ୍ଦ୍ର ଜେନାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ସମୟରେ ସମ୍ମାନିତ କରାଯାଇଛି। କଟକଠାରେ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ୫୧ତମ ଅବକାରୀ ରାଜ୍ୟ କ୍ରୀଡ଼ା ଉତ୍ସବ ପାଳନରେ ଗଞ୍ଜାମ ଜିଲ୍ଲା ଅବକାରୀ ଅଧିକାରୀ ଅମରେନ୍ଦ୍ର ଜେନାଙ୍କୁ ଚଢ଼ଉ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଅବକାରୀ କମିଶନର ପି. ଅନ୍ୱେଷା, ଅଲିମ୍ପିଆଡ୍ ଡ. ଅନୁରାଧା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## କୋଠାରରେ ଠାକୁର ନିଗମାନନ୍ଦଙ୍କ ୪୪ତମ ଜିଲ୍ଲା ଭକ୍ତ ସମ୍ମିଳନୀ

ଅସୁରାଳି,୧୨।୨(ସମିସ): ଆସାମ ବଙ୍ଗୀୟ ସାରସ୍ୱତ ମଠ, କଦମ୍ବକଣ୍ଠା ଆଶ୍ରମ ଅଧୀନସ୍ଥ ନିଗମ ସାରସ୍ୱତ ସଂଘ, କୋଠାର ଆନୁକୂଲ୍ୟରେ ପବିତ୍ର ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ୪୪ତମ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଭକ୍ତ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ୧୧ ଓ ୧୨ ତାରିଖ ୨ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ସମଗ୍ର ଅଞ୍ଚଳ ଏକ ଆଧ୍ୟାତ୍ମିକ ରୂପ ଧାରଣ କରିଥିଲା। ପ୍ରଥମ ଦିନରେ ଅଧିବାସ କାର୍ଯ୍ୟକ୍ରମ ସହ ଭକ୍ତମାନଙ୍କ ଦ୍ୱାରା ଏକ ଭବ୍ୟ ନଗର ପରିଭ୍ରମଣ କରାଯାଇଥିଲା। ଏହାପରେ ଗୁରୁଦେବଙ୍କ ପୂଜାର୍ଚ୍ଚନା କରାଯାଇ ପରିବେଶକୁ ଭକ୍ତିମୟ କରାଯାଇଥିଲା। ୧୨ ତାରିଖ ୨ୟ ଦିନ ଭୋର୍‌ରୁ ପ୍ରଭାତୀ ଆରତି ଓ ବିଶେଷ ପୂଜା ଅନୁଷ୍ଠିତ ହୋଇଥିଲା। ଦିନସାରା ଅନ୍ତରଙ୍ଗ ସଭା, ମହିଳା ସଭା ଏବଂ ସାଧାରଣ ଧର୍ମସଭା ଜରିଆରେ ଠାକୁରଙ୍କ ଆଦର୍ଶ ଓ ବାଣୀ ଉପରେ ଆଲୋକପାତ କରାଯାଇଥିଲା। ଏହି ସମ୍ମିଳନୀରେ ଆସାମ ବଙ୍ଗୀୟ ସାରସ୍ୱତ ମଠର ମଠାଧୀଶ ଶ୍ରୀମଦ୍ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ସମେତ ସନ୍ନ୍ୟାସୀ ପୁରୁଷୋତ୍ତମାନନ୍ଦ ସରସ୍ୱତୀ, ସଦାନନ୍ଦ ମହାରାଜ, ଶ୍ରଦ୍ଧାନନ୍ଦ ମହାରାଜ, ଶିବାନନ୍ଦ ମହାରାଜ ଓ ଅବ୍ୟକ୍ତାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କୁ ଦୀକ୍ଷା ଓ ମାର୍ଗଦର୍ଶନ ଦେଇଥିଲେ। ସଂଘର ଓଡ଼ିଶା ଟ୍ରଷ୍ଟି ମୁଖ୍ୟ ମହେଶ୍ୱର ସ୍ୱାଇଁ, ତତ୍ତ୍ୱ ବିଧାୟକ ସମିତିର ଉପସଭାପତି ଦେବେନ୍ଦ୍ର ରାଉତ ଏବଂ ସଭ୍ୟ ଗଙ୍ଗାଧର ପୃଷ୍ଟିଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଠାକୁରଙ୍କ ବାଣୀ ପ୍ରଚାର କରିଥିଲେ। ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ୧୦୩ଟି ସଂଘରୁ ଶତାଧିକ କାର୍ଯ୍ୟକର୍ତ୍ତା ଓ ସହସ୍ରାଧିକ ଭକ୍ତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୋଠାର ସଂଘର ସଭାପତି ଶ୍ରୀହରି ପାକଳ, ଉପସଭାପତି ହରିହର ସାହୁ, ପ୍ରିୟଦର୍ଶନ ସାହୁ, ମାଖନଲାଲ ଗୁପ୍ତା, ଦାଶରଥି ମହାଳିକ, ରତ୍ନାକର ସାହୁ ଏବଂ ପ୍ରଦୀପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ବିଶିଷ୍ଟ ସାଧୁସନ୍ଥଙ୍କ ଦ୍ୱାରା ଧର୍ମସଭା ଅନୁଷ୍ଠିତ ହୋଇଥିଲା।

## ରାକେଶ ଯୁବ ବିଜେଡି ଓ ଭାସ୍କର ଛାତ୍ର ସଭାପତି





ଭଦ୍ରକ,୧୨।୨(ସମିସ): ବିଜେଡିର ନବକଳେବର ରାଜ୍ୟର ବିଭିନ୍ନ ଜିଲ୍ଲାରେ ନୂତନ ଜିଲ୍ଲା ସଭାପତି ମନୋନୀତ ପରେ ଏବେ ବିଜେଡି ସଂଗଠନକୁ ସୁଦୃଢ଼ କରିବା ପାଇଁ ଆଗ ଧାଡ଼ିର ଯୁବ ନେତୃତ୍ୱ ଛାତ୍ର ସଂଗଠକଙ୍କୁ ଦାୟିତ୍ୱ ଦେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ପୂର୍ବତନ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ତଥା ତିନି ତିନିଥରର ବିଧାୟକ ଡ. ବ୍ୟୋମକେଶ ରାୟ ଭଦ୍ରକ ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ହେବା ପରେ ତାଙ୍କ ସୁପାରିସ କ୍ରମେ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଭଦ୍ରକ ଜିଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ଭାବେ ରାକେଶ ପଣ୍ଡା ଓ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ଭାବେ ଭାସ୍କର ଚନ୍ଦ୍ର ମହାଳିକଙ୍କୁ ନିଯୁକ୍ତି କରିଛନ୍ତି। ଆଗାମୀ ଦିନରେ ବିଜେଡିକୁ ଅଧିକରୁ ଅଧିକ ସଶକ୍ତ ଓ ମଜଭୁତ କରିବାକୁ ଏହି ଦୁଇ ନେତା ପ୍ରତିକ୍ରିୟା ରଖିବା ସହ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ, ଭଦ୍ରକ ଜିଲ୍ଲା ସଭାପତି ବିଧାୟକ ଡ. ରାୟ ଓ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଚକ୍ରାପାଢ଼ୀ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବନ୍ତ/ଆଗରପଡ଼ା,୧୨।୨(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଅଣିଜୋ କ୍ଲଷ୍ଟର ଅନ୍ତର୍ଗତ ଚକ୍ରାପାଢ଼ୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ନାରାୟଣ ସେନାପତି, ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶଶୀଶେଖର କରଶର୍ମା, ସମ୍ମାନିତ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଧର୍ମେନ୍ଦ୍ର ନାରାୟଣ ଜେନା, ସିଆର୍‌ସିସି ଅକ୍ଷୟ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ କୁଣ୍ଡୁ, ପୂର୍ବତନ ସରପଞ୍ଚ ବନମାଳୀ ବେହେରା, ସମିତିସଭ୍ୟ ଧରଣୀଧର କର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣେଶ ପ୍ରସାଦ ଭୋଳ, ମଧୁସୂଦନ ସାହୁ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଜୟଦେବ ସାହୁ, ବରିଷ୍ଠ ନାଗରିକ ପର୍ଶୁରାମ ପାଣିଗ୍ରାହୀ, ଉମାକାନ୍ତ ଭୋଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବହୁ ଉପାଦେୟ ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ପ୍ରଫୁଲ୍ଲ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରଫୁଲ୍ଲ ନାୟକ ବାର୍ଷିକ ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନମୋହିଥିଲା। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଶିକ୍ଷକଶିକ୍ଷୟିତ୍ରୀ ବିଜୟ ଦାସ, ବିଶ୍ୱନାଥ ଯେନା, ବୃନ୍ଦାବନ ଯେନା, ନିରୁପମା ଦାଶ, କଳ୍ପନା ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା, ଅଭିଭାବକ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ମାଟିର ସୁଗନ୍ଧ ଓ ସଂସ୍କୃତିର ମିଳନ 'ତିହିଡ଼ି ମହୋତ୍ସବ'



ତିହିଡ଼ି,୧୨।୨(ସମିସ): ତିହିଡ଼ି ମାଟିର ବରପୁତ୍ର, ବିଶିଷ୍ଟ କବି, ପୂର୍ବତନ ବିଧାୟକ ତଥା ଘାସଫୁଲର ପ୍ରତିଷ୍ଠାତା ସ୍ୱର୍ଗତ ବିଷ୍ଣୁ ସେଠୀ ମଞ୍ଚରେ ଆୟୋଜିତ ତିହିଡ଼ି ମହୋତ୍ସବର ୪ର୍ଥ ସନ୍ଧ୍ୟାକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ମହୋତ୍ସବ କମିଟିର ସଭାପତି ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ତିହିଡ଼ି ମାଟିର ପୁଅ ବିଶିଷ୍ଟ ଗୀତିକାର ଡ. ପଞ୍ଚାନନ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ତିହିଡ଼ି ମାଟିର ବିଶେଷତ୍ୱ ସମ୍ପର୍କରେ ମତ ରଖି ଡ. ନାୟକ କହିଥିଲେ ଯେ ସ୍ୱର୍ଗତ ବିଷ୍ଣୁ ସେଠୀ ମଞ୍ଚରେ ପ୍ରଦର୍ଶନ ମୋର କଳାଜୀବନର ଗୌରବମୟ କ୍ଷଣ ଓ ମହାଭାଗ୍ୟ। ଏହି ଅବସରରେ ମହୋତ୍ସବ କମିଟି ତରଫରୁ ସାହିତ୍ୟିକ ବିପ୍ଳବ ରଞ୍ଜନ ପତି, କବିଶ୍ରୀ ଗୋଲକ ପ୍ରସାଦ ବୈୟାରୀ, ରଙ୍ଗ ପ୍ରକାଶନୀର ସତ୍ତ୍ୱାଧିକାରୀ ରାଜେଶ ସେଠୀ, ମା' ପବ୍ଲିଶର୍ସର ସତ୍ତ୍ୱାଧିକାରୀ ବିକାଶ ରଞ୍ଜନ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଆକର୍ଷଣ ଥିଲା ଡ. ପଞ୍ଚାନନ ନାଇଟ୍‌ରେ ସଞ୍ଚାଳକ ଶ୍ରୀନିବାସ ଘଟୁଆରୀଙ୍କ ଦ୍ୱାରା ସୁନାମଧନ୍ୟ କଣ୍ଠଶିଳ୍ପୀ ଶୈଳଭାମା, ସରୋଜ, ପିକେ, କିରନ୍, ସସ୍ମିତା, ସଂଗ୍ରାମଙ୍କ ମନଛୁଆଁ ସଂଗୀତ ଓ ନୃତ୍ୟର କକ୍‌ଟେଲ୍। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ବଲାଙ୍ଗିର କଳାକାରମାନଙ୍କ ଦ୍ୱାରା ଡାଲଖାଇ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। ଏଥିସହ ଡ. ଅମୂଲ୍ୟ ସେନାପତି, ବିସ୍ମୟ ବିହାରୀ ସାହୁ ଏବଂ ଯଯାତି କେଶରୀ ଦାସଙ୍କ ସଞ୍ଚାଳନରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଭିନ୍ନ ଡ୍ୟାନ୍ସ ଗ୍ରୁପ୍‌ର ପିଲାମାନେ ମଧ୍ୟ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଉପସଭାପତି ଡ. ଲକ୍ଷ୍ମୀଧର ତ୍ରିପାଠୀ ସଞ୍ଚାଳନ କରିଥିବାବେଳେ ବିଶ୍ୱଜିତ୍ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ସମ୍ପାଦକ ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ମହୋତ୍ସବକୁ ସଫଳ କରିବାରେ ଧୀରେନ୍ଦ୍ର ସାହୁ, ଗିରିଜା ରମଣ ଜେନା, ପ୍ରଭାତ ଜେନା, ମନୋଜ ସେନାପତି, ସଚିକାନ୍ତ ନାୟକ, ପ୍ରିୟବ୍ରତ ପାଢ଼ୀ, ମନୋଜ ପାଣିଗ୍ରାହୀ, ବସନ୍ତ ମହାପାତ୍ର, ନୀଳମଣି ସାବତ, ମୃତ୍ୟୁଞ୍ଜୟ ଦାସ, ସଞ୍ଜୟ ଦାସ, ମିଡିଆ ସଂଯୋଜକ ନିରଞ୍ଜନ ବାରିକ, କୈଳାସ ବେହେରା, ବିସ୍ମୟ ବିହାରୀ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ତଥା ତିହିଡ଼ି ବ୍ଲକ୍‌ର ସମସ୍ତ ସାମାଜିକ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ପୋଖରୀ ଉନ୍ନତିକରଣ ନାଁରେ ହରିଲୁଟ୍

ଧାମନଗର,୧୨।୨(ସମିସ)



ଧାମନଗର ଏନ୍‌ଏସି ୫ ନମ୍ବର ୱାର୍ଡସ୍ଥିତ ଧାମନଗର ଡାକ୍ତରଖାନା ପୋଖରୀର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। 'ମୁଖ୍ୟମନ୍ତ୍ରୀ ସହର ବିକାଶ ଯୋଜନା' ଅନ୍ତର୍ଗତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କରାଯାଉଥିବା ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ସହରର ଏହି ପ୍ରାଚୀନ ତଥା ବୃହତ୍ ପୋଖରୀଟି ସ୍ଥାନୀୟ ଅଞ୍ଚଳର ଜଳ ସନ୍ତୁଳନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମାତ୍ର ସୌନ୍ଦର୍ଯ୍ୟକରଣ ଓ ସୁରକ୍ଷା ପାଚେରି ନିର୍ମାଣ ଆଳରେ ପୋଖରୀର ପ୍ରାୟ ୨୫ପ୍ରତିଶତ ଅଂଶକୁ ପୋତିବା ପାଇଁ ଉଦ୍ୟମ ଚାଲିଥିବା ଦେଖିବାକୁ ମିଳିଛି। ପୋଖରୀ ମଧ୍ୟ ଭାଗକୁ ମାଡ଼ି ଆସି ପାଚେରି ନିର୍ମାଣ କରାଯାଉଥିବାରୁ ଏହା ଜଳାଶୟକୁ ସଙ୍କୁଚିତ କରୁଛି, ଯାହା ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି। ସୂଚନାଫଳକରେ ପ୍ରକଳ୍ପର ଅଟକଳ ମୂଲ୍ୟ ୩୦ ଲକ୍ଷ ଟଙ୍କା ବୋଲି ଦର୍ଶାଯାଇଥିବା ବେଳେ କାର୍ଯ୍ୟ କେବେ ଆରମ୍ଭ ହେଲା ଏବଂ କେବେ ଶେଷ ହେବ, ସେନେଇ କୌଣସି ତଥ୍ୟ ଉଲ୍ଲେଖ କରାଯାଇ ନାହିଁ। ଏହା କାର୍ଯ୍ୟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଲୋକଙ୍କ ମନରେ ସନ୍ଦେହ ଜାତ ହେଉଛି ଯେ, ନିର୍ଦ୍ଧାରିତ ସମୟସୀମା ଲୁଚାଇ କାର୍ଯ୍ୟରେ ମନ୍ଥରତା କିମ୍ବା ଅର୍ଥ ହରିଲୁଟ୍ ପାଇଁ ବାଟ ଫିଟା ଯାଉଛି କି? କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ ନାୟକ କହିଛନ୍ତି, ସେଠାରେ ଏକ ମାର୍କେଟ କମ୍ପେ୍ଲକ୍ସ ନିର୍ମାଣ ପାଇଁ ପୋଖରୀର କିଛି ଅଂଶ ପୋତାଯାଉଛି। କିନ୍ତୁ ପ୍ରଶ୍ନ ଉଠୁଛି, ଧାମନଗରରେ ଅନ୍ୟାନ୍ୟ ଅନେକ ସରକାରୀ ଜାଗା ଥିବା ସତ୍ତ୍ୱେ ଏକ ପୁରାତନ ଜଳାଶୟକୁ ନଷ୍ଟ କରି ମାର୍କେଟ କମ୍ପେ୍ଲକ୍ସ କରିବାର ଯଥାର୍ଥତା କ'ଣ ଜଳାଶୟ ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ, ଧାମନଗରରେ ବିକାଶ ନାମରେ ବିନାଶ ଚାଲିଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ବାସିନ୍ଦା ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ପୋଖରୀର ମୂଳ ସ୍ୱରୂପ ବଜାୟ ରଖିବାକୁ ଦାବି କରିଛନ୍ତି।

■ ୩୦ ଲକ୍ଷ ଟଙ୍କାର ପ୍ରକଳ୍ପରେ ଦୁର୍ନୀତିର ଅଭିଯୋଗ

■ ସୂଚନାଫଳକରୁ କାର୍ଯ୍ୟର ସମୟସୀମା ଗାଏବ

## ବେଦାନ୍ତ ଲିମିଟେଡ୍‌ରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ସମୀକ୍ଷା

### ପରିବେଶ ଓ ସୁରକ୍ଷାକୁ ପ୍ରାଥମିକତା

ଝାରସୁଗୁଡ଼ା,୧୨ା୨(ସମିସ): ବିଧାୟକ ସୁଧୀର ରଞ୍ଜନ ପାଟଜୋଶୀଙ୍କ ଅଧ୍ୟକ୍ଷତାରେ ଗଠିତ ବିଧାନସଭା ସପ୍ତମ ଷ୍ଟାଣ୍ଡିଂ କମିଟି ଝାରସୁଗୁଡ଼ା ସ୍ଥିତ ବେଦାନ୍ତ ଲିମିଟେଡ୍ ପରିଦର୍ଶନ କରି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ କମିଟିର ସଦସ୍ୟ ବିଧାୟକ ଡ.ସିଏସ୍‌ରାଜନ୍ ଏକ୍କା, ଟଙ୍କଧର ତ୍ରିପାଠୀ, ସୀତାଂଶୁ ଶେଖର ମହାପାତ୍ର ଏବଂ ଦୁର୍ଗାଚରଣ ତନ୍ତୀଙ୍କ ସମେତ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ । ଶିଳ୍ପ ପରିଚାଳନାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ହୋଇଥିଲା । ଶିଳ୍ପାଞ୍ଚଳରେ ବୃଦ୍ଧି ପାଉଥିବା ପ୍ରଦୂଷଣକୁ ରୋକିବା ପାଇଁ କମ୍ପାନୀ ପକ୍ଷରୁ କରାଯାଇଥିବା ବ୍ୟବସ୍ଥା, କର୍ମଚାରୀଙ୍କ ନିରାପତ୍ତା ଓ କାରଖାନାର ସୁରକ୍ଷା ନିୟମାବଳୀ ଏବଂ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ଜନସାଧାରଣଙ୍କ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ବୈଠକରେ ତଦାରଖ କରାହୋଇଥିଲା । ଆଲୋଚନାରେ କମିଟି ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପରିବେଶ ସୁରକ୍ଷା ପାଇଁ ଅତ୍ୟାଧୁନିକ ପ୍ରଦୂଷଣ ନିୟନ୍ତ୍ରଣ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରିବା ସହ ଆଖପାଖ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି । ସେହିଭଳି କାରଖାନା ପରିସରରେ ଶୂନ୍ୟ ଦୁର୍ଘଟଣା ନୀତିକୁ କଡାକଡି ପାଳନ କରିବା ଏବଂ ସିଏସ୍ଆର୍ ପାଣ୍ଠିକୁ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ଭଳି ମୌଳିକ ସୁବିଧା ପାଇଁ ଅଧିକରୁ ଅଧିକ ବିନିଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ ନିୟମର କୌଣସି ପ୍ରକାର ଖିଲାପ ନକରି ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ କମିଟି ପକ୍ଷରୁ ବେଦାନ୍ତର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୨ା୨(ସମିସ): ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷିତ ରଖିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଗ୍ରୀନଡୋଲା ଗାଁରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଝାରସୁଗୁଡ଼ା ବନଖଣ୍ଡ ବେଲପାହାଡ ବନାଞ୍ଚଳ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଙ୍ଗଲ ଉନ୍ନୟନ ଆଧିକାରୀ ସୁମନ ବିଶ୍ୱାଳ, ଫରେଷ୍ଟ ଗାର୍ଡ ବିପିନ ସା, ଶିବ ଶଙ୍କର ମୁଣ୍ଡା ଏବଂ ବନ ଜଗୁଆଳି ମାନେ ଉପସ୍ଥିତ ଥିଲେ । ଜଙ୍ଗଲରେ ନିଆଁ ନାଲଗାଇବା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଏବଂ ନିଆଁ ଲାଗିଥିଲେ ତୁରନ୍ତ ବନ ବିଭାଗକୁ ଖବର ଦେବା ପାଇଁ ସେଚେତନ କରିଥିଲେ । ପାଲା ମାଧ୍ୟମରେ ଗୀତ ସହିତ ଅଭିନୟ କରି ଜଙ୍ଗଲ ଆମର ମିତ୍ର, ଏହାକୁ ବଞ୍ଚାଇବା ଆମ ଦାୟିତ୍ୱ ବୋଲି କଳାକାର ମାନେ ସଚେତନ କରିଥିଲେ । ଏହାସହ ସମସ୍ତେ ମିଳି ମିଶି ଜଙ୍ଗଲକୁ ସୁରକ୍ଷିତ ରଖିବାକୁ ଶପଥ ପାଠ କରିଥିଲେ ।

## ପ୍ଲାଷ୍ଟିକମୁକ୍ତ ପିକ୍‌ନିକ୍ ସ୍ଥଳ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା,୧୨ା୨(ସମିସ): ଝାରସୁଗୁଡା ବନଖଣ୍ଡ ବ୍ରଜରାଜନଗର ବନାଞ୍ଚଳର ପିକନିକ ସ୍ଥଳ ଉଲାପଗଡଠାରେ ବୁଧବାର ପ୍ଲାଷ୍ଟିକ ମୁକ୍ତ ପିକନିକସ୍ଥଳ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରଜରାଜନଗର ରେଞ୍ଜ ଅଫିସର ରେସନା ଜାମୁଡାଲିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଝାରସୁଗୁଡ଼ା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରହ୍ଲାଦ ନାୟକ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିବେଶ ସମିତିର ଆଜୀବନ ସଭ୍ୟ ବିଜୟ ବେହେରା, ବେଣୁଧର ଚୌଧୁରୀ, ଗୋବିନ୍ଦ ସକୁନିଆ, ବେଲପାହାଡ଼ ଜୁନିୟର କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଭୋଇ, ଇକୋ କ୍ଲବ୍ ମାଷ୍ଟର ଟ୍ରେନର ହମିଦ କୁମାର ମହାପାତ୍ର, ଏଇତ ଜୀବନ ଅନୁଷ୍ଠାନର ସଭାପତି ମାନସୀ ପଣ୍ଡା, ବରିଷ୍ଠ ସାମ୍ବାଦିକ ଉପନ ସାହୁ, ଏଇତ ଜୀବନର ଉପଦେଷ୍ଟା ଦିପ୍ତୀ ବେହେରା, କବି ଅଞ୍ଜଳୀ ପଟ୍ଟନାୟକ, ପ୍ରିୟା ରାୟ, ଜ୍ୟୋତ୍ସ୍ନାମୟୀ ନାୟକ, ପିପିଲିମାଲ ସରପଞ୍ଚ ରଙ୍ଗାଧର ଡିଲା, ରେଞ୍ଜର ବେଲପାହାଡ଼ ବନାଞ୍ଚଳ ପ୍ରଦୀପ ନାୟକ, ନରସିଂହ ବିଦ୍ୟାଳୟ ଛୁଆଳି ବେର୍ଣ୍ଣାର ପ୍ରଧାନ ଶିକ୍ଷକ ହୃଷିକେଶ ପାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଝାରୁ ଭଏଁସାଲ, ପଞ୍ଚାନନ ପାଣିଗ୍ରାହୀ ଉପସ୍ଥିତ ଥିଲେ । ଇକୋ କ୍ଲବ ମାଷ୍ଟର ଟ୍ରେନର ହମିଦ କୁମାର ମହାପାତ୍ର ଶପଥ ପାଠ କରାଇଥିଲେ । ପରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶେଷରେ ଉଲାପଗଡ଼ ପରିସରକୁ ସଫେଇ କରାଯାଇଥିଲା । ଚିତ୍ରାଙ୍କନ ପ୍ରତିଯୋଗତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବ୍ରଜରାଜନଗର ବନାଞ୍ଚଳର ଫରେଷ୍ଟର ଅଜୟ ବିଶ୍ୱାଲ, ସଞ୍ଜିତ ଚୌଧୁରୀ, ସରୋଜ କୁମାର ଭୋଇ, ଉପେନ୍ଦ୍ର ବେସନ, ସରୋଜ ନାୟକ, ଫରେଷ୍ଟ ଗାର୍ଡ କିଶୋର ଶଣ୍ଡ, କାଜୋଲ ଶର୍ମା, ରିମା ପଟେଲ, ସୋନମ ପଟେଲ, ସଙ୍ଘମିତ୍ରା ସାମଲ, ସୁରେଶ ତରାଇ, ଟ୍ୱିଙ୍କଲ ଭଏଁସା ପ୍ରମୁଖ ସହଯୋଗ କରିଥିଲେ ।

# ଝାରସୁଗୁଡ଼ାରେ ଭାରତ ବନ୍ଦ ପ୍ରଭାବ





ଯାନବାହନ ଚଳାଚଳ ସହିତ ଖଣି ଖାଦାନ ବନ୍ଦ

ଝାରସୁଗୁଡ଼ା,୧୨ା୨(ସମିସ)

୧୦ଟି ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ପ୍ରଭାବ ଗୁରୁବାର ଝାରସୁଗୁଡ଼ା ଜିଲ୍ଲାରେ ଦେଖିବାକୁ ମିଳିଛି । ଶ୍ରମିକ ବିରୋଧୀ ଶ୍ରମ କୋଡ ବାତିଲ ଦାବି, ଓଡ଼ିଶାରେ ଚାଲିଥିବା ବିଜୁଳି ବିଲ୍, ସ୍ମାର୍ଟ ମିଟରରେ ଲୁଟ, କଟନିଛଟନି ଓ ମନରେଗା ନାମ ପରିବର୍ତ୍ତନ ଆଦିକୁ ପ୍ରସଙ୍ଗ କରାଯାଇ ବିଭିନ୍ନ ସଙ୍ଗଠନ ତରଫରୁ ଏହି ବନ୍ଦ ଡାକରା ଦିଆଯାଇଥିଲା । ବିଭିନ୍ନ ଟ୍ରେଡ ୟୁନିୟନର ୧୨ ଘଣ୍ଟିଆ ବନ୍ଦ ଡାକରା ପ୍ରଭାବରେ ଜିଲ୍ଲାର ଥିବା ବିଭିନ୍ନ ଖଣି, କଳକାରଖାନା ଏବଂ ସରକାରୀ ଓ ବେସରକାରୀ ସ୍କୁଲ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ରହିଥିଲା । ଏହାସହ ଜିଲ୍ଲାରେ ବସ ଓ ଟ୍ରକ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଏହାଛଡ଼ା ଜିଲ୍ଲାର ଅଧିକାଂଶ ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିବା ବେଳେ କାଁ ଭାଁ ଖୋଲା ରହିଥିବା ମଧ୍ୟ ଦେଖିବାକୁ ମିଳିଥିଲା । ଶ୍ରମିକ ସଂଗଠନ ସିଆଇଟିୟୁ, ଏଆଇଟିୟୁସି, ଆଇଏନଟିୟୁସି, ଏଚଏମଏସ ପ୍ରମୁଖଙ୍କ ସହ ଅନ୍ୟ ସଂଗଠନର କର୍ମକର୍ତ୍ତା ଆଜି ସକାଳୁ ଝାରସୁଗୁଡ଼ା ସହର, ବ୍ରଜରାଜନଗର, ବେଲପାହାଡ, ବନ୍ଧବାହାଲ, ଲଖନପୁର, ପଞ୍ଚଗାଁ, ଲାଇକେରା, କୁଲାବିରା, କିର୍ମିରା ଆଦି ପ୍ରମୁଖ ସ୍ଥାନ ମାନଙ୍କରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ । ସହରର ପୁରୁଣା ବସଷ୍ଟାଣ୍ଡ ଓ ପ୍ରସନ୍ନ ପଣ୍ଡା ଛକ ଠାରେ ରାସ୍ତାରୋକ କରିଥିଲେ । ଫଳରେ ବିଜୁ ଏକ୍ସପ୍ରେସ ୱେ ଓ ଜାତୀୟ ରାଜପଥ ୪୯ ଉପରେ ଶହଶହ ଟ୍ରକ ଅଟକି ରହିଥିବା ଦେଖିବାକୁ ମିଳିଥିଲା । ବନ୍ଦକୁ ନେଇ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଆଇନ ବିଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ସହରର ପ୍ରତ୍ୟେକ ଛକରେ ପୁଲିସ ମୁତୟନ କରାଯାଇଥିଲା । ଆଜିର ବନ୍ଦରେ ଶ୍ରମିକ ସଂଗଠନ ସିଆଇଟିୟୁର ଜିଲ୍ଲା ସଭାପତି ଗୌରୀଶଙ୍କର ପାତ୍ର, ଏଆଇଟିୟୁସିର ସାରଙ୍ଗଧର ମିଶ୍ର, ପ୍ରଭାକର ଓରାମ, ରତ୍ନାକର ପ୍ରଧାନ, ଟିକେଶ୍ୱର ରୋହିଦାସ, ବାସୁଦେବ ପ୍ରମୁଖଙ୍କ ସମେତ ସଂଗଠନର ଶତାଧିକ ପୁରୁଷ ଓ ମହିଳା ବନ୍ଦରେ ସାମିଲ ହୋଇଥିଲେ ।

### କୋଇଲା ଖଣି ଅଞ୍ଚଳ ପ୍ରଭାବିତ, କୋଟି କୋଟି ଟଙ୍କାର ରାଜସ୍ୱ ହାନି

ବ୍ରଜରାଜନଗର ଭାରତ ବନ୍ଦ ଯୋଗୁଁ ମହାନଦୀ କୋଇଲା କମ୍ପାନୀ ଅଧୀନରେ ଥିବା ସମସ୍ତ ଖଣି ଉପରେ ବ୍ୟାପକ ପ୍ରଭାବ ପଡିଛି । କୋଇଲା ଖଣିର ଉତ୍ପାଦନ ପ୍ରଭାବିତ ହୋଇଛି । ମହାନଦୀ କୋଇଲା କମ୍ପାନୀ ଅଧୀନରେ ଥିବା ସମସ୍ତ କୋଇଲା ଖଣି କାର୍ଯ୍ୟାଳୟ ସମେତ ମୁଖ୍ୟ କାର୍ଯ୍ୟାଳୟ କୁହାଯାଉଥିବା ଇବ୍ ଭ୍ୟାଲି କୋଇଲା କ୍ଷେତ୍ର ଜେନେରାଲ ମ୍ୟାନେଜର କାର୍ଯ୍ୟାଳୟ ବନ୍ଦ ରହିଥିଲା । ସମଲେଶ୍ୱରୀ ଓପନ୍ କାଷ୍ଟ ପ୍ରୋଜେକ୍ଟ କାର୍ଯ୍ୟାଳୟରେ କେବଳ ତିନି କର୍ମଚାରୀ ଉପସ୍ଥିତ ଥିଲେ । ଓରିଏଣ୍ଟ କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ କେବଳ ପାଞ୍ଚ ଜଣ ଉପସ୍ଥିତ ଥିଲେ । ଧର୍ମଘଟରେ ୨ଟି ଭୂତଳ ଖଣି ଉପରେ ମଧ୍ୟ ପ୍ରଭାବ ପଡିଥିଲା । ଶ୍ରମିକ ସଂଗଠନର କର୍ମକର୍ତ୍ତା କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସ୍ଲୋଗାନ ଦେଇ ବନ୍ଦ ପାଳିଥିଲେ । ତେଣୁ ଖଣି ଗୁଡକରେ ଉତ୍ପାଦନ ଓ ପରିବହନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ମହାନଦୀ କୋଇଲା କମ୍ପାନୀର କୋଟି କୋଟି ଟଙ୍କା ରାଜସ୍ୱ ହାନି ହୋଇଛି । ଜାତୀୟକରଣ ବ୍ୟାଙ୍କ, ପୋଷ୍ଟ ଅଫିସ ଏବଂ କିଛି ଘରୋଇ ସ୍କୁଲ ବନ୍ଦ ରହିଥିଲା । ତେବେ କେତେକ ବଜାର ଖୋଲା ରହିଥିଲା ଏବଂ ଘରୋଇ ଯାନବାହାନ ଚଳାଚଳ ସ୍ୱାଭାବିକ ଥିଲା । ରେଳପଥ ଉପରେ ଧର୍ମଘଟର କୌଣସି ପ୍ରଭାବ ପଡି ନଥିଲା । ଧର୍ମଘଟରେ ଏଚଏମଏସ୍, ଆଇଏନଟିଉସି, ଏଆଇଟିଉସି, ଓ ଶିଷ୍ଟା, ଶ୍ରମିକ ସଂଗଠନର ସଦସ୍ୟ ସଦସ୍ୟା ପ୍ରମୁଖ ଭୂମିକା ନେଇଥିଲେ ।

## ଶ୍ରୀପୁରା ଗ୍ରାମବାସୀଙ୍କ ଆଗରେ ମୁଣ୍ଡ ନୁଆଇଁଲା ଏପ୍‌ସିଲନ କମ୍ପାନୀ



ଝାରସୁଗୁଡ଼ା,୧୨ା୨(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ଶ୍ରିପୁରା ଗାଁରେ ଥିବା ଏପସିଲନ କମ୍ପାନୀ ବେଆଇନ ଜଙ୍ଗଲ ଜମି ଅଧିକାର ଘଟଣାରେ ଶ୍ରିପୁରା ଗ୍ରାମବାସୀଙ୍କ ଆଗରେ ମୁଣ୍ଡ ନୁଆଁଇଛି । ପ୍ରଶାସନିକ ଅନୁମତି ନ ପାଇବା ପର୍ଯ୍ୟନ୍ତ କମ୍ପାନୀ ଜଙ୍ଗଲ ଜମିରେ ଅଧିକାର କରିବ ନାହିଁ ଏବଂ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ କମ୍ପାନୀରେ ନିଯୁକ୍ତି ପ୍ରଦାନ କରିବା ପାଇଁ ଶ୍ରିପୁରା ସରପଞ୍ଚଙ୍କୁ ଗୁରୁବାର ଲିଖିତ ପ୍ରତିଶ୍ରୁତି ଦେଇଛି । ଏହି ଘଟଣାକୁ ନେଇ ‘ସକାଳ’ ଖବରକାଗଜରେ ବାରମ୍ବାର ଖବର ପ୍ରକାଶ ପାଇଥିଲା । ଶ୍ରିପୁରା ଗ୍ରାମବାସୀ ଜଙ୍ଗଲ ଜମିର ସୁରକ୍ଷା ସହିତ ଏକ ପେଡ ମା କେ ନାମ ଯୋଜନାରେ ରୋପଣ କରିଥିବା ଏକ ହଜାର ଗଛର ସୁରକ୍ଷା ଏବଂ ଯତ୍ନକାର୍ଯ୍ୟ ଜାରି ରହିବ ବୋଲି ନିଷ୍ପତ୍ତି ନେଇଛନ୍ତି ।

ଶ୍ରିପୁରା ସ୍ଥିତ ଏପସିଲନ କାର୍ବନ କମ୍ପାନୀର ବେଆଇନ ଜଙ୍ଗଲ ଜମି ଅଧିକାରକୁ ନେଇ ଶ୍ରିପୁରା ଗ୍ରାମବାସୀ ଏବଂ ସ୍ଥାନୀୟ ଜନପ୍ରତିନିଧି ଗତ ୬ ମାସ ହେବ ଲଢ଼େଇ କରି ଆସୁଥିଲେ । ଗତ ଫେବୃଆରୀ ୨ ତାରିଖ ଶ୍ରିପୁରା ଗ୍ରାମବାସୀ ନିଜେ ଜଙ୍ଗଲ ଜମିର ସୁରକ୍ଷା ସହିତ ରୋପଣ କରାଯାଇଥିବା ବୃକ୍ଷର ଯତ୍ନ ନେବାପାଇଁ ନିଷ୍ପତ୍ତି ନେଇଥିଲେ । ପ୍ରତିଦିନ ଶ୍ରିପୁରାର ଜନସାଧାରଣ ଜଙ୍ଗଲ ଜମିର ସୁରକ୍ଷା ଓ ବୃକ୍ଷର ଯତ୍ନ କାର୍ଯ୍ୟରେ ଶ୍ରମଦାନ କରି ଆସୁଥିଲେ । ଶେଷରେ ଏପସିଲନ କାର୍ବନ କମ୍ପାନୀ କର୍ତ୍ତୃପକ୍ଷ ଶ୍ରିପୁରା ଗ୍ରାମବାସୀଙ୍କ ନିକଟରେ ମୁଣ୍ଡ ନୁଆଇଁଛି । ଏନେଇ ଶ୍ରିପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେଙ୍କୁ ଫେବୃଆରୀ ୧୧ରେ ଏକ ଚିଠି ପ୍ରଦାନ କରିଥିଲେ । ଗୁରୁବାର ସକାଳୁ ସ୍ଥାନୀୟ ସରପଞ୍ଚ ପାଣ୍ଡେଙ୍କ ସହିତ ଶ୍ରିପୁରା ଗାଁର ଶତାଧିକ ଗ୍ରାମବାସୀଙ୍କ ସମ୍ମୁଖରେ ଏପସିଲନ କମ୍ପାନୀ କର୍ତ୍ତୃପକ୍ଷ ପ୍ରଶାସନିକ ଅନୁମତି ବିନା ଜଙ୍ଗଲ ଜମି ଅଧିକାର କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହାସହ ଦକ୍ଷତା ଅନୁଯାୟୀ ଶ୍ରିପୁରା ଗାଁର ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରିବା, ଅଭିଜ୍ଞତା ପାଇଁ ତାଲିମ ପ୍ରଦାନ କରିବା, ଗ୍ରାମବାସୀ ଓ ପଞ୍ଚାୟତଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସହିତ ସୁସମ୍ପର୍କ ସ୍ଥାପନ କରି ଅଞ୍ଚଳର ଉନ୍ନତି କାର୍ଯ୍ୟ କରିବା ପାଇଁ ଲିଖିତ ଏପସିଲନ କମ୍ପାନୀର ମୁଖ୍ୟ ରାକେଶ ମୋହନ ଏହି ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ତେବେ ସରପଞ୍ଚ ଯଶୋବନ୍ତୀ ପାଣ୍ଡେ ଓ ଗ୍ରାମବାସୀ ଆଗଭଳି ଜଙ୍ଗଲ ଜମିର ସୁରକ୍ଷା ସହିତ ଲଗାଇଯାଇଥିବା ବୃକ୍ଷ ଗୁଡିକର ଯତ୍ନ କାର୍ଯ୍ୟ ଜାରି ରହିବ ବୋଲି ମତ ପ୍ରକାଶ କରିଛନ୍ତି । ଏପସିଲନ କମ୍ପାନୀର ଏହି ଲିଖିତ ପ୍ରତିଶ୍ରୁତି ଦେବା ସମୟରେ ସରପଞ୍ଚ ପାଣ୍ଡେଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମିନତୀ ପାତ୍ରଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।

- ପ୍ରଶାସନିକ ଅନୁମତି ବିନା ଜଙ୍ଗଲ ଜମି ଅଧିକାର ହେବ ନାହିଁ
- ବୃକ୍ଷ ଓ ଜଙ୍ଗଲ ଜମିର ସୁରକ୍ଷା କରିବେ ଗ୍ରାମବାସୀ

## ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଡିଏଭି ଓ ବୈଦିକ ସଂସ୍କୃତି ପ୍ରତି ଅମୂଲ୍ୟ ଅବଦାନ



ଝାରସୁଗୁଡ଼ା,୧୨ା୨(ସମିସ): ଡିଏଭି ଆନ୍ଦୋଳନର ମହାନ କର୍ଣ୍ଣଧାର, ବୈଦିକ ଜାଗରଣର ବିଶ୍ୱକର୍ମା, ଡିଏଭି ସଂସ୍ଥାପକ ତଥା ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୩ ତମ ଜନ୍ମ ଜୟନ୍ତୀ ଡିଏଭି ପବ୍ଲିକ ସ୍କୁଲ ଝାରସୁଗୁଡ଼ା ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଢେଙ୍କାନାଳ ସରାଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରୁ ଅବସରପ୍ରାପ୍ତ ପ୍ରଫେସର ତଥା ନିମାପଡା ଡିଏଭି ପରିଚାଳନା ସମିତି ସଭ୍ୟ ଡ.ମନୋଜ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଆୟୋଜିତ ବିଶ୍ୱଶାନ୍ତି ହୋମଯଜ୍ଞରେ ସାମିଲ ହୋଇଥିଲେ । ଅଧ୍ୟକ୍ଷ ଶ୍ରୀ ଦେବତା ସ୍ୱାଗତ ଭାଷଣରେ ଭାରତର ନବଜାଗରଣ ଯୁଗର ପ୍ରମୁଖ ଦାର୍ଶନିକ, ସମାଜସଂସ୍କାରକ ତଥା ବେଦ ପ୍ରଚାରକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଭାରତୀୟ ସଂସ୍କୃତି ପ୍ରତି ଅବଦାନ, ବୈଦିକ ସତ୍ୟତା, ନୈତିକ ମୂଲ୍ୟବୋଧ, ଆଧୁନିକ ବିଜ୍ଞାନମୂଳକ ଶିକ୍ଷା, ରାଷ୍ଟ୍ରୀୟ ଚିନ୍ତାଧାରା, ‘ବେଦକୁ ଫେରିବା’ ସନ୍ଦେଶ, ଡିଏଭି ଶିକ୍ଷା ଆନ୍ଦୋଳନ, ନାରୀ-ଶିକ୍ଷା, ସମାନତା, ପ୍ରକୃତି ଉପାସନା, ମୂର୍ତ୍ତି ପୂଜା ବିରୋଧୀ ନୀତି, ଅନ୍ଧବିଶ୍ୱାସ ବିରୋଧୀ ନୀତି ଏବଂ ସର୍ବୋପରି ସାମାଜିକ କୁସଂସ୍କାର ବିରୋଧୀ ସଂଗ୍ରାମ ସନ୍ଦର୍ଭରେ ଆଲୋକପାତ କରିଥିଲେ । ଶିକ୍ଷକ ପଦ୍ମାସନ ସାହୁ ଦୟାନନ୍ଦଙ୍କ ଜୀବନ ଚରିତ ପାଠ କରିଥିଲେ । ଅଲେଖ ବିହାରୀ ସାହୁ, ନୀଳିମା ପଟେଲ, ଏସକେ ସିରାଜୁଦ୍ଦିନ, ପବିତ୍ର ମୋହନ କବି, ନିତ୍ୟାନନ୍ଦ ସାହୁ, ପ୍ରମୋଦ ନାଥ, ସରିତା ମିଶ୍ର, ମୋନିକା ଶ୍ରୀବାସ୍ତବ, ଅନାମିକା ରାନୀ, ସୁକନ୍ୟା ମହାପାତ୍ର, ମନିଷା ଚାନ୍ଦ, ସୁନନ୍ଦା ପ୍ରହରାଜ, ଅଙ୍କିତା ସାହୁ, ସ୍ମିତା ସାହୁ ପ୍ରମୁଖ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଝାରସୁଗୁଡ଼ା/ବନ୍ଧବାହାଲ: ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ହୋତା ସ୍ୱାମିଜୀଙ୍କ ତ୍ୟାଗପୂତ ମହନୀୟ ଆଦର୍ଶର ସ୍ମୃତିଚାରଣ କରିଥିଲେ । ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପରୀକ୍ଷାରେ ସଫଳତା କାମନା ପୂର୍ବକ ହୋମଯଜ୍ଞର ଆୟୋଜନ ହୋଇଥିଲା । ଏଥିରେ ବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରମୁଖ ଜନନୀ ପ୍ରଧାନ ଓ ସଂସ୍କୃତ ଶିକ୍ଷକ ତୋରଣ ଲାଲ୍ ସାହୁ ଯଜ୍ଞକର୍ମ ସମ୍ପାଦନ କରିଥିଲେ । ବିଦ୍ୟାଳୟର ଅନ୍ୟାନ୍ୟ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ ।

## ଅବସରପ୍ରାପ୍ତ ଖେଳ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୧୨ା୨(ସମିସ): କିର୍ମିରା ବ୍ଲକ୍ ଅର୍ଡା ଆଶ୍ରମ ବିଦ୍ୟାଳୟର ଖେଳ ଶିକ୍ଷକ ନିର୍ମଳ ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଗତ ଡିସେମ୍ବରରେ ସେ ଅବସରଗ୍ରହଣ କରିଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ବ୍ଲକ୍‌ସ୍ତରୀୟ ୯ ଟି ହାଇସ୍କୁଲର



ପ୍ରଧାନଶିକ୍ଷକ ମାନଙ୍କ ପକ୍ଷରୁ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାହୋଇଛି । ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ସୋଢ଼ାମାଲ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଦର୍ଶନ ସରାଫ ଯୋଗ ଦେଇଥିଲେ । ଅର୍ଡା ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ ପ୍ରଧାନ, ବନ୍ଧପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପଟେଲ, ଭାଲୁପତ୍ରା ପ୍ରଧାନଶିକ୍ଷକ ଗଙ୍ଗାଧର ମହାନ୍ତି, କାଦୋବାହାଲ ପ୍ରଧାନଶିକ୍ଷକ ବିଶେଶ୍ୱର ଜୟପୁରିଆ, ବାଗଡିହି ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା କିଷାନ, ଭଉଁରା ପ୍ରଧାନଶିକ୍ଷକ ମନୋରଞ୍ଜନ ମେହେର, ସୁଲାହୀ ପ୍ରଧାନଶିକ୍ଷକ କ୍ଷୀରୋଦ୍ର ସିଂହ, ଅର୍ଡା ପଞ୍ଚାୟତ ପ୍ରଧାନଶିକ୍ଷକ ଜ୍ୟୋତିର୍ମୟ ସଡଓାଲ, କିର୍ମିରା ପ୍ରଧାନଶିକ୍ଷକ ସୌରୀନାରାୟଣ ସିଂହ ପ୍ରମୁଖ ଯୋଗ ଦେଇଥିଲେ ।

## ବାଇକ ଓ ଚୋରି ସାମଗ୍ରୀ ଉଦ୍ଧାର, ୨ ଗିରଫ

ଦେବଗଡ଼,୧୨ା୨(ସମିସ): ଦେବଗଡ଼ ପୌରାଞ୍ଚଳ ଅଧୀନ ନୂଆବାଲିରୋଇ ମୌଜାରେ ନିର୍ମାଣାଧୀନ ରେଶମ ବିଭାଗ କାର୍ଯ୍ୟାଳୟ କୋଠାରୁ ବିଦ୍ୟୁତ ତାର ଚୋରି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗୁରୁବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ପୁଲିସ ଚୋରି ସାମଗ୍ରୀ ଉଦ୍ଧାର କରିଛି । ଗତ ଜାନୁଆରୀ ୩୦ରେ ଘଟିଥିବା ଚୋରି ଘଟଣାର ତଦନ୍ତ କରୁଥିବା ବେଳେ ଗିରଫ ଚୋରଙ୍କ ଠାରୁ ଦେବଗଡ଼ ଥାନା ପୁଲିସ ଗତ ୧୧ ତାରିଖ ବାରକୋଟ ଥାନା ଅଧୀନ କଲା ଗାଁରୁ ଚୋରି ହୋଇଥିବା ଏକ ବାଇକକୁ ମଧ୍ୟ ଉଦ୍ଧାର କରିଛି । ଗିରଫ ଅଭିଯୁକ୍ତ ମାନେ ଦେବଗଡ଼ ଥାନା ବସାଲୋଇ ଗାଁର ଗାଲୁ ଓରଫ ଦୁଷ୍ମନ୍ତ ପ୍ରଧାନ(୨୧) ଓ ବଣିଆକିଲିଣ୍ଡା ଗାଁର ରଞ୍ଜିତ ପାତ୍ର (୩୯) ବୋଲି ଜଣା ପଡିଛି । ଅଦାଲତରେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ଖାରଜ ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

## ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ

ଝାରସୁଗୁଡ଼ା,୧୨ା୨(ସମିସ): ଝାରସୁଗୁଡା ଜିଲ୍ଲାର ସରବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ଦୁଇ ଦିନିଆ ପିଏମ୍ଶ୍ରୀ ଉତ୍ସବ ଉଦଯାପିତ ହୋଇଯାଇଛି । ପ୍ରଥମ ଦିବସରେ ଝାରସୁଗୁଡା ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଗୁରୁଶିଷ୍ୟର ମହାନ୍ ପରମ୍ପରାକୁ ଉଜ୍ଜୀବିତ କରିବା ସହିତ ଦେଶ ସେବାରେ ସମର୍ପିତ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଡ. ଗଡ଼ତିଆ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ଝାରସୁଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, କିର୍ମିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା, ଝାରସୁଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତନ୍ମୟୀ ଶୁଭଶ୍ରୀ ପିଙ୍ଗ, ବ୍ରଜରାଜନଗର ଓ ପି.ଏମ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସହକାରୀ ଶିକ୍ଷକ ବିପିନ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ।



ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା କିଶାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲଖନପୁର ଏବିଇଓ ହେମସାଗର ଚୌଧୁରୀ, ପିଏମ୍ ଶ୍ରୀ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟ ବେଲପାହାଡ଼ର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିରୋଜ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଦ୍ୱି-ଦିବସୀୟ ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରୁ ସମସ୍ତ ଦଶଟି ପିଏମ୍ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଥିରେ ସେମାନଙ୍କ ପାଇଁ ଆକାଂକ୍ଷୀ ମେଳା ଇନସ୍ପାୟାରିଂ ଓଡିଶା-୨୦୩୬, ଆକାଂକ୍ଷୀ ଛାତ୍ର ପରିଷଦ-ଟ୍ୟାଲେଣ୍ଟ ଗ୍ୟାଲେରୀ ଓ ଦୋକାନ ଯାତ୍ରା-ପିଏମ୍ଶ୍ରୀ ବିଜିନେସ ସମିଟ୍ ଭଳି ତିନୋଟି ପାଭିଲିଅନ୍ କରାଯାଇ ମୋଟ ଚାଳିଶଟି ଷ୍ଟଲ୍‌ରେ ସେମାନଙ୍କର ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା । ଦୋକାନ ଯାତ୍ରାମାଧ୍ୟମରେ ଛାତ୍ରଛାତ୍ରୀମାନେ ସେମାନଙ୍କ ସାମଗ୍ରୀଗୁଡ଼ିକୁ ବିକ୍ରି କରି ସେମାନଙ୍କ ମଧ୍ୟରେ ଥିବା ଉଦ୍ୟୋଗୀ ମନୋଭାବକୁ ପ୍ରଦର୍ଶିତ କରିଥିଲେ । ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ପିଏମ୍ଶ୍ରୀର ସୁଶାନ୍ତ କୁମାର ଦାଶ, ଟ୍ରାଇବାଲ୍ କୋଡିନେଟର ଖୁଲଣା ସୁନ୍ଦରୀ ବେହେରା, ସୁଧାଂଶୁ ବାଗ, କୁଶ ସା, ଯଦୁମଣି ପ୍ରଧାନ, ଶିଶିର ନାଏକ, ଘନଶ୍ୟାମ ଗଡ଼ତିଆ, ଆଶିଷ ପଟେଲ, ସୁଲୋଚନା ପଟେଲ, ସ୍ନିଗ୍ଧା ପଟେଲ, ନିତୁ ବୋହିଦାରଙ୍କ ସହିତ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ଲଜ୍ଜା ଛାତ୍ରୀଙ୍କୁ ଭାଲେଣ୍ଟାଇନ ସପ୍ତାହ ପାଳିବାକୁ ବାଧ୍ୟକଲେ ଶିକ୍ଷକ

ଦେବଗଡ଼,୧୨ା୨(ସମିସ): ଦେବଗଡ଼ରେ ଲଜ୍ଜା ଗୁରୁ-ଶିଷ୍ୟା ସମ୍ପର୍କରେ କଳଙ୍କ ଲାଗିଛି । ଭାଲେଣ୍ଟାଇନ ସପ୍ତାହରେ ବିଦ୍ୟାଳୟର ଅଷ୍ଟମ, ନବମ ଶ୍ରେଣୀ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକ ହଗ ଡେ, ଚକୋଲେଟ ଡେ ପଢ଼ାଉଥିବା ଜଣାପଡ଼ିଛି । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତପନ ମିଶ୍ରଙ୍କ ବିରୁଦ୍ଧରେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ପୀଡିତା ଛାତ୍ରୀ ଏଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି । ଛାତ୍ରୀ ଭାଲେଣ୍ଟାଇନ ଶିକ୍ଷା ଗ୍ରହଣ ପାଇଁ ଅମଙ୍ଗ ହେଲେ ସମ୍ପୃକ୍ତ ଶିକ୍ଷକ ନାଲି ଆଖି ଦେଖାଉଛନ୍ତି । ଶିକ୍ଷକଙ୍କ ଏଭଳି ଆଚରଣକୁ ନେଇ ବିଦ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି । ଏନେଇ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ଜରୁରୀ ବୈଠକ ବସିଛି । ରିଆମାଳ ବ୍ଲକ୍ କୁଣ୍ଢେଇଗୋଲା ସରକାରୀ ହାଇସ୍କୁଲରେ ଏଭଳି ଘଟଣା ସାମ୍ନାକୁ ଆସିଛି । ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି କିଷାନ ପ୍ରକାଶ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି



ସଭାପତି ନାରାୟଣ ସାହୁ ବିଦ୍ୟାଳୟରୁ ଏଭଳି ଶିକ୍ଷକଙ୍କୁ ତୁରନ୍ତ ଅପସାରଣ କରା ନଗଲେ ପରବର୍ତ୍ତୀ ପଦକ୍ଷେପ ବିଦ୍ୟାଳୟରେ ତାଲା ପକାଇବେ ବୋଲି ନିଷ୍ପତ୍ତି ନେଇଛନ୍ତି । ସେହିପରି ଅଭିଭାବକ ବସନ୍ତ ଦଳବେହେରା ବିଦ୍ୟାଳୟରୁ ଅଭିଯୁକ୍ତ ଶିକ୍ଷକଙ୍କୁ ତୁରନ୍ତ ବାହାର ନ କଲେ ବିଦ୍ୟାଳୟରେ ଛାତ୍ରୀ ମାନେ ଅସୁରକ୍ଷିତ ଥିବା ବିଚାର କରାଯିବ । ଫଳରେ ସେମାନେ ନିଜ ପିଲାଙ୍କୁ ସ୍କୁଲରୁ ନାମ କାଟି ଅନ୍ୟତ୍ର ନେବାପାଇଁ ବାଧ ହେବେ ବୋଲି ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ମତାମତ ନେବାରୁ ତାଙ୍କ ପାଖକୁ ଲିଖିତ ଅଭିଯୋଗ ଆସି ନାହିଁ ବୋଲି କହିଥିଲେ । ହେଲେ ଘଟଣାକୁ ନେଇ ବିଦ୍ୟାଳୟରେ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ବୈଠକ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ତାଙ୍କୁ ଫୋନ ଯୋଗେ ସୂଚନା ଦେଇଥିବା କରିଛନ୍ତି । କୌଣସି ସମାଧାନ ନ ହେଲେ ଅଭିଯୁକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିବା ଏବଂ ଆଇନ ଅନୁଯାୟୀ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ । ଅନ୍ୟ ପକ୍ଷରେ ସନ୍ଧ୍ୟାରେ ଛାତ୍ରୀଙ୍କ ମା' ଏ ନେଇ କୁଣ୍ଢେଇଗୋଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । କୁଣ୍ଢେଇଗୋଲା ଥାନା ପୁଲିସ ଅଭିଯୋଗର ତଦନ୍ତ ଆରମ୍ଭ କରିଛି ।

- ବିଦ୍ୟାଳୟରେ ଉତ୍ତେଜନା
- ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ଜରୁରୀ ବୈଠକ
- ଝିଅକୁ ନ୍ୟାୟ ପାଇଁ ଅଭିଭାବକ ଥାନାର ଦ୍ୱାରସ୍ଥ

# ପଟ୍ଟାମୁଣ୍ଡାଇରେ ରାସ୍ତାରୋକ ଓ ହରତାଳ

**ପଟ୍ଟାମୁଣ୍ଡାଇ:** ୪ଟି ଶ୍ରମ କୋଡ୍ ବାତିଲ କରିବା, ୨୦୨୫ ବିଦ୍ୟୁତ ସଂଶୋଧନ ବିଲ ବାତିଲ ସହ ସ୍ମାର୍ଟ ମିଟର ନାଁରେ ବିଦ୍ୟୁତ ଉପଭୋକ୍ତା ଶୋଷଣ ବନ୍ଦ କରିବା, ଭି ବି ଗ୍ରାମୀଣ ଆଇନ ୨୦୨୫ ରଦ୍ଦ କରିବା, ଅଣସଂଗଠିତ ଶ୍ରମିକଙ୍କୁ ଆଇନଗତ ସୁରକ୍ଷା,



ଦରଦାମ, ବେକାରୀ ବୃଦ୍ଧି ନିୟନ୍ତ୍ରଣ କରିବା ଓ ମଣ୍ଡିରେ ସରକାରଙ୍କ ଦ୍ୱାରା ଘୋଷିତ ସହାୟକ ମୂଲ୍ୟ କୃଷକଙ୍କୁ ପ୍ରଦାନ କରିବା ଦାବି ନେଇ ବିଭିନ୍ନ ଶ୍ରମିକ ସଂଗଠନ ଆହ୍ୱାନରେ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଏହି ଭାରତ ବନ୍ଦକୁ କଂଗ୍ରେସ ସମେତ ବିଭିନ୍ନ ବାମପନ୍ଥୀ ଦଳ ସମର୍ଥନ କରି ରାସ୍ତାରୋକ ଓ ହରତାଳ କରିଥିଲେ। ଏଥିରେ କଂଗ୍ରେସ, ସିପିଆଇ, ସିପିଏମ, ସିପିଆଇ ଏମଏଲ ଓ ନବ ନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା ସାମିଲ ହୋଇଥିଲେ। ପଟ୍ଟାମୁଣ୍ଡାଇ ବାଇପାସ, ବିଜୁ ପଟ୍ଟନାୟକ ଛକରେ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ପ୍ରକାଶ ମହାନ୍ତି, ନଗର କଂଗ୍ରେସ ସଭାପତି ତପନ ପାତ୍ର, ଜିଲ୍ଲା କଂଗ୍ରେସ ଦଳିତ ସେଲ ସଭାପତି ସର୍ବେଶ୍ୱର ସେଠୀ ଜିଲ୍ଲା କଂଗ୍ରେସ ସମ୍ପାଦକ ଅଶ୍ୱିନୀ ପାତ୍ର, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଧନେଶ୍ୱର ଦାସ, ରବି ମିଶ୍ର, ସୌଭାଗ୍ୟ ସାହୁ, ବସନ୍ତ ପରିଡା, ଛାତ୍ର କଂଗ୍ରେସ ନେତା ଦିବେଶ ରାଜ, ବୁଲୁ ବେହେରା, ସିପିଆଇ ଏମଏଲ ନେତା ସଂଜୀବ ରାଉତ ( ମଣ୍ଟୁ ), ଚିନ୍ମୟ ରାଉତ, ପ୍ରକାଶ ମଲିକ, ସିପିଆଇ ନେତା ପ୍ରକାଶ ମଲିକ, ବିଜୟ ଦାସ ସିପିଏମ ନେତା ଶ୍ରୀକାନ୍ତ ଲେଙ୍କା ଓ ସୋମନାଥ ବିଶ୍ୱାଳ, ନବନିର୍ମାଣ କୃଷକ ସଂଗଠନର ଦାଶରଥୀ ସାହୁ ଓ ଶିଶିର ଓଝା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଣ୍ଡରା, ଅମୃତମଣୋହି ଓ ବଲୁରିଆଠାରେ ସିପିଆଇ ଏମଏଲ ନେତା ଓ କର୍ମୀ ହରତାଳ କରିଥିଲେ।

**ମହାକାଳପଡ଼ା:** ମହାକାଳପଡା ବ୍ଲକ ମୁଖ୍ୟାଳୟରେ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି। ବ୍ଲକ ସିପିଆଇ (ଏମ) ସମ୍ପାଦକ ନରୋତ୍ତମ ପାର୍ଥସାରଥୀଙ୍କ ନେତୃତ୍ୱରେ ଓ ମହାକାଳପଡା ବ୍ଲକ କଂଗ୍ରେସ ସମର୍ଥନରେ ଶତାଧିକ କର୍ମୀ ଜମ୍ବୁ-ମାର୍ଶାଘାଇ ମୁଖ୍ୟରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ କରିବା ସହିତ ପିକେଟିଂ କରି ବିଭିନ୍ନ ବ୍ୟାଙ୍କ, ଦୋକାନ ବଜାର, ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସହିତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ଏହି ଧର୍ମଘଟରେ ମହାକାଳପଡ଼ା ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ତରାଇ,



ବରିଷ୍ଠ ନେତା ନିରାକାର ଜେନା, ରଘୁନାଥ ସେଠୀ, ସିପିଆଇ ନେତା ତ୍ରିଲୋଚନ ସ୍ୱାଇଁ, ସଂଜୟ ବସନ୍ତିଆ, ପୀତାମ୍ବର ମଲ୍ଲ, ରୋହିତ ମଲ୍ଲିକ, ଦାମୋଦର ବେହେରା, ପ୍ରତାପ ନାୟକ, ରବୀନ୍ଦ୍ର ମଲ୍ଲିକ, ଭରଦ୍ୱାଜ ଦାସ, ସୁଧାକର ବେହେରା ଓ କୁନା ପାଇଟାଳଙ୍କ ସହିତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# କେନ୍ଦ୍ରାପଡ଼ା ଜିଲ୍ଲାରେ ଭାରତ ବନ୍ଦ ସଫଳ

କେନ୍ଦ୍ରାପଡ଼ା,୧୨ା୨(ସମିସ)

ବିଭିନ୍ନ ଶ୍ରମିକ, କୃଷକ ଓ ସାଧାରଣ ଲୋକଙ୍କ ୨୧ ଦଫା ଦାବି ନେଇ ଦେଶବ୍ୟାପୀ ସାଧାରଣ ଧର୍ମଘଟ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଥିବା ଦେଖିବାକୁ ମିଳିଛି। ଏହି ବନ୍ଦ ଯୋଗୁଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇଥିଲା। ମନରେଗା ବଞ୍ଚାଅ, ଭି.ବି.ଜି.ଆର୍.ଏମ୍.ଜି ଆଇନ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ଶ୍ରମ କୋଡ଼ ରଦ୍ଦ, ଜନବିରୋଧୀ ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରତ୍ୟାହାର, କୃଷକ ବିରୋଧୀ ବିହନ ବିଲ୍-୨୦୨୫ ବାତିଲ, ସରକାରୀ ମୂଲ୍ୟରେ ସମସ୍ତ ଧାନ କ୍ରୟ ଏବଂ କୃଷିଜାତ ପଦାର୍ଥ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନ ରୂପ ଦେବା ସହିତ ଅନ୍ୟାନ୍ୟ ଦାବିକୁ ନେଇ ଏହି ଧର୍ମଘଟ ଡାକରା ଦିଆଯାଇଥିଲା। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଙ୍କ ମିଳିତ ମଞ୍ଚ, ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ସ୍ୱାଧୀନ ଫେଡେରେସନ ସମୂହର ଡାକରାରେ ଜିଲ୍ଲାରେ କଂଗ୍ରେସ ସମେତ ସମସ୍ତ ବାମଦଳ ସକ୍ରିୟ ଭାବେ ବନ୍ଦରେ ସାମିଲ ହୋଇଥିଲେ। ଅନ୍ୟପଟେ ବିଜେଡି ପକ୍ଷରୁ ପୂର୍ଣ୍ଣ ସମର୍ଥନ ଜଣାଇ ବିଭିନ୍ନ ସ୍ଥାନରେ ବନ୍ଦକୁ ସହଯୋଗ କରାଯାଇଥିଲା। ତିନିମୁହାଣି ଛକରେ ସକାଳ ୬ଟାରୁ ପିକେଟିଂ କରାଯାଇ କଟକ-ଚାନ୍ଦବାଲି ମୁଖ୍ୟ ସଡ଼କକୁ ଅବରୋଧ କରାଯାଇଥିଲା। ପରେ ଶୋଭାଯାତ୍ରା କରି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା, ପୋଷ୍ଟାଲ ସେବା, ଦୋକାନ ବଜାର ଓ ଶିକ୍ଷାନୁଷ୍ଠାନ ବନ୍ଦ ରଖାଯାଇଥିଲା। ବ୍ୟାଙ୍କ, ବୀମା ଓ ପୋଷ୍ଟାଲ କର୍ମଚାରୀ ସଂଘ ମଧ୍ୟ ବନ୍ଦକୁ ସମର୍ଥନ କରି ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଆଶା, ପାଚିକା, ଅଙ୍ଗନବାଡ଼ି କର୍ମୀ ଓ ଅବସରପ୍ରାପ୍ତ କର୍ମଚାରୀ ମଧ୍ୟ ଏହି ଧର୍ମଘଟକୁ ସମର୍ଥନ କରିଥିଲେ। ସିପିଆଇ (ଏମ) ଜିଲ୍ଲା ସମ୍ପାଦକ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ଜିଲ୍ଲା ଆବାହକ ଗୟାଧର ଧଳ ସଭା ପରିଚାଳନା କରିଥିଲେ। ଆଇଏନଟିୟୁସି ସଭାପତି ମୁକ୍ତାର ଖାଁ, କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ସିପିଆଇ ନେତା ରମଣୀ ରଞ୍ଜନ ରାଉତରାୟ, ଯୁବ ବିଜେଡି ନେତା ରାଜେଶ ପଣ୍ଡା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଡା. ସିପ୍ରା ମଲ୍ଲିକ, ସିଟୁ ନେତା ଜଗତ ଜୀବନ ଦାସ, ମାଧବ ଦାସ, ଏଆଇଟିୟୁସି ନେତା ବାବାଜୀ ଧଳ, ଆଇଏନଟିୟୁସି ନେତା ଫକୀର ଖଟୁଆ, ବିଦୁଭୂଷଣ ମହାପାତ୍ର, ୟୁଟିୟୁସି ପକ୍ଷରୁ ଏଲିନା ସାମନ୍ତରାୟ, ହୀରାମଣି ରାଉତ, ଏଚଏମଏସ ନେତା ତ୍ରିଲୋଚନ ଦାସ, କିଷାନ କଂଗ୍ରେସ ନେତା ମହେନ୍ଦ୍ର ପରିଡ଼ା,




ନବନିର୍ମାଣ କୃଷକ ସଂଗଠନ ନେତା ହୃଷିକେଶ ନାୟକ, ଅଖିଳ ଭାରତ କୃଷକ ସଭା ନେତା ଆଦିକନ୍ଦ ରାଉଳ, ଅବସରପ୍ରାପ୍ତ କର୍ମଚାରୀ ସଂଗଠନ ନେତା ଅଜୟ ସାମଲ, ଶିକ୍ଷକ ନେତା ତ୍ରିଲୋକ୍ୟନାଥ ସ୍ୱାଇଁ, ସମାଜସେବୀ ପ୍ରଦୀପ ମହାନ୍ତି, ସୁଶୀଲ ସାମଲ, ବ୍ୟାଙ୍କ କର୍ମଚାରୀ ନେତା ଆଶୁତୋଷ ପ୍ରସାଦ, ପାଚିକା ନେତ୍ରୀ କୁମୁଦିନି ସେନାପତି ପ୍ରମୁଖ ସାମିଲ ଥିଲେ।

# ଗରଦପୁର ଯୁବ ମହୋତ୍ସବର ଚତୁର୍ଥ ସନ୍ଧ୍ୟା



**ଗରଦପୁର,୧୨ା୨(ସମିସ):** ଗରଦପୁର ତହସିଲ ପଡିଆରେ ଆୟୋଜିତ ଗରଦପୁର ଯୁବ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ଓ ପାଟକୁରା ନିର୍ବାଚନ ମଣ୍ଡଳୀର ନେତା ତଥା ଯୁବ ମହୋତ୍ସବ ଅଧ୍ୟକ୍ଷ ତେଜେଶ୍ୱର ପରିଡା ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଅତିଥିମାନେ ଯୁବଶକ୍ତିକୁ ରାଜ୍ୟ ଓ ଦେଶର ମେରୁଦଣ୍ଡ ବୋଲି ବର୍ଣ୍ଣନା କରିଥିଲେ। ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଓ ରୋଜଗାରମୂଳକ ଯୋଜନାର ସଠିକ ଲାଭ ଉଠାଇବାକୁ ଯୁବକଙ୍କୁ ପରାମର୍ଶ ଦିଆଯାଇଥିଲା। ମନ୍ତ୍ରୀ ଶ୍ରୀ ସମ୍ପଦ ସ୍ୱାଇଁ କହିଥିଲେ, ଯୁବଶକ୍ତି ଯଦି ଇଚ୍ଛା କରିବେ, ତେବେ ଅସମ୍ଭବକୁ ସମ୍ଭବ କରିପାରିବେ ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ଆଗକୁ ନେବାରେ ଯୁବକମାନେ ନେତୃତ୍ୱ ନେବା ଆବଶ୍ୟକ। ବିଜେପି ନେତା ବିକ୍ରମ ରାଉତରାୟ, ବିଜୟ ନାୟକ, ପ୍ରସନ୍ନ କୁମାର ପଣ୍ଡା, ଅଞ୍ଜନ ଦେବତା, ଚିତ୍ତରଞ୍ଜନ ଚୌଧୁରୀ, ସନ୍ତୋଷ ରାଉତରାୟ, ମହେଶ୍ୱତା ସାମଲ ଓ ନିର୍ମଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଚିତ୍ରୋତ୍ପଳା ମହୋତ୍ସବ ଉଦ୍‌ଯାପିତ

**ଗରଦପୁର,୧୨ା୨(ସମିସ):** ଏଠାରେ ଚାଲିଥିବା ଚିତ୍ରୋତ୍ପଳା ମହୋତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଓଲିଉଡ ଅଭିନେତ୍ରୀ ସୁରମୟୀ ମହାପାତ୍ର ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରିଥିଲେ। ତାଙ୍କ ନୃତ୍ୟରେ ଦର୍ଶକ ଝୁମିଥିଲେ। ଏ ଅବସରରେ ଜଗନ୍ନାଥ ଯୋଗ ବିଜ୍ଞାନ ବିଶ୍ୱ ବିଦ୍ୟାପୀଠ, ପୁରୀର ଗରଦପୁର ମୁଖ୍ୟ ଶାଖାକୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାଜ ଉନ୍ନତି ଓ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରୁଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ମାର୍ଶାଘାଇ କଲେଜର ଅଧ୍ୟକ୍ଷ ଶଶୀକାନ୍ତ ନାୟକ, ପାଖଡ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସଂଗ୍ରାମ କେଶରୀ ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଗିରିଜା ଶତପଥୀଙ୍କ ସମେତ ବହୁ ସ୍ୱନାମଧନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସଭାପତି ସୁରେନ୍ଦ୍ରନାଥ ପାଣି, ସଂପାଦକ ପ୍ରତାପ ପ୍ରଧାନ, ଉପସଭାପତି ଶିବପ୍ରସାଦ ପଣ୍ଡା, ଯୁବ ସକ୍ରିୟ ସଦସ୍ୟ ଶୁଭମ ପାଣି, ମୁଖପାତ୍ର ରାଜେନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ହେମନ୍ତ ସ୍ୱାଇଁ, ଉପଦେଷ୍ଟା ରବିନ୍ଦ୍ର ରଥ, ଗୋଲଖ ମହାନ୍ତି, ଗୌରାଙ୍ଗ ସାହୁ ଓ ଅଭୟ ଦାସ ପ୍ରମୁଖ ଏହି ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ। ଏହି ମହୋତ୍ସବରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, କୃଷକ ମୋର୍ଚ୍ଚା ରାଜ୍ୟ ସଂପାଦକ ବିକ୍ରମ କେଶରୀ ରାଉତରାୟ, ରାଜ୍ୟ ସୋସିଆଲ ମିଡ଼ିଆ ପ୍ରମୁଖ ଉମାକାନ୍ତ ପଟ୍ଟନାୟକ ଓ ଜିଲ୍ଲା ପରିଷଦ ସଦସ୍ୟା ଡଲି ଶତପଥି ପ୍ରମୁଖ ଯୋଗଦେଇଥିଲେ। ସେମାନେ ଯୁବମାନଙ୍କୁ ଉତ୍ସାହିତ କରିବା ସହ ଅଞ୍ଚଳର ସମଗ୍ର ବିକାଶ ପାଇଁ ଭବିଷ୍ୟତରେ କିପରି ରୋଡମ୍ୟାପ ପ୍ରସ୍ତୁତ କରାଯିବ, ସେନେଇ ମତ ପ୍ରକାଶ କରିଥିଲେ। ସାମଗ୍ରିକ ଭାବେ ଚିତ୍ରୋତ୍ପଳା ମହୋତ୍ସବ ଅଞ୍ଚଳର ସାଂସ୍କୃତିକ ଐତିହ୍ୟକୁ ଆହୁରି ସୁଦୃଢ଼ କରିବା ସହ ସମାଜରେ ଏକତା ଓ ସାମୂଦାୟିକ ଭାବନାକୁ ପ୍ରବଳ କରିଥିବା ମତ ପ୍ରକାଶ ପାଇଛି।

# ଶିକ୍ଷାବିତ ପୁରୁଷୋତ୍ତମ ପଣ୍ଡାଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ, ୧୨ା୨(ସମିସ):** ଶ୍ରୀରାମପୁର ପଞ୍ଚାୟତ ପାଳପାଟଣା ଗ୍ରାମର ପୂର୍ବତନ ଶିକ୍ଷକ ନେତା, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ ପୁରୁଷୋତ୍ତମ ପଣ୍ଡାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଶ୍ରୀରାମ ଫାଉଣ୍ଡେସନ ଅଧ୍ୟକ୍ଷ ଉତ୍ତମ ଖୁଣ୍ଟିଆ, ଶ୍ରୀରାମପୁର ସରପଞ୍ଚ ପ୍ରତିନିଧି ପ୍ରତାପ ସେଠୀ,ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଯୁବ ନେତା ସଂଗ୍ରାମ ସ୍ୱାଇଁ, ଦଳିତ ନେତା ପ୍ରେମାନନ୍ଦ ସେଠୀ, ଶଶୀକାନ୍ତ ପଣ୍ଡା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠ ପୁତ୍ର ଧନଞ୍ଜୟ ପଣ୍ଡା ମୁଖାଗ୍ନି ଦେଇଥିଲେ।



# ଶିକ୍ଷକ ଗୋପାଳ ଦାଶଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୧୨ା୨(ସମିସ):** ପଟ୍ଟାମୁଣ୍ଡାଇର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଏମଏନ ହାଇସ୍କୁଲ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଗୋପାଳ ଚନ୍ଦ୍ର ଦାଶଙ୍କ ୯୦ ବର୍ଷ ବୟସରେ ପରଲୋକ ଘଟିଛି। ସେ ଗତ କିଛିଦିନ ଧରି କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ବୁଧବାର ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର କଟକରୁ ବାସଭବନରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସନତ ଦାଶ ମୁଖାଗ୍ନି ଦେଇଥିଲେ।



# ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ମାର୍ଶାଘାଇ,୧୨ା୨(ସମିସ):** ମାର୍ଶାଘାଇ ତହସିଲ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅଚାନକ ପ୍ରବେଶ କରି ପୁରୁଷୋତ୍ତମପୁରର ପତିତପାବନ ମହାନ୍ତି(୪୬) ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତହସିଲଦାର ଶ୍ରୀକାନ୍ତ ପରିଜା ପାଟି କରିବାରୁ ଉପସ୍ଥିତ କର୍ମଚାରୀ ଯୁବକଙ୍କୁ କାବୁ କରିଥିଲେ। ରାଜପଥ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ନୋଟିସ ଜାରି କରାଯାଇଥିଲା। ଏଥିରେ ବିଚଳିତ ହୋଇ ଜମି ହରାଇ ସର୍ବସାନ୍ତ ହେବା ଆଶଙ୍କା କରି ପତିତପାବନ ଆତ୍ମହତ୍ୟାର ଭଳି ଚରମ ନିଷ୍ପତ୍ତି ନେଇଥିବା ତହସିଲଦାର ଶ୍ରୀ ପରିଜା କହିଛନ୍ତି।

# ୨୦ରୁ ମହୁଲିଆରେ ସନାତନ ଧର୍ମ ସମ୍ମିଳନୀ

**ରାଜନଗର,୧୨ା୨(ସମିସ):** ଜଗତ୍‌ଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତମିଳନ ଉତ୍ସବ ୨୦ରୁ ୨୩ ତାରିଖ ଯାଏଁ ରାଜନଗର ବ୍ଲକର ମହୁଲିଆଠାରେ ଅନୁଷ୍ଠିତ ହେବ। ଶାନ୍ତି ଆନନ୍ଦାଶ୍ରମ, କରମଳାର ଭଗବତ ଗୋଷ୍ଠୀ, ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ଓ ମହୁଲିଆ ପଞ୍ଚାୟତ ଭକ୍ତ ସମିତି ମିଳିତ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ସନାତନ ଧର୍ମ ସମ୍ମିଳନୀ ପାଇଁ ୨୦ ତାରିଖ ଦିନ ପ୍ରାତଃ ୮ ରେ ରାଜନଗର ତହସିଲ କଲୋନୀସ୍ଥ ଆଶ୍ରମଠାରୁ ଠାକୁର ଅଭିରାମ ପରମହଂସ ଦେବଙ୍କୁ ଭବ୍ୟ ଓ ଦିବ୍ୟ ସଂକୀର୍ତ୍ତନ ଶୋଭାଯାତ୍ରାରେ ସମ୍ମିଳନୀ ମଣ୍ଡପ ଯାଏଁ ପାଛୋଟି ନିଆଯିବ। ଅପରାହ୍ନ ୪ଟାରେ ଠାକୁରଙ୍କ ସମ୍ମିଳନୀ ମଣ୍ଡପ ବିଜେ ଓ ସନାତନ ଧର୍ମ ସଭାର ଉଦଘାଟନ ହେବ। ବାବାଜୀ ସଦାନନ୍ଦ ଦାସ ମହାରାଜଙ୍କ ପୌରୋହିତ୍ୟରେ ଧର୍ମସଭା ଅନୁଷ୍ଠିତ ହେବ। ସଭାରେ ବାବାଜୀ ଧର୍ମାନନ୍ଦ ଦାସମହାରାଜ, ବାବାଜୀ ତ୍ରିଲୋଚନ ଦାସ, ବାବାଜୀ ବନବିହାରୀ ଦାସ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଜାତୀୟ କୃମି ନାଶକ ଦିବସର ଶୁଭାରମ୍ଭ କଲେ ଜିଲ୍ଲାପାଳ



**କେନ୍ଦ୍ରାପଡ଼ା,୧୨ା୨(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସକୁ ଜିଲ୍ଲାପାଳ ରଘୁରାମ ଆର୍ ଆୟର ଶୁଭାରମ୍ଭ କରିଛନ୍ତି। ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଙ୍କୁ କୃମିନାଶକ ଔଷଧ ସେବନ କରାଇ ଜିଲ୍ଲାପାଳ କାର୍ଯ୍ୟକ୍ରମର ଔପଚାରିକ ଶୁଭାରମ୍ଭ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡା. ମନୋରଞ୍ଜନ ସାହୁ, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ସୁଷମା ମହାନ୍ତି, ଫାଇନାନ୍ସିଆଲ୍ ଅଧିକାରୀ ଆଶୁତୋଷ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନମଙ୍ଗଳ ଅଧିକାରିଣୀ ରଶ୍ମିମଞ୍ଜରୀ ପ୍ରଧାନ ଉପସ୍ଥିତ ଥିଲେ। ଏଥିସହିତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ରଶ୍ମିତା ପରିଡ଼ା, ଏପିଡେମିଓଲୋଜିଷ୍ଟ ଡା. ଅଶୋକ ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭନାରାୟଣ ନାୟକ, ଭିବିଡି କନସଲଟାଣ୍ଟ ବିରାଟ ରାଜା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ଜିଲ୍ଲାରେ ୭ ନୂଆ ୧୦୮ ଆମ୍ବୁଲାନ୍ସ

**କେନ୍ଦ୍ରାପଡ଼ା,୧୨ା୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଆପାତକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ୭ଟି ନୂତନ ୧୦୮ ଆମ୍ବୁଲାନ୍ସ ସେବା ଯୋଡ଼ାଯାଇଛି। ଏହାକୁ ଜିଲ୍ଲାପାଳ ଉଦ୍‌ଘାଟନ କରିଛନ୍ତି। ପୁରୁଣା ୭ଟି ଆମ୍ବୁଲାନ୍ସକୁ ବଦଳାଇ ଏହି ନୂତନ ଆଧୁନିକ ଆମ୍ବୁଲାନ୍ସ ଚାଲୁ କରାଯାଇଛି। ରାଜକନିକା ସିଏଚ୍‌ସିରେ ୧ଟି, ଆଳି ସିଏଚ୍‌ସିରେ ୨ଟି, ପଟ୍ଟାମୁଣ୍ଡାଇ ଏସ୍‌ଡିଏଚ୍‌ରେ ୧ଟି, ରାଜନଗର ସିଏଚ୍‌ସିରେ ୧ଟି, ଡେରାବିଶ ସିଏଚ୍‌ସିରେ ୧ଟି ଓ ପାଟକୁରା ସିଏଚ୍‌ସିରେ ୧ଟି ମୋଟ ୭ଟି ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ବର୍ତ୍ତମାନ ଜିଲ୍ଲାରେ ମୋଟ ୩୯ଟି ସଡ଼କ ଆଧାରିତ ୧୦୮ ଆମ୍ବୁଲାନ୍ସ ସେବା ସହ ୨ଟି ବୋଟ୍ ଆମ୍ବୁଲାନ୍ସ ସେବା ଚାଲୁ ରହିଛି। ଏଥିସହିତ ମୋଟ



୪୧ଟି ଆମ୍ବୁଲାନ୍ସ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଦେଇଆସୁଛି। ବିଶେଷକରି ନଦୀଘେରା ଓ ଦୁର୍ଗମ ଅଞ୍ଚଳରେ ବୋଟ୍ ଆମ୍ବୁଲାନ୍ସ ରୋଗୀ ସେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି।

# ଅଗ୍ନିକାଣ୍ଡରେ ଯଜ୍ଞଘର ଭସ୍ମୀଭୂତ

**ଡେରାବିଶ,୧୨ା୨(ସମିସ):** ଫାଣ୍ଡିବର ଛକରେ ଥିବା ବାବା ଆଖଣ୍ଡଳମଣିଙ୍କ ଯଜ୍ଞଘର ଗତକାଲି ରାତିରେ ଅଗ୍ନିକାଣ୍ଡରେ ଭସ୍ମୀଭୂତ ହୋଇଯାଇଛି। ଭକ୍ତମାନଙ୍କ ସହଯୋଗରେ ଯଜ୍ଞ ଅନୁଷ୍ଠିତ ହେଉଥିବାବେଳେ ସେମାନଙ୍କ ଦାନରେ ଏହି ଯଜ୍ଞଘର ନିର୍ମାଣ କରାଯାଇଥିଲା। ଯଜ୍ଞ ଘରେ ଯଜ୍ଞର ସମସ୍ତ ଉପକରଣ ସହିତ ବହୁ କାଷ୍ଠ ନିର୍ମିତ ସାମଗ୍ରୀ ଥିଲା। ଅଗ୍ନିକାଣ୍ଡ ଘଟି ଏହା ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ସ୍ଥାନୀୟ ଲୋକମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଯଜ୍ଞ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା।

# କଂଗ୍ରେସର ସାଂଗଠନିକ ବୈଠକ

**ରାଜକନିକା,୧୨ା୨(ସମିସ):** ରାଜକନିକା ବ୍ଲକ ତ୍ରୈଲୋକ୍ୟପୁର ପଞ୍ଚାୟତ କଂଗ୍ରେସ ସଂଗଠନର ଏକ ବୈଠକ ଆଜି ସନ୍ଧ୍ୟାରେ ତେନ୍ତୁଳିକୋଳିଠାରେ ଅନୁଷ୍ଠିତ ହୋଇଯାଇଛି। ବିଜୟ ବେହେରାଙ୍କ ଆହୂତ ଏହି ବୈଠକରେ ବ୍ଲକ କଂଗ୍ରେସ ସଭାପତି ପଙ୍କଜ ଦାସ, ବରିଷ୍ଠ ନେତା ହରେକୃଷ୍ଣ ନାୟକ, ଧରଣୀଧର ଦାସ, ପ୍ରଫୁଲ୍ଲ ରାଉତ ଲକ୍ଷ୍ମୀଧର ସାହୁ, ମାନସ ସାହୁ, ଧୀରେନ୍ଦ୍ର ମହାନ୍ତି, ରଙ୍ଗଲାଲ ମଲିକ, ବିକ୍ରମ ବେହେରା, ଚିତ୍ତରଞ୍ଜନ ସାହୁ, ପୀତବାସ ବିଶ୍ୱାଳ, ରାଜେନ୍ଦ୍ର ନାୟକ, ଶଶୀକାନ୍ତ ସାହୁ, ଛାୟାକାନ୍ତ ସାହୁ, ହୃଷିକେଶ ନାଥ, ବିନୟ ରାଉତ, ଅମର ବେହେରା, ବିଚିତ୍ର ବିଶ୍ୱାଳ, ମଧୁସୁଦନ ଭୂୟାଁ ପ୍ରମୁଖ ଏସଆଇଆର ନିୟମ ପାଇଁ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜିଲ୍ଲା ବିଜେପି ନେତା

# ପଟ୍ଟାମୁଣ୍ଡାଇକୁ ସବଡିଭିଜନ ଓ ରାଜନଗରକୁ ଏନ୍‌ଏସି ଦାବି




**ପଟ୍ଟାମୁଣ୍ଡାଇ,୧୨ା୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଜିଲ୍ଲାରେ ଚାଲିଥିବା ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ସହ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ନେତା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିଛନ୍ତି। ଜିଲ୍ଲାର ରେଳପଥ ବିକାଶ, ଶିଳ୍ପ ପ୍ରତିଷ୍ଠା, ଶିଳ୍ପ ଭିତ୍ତିଭୂମି ସୁଦୃଢ଼ କରିବା, ଗମନାଗମନ ବ୍ୟବସ୍ଥାରେ ଉନ୍ନତି ଆଣିବା ସମ୍ପର୍କ ଆଲୋଚନା କରିଥିଲେ। ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, କେନ୍ଦ୍ରାପଡ଼ା ବିଜେପି ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ଆଳି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ଜିଲ୍ଲା ବିଜେପି ଉପସଭାପତି ଆଡଭୋକେଟ ଭାରତ ଭୂଷଣ ଦାସ ଓ ସାଧାରଣ ସମ୍ପାଦକ ଅମିତାଭ ସୁଆର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜିଲ୍ଲାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା ପଟ୍ଟାମୁଣ୍ଡାଇକୁ ସବଡିଭିଜନ ଓ ରାଜନଗରକୁ ଏନଏସି ଘୋଷଣା ପାଇଁ ଦାବି କରିଥିଲେ। ତେବେ ଉଚିତ ସମୟରେ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## କଖାରୁଣୀ ସ୍କୁଲରେ ଶିକ୍ଷକ ଅଭାବ ଘଟଣାର ପ୍ରତିବାଦ

# ଶ୍ରେଣୀ ଗୃହରେ ଶିକ୍ଷକ ଓ ସିଆରସିଙ୍କୁ ତାଲା

ପଟ୍ଟାମୁଣ୍ଡାଇ,୧୨ା୨(ସମିସ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ। ଆବଶ୍ୟକ ଶିକ୍ଷକ ଦାବି କରି ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ସିଆରସିସି ଓ ଶିକ୍ଷକଙ୍କୁ ଶ୍ରେଣୀ ଗୃହରେ ତାଲା ପକାଇ ସ୍କୁଲ ବାରଣ୍ଡାରେ ଧାରଣା ଦେଇଛନ୍ତି । ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। କଖାରୁଣୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୩୫୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ସ୍କୁଲରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀରେ ମାତ୍ର



୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। ଫଳରେ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ଛାତ୍ରଛାତ୍ରୀ ଓ ଗ୍ରାମବାସୀ

## ସ୍କୁଲ ବାରଣ୍ଡାରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା

ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ପ୍ରଧାନଶିକ୍ଷକ ସ୍କୁଲର ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ୯ଟି ଶ୍ରେଣୀକୁ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପଢାଇବା କଷ୍ଟକର ହେଉଛି। ୩ ଜଣ ଶିକ୍ଷକ ୩ଟି ଶ୍ରେଣୀରେ ପଢାଉ ଥିବାବେଳେ ବାକି ୬ଟି ଶ୍ରେଣୀର ପିଲା ଖେଳରେ ବ୍ୟସ୍ତ ରହୁଛନ୍ତି। ପ୍ରଧାନଶିକ୍ଷକ ଅଜୟ ସାହୁ ଓ କଖାରୁଣୀ ଗ୍ରାମବାସୀ ବାରମ୍ବାର ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦରେ ଗତକାଲି କଖାରୁଣୀ ସ୍କୁଲ ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନ ବର୍ଜନ କରିବା ସହିତ ସ୍କୁଲରୁ ମିଳିଥିବା ଡ୍ରେସକୁ ଫେରାଇଥିଲେ। ଆଜି ଏହି ଘଟଣା ଭିନ୍ନ ମୋଡ଼ ନେଇଛି। ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ଶ୍ରେଣୀ ଗୃହରେ ସିଆରସିସି ଅରବିନ୍ଦ ବଳ, ପ୍ରଧାନଶିକ୍ଷକ ଅଜୟ ସାହୁ ଓ ଅନ୍ୟ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇ ଦେଇଥିଲେ।

ପରେ ସ୍କୁଲ ବାରଣ୍ଡାରେ ଛାତ୍ରଛାତ୍ରୀ, ଅଭିଭାବକ, ସ୍କୁଲ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ପରିଡା, ଉପସଭାପତି ସୁଶୀଳା ପ୍ରଧାନ ଓ ସଦସ୍ୟା ମାନସୀ ମଲିକ, ରେବତୀ ପ୍ରଧାନ ଓ କଳ୍ପନା ମଲିକ ପ୍ରମୁଖ ଧାରଣା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହିତ ଆଲୋଚନା କରି ୨ ଜଣ ଶିକ୍ଷକଙ୍କ ନିଯୁକ୍ତି ପତ୍ର ପଠାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

■ ଫେସ୍‌ବୁକ୍‌ରେ ବିଧାୟକଙ୍କ ବିରୋଧରେ ମନ୍ତବ୍ୟ

# ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ

ଜୟପୁର,୧୨ ।୨(ସମିସ):

ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ବିରୋଧରେ ଦୁର୍ନିତୀ କରିଥିବା ସହିତ ଆବାସ ଯୋଜନାରେ ଟଙ୍କାରେ ହଡପ କରିଥିବା ଆପତ୍ତିଜନକ ମନ୍ତବ୍ୟ ଫେସବୁକ ମାଧ୍ୟମରେ ପୋଷ୍ଟ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ନେଇ ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ନିହାର ରଞ୍ଜନ ବିଶୋୟୀ ଜୟପୁର ଟାଉନଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିନେଇ ଟାଉନଥାନାରେ ଏକ ମାମଲା ରୁଜୁ ହେବା ସହିତ କୋରାପୁଟ ସାଇବର ଥାନାକୁ ଅବଗତ କରାଯାଇଛି। ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ତଥା ଅଭିଯୋଗକାରୀ ଶ୍ରୀ ବିଶୋୟୀ ଲିଖିତ ଅଭିଯୋଗ ରେ ଦର୍ଶାଇଛନ୍ତି ଯେ, କିଛି ଖଳ ପ୍ରକୃତିର ଲୋକ ଜୟପୁର ବିଧାୟକ ଶ୍ରୀ ବାହୀପତିଙ୍କ ବିରୋଧରେ ଓଡିଆଙ୍କ ଛାଟ ନାମକ ଏକ ଜାଲି ପରିଚୟ ପ୍ରଦାନ କରାଯାଇ ସାଇଟ ଖୋଲିବା ସହିତ ସେଥିରେ ଘର ଖାଇଗଲା ଭାଲୁ, ୭୦ଟି ଆବାସ ଯୋଜନାର ଘରର ଟଙ୍କା ଲୁଟିନେବା ଭଳି ମିଥ୍ୟା ଓ ଆପତ୍ତିଜନକ ଶବ୍ଦ ବ୍ୟବହାର କରାଯାଇ ଫେସବୁକରେ ଭାଇରାଲ କରାଯାଇଛି। ତେଣୁ ଏହା ଦ୍ୱାରା ରାଜ୍ୟର ଜଣେ ବରିଷ୍ଠ ବିଧାୟକ ଶ୍ରୀ ବାହିନୀପତି ଏବଂ ଜିଲ୍ଲା କଂଗ୍ରେସକୁ ବଦନାମ କରିବାକୁ ଏକ କୁଚକ୍ରାନ୍ତ ଗୋଷ୍ଠି ମିଥ୍ୟା ପେସବୁକ ପରିଚୟରେ ଏହପିର ଅପଶବ୍ଦ ବ୍ୟବହାରକାରୀଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ ଦର୍ଶାଇଛନ୍ତି। ଏହି ଏତଲା ପ୍ରଦାନ ବେଳେ କଂଗ୍ରେସ ଦଳର ବରିଷ୍ଠ ସଦସ୍ୟ ଗଙ୍ଗାଧର ସାହୁ, ବସନ୍ତ ନାୟକ, ଏ .ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ।

## କଡ଼ା ସୁରକ୍ଷା ମଧ୍ୟରେ ପହଞ୍ଚିଲା ମାଟ୍ରିକ ପ୍ରଶ୍ନପତ୍ର

# ସବୁ କେନ୍ଦ୍ରରେ ସିସି ଟିଭି କ୍ୟାମେରା ସ୍ଥାପନ ହୋଇଛି: ଜିଲ୍ଲା ଶିକ୍ଷା ଅଧିକାରୀ

➤ ଫେବୃଆରୀ ୧୯ ରୁ ମାଟ୍ରିକ୍ ପରୀକ୍ଷା
➤ ଜିଲ୍ଲାର ୨୯୦ ହାଇସ୍କୁଲର ୧୯ ୬୭୫ ଜଣ ପରୀକ୍ଷାର୍ଥୀ

କୋରାପୁଟ,୧୨ ।୨(ସମିସ) ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମାଟ୍ରିକ ପରୀକ୍ଷା ଫେବୃଆରୀ ମାସ ୧୯ ତାରିଖରୁ ଆସନ୍ତା ମାର୍ଚ୍ଚ ମାସ ୨ ତାରିଖ ପର୍ଯ୍ୟନ୍ତ ହେବ। ଏଥିପାଇଁ ଆବଶ୍ୟକ ପ୍ରଶ୍ନପତ୍ର କୋରାପୁଟ ସରକାରୀ ହାଇସ୍କୁଲରେ ପ୍ରଶ୍ନପତ୍ର ପହଞ୍ଚି ସାରିଛି। ପରୀକ୍ଷା ପାଇଁ କୋରାପୁଟ ଜିଲ୍ଲାରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ କହିଛନ୍ତି। ଜିଲ୍ଲାର ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ୮୭ ଟି ପରୀକ୍ଷା କେନ୍ଦ୍ର ରହିଥିବା ବେଳେ ମଧ୍ୟମା ପାଇଁ ଗୋଟିଏ, ଏସଓଏସସି ପାଇଁ ୬ ମୋଟ ୯୪ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଜିଲ୍ଲାର ୨୯୦ ହାଇସ୍କୁଲର ମୋଟ ୧୯ ହଜାର ୬୭୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ସେମାନଙ୍କ ମଧ୍ୟରେ ରେଗୁଲାର ୧୮ ହଜାର ୧୫୮ ଜଣ, ଏକ୍ସ ରେଗୁଲାର ୧୧୧ ଜଣ, ଏସଓଏସସି ୧ ହଜାର ୩୭୭ ଜଣ , ମଧ୍ୟମା ୧୪ ଜଣ ଏବଂ ଡିଷ୍ଟାନ୍ସରେ ୧୫ ଜଣ ଛାତ୍ରଛାତ୍ରୀଙ୍କ ସହ ମୋଟ ୧୯ ହଜାର ୬୭୫ ଜଣ ପରୀକ୍ଷା ଦେବେ।୧୪ ଟି ବ୍ଲକରେ ୧୪ ଟି ନୋଡାଲ କେନ୍ଦ୍ର କରାଯାଇଛି। ଏହି କେନ୍ଦ୍ରରୁ ପ୍ରଶ୍ନପତ୍ର କଡା ସୁରକ୍ଷା ମଧ୍ୟରେ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ଦିନ ହିଁ ପଠାଯିବ।ଏଥିପାଇଁ ୨୭ ଦଳ ନିୟୋଜିତ ହୋଇଛନ୍ତି। ସବୁ କେନ୍ଦ୍ରରେ ସିସି ଟିଭି ସ୍ଥାପନ କରାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି ବୋଲି ସେ କହିଛନ୍ତି। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଦୁଇଟି ସ୍କ୍ୱାର୍ଡ ଏବଂ ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାର୍ଡ ଗଠନ କରାଯାଇଛି। ଜିଲ୍ଲା ପ୍ରଶାସନ ତରଫରୁ ପ୍ରତ୍ୟେକ କେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ବ୍ୟାନ ହୋଇଛି। ପରୀକ୍ଷାର୍ଥୀଙ୍କ ସମେତ ପରୀକ୍ଷା ଦାୟିତ୍ୱରେ ଥିବା ଶିକ୍ଷକ ଓ କର୍ମଚାରୀ ମାନେ ମଧ୍ୟ ପରୀକ୍ଷା ହଲ ଭିତରକୁ ମୋବାଇଲ ନେଇ ପାରିବେ ନାହିଁ। କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଛି ବୋଲି ପ୍ରଧାନଶିକ୍ଷକ ହିମାଂଶୁ ଶେଖର ଦାସ କହିଛନ୍ତି।



# ଭାଲୁ ଆକ୍ରମଣରେ ବୃଦ୍ଧା ଆହତ

ଡାବୁଗାଁ, ୧୨।୨(ସମିସ): ଗୁରୁବାର ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଞ୍ଚଳା ପଞ୍ଚାୟତ ଅଧୀନ ସିନ୍ଧିକାଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜଣେ ବୃଦ୍ଧା ଭାଲୁ ଆକ୍ରମଣରେ ଆହତ ହୋଇଛନ୍ତି । ଡାବୁଗାଁ ବ୍ଲକ ଅଞ୍ଚଳା ପଞ୍ଚାୟତ ଅଧୀନ ସିନ୍ଧିକାଗୁଡା ଗ୍ରାମର ଜେମା ପୂଜାରୀ (୬୬) ଆଜି ମଧାହ୍ନ ୧୨ଟା ସମୟରେ ଗ୍ରାମ ନିକଟ ଜଙ୍ଗଲକୁ ଜାଳେଣୀ କାଠ ସଂଗ୍ରହ କରିବା ପାଇଁ ଯାଇଥିଲେ। କାଠ ସଂଗ୍ରହ କରିବା ସମୟରେ ଏକ ଭାଲୁ ଆସି ବୃଦ୍ଧା ଜଣଙ୍କୁ ପଛପଟୁ ଆକ୍ରମଣ କରିଥିଲା। ସେହି ସମୟରେ ଅନ୍ୟ ପଟେ କାଠ ସଂଗ୍ରହ କରୁଥିବା ମହିଳା ମାନେ ପାଟି କରି ବାଡି ଧରି ଆସିବାରୁ ଭାଲୁଟି ବୃଦ୍ଧାଙ୍କୁ ଛାଡି ଚାଲି ଯାଇଥିଲା। ଫଳରେ ବୃଦ୍ଧା ଜଣଙ୍କ ଆହତ ହୋଇଥିଲେ। ପରେ ମହିଳା ମାନେ ତାଙ୍କୁ ଉଦ୍ଧାର କରି ଗ୍ରାମକୁ ନେଇଥିଲେ। ସେହି ସମୟରେ ଉକ୍ତ ଗ୍ରାମକୁ ଡାବୁଗାଁ ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ ଓ ଅଞ୍ଚଳା ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ. ଡି ପ୍ରସାଦ ଉନ୍ନୟନ କାର୍ଯ୍ୟର ତଦାରଖ କରିବା ପାଇଁ ଯାଇଥିଲେ। ୨ ଅଧିକାରୀ ଆହତ ବୃଦ୍ଧାଙ୍କୁ ନିଜ ଗାଡିରେ ଆଣି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରିଥିଲେ।

# ଦୋକାନ ଗୃହ ପୋଡ଼ି ପାଉଁଶ

କୋଷାଗୁମୁଡା,୧୨।୨(ସମିସ): ସର୍ଟ ସର୍କିଟ ହେବା ଫଳରେ ଏକ ଦୋକାନ ଘରଟି ପୋଡି ପାଉଁଶ ହୋଇଯାଇଛି। ଏଭଳି ଏକ ଅଘଟଣ ଘଟିଯାଇଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡୀଙ୍ଗା ଗ୍ରାମରେ। ସୂଚନା ମୁତାବକ ଆଜି ସକାଳ ପ୍ରାୟ ୬ଟା ସମୟରେ। ଗ୍ରାମର ଗଙ୍ଗାଧର ପାତ୍ର ଦୀର୍ଘ ବର୍ଷ ତଳେ ଏକ କଂସା, ପିତଳ ଦୋକାନ କରି ନିଜ ପରିବାରର ପ୍ରତିପୋଷଣ କରି ଆସୁଥିଲେ। ହେଲେ ଆଜି ସର୍ଟ ସର୍କିଟ ଯୋଗୁଁ ନିଆଁ ଦୋକାନ ସାରା ବ୍ୟାପି ଯାଇଥିଲା। ଦୋକାନ ଘର ମଧ୍ୟରେ ରହିଥିବା କଂସା, ପିତଳ, ଷ୍ଟିଲ ଆଲୁମିନିୟମ ସାମଗ୍ରୀ ସବୁ ନିଆଁରେ ପୋଡି ପାଉଁଶ ହୋଇଯାଇଛି । ସ୍ଥାନୀୟ ଲୋକେ ଦମକଳକୁ ସୂଚନା ଦେବା ପରେ ଦମକଳ ଘଟଣା ସ୍ଥଳରେ ନିଆଁକୁ ଆୟତ୍ତ କରିବା ମଧ୍ୟରେ ସବୁ କିଛି ଛାରଖାର ହୋଇସାରିଥିଲା । ଗଙ୍ଗାଧରଙ୍କ ସୂଚନା ପ୍ରକାରେ ପାଖାପାଖି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନିଆଁରେ ପୋଡି ପାଉଁଶ ହୋଇଯାଇଛି। ତେଣୁ ଗଙ୍ଗାଧରଙ୍କ ପରିବାର ଉପରେ ଏବେ ଚଡକ ପଡିଛି। ପ୍ରଶାସନ କିଛି ସହାୟତା ପ୍ରଦାନ କଲେ ପରିବାର ଲୋକେ ଉପକୃତ ହୁଅନ୍ତେ ବୋଲି ଗଙ୍ଗାଧର ପ୍ରଶାସନକୁ ଗୁହାରି କରିଛନ୍ତି

# ଲଲାଟ ଯୁବ, ଫିରୋଜ ଛାତ୍ର ବିଜେଡ଼ି ସଭାପତି





କୋରାପୁଟ,୧୨।୨(ସମିସ): ବିଜୁ ଜନତା ଦଳ ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ବିଭିନ୍ନ ଜିଲ୍ଲାର ଯୁବ ଏବଂ ଛାତ୍ର ବିଜେଡ଼ି ସଭାପତି ମାନଙ୍କ ନାମ ଘୋଷଣା କରିଥିବା ବେଳେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ତଥା ବର୍ତ୍ତମାନର ସଭାପତି ଲଲାଟ ରଞ୍ଜନ ସେଠୀଙ୍କୁ ପୁନର୍ବାର ଯୁବ ବିଜେଡ଼ି ସଭାପତି ଭାବେ ମନୋନୀତ କରିଛନ୍ତି। ସେହିପରି ଛାତ୍ର ନେତା ଫିରୋଜ ପଡ଼ାଲଙ୍କୁ ଶ୍ରୀ ପଟ୍ଟନାୟକ ଛାତ୍ର ବିଜେଡ଼ି ଜିଲ୍ଲା ସଭାପତି ଭାବେ ମନୋନୀତ କରିଛନ୍ତି। ସୂଚନା ପାଇବା ପରେ ନବ ନିଯୁକ୍ତ ଯୁବ ସଭାପତି ଲଲାଟ ରଞ୍ଜନ ସେଠୀ ଏବଂ ଛାତ୍ର ବିଜେଡ଼ି ସଭାପତି ଫିରୋଜ ପଡ଼ାଲ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ଜିଲ୍ଲା ସଭାପତି ଝିଁନ ହିକକା, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପିତମ୍ ପାଢ଼ୀ, ପ୍ରଭୁ ଜାନି, ପ୍ରଫୁଲ୍ଲ ପାଙ୍ଗି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ମହିଳା ବିଜେଡ଼ି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ଜୋନାଲ ସଭାନେତ୍ରୀ ଲତା ସାହୁ, କାଉନସିଲର କାଦମ୍ବିନୀ ସେଠୀ, ଟାଉନ ସଭାନେତ୍ରୀ ଦେବୀଶ୍ରୀ ପ୍ରଧାନ, କୋରାପୁଟ ବ୍ଲକ ସଭାପତି ମଣ୍ଟୁ ବେନିଆ , ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ ତ୍ରିପତି ପାଣିଗ୍ରାହି, ସାଂସଦ ପ୍ରାର୍ଥୀନୀ କୌଶଲ୍ୟା ହିକକା, ଜିଲ୍ଲା ଉପସଭାପତି ନାରାୟଣ ବିଶୋଇ ପ୍ରମୁଖ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି।

# ସମ୍ମାନିତ ହେଲେ ବିଶିଷ୍ଟ ଶିକ୍ଷାବିତ୍ ଇଂ ସୁବ୍ରତ କୁମାର ମିଶ୍ର




କୋରାପୁଟ,୧୨।୨ (ସମିସ): ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ପକ୍ଷରୁ ଜୟଦେବ ଭବନଠାରେ ଅନୁଷ୍ଠିତ ଷଷ୍ଠ ବାର୍ଷିକ ଉତ୍ସବରେ କୋରାପୁଟ ବିଜ୍ଞାନ ଇଣ୍ଟରନ୍ୟାସନାଲ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଇଂସୁବ୍ରତ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଛି। କୋରାପୁଟ ଭଳି ଆଦିବାସୀ ବହୁଳ ଅଞ୍ଚଳରେ ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନ ସହ ଗ୍ରାମାଞ୍ଚଳ ଯୁବପିଢ଼ିଙ୍କ କ୍ୟାରିୟର ଗଠନ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଏହି ସ୍ୱିକୃତି ପ୍ରଦାନ କରାଯାଇଛି। ବୈଷୟିକ ଶିକ୍ଷା ମାଧ୍ୟମରେ ହଜାର ହଜାର ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବାରେ ଶ୍ରୀ ମିଶ୍ରଙ୍କ ନିରନ୍ତର ପ୍ରଚେଷ୍ଟାକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ କୀର୍ତ୍ତି ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୁପ୍ତେଶ୍ୱର ପୀଠକୁ ପଲିଥିନ୍ ମୁକ୍ତ କରିବାକୁ ପ୍ରଶାସନ ତତ୍ପର

ବୈପାରୀଗୁଡ଼ା, ୧୨।୨(ସମିସ): ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ପଲିଥିନ ମୁକ୍ତ କରିବାକୁ ଅଣ୍ଟା ଭିଡିଛି ବ୍ଲକ ପ୍ରଶାସନ। ଆଉ ଦିନକ ପରେ ଜାଗର ଯାତ୍ରା ଅନୁଷ୍ଠିତ ହେବ। ପୀଠରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ଏହି ଅବସରରେ ପୀଠରେ ପ୍ଲାଷ୍ଟିକ ବ୍ୟବହାର ନ କରବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋରାପୁଟ ଜିଲ୍ଲାପାଳ ମୋନଜ ସତ୍ୟବାନ ମହାଜାନ । ଯାହାକୁ ନେଇ ବ୍ଲକ ପ୍ରଶାସନ ଏବେ ଅଣ୍ଟା ଭିଡିଛି । ପଲିଥିନ ମୁକ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇଛି। ଲୋକଙ୍କୁ ସଚେତନ କରାଯିବ ଆବଶ୍ୟକ ସ୍ଥଳେ ଅମାନିଆ ଙ୍କ ପାଇଁ ଜରିମାନା ଲାଗୁହେବ ବୋଲି ବିଡ଼ିଓ ସୁବ୍ରତ ସାହୁ କହୁଛନ୍ତି । ସେପଟେ ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବିନ୍ଦ୍ର ରନ୍ଧାରୀ କହିଛନ୍ତି ଯେ, ପ୍ଲାଷ୍ଟିକ ମୁକ୍ତ ପାଇଁ ସ୍ୱତନ୍ତ୍ର ନଜର ରଖାଯାଇଛି । ଯେହେତୁ ଗୁପ୍ତେଶ୍ୱର ଗୁମ୍ଫାକୁ ଘେରି ରହିଥିବା ଜଙ୍ଗଲକୁ ରାଜ୍ୟ ସରକାର 'ଜୈବ ବିବିଧତା ଐତିହ୍ୟ କେନ୍ଦ୍ର' ଭାବେ ମାନ୍ୟତା ପ୍ରଦାନ କରିଛନ୍ତି । ଏଥିପାଇଁ ସମସ୍ତ ଶ୍ରଦ୍ଧାଳୁ ଙ୍କୁ ମଧ୍ୟ ପରିବେଶ ସୁରକ୍ଷା ପାଇଁ ନିବେଦନ କରିଛନ୍ତି । ଗୁପ୍ତେଶ୍ୱର ଜଙ୍ଗଲକୁ ଜୈବିକ ବିବିଧତା ଆଇନ ୨୦୦୨ ଅଧୀନରେ ବିଏଚ୍‌ଏସ୍ ମାନ୍ୟତା ମିଳିଛି।

# ଜଳିଗଲା ୧୨ ଏକର ପାଳଗଦା

ବୈପାରିଗୁଡା, ୧୨।୨ (ସମିସ): ବୈପାରିଗୁଡା ବ୍ଲକର ଲକ୍ଷ୍ମୀପୁର ମାଳିଗୁଡା ଗ୍ରାମର ଏକ ଖଳାରେ ନିଆଁ ଲାଗି ଯିବାରୁ ୧୨ ଏକର ଜମିର ପାଳଗଦା ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ଲକ୍ଷ୍ମୀପୁର ମାଳିଗୁଡା ଗ୍ରାମର ଜଗବନ୍ଧୁ ମାଳି, ତୈଳ ମାଳି, ହରିହର ମାଳି, ନରେନ୍ଦ୍ର ମାଳି ଏବଂ ବଳଭଦ୍ର ମାଳିଙ୍କ ସହ ଅନ୍ୟ ଚାଷୀମାନେ ନିଜ ନିଜ ଜମିରେ ଧାନ ଏବଂ ମାଣ୍ଡିଆ ଅମଳ ପରେ ଗୋଟିଏ ଖଳାରେ ପାଳଗଦା କରି ରଖିଥିଲେ। ଆଜି ଅପରାହ୍ନ ସାଢେ୨ଟା ବେଳେ ଗାଁ ମୁଣ୍ଡରେ ଥିବା ପରିବା ବଗିଚାରେ କିଛି ଚାଷୀ ନିଆଁ ଲଗାଇ ବସିଥିଲେ। ପବନରେ ନିଆଁ ଉଡ଼ି ପାଳଗଦାରେ ପଡ଼ି ଯାଇଥିଲା। ଫଳରେ ଧିରେଧିରେ ଖଳାରେ ଗଦା କରାଯାଇଥିବା ପାଳଗଦା ନିଆଁ ସଂସ୍ପର୍ଶରେ ଆସି ଧୂଆଁ ବାହାରିବା ଆରମ୍ଭ ହୋଇଥିଲା। ପାଳଗଦାରେ ନିଆଁ ଲାଗିବା ଗ୍ରାମବାସୀ ଜାଣିବା ପରେ ତୁରନ୍ତ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବୈପାରିଗୁଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ଗ୍ରାମବାସୀଙ୍କ ସହାୟତାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ୮୦ ହଜାର ଟଙ୍କା କ୍ଷତି ହୋଇଥିବା ଆକଳନ କରାଯାଇଛି। ଅଗ୍ନିଶମ ବାହିନୀ ତୁରନ୍ତ ନିଆଁକୁ ଆୟତ୍ତ କରିଥିବାରୁ ଅନ୍ୟ ଚାଷୀ ମାନଙ୍କ ପାଳଗଦା ନିଆଁ ଦାଉରୁ ରକ୍ଷା ପାଇଯାଇଛି।

# ଦୋକାନର ତାଲା ଭାଙ୍ଗି ଚୋରି, ଅଭିଯୁକ୍ତ ଗିରଫ

ଜୟପୁର,୧୨ ।୨(ସମିସ): ଜୟପୁର ସହରର ଲାଲ ସାହିସ୍ଥିତ ଏକ ମୂର୍ତ୍ତି ନିର୍ମାଣ ସହିତ ରଙ୍ଗଦେବା ଦୋକାନର ସଟର ଭାଙ୍ଗି ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ କୁନ୍ଦୁରା ଥାନା ଫୁଫଗାଁ ଅଞ୍ଚଳର ସୁବାଶ ହରିଜନ(୨୩)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ୪୦ ହଜାର ଟଙ୍କା, ଗୋଟିଏ ନାମୀଦାମୀ ଏସଏଲଆର କ୍ୟାମେରା ଏବଂ ଗିରଫ ଅଭିଯୁକ୍ତ ଚୋରି ବ୍ୟବହାର କରିଥିବା ଏକ ସ୍କୁଟି ଜବତ କରାଯାଇଛି। ଗତ ଡିସେମ୍ବର ୩୧ ତାରିଖରେ ରାତିରେ ଜୟପୁର ଲାଲ ସାହିସ୍ଥିତ ଉପରୋକ୍ତ ଦୋକାନର ସଟର ତାଲା ଭାଙ୍ଗି ଅଭିଯୁକ୍ତ କାଉଣ୍ଟରରେ ରହିଥିବା ଦେଢ ଲକ୍ଷଟଙ୍କା ଏବଂ ଏସଏଲଏଲଆର କ୍ୟାମେରା ଲୁଟ ହୋଇଥିବା ନେଇ ଘଟଣାର ୪ ଦିନ ପରେ ଦୋକାନ ମାଲିକ ଚନ୍ଦନ କୁମାର ସାହୁ ଅଭିଯୋଗ କରିଥିଲେ। ଏଥିନେଇ ପୁଲିସ ଏକ ମାମଲା ରୁଜୁ କରିବା ସହିତ ତଦନ୍ତକାରୀ ଅଧିକାରୀ ଭାବେ ଗୋବିନ୍ଦ ଚନ୍ଦ୍ର ହାଂସଦା ବିଭିନ୍ନ ସିସି କ୍ୟାମେରା ଏବଂ ଅନ୍ୟାନ୍ୟ ତଥ୍ୟକୁ ନେଇ ଅଭିଯୁକ୍ତଙ୍କୁ ଗିରଫ କରିବା ଏବଂ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ସଫଳ ହୋଇଥିଲେ ଏବଂ ଉକ୍ତ ସ୍କୁଟି ଚୋରି ନା କାହାର ଏହାର ମଧ୍ୟ ତଦନ୍ତ ଜାରୀ ରହିଛି ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

# ଜୟପୁରରେ ଭାରତ ବନ୍ଦ




ଜୟପୁର,୧୨ ।୨(ସମିସ): କେନ୍ଦ୍ର ସରକାରଙ୍କ ବିଭିନ୍ନ ଶ୍ରମିକ ଓ କୃଷକ ମାରଣନୀତିକୁ ବିରୋଧ କରାଯାଇ ସାରା ଦେଶରେ ୧୦ ଟି ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ମିଳିତ ଭାବେ ଦିନିକିଆ ବନ୍ଦ ଡାକରାରେ କୋରାପୁଟ ଜିଲ୍ଲା ଜୟପୁର ଠାରେ ଆଂଶିକ ପ୍ରଭାବ ପଡିଛି। ଜୟପୁର ସହରର ମୁଖ୍ୟ ଟ୍ରାଫିକ ଛକ ଠାରେ ପୂର୍ବାହ୍ନ ୯ ଟା ଠାରୁ ସାଢେ ଗୋଟାଏ ପର୍ଯ୍ୟନ୍ତ ବିଭିନ୍ନ ଟ୍ରେଡ ୟୁନିୟନ ସଦସ୍ୟ ମାନେ ଉପସ୍ଥିତ ରହି ୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଏହିପରି ଉଭୟ ପଟେ ଭାରୀଯାନ ଗୁଡିକ ଅଟକି ରହିଥିଲା, କିନ୍ତୁ କେବଳ ଦୁଇଚକିଆ ଯାନ ଏବଂ ସାଇକେଲ ଓ ପଥଚାରୀ ମାନେ ଯାତାୟାତ କରୁଥିଲେ। ସେହିପରି ସହରରେ ବିଦ୍ୟାଳୟ, ବ୍ୟାଙ୍କ, ଘରୋଇ ଅର୍ଥନୈତିକ ଲଗାଣ କାରୀ ସଂସ୍ଥା, ମୁଖ୍ୟ ରାସ୍ତା ଏବଂ ଦୈନିକ ବଜାରରେ ଦୋକାନ ଗୁଡିକ ବନ୍ଦ ରହିଥିଲେ ସୁଦ୍ଧା ପନିପରିବା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଦୋକାନ ଗୁଡିକ ଖୋଲା ରହିଥିଲା। ଏହିପରି ସରକାରୀ ଏବଂ ଘୋରଇ କାର୍ଯ୍ୟାଳୟ ଗୁଡିକ ଖୋଲା ରହିଥିଲା। ଜୟପୁର ସହରରେ ଜାତୀୟ ରାଜପଥ ଅବରୋଧ ଏବଂ ବନ୍ଦ ଡାକରାରେ ଏଆଇଟିୟୁସି, ଆଇଏନଆଇଟିୟୁସି, ରାଜ୍ୟ ପେନସନ ମହାସଂଘ ଏବଂ ଅନ୍ୟାନ୍ୟ ଶ୍ରମିକ ସଂଗଠନ ସହିତ ସ୍ଥାନୀୟ କିଛି କୃଷକ ନେତା ମାନେ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଏଥିରେ ସାମିଲ ହୋଇଥିଲେ। ଶ୍ରମିକ ନେତା ଯୁଧିଷ୍ଠିର ରାଉଳ, ପ୍ରମୋଦ କୁମାର ମହାନ୍ତି, ଭଗବାନ ବାହିନୀପତି, ସତ୍ୟବ୍ରତ ନନ୍ଦ, ମନୋଜ ପାତ୍ର, ପ୍ରଣବ କିଶୋର ନାୟକଙ୍କ ନେତୃତ୍ୱରେ ଶ୍ରମିକ ଓ କୃଷକ ସଂଗଠନର ସଦସ୍ୟ ମାନେ ସାମିଲ ହୋଥିଲେ। ମୁଖ୍ୟତଃ ୪ଟି ଶ୍ରମ ସଂହିତା, ବିହନ ବିଲ୍ ୨୦୨୫, ବିଜୁଳି ସଂଶୋଧନ ବିଲ୍, ବିଭି ଜାରିମଜୀ ପ୍ରଭୃତି ଆଇନକୁ ବିରୋଧ କରିବା ସହିତ ତୁରନ୍ତ ଏହାକୁ ରଦ୍ଦ କରିବାକୁ ସାରା ଦେଶରେ ଶ୍ରମିକ ସଂଗଠନ ମାନେ ଦାବି ଜାରୀ ରଖିଛନ୍ତି ଏବଂ ଆଗାମୀ ଦିନରେ କେନ୍ଦ୍ର ସରକାର କୌଣସି ପଦକ୍ଷପ ଗ୍ରହଣ ନ କଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ଶ୍ରମିକ ନେତା ମାନେ ଦାବି କରିଛନ୍ତି।

# ଐତିହାସିକ ପାଟ ବାଲିଯାତ୍ରା ଶୁଭାରମ୍ଭ



ପାପଡାହାଣ୍ଡି, ୧୨।୨(ସମିସ): ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ବ୍ଲକ ଚେରଚେଟା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବତାସର ଗ୍ରାମ ଠାରେ ଐତିହାସିକ ବାଲିଯାତ୍ରା ଶୁଭାରମ୍ଭ ହୋଇଯାଇଛି। ପ୍ରତି ୧୨ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି ବାଲିଯାତ୍ରା ୩ମାସ ସମୟ ଧର ଅନୁଷ୍ଠିତ ହେବ। ବତାସର, ବିରୀଗୁଡା, ଖୁଟୁଗୁଡ଼ା,ଆକାଶିୟାଗୁଡା, ନାୟକ ଗୁଡା,ବେଲଗୋଚିଆ ଗୁଡା, ଚେରଚେଟା, ବାମୁନି, ଭାଇସା ଗୁବ୍ରା ଗ୍ରାମବାସୀଙ୍କ ପକ୍ଷରୁ ମିଳିତ ଭାବେ ଏହି ବାଲିଯାତ୍ରା ପାଳନ କରାଯାଉଛି। ଭୂମି ମାତା,କୃଷିର ଦେବତା ଭୀମା ଓ ଗ୍ରାମ ଦେବା ଦେବୀ ସନ୍ତୁଷ୍ଟ ହେଲେ ଭଲ ଫସଲ ଅମଳ ହେବା ସହ ଅଞ୍ଚଳର ମଙ୍ଗଳ ହେବ ବୋଲି ଲୋକ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ୩ ମାସ ଧରି ଧରି ପ୍ରତ୍ୟେକ ଦିନ ପୁରାଣ ପାଠ ଓ ଦେବାଦେବୀଙ୍କ ରୀତିନୀତି ଅନୁଯାୟୀ ପୂଜାପାଠ କରାଯିବ। ଏହି ଅବସରରେ ଗୁରୁମାଇଙ୍କୁ ଆଜି ଗ୍ରାମରେ ବାଦ୍ୟବାଜଣା ସହ ବାଣ ଫୁଟାଇ ଗ୍ରାମବାସୀ ସ୍ୱାଗତ କରି କରି ଆଣିଥିଲେ। ଗୁରୁମାଇନି ଗୋମତୀ ଭତରା ଠାକୁରାଣୀ ମନ୍ଦିର ପରିର୍ଶନ କରିବା ପରେ ବାଲିଯାତ୍ରା ପଡ଼ିଆକୁ ଯାଇଥିଲେ । ପରେ ଗୁରୁମାଇଙ୍କ ନିର୍ଦ୍ଦେଶକ୍ରମେ କିଛି ରଇତଙ୍କ ଦ୍ୱାରା ଶୁଭ ହାଣ୍ଡି ସ୍ଥାପନ କରାଯାଇଥିଲା । ବାଲିଯାତ୍ରା କିଭଳି ତିନି ମାସ ଧରି ଶାନ୍ତିଶୃଙ୍ଖଳା ରେ ଚାଲିବ ସେ ନେଇ ସେନେଇ ଏକ ପରିଚାଳନା କମିଟି ଗଠନ କରାଯାଇଛି । ବନମାଳୀ ଭତରା , ବନସିଂ ପୂଜାରୀ , ହରି ପାଇକ , ହୀରା ଭତରା , ତୁଲାରାମ ଭତରା , ମାତିସିଂ ଭତରା , ମନହର ଭତରା , ମାନିରମ ଭତରା ଫୁଲଧର ଭତରା , ସଦୁରାମ ଗୌଡ଼ ମନୋନୀତ କିରାଯାଇଛି ଲେହି ଅବସରରେ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ ସରପଞ୍ଚ ଉର୍ମିଳା ମାଝୀ , ସମିତି ପ୍ରହ୍ଲାଦ ଚାଲାଣ , ପୂର୍ବତନ ସରପଞ୍ଚ ଉଆସୁ ମାଝୀ ଉପସ୍ଥିତ ରହି ଶୁଭ ଉଦଘାଟନ କରିଥିଲେ କ୍ଷ ପ୍ରଥମ ଦିବସରେ ଉମରକଟର ବ୍ଲକ ଦୁମୋରଦଡା ଗ୍ରାମର "ଗୋରୀ ଝିଅ ସାରିଦେଲା " ଆଦିବାସୀ ନାଟକ ପରିବେଷଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗ

# ବସ୍ ପରମିଟ୍‌କୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

ଜୟପୁର,୧୨ ।୨(ସମିସ):

କୋରାପୁଟ ଜିଲ୍ଲା ଜୟପୁର ଜଗଜତନନୀ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ଘରୋଇ ବସ ମାଲିକ ସଂଘର ସମ୍ପାଦକ ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରିବା ସହିତ ତାଙ୍କ ମାଲିକାନାରେ ରହିଥିବା ଏକ ଘରୋଇ ବସର ରୁଟ ପରମିଟକୁ ସ୍ଥାୟୀ କରିଥିବା ନେଇ ଅଭିଯୋଗ କରାଯାଇଛି। ଅନ୍ୟ ପକ୍ଷରେ ହାଇକୋର୍ଟରେ ମାମଲା ରହିଥିବା ବେଳେ ଗଣମାଧ୍ୟମ ସମ୍ମୁଖରେ ଏହିପରି ବିନା ଅନୁମତି ସାର୍ବଜନୀନ କରିବା ନେଇ ଜଗତଜନନୀ ସଂଘ ବିରୋଧରେ କାର୍ଯ୍ୟାନୁଷ୍ଠା ଦାବି କରିଛନ୍ତି ଜୟପୁର ଘରୋଇ ବସ ମାଲିକ ସଂଘର ସମ୍ପାଦକ। ଆଜି ଜଗତଜନନୀ ବସ ମାଲିକ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ ରାୟ ସାମ୍ବାଦିକ ସମ୍ମିଳନୀରେ ସଂଘର ସମ୍ପାଦକ ବି.ଏସ.ରାମଲୁ ସେନାପତି ଏବଂ ଉପସଭାପତି ଅଜୟ ରାଉତଙ୍କ ଉପସ୍ଥିତିରେ ଅଭିଯୋଗ କରିଛନ୍ତି ଯେ, ଜୟପୁର ଘରୋଇ ବସ ମାଲିକ ସଂଘର ସମ୍ପାଦକ ତଥା ଜୟପୁର ପୌରାଧକ୍ଷ ନେରେନ୍ଦ୍ର ମହାନ୍ତି ଏକ ଘରୋଇ ବସ (ଓଡି ୨୪ଜେ-୩୫୨୩) ମାଲିକ ଭାବେ ଅସ୍ଥାୟୀ ରୁଟ ପେରମିଟ ମାଧ୍ୟମରେ ବସ ଚଳାଚଳ କରୁଥିଲେ। କିନ୍ତୁ ଏହାକୁ ସ୍ଥାୟୀ କରିବା ନେଇ ସରକାରଙ୍କ ପରିବହନ ନିୟମ ଅନୁଯାୟୀ ଏକ ମାସ ପୂର୍ବରୁ ଆବେଦନ କରିବାର ରହିଛି। କିନ୍ତୁ ଉକ୍ତ ଅସ୍ଥାୟୀ ପେରମିଟ ମିଆଦ ପୂର୍ଣ୍ଣ ହେବା ପରେ ଆବେଦନକାରୀ ବସ ମାଲିକ ତଥା ସଂଘର ସମ୍ପାଦକ ଶ୍ରୀ ମହାନ୍ତି ପରିବହନ ବିଭାଗ ନିକଟରେ ଆବେଦନ କରିଥିଲେ। କିନ୍ତୁ ଏହାକୁ ପରିବହନ ବିଭାଗ ଖାରଜ କରଦେଇଥିଲା। ତେଣୁ ସେ ଦୀର୍ଘ ୧୦୯ ଦିନ ବିଶାଖପାଟଣାରେ ଏକ ଘରୋଇ ଚିକିତ୍ସାଳୟ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଯୋଗୁଁ ନିର୍ଦ୍ଧାରିତ ସମୟରେ ଆବେଦନ କରିପାରିନଥିଲେ ବୋଲି ଅନୁରୋଧ କରିବା ସହ ତାଙ୍କୁ ରୁଟ ପେରମିଟ ଦେବାକୁ ଆବେଦନ କରିଥିଲେ। କିନ୍ତୁ ବିରୋଧି ଜଗତଜନନୀ ସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଇ ପରିବହନ ବିଭାଗ ନିକଟରେ ଅଭିଯୋଗପତ୍ର ଦାଖଲ କରିଥିଲେ। ଏଥିନେଇ ବିଭାଗ ପକ୍ଷରୁ କୌଣସ ପଦକ୍ଷପ ଗ୍ରହଣ କରିବା ପୂର୍ବରୁ ଜୟପୁର ଘରୋଇ ବସ ମାଲିକ ସଂଘର ସମ୍ପାଦକ ଶ୍ରୀ ମହାନ୍ତି ହାଇକୋର୍ଟରେ ନିଜର ସ୍ୱାସ୍ଥ୍ୟ ସମସ୍ୟା ଆଳ ଦେଖାଇ ଆବେଦନ କରିବା ପରେ ହାଇକୋର୍ଟର ନିର୍ଦ୍ଦେଶକ୍ରମେ ତାଙ୍କୁ ରାଜ୍ୟ ପରିବହନ ନିଗମ ପକ୍ଷରୁ ତାଙ୍କ ବସ ଚଳାଚଳ ନେଇ ସ୍ଥାୟୀ ପରମିଟ ପ୍ରଦାନ କରିଥିଲେ ବୋଲି ଜଗତ୍‌ଜନନୀ ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ରାୟ ଅଭିଯୋଗ କରିଛନ୍ତି। କିନ୍ତୁ ସେ ଜୟପୁର ପୌରସଂସ୍ଥାର ଅଧ୍ୟକ୍ଷ ରହିଥିବା ବେଳେ ସେ ଚିକିତ୍ସିତ ହେଉଥିବା ସମୟ ସୀମା ମଧ୍ୟରେ ଜୟପୁର ସହରର ପ୍ରାୟ ୪ରୁ ଅଧିକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି। ତେଣୁ ମିଥ୍ୟା ଚିକିତ୍ସିତ ହେଉଥିବା ପ୍ରାମାଣପତ୍ର ଏବଂ ମିଥ୍ୟା ସତ୍ୟପାଠ ମାଧ୍ୟମରେ ସ୍ଥାୟୀ ପରମିଟ ହାତେଇଥିବା ଯୋଗୁଁ ତାଙ୍କ ବିରୋଧରେ ହାଇକୋର୍ଟରେ ଜଗତଜନନୀ ସଂଘ ପକ୍ଷରୁ ଅଭିଯୋଗପତ୍ର ଦାଖଲ କରାଯାଇଥିଲା । ଏହାକୁ ହାଇକୋର୍ଟ ଗ୍ରହଣ କରିବା ସହିତ ଆସନ୍ତା ମାର୍ଚ୍ଚ ୨୫ ତାରିଖରେ ଶୁଣାଣି ନେଇ ତାରିଖ ଧାର୍ଯ୍ୟ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଜୟପୁର ଘୋରଇ ବସ ମାଲିକ ସଂଘର ସମ୍ପାଦକ ଶ୍ରୀ ମହାନ୍ତି କହିଛନ୍ତି ଯେ, ଏହି ମାମଲା କୋର୍ଟରେ ବିଚାରଧିନ ରହିଥିବା ବେଳେ ଏବଂ ଆସନ୍ତା ଶୁଣାଣି ନେଇ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା କୋର୍ଟର ଅବମାନନା। ତେଣୁ ଏହା ବିରୋଧରେ ଉକ୍ତ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସେ କୋର୍ଟର ଆଶ୍ରୟ ନେବେ ଏବଂ ଦାବି ଉପସ୍ଥାପନ କରିବେ।

# ଜଳଭଣ୍ଡାରରେ ବୁଡ଼ି ଜଣେ ମୃତ

କୋରାପୁଟ,୧୨।୨( ସମିସ) କୋଲାବ ଜଳ ଭଣ୍ଡାରରେ ବୁଡି ଭୋଇ ଗୁଡା ଗ୍ରାମର ଡ଼ମ୍ବୁ ଭୋଇ(୫୯)ଙ୍କ ମୃତ୍ୟୁ ଘଟିଛି। ଗତକାଲି ୩ଟା ସମୟରେ ନିଜ ଗ୍ରାମ ଭୋଇଗୁଡା ସ୍ଥିତ କୋଲାବ ଜଳ ଭଣ୍ଡାରକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣରୁ ଜଳ ଭଣ୍ଡାରରେ ବୁଡି ଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ସେ ବାହାରକୁ ନବାହାରିବାରୁ ଗ୍ରାମବାସୀ କୋରାପୁଟ ସଦର ଥାନା ଓ ଅଗ୍ନିସମ ବିଭାଗକୁ ଖବର ଦେଇଥିଲେ। ସଦର ଥାନା ପୁଲିସ ଉପସ୍ଥିତିରେ ନନ୍ଦପୁର ଅଗ୍ନିଶମ ବାହିନୀଙ୍କ ଦ୍ୱାରା ଆଜି ମୃତଦେହ ଉଦ୍ଧାର କରାଯାଇଥିଲା।ଗାଁରୁ କୋରାପୁଟ ଆସିବାକୁ ରାସ୍ତା ନଥିବାରୁ ଶବ ବ୍ୟବଚ୍ଛେଦ ପାଇଁ ପରିବାର ଲୋକେ ମୃତଦେହକୁ ୮ କିମି ବୋହିକରୀ ଆଣୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ସଦର ଥାନାରେ ୟୁଡି କେସ ନମ୍ବର -୪ ରେ ମାମଲା ରୁଜୁ କରାଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ନନ୍ଦପୁର ଅଗ୍ନିଶମ ବିଭାଗ ପକ୍ଷରୁ ଏଏସଓ ହେମନ୍ତ କୁମାର ସାମଲ, ଏଫଏଫଡି ଡି. ବଗର୍ତ୍ତୀ ଙ୍କ ସମେତ ଅଗ୍ନିଶମ କର୍ମଚାରୀ ପ୍ରକାଶ କିଶାନ, ଥବିର ଭୋଇ ଓ ରଞ୍ଜନ ମଲ୍ଲିକଙ୍କ ସହଯୋଗରେ ଜଳଭଣ୍ଡାରରୁ ମୃତଦେହ ଉଦ୍ଧାର କରାଯାଇଥିଲା।

# ବନ୍ଦ ପ୍ରଭାବ: ଗଡ଼ିଲାନି ବସ୍, ଟ୍ରକ୍









କେନ୍ଦୁଝର,୧୨।୨(ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଡାକରାରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ ଏଆଇୟୁଟିୟୁସି, ଏଆଇସିସିଟିୟୁ ଟିୟୁସିସି, ଏଲ୍‌ପିଏଫ୍ ଏବଂ ସ୍ୱାଧୀନ ଫେଡେରେସନ ଆଦି ୧୦ଟି ଶ୍ରମିକ ସଂଗଠନ ଆହ୍ୱାନରେ ଦିଆଯାଇଥିବା ୧୨ ଘଣ୍ଟିଆ ଧର୍ମଘଟ ଓ ହରତାଳ ପ୍ରଭାବ କେନ୍ଦୁଝର ଜିଲ୍ଲାରେ ଦେଖିବାକୁ ମିଳିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବସ୍, ଟ୍ରକ୍ ବନ୍ଦ ରହିଛି। ଜିଲ୍ଲା ସଦର ମହକୁମା ସମେତ ଖଣି ଅଞ୍ଚଳ ଶୁଆକାଟୀ ଆଦି ଅଞ୍ଚଳରେ ଭାରତ ବନ୍ଦର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇଥିଲା। ବନ୍ଦକୁ କଂଗ୍ରେସ ସମର୍ଥନ କରିଥିଲା। ଏଆଇଟିୟୁସି କର୍ମୀ ବାଇକ୍ ଯୋଗେ ବୁଲି ପିକେଟିଂ କରିଥିଲେ। ଜିଲ୍ଲାପାଳ କାର୍ଯ୍ୟାଳୟ ଛକ ଓ ଗାନ୍ଧୀ ଛକଠାରେ ରାସ୍ତା ଅବରୋଧ କରାଯାଇଥିଲା। ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ପେଟ୍ରୋଲ ପମ୍ପ, ବ୍ୟାଙ୍କ, ସ୍କୁଲ, କଲେଜ, ଜିଲ୍ଲାପାଳ କାର୍ଯ୍ୟାଳୟ, ପରିବହନ ସେବା ଆଦି ବନ୍ଦ ଥିବାବେଳେ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା।




ଏଥିଯୋଗୁଁ ଖଣିଜ ପରିବହନ ମଧ୍ୟ ପ୍ରଭାବିତ ହୋଇଥିଲା। ଫଳରେ ରାସ୍ତାକଡ଼ରେ ଶହ ଶହ ଟ୍ରକ୍ ଛିଡ଼ା ହୋଇ ରହିଥିଲା। ଧର୍ମଘଟ ଯୋଗୁଁ ବ୍ୟାଙ୍କରେ କାରବାର ବନ୍ଦ ରହିଥିଲା। ଅଧିକାଂଶ ଖଣି ଓ କାରଖାନା ବନ୍ଦ ରହିଥିବାବେଳେ ଶ୍ରମିକମାନେ ସ୍ୱତଃ ବନ୍ଦରେ ଭାଗ ନେଇଥିଲେ। ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କରିବା, ଓଡ଼ିଶା ସରକାରଙ୍କ ଶ୍ରମ ଆଇନ ସଂଶୋଧନ କରି ଦୈନିକ ୧୦ ଘଣ୍ଟା କାର୍ଯ୍ୟ କରିବା ନିଷ୍ପତ୍ତି ପ୍ରତ୍ୟାହାର କରିବା, ମହିଳାଙ୍କୁ ରାତିରେ ଡ୍ୟୁଟି କରିବା ନିଷ୍ପତ୍ତି ପ୍ରତ୍ୟାହାର କରିବା, ଚାଷୀଙ୍କ ଧାନ ବିକ୍ରି ପାଇଁ ମଣ୍ଡି ଅବ୍ୟବସ୍ଥା ବନ୍ଦ କରିବା, ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଓ ଆଇନ ପ୍ରଣୟନ କରିବା ଇତ୍ୟାଦି ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା। ରେଳବାଇ, ବନ୍ଦର ଓ ଡକ୍, କୋଇଲା ଖଣି, ଇସ୍ପାତ, ପ୍ରତିରକ୍ଷା, ସଡ଼କପଥ, ଆକାଶପଥ, ଜଳପଥ, ବ୍ୟାଙ୍କ, ବୀମା, ଟେଲି ଯୋଗାଯୋଗ, ଡାକ ବିଭାଗ, ଆଣବିକ ଶକ୍ତି, ବିଦ୍ୟୁତ ଉତ୍ପାଦନ ସଂସ୍ଥାକୁ ବୃହତ କର୍ପୋରେଟରଙ୍କୁ ହସ୍ତାନ୍ତର କରି ଦେଶର ଆଶନିର୍ଭର ଅର୍ଥନୀତିକୁ କବର ଦିଆଯାଇଛି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ସେହିଭଳି ଖଣି ଅଞ୍ଚଳ ଶୁଆକାଟୀସ୍ଥିତ ଓଏମ୍‌ସି ଗନ୍ଧମାର୍ଦ୍ଦନ ଅଞ୍ଚଳରେ ଧର୍ମଘଟ ସଫଳ କରିବା ପାଇଁ ଏଆଇଟିୟୁସି କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ ଓ ରାସ୍ତାରୋକ କରିଥିଲେ। କେନ୍ଦୁଝରରେ ଏଆଇଟିୟୁସି ଜିଲ୍ଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ନେତୃତ୍ୱରେ ଶ୍ରୀହରି ଘଣା, ରାଜାରାମ ମୁଣ୍ଡା, ହୃଦାନନ୍ଦ ପାତ୍ର, ବିରଞ୍ଚି ଦେହୁରୀ, ମାର୍କଣ୍ଡ ଦେହୁରୀ, ଘାସିରାମ ମାଝୀ, ନିରଞ୍ଜନ ପଲେଇ, ଜିତେନ୍ଦ୍ର ପଣ୍ଡାଙ୍କ ସମେତ କଂଗ୍ରେସର ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ସଦର ବ୍ଲକ ସଭାପତି ଉତ୍ତମ ସାହୁ, ଲଳିତ ମୋହନ ନାୟକ, ରଘୁନାଥ ପାତ୍ର, ଆଇନଜୀବୀ ଦଇତାରି ଆପଟ୍, ସିଆଇଟିୟୁର ଧରଣୀଧର ମହାନ୍ତ, ଭବାନୀ ଶଙ୍କର ମହାନ୍ତ, ଶାନ୍ତିଲତା ମହାନ୍ତ ପ୍ରମୁଖ ଧର୍ମଘଟରେ ଭାଗ ନେଇଥିଲେ।

**ଯୋଡ଼ା :** ଯୋଡ଼ାରେ ବନ୍ଦ ପାଳିତ ହୋଇଛି। ଅଖିଳ ଭାରତ ଯୁବସଂଘ କେନ୍ଦୁଝର ଜିଲ୍ଲା ସମ୍ପାଦକ କମ୍ରେଡ ହୃଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଆଜି ସକାଳୁ ଶତାଧିକ କର୍ମୀ ବାଂଶପାଣି ଛକ ଠାରୁ ହାତରେ ପତାକା ଓ ବ୍ୟାନର ନେଇ ରାଜରାସ୍ତାକୁ ଓହ୍ଲାଇ ଥିଲେ। ଯୋଡ଼ା ସହରରେ ଗମନାଗମନ, ପରିବହନ, ଖଣି କାର୍ଯ୍ୟାଳୟ, ବ୍ଲକ୍ ଅଫିସ୍, ବ୍ୟାଙ୍କ, ବୀମା କାର୍ଯ୍ୟାଳୟ, ବିଏସ୍‌ଏନ୍‌ଏଲ୍ ଅଫିସ୍, ରେଳ ଚଳାଚଳ ଓ କେତେକ ଘରୋଇ କାର୍ଯ୍ୟାଳୟ ଆଦି ବନ୍ଦ୍ ରହିଥିଲା। ଶ୍ରମିକ ନେତା ସଞ୍ଜୟ କୁମାର ପହି, ଧରଣୀଧର ବାରିକ, ରଞ୍ଜିତ କୁମାର ଦାସ, ତରଣୀସେନ ମହାନ୍ତ, ପୁରୁଷୋତ୍ତମ ମହାନ୍ତ, ଯୋଡ଼ା ବସ୍ ଷ୍ଟାଣ୍ଡ, କଳାପାହାଡ଼ ଛକ, ଡିଏଭି ସ୍କୁଲ ଛକ, ବାଂଶପାଣି ଟୋଲ୍ ଗେଟ୍ ଛକ ମାନଙ୍କରେ ଏହି ଧର୍ମଘଟକୁ ପରିଚାଳନା କରିଥିଲେ।

**ଚମ୍ପୁଆ :** ଚମ୍ପୁଆରେ ୧୨ ଘଣ୍ଟିଆ ବନ୍ଦ ପାଳିତ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ, ଶ୍ରମିକ ମାରଣ ନୀତି ଏବଂ କର୍ପୋରେଟ ସପକ୍ଷବାଦୀ ନୀତିକୁ ବିରୋଧ କରି ଚମ୍ପୁଆରେ ଏଆଇଟିୟୁସିର କେନ୍ଦୁଝର ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିକ୍ଷୋଭରେ ସାମିଲ ହୋଇ ଦୋକାନ ବଜାର, ଗାଡ଼ି ଚଳାଚଳ ଏବଂ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ କରିଥିଲେ। ବନ୍ଦବେଳେ କୌଣସି ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିନାହିଁ। କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ଶ୍ରମିକ, କୃଷକ, ଯୁବ, ମହିଳା, ସଂଖ୍ୟାଲଘୁ, ଦଳିତ, ଆଦିବାସୀ ଓ ବୁଦ୍ଧିଜୀବୀଙ୍କ ଉପରେ ବିଭିନ୍ନ ଜନବିରୋଧୀ ନୀତି ପ୍ରତିବାଦରେ ୧୨ଦଫା ଦାବି ନେଇ ଏହି ଆନ୍ଦୋଳନ କରାଯାଇଥିଲା ବୋଲି ବୋଲି କହିଥିଲେ ଅଲ୍ ଇଣ୍ଡିଆ ଟ୍ରେଡ ୟୁନିଅନ କଂଗ୍ରେସର ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତ। ଆଜିର ଏ ବନ୍ଦ ଡାକରାକୁ ସମର୍ଥନ ଜଣାଇଥିଲେ ରାଜ୍ୟର କଂଗ୍ରେସ ଓ ବିଜେଡି। ଏଆଇଟିୟୁସିର ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତ, କଂଗ୍ରେସର ଗୁରୁବକ୍ସ ସିଂ ଆଲୁବୁଲିଆ, ସୁଶୀଲ ଗିରି, କେଦାର ନାଥ ନାଏକ ପ୍ରମୁଖ ଏଠାରେ ନେତୃତ୍ୱ ନେଇଥିଲେ।

**ବଡ଼ବିଲ :** କେନ୍ଦୁଝର ଜିଲ୍ଲା ବଡ଼ବିଲ ଖଣି ଅଞ୍ଚଳରେ ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇ ବଡ଼ବିଲ, ଭଦ୍ରାସାହି, ଗୁଆଲି, ବଲାଣି ଓ ଆଖପାଖ ଅଞ୍ଚଳରେ ବନ୍ଦ କରାଯାଇଥିଲା। ଏହି ବନ୍ଦ ପାଳନରେ ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଗାଡ଼ି ମଟର ଆଦି ବନ୍ଦ ଥିବାବେଳେ ଅପରାହ୍ଣରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

**ଝୁମ୍ପୁରା :** କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ପକ୍ଷରୁ ୧୦ ଦଫା ଦାବି ନେଇ ଝୁମ୍ପୁରାରେ ବନ୍ଦ ପାଳନ କରାଯାଇଛି। ଏହାର ପ୍ରଭାବରେ ଝୁମ୍ପୁରା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବା ସହ ଯାତ୍ରୀବାହୀ ବସ୍ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଝୁମ୍ପୁରାରେ ରହିଥିବା ସମସ୍ତ ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବରେ ବନ୍ଦ ରହିଥିଲା। ଜରୁରିକାଳୀନ ଗାଡ଼ି ଚଳାଚଳ କରିଥିଲା। ସେହିପରି ଉଖୁଣ୍ଡା ବଜାରରେ ରହିଥିବା ବ୍ୟାଙ୍କଗୁଡ଼ିକ ବନ୍ଦ ରହିଥିଲା। ତେବେ ଝୁମ୍ପୁରା ବ୍ଲକ୍ କଂଗ୍ରେସ ସଭାପତି ସୁବ୍ରତ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି କପିଳଚନ୍ଦ୍ର ବେହେରା, ଏଆଇଟିୟୁସି ସଭାପତି ଘାସିରାମ ମାଝୀଙ୍କ ସମେତ କଂଗ୍ରେସର ପୂର୍ବତନ ବ୍ଲକ୍ ସଭାପତି ସଚ୍ଚିଦାନନ୍ଦ ମିଶ୍ର, ସୁଶାନ୍ତ ମାଝୀ, ସୁଜନୀ ନାୟକ, ହୃଷି ମହାନ୍ତ, ଜସୁ ସାହୁ, ଭଗିଆ ମହାନ୍ତ, ଶଙ୍କର ଗିରି, ଗୋବର୍ଦ୍ଧନ ଦାସ, ଟିକିନି ନାୟକ, ପରମେ ପାତ୍ର, ଅଖିଳ ଗିରି, ଦୁର୍ଗା ପାତ୍ର, ବାମନ ସାହୁ, ମୋତି ମହାନ୍ତ, ଆଗୁ ପାତ୍ର, ଯୁବରାଜ ସିଂ, ମତି ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ନାରଦପୁର, ମାଳଦା, ବଡ଼ପଶି, ବାଲିବନ୍ଧ, ବାରିଆ ଅଞ୍ଚଳରେ ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା।

## ବଳରାମ ଧିର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆନନ୍ଦପୁର,୧୨।୨(ସମିସ):



ଘସିପୁରା ବ୍ଲକ୍ ପୁରୁଣାବାନ୍ଧଗୋଡ଼ାସ୍ଥିତ ବଳରାମଧିର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଆଡ଼ମ୍ବରପୂର୍ଣ୍ଣ ସମାରୋହରେ ଆୟୋଜିତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତ ସରପଞ୍ଚ ସୁଧାରାଣୀ ଧୀର, ସ୍ୱତନ୍ତ୍ର ଅତିଥି ଭାବରେ ଆନନ୍ଦପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦଳେଇ, ନିମନ୍ତ୍ରିତ ଅତିଥି ଭାବେ ଗ୍ରାମର ସୁଯୋଗ୍ୟ ସନ୍ତାନ ତଥା ଓଡ଼ିଶାର ଲଘୁଖଣିଜ ବିଭାଗର ନିର୍ଦ୍ଦେଶକ ଡଃ କାହ୍ନୁଚରଣ ଧୀର, ମୁଖ୍ୟ ବକ୍ତାଭାବେ ଆୟୁଷ ଡାକ୍ତର ଆଶୁତୋଷ ଜେନା, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଚରଣ ସେନାପତି, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଶତପଥୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବବ୍ରତ ପଟ୍ଟନାୟକ, ପଞ୍ଚସଖାଶିକ୍ଷା ସେତୁ ସଭାପତି ସୌମେନ୍ଦ୍ର ଧିର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଗ୍ରାମର ବରିଷ୍ଠ ନାଗରିକ ପ୍ରତିଭା ନାୟକ ବିଦ୍ୟାଳୟରେ ଏକ ମେଧାବୀ ଛାତ୍ରବୃତ୍ତି ଯୋଜନା ଆରମ୍ଭ କରିଛନ୍ତି। ସେହିପରି ବିଦ୍ୟାଳୟରେ ସପ୍ତମ, ଅଷ୍ଟମ, ନବମ, ଦଶମ ଶ୍ରେଣୀର ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଗ୍ରାମର ରାସେଶ୍ୱରୀ ଦେବୀ ଫାଉଣ୍ଡେସନ ତରଫରୁ ଚନ୍ଦ୍ରଶେଖର ଧୀରଙ୍କ ଉଦ୍ୟମରେ ରାସେଶ୍ୱରୀ ଛାତ୍ର ବୃତ୍ତିର ଶୁଭାରମ୍ଭ କରାଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ନାରାୟଣ ଦାସ ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା ରେ କ୍ରିଡ଼ା ଶିକ୍ଷକ ସୁରେଶ ଭୂୟାଁ ସହଯୋଗ କରିଥିଲେ। ବାର୍ଷିକ କ୍ରିଡ଼ା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଙ୍କୁ ନିମନ୍ତ୍ରିତ ଅତିଥି ମାନେ ପୁରସ୍କୃତ କରାଯାଇଥିଲା। ସଭା ଶେଷରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ଅତିସ ଜେନା, ସୁରେଶ ଭୂୟାଁ, ବିଶ୍ୱଜିତ ଖୁଣ୍ଟିଆ, ବିଶିକେଶନ ଭୂୟାଁ, ଦେବେନ୍ଦ୍ର ପ୍ରସାଦ ସାହୁ, ଶୁଭ୍ରଜ୍ୟୋତି ଧୀର, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ବାସନ୍ତୀ ରଣା, ପ୍ରତିଭା ନାୟକ, ଅବସରପ୍ରାପ୍ତ ସହକର୍ମୀ ରମାକାନ୍ତ ଘଡେଇ, ଲକ୍ଷ୍ମୀଧର ରାଉତ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଦେବେନ୍ଦ୍ର ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ପ୍ରେମ ସପ୍ତାହରେ ଅଘଟଣ

## ପ୍ରେମିକା ପାଇଁ ଜୀବନ ହାରିଦେଲେ ଯୁବକ; ଝୁରୁଛି ଗାଁ

ଆନନ୍ଦପୁର,୧୨।୨(ସମିସ):



କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ତରୁଆଁ ଗ୍ରାମର ପ୍ରମୋଦ ଦାସଙ୍କ ପୁଅ ବୁବୁଲା ଦାସ (୨୨) ଯାଜପୁର ଜିଲ୍ଲା କୋରେଇଗାଡିଆ ଗ୍ରାମର ଜଣେ ଝିଅକୁ ୩ ମାସ ହେବ ଭଲପାଉଥିଲେ। ଉଭୟ ଘରୁ ଲୁଚି ଅନ୍ୟତ୍ର ଚାଲି ଯାଇଥିଲେ। ଏହାକୁ ନେଇ ଝିଅ ଘର ପକ୍ଷରୁ କୋରେଇ ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ଅନୁସନ୍ଧାନ କରିବାପରେ ସେମାନଙ୍କୁ ବେଙ୍ଗାଲୁରୁରୁ ଗିରଫ କରିବା ପରେ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୩ ମାସ ପରେ ପୁଅ ଜେଲରୁ ଫେରିବା ପରେ ୪ ଦିନ ପୂର୍ବେ ବୁବୁଲାଙ୍କ ବାପା ଓ ମା' ଝିଅ ଘରକୁ ସମାଧାନ ଉଦ୍ଦେଶ୍ୟରେ ଯାଇଥିଲେ। ହେଲେ ଝିଅ ଘର ପରିବାର ଲୋକେ ଅପମାନ ଦେଇ ଫେରାଇ ଦେଇଥିଲେ। ସେଠାରୁ ଫେରିବା ପରେ ମଧ୍ୟ ପ୍ରେମିକା ବୁବୁଲାଙ୍କୁ ବାରମ୍ବାର ଫୋନ ଯୋଗେ ସମ୍ପର୍କ କରିବାକୁ ଚେଷ୍ଟା କରିଥିଲା। ଏଭଳି ସ୍ଥିତିରେ ବାପା ବୋଉ ମାନସିକ ଅଶାନ୍ତିରେ ଥିବା ଦେଖି ବୁବୁଲା ନିଜର ମାନସିକ ଭାରସାମ୍ୟ ହରାଇ ରଶି ଲଗାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ। ରାମଚନ୍ଦ୍ରପୁର ପୁଲିସ ମୃତଦେହ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରିଥିଲା। ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହେଲେ ବାପା ମାଆ ଓ ଗ୍ରାମବାସୀ ବୁବୁଲାଙ୍କୁ ଝୁରି ହେଉଛନ୍ତି। ବୁବୁଲା କିଛି ଦିନ ପୂର୍ବରୁ ଜିନ୍ଦଲ କାରଖାନାରେ ଚାକିରି ପାଇଥିଲେ। ସେ ହିଁ ପରିବାରର ସାହାରା ଥିଲେ। ତେଣୁ ତାଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ପରିବାର ଭାଙ୍ଗିପଡ଼ିଛି।

## ଅଳତିରେ ଅଷ୍ଟପ୍ରହର ନାମଯଜ୍ଞ



ଆନନ୍ଦପୁର,୧୨।୨(ସମିସ): ଘସିପୁରା ବ୍ଲକ୍ ଅଳତି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅଧିବାସ ଓ ବୁଧବାର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଗୁରୁବାର ବିଭିନ୍ନ ଗ୍ରାମରୁ ଆସିଥିବା କୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଅଳତି, ମା ମଙ୍ଗଳା ସଂକୀର୍ତ୍ତନ ଦଳର ଦିଲ୍ଲୀପ ସାହୁ ଦଧିହାଣ୍ଡି ଭାଙ୍ଗି କାର୍ଯ୍ୟକ୍ରମକୁ ସମାପନ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀର ବୀରବର ସାହୁ, ମଧୁସୂଦନ ସାହୁ, ମହେଶ୍ୱର ସାହୁ, ଜନସନ ସାହୁ, ଚନ୍ଦନ ସାହୁ, ଚନ୍ଦ୍ରମଣି ସାହୁ, ନିର୍ମଳ ସାହୁ, ସନାତନ ସ୍ୱାଇଁ, ଶିଶିର ସାହୁ, ବାବନ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ନରେଶ ସାହୁ, ସନ୍ତୋଷ ସାହୁ, ଦନେଇ ସାହୁ, ଅକ୍ଷୟ ସ୍ୱାଇଁ, ରୋଷନ ସାହୁ, ରବୀନ୍ଦ୍ର ସାହୁ, ମୁନା ବାରିକ, ସନ୍ତୋଷ ସ୍ୱାଇଁ ସମେତ ସମସ୍ତ ଗୌର ଭକ୍ତ ନିଷ୍ଠାର ସହ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦେଶୀ ମଦ ଜବତ, ୩ଜଣ ଗିରଫ




ହାଟଡ଼ିହୀ,୧୨।୨(ସମିସ): କେନ୍ଦୁଝର ଜିଲ୍ଲା ଅବକାରୀ ଅଧୀକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଅବକାରୀ ରେଞ୍ଜ ଥାନା ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଆନନ୍ଦପୁର ଓ ନନ୍ଦିପଦା ଥାନା ଅନ୍ତର୍ଗତ ଶାଳବଣି, କାଠକଟା ଯୋଗିଆବନ୍ଧ, ଟୁଙ୍କୁଣା, ଡିମିରିଆ ଅଞ୍ଚଳରେ ଚଢ଼ଉ କରି ଦେଶୀ ମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେଥିରୁ ୧୬୧ଲିଟର ମହୁଲିମଦ, ୩୨୦୦ ଲିଟର ମହୁଲ ପୋଚ ଓ ୮ ଲିଟର୍‌ରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ପ୍ରଫୁଲ୍ଲ ଜେନା, ସଞ୍ଜୟ ଧଳ, ନାରାୟଣ ବେହେରାଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ରନ୍ଧା ମହୁଲିମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପ-ନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ଏବଂ ଅନ୍ୟ କର୍ମଚାରୀ ଏଥିରେ ସାମିଲ ଥିଲେ। ଏ ନେଇ ଆନନ୍ଦପୁର ରେଞ୍ଜ ଅବକାରୀ ଥାନା ପକ୍ଷରୁ ୨ଟି ଓ ହାଟଡିହୀ ଅବକାରୀ ଥାନା ପଷରୁ ୨ଟି ମାମଲା ରୁଜୁ କରାଯାଇଛି।

## ରିଜର୍ଭ ବ୍ୟାଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ତେଲକୋଇ,୧୨।୨(ସମିସ): ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆର୍ଥିକ ସାକ୍ଷରତା ସପ୍ତାହ ଭାରତ ବର୍ଷରେ ସମସ୍ତ ଅଞ୍ଚଳରେ ଚାଲୁଅଛି। ଏହି ଅବସରରେ ଗୁରୁବାର ଅପରାହ୍ଣରେ କେନ୍ଦୁଝର ଜିଲ୍ଲା, ତେଲକୋଇ ବ୍ଲକର ଓରିୟା ପଞ୍ଚାୟତର ଧନୁର୍ଜୟପୁର ଗ୍ରାମର ମଣ୍ଡପଠାରେ ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଓ ସମସ୍ତ ପ୍ରକାର କେୱାଇସି ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଲ୍‌ଡିଓ ରିତେଶ କୁମାର ପାତ୍ର, ଏଲ୍‌ଡିଏମ୍ ହୀରାଲାଲ ମହାମଲ୍ଲିକ, ସିଆର୍‌ପି ତିଲୋତ୍ତମା ସ୍ୱାଇଁ ଯୋଗ କରିଥିଲେ। ତେଲକୋଇ ସିଏଫ୍‌ଏଲ୍ ସଂଯୋଜକ ମିତା ବାରିକ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।

## ପିଏମ୍‌ଶ୍ରୀ ଡିଏନ୍ ହାଇସ୍କୁଲର ବାର୍ଷିକୋତ୍ସବ ଓ ଛାୟା ବିଧାନସଭା



କେନ୍ଦୁଝର,୧୨।୨(ସମିସ): କେନ୍ଦୁଝର ଜିଲ୍ଲାର ପିଏମ୍‌ଶ୍ରୀ ଐତିହ୍ୟ ଡିଏନ୍ ହାଇସ୍କୁଲର ବାର୍ଷିକ ଉତ୍ସବ ଓ ଛାୟା ବିଧାନସଭା ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ବ୍ୟାପୀ ଏହି ଉତ୍ସବରେ ପୌରାଧକ୍ଷା ନିକୁ ସାହୁ ମୁଖ୍ୟଅତିଥି, ଡିଆଇଇଟି ଅଧକ୍ଷା କଲ୍ୟାଣୀ ମାଝୀ ମୁଖ୍ୟ ବକ୍ତା, ଏଡିଇଓ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ଶିକ୍ଷାବିତ ସୁରେଶ ଚନ୍ଦ୍ର ବଳ, ପରମେଶ୍ୱର ବେହେରା, ମଧୁସୂଦନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜଣେ ଜଣେ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ସରୋଜ ବେହେରା, ସଂଗୀତା ମହାନ୍ତ, ଜ୍ୟୋସ୍ନାମୟୀ ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଛାୟା ବିଧାନସଭାର ଆୟୋଜନ କରିଥିଲେ। ୭୪ଜଣ ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦତ୍ତ ୪୨ ହଜାର ଟଙ୍କାର ଅର୍ଥରାଶିକୁ ବିଭିନ୍ନ ବିଭାଗର କୃତୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ତରୁଣୋଭାମୟୀ ମୁଦୁଲି ପ୍ରେମାନନ୍ଦ ସାହୁଙ୍କୁ ପ୍ରଜ୍ଞା ସମ୍ମାନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶିକ୍ଷକ ଉଦୟନାଥ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ସୁରେନ୍ଦ୍ର କୁମାର ପଇଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜୁଆଙ୍ଗ କିଶୋରୀଙ୍କ ଅପପୁଷ୍ଟି ଦୂର ପାଇଁ ରେନ୍‌ବୋ ଡାଏଟ୍



କେନ୍ଦୁଝର,୧୨।୨(ସମିସ): ଜୁଆଙ୍ଗ ଜନ ଜାତିର ଶିଶୁ ଓ କିଶୋରୀଙ୍କ ମଧ୍ୟରେ ପୁଷ୍ଟି ସୁରକ୍ଷା ବୃଦ୍ଧି କରିବା ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ରେନ୍‌ବୋ ଡାଏଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଗୋନାସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୮୨ ଜଣ କିଶୋରୀଙ୍କୁ ନେଇ କ୍ୟାମ୍ପେନ୍ ଅଂଶ ଭାବେ ଥ୍ରି ମସ୍କେଟିଅର୍ସ ସ୍ୱିଟ୍ ପୋଟେଟୋ (୩ଏମ୍-ଏସ୍‌ପି) କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଆଇସିଏଆର୍-ସିଟିସିଆର୍‌ଆଇ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ମୁଖ୍ୟ ଡା. ଏମ୍. ନେଦୁନଚେଜିୟନ, କେନ୍ଦୁଝର ଉଦ୍ୟାନକୃଷି ସହାୟକ ନିର୍ଦ୍ଦେଶକ ଜି.ସି. ମେହେର, ପ୍ରଧାନ ବୈଜ୍ଞାନିକ ଏବଂ ପ୍ରଧାନ ଅନୁସନ୍ଧାନକାରୀ ଡା. ପି. ସେଥୁରାମନ୍ ଶିବକୁମାର, ବିଦ୍ୟାଳୟର ପ୍ରଧାନଶିକ୍ଷକ ତୀର୍ଥାନନ୍ଦ ସେଠୀ ସହ ଆଇସିଏଆର-ସିଟିସିଆରଆଇ ଏବଂ କିଟ୍, ଭୁବନେଶ୍ୱରର ଅଧିକାରୀଗଣ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଡିଏମ୍‌ଏଫ୍ କେନ୍ଦୁଝରର ବରିଷ୍ଠ ପ୍ରକଳ୍ପ ପ୍ରବନ୍ଧକ ନମିତା ଦାସ। କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍‌ର ଡାକ୍ତରମାନେ ଶିଶୁମାନଙ୍କୁ ଅପପୁଷ୍ଟି, ରକ୍ତହୀନତା ତଥା ମାଇକ୍ରୋନ୍ୟୁଟ୍ରିଏଣ୍ଟ ଅଭାବକୁ ଖାଦ୍ୟ ଆଧାରିତ ପଦକ୍ଷେପ ଦ୍ୱାରା କିପରି ଦୂର କରାଯାଇପାରିବ ସେ ବିଷୟରେ ସଚେତନ କରିଥିଲେ। ଏଥିରେ ପ୍ରତ୍ୟେକ ଛାତ୍ରୀଙ୍କୁ ଧଳା, କମଳା ଏବଂ ଗଦାଯୁକ୍ତ କନ୍ଦମୂଳର ତିନିଟି ଚାରା ଦିଆଯାଇଥିଲା, ଯାହାକୁ ବିଦ୍ୟାଳୟର ପୋଷଣ ଉଦ୍ୟାନରେ ରୋପଣ କରାଯାଇଛି। ଛାତ୍ରୀମାନେ ୧୦୦ ଦିନ ପର୍ଯ୍ୟନ୍ତ ଏହି ଫସଲକୁ ଚାଷ କରିବେ ଏବଂ ପରେ ଯେଉଁ ଛାତ୍ରୀମାନଙ୍କ ଚାରା ଉତ୍କୃଷ୍ଟ ଫଳ ଦେଇଥିବ ସେମାନଙ୍କୁ ସମ୍ମାନିତ କରାଯିବ। ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଏହି ପଦକ୍ଷେପ ଜୁଆଙ୍ଗ ଜାତିର ଶିଶୁମାନଙ୍କ ମଧ୍ୟରେ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ।

# ବାଲେଶ୍ୱରରେ ଭାରତ ବନ୍ଦର ପ୍ରଭାବ











- ରେଳଷ୍ଟେସନରେ ଅଟକାଇଲେ ୩ଟି ଟ୍ରେନ
- ଆନ୍ଦୋଳନରେ ସାମିଲ ହେଲା ବିଜେଡି ଓ କଂଗ୍ରେସ
- କାର ଧକ୍କାରେ ଆନ୍ଦୋଳନକାରୀ ଗୁରୁତର

ବାଲେଶ୍ୱର, ୧୨।୨(ସମିସ)

କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଆଇଟିୟୁ ଏଆଇଟିୟୁସି, ଏଲପିଏଫ ଆଦି ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡେରେସନମାନଙ୍କ ମିଳିତ ଆହ୍ୱାନରେ ଆଜି ଦେଶବ୍ୟାପୀ ଭାରତବନ୍ଦ ଅନୁଷ୍ଠିତ ହୋଇଯାଇଛି। ଏହି ଧର୍ମଘଟରେ ବିଜେଡି ଓ କଂଗ୍ରେସ ଦଳ ମଧ୍ୟ ସାମିଲ ହୋଇଥିଲା। ଏହି ଧର୍ମଘଟର ପ୍ରଭାବ ବାଲେଶ୍ୱରରେ ମଧ୍ୟ ଦେଖିବାକୁ ମିଳିଥିଲା। ଶ୍ରମିକମାନଙ୍କ ସ୍ୱାର୍ଥରେ ପ୍ରଚଳିତ ୪୪ଟି ଶ୍ରମ ଆଇନକୁ ସମ୍ବୋଧନ କରି ମାଲିକଙ୍କ ସ୍ୱାର୍ଥରେ ୪ଟି ଶ୍ରମକୋଡକୁ କେନ୍ଦ୍ର ସରକାର ପ୍ରଚଳିତ କରୁଛନ୍ତି। ଏହାକୁ ନେଇ ଦେଶର ସମସ୍ତ ଶ୍ରମିକ କର୍ମଚାରୀ ବିରୋଧ କରୁଛନ୍ତି। କେନ୍ଦ୍ର ସରକାର ଆଇନଗୁଡ଼ିକୁ ପଙ୍ଗୁ କରି ଶ୍ରମବିଭାଗକୁ କାଗଜବାଘ କରିଛନ୍ତି। ଶ୍ରମକୋଡ ପ୍ରଚଳନ ହେଲେ ଶ୍ରମିକମାନେ ସଂଘ ଗଠନ କରିବା କିମ୍ବା ଧର୍ମଘଟ କରିବାର ଅଧିକାର ହରାଇବେ। ସ୍ଥାୟୀ ନିଯୁକ୍ତି ବଦଳରେ ଠିକା ଶ୍ରମିକ ନିଯୁକ୍ତି ବ୍ୟବସ୍ଥାକୁ ବ୍ୟାପକ କରାଯିବ। ଶ୍ରମିକର ସାମାଜିକ ସୁରକ୍ଷା ଓ ଭବିଷ୍ୟତ ଅନ୍ଧକାରମୟ ହେବ। ଶ୍ରମକୋଡକୁ ଓ ଟାଟା ପାୱାର ସ୍ମାର୍ଟ ମିଟର ବାଧ୍ୟତାମୂଳକ ଭାବେ ଲଗାଇବା ପ୍ରସ୍ତାବ ବାତିଲ ସହ ଠିକା ଓ ସ୍କିମ ୱାର୍କରଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଓ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ବେତନ, ମାସିକ ସର୍ବନିମ୍ନ ୯ ହଜାର ଟଙ୍କା ପେନସନ ସହ ମହଙ୍ଗା ଭତ୍ତା ପ୍ରଦାନ, ନିର୍ମାଣ ଶ୍ରମିକମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମାରେ ସହାୟତା ପ୍ରଦାନ, ଖାଲିଥିବା ସମସ୍ତ ସରକାରୀ ପଦବୀ ପୂରଣ, ରାଷ୍ଟ୍ରାୟତ ବ୍ୟାଙ୍କ, ବୀମା, ପ୍ରତିରକ୍ଷା ଓ ଲାଭଦାୟକ ସରକାରୀ ଉଦ୍ୟୋଗକୁ ଘରୋଇକରଣ ପ୍ରସ୍ତାବକୁ ବାତିଲ କରିବା, ଦରଦାମ ବୃଦ୍ଧିରେ ଅଙ୍କୁଶ ଲଗାଇବାକୁ ଦାବି କରି ସକାଳ ୬ଟାରେ ବାଲେଶ୍ୱର ରେଳଷ୍ଟେସନରେ ପିକେଟିଂ କରିଥିଲେ। ଷ୍ଟେସନରେ ତିନୋଟି ଟ୍ରେନକୁ କିଛି ସମୟ ପାଇଁ ଅଟକାଇବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ସେମାନେ ଷ୍ଟେସନ ଛକ ନିକଟରେ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବିରୋଧୀ ରାଜନୈତିକ ଦଳର କର୍ମକର୍ତ୍ତା ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ମତ ରଖିଥିଲେ। ଏପରିକି ସେଠାରେ ସେମାନେ ଓଟିରୋଡରେ ଯାଉଥିବା ବିଭିନ୍ନ ଗାଡି ମୋଟରକୁ ଅଟକାଇ ଥିଲେ। ଏହାପରେ ସେମାନେ ନୂଆବଜାର ପରିବା ମାର୍କେଟ ମୋତିଗଞ୍ଜ ପରିବାମାର୍କେଟ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ପରିବାର ଦୋକାନୀ ଏବଂ ସାଧାରଣ ଲୋକମାନଙ୍କ କେନ୍ଦ୍ର ସରକାର କରୁଥିବା ଅନ୍ୟାୟ ବିରୋଧରେ କହିବା ସହ ଦୋକାନ ଗୁଡିକୁ ବନ୍ଦ କରାଇଥିଲେ। ପରେ ଆନ୍ଦୋଳନକାରୀମାନେ ଜିଲ୍ଲା ଦୌରା ଜଜଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପଟେ ଏହି ଧର୍ମଘଟରେ ବ୍ୟାଙ୍କ କର୍ମଚାରୀମାନେ ସାମିଲ ହୋଇଥିବା ବେଳେ ବିକ୍ଷୋଭକାରୀଙ୍କ ସହ ସାମିଲ ହୋଇ ବ୍ୟାଙ୍କ ଓ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବ୍ୟାଙ୍କ ଓ ପୋଷ୍ଟାଲକୁ ଅଚଳ କରିଥିଲେ। ଏହାପରେ ଆନ୍ଦୋଳନକାରୀମାନେ ବାମପଦା ସ୍ଥିତ ବିରଳା ଟାୟାର୍ସ ସମ୍ମୁଖରେ ଆନ୍ଦୋଳନ କରିବା ସହ ୧୬ନମ୍ବର ଜାତୀୟ ରାଜପଥକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ସେହିପରି ଆନ୍ଦୋଳନକାରୀମାନେ ସୋମନାଥପୁରସ୍ଥିତ ଛୋଟ ବଡ ଶିଳ୍ପାନୁଷ୍ଠାନ ଗୁଡିକୁ ଯାଇ ପିକେଟିଂ କରି ସେଗୁଡିକୁ ବନ୍ଦ କରାଇଥିଲେ। ଏହି ଧର୍ମଘଟରେ ସମସ୍ତ ଶିଳ୍ପାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ କାର୍ଯ୍ୟାଳୟ, କୋର୍ଟ କଚେରୀ, ଶିକ୍ଷାନୁଷ୍ଠାନ, ଗାଡ଼ି, ମୋଟର, ରେଳ ଓ ସମସ୍ତ ଯାନବାହନ ଚଳାଚଳ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଏହି ଆନ୍ଦୋଳନରେ ଟିୟୁଏସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସାଧାରଣ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ହିନ୍ଦ ମଜଦୁର ସଭାର ଜିଲ୍ଲା ସଭାପତି ଅରୁଣ କୁମାର ସ୍ୱାଇଁ, ବିଜେଡିର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ଉପନଗରପାଳ ମେନାଜ କୁମାର ନାୟକ, କଂଗ୍ରେସର ପୂର୍ବତନ ଜିଲ୍ଲାସଭାପତି ସଞ୍ଜୀବ ଗିରି, ଉପସଭାପତି ସରୋଜ କୁମାର ଲେଙ୍କାଙ୍କ ସମେତ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେସନମାନଙ୍କ ପକ୍ଷରୁ ଭାଗବତ ପ୍ରତିହାରୀ, ରାଜକିଶୋର ଲେଙ୍କା, ପ୍ରେମରଞ୍ଜନ ପାତ୍ର, ଜୟନ୍ତ ଦାସ, ବାସନ୍ତୀ ସାମଲ, ସର୍ବେଶ୍ୱର ମିଶ୍ର, ନିରାକାର ପାଣ୍ଡବ, ନିରଞ୍ଜନ ବେହେରା, ଅରୁଣ ଜେନା, ବନ୍ଦନା ବିଶ୍ୱାଳ, ପ୍ରଦୀପ ବେହେରା, ନିରଞ୍ଜନ ରାଉତ, ଇଶାଣୀ ଷଡଙ୍ଗୀ, ବ୍ୟାଙ୍କ କର୍ମଚାରୀ ପକ୍ଷରୁ ସୁଦର୍ଶନ ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବାମପନ୍ଥୀ ଦଳ ପକ୍ଷରୁ ନିର୍ମଳ ନାୟକ, ସୀତାଂଶୁ ସେନାପତି, ମୃତ୍ୟୁଞ୍ଜୟ ରାଉତ, ଆଶୁତୋଷ ପରିଡ଼ା, ନରେନ୍ଦ୍ର ଗିରି, ଲକ୍ଷ୍ମୀଧର ବେହେରା, ରବୀନ୍ଦ୍ର ବେହେରା, ଶ୍ୟାମସୁନ୍ଦର ଜେନା, ଯତୀନ ପାତ୍ର, ପ୍ରଭାବତୀ ଦାସ, ରବୀନ୍ଦ୍ରନାଥ ବେରା, ପ୍ରମୁଖ ଉପସ୍ଥିତ ଥିଲେ।

**କାର ଧକ୍କାରେ ଆନ୍ଦୋଳନକାରୀ ଆହତ:** ସର୍ବଭାରତୀୟ ଧର୍ମଘଟକୁ ନେଇ ଆନ୍ଦୋଳନ ଚାଲୁଥିବା ବେଳେ ଷ୍ଟେସନ ଛକରେ ଆନ୍ଦୋଳନକାରୀ ଗୌରାଙ୍ଗ ପାଣିଗ୍ରାହୀ ଏକ କାରକୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଉକ୍ତ କାରଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ମୁହଁରେ ମାଡ ହୋଇଥିଲେ। ଏଥିରେ ସେ ଗୁରୁତର ହୋଇ ତଳେ ପଡ଼ିଯିବା ପରେ କାରଟି ସେଠାରୁ ଫେରାର ହୋଇଯାଇଥିଲା। ଉକ୍ତ ସମୟରେ କାର୍ଯ୍ୟରେ ନିୟୋଜିତ ଥିବା ଏକ ପୁଲିସ ଗାଡିରେ ତାଙ୍କୁ ବସାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା।

## ଅଳିଆଗଦାରୁ ନିଆଁ ଲାଗି ଜଳିଗଲା ୫ ଦୋକାନ



ବାଲେଶ୍ୱର, ୧୨।୨(ସମିସ): ଆଜି ଭାରତ ବନ୍ଦ ଥିବାରୁ ମାର୍କେଟରେ କିଛି ଦୋକାନ ବନ୍ଦ ରହିଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟପରିସର ରାସ୍ତାର ମିଶନ ଫିଲଡ କଡରେ ଥିବା ଅସ୍ଥାୟୀ ଦୋକାନରେ ନିଆଁ ଲାଗି ପୋଡି ଯାଇଛି। ପାଚେରି ପଛପଟରେ ପଡ଼ିଥିବା ଅଳିଆଗଦାରୁ ନିଆଁ ଲାଗି ଏହି ମାର୍କେଟରେ ଥିବା ୫ଟି ଦୋକାନ ଘର ଜଳି ଯାଇଛି। ନିଆଁ ଲାଗିଯାଇଥିବା ଦେଇ ପ୍ରଥମେ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ ପାରିବାରୁ ଦମକଳ ବାହିନୀକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଦୁଇଟି ଦମକଳବାହିନୀ ପହଁଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଏହି ୫ଟି ଦୋକାନରେ ବହୁ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଛି।

## ଅନ୍ତର୍ଜାତୀୟ ଅପସ୍ମାର ଦିବସ ପାଳିତ



ବାଲେଶ୍ୱର, ୧୨।୨(ସମିସ): ସ୍ଥାନୀୟ କାଳିଦାସପୁର ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ପରିସର ମଧ୍ୟରେ ଅନ୍ତର୍ଜାତୀୟ ଅପସ୍ମାର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ଉପାଧ୍ୟକ୍ଷ ନିକୁଞ୍ଜ କିଶୋର ମହାନ୍ତି, ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଓ ଅତିଥି ବକ୍ତା ଭାବେ ଫକୀରମୋହନ ମେଡିକାଲ କଲେଜ ଓ ଚିକିତ୍ସା ଳୟ, ବାଲେଶ୍ୱରର ଆସୋସିଏଟ ପ୍ରଫେସର ଡ. ମାନସ ରଞ୍ଜନ ସାହୁ ଛାତ୍ରଛାତ୍ରୀଙ୍କୁ ଏହି ରୋଗର ଲକ୍ଷଣ ଓ ପ୍ରତିକାରକୁ ବୁଝାଇ ଥିଲେ। ଇନଷ୍ଟିଚ୍ୟୁଟର ଶିକ୍ଷୟତ୍ରୀ ସଙ୍ଗୀତା ସାହୁ ଧନ୍ୟବାଦ ଦେଇଥିଲେ।

## ଅଲ୍ ଇଣ୍ଡିଆ ଅନଲାଇନ୍ ନାତିଆ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୨।୨(ସମିସ): ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ତର୍ଜୁମାନ ନ୍ୟୁଜ୍ ଟାଇମ୍ ପକ୍ଷରୁ ଅଲ୍ ଇଣ୍ଡିଆ ଅନଲାଇନ୍ ନାତିଆ ପ୍ରତିଯୋଗିତାର ଭବ୍ୟ ଆୟୋଜନ ଖ୍ୱାଜା ନିକାହ ମହଲରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାକୁ ସଂସ୍ଥାର ଏଡିଟର-ଇନ-ଚିଫ୍ ଅଜିମ ବାଲେଶ୍ୱରୀ ନେତୃତ୍ୱ ଦେଇଥିଲେ ଏବଂ ସଭାର ଅଧ୍ୟକ୍ଷତା ଉର୍ଦ୍ଦୁ ଲେକ୍‌ଚରାର ରୁକିୟା ଜମାଲ କରିଥିଲେ। ସଭାର ଆରମ୍ଭ ସିରାଜ ରଜା



ସୈଫିଙ୍କ ନାତ୍ ପାଠ ସହିତ ହୋଇଥିଲା। ଆନିସା ଖାତୁନ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇଥିଲେ। ପ୍ରସ୍ତୁତି ବୈଠକରେ ଇନ୍ତେଖାବ ଅଲି ଖାନ, କାଉନସିଲର ଶେଖ ଆୟୁବ, ମାଷ୍ଟର ସାଦିକ, ଗଗନ କୁମାର ସେଠି, ସଲିମ ସବାଶାହ, ସୟେଦ ନସିମ ଆହମଦ ରଜା, ଅବ୍ଦୁଲ ମୋକିମ ଖାନ, ମାଷ୍ଟର ଶେଖ ଶରଫୁଦ୍ଦିନ, ମହମ୍ମଦ ସଲାମୁଲ୍ଲାହ, ମହମ୍ମଦ ଫିରୋଜ ହୁସେନ, ହାଜି ୟୁସୁଫ, ଅବଦୁଲ ଇସ୍ରାଇଲ, ମହମ୍ମଦ ଫିରୋଜ୍ ଖାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ୧୬ ମାର୍ଚ୍ଚ ମଧ୍ୟରେ ଶୁଦ୍ଧ ନାତ୍ ଉପରେ ଆଧାରିତ ଏକ ମତ୍ଲା ଏବଂ ଦୁଇଟି ଶେର୍, ସ୍ପଷ୍ଟ ଧ୍ୱନିରେ, ୨ ମିନିଟ ୫୦ ସେକେଣ୍ଡର ଭିଡିଓ କ୍ଲିପ୍ ତିଆରି କରି ଦିଆଯାଇଥିବା ହ୍ୱାଟସ୍‌ଆପ୍ ନମ୍ବର ୯୦୪୦୦୬୭୯୧୯କୁ ପଠାଇବେ।

## ରବୀନ୍ଦ୍ରମୋହନ ଦାସଙ୍କ ଜୟନ୍ତୀ




ବାଲେଶ୍ୱର, ୧୨।୨ (ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ଶତାୟୁପୁରୁଷ ବରେଣ୍ୟ ଡ. ରବୀନ୍ଦ୍ରମୋହନ ଦାସଙ୍କ ୧୧୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିମାନଙ୍କ ପରିଚୟ ପ୍ରଦାନ ପ୍ରଫେସର ଦେବାଶିଷ ପାତ୍ର କରିଥିଲେ। ଅଭିଭାଷଣରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ଜନ୍ମଦିନ ପାଳନ କରିବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ସମ୍ମାନିତ ଅତିଥି ଡ଼କ୍ଟର ଶିରୀଶ ଚନ୍ଦ୍ର ଜେନା ତାଙ୍କ ଉଦ୍‌ବୋଧନରେ ଡ଼କ୍ଟର ରବୀନ୍ଦ୍ରମୋହନ ଦାସଙ୍କୁ ଓଡ଼ିଶା ତଥା ବାଲେଶ୍ୱର ମାଟିର ଜଣେ ସୁଯୋଗ୍ୟ ଓ ଦାୟଦ ପୁତ୍ର ଭାବେ ସ୍ମରଣ କରିଥିଲେ। ମୁଖ୍ୟ ବକ୍ତା ଉଦୟ ନାରାୟଣ ଦାସ ତାଙ୍କ ସ୍ୱରଚିତ ଡ଼କ୍ଟର ରବୀନ୍ଦ୍ରମୋହନ ଦାସଙ୍କ ଆତ୍ମଜୀବନୀରୁ କିଛି ଶିକ୍ଷଣୀୟ ଅନୁଭୂତି ବାଣ୍ଟିଥିଲେ। ଏହି ଅବସରରେ ସେ ରଚିତ ପୁସ୍ତକ 'ଶତାବ୍ଦୀ ପୁରୁଷ' କୁଳପତିଙ୍କୁ ପ୍ରଦାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ସୁବାସ ଚନ୍ଦ୍ର ପାତ୍ର ଉପସ୍ଥିତ ହୋଇ ଡ଼କ୍ଟର ରବୀନ୍ଦ୍ରମୋହନଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ବିଭିନ୍ନ ପର୍ଯ୍ୟାୟ ଉନ୍ମୋଚନ କରିଥିବା ସହ ତାଙ୍କ ସହ ନିଜର ମୂଲ୍ୟବାନ ସ୍ମୃତିଚାରଣ କରିଥିଲେ। ପ୍ରାତଃକାଳରେ ବିଶ୍ୱବିଦ୍ୟାଳୟର ପୁରାତନ ପରିସରସ୍ଥ ଡ. ରବୀନ୍ଦ୍ରମୋହନ ଦାସଙ୍କ ପ୍ରତିମୂର୍ତ୍ତିରେ କୁଳପତି ମାଲ୍ୟାର୍ପଣ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ସହାୟକ ଅଧ୍ୟାପକ ଡ଼କ୍ଟର ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ହିମାଂଶୁ ଦାସ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲ୍‌ରେ ଏସ୍‌ଏସ୍‌ବି ସିଲିଗୁଡ଼ି



ବାଲେଶ୍ୱର, ୧୨।୨(ସମିସ): ସର୍ବଭାରତୀୟ ହିମାଂଶୁ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ରାଉରକେଲା ରେଡ ଓ ଏସଏସବି ସିଲିଗୁଡି ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି। ପୂର୍ବତନ ବିଧାୟକ ସ୍ୱରୁପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ଉପସଭାପତି ମହମ୍ମଦ ସାହିଦ ଜବାର ଓ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫାଉଣ୍ଡେସନର ଚେୟାରମେନ ଯୁବ ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ ଏଥିରେ ପୌରୋହିତ୍ୟ କରିବା ସହିତ ଟୁର୍ଣ୍ଣାମେଣ୍ଟର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଫାଉଣ୍ଡେସନର ଭାଇସ ଚେୟାରମେନ୍ ସଂଗ୍ରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଦୁଇ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧରେ ରାଉରକେଲା ରେଡ ଉପରେ ଚାପ ସୃଷ୍ଟି କରି ଏସଏସବି ସିଲିଗୁଡିର ଏଲ ନବ ସିଂହ ଦୁଇଟି ଗୋଲ ଦେବାରେ ସକ୍ଷମ ହୋଇଥିଲା। ଦ୍ୱିତୀୟାର୍ଦ୍ଧର ୧୫ମିନିଟ ମଧ୍ୟରେ ରାଉରକେଲା ରେଡ ପକ୍ଷରୁ ନୀତିଶ ଟୋପ୍ପୋ ଗୋଟିଏ ଗୋଲ ଦେଇଥିଲେ। ଶିବ ଶଙ୍କର ପଣ୍ଡା ଉଦଘାଟନୀ ମ୍ୟାଚରେ ରେଫରୀ, ଦୁଇ ଜାତୀୟ ସ୍ତରର ରିଫେରୀ ସୁଜିତ କୁମାର ପାତ୍ର ଓ ଉତ୍କଳ ମଣି ବେହେରା ଆସିଷ୍ଟାଣ୍ଟ ରଫେରୀ ଏବଂ ଫାଓର ଅମିତ ସିଂହ ଚତୁର୍ଥ ରେଫେରୀ ଭାବେ ମ୍ୟାଚ ପରିଚାଳନା କରିଥିଲେ।

## ଯଥୋଚିତ ସମ୍ମାନ ଅପେକ୍ଷାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା

ବାଲେଶ୍ୱର, ୧୨।୨(ସମିସ)



ଡ. ରବୀନ୍ଦ୍ର ମୋହନ ଦାସଙ୍କୁ ବାଦ୍ ଦେଇ ବାଲେଶ୍ୱରର ସ୍ୱାଧୀନତା ସଂଗ୍ରାମର ଇତିହାସ ହେଉ ଅବା ରାଜନୈତିକ, ଶିକ୍ଷା ଓ ସାମାଜିକ ଜୀବନର ଇତିହାସ ଲେଖାଯାଇପାରିବ ନାହିଁ। କାରଣ ତାଙ୍କ ଅବଦାନ ଅତୁଳନୀୟ। ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କଥା ହେଉ ଅବା ବାଲେଶ୍ୱର ଜନଜୀବନର ଅନେକ କାର୍ଯ୍ୟ ତାଙ୍କ ଦ୍ୱାରା ସାଧିତ ହୋଇଛି। ସେହି ଦୃଷ୍ଟିରୁ ରବୀନ୍ଦ୍ର ମୋହନ ଦାସଙ୍କୁ ବାଲେଶ୍ୱରବାସୀ ତଥା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯେତିକି ସମ୍ମାନ ଦେବା କଥା ତାହା ଏଯାବତ ଯଥେଷ୍ଟ ନୁହେଁ ବୋଲି କୁହାଯାଇପାରେ। ତେଣୁ ଏ ଦିଗରେ ସରକାର ତଥା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଗୁରୁତର ସହ ନେବା ଉଚିତ ଏବଂ ରବୀନ୍ଦ୍ର ମୋହନ ଦାସଙ୍କ ଜୟନ୍ତୀ କିପରି ସ୍ଥାୟୀ ଭାବେ ପାଳନ ହେବ ସେନେଇ କୁଳପତି ନୀତି ନିର୍ଦ୍ଧାରଣ କରିବା ଉଚିତ ବୋଲି ମତପ୍ରକାଶ ପାଇଛି। ପ୍ରତିବର୍ଷ ଫେବୃଆରୀ ୧୨ରେ ରବୀନ୍ଦ୍ର ମୋହନ ଦାସଙ୍କ ଜୟନ୍ତୀ ପାଳନ ହେଉଛି। ହେଲେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଭାବେ ରବୀନ୍ଦ୍ର ମୋହନ ଦାସଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ ନେଇ ଉଠୁଛି ପ୍ରଶ୍ନ। କାରଣ ନୂଆ କ୍ୟାମ୍ପସରେ ନା ଅଛି ତାଙ୍କର ପ୍ରତିମୂର୍ତ୍ତି ନା ସମର୍ପିତ ଏକ ହଲ୍। ବିଶ୍ୱବିଦ୍ୟାଳୟ କୌଣସି କକ୍ଷ ବା ବିଭାଗ ପ୍ରତିଷ୍ଠାତାଙ୍କ ନାମରେ ନାମିତ କରିବାକୁ ଦାବି ଉଠିଛି।

### ମତାମତ

ବାଲେଶ୍ୱରର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିବା ଯୁବକମାନଙ୍କ କଥା ଚିନ୍ତା କରି ବ୍ୟାସବିହାର ବିଶ୍ୱବିଦ୍ୟାଳୟର ସ୍ୱପ୍ନ ଦେଖିଥିଲେ ରବୀନ୍ଦ୍ର ମୋହନ ଦାସ ଓ ସେ ସାଧନା କରି ଭିକ୍ଷାର ଆଶ୍ରୟ ନେଇ ବିଶ୍ୱବିଦ୍ୟାଳୟକୁ ଗଢିବାରେ ସମର୍ଥ ହୋଇଥିଲେ। ହେଲେ ବାଲେଶ୍ୱର ବାସୀ ସେଇ ମହତ ଭିକ୍ଷୁକଙ୍କ କଥା ଆଜି ବିସ୍ମରି ଯାଇଛନ୍ତି। ଆଜି ବାଲେଶ୍ୱରରେ ବହୁ ରାଜ ନେତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେଉଥିଲା ବେଳେ ଏଇ ମହାନ ଗାନ୍ଧୀ ମଣିଷଙ୍କ ପ୍ରତିମୂର୍ତ୍ତିଟେ ବି ହୋଇପାରି ନାହିଁ, ଏପରିକି ନୂଆ ଗଠିତ ବିଶ୍ୱବିଦ୍ୟାଳୟରେ ବି ସେଇ ଲୋକଙ୍କ ମୂର୍ତ୍ତି ବି ଦୃଶ୍ୟ ହୁଏ ନାହିଁ। କୌଣସି ଗୋଟି ହଲ ବି ତାଙ୍କ ନାମରେ ସମର୍ପଣ ହୋଇନାହିଁ।

**ଉଦୟ ନାରାୟଣ ଦାସ, ସାହିତ୍ୟିକ**

ମହାନ ସଂଗ୍ରାମୀ ରବୀନ୍ଦ୍ର ମୋହନ ଦାସଙ୍କ ଜୀବନ ଅତି ସରଳ ଓ ନିରାଡ଼ମ୍ବର ଥିଲା। ବିଭିନ୍ନ ପାଶ୍ଚାତ୍ୟ ଦେଶ ଜାପାନ, ଆମେରିକା ଆଦି ଭ୍ରମଣ କରି ଓଡ଼ିଶାର ଜୀବନ ଧାରାକୁ ପରିବର୍ତ୍ତନ କରିବାରେ ଉଦ୍ୟମ କରିଥିଲେ। ବାଲେଶ୍ୱରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଥମ କ୍ୟାମ୍ପସ ରେ ରବୀନ୍ଦ୍ରଙ୍କ ପ୍ରତିମୂର୍ତ୍ତି ରହିଛି। ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ ପରିସରରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲେ ମହାନ ସଂଗ୍ରାମୀ ବ୍ୟକ୍ତିତ୍ୱ ପ୍ରତି ଯଥେଷ୍ଟ ସମ୍ମାନ ହୋଇଥାନ୍ତା।

**ଡ. ଅରବିନ୍ଦ ଗିରି, ଗବେଷକ ତଥା ବିଶିଷ୍ଟ ସାହିତ୍ୟିକ**

ଫକୀରମୋହନ ବିଶ୍ୱବିଦ୍ୟାଳୟର ସେ ପ୍ରତିଷ୍ଠାତା ଥିଲେ। ତାଙ୍କ ନେତୃତ୍ୱରେ ବହୁ ଦିନ ଧରି ଆନ୍ଦୋଳନ ଚାଲିଥିଲା। ଏହା ନିଶ୍ଚିତ ଭାବରେ ସମସ୍ତେ ସ୍ୱୀକାର କରିବେ। ସେହି ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ତାଙ୍କୁ ଯେତିକି ସମ୍ମାନ ମିଳିବା କଥା ତାହା ମିଳିନାହିଁ। ସବୁଠୁ ବଡ଼ କଥା ହେଲା ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ଉଚିତ। ସେ ଜଣେ ସାଧାରଣ ଲୋକ ନ ଥିଲେ ବରଂ ସେ ବାଲେଶ୍ୱର ପ୍ରାକ୍ତନ ବିଧାୟକ ଏବଂ ସ୍ୱାଧୀନତା ସଂଗ୍ରାମୀ ଥିଲେ। ଏଦିଗରେ ବିଶ୍ୱବିଦ୍ୟାଳୟ ସରକାର ତଥା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ।

**ଅଭୟ ଦାସ, ପ୍ରକାଶକ**

ରବୀନ୍ଦ୍ର ମୋହନ ଦାସଙ୍କୁ ବାଲେଶ୍ୱରର ଗାନ୍ଧୀ ବୋଲି ଅନେକ ଲୋକ ସମ୍ବୋଧନ କରୁଥିଲେ। ରବୀନ୍ଦ୍ର ମୋହନ ଦାସ ଅନୁଭବ କରିଥିଲେ ଯେ, ଭୋଗରାଇ ସୀମାନ୍ତରୁ ବୈତରଣୀ ସୀମା ପର୍ଯ୍ୟନ୍ତ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ପିଲାମାନେ କିଭଳି ନିଜ ଜିଲ୍ଲାରେ ଅଳ୍ପ ଖର୍ଚ୍ଚରେ ଉଚ୍ଚ ଶିକ୍ଷା ତଥା ସ୍ନାତକୋତ୍ତର ଶିକ୍ଷା ପାଇପାରିବେ ସେନେଇ ସେ ଉଦ୍ୟମ ଆରମ୍ଭ କଲେ। ସେତେବେଳେ ବିଭିନ୍ନ ବ୍ଲକରେ କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇଥିଲା ଏବଂ ବାଲିଆପାଳ ବ୍ଲକ କ୍ରିୟାନୁଷ୍ଠାନ କମିଟି ସାଧାରଣ ସମ୍ପାଦକ ଥିଲି। ୯୦ ବର୍ଷ ବୟସରେ ମଧ୍ୟ ରବୀନ୍ଦ୍ର ମୋହନ ଦାସ ସାଇକେଲ ଚଲାଇ କାମକୁ ତଦାରଖ କରିଛନ୍ତି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ପ୍ରାଣକେନ୍ଦ୍ର ହେଉଛି ନୂଆପାଢ଼ୀ କ୍ୟାମ୍ପସ। ବାଲେଶ୍ୱରରେ ଅନେକ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ରହିଥିବା ବେଳେ ରବୀନ୍ଦ୍ର ମୋହନ ଦାସଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରହିବା ବାଞ୍ଛନୀୟ। ଏହାବ୍ୟତୀତ ବିଶ୍ୱବିଦ୍ୟାଳୟ ପରିସରରେ କୌଣସି ଏକ କକ୍ଷ ବା ବିଭାଗ ମଧ୍ୟ ରବୀନ୍ଦ୍ର ମୋହନ ଦାସଙ୍କ ନାମରେ ନାମକରଣ କରାଯିବା ଉଚିତ।

**ଡ. କଳୀପଦ ପଣ୍ଡା, ପ୍ରକାଶକ**

ଫକୀରମୋହନ ବିଶ୍ୱବିଦ୍ୟାଳୟ ପୁରୁଣା କ୍ୟାମ୍ପସରେ ବାପା ସାଇକେଲରେ ଯାଇ ଯେଉଁ ଗଛ ମୂଳେ ବସୁଥିଲେ ସେଠାରେ ହିଁ ମୁଁ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିଲି। ଟାଉନ ହଲଠାରେ ମଧ୍ୟ ବାପାଙ୍କର ଆଉ ଗୋଟେ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲି। ସେଠାରେ କେହି କେୟାର ନେଇପାରୁନାହାଁନ୍ତି। ଦୁଇଟି ଯାକ ପ୍ରତିମୂର୍ତ୍ତି ମୁଁ ନିଜସ୍ୱ ଅର୍ଥରେ ସ୍ଥାପନ କରିଛି। ବାପା ବଞ୍ଚିଥିବା ବେଳେ ଆରମ୍ଭ କରିଥିଲି ବାପାଙ୍କ ଜନ୍ମଦିନ ପାଳନ। ବିଶ୍ୱବିଦ୍ୟାଳୟର ପ୍ରଥମ କ୍ୟାମ୍ପସରେ ତାଙ୍କ ଜୟନ୍ତୀ ସଭା ପାଳନ କରିଲୁ। ପରେ ନୂଆ କ୍ୟାମ୍ପସରେ ଜୟନ୍ତୀ ପାଳନ ନେଇ ନିଷ୍ପତ୍ତି ହେଲା। ପ୍ରତିବର୍ଷ ମୋ ନିଜସ୍ୱ ଖର୍ଚ୍ଚରେ ବିଶ୍ୱବିଦ୍ୟାଳୟରେ ଜୟନ୍ତୀ ପାଳନ କରେ। ମୁଁ କହିଥିଲି ଯେ ବିଶ୍ୱବିଦ୍ୟାଳୟରେ ଏକ କକ୍ଷ ରବୀନ୍ଦ୍ର ମୋହନଙ୍କ ନାମରେ ନାମିତ ହେଉ। ନହେଲେ ତାଙ୍କ ନାମରେ ଚାନସେଲର୍ ଡିବେଟ୍ ପ୍ରତିଯୋଗିତା ହେଉ। ଆମେ ଟ୍ରଷ୍ଟ ତରଫରୁ ଅର୍ଥ ଦେବୁ। ହେଲେ କିଛି ହେଲା ନାହିଁ।

**ଯଶୋଧାରା ଦାସ, କବୀ**

ଯଶୋଧରା ଦାସ ପ୍ରସ୍ତାବ ଦେଇଥିଲେ ଯେ ଦୁଇଟା କ୍ୟାମ୍ପସରେ ରବୀନ୍ଦ୍ର ମୋହନ ଦାସଙ୍କ ଦୁଇଟା ପ୍ରତିମୂର୍ତ୍ତି ସ୍ଥାପନ ହେଉ। ହେଲେ ସେମିତି ସମ୍ଭବ ନୁହେଁ। କୌଣସି ବିଶ୍ୱବିଦ୍ୟାଳୟରେ ଏମିତି ଜଣଙ୍କ ନାମରେ ଦୁଇଟି କାମ ବା ସ୍ଥାପନା ହୋଇନାହିଁ। ଜଣଙ୍କର ଦୀର୍ଘ ୧୦ ବର୍ଷ ତଳୁ ପ୍ରତିମୂର୍ତ୍ତି ସ୍ଥାପନ ହେଲା ପରେ ପୁଣି ଆଉ ଗୋଟେ ଜାଗାରେ ଆଉ କିଛି କରାଯିବ। ତାହେଲେ ଏହା ଅସମ୍ମାନ ବୋଲି ଧରାଯିବ। ସମସ୍ତେ ସିନା ବିଶ୍ୱବିଦ୍ୟାଳୟ ନୂଆ କ୍ୟାମ୍ପସ ଆଉ ପୁରୁଣା କ୍ୟାମ୍ପସ କହୁଛନ୍ତି। ହେଲେ ମୁଁ ଜାଣିଛି ଏହା ଇଷ୍ଟ କ୍ୟାମ୍ପସ ଏବଂ ୱେଷ୍ଟ କ୍ୟାମ୍ପସ। ଆମେ ରବୀନ୍ଦ୍ର ମୋହନ ଦାସଙ୍କ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଭାବେ ଗ୍ରହଣ କରୁ। ତେଣୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଯେଉଁଠି ଆରମ୍ଭ ହୋଇଥିଲା ସେଠାରେ ତାଙ୍କର ପ୍ରତିମୂର୍ତ୍ତି ରହି ତାଙ୍କୁ ଯଥୋଚିତ ସମ୍ମାନ ଦିଆଯାଉଛି। ମୋ ମତରେ କୌଣସି ବ୍ୟକ୍ତି ବିଶେଷଙ୍କ ଦୁଇଟି ଜାଗାରେ ଦୁଇଟି ପ୍ରତିମୂର୍ତ୍ତି ବା କିଛି କାମ ମୁଁ ଦେଖିନାହିଁ।

**ପ୍ରଫେସର ସନ୍ତୋଷ ତ୍ରିପାଠୀ, କୁଳପତି, ଫକୀରମୋହନ ବିଶ୍ୱବିଦ୍ୟାଳୟ**


**EASTERN INVESTMENTS LIMITED**

CIN: L65993OR1927GOI034842

Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE NINE MONTH ENDED 31ST DEC'2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Nine Month Ended | | Year Ended | Nine Month Ended | | Year Ended |
| | | 31.12.2025 | 31.12.2024 | 31.03.2025 | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 39.76 | 63.67 | 44.27 | 13,635.82 | 10,832.21 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (14.38) | 0.50 | (28.91) | 1,216.38 | (351.64) | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (14.38) | 0.50 | (28.91) | 1,216.38 | (351.64) | (3,525.52) |
| 6 | Net Profit attributable to Non Controlling Interests | - | - | - | 583.59 | (211.33) | (1,791.41) |
| 7 | Net Profit attributable to Owners of the Company | - | - | - | 632.79 | (140.31) | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,532.26 | 26,576.05 | 26,546.64 | (8,776.47) | (7,819.01) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (1.00) | 0.03 | (2.00) | 44.59 | (9.89) | (121.71) |
| | (ii) Diluted | (1.00) | 0.03 | (2.00) | 44.59 | (9.89) | (121.71) |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 12th February' 2026

Sd/-
(A.K.Bagchi)
Managing Director-EIL

## ଘର ତାଲା ଭାଙ୍ଗି ଟଙ୍କା ଓ ସୁନା ଅଳଙ୍କାର ଲୁଟ୍

**ଧର୍ମଶାଳା, ୧୨।୨( ସମିସ):** ଧର୍ମଶାଳା ଥାନା ଜାଲସୁଖାସ୍ଥିତ ଜଣେ ବ୍ୟକ୍ତିଙ୍କ ଘରେ କେହି ନଥିବା ବେଳେ ଆଜି ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଜାଲସୁଖା ଗ୍ରାମରେ ରହୁଥିବା ବିଦ୍ୟାଧର ସେଠୀ ଓ ତାଙ୍କ ପତ୍ନୀ ନିଜ ନିଜ ଚାକିରି କ୍ଷେତ୍ରକୁ ପଳାଇଥିବାବେଳେ ଦୁର୍ବୃତ୍ତମାନେ ଦିନ ଦ୍ୱିପ୍ରହରରେ ଘରର ତାଲା ଭାଙ୍ଗି ଘରୁ ୨୦ ଭରି ସୁନା ଅଳଙ୍କାର, ୨୦ ଭରିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ଓ ନଗଦ ୧ ଲକ୍ଷ ୧୭ ହଜାର ଟଙ୍କା ଆଲମିରାରୁ ଚୋରି କରିନେଇଛନ୍ତି। ଅପରାହ୍ଣରେ ତାଙ୍କ ପତ୍ନୀ ଘରକୁ ଫେରି ଦେଖିବା ସମୟରେ ଘର ତାଲା ଭଙ୍ଗା ଯିବା ସହ ଆଲମିରା ଖୋଲା ହୋଇ ରହିଥିଲା। ଯାଞ୍ଚ କଲା ବେଳେ ଆଲମିରାରେ ଥିବା ସମସ୍ତ ସୁନା ଓ ରୁପା ଅଳଙ୍କାର ସମେତ ନଗଦ ଟଙ୍କାକୁ ଚୋରମାନେ ଚୋରି କରି ନେଇଯାଇଥିବା ଜଣାପଡ଼ିଥିଲା। ଏ ନେଇ ଥାନାରେ ଅଭିଯୋଗ ହୋଇଛି।

## ଭସାଣି ବିବାଦକୁ ନେଇ ଦୋକାନ ଭଙ୍ଗାରୁଜା



**ସିଂହପୁର, ୧୨।୨(ସମିସ):** ବିଞ୍ଝାରପୁର ଥାନା ସିଂହପୁର ବଜାରରେ ଆଜି ୩୦ ରୁ ଊର୍ଦ୍ଧ୍ୱ ଯୁବକ ଏକ ଲସି ଓ ଚାର୍ଟ ଦୋକାନରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହିତ ବ୍ୟବସାୟୀ ଓ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ଯାହାକୁ ନେଇ ସିଂହପୁରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣା ସ୍ଥଳରେ ବିଞ୍ଝାରପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ସନ୍ଧ୍ୟାରେ ଓଲେଇ ପଞ୍ଚାୟତ ଚନ୍ଦନପୁର ଗ୍ରାମର ଯୁବକଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ସରସ୍ୱତୀ ଭାଷଣ ଉତ୍ସବରେ ସିଂହପୁର ବଜାରରେ ଡିଜେ ବାଜିବାକୁ ନେଇ ବିବାଦ ଦେଖାଦେଇଥିଲା। ଉକ୍ତ ଚାର୍ଟ ଓ ଲସି ଦୋକାନୀ ଏବଂ ଭାଷଣ ଉତ୍ସବ କରୁଥିବା ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ କେନ୍ଦ୍ର କରି ଆଜି ଅପରାହ୍ଣରେ ୩୦ ରୁ ଊର୍ଦ୍ଧ୍ୱ ଯୁବକ ସଂଘବଦ୍ଧ ଭାବେ ଦୋକାନକୁ ଭଙ୍ଗାରୁଜା କରିବା ସହ ଦୋକାନୀ ଓ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣ ରେ ବ୍ୟବସାୟୀ ଓ କର୍ମଚାରୀ ଗୁରୁତର ଆହତ ହୋଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଯାହାକୁ ନେଇ ଉତ୍ତେଜନା ଲାଗି ରହିଛି। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଉଗ୍ର ହେବାରେ ଲାଗିଛି।

## ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ; ୩ ଗୁରୁତର

**ସୁକିନ୍ଦା, ୧୨।୨(ସମିସ):** ସୁକିନ୍ଦା ଥାନା ସାନ୍ତରାପୁର ଗ୍ରାମରେ ସରକାରୀ ଠିକା କାର୍ଯ୍ୟକୁ କେନ୍ଦ୍ରକରି ହିଂସାକାଣ୍ଡ ଘଟି ତିନିଜଣ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଆହତମାନେ ହେଲେ ଚନ୍ଦ୍ର ମଲ୍ଲିକ ଓ ପତ୍ନୀ ରଜନୀ ମଲ୍ଲିକ ଏବଂ କୁମର ଚନ୍ଦ୍ର ମଲ୍ଲିକ। ଏକ ସରକାରୀ କାମକୁ ନେଇ ଗତ ବୁଧବାର ସାନ୍ତରାପୁର ଗ୍ରାମର ଦୁଇ ପରିବାର ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ପରେ ପରେ ହିଂସାର ରୂପ ନେଇଥିଲା। ପାଖ ପଡ଼ୋଶୀ ଆହତ ତିନି ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସୂଚନା ପାଇ ସୁକିନ୍ଦା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

## ବ୍ୟବସାୟୀଙ୍କ ବିୟୋଗରେ ଶୋକ



**ବ୍ୟାସନଗର, ୧୨।୨(ସମିସ):** ବ୍ୟାସନଗର ସହରର ଜଣାଶୁଣା ବ୍ୟବସାୟ ପ୍ରତିଷ୍ଠାନ ପପୁଲାର ୱାଚ କୋଃ ର ପ୍ରତିଷ୍ଠାତା ତଥା କୋରେଇ ବ୍ଲକ ଶଙ୍ଖଚିଲାର ଆନନ୍ଦ ଚନ୍ଦ୍ର ସାହୁ (୭୨)ଙ୍କର ଗୁରୁବାର ରାତିରେ ଦେହାନ୍ତ ହୋଇଛି। ସେ ଜଣେ ଜନପ୍ରିୟ ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଥିଲେ। ବ୍ୟାସନଗରର ବିଭିନ୍ନ ସଂଗଠନ ସହିତ ସେ ଜଡ଼ିତ ଥିଲେ। ଗୋଟିଏ ସମୟରେ ଦିବଂଗତ ରାଜନେତା ଅଶୋକ ଦାସଙ୍କ ସହଯୋଗୀ ରହି ରାଜନୈତିକ କ୍ଷେତ୍ରରେ କାମ କରିଥିଲେ। ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ହୃଦଘାତ ଓ ନିମୋନିଆରେ ପୀଡିତ ହୋଇପଡ଼ିଥିଲେ। ୫ ଦିନ ପୂର୍ବରୁ ଭୁବନେଶ୍ୱର ଏମ୍ସ ରେ ଭର୍ତ୍ତି ହୋଇ କ୍ରିଟିକାଲ କେୟାର ସେଣ୍ଟରରେ ଚିକିତ୍ସିତ ହେଉଥିବା ବେଳେ ଆଜି ତାଙ୍କର ପରଲୋକ ହୋଇଛି। ତାଙ୍କ ପରଲୋକରେ ବିଭିନ୍ନ ମହଲର ଶୋକ ପ୍ରକାଶ ପାଇଛି। ମୃତ୍ୟୁ ଶଯ୍ୟା ନିକଟରେ ଶାଳକ ବରିଷ୍ଠ ସାମ୍ବାଦିକ ତଥା ଏସୟୁଜେ ଓଡ଼ିଶା ର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ବିଧବା ପତ୍ନୀ କଲ୍ୟାଣୀ ସାହୁ, ପୁଅ ଜିତେନ୍ଦ୍ର, ଦେବେନ୍ଦ୍ର, ଉପେନ୍ଦ୍ର, ତପନ ଓ ସମସ୍ତ ବୋହୂ ଉପସ୍ଥିତ ଥିଲେ।

### ଜବରଦଖଲକାରୀଙ୍କ କବ୍‌ଜାରେ ରାଜରାସ୍ତା

# ଟ୍ରାଫିକ୍ ସମସ୍ୟାରେ ଘାଣ୍ଟିହେଉଛନ୍ତି ସାଧାରଣଜନତା

**ବ୍ରହ୍ମବରଦା, ୧୨।୨(ସମିସ)**



ଅବିଭକ୍ତ ବ୍ରହ୍ମବରଦାଠାରୁ ବନ୍ଧଡିହ ପର୍ଯ୍ୟନ୍ତ ରାଜରାସ୍ତା ସଂକୀର୍ଣ୍ଣ ହେବାକୁ ଲାଗିଛି। ଯାହାଫଳରେ ସାଧାରଣ ଜନତା ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତାକୁ ମାଡ଼ି ବ୍ୟବସାୟିକ ଅନୁଷ୍ଠାନମାନ ନିର୍ମାଣ କରାଯାଇଥିବା ବେଳେ ରାସ୍ତା ଗୁଡ଼ିକ ସଂକୀର୍ଣ୍ଣ ହେବାରେ ଲାଗିଛି। ସରକାରୀ ନିୟମ ଅନୁଯାୟୀ ବ୍ୟବସାୟିକ ପ୍ରତିଷ୍ଠାନ ନିମନ୍ତେ ପାର୍କିଂର ବ୍ୟବସ୍ଥା ରହିବା ଆବଶ୍ୟକ। କିନ୍ତୁ ଏହାର ଉଲ୍ଲଙ୍ଘନ କରି ବ୍ୟବସାୟୀମାନେ ଦିନକୁ ଦିନ ଜବରଦଖଲ କରି ରାସ୍ତାକୁ ସଂକୀର୍ଣ୍ଣ କରିବାରେ ଲାଗିଛନ୍ତି। ଏହି ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଯାଜପୁର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ବି ସମସ୍ୟାର କୌଣସି ସମାଧାନ ହେଉନାହିଁ। ତେବେ ସ୍ଥାନୀୟ ଜନସାଧାରଣ ଓ କିଛି ମୁଷ୍ଟିମେୟ ବ୍ୟବସାୟୀ ରାସ୍ତା କଡ଼ରେ ଥିବା ସରକାରୀ ଜମି ଜବରଦଖଲ କରି ବ୍ୟବସାୟ ପ୍ରତିଷ୍ଠାନ କରିବା ସହିତ ମୁଖ୍ୟ ରାସ୍ତାକୁ ମଧ୍ୟ ଜବରଦଖଲ କରିଛନ୍ତି। ଯାହାକୁ ନେଇ ସାଧାରଣ ଲୋକେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟାରେ ପଡ଼ି ହଇରାଣ ହେଉଛି। ବିଶେଷ କରି ବ୍ରହ୍ମବରଦା ଠାରେ ଥିବା ଦୁଇ ଦୁଇଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଉଚ୍ଚ ବିଦ୍ୟାଳୟ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଥିବାରୁ ଦୈନିକ ଶହ ଶହ ସଂଖ୍ୟାରେ ଲୋକ ଓ ଛାତ୍ରୀଛାତ୍ରଙ୍କ ସହ ସ୍ଥାନୀୟ ଜନସାଧାରଣ ଟ୍ରାଫିକ ସମସ୍ୟାରେ ଘାଣ୍ଟିହେଉଛନ୍ତି। ବିଶେଷ କରି ସନ୍ଧ୍ୟା ହେଲେ ଜନସାଧାରଣ ଏହି ରାସ୍ତାରେ ଯିବା ଆସିବା କରିବା ସମୟରେ ଅଶନିଶ୍ୱାସୀ ହୋଇ ପଡୁଛନ୍ତି। ଅବିଭକ୍ତ ବ୍ରହ୍ମବରଦା ଯାଜପୁର ଜିଲ୍ଲାର ଏକ ଅଗ୍ରଣୀ ବ୍ୟବସାୟ ପ୍ରତିଷ୍ଠାନର ପେଣ୍ଠସ୍ଥଳ ଭାବରେ ବେଶ ଜଣାଶୁଣା। ବରୁହାଁ-ବାଲିଚନ୍ଦ୍ରପୁର ଓ ବ୍ରହ୍ମବରଦା-ଜାରକା ଅଞ୍ଚଳକୁ ମଧ୍ୟ ଏହି ରାସ୍ତାଟି ସଂଯୋଗ କରୁଛି। ଏଠାକୁ ଦୈନନ୍ଦିନ ସ୍ଥାନୀୟ ୧୦ ଗୋଟି ପଞ୍ଚାୟତର ଶହଶହ ଲୋକେ ଏହି ବଜାର ଉପରେ ନିର୍ଭର କରନ୍ତି। ଏହାଛଡ଼ା ବ୍ୟାଙ୍କଛକ ବ୍ୟତୀତ ପୁରୁଣା ଫାଣ୍ଡି ଛକ, ତାରିଣୀ ଛକ, ମହିମା ଛକ, ମଙ୍ଗଳା ମାର୍କେଟ ଓ ବନ୍ଧଡିହ ହାଟ ଛକଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଏଭଳି ବେଆଇନ ଜବରଦଖଲ ନେଇ ଟ୍ରାଫିକ୍ ସମସ୍ୟା ଦିନକୁଦିନ ବଢ଼ିବଢ଼ି ଚାଲିଛି। ଅବିଭକ୍ତ ବ୍ରହ୍ମବରଦା ବଜାରଘାଟ ବ୍ରିଜ ନିକଟରୁ ବନ୍ଧଡିହ ହାଟଛକ ପର୍ଯ୍ୟନ୍ତ ପ୍ରାୟ ୫କିମି ରାସ୍ତା ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ରାସ୍ତା ବ୍ୟବସାୟୀଙ୍କ ଜବରଦଖଲରେ ରହିଛି। ୨କିମି ରାସ୍ତା ପୂର୍ତ୍ତବିଭାଗ ଅଧୀନରେ ଥିବା ବେଳେ ବାକି ୩କିମି ରାସ୍ଥା ଗ୍ରାମ୍ୟ ଉନ୍ନୟନ ଅଧୀନରେ ରହିଛି। ଯାହାକି ସରକାରୀ କାଗଜ ପତ୍ରରେ ରାସ୍ତାର ଓସାର ୭୦ଫୁଟରୁ ଊର୍ଦ୍ଧ୍ୱ ଥିବା ବେଳେ ବର୍ତ୍ତମାନ କିନ୍ତୁ ତାହା ୨୦ରୁ ୩୦ଫୁଟ ରହିଛି। ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଦୋକାନୀମାନେ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ମୁଖ୍ୟ ରାସ୍ତା ଉପରକୁ ମାଡ଼ି ଆସୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ଅଣାୟତ୍ତ ହେବାରେ ଲାଗିଛି। ଏ ନେଇ ଜନୈକ ବ୍ୟକ୍ତି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଜମିରେ କୌଣସି କାର୍ଯ୍ୟ ନ କରିବାପାଇଁ କୋର୍ଟ ପକ୍ଷରୁ ଚିଠି ନଂ ୧୮୬୪୧ରେ ନିର୍ଦ୍ଦେଶ ମଧ୍ୟ ରହିଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଉକ୍ତ ସ୍ଥାନରେ ପହଞ୍ଚି ସରକାରୀ ଜମିରେ ଜବରଦଖଲ ନକରିବା ପାଇଁ ଚେତାବନୀ ମଧ୍ୟ ଦେଇଛନ୍ତି। ବ୍ରହ୍ମବରଦା ସେତୁ ଠାରୁ ଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ୨କିମି ରାସ୍ଥା ପୂର୍ତ୍ତବିଭାଗ ଅଧୀନରେ ଥିବା ବେଳେ ଏହି ରାସ୍ତାରେ ପ୍ଲଟ ନମ୍ବର ୩୨୬୦୮୮୬ ରେ ୦.୭୨ ଏକର ସର୍ବସାଧାରଣ ଜମି ରହିଛି ରାସ୍ଥାର ଓସାର ପ୍ରାୟ ୭୦ଫୁଟ ଥିବାବେଳେ ବର୍ତ୍ତମାନ ଜବରଦଖଲ ଯୋଗୁଁ ୨୦ଫୁଟରୁ ୩୦ଫୁଟ ମଧ୍ୟରେ ରହିଛି। ସେହିପରି ଅନେକ ସ୍ଥାନରେ ଏଭଳି ଜବରଦଖଲ ହୋଇଛି।

ସ୍ଥାନୀୟ ପୁଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବେଆଇନ ଗାଡ଼ି ପାର୍କିଂ କରୁଥିବା ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ଯାଜପୁର ଜିଲ୍ଲା ପ୍ରଶାସନ ବଜାରଘାଟ ବ୍ରାହ୍ମଣୀ ସେତୁ ନିକଟରୁ ବନ୍ଧଡିହ ହାଟ ଛକ ପର୍ଯ୍ୟନ୍ତ ସରକାରୀ ଜାଗାକୁ ଜବରଦଖଲ ମୁକ୍ତ କରିବାପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ରସୁଲପୁର ତହସିଲଦାର ସିଦ୍ଧାର୍ଥ କୁମାର ବେହେରାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛି, ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଜଣାଯାଇଛି, ବ୍ରହ୍ମବରଦା ଅଞ୍ଚଳରେ ସରକାରୀ ଜମିରୁ ଜବର ଦଖଲ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ।

## ଏନ୍‌ସି ହାଇସ୍କୁଲ ପ୍ଲାଟିନମ୍ ଜୁବିଲି ଲୋଗୋ ଉନ୍ମୋଚିତ



**ବ୍ୟାସନଗର, ୧୨।୨(ସମିସ):** ଏନ୍‌ସି ହାଇସ୍କୁଲ ପ୍ଲାଣ୍ଟିନିୟମ ଜୁବିଲି ଉତ୍ସବ ପାଇଁ ବ୍ୟାସନଗରସ୍ଥିତ ଟାଉନ ହଲ ପରିସରରେ ଲୋଗୋ ଉନ୍ମୋଚିତ ହୋଇଛି। ଏ ନେଇ ଗୁରୁବାର ପ୍ଲାଣ୍ଟିନିୟମ ଜୁବିଲି କମିଟିର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଆକାଶ ଦାସନାୟକ ନାୟକ ଓ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଅତିଥିଭାବେ ଯୋଗଦେଇ ଲୋଗୋ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଦାସନାୟକ ଏନ୍‌ସି ହାଇସ୍କୁଲର ଗୌରବ ଓ ଗାରିମା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ଲାଟିପନମ୍ ଜୁବିଲି ୧୪ରେ ହେବାକୁ ଥିବାବେଳେ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ହସ୍ତତନ୍ତ୍ର ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର କୁମାର ନାୟକ ଓ ଜିଲ୍ଲା ପରିଷଦ ଅଧକ୍ଷା ନଳିନୀପ୍ରଭା ଜେନା ଅତିଥିଭାବେ ଯୋଗଦେବେ ବୋଲି ପ୍ଲାଣ୍ଟିନିୟମ ଜୁଗୁଲି କମିଟିର ସମ୍ପାଦକ ଅଭିଳାଷ ଦାସ ସୂଚନା ଦେଇଛନ୍ତି। ଆଜିର ଏହି ଲୋଗ ଉନ୍ମୋଚନ ଉତ୍ସବରେ କମିଟର ଉପ ସଭାପତି ହାରାଧନ ବାନାର୍ଜୀ, କୋଷାଧକ୍ଷ ଦୀନେଶ ସାହୁ, ବରିଷ୍ଠ ସଦସ୍ୟ ମନିନ୍ଦ୍ର ଧଳ ଓ ଚନ୍ଦ୍ରଶେଖର ପଣ୍ଡାଙ୍କ ସମେତ ସମସ୍ତ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

## ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ୍

**ବ୍ୟାସନଗର, ୧୨।୨(ସମିସ):** ଯାଜପୁର ରୋଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟର ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟ ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଅଭିଯୁକ୍ତ ଯାଜପୁର ଜିଲ୍ଲା ଯାଜପୁର ରୋଡ଼ ଆଦର୍ଶ ଥାନା ଅନ୍ତର୍ଗତ ଯାଜପୁର ରୋଡ଼ ରାଉତ ବଜାର ସାହୁ ମାର୍କେଟ ଅଞ୍ଚଳର ପ୍ରୀତିଶ ରଞ୍ଜନ ରାଉତ (୪୨)କୁ ଏକ ବର୍ଷ ୬ ମାସ ସଶ୍ରମ କାରାଦଣ୍ଡ ସହିତ ୮ଲକ୍ଷ ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଅଭିଯୋଗକାରୀ ଯାଜପୁର ରୋଡ଼ ଆଦର୍ଶ ଥାନା ସାପଗଡ଼ିଆ ଗାୟତ୍ରୀ ବିହାର ଅଞ୍ଚଳର ଶୁଭେନ୍ଦୁ କୁମାର ପଣ୍ଡା (୪୦) ଏବଂ ଯାଜପୁର ରୋଡ଼ ରାଉତ ବଜାର ସାହୁ ମାର୍କେଟ ଅଞ୍ଚଳର ପ୍ରୀତିଶ ରଞ୍ଜନ ରାଉତ ପରସ୍ପର ସହିତ ପରିଚିତ। ଏହି ସୁଯୋଗରେ ପ୍ରୀତିଶ ବ୍ୟାସନଗର ଅଞ୍ଚଳରେ ନିଜ ଠିକାଦାରୀ କାର୍ଯ୍ୟ ସମ୍ପାଦନ ନିମନ୍ତେ ଶୁଭେନ୍ଦୁ ନିକଟରୁ ମାର୍ଚ୍ଚ ୨୦୨୩ରେ ୫ ଲକ୍ଷ ଟଙ୍କା ଧାର ନେଇଥିଲେ ଏବଂ ଏହାକୁ ସେ ଏକ ମାସ ମଧ୍ୟରେ ଶୁଝିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶୁଭେନ୍ଦୁ ଏହି ଅର୍ଥ ଫେରାଇବାକୁ ବାରମ୍ବାର ପ୍ରୀତିଶ ନିକଟକୁ ଯିବାରୁ ସେ ୧୩.୧୦.୨୦୨୩ରେ ୫ଲକ୍ଷ ଟଙ୍କାର ଚେକ୍ ବ୍ୟାସନଗର ଏସବିଆଇ ଶାଖାର ଦେଇଥିଲେ। ପରବର୍ତ୍ତୀ ସମୟରେ ଚେକ୍ ଶୁଭେନ୍ଦୁ ନିଜ ଖାତାରେ ଲଗାଇବା ପରେ ଏହା ବାଉନ୍ସ ହୋଇଥିଲା। ଫଳରେ ଶୁଭେନ୍ଦୁ ବାଧ ହୋଇ ଅଦାଲତଙ୍କୁ ନିଜ ଓକିଲଙ୍କ ଜରିଆରେ ନ୍ୟାୟ ପାଇଁ ଆବେଦନ କରିଥିଲେ। ଏ ନେଇ ସୋମବାର ଯାଜପୁର ରୋଡ୍ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟର ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟ କୁମାରୀ ପ୍ରିୟଦର୍ଶିନୀ କୁମ୍ଭାର ଏହି ମାମଲାର ବିଚାର କରି ଅଭିଯୁକ୍ତ ଯାଜପୁର ରୋଡ଼ ରାଉତ ବଜାର ସାହୁ ମାର୍କେଟ ଅଞ୍ଚଳର ପ୍ରୀତିଶ ରଞ୍ଜନ ରାଉତକୁ ଏକ ବର୍ଷ ୬ ମାସ ସଶ୍ରମ କାରାଦଣ୍ଡ ସହିତ ୮ ଲକ୍ଷ ଟଙ୍କା ଅର୍ଥରାଶି ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥରାଶି ଅନାଦେୟ ଆଉ ଅଧିକ ୪ ମାସ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ଶୁଭେନ୍ଦୁଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପ୍ରସାଦ ପତି ପରିଚାଳନା କରୁଥିଲେ।

# ଶ୍ରମିକ ଧର୍ମଘଟରେ ସାମିଲ ହେଲା କଂଗ୍ରେସ

**ବ୍ୟାସନଗର, ୧୨।୨(ସମିସ)**




କେନ୍ଦ୍ର ଓ ରାଜ୍ୟସରକାରଙ୍କ ଶ୍ରମିକ, କର୍ମଚାରୀ ଓ କୃଷକ ବିରୋଧୀ ଆଇନକୁ ପ୍ରତ୍ୟାହାର ଦାବିରେ ୧୦ ଟି ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଓ ସ୍ୱାଧୀନ ଫେଡେରେସନ ଦେଶବ୍ୟାପି ସାଧାରଣ ଧର୍ମଘଟ ଓ ବନ୍ଦ ଡାକରା ଦେଇଛି। ଯାହାର ପ୍ରଭାବ ଯାଜପୁର ରୋଡ୍‌ରେ ପରିଲକ୍ଷିତ ହୋଇଥିଲା। ଏହି ସାଧାରଣ ଧର୍ମଘଟରେ ରାଜ୍ୟ ଅଣସଂଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସ (କେକେସି)ର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ ଶ୍ରମିକ ସଂଗଠନ ସାମିଲ ହେବା ସହିତ ବ୍ୟାସନଗର କଂଗ୍ରେସ କମିଟି ଏହି ବନ୍ଦରେ ସାମିଲ ହୋଇଥିଲା। ଶତାଧିକ କର୍ମୀ ଚୋରଦା ବାଇପାସ ମୁଖ୍ୟ ରାସ୍ତାରେ ବିକ୍ଷୋଭ କରିବା ଦ୍ୱାରା ଯାନବାହାନ ଠପ୍ ହୋଇଯାଇଥିଲା। ପରେ ଯାଜପୁର ରୋଡ୍‌ସ୍ଥିତ ଅତିରିକ୍ତ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବ୍ୟାସନଗର କଂଗ୍ରେସ ସଭାପତି ତପନ କୁମାର ନାୟକ, ଆଇଏନ୍‌ଟିୟୁସି ନେତା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା, ବିଜୟ କୁମାର ବୋଇତାଇ, ଜଗବନ୍ଧୁ ନାୟକ, ଆରତୀ ସ୍ୱାଇଁ, କେକେସି ନେତା ପ୍ରତାପ କୁମାର ଦାସ, ପରୀକ୍ଷିତ ମଲ୍ଲିକ, ବିଦ୍ୟାଧର ଜେନା, ସେକ୍ ଅତରୁଦ୍ଦିନ ଅହମଦ, ଅଭିମନ୍ୟୁ ପାତ୍ର ଲକ୍ଷ୍ମୀଧର ପାତ୍ର ଓ ବରିଷ୍ଠ କଂଗ୍ରେସ ନେତା ପଦ୍ମନାଭ ସ୍ୱାଇଁ, ହୃଦାନନ୍ଦ ସାମଲ, ଦିଲ୍ଲୀପ କୁମାର ମଲ୍ଲିକ, ରାଜ କିଶୋର ପ୍ରଧାନ, ସୁରେନ୍ଦ୍ର ନାୟକ, ପ୍ରଫୁଲ କୁମାର ପାତ୍ର, ନରହରି ବେହେରା ବିଚିତ୍ର ପାତ୍ର ଓ ବିଜୟ କୁମାର ମାଝୀ ପ୍ରମୁଖ ଯୋଗଦେଇ ସରକାରଙ୍କୁ ସମାଲୋଚନା କରିଥିଲେ।

## ଆପେକ୍ସ ବିଲକନ୍ ବାଟିଂ ପ୍ଲାଣ୍ଟ ସିଲ୍ କଲା ପ୍ରଶାସନ

**ଯଖପୁରା୧୨।୨(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳଠାରେ ଅନେକ ବେଆଇନ ବାଟିଂ ପ୍ଲାଣ୍ଟ ଚାଲୁଥିବାର ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ତିନୋଟି ବାଟିଂ ପ୍ଲାଣ୍ଟକୁ ବନ୍ଦ ରଖିବା ପାଇଁ ମାସେ ହେଲା କଷ୍ଟ ଦେଇଥିଲା ପ୍ରଦୂଷଣ ବୋର୍ଡ। ମାତ୍ର ଦାନଗଦି ତହସିଲ ଅନ୍ତର୍ଗତ ମାଣତୀରା ଛକ ନିକଟରେ ଅବସ୍ଥିତ ଆପେକ୍ସ ବିଲକନ ବାଟିଂ ପ୍ଲାଣ୍ଟ ସହିତ ଡୁବୁରୀ ନରଣପୁର ଭିଆଇପି ରାସ୍ତା ପାର୍ଶ୍ୱରେରେ ଥିବା ନଡ଼ିଆଭଙ୍ଗାର ଜାମୁପଶି ମୌଜାରେ ଥିବା ଆରବି ରେଡିମିକ୍ସ ଓ କମଳାକାନ୍ତ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ୍‌କୁ କ୍ଲୋଜର ନୋଟିସ ହୋଇଥିବା ସତ୍ତ୍ୱେ ପ୍ଲାଣ୍ଟ ବନ୍ଦ କରିନଥିଲେ। ପ୍ଲାଣ୍ଟ ସବୁ କାର୍ଯ୍ୟକ୍ଷମ ଥିବାର ଖବର ପାଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ୍ଲୋଜର ନୋଟିସ ଦେବାର ମାସେ ପରେ ଆଜି ଦାନଗଦି ତହସିଲଦାର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ମଦନ ମୋହନ ସାହୁ ଓ ଜଖପୁରା ଥାନା ଅଧିକାରୀ ପ୍ରମୋଦିନୀ ସାହୁ ପ୍ରମୁଖ ଚଢ଼ଉ କରି କାର୍ଯ୍ୟକ୍ଷମ ହେଉଥିବା ଆପେକ୍ସ ବାଟିଂ ପ୍ଲାଣ୍ଟକୁ ସିଲ୍ କରିଥିବା ଦେଖିବାକୁ ମିଳିଛି।

ସେହିପରି ପ୍ଲାଣ୍ଟରୁ ବିଦ୍ୟୁତ୍ ବିଚ୍ଛିନ୍ନ କରିବା ପାଇଁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ବିଦ୍ୟୁତ୍ ସଂଯୋଗ କିପରି ରହିଥିଲା। ମୋଟ ଉପରେ କହିବାକୁ ଗଲେ ପ୍ଲାଣ୍ଟ ମାଲିକ ଓ ପ୍ରାଶାସନିକ ଅଧିକାରୀଙ୍କ ସଲାସୂତରାରେ ପ୍ଲାଣ୍ଟଟି ଚାଲୁ ରହିଥିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଆଜି ଚଢ଼ଉ ପରେ ପ୍ଲାଣ୍ଟ ସିଲ୍ କରିବା ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି।


**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE NINE MONTH ENDED 31ST DEC'2025**
(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Nine Month Ended | | Year Ended | Nine Month Ended | | Year Ended |
| | | 31.12.2025 | 31.12.2024 | 31.03.2025 | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 39.76 | 63.67 | 44.27 | 13,635.82 | 10,832.21 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (14.38) | 0.50 | (28.91) | 1,216.38 | (351.64) | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (14.38) | 0.50 | (28.91) | 1,216.38 | (351.64) | (3,525.52) |
| 6 | Net Profit attributable to Non Controlling Interests | - | - | - | 583.59 | (211.33) | (1,791.41) |
| 7 | Net Profit attributable to Owners of the Company | - | - | - | 632.79 | (140.31) | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,532.26 | 26,576.05 | 26,546.64 | (8,776.47) | (7,819.01) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (1.00) | 0.03 | (2.00) | 44.59 | (9.89) | (121.71) |
| | (ii) Diluted | (1.00) | 0.03 | (2.00) | 44.59 | (9.89) | (121.71) |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 12th February' 2026

Sd/-
(A.K.Bagchi)
Managing Director-EIL


## ଏସ୍‌ୟୁସିଆଇ(ସି)ର ଶୋଭାଯାତ୍ରା



**ବିଞ୍ଝାରପୁର:** ଶ୍ରମିକ, କୃଷକ-କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋର୍ଡ ବାତିଲ କରିବା, ସରକାରୀ ସମ୍ପତ୍ତିକୁ ପୁଞ୍ଜିପତିମାନଙ୍କ ହାତକୁ ଟେକି ଦେବା, ସମସ୍ତ ସରକାରୀ ସଂସ୍ଥାକୁ ଘରୋଇକରଣ କରିବା, ପ୍ରତ୍ୟେକ କ୍ଷେତ୍ରରେ ବିଦେଶୀ ପୁଞ୍ଜିର ପ୍ରବେଶକୁ ଅନୁମତି ଦେବା, ଶ୍ରମ ଦିବସକୁ ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି କରିବା, କୃଷକ ବିରୋଧୀ ନୀତିରେ ଆମେରିକା ସହ ଚୁକ୍ତି କରିବା ସହ ଅନ୍ୟାନ୍ୟ ଦାବିରେ ୧୦ଟି କେନ୍ଦ୍ରିୟ ଟ୍ରେଡ୍ ୟୁନିୟନ ଓ କର୍ମଚାରୀ ଫେଡେରେସନ ସମୂହଙ୍କ ମିଳିତ ଆହ୍ୱାନରେ ଦେଶ ବ୍ୟାପୀ ଆଜିର ସାଧାରଣ ଧର୍ମଘଟକୁ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପୂର୍ଣ୍ଣ ସମର୍ଥନ କରିଛି। ଏହି ପରିପ୍ରେକ୍ଷୀରେ ପାର୍ଟିର ଜରୀ, ସିଂହପୁର ଆଞ୍ଚଳିକ କମିଟି ପକ୍ଷରୁ ବ୍ରହ୍ମାନନ୍ଦମଲ୍ଲିକଙ୍କ ନେତୃତ୍ୱରେ ସିଂହପୁରରେ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିବା ସହିତ ସିଂହପୁରକୁ ପ୍ରବେଶ କରିବାର ମୁଖ୍ୟ ରାସ୍ତାକୁ ଅବରୋଧ କରି ଏକ ପଥପ୍ରାନ୍ତସଭା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କମ୍ରେଡ ହୃଦାନନ୍ଦ ମଲିକ, ଦୁର୍ଯ୍ୟୋଧନ ବେହେରା, ଜୟରାମ ମଲିକ, କାମଦେବ ମଲିକ, ସୁରେନ୍ଦ୍ର ଜେନା, କାଳନ୍ଦୀ ଚରଣ ମଲିକ, ଧର୍ମାନନ୍ଦ ମଲିକ, ଖୁଦିରାମ ମଲିକ ଅଙ୍ଗଦ ମଲିକ, ସୁଶାନ୍ତ ମଲିକ ମନ୍ମଥ ମଲିକ, ବୀର ଭଦ୍ର ମଲିକ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ।

## ଦଶରଥପୁରରେ ବନ୍ଦ ପାଳନ, ଗଡ଼ିଲାନି ଗାଡ଼ିମୋଟର

**ଦଶରଥପୁର:** ଦଶରଥପୁରରେ ବନ୍ଦ ପାଳନ କରାଯାଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ୨୦ନଂ ଜାତୀୟ ରାଜପଥ ଅଧୀନ ବ୍ଲକର ସୁନ୍ଦରାଇମୁହାଁ ଠାରୁ କାଁଯାଗୋଲାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ବାଇକ ଗାଡ଼ିକୁ ବାଦଦେଲେ ସବୁ ପ୍ରକାରର ୩ ଓ ୪ ଚକିଆ ଯାତ୍ରୀବାହୀ ଏବଂ ମାଲ ବୋଝେଇ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବ୍ଲକର ମଙ୍ଗଳପୁର, ବୌଳାଙ୍ଗ, କାଟିଆ ଝୁମ୍ପୁରୀ, ଅହିୟାସ, ପାରିପଦା, କାଁଯାଗୋଲା, ଛାତ୍ରପଡ଼ା, ନନ୍ଦିପୁର, ରାମବାଗ, କଟିକଟା, ବ୍ଲକ ଛକ, କାଟିଆ, ପାଳଦା, ଖଣ୍ଡରା, ରଙ୍ଗପୁର ସମେତ ପ୍ରାୟ ପ୍ରମୁଖ ଛକ ବଜାରରେ ଔଷଧ ଦୋକାନକୁ ଛାଡ଼ି ଅନ୍ୟ ସବୁ ବ୍ୟବସାୟ କେନ୍ଦ୍ର ବନ୍ଦ ରହିଥିଲା। କିଛି ବେସରକାରୀ ଅନୁଷ୍ଠାନକୁ ବାଦ୍‌ଦେଲେ ବ୍ଲକ ଅଞ୍ଚଳର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ମାନଙ୍କରେ କର୍ମଚାରୀଙ୍କ ବ୍ୟତୀତ ଆଉ କାହାରିଙ୍କୁ ଦେଖିବାକୁ ମିଳିନଥିଲା। ଧର୍ମ ଘଟକୁ ସମର୍ଥନ ଦେଇ ମଙ୍ଗଳପୁର ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ବ୍ଲକ କଂଗ୍ରେସ ତରଫରୁ ବହୁ ସମର୍ଥକ ମିଳିତ ଭାବେ ବିଭିନ୍ନ ଛକ ବଜାର ରାସ୍ତା ଓ ବ୍ଲକ, ତହସିଲ ଭଳି ସରକାରୀ କାର୍ଯ୍ୟାଳୟରେ ପିକେଟିଙ୍ଗି କରିଥିଲେ। ସକାଳ ୬ଟାରୁ ଅପରାହ୍ଣ ଘ ୨ଟିକା ପର୍ଯ୍ୟନ୍ତ ଚାଲିଥିଲା ସଂଗଠନର କାର୍ଯ୍ୟକର୍ତ୍ତା ସକ୍ରିୟ ରହି ବନ୍ଦ ଡାକରକୁ ସଫଳ ରୂପାୟନ ଦେଇଥିଲେ। ସିପିଆଇ କାର୍ଯ୍ୟକର୍ତ୍ତା ସନାତନ ତ୍ରିପାଠୀ, ଜିଲ୍ଲା ସହ ସମ୍ପାଦକ ଅଭୟ ପଣ୍ଡା, ଚୌଧୁରୀ ଜେନା, ରାଧେଶ୍ୟାମ ରାଉତ, ଏସ୍ ଶତପଥୀ, ଶ୍ରୀଧର ଜେନା, ବିଜୟ ନାୟକ, ନବକିଶୋର ବେହେରା, ନିରଞ୍ଜନ ବିଶ୍ୱାଳ, ଦୁର୍ଯ୍ୟୋଧନ ବାରିକ, ବିଷ୍ଣୁ ଚରଣ ଦାସ, ବଂଶୀଧର ଦାସ, ବନମାଳୀ ଦାସ, ଦଶରଥ ପରିଡ଼ା, ପୂର୍ଣ୍ଣ ଜେନା, ପୁରସ୍ତମ ବେହେରା, ଲକ୍ଷ୍ମୀକାନ୍ତ ବାରିକ, ରମେଶ ବେହୁରା, ଜିଲ୍ଲା କମିଟି ସଦସ୍ୟ ମଳୟକୁମାର ପଣ୍ଡା, ସିପିଆଇ-ଏମ୍‌ର ବିଜୟକୁମାର ନାୟକ, ଅମୂଲ୍ୟ ସାମଲ, ବିଦ୍ୟାଧର ସାହୁ, ହରେକୃଷ୍ଣ ଜେନା, ଜିଲ୍ଲା ସମ୍ପାଦିକା ପ୍ରଭାତୀ ଦାସ, ରଶ୍ମିତା ଦାସ, ଆଶା ବ୍ଲକ ସମ୍ପାଦିକା ରଞ୍ଜିତା ଦାସ, ପିସିସି ସଭ୍ୟ ଦେବେନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର କର, ଚନ୍ଦ୍ର ଶେଖର ସାହୁ, ସାଗର ପରିଡ଼ା, ବିଞ୍ଝାରପୁର ବିଧାୟିକା ପ୍ରାର୍ଥୀନୀ କନକଲତା ମାଲିକଙ୍କ ସମେତ ବହୁ ସଂଖ୍ୟାରେ ମହିଳା, ଶ୍ରମିକ, ଯୁବ, ଛାତ୍ର ଯୋଗଦେଇ ଧର୍ମଘଟକୁ ସଫଳ କରିଥିଲେ।

# ବିଭିନ୍ନ ସ୍ଥାନରେ ଭାରତ ବନ୍ଦ ପାଳନ












**ନବରଙ୍ଗପୁର,୧୨।୨(ସମିସ):** ନବରଙ୍ଗପୁର ଜିଲ୍ଲାରେ ଗୁରୁବାର ଭାରତ ବନ୍ଦ ପାଳିତ ହୋଇଯାଇଛି । ନବରଙ୍ଗପୁର ଠାରେ କିଛି ଔଷଧ ଦୋକାନ ଖୋଲା ରହିବା ସହିତ ଜରୁରୀକାଳୀନ ସେବା ସ୍ୱାଭାବିକ ରହିଥିବା ବେଳେ ବଳକା ସମସ୍ତ ଦୋକାନ ବଜାର ଚକ ଅଖ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ଏପରିକି ବହୁ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଏବଂ ବ୍ୟାଙ୍କ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଛି । କେନ୍ଦ୍ରୀୟ ଟ୍ରେଡ ୟୁନିଅନ ପକ୍ଷରୁ ଆଜି ୧୨ ଘଣ୍ଟିଆ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଥିବାବେଳେ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ଉମରକୋଟ ସହର ର ରାସ୍ତାଘାଟ ଶୂନଶାନ୍ ହୋଇଯାଇଥିଲା । ରାଜପଥରେ ଗାଡି ଚଳାଚଳ ବନ୍ଦ ରହିଥିବାବେଳେ ବାହାର ରାଜ୍ୟର ଟ୍ରକଗୁଡିକୁ ଅଟକାଇ ଦିଆଯାଇଥିଲା । ଉମରକୋଟ ସହରର ରୁରୁଣା ବସଷ୍ଟାଣ୍ଡ ରାସ୍ତାରେ ଗାଡି ଚଳାଚଳ କରୁନଥିବାବେଳେ ବିଭିନ୍ନ ଶ୍ରମିକ ସଂଗଠନ ଓ କଂଗ୍ରେସ କାର୍ଯ୍ୟକର୍ତ୍ତା ରାସ୍ତାରେ ବିରୋଧ ପ୍ରଦର୍ଶନ କରିଥିଲେ । ଶ୍ରମିକ ସଂଗଠନଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ ଓ ବିକ୍ଷୋଭ କରାଯାଇଥିଲା । ଶ୍ରମ ଆଇନରେ ସଂଶୋଧନ, ବିଦ୍ୟୁତ୍ ସଂଶୋଧନ ବିଲ ୨୦୨୫କୁ ପ୍ରତ୍ୟାହାର, ଭିବି-ଜି ରାମଜି ଆଇନ ବଦଳରେ ମନରେଗା ଲାଗୁ, ଚାଷୀ ଓ କୃଷି ଶ୍ରମିକଙ୍କୁ ସୁରକ୍ଷା ସହ ବିହନ ବିଲ୍ ୨୦୨୫ ପ୍ରତ୍ୟାହାର, ସ୍ୱାମୀନାଥନ କମିସନ ଅନୁସାରେ ଏମ୍ଏସ୍‌ପି ଲାଗୁ, ସମାନ କାମକୁ ସମାନ ଦରମା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଆଇନଗତ ସୁରକ୍ଷା, ଆଦିବାସୀ ଓ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର, ଦରଦାମ ଓ ବେକାରୀ ନିୟନ୍ତ୍ରଣ, ସାଂପ୍ରଦାୟିକ ବିଦ୍ୱେଷ, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି ।

**ମାଲକାନଗିରି :** ଟ୍ରେଡ଼ ୟୁନିୟନର ବନ୍ଦ ଡ଼ାକରାରେ ମାଲକାନଗିରି ଜିଲ୍ଲା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ସକାଳରୁ ହିଁ ବସ ଚଳାଚଳ ବନ୍ଦ ହୋଇଯାଇଥିବା ବେଳେ ଗନ୍ତବ୍ୟ ସ୍ଥଳକୁ ପହଞ୍ଚି ନପାରି ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ସେହିପରି ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହ ସରକାରୀ, ବେସରକାରୀ ଅନୁଷ୍ଠାନଗୁଡିକ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ମାଲକାନଗିରି ଜିଲ୍ଲାର ସବୁ ବ୍ଲକରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା । ବ୍ୟାଙ୍କ, ପୋଷ୍ଟ ଅଫିସ, ସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଚାଷୀ, ଶ୍ରମିକଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରେ ରଖି ୧୦ ଗୋଟି କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ, କର୍ମଚାରୀ ଫେଡେରେସନ, ବିଦ୍ୟୁତ କର୍ମଚାରୀ ଫେଡେରେସେନ ଟ୍ରେଡ଼ ୟୁନିଅନ ଏହି ଧର୍ମଘଟରେ ସାମିଲ ହୋଇଥିଲେ । ଟ୍ରେଡ଼ ୟୁନିଅନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଭାରତ ବନ୍ଦ ଡାକରାକୁ କଂଗ୍ରେସ, ବିଜେଡିର ସମର୍ଥନ ରହିଥିଲା । ମାଲକାନଗିରି ଜିଲ୍ଲାର ୭ଟି ବ୍ଲକ୍ ସମ୍ପୂର୍ଣ ବନ୍ଦ ରହିଥିବା ସହ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଥିଲା ।

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମା ଅଲ୍ ଇଣ୍ଡିଆ ଟ୍ରେଡ ୟୁନିୟନ୍ ବନ୍ଦ ଡାକରାରେ ଲକ୍ଷ୍ମୀପୁରରେ ସମ୍ପୂର୍ଣ୍ଣ ପ୍ରଭାବ ପଡ଼ିବା ଦେଖିବାକୁ ମିଳିଛି । ୧୨ ଘଣ୍ଟିଆ ବନ୍ଦ ପ୍ରଭାବ ପଡିଛି । ସକାଳୁ ସବୁ ଦୋକାନ ବଜାର ବନ୍ଦ କରି ରେଳବାଇ ଛକ ଠାରେ ବନ୍ଦ ପାଳନ କରିଥିଲେ । ଟ୍ରେଡ୍ ୟୁନିୟନ୍ ସଦସ୍ୟ ବିରେନ୍ଦ୍ର ମିଣିଆକା ଏବଂ ଅନ୍ୟ ସଦସ୍ୟ ମାନଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିଲା । କଂଗ୍ରେସ ସମର୍ଥନ ଜଣାଇ ସ୍ଥାନୀୟ ବିଧାୟକ ପବିତ୍ର ସାଉଁନ୍ତା ମଧ୍ୟ ଏଥିରେ ସାମିଲ ହୋଇ ବନ୍ଦ ପାଳନକୁ ସଫଳ କରାଇ ଥିଲେ । ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଲକ୍ଷ୍ମୀପୁର ପୁଲିସ ମୁତୟନ ହୋଇଥିଲେ ।

**ପଟାଙ୍ଗି :** କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକ ଆମ୍ବାବାଲି ଠାରେ ଆଜି ବନ୍ଦ ପାଳନ କରାଯାଇଛି । ପଟାଙ୍ଗି ବ୍ଲକର ଆମ୍ବାବାଲି ଠାରେ ସର୍ବ ଭାରତୀୟ ଶ୍ରମିକ ସଂଗଠନ ଆଇଏଫଟିୟୁ ଓ କୃଷକ ସଂଗଠନ ଏଆଇକେଏମଏସ ପକ୍ଷରୁ ମିଳିତ ଭାବେ ଏକ ପଟୁଆର ଆୟୋଜିତ ହେବା ସହ ସ୍ଥାନୀୟ ଜେକେ ସିମେଣ୍ଟ କାରଖାନା ଆଗରେ ପହଞ୍ଚି ଏକ ସଭାର ଆୟୋଜନ ହୋଇଥିଲା । ଏଥିରେ ସିମେଣ୍ଟ କାରଖାନା ଓ ନିକଟସ୍ଥ ଚୂନ ପଥର ଖଣିରେ କାର୍ଯ୍ୟରତ ଶ୍ରମିକ ମାନେ ଓ ବିଭିନ୍ନ ଗ୍ରାମର କୃଷକ ମାନେ ଅଂଶ ଗ୍ରହଣ କରିଥିଲେ । ଏଆଇକେ ଏମଏସର ଜାତୀୟ ସଂପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ଆଇଏଫଟିୟୁର ସାନୁ ମାରି, ସିମେଣ୍ଟ କାରଖାନା ଶ୍ରମିକ ସଂଗଠନର ସଭାପତି ପି କ୍ରିଷ୍ଣା, ସମ୍ପାଦକ ଏମ୍ ରାମୁ, ସୁରଙ୍ଗୀ ରାମୁ, ଡି ସୀତାନ୍ନା, ପ୍ରମୁଖ ନେତୃମଣ୍ଡଳୀ ନେଇ ଧର୍ମଘଟରେ ଯୋଗ ଦେଇଥିଲେ ।

**ତେନ୍ତୁଳିଖୁଣ୍ଟି :** ଭାରତ ବନ୍ଦର ପ୍ରଭାବ ଉଭୟ ତେନ୍ତୁଳିଖୁଣ୍ଟି ଏବଂ ଇନ୍ଦ୍ରାବତୀ ସଦର ଠାରେ ଦେଖିବାକୁ ମିଳିଛି । ବନ୍ଦ ପ୍ରଭାବରେ ଇନ୍ଦ୍ରାବତୀ ଠାରେ ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଗଠନ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା । ଏଠାରେ ଯାତାୟାତ କରୁଥିବା ଉଭୟ ସରକାରୀ ଏବଂ ବେସରକାରୀ ବସ ସେବା ବନ୍ଦ ହୋଇଥିଲା । ସମସ୍ତ ଚାରିଚକିଆ ଏବଂ ତିନି ଚକିଆ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ଇନ୍ଦ୍ରାବତୀ ମୁଖ୍ୟ ଛକ ନିକଟରେ ସମ୍ପୂର୍ଣ୍ଣ ରାସ୍ତା ଅବରୋଧ କରି ଜଗି ରହିଥିଲେ ସମର୍ଥନକାରୀ । ତେନ୍ତୁଳିଖୁଣ୍ଟି ମୁଖ୍ୟ ଛକ ଠାରେ ମଧ୍ୟ ବନ୍ଦ ରହିଥିଲା ଗମନାଗମନ । ତେନ୍ତୁଳିଖୁଣ୍ଟି ବ୍ଲକ ପାଖ କୁର୍ମାକୋଟ ଛକରେ ବିଭିନ୍ନ ସଂଗଠନ ପକ୍ଷରୁ ଚକ ଅଖ ବନ୍ଦ କରାଯାଇଥିଲା । ଏହାକୁ କଂଗ୍ରେସ ଓ ବିଜେଡି ସମର୍ଥନ ଜଣାଇଛି । ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ, ଜିଲ୍ଲା ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ସୁବାଷ କର୍କରା, ପଙ୍କଜ ଖୁରା,ରାଜେଶ, କୃଷ୍ଣ ପାଢ଼ୀ ଏବଂ ବିଜେଡିର ବାରିଜ ପଟ୍ଟନାୟକ, ପିଙ୍କୁ ସାହୁ,ଚପଳ ନାୟକ ପ୍ରମୁଖ ସମର୍ଥନ ଜଣେଇଥିଲେ । ଆନ୍ଦୋଳନ ସ୍ଥାନ ଦେଇ ବାଇକ ମଧ୍ୟ ଚଳାଚଳ କରିପାରିନଥିଲା । ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା । ବନ୍ଦ ସମର୍ଥକ ମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଅନୁଷ୍ଠାନକୁ ଯାଇ ସେଗୁଡିକୁ ବନ୍ଦ କରାଇଥିଲେ । କିଶୋର ମାହାଙ୍କୁଡ,କାଁହୁ ଚରଣ ନାୟକ, ଗୋପୀନାଥ ଗୌଡ଼, ରମେଶ ଡ଼ଙ୍ଗରି, ରବି ହରିଜନ, ଧନୁର୍ଜୟ ଗୌଡ଼, ଟଙ୍କଧର ଗୌଡ଼, ଗଙ୍ଗା ଗୌଡ଼, କୃତିବାସ ପ୍ରଧାନ, ମଧୁବନ ଗୌଡ଼, ଦୁଲଭ ମାଝୀଙ୍କ ସମେତ ଅନ୍ୟ ସମର୍ଥକ ଏହି ବନ୍ଦରେ ସାମିଲ ହୋଇଥିଲେ । ଏହାକୁ ରାଜ ମିସ୍ତ୍ରୀ ସଂଘ, ଖଲାସୀ ସଂଘ, ଶ୍ରମିକ ସଂଘ ସମର୍ଥନ ଜଣାଇ ୧୨ ଘଣ୍ଟିଆ ବନ୍ଦ ଡାକରାରେ ସାମିଲ ହୋଇଥିଲେ ।

**ବିଷମ କଟକ :** ରାୟଗଡା ଜିଲ୍ଲା ବିଷମ କଟକ ଠାରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ଜିଲ୍ଲାର ୧୦ଟି ବିଭିନ୍ନ ସଂଗଠନ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ବିଷମ କଟକ ମେଡିକାଲ ଛକ ଠାରେ ଶ୍ରମିକ ସଂଗଠନ କର୍ମକର୍ତ୍ତା ମାନେ ପିକେଟିଂ କରି ରାସ୍ତା ଅବରୋଧ କରିଥିଲେ । ଫଳରେ ସହରର ବିଭିନ୍ନ ଦୋକାନ ବଜାର ଓ ଯାନବାହନ ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା । ବିଷମ କଟକ ବସଷ୍ଟାଣ୍ଡରେ ବସ୍‌ସେବା ବନ୍ଦ ରହିଥିବା ବେଳେ ଯାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ବ୍ୟାଙ୍କ ପ୍ରତିଷ୍ଠାନ ମଧ୍ୟ ବନ୍ଦ ରହିଥିଲା । ଏ.ଆଇ.ଟି.ଇୟୁ.ସି ରାୟଗଡା ଜିଲ୍ଲା ସଭାପତି ମକର ଲିମା, ଉପସଭାପତି ଅନନ୍ତ କୌଶଲିଆ, କୋଷାଧ୍ୟକ୍ଷ ବିରଞ୍ଚି ଗୌଡ଼, ବେଲାଲସେନ ଉର୍ଲାକା, ଡୁଶା ପାଲକା ,ଆଇଏନ୍‌ଟିୟୁସିର ଜିଲ୍ଲା ଯୁବ ସଭାପତି ବଳରାମ କୌଶଲିଆ ,ବହୁଜନ ସମାଜ ପାର୍ଟୀ ବ୍ଲକ ସଭାପତି ଲଦା ହିକକା, ବିଷମ କଟକ ବ୍ଲକ କଂଗ୍ରସ୍ ସଭାପତି କୃଷ୍ଣ ନାଣକା, କାହ୍ନୁ ପାତ୍ରିକା ସମେତ ବହୁ ସଦସ୍ୟ ଯୋଗଦେଇ ୧୨ ଘଣ୍ଟିଆ ବନ୍ଦକୁ ସଫଳ କରିଥିଲେ ।

**କଲ୍ୟାଣ ସିଂହପୁର :** ଏଆଇସିସିଟିୟୁ , ଏଆଇକେଏମ୍ ତରଫରୁ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଠାରେ ରାସ୍ତା ଅବରୋଧ କରାଯାଇଛି । କଲ୍ୟାଣ ସିଂହପୁର ସିପିଆଇ (ଏମଏଲ) ଲିବରେସନର ବ୍ଲକ ସଭାପତି ରାମ ଚନ୍ଦ୍ର ପ୍ରାସ୍କାଙ୍କ ନେତୃତ୍ୱରେ ଚୈତନ୍ୟ ଗର୍ଡିଆ, ସୁଦ୍ରୁରୁ ମିଣିଆକା, ଦେବେନ୍ଦ୍ର ଲାବିକି, ଘାସିରାମ କରକରିଆ, ଗୁରୁନାଥ ବାଗିରିଆ, ସନ୍ତୁରୁ କାଡ୍ରାକା, ଲକ୍ଷ୍ମଣ କାଡ୍ରାକା, ସିନାମାଝି ସିର୍କା, ରଘୁ ବାଗିରିଆ ପ୍ରମୁଖ ଉପସ୍ଥିତ ରହିଥିଲେ ।

**ପଦ୍ମପୁର :** ରାୟଗଡ଼ା ଜିଲ୍ଲାର ପଦ୍ମପୁର ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ମିଳିତ ଶ୍ରମିକ ସଂଗଠନ ତରଫରୁ ଦେଶବ୍ୟାପୀ ଧର୍ମଘଟ ଓ ହଡ଼ତାଳ କରିବା ଆହ୍ୱାନରେ ଦକ୍ଷିଣ ଓଡିଶା ପାଚିକା ଓ ସହାୟକ ମହାସଂଘ (ଏଆଇସିସିଟିୟୁ) ଓ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ତରଫରୁ ପୂର୍ଣ୍ଣ ସମର୍ଥନ କରି ପଦ୍ମପୁର ସୁନାରିଘାଇ ଛକ ଠାରେ ଟାୟାର ପୋଡାଯାଇ ରାସ୍ତା ଅବରୋଧ କରାଯାଇଥିଲା । ଆନ୍ଦୋଳନରେ ଉର୍ମିଳା ପାଣିଗ୍ରାହୀ, ପାର୍ବତୀ ଶବର, ଶ୍ରିମତୀ ଶବର, ଦେବକୀ ଶବର, ବୁଦ୍ଧୁ ମଣ୍ଡାଙ୍ଗି, ତୁଳସା ନିମାଲା, ବିଜୟ ଶବର, ଶ୍ରୀମତି ଶବର, ମାଥ୍ୟୁ ରଇତ, କର୍ଣ୍ଣଏଲ ଗମାଙ୍ଗ, କେଶବ ମାଝୀ,ତୁସା ଶବର, ଅର୍ଜୁନ ଶବର, ଭିମ ମାଝୀ, ପାଉଲ ରଇତ, ସାହେବ ଲିମା, ଯୋହନ ମାଝୀ, ଏଲୋ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

**ଗୁଡାରୀ:** ଗୁରୁବାର ଦିନ ଗୁଡ଼ାରୀରେ ୧୨ ଘଣ୍ଟା ଭାରତ ବନ୍ଦ ପାଳନ କରାଯାଇଥିଲା । ଆଇଟିୟୁସି ରାଜ୍ୟ କମିଟି ସଭ୍ୟ ବୃନ୍ଦାବନ ବିଡିକା ଏବଂ ଶତାଧିକ ମହିଳା, ପୁରୁଷ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଯଦି ଏହି ଦାବିଗୁଡିକ ସରକାର ପାଳନ ନ କରନ୍ତି, ତେବେ ଆହୁରି ବଡ ଧରଣର ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହାର ପ୍ରଭାବ ସମ୍ପୂର୍ଣ୍ଣ ରୂପେ ପଡିଛି । ଦୀର୍ଘ ୧୨ ଘଣ୍ଟା ଚକଅଖ ସହ ସମସ୍ତ ପରିଷଦ ଦୋକାନ ବଜାର ବନ୍ଦ ଏବଂ ବାହାରରୁ ଆସିଥିବା ଯାତ୍ରୀ ବନ୍ଦ ପାଳନ ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି ।

**ମାଥିଲି :** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଠାରେ ଭାରତ ବନ୍ଦ ପାଳିତ ହୋଇଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସମ୍ପାଦକ ହଳଧର ପୂଜାରୀଙ୍କ ନେତୃତ୍ୱରେ ମାଥିଲି ଅଞ୍ଚଳରେ ସକାଳୁ ସକାଳୁ ପିକେଟିଂ କରି ଦୋକାମ ବଜାର ଓ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିବା ସହିତ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ । ଆଜିର ଭାରତ ବନ୍ଦକୁ ଭାରତୀୟ ଜାତୀୟ କଂଗ୍ରେସ ସହିତ ବିଭିନ୍ନ ରାଜନୈତିକ ଦଳ ସମର୍ଥନ କରି ଏହି ବନ୍ଦ ରେ ଯୋଗ ଦାନ କରିଥିଲେ । ଭାରତ ବନ୍ଦରେ ୩୨୬ ଜାତୀୟ ରାଜପଥର ଦୁଇ ପାଶ୍ୱର୍ରେ ଅନେକ ଯାତ୍ରୀବାହୀ ଯାନ ଅଟକି ଥିବାରୁ ଯାତ୍ରୀ ଓ ଯାନବାହନର ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା । ଭାରତ ବନ୍ଦକୁ ସଫଳ କରିବା ପାଇଁ ମାଥିଲି ଅଞ୍ଚଳର ଶହ ଶହ ଆଶା କର୍ମୀ , ଅଙ୍ଗନବାଡି କର୍ମୀ ଓ ପାଚିକା କର୍ମୀ, ହଜାର ହଜାର ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କର୍ମକର୍ତ୍ତା ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।

**କାଲିମେଳା :** ମାଲକାନଗିରି ଜିଲ୍ଲା କାଲିମେଳା ମୁଖ୍ୟ ଛକଠାରେ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତିବାଦ ସଭା ସହ ଗାଡି ଚଳାଚଳ ବନ୍ଦ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଶ୍ରମିକ ନୀତିକୁ ବିରୋଧ କରି ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଥିଲେ ୧୦ରୁ ଅଧିକ ଶ୍ରମିକ ସଂଗଠନ । ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ଦିଆଯାଇଥିଲା ବନ୍ଦ ଡାକରା । ଏହାର କିଛିଟା ପ୍ରଭାବ କାଲିମେଳାରେ ମଧ୍ୟ ଦେଖିବାକୁ ମିଳିଥିଲା । ମାଲକାନଗିର- ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର କାଲିମେଳା ମୁଖ୍ୟ ଛକ ନିକଟରେ ସଂଗଠନ ପକ୍ଷରୁ ଆନ୍ଦୋଳନ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଗୋଟିଏ ବେଳ ପାଇଁ ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ ଦୋକାନ ଚାଳଚଳ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା ।

**ରାମନାଗୁଡ଼ା :** ଦକ୍ଷିଣ ଓଡିଶା ପାଚିକା ଓ ସହାୟିକା ମହାସଂଘ ରାମନାଗୁଡ଼ା ଶାଖା ସଭାପତି ଉର୍ମିଳା କଣ୍ଡାଗରୀଙ୍କ ନେତୃତ୍ୱରେ ଏଆଇସିସିଟିୟୁ ଏଆଇଏଆରଏଲ, ସିପିଆଇ(ଏମଏଲ) ଲିବରେସନ ପୂର୍ଣ୍ଣ ସମର୍ଥନ କରି ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହକୁମାରେ ବନ୍ଦ ପାଳନ କରାଯାଇଥିଲା । ମୁଖ୍ୟ ବଜାରରେ ରାୟଗଡା, କଳାହାଣ୍ଡି, ଗୁଣୁପୁର, ବ୍ରହ୍ମପୁର କୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ ରାସ୍ତା ଅବରୋଧ କରାଯାଇଥିଲା । ଘଟଣା ସ୍ଥଳରେ ରାମନାଗୁଡ଼ା ଅତିରିକ୍ତ ତହସିଲଦାର ଦୀପା ରାଣୀ ବେହେରା, ଥାନା ଅଧିକାରୀ ସୁନିତା ବେହେରା, ସେକେଣ୍ଡ ଅଫିସର ବାବୁଲା ପ୍ରଧାନ ଏଏସଆଇ ଜଗନ୍ନାଥ ବେହେରା ସଦଳବଳେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଏଥିରେ ଦକ୍ଷିଣ ଓଡିଶା ପାଚିକା, ସହାୟିକା ରାମନାଗୁଡ଼ା ଶାଖା ସମ୍ପାଦିକା ଗୀତାଞ୍ଜଳି ପଟ୍ଟନାୟକ, କୈଳାସ ଶବର, ଦାସୁରୁ ବିଡ଼ିକା, ରମେଶ ବିଡ଼ିକା, ପ୍ରଭା ବିଡ଼ିକା, ମଜେଶ ବିଡ଼ିକା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନକାରୀ ସାମିଲ ହୋଇଥିଲେ ।

**ଗୁଣପୁର :** ଗୁଣପୁର ସହରର ସମସ୍ତ ଦୋକାନ ବଜାର ଓ ବ୍ୟବସାୟୀକ ପ୍ରତିଷ୍ଠାନ, ସ୍କୁଲ କଲେଜ ଏବଂ ବସ୍ ଚଳାଚଳ ବନ୍ଦ ରହିଥିଲା । ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ମିଳିତ ଶ୍ରମିକ ସଂଗଠନ ତରଫରୁ ଦେଶ ବ୍ୟାପି ଧର୍ମଘଟ ଓ ହରତାଳ ଆହ୍ୱାନରେ ଏଆଇସିସିଟିୟୁ ଆଇଏଫଟିୟୁ ଏଆଇକେଏମ ସମର୍ଥନ କରି ଗୁଣପୁର ବାଇପାସ୍ ନାଗଭୂଷଣ ପ୍ରତିମୂର୍ତ୍ତି ଛକ ଠାରେ ଟାୟାର ପୋଡା ଯାଇ ରାସ୍ତା ଅବରୋଧ କରିଥିଲେ । ଏହି ଅବସରରେ ଅନାସିମ ଶବର, ଅର୍ଜୁନ ଗମାଙ୍ଗ, ଗିରି ପଦକା, ନୀରାଜନଂ ନିମାଲା, ବୁଦ୍ଧ ଶବର, ମିନ ଶବର, ସଂଜୀବ ଶବର, ମେରି ଗମାଙ୍ଗ, ଚନ୍ଦ୍ରାବତୀ ଶବର, ଇଲାମି ଶବର, ସଂଜୀବ ଶବର, ତ୍ରିପତି ଗମାଙ୍ଗ, ଉପଦେଷ୍ଟା ଦକ୍ଷିଣ ଓଡିଶା ପାଚିକା ଓ ସହାୟକ ମହାସଂଘଙ୍କ ଉପସ୍ଥିତିରେ ବନ୍ଦ ପାଳନ ହୋଇଥିଲା ।

**ବୈପାରୀଗୁଡା :** ବନ୍ଦର ପ୍ରଭାବ ବୈପାରୀଗୁଡା ଠାରେ ଦେଖିବିକୁ ମିଳିଛି । ବୈପାରୀଗୁଡା ଶହୀଦ ଲକ୍ଷ୍ମଣ ନାୟକ ମୁଖ୍ୟ ଛକରେ ଏ ଆଇୟୁଟିୟୁସି ଏବଂ ଟିୟୁସିସି ପକ୍ଷରୁ ୩୨୬ ନମ୍ବର ଜାତୀୟ ରାଜପଥ ରାସ୍ତା ଅବରୋଧ କରାଯାଇଥିଲା । ବନ୍ଦ ପାଳନ ସମୟରେ ବୈପାରୀଗୁଡା ମୁଖ୍ୟ ଛକରେ ବସ୍, ଟ୍ରକ୍ ଏବଂ ଅନ୍ୟାନ୍ୟ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ବ୍ୟବସାୟୀ ସଂଘ ସମର୍ଥନ ଦେଇଥିବା ଦେଖିବାକୁ ମିଳିଛି । ଏହି ଅବସରରେ ଏଆଇୟୁଟିୟୁସିର ସୂର୍ଯ୍ୟ ବିଷୋୟୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ସଭାରେ ଏଆଇକେକେଏମ୍‌ଏସର ରାଜ୍ୟ ସଭାପତି ତଥା ସଂଯୁକ୍ତ କିଶାନ୍ ମୋର୍ଚ୍ଚା ରାଜ୍ୟ ଆବାହକ ସଦାଶିବ ଦାସ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ଟିୟୁସିସିର ଜିଲ୍ଲା ସମ୍ପାଦକ ଶମ୍ଭୁ ପ୍ରସାଦ ମହାନ୍ତି, ମହିଳା ସାଂସ୍କୃତିକ ସଂଗଠନର ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀ ବାରିକ , ଅଗ୍ରଗାମୀ ମହିଳା ସମିତିର ସାଥୀ ଲକ୍ଷ୍ମୀ ଦୋରା, ଏଆଇକେକେଏମ୍‌ଏସର ଜିଲ୍ଲା ସମ୍ପାଦକ ରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

**ବନ୍ଧୁଗାଁ :** କୋରାପୁଟ ଜିଲ୍ଲା ଆନ୍ଧ୍ର ସୀମାନ୍ତ ବନ୍ଧୁଗାଁ ବ୍ଲକରେ ଆଜି ଭାରତ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ଚାଷୀ ମୂଲିଆ ଆଦିବାସୀ ସଂଘ ଓଡ଼ିଶା, ଅଲ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭା, ଆଲ୍ ଇଣ୍ଡିଆ ଫେଡରେସନ ଅଫ ଟ୍ରଡ ୟୁନିଅନ୍ସ ଡାକରାରେ ବନ୍ଧୁଗାଁ ବ୍ଲକ ଚାଷୀ ମୂଲିଆ ଆଦିବାସୀ ସଂଘର ୫୦୦ରୁ ଅଧିକ ସମର୍ଥକ ରାଜ ରାସ୍ତାକୁ ଆସି ଧର୍ମଘଟ କରିଥିଲେ । ସମସ୍ତ ସରକାରୀ କାର୍ଯ୍ୟଳୟ ବନ୍ଦ କରିବା ସହ ରାସ୍ତାର ଚାରି ଦିଗରେ ଯାନ ବାହନ ଗୁଡିକ ଅଟକି ରହିଥିଲା । ଜଳ, ଜମି, ଜଙ୍ଗଲ, ଖଣି ଆଦି ପ୍ରାକୃତିକ ସମ୍ପଦ ତଥା ବ୍ୟାଙ୍କ, ବିମା, ରେଳବାଇ, ବିମାନ, ବନ୍ଦର, ଶିଳ୍ପ ଆଦି କେନ୍ଦ୍ରୀୟ ଉଦ୍ୟୋଗକୁ ପୁଞ୍ଜିପତି ମାନଙ୍କ ହାତକୁ ଟେକି ଦେଉଛି । ଧର୍ମପୀଠ ମାନ ନିର୍ମାଣ କରି ଦେଶର ବହୁ ସଂଖ୍ୟକ ଜନସାଧାର ଙ୍କ ମଧ୍ୟରେ ଧର୍ମାନ୍ଧତା ଓ ଧର୍ମୀୟ ବିଦ୍ୱେଷ ସୃଷ୍ଟି କରାଯାଉଛି । ଭାରତ ବନ୍ଦରେ ଚାଷୀ ମୂଲିଆ ଆଦିବାସୀ ସଂଘର ଜିଲ୍ଲା ସଭାନେତ୍ରୀ ପାଇଡାମା କଣ୍ଡାଗରି, ମହିଳା ସଭାନେତ୍ରୀ ପିଡ଼ିକା ସୁରିଆମା, ସୀତାନା ହିମିରିକା, ସୁବା ରାଓ କେଣ୍ଟୁ କା, ଶ୍ରିନୁ ମାଣ୍ଡିଙ୍ଗି, ଆଦାନା କାଡ୍ରାକାଙ୍କ ସମେତ ଶତାଧିକ ସମର୍ଥକ ବଡ଼ସରପଲ୍ଲୀ ଛକରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୀତ, ବାଦ୍ୟ ଓ ନାଚ ସହିତ ଧର୍ମଘଟକୁ ସଫଳ କରିଥିଲେ ।







● ବନ୍ଦ ପାଳନ ସ୍ଥାନକୁ ମାଡ଼ିଗଲା ପୁଲିସ ବସ୍

## ଅଳ୍ପକେ ବର୍ତ୍ତିଲେ ଆନ୍ଦୋଳନକାରୀ

**ରାୟଗଡ଼ା,୧୨।୨(ସମିସ):** ରାୟଗଡ଼ା ସହରର ସିରିକଣା ଛକ ଠାରେ ଶ୍ରମିକ ସଂଗଠନ ପକ୍ଷରୁ ଆଜି ଭାରତ ବନ୍ଦ ପାଳନ ସମୟରେ ଏକ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଶତାଧିକ ଲୋକେ ତଥା ଆନ୍ଦୋଳନକାରୀ । ବନ୍ଦ ପାଳନ ଯୋଗୁଁ ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡା-କୋରାପୁଟ ସିରିକଣା ମୁଖ୍ୟ ତିନି କୋଣିଆ ବାଇପାସ ଛକ ଠାରେ ବହୁ ଯାନ ବାହାନ ଅଟକି ଥିବା ବେଳେ ଆଜି ନବରଙ୍ଗପୁରରେ ମୁଖ୍ୟମନ୍ତ୍ରୀଙ୍କ ଏକ ସମାବେଶ କାର୍ଯ୍ୟକ୍ରମରେ ନିୟୋଜିତ ପାଇଁ ରାୟଗଡାରୁ ପୁଲିସ ବସ ଯୋଗେ ଯାଉଥିବା ପ୍ରାୟ ୪୦ଜଣ ପୁଲିସ କର୍ମଚାରୀଙ୍କ ବସଟି ସେଠାରେ ଅଟକିଥିଲା । ତେବେ ଯାନ୍ତ୍ରିକ ତ୍ରୁଟି ତଥା ବ୍ରେକ ଫେଲ ଯୋଗୁଁ ବସଟି ଆଗକୁ ମାଡି ଯାଇଥିଲା । ହଠାତ୍ ବସଟି ଗଡି ଯିବାରୁ ଡ୍ରାଇଭର ଚିତ୍କାର କରି ସମସ୍ତଙ୍କୁ ହଟିବାକୁ କହିଥିବା ବେଳେ ରାସ୍ତାରେ ଉପସ୍ଥିତ ଥିବା ଶତାଧିକ ଆନ୍ଦୋଳନକାରୀ, ଜନସାଧାରଣ କିଛି ବୁଝିବା ଆଗରୁ ସେମାନଙ୍କ ଆଡକୁ ମାଡି ଯାଉଥିଲା । ସମସ୍ତେ ରାସ୍ତାରୁ ହଟି ଯାଇଥିବାରୁ କୌଣସି ବଡ ଅଘଟଣ ହୋଇ ନ ଥିଲା । ଘଟଣା ସ୍ଥଳରେ ଖବର ସଂଗ୍ରହ ପାଇଁ ବହୁ ସାମ୍ବାଦିକ ମାନେ ଏବଂ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମଧ୍ୟ ଉପସ୍ଥିତ ଥିଲେ । ତେବେ ବସଟି ଭାରସାମ୍ୟ ହରାଇ ଗଡି ଯିବା



ସମୟରେ ରାସ୍ତା ଉପରେ ଥିବା କିଛି ବାଇକ୍ ଓ ଚେୟାର ଗୁଡିକ ନଷ୍ଟ ହୋଇଛି । ବସଟି ରାସ୍ତା ଉପରେ ଗଡି ଯାଉଥିବା ବେଳେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଗାଡିଟି ରାସ୍ତା କଡ଼କୁ ଯାଇଥିଲା । ଏଭଳି ବସ୍‌ରେ ୪୦ଜଣ ପୋଲିସ କର୍ମଚାରୀ ୨୦୦କିମି ଦୂର ଯାଇଥାନ୍ତେ କିଭଳି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏକ ବଡ଼ ଧରଣର ଅଘଟଣରୁ ଉଭୟ ପୁଲିସ ଓ ଜନସାଧାରଣ ଏବଂ ଆନ୍ଦୋଳନକାରୀ ରକ୍ଷା ପାଇ ଯାଇଥିବା ଜଣାପଡ଼ିଛି ।






# EASTERN INVESTMENTS LIMITED

CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE NINE MONTH ENDED 31ST DEC'2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Nine Month Ended | | Year Ended | Nine Month Ended | | Year Ended |
| | | 31.12.2025 | 31.12.2024 | 31.03.2025 | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 39.76 | 63.67 | 44.27 | 13,635.82 | 10,832.21 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (14.38) | 0.50 | (28.91) | 1,216.38 | (351.64) | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (14.38) | 0.50 | (28.91) | 1,216.38 | (351.64) | (3,525.52) |
| 6 | Net Profit attributable to Non Controlling Interests | - | - | - | 583.59 | (211.33) | (1,791.41) |
| 7 | Net Profit attributable to Owners of the Company | - | - | - | 632.79 | (140.31) | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,532.26 | 26,576.05 | 26,546.64 | (8,776.47) | (7,819.01) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (1.00) | 0.03 | (2.00) | 44.59 | (9.89) | (121.71) |
| | (ii) Diluted | (1.00) | 0.03 | (2.00) | 44.59 | (9.89) | (121.71) |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 12th February' 2026

Sd/-
(A.K.Bagchi)
Managing Director-EIL

# ଭାରତ ବନ୍ଦ: ଜିଲ୍ଲାରେ ମିଶ୍ରିତ ପ୍ରଭାବ

**ବାରିପଦା, ୧୨।୨(ସମିସ)**

ଉଭୟ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାର କର୍ପୋରେଟ ସ୍ୱାର୍ଥରେ ଦେଶର ସାର୍ବଜନୀନ ସମ୍ପତ୍ତି, ଅମୂଲ୍ୟ ପ୍ରାକୃତିକ ସମ୍ପଦ ଓ ଜମି ଟେକି ଦେଇ ଶ୍ରମିକ, କୃଷକ, କର୍ମଚାରୀ, ଚାଷୀ, ଗ୍ରାମୀଣ ଗରିବ ଓ ମଧ୍ୟବର୍ଗୀୟ ଜନସାଧାରଣଙ୍କ ଅଧିକାର ଛଡ଼ାଇ ନେଉଥିବାରୁ ଗୁରୁବାର ଏହା ବିରୁଦ୍ଧରେ କେନ୍ଦ୍ରୀୟ ଟ୍ରେଡ ୟୁନିଅନ ମିଳିତ ମଞ୍ଚ, ସଂଯୁକ୍ତ କିଷାନ୍ ମୋର୍ଚ୍ଚା ଓ ସ୍ୱାଧୀନ ଫେଡେରେସନ ସମୂହଙ୍କ ପକ୍ଷରୁ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ରଦ୍ଦ କରିବା, ଏମଏସପିର ଆଇନ୍ ଗତ ଗ୍ୟାରେଣ୍ଟି, ମନରେଗା ଯୋଜନାର ପୁନର୍ବାହଲ, ଦରଦାମ ବୃଦ୍ଧିକୁ ବନ୍ଦ ରଖିବା, ସ୍କିମ ଓରକର ମାନଙ୍କୁ ଓରକର ମାନ୍ୟତା, ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମ ଶକ୍ତି ନୀତି-୨୦୨୫ ପ୍ରତ୍ୟାହାର, ସର୍ବନିମ୍ନ ମାସିକ ମଜୁରୀ ୨୬ ହଜାର ଟଙ୍କା ପ୍ରଦାନ, ପୁରୁଣା ପେନସନ ସ୍କିମର ପୁନଃ ପ୍ରଚଳନ, ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ପ୍ରଦାନ, ମହିଳା ଶ୍ରମିକ କର୍ମଚାରୀମାନଙ୍କୁ ରାତ୍ରିକାଳୀନ କାର୍ଯ୍ୟାଦେଶ ବାତିଲ୍, ଦୈନିକ ୧୦ ଘଣ୍ଟିଆ ଶ୍ରମ ଦିବସ ରଦ୍ଦ, ମହିଳା ଶିଶୁମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କ ସମେତ ସାଧାରଣ ମଣିଷର ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ଇତ୍ୟାଦି ଜନଦାବି ଭାରତ ବନ୍ଦ ଡାକରା ସଫଳ କରିବାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦେଶବ୍ୟାପୀ ସମର୍ଥନ ରହିଥିଲା। ଏ ପରିପ୍ରେକ୍ଷୀରେ ବାରିପଦା ରେଳଷ୍ଟେସନରୁ ମିଳିତ ମଞ୍ଚ ପକ୍ଷରୁ ଏଆଇଟିୟୁସି ତଥା ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ରଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରି ବାଲେଶ୍ୱର ଗୋଲେଇ, ମୁଖ୍ୟ ବଜାର ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସିଆଇଟିୟୁର ଜିଲ୍ଲା ସଭାପତି ସାଥୀ ରବି ଗୋସ୍ୱାମୀ, ରଘୁନାଥ ପଣ୍ଡା, କଂଗ୍ରେସ ପକ୍ଷରୁ ଶାନ୍ତନୁ ପାଲ, ନିର୍ମଳ ଚନ୍ଦ୍ର ପ୍ରଧାନ, ଏଆଇୟୁଟିୟୁସି ପକ୍ଷରୁ ପିତାମ୍ବର ନାଏକ, ସୁରେଶ ନାଏକ, ଏଆଇଡିଏସଓର ଫୁଲ ଚାନ୍ଦ ଲୋହାର୍, ଯତୀନ ବାନ୍ଦ୍ରା, ଘାସିରାମ ସାମାଡ, ସିପିଆଇ ପକ୍ଷରୁ ଶ୍ରୀକାନ୍ତ ସାମଲ, ଏଆଇଟିୟୁସି ପକ୍ଷରୁ କାହ୍ନୁଚରଣ ବେହେରା, ପ୍ରଫୁଲ୍ଲ ମହାନ୍ତି, ମହେଶ୍ୱର ବେହେରା, ମୟୂରଭଞ୍ଜ ପରିବହନ ଶ୍ରମିକ ସଂଘ ପକ୍ଷରୁ ମନୋରଞ୍ଜନ ପରିଡ଼ା, ଗଙ୍ଗାଧର ସାମଲ, ସୁବାସ ତ୍ରିପାଠୀ, ଅଶୋକ ଭଞ୍ଜଦେଓ, ଜୀବନ ମହାକୁଡ଼, ଅଶୋକ ବେହେରା, ବିଏସ୍ଏନ୍ଏଲ୍ ପକ୍ଷରୁ ସେକ ରିଜୁଆନ, ଇପିଏଫ ପେନସନ ସଂଘ ପକ୍ଷରୁ ମଦନ ମୋହନ ଜେନା, ଗୋପାଳ ଚନ୍ଦ୍ର ଦାସ, ମୀନତି ପାଣିଗ୍ରାହୀ, ମେନକା ଦାଶ, ସୁବାସିନୀ ଜେନା, ସଂଯୁକ୍ତା ଗିରି, ପର୍ଶୁ ମହାନ୍ତ, ଦୁଲାଲ ମହାନ୍ତ, ସାଧୁଚରଣ ବାରିକ୍, ଜଗଦୀଶ ପରିଡ଼ା, ଚମ୍ପା ପାତ୍ର, ସିଆଇଟିୟୁ ପାଚିକା ସଂଘ ପକ୍ଷରୁ କୁଞ୍ଜଲତା ମହାନ୍ତ, ରଞ୍ଜିତା ରାଉତ, ଆହ୍ଲାଦି ହେମ୍ବ୍ରମ୍, ଜୟମଣୀ, ଗାୟତ୍ରୀ ମହାପାତ୍ର, ସାବନା ଅଲଥନି, ସୁଲୋଚନା, ରେବତୀ ମହାନ୍ତ, ସରସ୍ୱତୀ ଓଝା, ଦୁଲି, ପ୍ରଭାତୀ, ଜୟନ୍ତୀ ମହାନ୍ତ, ରଞ୍ଜୁଲତା ଦାସ, ଲବଙ୍ଗ ଲତା, ମିନାକ୍ଷୀ, ଶାନ୍ତିଲତା ସିଂ, ଅଞ୍ଜଳୀ ମୁଖୀ, ସେଲମଣୀ, ସଜନୀ, ସରଜୁଲତା ବେହେରା, ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଲକି ମହାନ୍ତ, ବବିନ ମହାନ୍ତ, ରଞ୍ଜନା ନାଏକ, ବନି ସିଂ, ମାଳତୀ ସିଂ, ରୋହିଦାସ, ବାବୁଲି ମହାନ୍ତ, ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ଜିଲ୍ଲା ସଭାପତି ପୂର୍ଣ୍ଣିମା ପଣ୍ଡା, ମଧୁସ୍ମିତା ମହାନ୍ତ, ସେବତୀ ନାଏକ, ଆଇଏନଟିୟୁସିରୁ ଭବାନୀ ସାହୁ, ଏଆଇଟିୟୁସି ପକ୍ଷରୁ ସରୋଜ ମହାନ୍ତ, ଅଙ୍ଗିରା ମହାନ୍ତ, ଦୀପକ, ତରୁଣ ମହାନ୍ତ, ମୁକେଶ ମହାନ୍ତ, ପ୍ରକାଶ ଘଡେଇ, ଦେବେନ୍ଦ୍ର ବେହେରା, ଶତ୍ରୁଘ୍ନ ପ୍ରଧାନ, ସଦାନନ୍ଦ ପାତ୍ର, ବିଜୁ, କଂଗ୍ରେସର ବନମାଳୀ ବାରିକ୍, ଜୀବନ ବୀମା ସଂଘ ପକ୍ଷରୁ ଶ୍ୟାମ ମାରାଣ୍ଡି, ଶାନ୍ତିଲତା ସିଂ, ଅଶ୍ରୁ ପକ୍ଷରୁ ଦେବକାନ୍ତ ମହାପାତ୍ର, ସତ୍ୟଜିତ ଦାସ, ସୁବ୍ରତ ଲେଙ୍କା, ସମେତ ଏଆଇବିଇଏ, ବେଫି, ସିଡିଆଇଏ ସଂଗଠନ ସାମିଲ ଥିଲେ। ଏଚଏମଏସ ପକ୍ଷରୁ ସିନ୍ନଲତା ମାଝୀ ପ୍ରମୁଖ ପ୍ରତିନିଧିତ୍ୱ କରିଥିଲେ। ବିଜୁ ଶ୍ରମିକ ସାମୁଖ୍ୟ ପକ୍ଷରୁ ଦେବାଶିଷ ମହାନ୍ତି ଓ ଜୀତେନ୍ଦ୍ର ମହାନ୍ତି ଧର୍ମଘଟ ସ୍ଥଳରେ ପହଞ୍ଚି ସମର୍ଥନ ଦେଇଥିଲେ।

## ବନ୍ଦ ସଫଳ



**ସାରସକଣା:** ଚାରୋଟି ନୂତନ ଶ୍ରମ ଆଇନ ବିରୋଧରେ ଟ୍ରେଡ୍ ୟୁନିଅନ୍ ପ୍ରତିବାଦ କରି ଗୁରୁବାର ଭାରତ ବନ୍ଦ କରିଛି। କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ, ଦେଶ ବିରୋଧୀ, କର୍ପୋରେଟ-ସମର୍ଥକ ନୀତି ବିରୋଧରେ ପ୍ରତିବାଦ ଜଣାଇ ଦେଶବ୍ୟାପୀ ଧର୍ମଘଟ ହୋଇଛି। ଏହାର ସିଧାସଳଖ ପ୍ରଭାବ ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ସହିତ ତିନିରାଜ୍ୟ ସୀମାନ୍ତ ଦୁଇଟି ଜାତୀୟ ରାଜପଥ ୧୮ ଓ ୪୯ର ମିଳନ ସ୍ଥଳୀ ସାରସକଣା ବ୍ଲକ ବମ୍ବେ ଛକଠାରେ ପଡ଼ିଥିବା ଦେଖିବାକୁ ମିଳିଛି। ବ୍ୟାଙ୍କ, ରାଜ୍ୟ ପରିବହନ ସେବା, ସରକାରୀ କାର୍ଯ୍ୟାଳୟ, ସରକାରୀ କ୍ଷେତ୍ରର ୟୁନିଟ୍, ସହ ବମ୍ବେ ଛକ ବଜାର ସାରସକଣା ବଜାର ତଥା ସୀମାନ୍ତରେ ରହିଥିବା ଜାମଶଳା ବଜାର ବନ୍ଦର ସମ୍ପୂର୍ଣ୍ଣ ପ୍ରଭାବ ଦେଖିବାକୁ ମିଳିଛି। ସାରସକଣା ବ୍ଲକରେ ସିପିଆଇର ପରମେଶ୍ୱର ମହାନ୍ତ, ବଳରାମ ମୁର୍ମୁ, କଂଗ୍ରେସର ବ୍ଲକ ସଭାପତି ତରୁଣ ଗିରି, ଦୀପକ ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏହି ବନ୍ଦରେ ସାମିଲ ହୋଇ ରାସ୍ତା, ଦୋକାନ ବଜାର ବନ୍ଦ କରିଥିବା ଦେଖିବାକୁ ମିଳିଥିଲା।

**ରାସଗୋବିନ୍ଦପୁର:** ଗୁରୁବାର ରାସଗୋବିନ୍ଦପୁର ଛକରେ ଶ୍ରମିକ, କୃଷକ ଓ କ୍ଷେତମଜଦୂର ସଂଗଠନ ପକ୍ଷରୁ ମିଳିତ ଭାବରେ ଭାରତ ବନ୍ଦକୁ ସଫଳ କରାଯାଇଥିବା ଦେଖିବାକୁ ମିଳିଛି। ସରକାରଙ୍କ ଭି.ବି.ଜି.ରାମ.(ଜି) ଆଇନ ୨୦୨୫କୁ ବାତିଲ କରି ଏମଜିଏନଆରଇଜିଏକୁ ସଶକ୍ତ କରିବା। ବର୍ଷକୁ ୨୦୦ ଦିନ କାମ ଓ ଦୈନିକ ୭୦୦ ଟଙ୍କା ମଜୁରୀ ପ୍ରଦାନ, ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡକୁ ବାତିଲ ଆଦି ପ୍ରମୁଖ ଦାବି



ନେଇ ଶ୍ରମିକ, କୃଷକ ଓ କ୍ଷେତମଜଦୂର ସଂଗଠନ ପକ୍ଷରୁ ସଦସ୍ୟ ହାତରେ ବ୍ୟାନର ଧରି ବଜାର ପରିକ୍ରମା କରି ସମସ୍ତ ସରକାରୀ ଅଫିସ, ବିଦ୍ୟାଳୟ ଓ ଦୋକାନ ବଜାର ସମେତ ଗାଡ଼ି ମଟର ଚଳାଚଳ ମଧ୍ୟ ବନ୍ଦ କରିଥିଲେ। ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ସନ୍ତୋଷ ଦାସ, ମୃତ୍ୟୁଞ୍ଜୟ ବେହେରା, ପ୍ରଶାନ୍ତ ପରିଡ଼ା, ସୁନୀଲ ସାସମଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ମୋରଡା:** ସର୍ବଭାରତୀୟ ଟ୍ରେଡ୍ ୟୁନିଅନ ଭାରତ ବନ୍ଦ ଡାକରାରେ ମୋରଡା ବ୍ଲକର ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଙ୍ଗଠନ ତରଫରୁ ସମସ୍ତ ସରକାରୀ କାର୍ଯ୍ୟାଳୟକୁ



ବନ୍ଦ କରିଥିବା ଦେଖିବାକୁ ମିଳିଛି। ସଂଘ ସମ୍ପାଦିକା ଜୟନ୍ତୀ ସିଙ୍କ ନେତୃତ୍ୱରେ ସରୋଜିନୀ ରାଜ, ସନ୍ଧ୍ୟାରାଣୀ ଦାସ, ମଲ୍ଲି ଦାସ ଓ ଅନ୍ୟମାନେ ସାମିଲ ହୋଇଥିଲେ।

**ମହୁଲଡିହା:** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡାରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ବାମପନ୍ଥୀ ଦଳର ଭାରତ ବନ୍ଦର ପ୍ରଭାବ ଠାକୁରମୁଣ୍ଡା ବ୍ଲକରେ ଦେଖିବାକୁ ମିଳିଛି। ସକାଳ ୭ଟାରୁ ହନୁମାନ ଛକରେ ଶ୍ରମିକ ସଂଗଠନ, ବାମପନ୍ଥୀ କର୍ମୀ, କଂଗ୍ରେସ କର୍ମୀ ରାସ୍ତା ଉପରେ




ବସି ରହି ରାସ୍ତା ଅବରୋଧ କରିଥିବାବେଳେ ବ୍ଲକ, ତହସିଲ, ଆଗରେ ଆନ୍ଦୋଳନକାରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସମ୍ପାଦିକା ଜବାମଣି ଟୁଡୁ ଙ୍କ ନେତୃତ୍ୱରେ କର୍ମୀ ହାତରେ ପତକା ଧରି ବନ୍ଦ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ତ୍ରିପାଠୀ, ଯୁବ ନେତା ଗୌରାଙ୍ଗ ବାନ୍ଧିଆ, ଅଲ ଇଣ୍ଡିଆ କିଶାନ କ୍ଷେତ ମଜଦୁର ସଂଗଠନ ନେତା କମ୍ରେଡ ବାଜୁରାମ ସିଦ୍ଧୁ, ପାଚିକା ସହାୟିକା ସଂଘ ସିଆଇଟିୟୂର ନେତ୍ରୀ କ୍ଷୀରମଣୀ ମହାନ୍ତ ପ୍ରମୁଖ ସାମିଲ ଥିଲେ।

## ଆଂଶିକ ପ୍ରଭାବ




**କୁଳିଅଣା:** କେନ୍ଦ୍ରୀୟଟ୍ରେଡ଼ ୟୁନିଅନଙ୍କ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରେସନ, ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କ୍ଷେତ ମଜଦୁର ୟୁନିଅନ ମିଳିତ ମଞ୍ଚ ପକ୍ଷରୁ ଦେଶ ବ୍ୟାପି ଧର୍ମଘଟ ଆହ୍ୱାନ ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଓ କର୍ପୋରେଟ ସପକ୍ଷ ନୀତି ବିରୁଦ୍ଧରେ ଏହି ବନ୍ଦ ପାଳନ କରାଯାଇଛି। ଆଜି କୁଳିଅଣାଠାରେ ବ୍ଲକ ପାଚିକା ଓ ସହାୟିକା ସଙ୍ଘ (ସିଟୁ) ର ସଙ୍ଘ ସଭାପତି ସନ୍ଧ୍ୟାରାଣୀ ବେହେରାଙ୍କ ନେତୃତ୍ୱରେ ଧର୍ମଘଟ କରାଯାଇଥିଲା। କୁଳିଅଣା ଦେଇ ଯାଇଥିବା ୧୮ ନଂ ଜାତୀୟ ରଜପଥରେ ଯାନବାହନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବୀଣାପାଣି ନାଏକ, ସୁନୀତା ଡାକୁଆ, ଚମ୍ପା ନାଏକ, କବିତା ମହାନ୍ତ, ମାଳତୀ ନାଏକ ଓ ମଙ୍ଗଳା ନାଏକ ସାମିଲ ଥିଲେ।

**କୁଆମରା:** କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରି ଶ୍ରମିକ ସଂଗଠନ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଗୋପବନ୍ଧୁନଗର ବ୍ଲକରେ ଆଂଶିକ ପ୍ରଭାବ ରହିଥିଲା। ଯାତ୍ରୀବାହୀ ବସ୍ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ଅନ୍ୟାନ୍ୟ ଯାନବାହନ ସ୍ୱାଭାବିକ ଭାବେ ଚଳପ୍ରଚଳ କରୁଥିଲା। ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ଖୋଲା ଥିଲା। ଅଧିକାଂଶ ସ୍କୁଲ କଲେଜ ଖୋଲାଥିବାବେଳେ କେତେକ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ତେବେ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ମଧ୍ୟାହ୍ନ ପର୍ଯ୍ୟନ୍ତ ଖୋଲା ଥିବା ବେଳେ ପରେ ସଂଗଠନର କର୍ମୀ ମାନେ ପହଞ୍ଚି ବନ୍ଦ କରିଥିଲେ। ବନ୍ଦ ଡାକରା ବେଳେ କୈଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନଥିବାର ଜଣାପଡ଼ିଛି।

## ଚାନ୍ଦୁଅରେ ବନ୍ଦ ସଫଳ



ଚାନ୍ଦୁଆ ବନ୍ଦ ପାଳନ କୁଳିଅଣା ବ୍ଲକ ପକ୍ଷରୁ ସଫଳ ହୋଇଛି। ଚାନ୍ଦୁଆ ବ୍ଲକର ସମସ୍ତ କାର୍ଯ୍ୟାଳୟ ଓ ଦୋକାନୀ ବନ୍ଦ ରହିଥିଲା। ଚାଷୀ ଓ ମୂଳିଆ ସଂଗଠନ ସଦସ୍ୟ ଏକାଠି ହୋଇ ବନ୍ଦ କରିଥିଲେ। ବିଭିନ୍ନ ବିଦ୍ୟାଳୟ ସମେତ ବ୍ୟାଙ୍କ, ପୋଷ୍ଟ ଅଫିସ, ପଞ୍ଚାୟତ କାର୍ଯ୍ୟାଳୟ, ଲ୍ୟାମ୍ପ୍ସ କାର୍ଯ୍ୟାଳୟ ବନ୍ଦ ରହିଥିଲା। କୃଷକ ନେତାଙ୍କ ସହିତ ମୂଳିଆ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଲକ୍ଷ୍ମଣ ମୁର୍ମୁ, କହ୍ନେଇ ମୁର୍ମୁ, ଦୟାଲ ମୁର୍ମୁ, ବନ୍ଦ୍ରୀ ସାହୁ, ସିତୁନ ସାହୁ, ଭୁତେଶ୍ୱର ସାହୁ, ଜିତେନ୍ଦ୍ର ହାସଦା, ଧିରେନ ପାତ୍ର, କୁନୁ ପାତ୍ର ଉପସ୍ଥିତ ରହି ବନ୍ଦକୁ ସଫଳ କରିଥିଲେ।

**ଠାକୁରମୁଣ୍ଡା:** ବିଭିନ୍ନ ଦାବି ନେଇ ଆଜି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ଓ ସ୍ୱାଧୀନ କର୍ମଚାରୀ ଫେଡେରେସନ୍ ସର୍ବଭାରତୀୟ ସ୍ତରରେ ବନ୍ଦ ଡାକରା ଦେଇଥିବାବେଳେ ଏହାର ପ୍ରଭାବ ଠାକୁରମୁଣ୍ଡାରେ ପାଳିତ ହୋଇଛି। ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ ବନ୍ଦ କରାଯାଇଥିବାବେଳେ ସରକାରୀ ବସ୍, ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଠାକୁରମୁଣ୍ଡା ବଜାରର ସମସ୍ତ ଦୋକାନ ବଜାର କିନ୍ତୁ ଖୋଲା ରହିଥିଲା। ଆନ୍ଦୋଳନକାରୀ ରାସ୍ତାରେ ଯାନବାହନ ଅଟକାଇବା ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଇ ବନ୍ଦ କରାଇଥିଲେ। ଠାକୁରମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ତ୍ରିପାଠୀ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ସମ୍ପାଦିକା ଜବାମଣୀ ଟୁଡୁ, ଯୁବ ନେତା ଗୌରାଙ୍ଗ ବାନ୍ଧିଆ, କାହ୍ନୁ ବାନ୍ଧିଆ ଓ କମିଟି ସଦସ୍ୟ ଓ ଏସ ୟୁ ସି ଆଇ ର କର୍ମୀ ବାଜୁରାମ ସିଧୁ ଓ କର୍ମୀ ବନ୍ଦରେ ସାମିଲ ହୋଇଥିଲେ।

## ରାଇରଙ୍ଗପୁରରେ ବନ୍ଦ ସଫଳ



**ରାଇରଙ୍ଗପୁର:** ବାମପନ୍ଥୀ ସଂଗଠନ ଆଦି ପକ୍ଷରୁ ଗୁରୁବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଥିବାବେଳେ ବାମନଘାଟୀ ଉପଖଣ୍ଡରେ ଏହାର ପ୍ରଭାବ ପଡ଼ିଥିବା ପରିଲକ୍ଷିତ ହୋଇଛି। ଶ୍ରମିକ ବିରୋଧୀ ଶ୍ରମ କୋଡ ଓ ଅନ୍ୟାନ୍ୟ ଦାବିରେ ସାଧାରଣ ଧର୍ମଘଟ ହୋଇଛି। ଯାହାକୁ ସଫଳ କରାଇବାକୁ ଗୁରୁବାର ରାଇରଙ୍ଗପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଆଇୟୁଟିୟୁସି ଓ ଏଆଇଟିୟୁସି ପକ୍ଷରୁ ମିଳିତ ପିକେଟିଂ କରାଯାଇଥିଲା। ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନ୍ୟ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୪ଟି ଶ୍ରମ କୋଡ ରଦ୍ଦ ସହିତ ୨୧ଟି ଦାବି ନେଇ ସାଧାରଣ ଧର୍ମଘଟ ହୋଇଛି। ସକାଳୁ ଦୋକାନ ବଜାର, ଗାଡି ମୋଟର, ବସ, ଟ୍ରକ ଚଳାଚଳ ଆଦି ବନ୍ଦ ରହିଥିଲା। କର୍ମକର୍ତ୍ତା ପିକେଟିଂ କରି ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, କାର୍ଯ୍ୟାଳୟ ଆଦି ବନ୍ଦ କରିଥିଲେ। ବନ୍ଦ ଡାକରାକୁ ପଶ୍ଚିମ ମୟୂରଭଞ୍ଜ କଂଗ୍ରେସ ପକ୍ଷରୁ ସମର୍ଥନ ଜଣାଇ ପିକେଟିଂ କରାଯାଇଥିଲା। ଯାହାକୁ ନେଇ ରାଇରଙ୍ଗପୁରରେ କଂଗ୍ରେସ କର୍ମକର୍ତ୍ତା ସକାଳେ ବାଇକ ଶୋଭାଯାତ୍ରା କରି ସହର ପରିକ୍ରମା କରି ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଅପରାହ୍ନ ୩ଟା ସମୟକୁ ଜୀବନ ଯାତ୍ରା ସ୍ୱାଭାବିକ ହୋଇଥିଲା। ବନ୍ଦ ପାଳନକୁ ନେଇ ବ୍ୟାପକ ପୁଲିସ ମୁତୟନ ସହ ପାଟ୍ରୋଲିଂ ଜୋରଦାର କରାଯାଇଥିଲା। ରାଜ୍ୟ ସଭାପତି ତଥା ପୂର୍ବତନ ଯଶିପୁର ବିଧାୟକ ଶମ୍ଭୁନାଥ ନାଏକ, କଂଗ୍ରେସ ସଭାପତି ଭୁବନ ସାହୁ, ପୂର୍ବତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝି, ରୂପକ ମହାନ୍ତି, କିଶୋର ମହାନ୍ତ, ଯୁବ ସଂଗଠନ ସଭାପତି ପିଥ ମୁର୍ମୁ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତୀ, ଅଶୋକ ଅଗ୍ରଓ୍ୱାଲା, ଶ୍ରମିକ ସଙ୍ଗଠନ ସଭାପତି ଅମର ସିଂ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

## ବିଶୋଇରେ ବଜାର ଖାଁ ଖାଁ



କେନ୍ଦ୍ର ଶ୍ରମ ଆଇନକୁ ବିରୋଧ କରି ଆଜି ସକାଳ ୬ଟାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଦେଶବ୍ୟାପୀ ଧର୍ମଘଟ ଅନୁଷ୍ଠିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ବିଶୋଇ ବ୍ଲକରେ ମଧ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ଓ କଂଗ୍ରେସର ମିଳିତ ସହଯୋଗରେ ବନ୍ଦ ସଫଳ ହୋଇଛି। ଏସ୍‌ୟୁସିଆଇ ବିଶୋଇ ବ୍ଲକ କମିଟି ସମ୍ପାଦକ ଶୈଳ ନାଏକ, ସଂଗଠକ ଗୋବିନ୍ଦ ଦାସ, ପୀତବାସ ଦାସ, ଲକ୍ଷ୍ମଣ ଦେହୁରୀ, ଜାଟା ସିଂ, ବାଦଲ ସିଂ, ଜବା ମାଝୀ, ସମା ନାଏକ, ରବି ଲହାର, ରାମ ମୁଣ୍ଡା, ଜୟନ୍ତୀ ପାତ୍ର, ପାନ ପ୍ରମୁଖ କର୍ମୀ ଏକତ୍ରିତ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ଦେଇ ୪୯ ନଂ ଜାତୀୟ ରାଜପଥକୁ ବ୍ଲକ ଛକଠାରେ ଅବରୋଧ କରିଥିଲେ। ଫଳରେ ଯାତାୟାତ ଠପ ହୋଇଯାଇଥିଲା। ସେହିପରି କଂଗ୍ରେସର ବରିଷ୍ଠ ନେତା ସୁବାଷ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ବିଶୋଇ ଅଞ୍ଚଳରେ ପିକେଟିଂ କରି ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ବନ୍ଦ କରିଥିଲେ।



**କରଞ୍ଜିଆ:** ଶ୍ରମ ବିଲ ବିରୋଧରେ ଆଜି କରଞ୍ଜିଆ ସହରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ବିଭିନ୍ନ ଶ୍ରମିକ ସଂଗଠନ, କଂଗ୍ରେସ ଓ ବିଜେଡି ଦଳର କର୍ମକର୍ତ୍ତାଙ୍କ ଆହ୍ୱାନରେ ସକାଳୁ ହିଁ ସହରର ବିଭିନ୍ନ ସ୍ଥାନରେ ପ୍ରତିବାଦ ଦେଖିବାକୁ ମିଳିଥିଲା। ସହରର ବଜାର ବନ୍ଦ ରହିଥିଲା। ସରକାରୀ ଓ ବେସରକାରୀ ଯାନ ଚଳାଚଳ ପ୍ରଭାବିତ ହୋଇଥିଲା। କିଛି ସ୍ଥାନରେ ପ୍ରତିବାଦକାରୀ ରାସ୍ତାରେ ପିକେଟିଂ କରି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।

## କୃଷକଙ୍କୁ ସୁଯୋଗ ଦେଇଛି ହିଙ୍ଗୁଳା କୃଷି ଉତ୍ପାଦକ କମ୍ପାନୀ

**ବାରିପଦା, ୧୨।୨(ସମିସ):** ଖାଲି ପଡ଼ିଥିବା ଜମିକୁ ଉତ୍ପାଦନମୁଖୀ କରି ଚାଷୀଙ୍କ ଆୟ ବଢ଼ାଇବା ନିମନ୍ତେ ୨୦୧୬ ମେ'୨୭ରେ ମସିହାରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଉଦଳା ବ୍ଲକସ୍ଥ ବୁଦାଗଡ଼ି ଗ୍ରାମରେ ହିଙ୍ଗୁଳା କୃଷି ଉତ୍ପାଦକ କମ୍ପାନୀ ଲିମିଟେଡ୍ ଗଠିତ ହୋଇଥିଲା। ପ୍ରାରମ୍ଭରେ କମ ସଂଖ୍ୟକ ସଦସ୍ୟଙ୍କ ସହ ଯାତ୍ରା ଆରମ୍ଭ କରିଥିବା ଏହି ଏଫପିଓ ଆଜି ୧୨ଟି ଗ୍ରାମର ୧୨୪୩ ଜଣ ସଦସ୍ୟାଙ୍କ ସହିତ ପ୍ରତିଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀଙ୍କ ସହାୟତାରେ ୧୬୨ହେକ୍ଟରକୁ ବିସ୍ତାର କରିବାର ସାମର୍ଥ୍ୟ ଦେଖାଇପାରିଛି। ୧୦ ଲକ୍ଷ ଇକ୍ୱ୍ୟିଟି କ୍ୟାପିଟାଲରୁ ଆରମ୍ଭ କରିଥିବା ଏହି କମ୍ପାନୀର ଆର୍ଥିକ କାରବାର ବର୍ତ୍ତମାନ ୮୨ ଲକ୍ଷରେ ପହଞ୍ଚିସାରିଲାଣି। ଏହି ଏଫପିଓର ସଫଳତା ପଛରେ ସିବିବିଓ ଭାବେ ଶୋଭା ଜରିଆରେ ବ୍ୟବସାୟ ଯୋଜନା, ବଜାର ସଂଯୋଗ ଭଳି ସହଯୋଗ ମିଳିଛି। ନାବାର୍ଡ ଏବଂ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ର ବୈଷୟିକ ସହଯୋଗରେ ୧ ହଜାର ଏକର ଡାଇଡିଓ କ୍ଷେତ୍ରରେ ଆମ୍ବ ଓ ଗୁଆ ଚାଷ ସହିତ ସହିତ ଅନ୍ତଃ-ଫସଲ ଭାବେ ୫୦୦ ଏକରରେ ପାମାରୋସା ଓ ଲେମନ୍ ଗ୍ରାସ୍ ଚାଷକୁ ପ୍ରୋତ୍ସାହନ ଦିଆଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟଦ୍ୱାରା ପରିଚାଳିତ 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ମାଧ୍ୟମରେ ମାର୍ଗଦର୍ଶନ ଏବଂ ତାଲିମ ଭଳି ଅନେକ ପ୍ରକାର ସହଯୋଗ ପ୍ରଦାନ କରାଯାଇଛି। ନିଜ ସଦସ୍ୟମାନଙ୍କ ଉତ୍ପାଦକୁ ଲାଭଜନକ ବଜାର ସହିତ ସଂଯୋଗ କରିବାରେ ସ'ଳ ହୋଇଛି। କମ୍ପାନୀର ସଦସ୍ୟମାନଙ୍କ ଦ୍ୱାରା ଉତ୍ପାଦିତ ୩ ଟନ୍ ପାମାରୋସା ଓ ଲେମନ ଗ୍ରାସ୍ ତେଲ ବାର୍ଷିକ ଏଫପିଓ ମାଧ୍ୟମରେ ବିପଣନ କରାଯାଉଛି ଏବଂ ୭୦ ଟନ୍ ଆମ୍ବ ଓ ଗୁଆ ଲକ୍ଷ୍ନୌ, ଉତ୍ତର ପ୍ରଦେଶ ଇତ୍ୟାଦିକୁ ଯୋଗାଣ କରାଯାଇଛି। ଓରାକ୍ ନାମକ ନିଜସ୍ୱ ବ୍ରାଣ୍ଡ ଅଧୀନରେ ଲେମନ ଗ୍ରାସ ତେଲ ଓ ଚା ପରି ମୂଲ୍ୟ ସଂଯୋଜିତ ଉତ୍ପାଦ ଚଙ୍କକ୍ସରକ୍ଟରଗ୍ସବକ୍ଷ ଇକ୍ଷକ୍ଷସବଭମର ଖସଙ୍କସଗ୍ସରୟ ସହିତ ଟାଇ-ଅପ୍ ଓ ରକ୍ଷସକ୍ଟଲବକ୍ସଗ୍ସ ପରି ଇ-କମର୍ସ ପ୍ଲାଟ'ର୍ମ ମାଧ୍ୟମରେ ବିକ୍ରୟ ହେଉଛି। ସୁଗନ୍ଧିତ ତୈଳ ବିଦେଶକୁ ମ୍ଭ ରପ୍ତାନି କରାଯାଉଛି। ଆରମ୍ଭିକ ପର୍ଯ୍ୟାୟରେ ଚାଷୀମାନେ ବଜାର ସୂଚନାର ଅଭାବ, ମ୍ଭଷ୍ଠ ନିର୍ଭରତା, ପ୍ରକ୍ରିୟାକରଣ ସୁବିଧାର ଅଭାବ ଓ ନିଯୁକ୍ତି ସୁଯୋଗ ଅଭାବ ଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏ'ପିଓ ଦ୍ୱାରା ୱାଡ଼ି କ୍ଷେତ୍ରରେ ୬ଟି ପ୍ୟାଚ୍‌ରେ ୬ଟି ସାଧାରଣ ସୁବିଧା କେନ୍ଦ୍ର, ୧୦ଟି ତୈଳ ବିଶୋଧନ ୟୁନିଟ୍ ଏବଂ ଗ୍ରାମୀଣ ମାର୍କେଟିଂ ଆଉଟ୍‌ଲେଟ୍ ସ୍ଥାପନ କରାଯାଇ ଏହି ସମସ୍ୟାମାନଙ୍କୁ ସ'ଳତାର ସହିତ ସମାଧାନ କରାଯାଇଛି। ଏହା 'ଳରେ ୩୦୦୦ରୁ ଅଧିକ ପରିବାର ଏବଂ ୧୦୦ରୁ ଅଧିକ ଅର୍ଦ୍ଧକୁଶଳୀ ଯୁବକ/ଯୁବତୀଙ୍କୁ ଦୈନିକ ରୋଜଗାର ମିଳିପାରିଛି। ଆଗାମୀ ଦିନଗୁଡ଼ିକରେ ଡାଇଡିଓ କ୍ଷେତ୍ରର ଅଧିକ ବିସ୍ତାର, ସୁଗନ୍ଧିତ ତୈଳର ନୂତନ ମୂଲ୍ୟ ସଂଯୋଜିତ ଉତ୍ପାଦ ଉନ୍ନୟନ, ରପ୍ତାନି ବଜାର ସୁଦୃଢ଼ କରିବା ସହିତ ଡିଜିଟାଲ୍ ମାର୍କେଟିଂ ଓ ବ୍ରାଣ୍ଡିଂ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

## ସମୀକ୍ଷା ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ

**ବେତନଟୀ, ୧୨।୨(ସମିସ):** ବେତନଟୀ ବ୍ଲକ ସମ୍ମିଳନୀ କକ୍ଷରେ ବଡ଼ସାହି ନିର୍ବାଚନମଣ୍ଡଳୀ ଉନ୍ନୟନ କାର୍ଯ୍ୟର ଏକ ସମୀକ୍ଷା ବୈଠକ ବିଧାୟକ ସନାତନ ବିଜୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଏହି ବୈଠକକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରାଯାଇଛି। ବିଧାୟକ ତାଙ୍କ କାର୍ଯ୍ୟକାଳ ଅବଧି ବିଗତ ୨୦୧୯ରୁ ୨୦୨୪ ପାଞ୍ଚ ବର୍ଷ ମଧ୍ୟରେ କେବେ କିଛି କରି ନ ଥିବାବେଳେ ଆଗକୁ ବେତନଟୀ ଏନଏସି ଓ ୨୦୨୭ରେ ପଞ୍ଚାୟତ ନିର୍ବାଚନ ଥିବା ହେତୁ ନିଜ ଭୂତ ନିଜକୁ ଡରାଉଥିବା ଓ ଦ୍ୱିତୀୟ ପର୍ଯ୍ୟାୟ ବିଧାୟକ ହେବାର ୨୦ ମାସ ପରେ ସମୀକ୍ଷା ବୈଠକ କରିଛନ୍ତି। କାରଣ ଏହି ନିର୍ବାଚନମଣ୍ଡଳୀ ଅଧୀନସ୍ଥ ବେତନଟୀ ଓ ବଡ଼ସାହି ଦୁଇଟି ବ୍ଲକ ଓ ଦୁଇଟି ତହସିଲ ଅଧୀନସ୍ଥ ସାଧାରଣ ଲୋକେ ସେମାନଙ୍କ ସାଧାରଣ ମାମୁଲି କାମ ପାଇଁ ଦୌଡି ଦୌଡି ନୟାନ୍ତ ହୋଇପଡ଼ିଥିବା ଓ କୌଣସି ସରକାରୀ ଅଫିସରେ ପଇସା ନାହିଁ ତ କାମ ନାହିଁ ଯୋଗୁଁ ଲୋକେ ହତାଶ ହେବା ସହିତ ଡବଲ ଇଞ୍ଜିନ ସରକାରଙ୍କ ପ୍ରତି ନକରାତ୍ମକ ଭାବନା ସୃଷ୍ଟି ହୋଇ ଭୋଟର ବିକଳ୍ପ ଖୋଜିବା ଆରମ୍ଭ କରିଥିବା ଯୋଗୁଁ ବିଧାୟକ ନିଜ ଭାବମୂର୍ତ୍ତି ରକ୍ଷା କରିବା ପାଇଁ ସ୍ଥାନୀୟ ଅଧିକାରୀଙ୍କୁ ଏହି ସମୀକ୍ଷା ବୈଠକରେ ତାଗିଦ କରିଥିବା କୁହାଯାଇଛି। ରାସ୍ତା, ପିଇବା ପାଣି, ସ୍ୱାସ୍ଥ୍ୟ ସାଙ୍ଗକୁ ବିଭିନ୍ନ ପଞ୍ଚାୟତ ଲୋକଙ୍କ ବହୁ ପୁରୁଣା ସମସ୍ୟା, ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା ପାଇଁ କରା ନ ଯାଇ ରାଜନୈତିକ ଦଳୀୟ ଭିତ୍ତିରେ କରାଯାଉଥିବା ଯୋଗୁଁ ବିଗତ ସାଢେ ଛଅ ବର୍ଷର ଅବଧି ମଧ୍ୟରେ ଅନେକ ଲୋକଙ୍କର ଅଟକି ରହିଛି। ସାଧାରଣ ଭୋଟର ବିଧାୟକଙ୍କୁ ଭେଟି ନ ପାରିବା ବିଧାୟକ ଲୋକଙ୍କ ସହିତ ସମ୍ପର୍କ ନ ରଖିବା ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଥିବା ସମସ୍ୟାକୁ ଅଣଦେଖା କରାଯିବା, ବାଲି ଚୋରା ଚାଲାଣ ଯୋଗୁଁ ଚଢ଼ା ଦରରେ ବାଲି ମାଫିଆଙ୍କଠାରୁ ଗରିବ ହିତାଧିକାରୀ ଆବାସ ପାଇଁ ବାଲି କିଣି ଘରକାମ ଶେଷ କରି ନ ପାରିବା, ନିମ୍ନମାନର ରାସ୍ତା ନିର୍ମାଣ କରାଯାଉଥିବା ଭଳି ଅଭିଯୋଗ ହେଉଛି। ଏହାକୁ ନେଇ ଅସନ୍ତୋଷ କୁହୁଳୁ ଥିବାବେଳେ ପ୍ରଶାସନିକ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କେବଳ ଧର୍ମକୁ ଆଖିଠାର ବୋଲି କୁହାଯାଇଛି। ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ବିଧାୟକ ସମୀକ୍ଷା ବୈଠକକୁ ନ ଡାକି ବାସନ୍ଦ କରି ରଖାଯିବା ଯୋଗୁଁ ବିଧାୟକ ଗଣମାଧ୍ୟମକୁ ସାମ୍ନା କରିବା ପାଇଁ ଅସମର୍ଥ ବୋଲି କୁହାଯାଇଛି।

**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE NINE MONTH ENDED 31ST DEC'2025**
(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Nine Month Ended | | Year Ended | Nine Month Ended | | Year Ended |
| | | 31.12.2025 | 31.12.2024 | 31.03.2025 | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 39.76 | 63.67 | 44.27 | 13,635.82 | 10,832.21 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (14.38) | 0.50 | (28.91) | 1,216.38 | (351.64) | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (14.38) | 0.50 | (28.91) | 1,216.38 | (351.64) | (3,525.52) |
| 6 | Net Profit attributable to Non Controlling Interests | - | - | - | 583.59 | (211.33) | (1,791.41) |
| 7 | Net Profit attributable to Owners of the Company | - | - | - | 632.79 | (140.31) | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,532.26 | 26,576.05 | 26,546.64 | (8,776.47) | (7,819.01) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (1.00) | 0.03 | (2.00) | 44.59 | (9.89) | (121.71) |
| | (ii) Diluted | (1.00) | 0.03 | (2.00) | 44.59 | (9.89) | (121.71) |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 12th February' 2026

Sd/-
(A.K.Bagchi)
Managing Director-EIL

# ରାଉରକେଲାରେ ଅଖିଟକ ବନ୍ଦ, ଯାତ୍ରୀ ହନ୍ତସନ୍ତ








**ରାଉରକେଲା, ୧୨।୨(ସମିସ)**

କେନ୍ଦ୍ରୀୟ ମିଳିତ ଟ୍ରେଡ ୟୁନିଅନ ପକ୍ଷରୁ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଡାକରା ରାଉରକେଲାରେ ସଫଳ ହୋଇଛି। ସ୍ଥାନୀୟ ମିଳିତ ଶ୍ରମ ସଙ୍ଗଠନ ପକ୍ଷରୁ ପାନପୋଷ, ଏସଟିଆଇ, ଉଦିତନଗର, ବିଶ୍ରା ଛକ ସମେତ ଅନ୍ୟ ସ୍ଥାନ ମାନଙ୍କରେ ରାସ୍ତାରୋକ କରାଯାଇଥିଲା। ଫଳରେ ଗାଡି ମଟର ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ମୁଖ୍ୟ ରାସ୍ତାରେ ପିକେଟିଂ କରାଯାଇ ବଜାର ବନ୍ଦ କରାଯାଇଥିଲା। ନୂଆ ବସ୍‌ଷ୍ଟାଣ୍ଡରେ ରାଉରକେଲା ସମେତ ଆଖପାଖ ଅଞ୍ଚଳକୁ ଯାଉଥିବା ସମସ୍ତ ବସ୍ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ଯାତ୍ରୀ ହଇରାଣ ହୋଇଥିବା ଅଭିଯୋଗ ହୋଇଛି। ଏହାସହ ବ୍ୟାଙ୍କ୍, ପେଟ୍ରୋଲ ପମ୍ପ, ଶିକ୍ଷାନୁଷ୍ଠାନ, ସ୍କୁଲ, କଲେଜ ସମେତ ଅନ୍ୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। କେବଳ ଦୁଇ ଚକିଆ ଯାନ ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। ରାସ୍ତାରୋକ ହୋଇଥିବା ବିଶ୍ରା ଛକ ଠାରେ ଲୋକେ ଧର୍ମଘଟକୁ ବିରୋଧ କରି ପାଟିତୁଣ୍ଡ ମଧ୍ୟ କରିଥିଲେ। ସେହିପରି ମୁଖ୍ୟ ବଜାର ବନ୍ଦ ରହିଥିବା ବେଳେ ଗଳି ଅଞ୍ଚଳରେ ଥିବା ବଜାର ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ମୋଟାମୋଟି ଭାବେ ସହରବାସୀ ବନ୍ଦକୁ ସମର୍ଥନ କରିଥିବା ଦେଖାଯାଇଥିଲା। କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ, ଜନ ବିରୋଧୀ ନୀତି ବିରୁଦ୍ଧରେ ଓ ୪ଟି ଶ୍ରମ କୋର୍ଡ ପ୍ରତ୍ୟାହାର ଦାବି, ଖାଦ୍ୟ ସାମଗ୍ରୀର ଆକାଶଛୁଆଁ, ଦରବୃଦ୍ଧି ନିୟନ୍ତ୍ରଣ କରିବା, କୃଷକ ବିରୋଧୀ ବିହନ ବିଲ୍ ଓ ବିଦ୍ୟୁତ ସଂଶୋଧନ ବିଲ୍ -୨୦୨୫ ପ୍ରତ୍ୟାହାର, ରାଷ୍ଟ୍ରାୟତ ଉଦ୍ୟୋଗ ଘରୋଇକରଣ ବିରୁଦ୍ଧରେ, ଆଠ ଘଣ୍ଟା କାମ କରିବାର ଅଧିକାର ଦାବିରେ ଧର୍ମଘଟ କରାଯାଇଥିଲା। ସିଆଇଟିୟୁ ନେତା ବିଷ୍ଣୁ ମହାନ୍ତି, ଆଇଏନଟିୟୁସି ନେତା ଅକ୍ଷୟ ଜେନା, ସୌମ୍ୟକାନ୍ତ ଧଳ, ସିଆଇଟିୟୁ ନେତା ବିମାନ ମାଇତି, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ଏଚଏମ୍ଏସ ନେତା କଳାକାର ସାହୁ, ସିଦ୍ଧେଶ୍ୱର ବଳ, ମୀନକେତନ ବେହେରା, ଏଆଇଟିୟୁସି ନେତା ପ୍ରଦୋଷ ମହାନ୍ତି, କୈଳାସ ଚନ୍ଦ୍ର ନାୟକ, ଏଆଇୟୁଟିୟୁସି ନେତା ଅଜିତ ନାୟକ, ସୁବାଷ ଚନ୍ଦ୍ର ଦଣ୍ଡପାଟ, ଏଆଇସିସିଟିୟୁ ନେତାରାଜା ମୁନା, ସିୟର ନେତା ହେମନ୍ତ ବେହୁରା ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଧର୍ମଘଟରେ ଜରୁରୀକାଳୀନ ସେବାକୁ ବାଦ୍ ଦିଆଯାଇ ଥିଲା।

## ବଣାଇଁରେ ଧର୍ମଘଟ ଶାନ୍ତିପୂର୍ଣ୍ଣ, ସରକାରୀ କାର୍ଯ୍ୟାଳୟ ବନ୍ଦ

**ବଣାଇଁ:** କେନ୍ଦ୍ର ଶ୍ରମ ଆଇନକୁ ବିରୋଧ କରି ୧୦ଟି କେନ୍ଦ୍ରିୟ ଟ୍ରେଡ ୟୁନିୟନ ଓ ମିଳିତ ମଞ୍ଚ ପକ୍ଷରୁ ଆଜି ସାରା ଭାରତରେ ଧର୍ମଘଟ ଡାକରା ଦିଆଯାଇଛି। ବଣାଇଁରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ସ୍ୱତଃ ପ୍ରବୃତ୍ତ ଭାବେ ବେସରକାରୀ ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ ପରିବହନ ସେବା ପ୍ରଭାବିତ ହୋଇଛି। ସକାଳୁ ଘରୋଇ ବସ୍ ବନ୍ଦ ଯୋଗୁଁ ଯାତ୍ରୀ ମାନେ ଯିବା ଆସିବା କରିବାରେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅଧିକାଂଶ ଦୋକାନ ବଜାର ସବୁ ବନ୍ଦ ଥିବା ବେଳେ ସାଧାରଣ ଜୀବନଯାତ୍ରା ସ୍ୱାଭାବିକ ରହିଥିଲା। ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିଆଇଟିୟୁ ଟ୍ରେଡ ୟୁନିୟନର କର୍ମକର୍ତ୍ତା ମାନେ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଯାଇ ପିକେଟିଂ କରି ଅଫିସ ସବୁ ବନ୍ଦ୍ କରିଥିବା ଦେଖିବାକୁ ମିଳିଛି। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବଣାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଛି। କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଓ ଜନ ବିରୋଧୀ ନୀତି ପ୍ରତିବାଦ, କଳା ଶ୍ରମ କୋଡ ବାତିଲ, ମାସିକ ସର୍ବନିମ୍ନ ଦରମା ୨୬ ହଜାର ଟଙ୍କା, ରାଷ୍ଟ୍ରାୟତ ସମ୍ପଦର ସୁରକ୍ଷା, ଛଟେଇ ବନ୍ଦ ଓ ନିଯୁକ୍ତି ସୁଯୋଗ ପ୍ରଦାନ, ସ୍କିମ ଶ୍ରମିକ ମାନଙ୍କୁ ଶ୍ରମିକର ମାନ୍ୟତା ଓ ସାମାଜିକ ସୁରକ୍ଷା, ଦାବିରେ ୧୨ ଘଣ୍ଟିଆ ଆନ୍ଦୋଳନ ଚାଲିଛି। ବନ୍ଦ କାର୍ଯ୍ୟକ୍ରମରେ ସିପିଆଇଏମ ନେତା ତଥା ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ବିନୟ ସାହୁ, ପ୍ରଦୀପ ଜିତ, ଗିରିଧାରୀ ତ୍ରିପାଠୀ, ଭୁବନ ସାହୁଙ୍କ ସମେତ ସମସ୍ତ କର୍ମୀମାନେ ଏହି ଧର୍ମଘଟରେ ସାମିଲ ହୋଇଛନ୍ତି। ଖୋଦ୍ ବିଧାୟକ ନିଜେ ୧୪୩ ନମ୍ବର ଜାତୀୟ ରାଜପଥରେ ଉପସ୍ଥିତ ରହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଧର୍ମଘଟ ଯୋଗୁଁ ବାରକୋଟ କୁଆଁରମୁଣ୍ଡା ୧୪୩ ନମ୍ବର ଜାତୀୟ ରାଜପଥର ଦରେଇକଲା, ନରେନ୍ଦ୍ର, ରାଜା ମୁଣ୍ଡା ବାଇପାସ୍ ଛକରେ ଶହ ଶହ ସଂଖ୍ୟାରେ ଗାଡି ମୋଟର ଅଟକି ରହିଥିଲା।

## କୁତ୍ରାରେ ବନ୍ଦ ବେଳେ ରାଜ୍ୟ ରାଜପଥ ଅବରୋଧ




**କୁତ୍ରା:** କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍ ପକ୍ଷରୁ ୧୨ ଘଣ୍ଟିଆ ସର୍ବଭାରତୀୟ ଧର୍ମଘଟ ଡାକରାର ପ୍ରଭାବ କୁତ୍ରାରେ ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ଆଇନକୁ ବିରୋଧ କରି କୁତ୍ରାରେ ବିଜୁ ଏକ୍ସପ୍ରେସ ୱେ ରାସ୍ତାକୁ ଅବରୋଧ କରାଯାଇଥିଲା। ଫଳରେ ଗାଡି ମୋଟର ରାସ୍ତାରେ ଅଟକି ରହିଥିଲା ଓ ଯାତାୟାତ ବ୍ୟବସ୍ଥା ଠପ୍ ପଡ଼ିଥିଲା। ଧର୍ମଘଟ ଯୋଗୁଁ ବସ୍ ସେବା ବନ୍ଦ ଥିବା ସହ ସମସ୍ତ ଦୋକାନ ବଜାର ମଧ୍ୟ ବନ୍ଦ ରହିଥିଲା। କୁତ୍ରାରେ ସକାଳ ୮ ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ ଟାରେ ଆନ୍ଦୋଳନ ବନ୍ଦ୍ ହୋଇଥିଲା। ଏହି ବନ୍ଦକୁ ଏଆଇଟିୟୁସି, ଏସୟୁଟିୟୁସି, ସିଆଇଟିୟୁ ପ୍ରମୁଖ ସଂଗଠନମାନେ ସମର୍ଥନ କରିଥିଲେ। ଏଥିରେ ଏଆଇଟିୟୁସିକୁତ୍ରା ବ୍ଲକ ସଭାପତି ମାରିଆନ ମିଞ୍ଜ, ଗ୍ଲୋରିଆ ଟପ୍ପୋ, ଚମ୍ପାକୁଜୁର, ମଞ୍ଜୁଲା ୱାଗେ, ଲକ୍ଷ୍ମି ସା, କାରମିଲା ଟପ୍ପୋ ଉପସ୍ଥିତ ଥିଲେ। ସେହିପରି ସିଟୁର ଜେନେରାଲ ସେକ୍ରେଟାରୀ ଦିଲିପ ଲାକ୍ରାଙ୍କ ସହ ବିଜୟ କୁଜୁର, ମୋହନ ଟପ୍ପୋ, ସୁରେଶ କୁଜୁର ଓ ଏସୟୁଟିୟୁସିର ଜଷ୍ଟିନ ଲୁଗୁନ, ଚନ୍ଦ୍ରମଣି ଜୟପୁରିଆ, ଡେବିଟ କେରକେଟା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଧର୍ମଘଟ ଫଳରେ କୁତ୍ରା ଅଞ୍ଚଳରେ ସାଧାରଣ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ଦେଖାଯାଇଥିଲା।

## ମିଳିତ ଟ୍ରେଡ୍ ୟୁନିଅନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ




**ଲହୁଣିପଡ଼ା:** ସର୍ବ ଭାରତୀୟ ସ୍ତରରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ମିଳିତ ଟ୍ରେଡ ୟୁନିଅନର ଡାକରା କ୍ରମେ ଆଜି ୧୨ ଘଣ୍ଟିଆ ବନ୍ଦ ଡାକରାକୁ ଲହୁଣିପଡ଼ା ଅଞ୍ଚଳରେ ସମର୍ଥନ ମିଳିଥିବା ଦେଖାଯାଇଛି। ଧର୍ମଘଟ ଯୋଗୁଁ ୫୨୦ ଓ ୧୪୩ ନମ୍ବର ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ରାଜ୍ୟ ରାଜପଥ ୧୦(କ)ରେ ମଧ୍ୟ ଗାଡି ଚଳାଚଳ ବନ୍ଦ ରହିଥିଲା। ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ବଣାଇଁ ଉପଖଣ୍ଡର ଲହୁଣିପଡ଼ା ସ୍ଥିତ ଜାତିୟରାଜପଥ ୫୨୦ ଏବଂ ୧୪୩ର ମିଳନ ସ୍ଥଳ ରାଜାମୁଣ୍ଡା ବାଇପାସ ଛକ, ବାଜପେୟୀ ଛକ, ଖୁଣ୍ଟ ଗାଁ, ବରସୁଆଁ, ଗୋପନା, ବିମଳାଗଡ଼, ରକ୍ସି, ପଟାସାହି, କାଳଟା ଆଦି ଅଞ୍ଚଳରେ କର୍ମୀମାନେ ରାସ୍ତା ଅବରୋଧ କରିଥିଲେ। ପଟାସାହି, ବିମଳାଗଡ଼, ରକ୍ସିରେରେଲରୋକ କରି ଧର୍ମଘଟ ଚଳାଇଥିବା ଯୋଗୁଁ ରେଳ ଚଳାଚଳ ବନ୍ଦ ରହିଥିଲା। ଦୋକାନ ବଜାର ଆଂଶିକ ବନ୍ଦ ହୋଇଥିଲା ଓ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ କର୍ମୀ ପିକେଟିଂ କରି ବନ୍ଦ କରିଥିଲେ। ବନ୍ଦ ପାଳନ ସଫଳ ହୋଇଛି ବୋଲି ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରତିକ୍ରିୟା ରଖିଛନ୍ତି। ଧର୍ମଘଟ ଯୋଗୁଁ ଜାତୀୟ ରାଜପଥ ସହ ରାଜ୍ୟ ରାଜପଥର ଦୁଇ ପାର୍ଶ୍ୱରେ ଶହ ଶହ ଗାଡି ଛିଡା ହୋଇଥିବା ଦେଖିବାକୁ ମିଳିଛି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## କଳ କାରଖାନା ବନ୍ଦ ଓ ଜାତୀୟ ରାଜପଥ ଅବରୋଧ

**ରାଉରକେଲା:** କେନ୍ଦ୍ରୟ ଟ୍ରେଡ ୟୁନିୟନମାନଙ୍କ ପକ୍ଷରୁ ଦେଶବ୍ୟାପୀ ସାଧାରଣ ଧର୍ମଘଟରେ ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜୁଦୁର ୟୁନିୟନ ଓ ଆଇଏଫଜିଏଲ ରିଫ୍ରାଟୋରିଜ ଓର୍କସ ୟୁନିୟନର ସଭାପତି, ସିଆଇଟିୟୁରାଷ୍ଟ୍ରିୟ ଉପାଧକ୍ଷ ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, ସମ୍ପାଦକ ଯଯାତୀ କେଶରୀ ସାହୁଙ୍କ ନେତୃତ୍ୱରେ କଲୁଙ୍ଗା, ବେଦବ୍ୟାସ, କୁଆଁରମୁଣ୍ଡା ଅଞ୍ଚଳର ସମସ୍ତ ଶିଳ୍ପାଞ୍ଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଜାତୀୟ ରାଜପଥ ୧୪୩ ଓ ଆଇଡିସି ଆଇଏଫଜିଏଲ ଛକ ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରାଯାଇଥିଲା। ସକାଳୁ ପ୍ରଥମେ ଶ୍ରମିକ ମାନେ କାମ କରୁଥିବା ନିଜ ନିଜର କଳ କାରଖାନାଗୁଡିକ ବନ୍ଦ କରିବା ସହିତ ଦୋକାନ ବଜାର ବଜାର ସମସ୍ତ ଅଫିସ ବନ୍ଦ କରଥିଲେ। ଏହାପରେ ଏକ ବିଶାଳ ପଟୁଆରରେ ଆସି ଜାତୀୟ ରାଜପଥକୁ ସମ୍ପୂର୍ଣ୍ଣ ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଶହ ଶହ ସଂଖ୍ୟାରେ ଗାଡି ମଟର ଅଟକି ରହିଥିଲା। ଆଇଡିସିରେ ମଧ୍ୟ ରାସ୍ତାରୋକ କରାଯାଇଥିଲା। ଯାହା ଫଳରେ କାରଖାନାଗୁଡ଼ିକୁ ଯାଉଥିବା ମାଲ ପରିବହନ ବାଧାପ୍ରାପ୍ତ ହୋଇଥିଲା। ଆଜିର ଏହି ସାଧାରଣ ଧର୍ମଘଟରେ ସିଟୁ ସମ୍ପାଦକ ଅଜିତ ଏକ୍କା, ସମ୍ବିତ ସ୍ୱାଇଁ, ଯୀରୋଦ ବେହେରା, ରଞ୍ଜନ ବେହେରା, ସରୋଜ ବାର୍ଲା, ଶୁଧାଂଶୁ ଜେନା, ଅନୀଲ ସ, ଭବାନୀ ସାହୁ, ଏମଡି ଆକବର, ଡି ଦିବାକରରାଓ, ମୁସ୍କୁ ତିର୍କୀ, ନବୀନ ପାଲ, ଆଇଏଫଜିଏଲରିଫ୍ରାଟୋରିଜ ଓର୍କସ ୟୁନିୟନ କାର୍ଯ୍ୟକାରୀ ସଭାପତି ଅଜିତ ଦାଶ, ସିଡିଓ ମୁଣ୍ଡା, ସୁଜିତ ସାମଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଖଣି ଅଞ୍ଚଳ ବନ୍ଦ, ରେଲ୍‌ୱେ ସାଇଡିଂ ଓ ଖଣିରୁ ପରିବହନ ଠପ୍




**କୋଇଡା:** ଚାରୋଟି ଶ୍ରମ ଆଇନକୁ ପରିବର୍ତ୍ତନକୁ ବିରୋଧ କରି ଆଜି ବିଭିନ୍ନ ଟ୍ରେଡ ୟୁନିୟନ୍ ତରଫରୁ ଭାରତ ବନ୍ଦର ଡାକରା ଦିଆଯାଇଛି। ଏହାର ପ୍ରଭାବ ଖଣି ଅଞ୍ଚଳ କୋଇଡାରେ ଜୋରଦାର ଦେଖିବାକୁ ମିଳିଛି। ସକାଳ ୬ରୁ ରେଲରୋକ ସହ ୫୩୦ ଜାତୀୟ ରାଜପଥ ଓ କୋଇଡା ଖଣି ସେକ୍ଟରରେ ଥିବା ସମସ୍ତ ରେଳ ସାଇଡିଂ ଏବଂ ସମସ୍ତ ଖଣିରୁ ଖଣି ପରିବହନ ଠପ୍ ରହିଛି। ପ୍ରତିବାଦକାରୀ ମାନେ ରେଲୱେ ଲାଇନ୍ ଉପରେ ବସିରହି ପ୍ରତିବାଦ ଜାରି ରଖିଥିଲେ। ଏପରିକି ସମସ୍ତ ଖଣି ସମ୍ମୁଖରେ ଜୋରଦାର ନାରାବାଜି ଦେଖିବାକୁ ମିଳଥିଲା। କୋଇଡା, କାଲଟା, ରକ୍ସୀ, ବିମଳାଗଡ଼, ଟେନସା ପରି ପ୍ରମୁଖ ସ୍ଥାନରେ ଜୋରଦାର ପ୍ରତିବାଦ ଦେଖିବାକୁ ମିଳିଚି। ୫୨୦ ଜାତୀୟ ରାଜପଥ ଉପରେ ପ୍ରତିବାଦ ଜାରି ରହିଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଗୁଡିକ ଠିଆ ହୋଇ ରହିଥିବା ଦେଖିବାକୁ ମିଳିଥିଲା।

## ରାଜପଥ ପାରି ହେଲେ ହାତୀ ପଲ, ଆତଙ୍କରେ ଅଞ୍ଚଳବାସୀ

**କୁତ୍ରା, ୧୨।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବଡଗାଁ ବନାଞ୍ଚଳ ଅଧୀନ କୁତ୍ରା ଥାନା ଠାରୁ ମାତ୍ର ୧୦୦ ମିଟର ଦୂରରେ ସକାଳ ୬ରେ ୧୦ ନମ୍ବର ରାଜ୍ୟ ରାଜପଥକୁ ୨୨ ଟିକିଆ ହାତୀପଲ ମଧ୍ୟରୁ ୧୬ଟି ହାତୀ ଅତିକ୍ରମ କରିଛନ୍ତି। ତେବେ ଏହି ସମୟରେ ଉକ୍ତ ହାତୀ ପଲର ୬ଟି ହାତୀ ରହି ଯାଇଥିଲେ। ଫଳରେ ଅଞ୍ଚଳବସୀଙ୍କ ମଧ୍ୟରେ ଆତଙ୍କ ଦେଖା ଦେଇଥିଲା। କିନ୍ତୁ ହାତୀଙ୍କୁ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା। ହାତୀ ପଲ ମଧ୍ୟରୁ ୧୬ଟି ହାତୀ ରାତିରେ ପଞ୍ଚରାପଟୁ ଆସି ରାଜ୍ୟରାଜପଥ ପାର ହୋଇ କୁତ୍ରା ଚୁନିପଡ଼ା ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିବା ବେଳେ ୬ଟି ହାତୀ ଗୋଠ ଛଡା ହୋଇ ଯାଇ ନପାରି ଥାନା ନିକଟରେ ଅଟକି ରହିଥିଲେ। ସେମାନେ ରାସ୍ତା ପାର ହେବାକୁ ପ୍ରୟାସ କରୁଥିବା ବେଳେ ଲୋକଙ୍କ ଗହଳି ଯୋଗୁଁ ଯାଇ ପାରୁ ନଥିଲେ। ପରେ ବନ ବିଭାଗର କର୍ମଚାରୀ ମାନେ ପହଞ୍ଚି ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସେଠୁ ଦୂରେଇ ରହିବା ପାଇଁ କହି ହାତୀଙ୍କୁ ଘଉଡାଇଥିଲେ। ୧୨ ଟାରେ ହାତୀମାନେ ରାସ୍ତା ପାର ହୋଇ ଚୁନିପଡ଼ା ଜଙ୍ଗଲକୁ ଚାଲିଯାଇଥିଲେ। ଏହି ହାତୀ ପଲରେ ଗୋଟିଏ ଛୁଆ ହାତୀ ଦେଖିବାକୁ ମିଳିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ୨ଟି ହାତୀ ଥାନା ସମ୍ମୁଖରେ ରହିଥିବାରୁ ବନ ବିଭାଗର କର୍ମଚାରୀମାନେ ତାଙ୍କୁ ରାଜ୍ୟ ରାଜପଥ ପାର କରିବା ପାଇଁ ଚେଷ୍ଟା ଚଳାଇଥିଲେ।

## ସାମ୍ବାଦିକଙ୍କୁ ଆକ୍ରମଣ ଅଭିଯୋଗ, ୮ ଗିରଫ

**ରାଉରକେଲା, ୧୨।୨(ସମିସ):** ଲେଫ୍ରିପଡ଼ା ଅଞ୍ଚଳର ସାମ୍ବାଦିକ ଲବଣୀଧର ମେହେରଙ୍କୁ ଆକ୍ରମଣ କରିବା ଅଭିଯୋଗରେଲେଫ୍ରିପଡ଼ାପୁଲିସ ୮ ଜଣଙ୍କୁଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନରେଶ ମେହେର(୪୪), ସୁରେଶ ମେହେର (୪୮), ଗଙ୍ଗାଧର ମେହେର(୪୦), ପ୍ରକାଶ ମେହେର(୩୧), ନେହେରୁ ମେହେର(୪୦), ବିକି ମେହେର(୨୯), ପ୍ରଫୁଲ ମେହେର(୩୪) ଓ ପ୍ରିତମ ମେହେର(୨୪)। ସେମାନଙ୍କ ଘର ସୁନ୍ଦରଗଡ଼ ଜିଲ୍ଲାର ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ନାକଡିହ ଗାଁରେ ବୋଲି ଜଣାପଡ଼ିଛି।

## ଆଇଜିଏଚ୍‌ରେ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ସମ୍ପନ୍ନ

**ରାଉରକେଲା, ୧୨।୨(ସମିସ):** ରାଉରକେଲା ଇସ୍ପାତ କାରଖାନା ଅଧୀନ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ (ଟିକେଆର) ଚିକିତ୍ସା ଏବେ ଏକ ନିୟମିତ ଏବଂ ବିଶ୍ୱସ୍ତ ପ୍ରକ୍ରିୟା ହୋଇଛି। ଏହାଦ୍ୱାରା ରୋଗୀ ଉପକୃତ ହେଉଛନ୍ତି। ସେମାନେ ଏଭଳି ଚିକିତ୍ସା ପାଇଁ ଦୂର ସହରକୁ ଯାତ୍ରା କରି ବ୍ୟୟବହୁଳ ଚିକିତ୍ସା କରିବା ପରିବର୍ତ୍ତେ ସ୍ଥାନୀୟ ଅଞ୍ଚଳରେ ଚିକିତ୍ସା ଲାଭ କରୁଛନ୍ତି। ଏହି କ୍ରମରେ ଜଣେ ୭୫ ବର୍ଷୀୟା ମହିଳା ଦୀର୍ଘକାଳୀନ ଗତିଶୀଳତା ସମସ୍ୟାକୁ ଦୂର କରି ଏକ ସକ୍ରିୟ ଜୀବନ ଫେରିପାଇଛନ୍ତି। ଶାରଳା ଭଞ୍ଜ ନାମ୍ନୀ ଜଣେ ବୃଦ୍ଧା ଜାନୁଆରୀ ୨୮ରେ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଜାନୁଆରୀ ୩୦ରେ ତାଙ୍କର ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଅଷ୍ଟିଓଆର୍ଥରାଇଟିସ୍ ଯୋଗୁଁ ତାଙ୍କର ଦୀର୍ଘ ସମୟ ଯନ୍ତ୍ରଣାର ଉପଶମ ହୋଇଥିଲା। ଏହି ଅସ୍ତ୍ରୋପଚାର ଅର୍ଥୋପେଡ଼ିକ୍ ବିଭାଗର ଅତିରିକ୍ତ ସିଏମ୍ଓ ଏବଂ ବିଭାଗ ମୁଖ୍ୟ ଡକ୍ଟର ସଞ୍ଜୟ ତିୱାରୀଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଦ୍ୱାରା ସମ୍ପାଦିତ ହୋଇଥିଲା। ଅସ୍ଥିଶଲ୍ୟ ବିଭାଗର ସିନିୟର ଡ.ଶେଷକାନ୍ତ ରାଉତ ଏବଂ ଡ.ନମନ ଅନ୍ତର୍ଭୁକ୍ତ ଥିଲେ। ଅତିରିକ୍ତ ସିଏମଓ ଡ.ସିକେ କାସି ଏବଂ ବରିଷ୍ଠ ପରାମର୍ଶଦାତା ଡ.ସ୍ମିତା କୁଜୁର ଆନାସ୍ଥେସିଆରେ ସହାୟତା ପ୍ରଦାନ କରିଥିଲେ। ଚିକିତ୍ସା ପ୍ରକ୍ରିୟାରେ କମଳାକର, ଅର୍ଚ୍ଚନା ଏବଂ ଅନ୍ୟ ପାରାମେଡିକାଲ୍ ଏବଂ ନର୍ସିଂ କର୍ମଚାରୀମାନେ ସହଯୋଗ କରିଥିଲେ। ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ଏବଂ ପୁନରୁଦ୍ଧାର ଫିଜିଓଥେରାପି ଦଳ ଦ୍ୱାରା ଚିକିତ୍ସା କରାଯାଇଥିଲା। ଆଣ୍ଠୁ ଅଷ୍ଟିଓଆର୍ଥ୍ରାଇଟିସ୍, କାର୍ଟିଲେଜର କ୍ରମବର୍ଦ୍ଧିଷ୍ଣୁ କ୍ଷୟ ଯୋଗୁଁ ସୃଷ୍ଟି ହେଉଥିବା ଏକ ସାଧାରଣ ଦୁର୍ବଳ ଅବସ୍ଥା। ମଣିଷଙ୍କର ହାରାହାରି ଆୟୁ ବୃଦ୍ଧି ସହିତ ଏହି ସମସ୍ୟା ବହୁଳ ରୂପେ ପରିଲକ୍ଷିତ ହେଉଛି। ଏହା ସମୟାନୁଯାୟୀ ପରବର୍ତ୍ତୀ ପର୍ଯ୍ୟାୟରେ, ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତ୍ୟାରୋପଣ ଆବଶ୍ୟକ କରିଥାଏ। ଯେଉଁଥିପାଇଁ ବିଶେଷଜ୍ଞତା ଏବଂ ଉନ୍ନତ ଚିକିତ୍ସା ସୁବିଧା ଜରୁରୀ ହୋଇଥାଏ। ଏହାର ଅଭିଜ୍ଞ ଡାକ୍ତରୀ ଦଳ ଏବଂ ରୋଗୀ-କୈନ୍ଦ୍ରିକ ଆଭିମୁଖ୍ୟ ସହିତ, ଆଇଜିଏଚ ଏକ ବିଶ୍ୱସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଭାବେ ଏହାର ଖ୍ୟାତି ବଜାୟ ରଖି ଲୋକଙ୍କ ଜୀବନକୁ ରୂପାନ୍ତରିତ କରିଆସୁଛି।

ଜିଲ୍ଲା ମହୋତ୍ସବ ଯତରା-୨୦୨୬ର ଚତୁର୍ଥ ସନ୍ଧ୍ୟା

## ବଲିଉଡ କଣ୍ଠଶିଳ୍ପୀ ପଲକ୍ ମୁଛଲଙ୍କ ଦ୍ୱାରା ତାରକା ରାତ୍ରି

**ରାଉରକେଲା, ୧୨।୨(ସମିସ):** ଜିଲ୍ଲା ମହୋତ୍ସବ ଯତରା ୨୦୨୬ର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗ ଦେଇଥିଲେ। ଯତରା ଚତୁର୍ଥ ସନ୍ଧ୍ୟାକୁ ବଣାଇ ମହାରାଜା ଧରଣୀଧର ଦେଓ ଦେବଙ୍କ ନାମରେ ସମର୍ପଣ କରାଯାଇଥିଲା। ମହାରାଜାଙ୍କ ନାତି ବୀର କେଶରୀ ଇନ୍ଦ୍ର ଦେବ ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ତନ୍ତୀ ସୁନ୍ଦରଗଡ଼ ଜିଲ୍ଲାର କଳା ସଂସ୍କୃତି ଉପରେ ନିଜର ଅଭିଭାଷଣ ରଖିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଲେଫ୍ରିପଡ଼ା ବ୍ଲକର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ, ମାଲକାନଗିରିରୁ କୋୟା ନୃତ୍ୟ, ବଲାଙ୍ଗିରରୁ ଘୁଡକା ନୃତ୍ୟ, ସୁନ୍ଦରଗଡ଼ରୁ ସମ୍ବଲପୁରୀ ନୃତ୍ୟ, ପଞ୍ଜାବରୁ ଭାଙ୍ଗଡ଼ା, ଫେଟ ଫାଇଟର, ପୁରୀର ଏରିଏଲ ଆକ୍ଟ, ଏବଂ ଓଲିଉଡର ନାୟକ ଶୁଭାଶିଷ ଶର୍ମା ଏବଂ ସାଥୀ କଳାକାରଙ୍କ ଦ୍ୱାରା ନୃତ୍ୟ ଅନୁଷ୍ଠିତ ହୋଇଥିଲା। ପରେ ପରେ କଣ୍ଠଶିଳ୍ପୀ ପଲ୍ଲକ୍ ମୁଛଲଙ୍କ ଦ୍ୱାରା ତାରକା ରାତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଏନ୍‌ଆଇଟି ରାଉରକେଲା ସହ ଭାରତୀୟ ସର୍ବେକ୍ଷଣ ସଂସ୍ଥାନର ଚୁକ୍ତି ସ୍ୱାକ୍ଷର



**ରାଉରକେଲା, ୧୨।୨(ସମିସ):** ଜାତୀୟପ୍ରଯୁକ୍ତି ବିଦ୍ୟା ସଂସ୍ଥାନ ରାଉରକେଲା (ଏନଆଇଟି) ଏବଂ ଭାରତୀୟ ସର୍ବେକ୍ଷଣ (ଓଡ଼ିଶା ଏବଂ ଛତିଶଗଡ଼ ଭୂ-ସ୍ଥାନୀୟ ନିର୍ଦ୍ଦେଶାଳୟ) ମଧ୍ୟରେ ୧୧ ତାରିଖରେ ଭୂସ୍ଥାନୀୟ ବିଜ୍ଞାନ, ମ୍ୟାପିଂ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ବିଜ୍ଞାନରେ ଉନ୍ନତ ଗବେଷଣାରେ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରାଯାଇଛି। ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଏବଂ ଓଡ଼ିଶା-ଛତିଶଗଡ଼ ଭୂ-ସ୍ଥାନୀୟ ନିର୍ଦ୍ଦେଶାଳୟ, ଭାରତୀୟ ସର୍ବେକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ସ୍ୱର୍ଣ୍ଣିମା ବାଜପେୟୀ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ପ୍ରୟାସକୁ ଏନଆଇଟି ସିଭିଲ୍ ଇଞ୍ଜିନିୟରିଂ ବିଭାଗ ପ୍ରଫେସର କିଶନଜିତ ଖଟୁଆ ଏବଂ ସର୍ଭେ ଅଫ୍ ଇଣ୍ଡିଆର ଭାରତ କୁମ୍ବାର ଏବଂ ଆଶିଷ କୌଶଲ ସହଯୋଗ କରିଥିଲେ। ଉଭୟ ପ୍ରତିଷ୍ଠାନର ବରିଷ୍ଠ ପ୍ରଶାସନିକ ଅଧିକାରୀ, ଅଧ୍ୟାପକ ଏବଂ ଅଧିକାରୀମାନେ ଉତ୍ସବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସର୍ଭେ ଅଫ୍ ଇଣ୍ଡିଆ ଦଳ ଏନଆଇଟି ରାଉରକେଲାର ନିର୍ଦ୍ଦେଶକଙ୍କୁ ଜିଓଡେଟିକ୍ ସମ୍ପତ୍ତି ରେଜିଷ୍ଟର ପ୍ରଦାନ କରିଥିଲେ। ବୁଝାମଣାପତ୍ର ସ୍ୱାକ୍ଷର କରି ପ୍ରଫେସର ରାଓ କହିଛନ୍ତି, ଏହି ପଞ୍ଚ ବର୍ଷୀୟ ଚୁକ୍ତିନାମା ଅନୁଯାୟୀ ଏନଆଇଟି ରାଉରକେଲା ଜଟିଳ ଭୂସ୍ଥାନିକ ସର୍ବେକ୍ଷଣ ଉପରେ ବିଶେଷଜ୍ଞ ପରାମର୍ଶ ପ୍ରଦାନ କରିବ ଏବଂ ଭାରତୀୟ ସର୍ବେକ୍ଷଣ କର୍ମଚାରୀଙ୍କ ବୃତ୍ତିଗତ ଉନ୍ନତି ପାଇଁ ଗବେଷଣା-ଚାଳିତ ସମର୍ଥନ ବିସ୍ତାର କରିବ। ପ୍ରତିଷ୍ଠାନ ବିଶେଷ ତାଲିମ, ଉଚ୍ଚଶିକ୍ଷା ସୁଯୋଗ ଏବଂ ଗବେଷଣା ସୁବିଧା ଏବଂ ଶୈକ୍ଷିକ ସମ୍ବଳର ପ୍ରବେଶ ସୁବିଧା ପ୍ରଦାନ କରିବ। ସ୍ୱର୍ଣ୍ଣିମା ବାଜପେୟୀ କହିଛନ୍ତି, ଏହି ବୁଝାମଣାପତ୍ର ଭାରତୀୟ ସର୍ବେକ୍ଷଣର ସମୃଦ୍ଧ ଐତିହ୍ୟକୁ ଶୈକ୍ଷିକ ଉତ୍କର୍ଷତା ସହିତ ସମନ୍ୱିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏନଆଇଟି ରାଉରକେଲା ଭଳି ପ୍ରତିଷ୍ଠାନ ସହିତ ସହଯୋଗ ଭୂସ୍ଥାନିକ ଶିକ୍ଷା, ଗବେଷଣାକୁ ସୁଦୃଢ଼ କରିବ ଏବଂ ଜାତୀୟ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବ ବୋଲି ସେ କହିଛନ୍ତି।

**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE NINE MONTH ENDED 31ST DEC'2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Nine Month Ended | | Year Ended | Nine Month Ended | | Year Ended |
| | | 31.12.2025 | 31.12.2024 | 31.03.2025 | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 39.76 | 63.67 | 44.27 | 13,635.82 | 10,832.21 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (14.38) | 0.50 | (28.91) | 1,216.38 | (351.64) | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (14.38) | 0.50 | (28.91) | 1,216.38 | (351.64) | (3,525.52) |
| 6 | Net Profit attributable to Non Controlling Interests | - | - | - | 583.59 | (211.33) | (1,791.41) |
| 7 | Net Profit attributable to Owners of the Company | - | - | - | 632.79 | (140.31) | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,532.26 | 26,576.05 | 26,546.64 | (8,776.47) | (7,819.01) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (1.00) | 0.03 | (2.00) | 44.59 | (9.89) | (121.71) |
| | (ii) Diluted | (1.00) | 0.03 | (2.00) | 44.59 | (9.89) | (121.71) |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 12th February' 2026

Sd/-
(A.K.Bagchi)
Managing Director-EIL

# ନାବାଳିକାକୁ ଅସଦାଚରଣ; ଦୋଷୀକୁ ଜେଲ୍‌ଦଣ୍ଡ

ଢେଙ୍କାନାଳ,୧୨ ।୨(ସମିସ): ରାସୋଳ ଥାନା ଅଞ୍ଚଳରେ ନାବାଳିକାଙ୍କୁ ଅସଦାଚରଣ ମାମଲାର ବିଚାର କରି ପୋକ୍ସୋ ଅଦାଲତ ବିଚାରପତି ସୁଶୀଲ କୁମାର ସାହୁ ଅଭିଯୁକ୍ତ କ୍ଷୀରୋଦ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଡିସେମ୍ବର ୧୧ରେ ନାବାଳିକା ଘରେ ଏକୁଟିଆ ଥିବା ବେଳେ କ୍ଷୀରୋଦ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲା। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ୧୨ଜଣଙ୍କ ସାକ୍ଷୀ ଏବଂ ଦସ୍ତାବିଜକୁ ଆଧାର କରି ବିଚାରପତି ସୁଶୀଲ କୁମାର ସାହୁ ଗୁରୁବାର ରାୟ ପ୍ରକାଶ କରିଛନ୍ତି। ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କ୍ୟାରେର ଆଡିସନାଲ ପିପି ସ୍ମିତା ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଗଁଦିଆ,୧୨ ।୨(ସମିସ): ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅନ୍ତର୍ଗତ ବଳୁ ଗ୍ରାମରେ ୪ ଦିନ ତଳେ ନିଖୋଜ ହୋଇଥିବା ଶତ୍ରୁଘ୍ନ ନାୟକ (୨୮)ଙ୍କ ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି। ଘଟଣା ଦିନ ଗ୍ରାମର ୨ରୁ ୫ଜଣ ସାଥୀ ହୋଇ ଭୋଜି କରିଥିଲେ। ତେବେ ଶତ୍ରୁଘ୍ନ ରାତିରେ ଘରକୁ ଫେରି ନ ଥିଲେ। ପରଦିନ ପରିବାର ଲୋକେ ଅନ୍ୟ ସାଥୀମାନଙ୍କୁ ପଚାରିବାରୁ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ପରିବାର ଲୋକେ ଖୋଜାଖୋଜି କଲାପରେ ମଧ ଶତ୍ରୁଘ୍ନଙ୍କୁ ପାଇ ନ ଥିଲେ। ଗୁରୁବାର ଭୋଜି ସ୍ଥଳରେ ରାସ୍ତା କଡ଼ରେ ଥିବା ଏକ କୂଅ ଭିତରେ ଶତ୍ରୁଘ୍ନଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଗଁଦିଆ ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରିଥିଲା। ଯୋରନ୍ଦା ଫାଣ୍ଡି ଅଧିକାରୀ ମାଗୁଣି ଚରଣ ଗଡ଼ନାୟକ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି।

# ହାତୀ ଆକ୍ରମଣରେ ଆହତଙ୍କୁ ମାଗଣା ଚିକିତ୍ସା

ଢେଙ୍କାନାଳ,୧୨ ।୨(ସମିସ): ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଲୋଚାପଲୀ ଗ୍ରାମରେ ଗତ ୧୦ ତାରିଖ ଜାଳେଣି କାଠ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିବା ସମୟରେ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ଗୁରୁବାର ସର୍ବେଶ୍ୱର ମେମୋରିଆଲ ହସ୍ପିଟାଲ ତରଫରୁ ମାଗଣା ଚିକିତ୍ସା ପ୍ରଦାନ କରାଯାଇଛି।



ହାତୀ ଆକ୍ରମଣରେ ଗ୍ରାମର ଇନ୍ଦୁମତୀ ପଧାନ (୬୦), ଟୁନି ବେହେରା (୫୦) ଓ କୁନ୍ତ ପଧାନଙ୍କ ମୃତ୍ୟୁ ଘଟିଥିଲା। ଆହତ ରମା ଦେହୁରୀ, ସୁଦର୍ଶନ ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ଲିଲି ଦେହୁରୀ, କବିତା ଦେହୁରୀ, ଅହଲ୍ୟା ପ୍ରଧାନ ଏବଂ ପାଖିଲି ପ୍ରଧାନଙ୍କୁ ହସ୍ପିଟାଲରେ ଡାକ୍ତର ଶାନ୍ତିଭୂଷଣ ପଣ୍ଡାଙ୍କ ଦ୍ୱାରା ମାଗଣା ଚିକିତ୍ସା କରାଯାଇଛି।

# ବିଦ୍ୟାଳୟରେ ରାଧାନାଥ ରଥଙ୍କ ଶ୍ରାଦ୍ଧବାର୍ଷିକୀ



ଢେଙ୍କାନାଳ,୧୨ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଗୁଣ୍ଡିଚାପଡ଼ା ପଞ୍ଚାୟତ ବେଶାଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡ. ରାଧାନାଥ ରଥଙ୍କ ୨୮ ତମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ ଯୋଗଦେଇ ଓଡ଼ିଶାର ବିକାଶଠାରୁ ଆରମ୍ଭ କରି ଅର୍ଥ, ଜଙ୍ଗଲ ଓ ଶିକ୍ଷା ମନ୍ତ୍ରୀ ଭାବେ ଡ. ରଥ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସେ ମୁଖ୍ୟମନ୍ତ୍ରୀ ପଦ ପ୍ରତ୍ୟାଖ୍ୟାନ କରି ଡ. ବିଶ୍ୱନାଥ ଦାଶଙ୍କୁ ଏହି ପଦରେ ବସାଯିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବେଶାଳିଆ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇଥିଲେ। ପଦ୍ମଭୂଷଣ ଡ. ରାଧାନାଥ ରଥ ଜୟନ୍ତୀ କମିଟି ଢେଙ୍କାନାଳର ସଭାପତି ପ୍ରଦ୍ୟୁମ୍ନ ରଥ ସଭାରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଣ୍ଡିଚାପଡ଼ା ସରପଞ୍ଚ ସୁଜାତା ପ୍ରଧାନ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଚାରୁଲତା ବେହେରା ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଅଶେଷ ମହାପାତ୍ର ସଭା ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ଜୟନ୍ତୀ କମିଟି ପକ୍ଷରୁ ଖାତା, ପେନ୍ ଓ ହନୁମାନ ଚାଳିଶା ବହି ପ୍ରଦାନ କରାଯାଇଥିଲା।

# ଢେଙ୍କାନାଳରେ ଭାରତ ବନ୍ଦ ସଫଳ




ଢେଙ୍କାନାଳ,୧୨ ।୨(ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସଂଯୁକ୍ତ କୃଷକ ମୋର୍ଚ୍ଚା, ସ୍ୱାଧୀନ ଶ୍ରମିକ ଫେଡେରେସନ, ବିଦ୍ୟୁତ ଉପଭୋକ୍ତା ମହାସଂଘ ମିଳିତ ଡାକରାରେ ଗୁରୁବାର ଅନୁଷ୍ଠିତ ଭାରତ ବନ୍ଦ ଢେଙ୍କାନାଳରେ ସଫଳ ହେଇଛି। ଶ୍ରମ ସମୟ ୮ ଘଣ୍ଟା କରିବା, ମାଲିକ ଗୋଷ୍ଠୀ ସପକ୍ଷରେ ପ୍ରଚଳିତ ୪ ଶ୍ରମ କୋଡ୍ ପ୍ରତ୍ୟାହାର, ସମସ୍ତ ସ୍କିମ୍ ଶ୍ରମିକଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ପୁରୁଣା ପେନସନ ବ୍ୟବସ୍ଥା ପ୍ରଚଳନ, ସର୍ବନିମ୍ନ ପେନସନ ୯ ହଜାର ଟଙ୍କା, ନିୟମିତ କାର୍ଯ୍ୟରେ ଠିକା ଶ୍ରମିକ ବ୍ୟବସ୍ଥା ଉଚ୍ଛେଦ ଆଦି ଦାବି ନେଇ ଏହି ବନ୍ଦ ପାଳନ କରାଯାଇଥିଲା। ଏହି ଅବସରରେ ବାଜିଚୌକରୁ ଶୋଭାଯାତ୍ରା ବାହାରିଥିଲା। କୃଷକ ସଭା ଜିଲ୍ଲା ସମ୍ପାଦକ ସରୋଜ ଶତପଥୀ, ଆଇଏନଟିୟୁସି ନେତା ଅଯୋଧ୍ୟା ସାହୁ, ଏଲପିଏଫର ସ୍ୱରୂପାନନ୍ଦ ଦାଶ, ସିଆଇଟିୟୁ ଜିଲ୍ଲା ସମ୍ପାଦକ ସର୍ବଜ୍ଞ ସାହୁ, ଏଟିୟୁସିର ବରିଷ୍ଠ ନେତା ରବି ରଥ, ଏଆଇସିସିଟିୟୁ ନେତା ଶ୍ରୀନିବାସ ସାହୁ, ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ପୂର୍ବତନ ସଭାପତି ସୁନୀଲ ଦାଶ, ନାରୀନେତ୍ରୀ ସ୍ମିତାରାଣୀ ସାମଲ, ସଦର ବ୍ଲକ ସଭାପତି ଆଜିଦାନନ୍ଦ ବିହାରୀ, ସିପିଆଇଏମର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ବଦ୍ରିନାରାୟଣ ଦାଶ, ରିଲାଏନ୍ସ ଜମିହରା ସଂଘ ତରଫରୁ ଅରୁଣ ସାହୁ, ଅସିତ ରାଉତ, ରିଲାଏନ୍ସ ଛଟେଇ ଶ୍ରମିକ ସଙ୍ଘ ତରଫରୁ ରୋହିତ ବାରିକ, ଶ୍ରୀଧର ମଲ୍ଲିକ, ନନ୍ଦକିଶୋର ବରାଳ, ଅଙ୍ଗନବାଡ଼ି କର୍ମଚାରୀ ନେତ୍ରୀ ସୁଜାତା ନାୟକ ଓ ସାଥୀ ହରପ୍ରିୟା ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଆନ୍ଦୋଳନକାରୀମାନେ ମୁଖ୍ୟ ରାସ୍ତାରେ ଦୋକାନ ବଜାର ଇତ୍ୟାଦି ବନ୍ଦ କରିବାକୁ ଅନୁରୋଧ କରି ସ୍ଲୋଗାନମାନ ଦେଇ ରାସ୍ତା ଅବରୋଧ କରିଥିଲେ। ଏହି ଆନ୍ଦୋଳନ ପ୍ରତି ଢେଙ୍କାନାଳ ବାର ଆସୋସିଏସନ ସମର୍ଥନ କରିଥିଲା। ଶୋଭାଯାତ୍ରା ଜିଲ୍ଲାପାଳଙ୍କ ଅଫିସ ଆଗରେ ପହଞ୍ଚିବା ପରେ ସେଠାରେ ଧାରଣା ଓ ପ୍ରତିବାଦ ସଭା କରାଯାଇଥିଲା। ଆନ୍ଦୋଳନ ପ୍ରତି ଜନଗଣଙ୍କର ସ୍ୱତଃ ସମର୍ଥନ ରହିଥିଲା। ଦୋକାନ ବଜାର, ବ୍ୟାଙ୍କ, ବୀମା କାର୍ଯ୍ୟାଳୟକୁ ଆନ୍ଦୋଳନକାରୀମାନେ ବନ୍ଦ କରିଥିଲେ।

**କାମାକ୍ଷାନଗର:** କାମାକ୍ଷାନଗରରେ ଭାରତ ବନ୍ଦ ସଫଳ ହୋଇଛି। ବରିଷ୍ଠ କଂଗ୍ରେସ ନେତା ବିପ୍ରବର ସାହୁଙ୍କ ନେତୃତ୍ୱରେ ଆନ୍ଦୋଳକାରୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ। ମନରେଗାର ନାମ ପରିବର୍ତ୍ତନ କରିବା ସହ ମହାତ୍ମା ଗାନ୍ଧୀଙ୍କ ନାମକୁ କାଟିବା, ସ୍ମାର୍ଟ ମିଟର ଲଗାଇ ଲୋକଙ୍କଠାରୁ ଜିଜିଆ କର ଭଳି ପିଟୁଣି ଟ୍ୟାକ୍ସ ଆଦାୟ, ଶ୍ରମିକମାରଣ ନୀତି, ଚାଷୀଙ୍କୁ ସମ୍ପୂର୍ଣ୍ଣ ରୂପେ ହତାଶ କରିବା, ମଣ୍ଡିରେ ଧାନ ୫ରୁ ୧୫ କେଜି ପର୍ଯ୍ୟନ୍ତ କଟନୀଛଟନୀ, ପ୍ରକୃତ ଚାଷୀଙ୍କୁ ଟୋକନ ନ ମିଳିବା, ବେକାରୀ ସମସ୍ୟା, ସୁଭଦ୍ରା ଯୋଜନା କରି ମହିଳାମାନଙ୍କୁ ଠକିବା, ପଲ୍ୟୁସନ ସାର୍ଟିଫିକେଟ ନାଁରେ ଜରିମାନା ଆଦାୟ, ବିପର୍ଯ୍ୟନ୍ତ ଆଇନଶୃଙ୍ଖଳା, ୩୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ବିଲ୍ ଛାଡ଼ କରିବା ଭଳି ମିଛ ପ୍ରତିଶ୍ରୁତି, ୩୦୦୦ ଟଙ୍କା ଭତ୍ତା ଦେବାକୁ କହି ଲୋକଙ୍କୁ ଠକିବା, ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା ଦେବାକୁ କହି ଚାଷୀଙ୍କୁ ଠକିବା, ସମସ୍ତ ପ୍ରତିଶ୍ରୁତି ଦେଇ କୌଣସି କାର୍ଯ୍ୟ ନ କରିବା, ଦରଦାମ ବୃଦ୍ଧି ଆଦି ପ୍ରତିବାଦରେ ଏହି ବନ୍ଦ ପାଳନ କରାଯାଇଥିଲା। ବନ୍ଦକୁ ସମର୍ଥନ କରି କାମାକ୍ଷାନଗର ସହରରେ ଦୋକାନ ବଜାର ବନ୍ଦ ରହିବା ସହ ଗାଡ଼ି ଚଳାଚଳ ମଧ ବନ୍ଦ ରହିଥିଲା।

ଏହି ଆନ୍ଦୋଳନରେ କାମାକ୍ଷାନଗର ଏନଏସି ନଗର ସଭାପତି କମାକ୍ଷା ପ୍ରସାଦ ପଣ୍ଡା ସହଯୋଗ କରିଥିବା ବେଳେ କଂଗ୍ରେସ ନେତା ଅଯୋଧ୍ୟା ପ୍ରସାଦ ଶତପଥୀ, ସଞ୍ଜୀବ କୁମାର ବେହେରା, ଦୁଃଶାସନ ସାହୁ, ପ୍ରଭୁଦତ୍ତ ଭଟ୍ଟ, ସୁଧାକର ଜେନା, ମୁନା ରାଉତ, ଦିଲୀପ ସାସମଲ, ଅଭୟ ମହାପାତ୍ରଙ୍କ ସମେତ ଶତାଧିକ ଆନ୍ଦୋଳନକାରୀ ସାମିଲ ହୋଇଥିଲେ।



## ଢେଙ୍କାନାଳରେ ୩ ମହିଳାଙ୍କୁ ହାତୀ ମାରିବା ଘଟଣା

# ପଦକ୍ଷେପ ନେବାକୁ ଅନୁରୋଧ କଲେ ସାଂସଦ

ଢେଙ୍କାନାଳ,୧୨ ।୨(ସମିସ): ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଲୋଚାପଲ୍ଲୀ ଗ୍ରାମରେ ତିନି ମହିଳାଙ୍କୁ ହାତୀ ମାରିବା ଘଟଣାକୁ ନେଇ ସାଂସଦ ରୁଦ୍ରନାରାୟଣ ପାଣି ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଏବଂ ଭୁପେନ୍ଦ୍ର ଯାଦବଙ୍କୁ ଚିଠି ଲେଖି ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଗତ ୧୦ ତାରିଖ ସଦର ରେଞ୍ଜ କାଇମାଟି ପଞ୍ଚାୟତ ଆଛନ୍ଦ ଏବଂ ଲୋଚାପଲ୍ଲୀରେ ତିନିଜଣ ଗରିବ ମହିଳାଙ୍କୁ ହାତୀ ଦଳିଚକଟି ମାରିଦେଇଥିଲା। ସେହିପରି ୨୦୨୫ରେ ହିନ୍ଦୋଳ ରେଞ୍ଜ ବାଘଧରିଆରେ ମଧ ସମାନ ଭାବେ ହାତୀ ତିନିଜଣଙ୍କୁ ମାରିଥିଲା। ଅନୁଗୋଳ ଏବଂ ଢେଙ୍କାନାଳ ହାତୀପ୍ରବଣ ଜିଲ୍ଲା ଭାବେ ପରିଚିତ ଥିବା ବେଳେ ହାତୀ ଆକ୍ରମଣରେ ପ୍ରତିଦିନ ଜୀବନହାନି ଘଟୁଛି। ଏହି ଘଟଣାକୁ ନେଇ ୩୭୭ ନିୟମ ଆଧାରରେ ସେ ଲୋକସଭାରେ ପ୍ରଶ୍ନ କରିଥିଲେ। ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ରାଜ୍ୟ ସରକାରଙ୍କ ସହ ବିସ୍ତୃତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି।

## ଏସ୍‌ଏସ୍‌ଜି ମହିଳାଙ୍କ ଟଙ୍କା ଆତ୍ମସାତ ଅଭିଯୋଗ

# ଏତଲା ଗ୍ରହଣ କରୁନି ପୁଲିସ

ଖଜୁରିଆକଟା,୧୨ ।୨(ସମିସ): ହିନ୍ଦୋଳ ଉପଖଣ୍ଡରେ ଏସଏସଜି ମହିଳାମାନେ ଠକେଇର ଶିକାର ହୋଇଥିବା ବେଳେ ବାଲିମି ଗ୍ରାମର ମା' ଆଦିଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ ଏ ନେଇ ବାଲିମୀ ଥାନାରେ ଅଭିଯୋଗ କରିଛନ୍ତି। ବାଲିମି ଥାନା ରଞ୍ଜାଗୋଳ ଗ୍ରାମର ବିଦ୍ୟାଧର ସାହୁଙ୍କ ସ୍ତ୍ରୀ ସୁପ୍ରିୟା ସାହୁ ନିଜେ ସଭାପତି ରହି ୧୦ ସଭ୍ୟାଙ୍କୁ ନେଇ ମା' ଆଦିଶକ୍ତି ଏସଏସଜି ଗଢ଼ି ମାସକୁ ୨ ହଜାର ଟଙ୍କା ନିଜେ ଆଦାୟ କରି ବ୍ୟାଙ୍କରେ ରଖିବା ଆରମ୍ଭ କରିଥିଲେ। ସଙ୍ଘ ନାମରେ ୨୦୨୧-୨୨ରେ ସ୍ଥାନୀୟ ଷ୍ଟେଟବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଋଣ ଆଣି ଶୁଝାଯାଇଥିଲା। ସଙ୍ଘ ଦେୟ ୪୯ ହଜାର ଓ ସବସିଡି ୨୮ ହଜାର ମିଶି ସମୁଦାୟ ୭୭ ହଜାର ଟଙ୍କା ବ୍ୟାଙ୍କ ଜମା ରହିଥିଲା। ୨୦୨୩ରେ ୫ଲକ୍ଷ ଟଙ୍କା ଋଣ ଅଣାଯାଇଥିଲା। ଏଥିସହ ମାସିକ ଋଣ ୧୮ ହଜାର ୪୦୦ ଓ ସଭ୍ୟାଦେୟ ୧୮ ଶହ ମିଶି ୨୦ ହଜାର ୨ଶହ ଦୁଇବର୍ଷ ପାଇଁ ସମୁଦାୟ ୪ଲକ୍ଷ ୮୪ହଜାର ୪ଶହ ଟଙ୍କା ଶୁଝିବା ଆଳରେ ସଭାନେତ୍ରୀ ସୁପ୍ରିୟା ସାହୁ ତାହାକୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଗତ ଜାନୁଆରୀରେ ଆୟବ୍ୟୟ ହିସାବ ପାଇଁ ବୈଠକ ଡାକିବାକୁ କହିବାରୁ ସୁପ୍ରିୟା ସାହୁ ଧରାଛୁଆଁ ଦେବା ତ ଦୂରର କଥା ଗାଁ ଛାଡ଼ି ଫେରାର ହୋଇଯାଇଥିଲେ। ଏ ନେଇ ସମ୍ପାଦିକା ଗିନି ପଟ୍ଟନାୟକ ଓ ସଦସ୍ୟାମାନେ ବ୍ୟାଙ୍କରେ ବୁଝିବା ପରେ କିଛି ଟଙ୍କା ପୈଠ ହୋଇ ନ ଥିବା ଦେଖି ମୂଳଟଙ୍କା ସହ ପ୍ରାୟ ୭ଲକ୍ଷ ଟଙ୍କାରୁ ଖାତାରେ ରହିଛି। ଏହାକୁ ନେଇ ବାଲିମି ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ ନ କରି ମହିଳାମାନଙ୍କୁ ଫେରାଇଦେଇଥିବା କହିଛନ୍ତି। ଅଭିଯୋଗ କରିଥିବା ଆଦିଶକ୍ତି ଏସଏସଜିର ସମ୍ପାଦିକା ଗିନି ପଟ୍ଟନାୟକ, ସଦସ୍ୟା କୃଷ୍ଣପ୍ରିୟା ମହାପାତ୍ର, ଖୁସି ମହାଲିକ, ଝିଲିବାଳା ସାହୁ, ସୁଜାତା ରାଉତ, ବନିତା ଦାସ, ସରୋଜିନୀ ବେହେରା, ଗୀତାଞ୍ଜଳି ବେହେରା ପ୍ରମୁଖ ହିନ୍ଦୋଳ ସିଡିପିଓଙ୍କୁ ମଧ ଅଭିଯୋଗ କରିଛନ୍ତି।



# ଅଙ୍ଗନବାଡ଼ି କର୍ମୀଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ




ଢେଙ୍କାନାଳ,୧୨ ।୨(ସମିସ): ସଦର ବ୍ଲକ୍‌ର ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଗୁରୁବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ଏପ୍ରିଲ ମାସରୁ ଏପର୍ଯ୍ୟନ୍ତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଚାଉଳ ଦେବାରେ ଅନିୟମିତତା ଦେଖାଦେଇଛି। ଅଙ୍ଗନବାଡ଼ି କର୍ମୀ ୩ କ୍ୱିଣ୍ଟାଲ୍ ଚାଉଳ ପାଇଁ କହୁଥିବାବେଳେ ୫୦ କିଲୋ ଚାଉଳ ଦିଆଯାଉଛି। କିଛି କେନ୍ଦ୍ରରେ ଆଦୌ ଚାଉଳ ଦିଆଯାଉନାହିଁ। ଏ ବିଷୟରେ ସିଡିପିଓ କହିଲେ ଜିଲ୍ଲା ଅଧିକାରୀଙ୍କୁ ପଚାରିବାକୁ କହିଛନ୍ତି। ଗତ ନଭେମ୍ବର, ଡିସେମ୍ବର ଓ ଜାନୁଆରୀ ମାସର ରୋଷେଇ ଓ ଅଣ୍ଡା ଟଙ୍କା ଅଦ୍ୟାବଧି ମିଳିନାହିଁ। ୧୪ରୁ ୧୮ ବର୍ଷ ଓ ୧୮ରୁ ୧୯ ବର୍ଷ କିଶୋରୀ ବାଳିକାଙ୍କ ଅଣ୍ଡା ଟଙ୍କା ୨୦୨୫ ଜୁଲାଇରୁ ମିଳନାହିଁ। ସାରା ରାଜ୍ୟରେ ଜାନୁଆରୀ ମାସର ଦରମା ମିଳିଥିବା ବେଳେ ଠିକ ସମୟରେ ଦରମା ୟୁସି ସିଡିପିଓଙ୍କୁ ପଠାଇ ନ ଥିବାରୁ ଏମାନଙ୍କୁ ଜାନୁଆରୀର ଦରମା ଏପର୍ଯ୍ୟନ୍ତ ମିଳିନାହିଁ। ଅଗଷ୍ଟ ମାସରେ ଆସିଥିବା ଜୋତାମୋଜା ଟଙ୍କାକୁ ୩ ଥରରେ ଜମା ଖାତାକୁ ପଠାଇ ମଧ ଯାହାର ୩୦ ପିଲାକୁ ୧୫୦୦ ଟଙ୍କା, ୪୦ ପିଲାକୁ ୧୮୦୦ ଟଙ୍କା ଏଭଳି ଟଙ୍କା ପଠାଇଥିଲେ। ଯାହାପାଇଁ କର୍ମୀମାନେ ହାତରୁ ଟଙ୍କା ଦେଇ ଜୋତାମୋଜା ଦେଇଥିଲେ ମଧ ଏହି ଟଙ୍କା ଏପର୍ଯ୍ୟନ୍ତ ପାଇନାହାନ୍ତି। ଏସବୁ ସମସ୍ୟା ନେଇ ସଂଘ ତରଫରୁ ରାଜ୍ୟ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ପୂର୍ଣ୍ଣିମା ତ୍ରିପାଠୀ, ମାନସୀ ମହାପାତ୍ର, ମମତା ଦେବୀ, କ୍ରିଷ୍ଣାମୟୀ, ଶୈଳବାଳା ରାଉତ, ସନ୍ଧ୍ୟା ମିଶ୍ର, ପ୍ରତିମା ସାହୁ, ସୁନିତା ବେହେରା, ମମତା ସାହୁ, ରସବତୀ ସାହୁ, ରୀନା ସାହୁ, ଏଆଇଟିୟୁସି ଜିଲ୍ଲା ସଭାପତି ରବି ରଥ, ସମ୍ପାଦକ ନାରାୟଣ ନାୟକ ଓ ସଦର ବ୍ଲକ୍‌ର ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ଲିଖିତ ଭାବେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ଅଭିଯୋଗ କରିଛନ୍ତି।

# ବାପୁଜୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



କଙ୍କଡ଼ାହାଡ଼,୧୨ ।୨(ସମିସ): କଙ୍କଡାହାଡ଼ ବ୍ଲକ ଗଡ଼ପଳାଶୁଣି ପଞ୍ଚାୟତ ଗଡ଼ପଳାଶୁଣିସ୍ଥିତ ପିଏଶ୍ରୀ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେଇଛି। ପ୍ରଧାନଶିକ୍ଷକ ମାଧବାନନ୍ଦ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଗଙ୍ଗାଧର ବୈଠାରୁ ଯୋଗଦେଇ ପିଲାମାନେ ପାଠପଢ଼ା ସହ କ୍ରୀଡ଼ା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରହରି ବେହେରା ଯୋଗଦେଇ କ୍ରୀଡ଼ା ଶିକ୍ଷାର ମୁଖ୍ୟ ଅଙ୍ଗ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗଡ଼ପଳାଶୁଣି ସରପଞ୍ଚ ମଞ୍ଜୁଲତା ରାଉଳ ଯୋଗଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ କାହ୍ନୁଚରଣ ସାହୁ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଇଥିଲା।

# ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କାମାକ୍ଷାନଗର,୧୨ ।୨(ସମିସ): ସ୍ଥାନୀୟ ପିଏମଶ୍ରୀ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର, କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଅଶ୍ୱିନୀ ମହାପାତ୍ର, ଯୁବ ସମାଜସେବୀ ସରୋଜକାନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ବିଦ୍ୟାଳୟ ଚଳିତ ବର୍ଷ ୮୦ ବର୍ଷରେ ପଦାର୍ପଣ କରିଥିବା ବେଳେ ଅଞ୍ଚଳରେ ଶିକ୍ଷାର ବିକାଶ କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱ ବହନ କରୁଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସ୍ମରଣିକା 'କାମାକ୍ଷା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ରେଡିଓ ଢେଙ୍କାନାଳ ପରିଚାଳନା କମିଟି ବୈଠକ



ଢେଙ୍କାନାଳ,୧୨ ।୨(ସମିସ): ସ୍ଥାନୀୟ ଶୋଭା କାର୍ଯ୍ୟାଳୟରେ ଗୁରୁବାର ରେଡିଓ ଢେଙ୍କାନାଳ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଛି। ରେଡିଓ କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ସହ ଏହାକୁ ଜନସାଧାରଣଙ୍କ ସ୍ୱର ଭାବେ ଗଢ଼ିତୋଳିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଛି। ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରେଡିଓ ଢେଙ୍କାନାଳ ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟା ଓ ବିଚାରଧାରାକୁ ଉପଯୁକ୍ତ ମଞ୍ଚ ପ୍ରଦାନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଏବଂ ସମାଜ ମଙ୍ଗଳ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରସାରଣ କରିବା ସହ ସ୍ଥାନୀୟ ଲୋକକଳା, ସଂସ୍କୃତି, ଯୁବ ଓ କ୍ରୀଡ଼ା, ସାମାଜିକ କଲ୍ୟାଣ, ଉଦ୍ୟୋଗ ଏବଂ ନବସୃଜନ, ଜୀବନଜୀବିକା, ଗ୍ରାମୀଣ ଉନ୍ନତି, ସାମାଜିକ ସମସ୍ୟା, ନାଗରିକ ସଚେତନତା, ଗୋଷ୍ଠୀ ସମ୍ପୃକ୍ତି, ସମ୍ପ୍ରଦାୟ ସମ୍ପର୍କ, ପରିବେଶ ଓ ପରିମଳ ସଚେତନତା, ସଙ୍ଗୀତ ଓ ପରମ୍ପରାର ସଂରକ୍ଷଣ ତଥା ପ୍ରୋତ୍ସାହନ ଉପରେ ମଧ ଗୁରୁତ୍ୱାରୋପ କରାଯାଇଛି। ଏହାସହ ସମାଜରେ ସମାବେଶୀକରଣ ଓ ସାମାଜିକ ସଂହତି ବଜାୟ ରଖିବା ପାଇଁ ଗୋଷ୍ଠୀଗତ ଅଂଶଗ୍ରହଣକୁ ଅଧିକ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ମୁଁ ନାଟୁଆ ସାଂସ୍କୃତିକ ଗୋଷ୍ଠୀର ନିର୍ଦ୍ଦେଶକ ବିଜୟ କୁମାର ମିଶ୍ର, ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର, ରୋଟାରିଆନ୍ ରାଜକିଶୋର ବେହେରା, କୃଷି ବିଶେଷଜ୍ଞ ବିଷ୍ଣୁପ୍ରସାଦ କର, ସମାଜସେବୀ ରୋଟାରିଆନ୍ ବିରଞ୍ଚି ନାରାୟଣ ପାଣି, ପୂର୍ବତନ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବହୁମୂଲ୍ୟ ପରାମର୍ଶ ପ୍ରଦାନ କରିଥିଲେ। ବୋର୍ଡ ସଦସ୍ୟା ରୋଟାରିଆନ୍ ସସ୍ମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାଗର ଯାତ୍ରା ପାଇଁ ସଜେଇ ହେଲାଣି କପିଳାସ ପୀଠ



ଗଁଦିଆ,୧୨ ।୨(ସମିସ): ଜାଗର ଯାତ୍ରା ପାଇଁ ବାବା ଚନ୍ଦ୍ରଶେଖରଜୀଉଙ୍କ କପିଳାସ ଏବେ ସଜେଇ ହେଲାଣି। ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳା ସହ ଯେପରି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ସେଥିପାଇଁ ପ୍ରସ୍ତୁତି ପର୍ବ ଜୋରସୋରରେ ଚାଲିଛି। ପ୍ରତ୍ନତତ୍ତ୍ୱ ଓ ଦେବୋତ୍ତର ବିଭାଗ କର୍ମଚାରୀମାନେ ଦିନରାତି ଏକ କରି ଲାଗି ପଡ଼ିଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲପାଳଙ୍କଠାରୁ ଆରମ୍ଭ କରି ଏସ୍‌ପି, ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲପାଳଙ୍କ ସମେତ ଅନ୍ୟ ପ୍ରମୁଖ ଅଧିକାରୀମାନେ ପ୍ରତିଦିନ ଏଠାକୁ ଆସି ପ୍ରସ୍ତୁତି କାର୍ଯ୍ୟର ତଦାରଖ କରୁଛନ୍ତି। ଚନ୍ଦ୍ରଶେଖରଜୀଉ ମହାପ୍ରଭୁ ପୂଜା ପାଉଥିବା ବଡ଼ ଦେଉଳ, ପାର୍ବତୀ ମନ୍ଦିର, ବିଶ୍ୱନାଥ ମନ୍ଦିର, ନାରାୟଣ ମନ୍ଦିର, ହନୁମାନ ମନ୍ଦିରରେ ଚୁନଲିପା କାର୍ଯ୍ୟ ସମ୍ପନ୍ନ ହେବା ସହ ରଙ୍ଗ ଲେପନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ଅନ୍ୟାନ୍ୟ ଛୋଟ ମୋଟ ମରାମତି କାର୍ଯ୍ୟ ପରେ ପାର୍ଶ୍ୱ ଦେବଦେବୀଙ୍କ ଚୁନଲିପା କାର୍ଯ୍ୟ ସମ୍ପନ୍ନ ହୋଇ ଛୋଟମୋଟ କାରୁକାର୍ଯ୍ୟରେ ରଙ୍ଗଲେପ କାମ ସମ୍ପୂର୍ଣ୍ଣ ହୋଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଏହି ପୀଠରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମୁଖ୍ୟ ମନ୍ଦିରଠାରୁ ଆରମ୍ଭ କରି ସମସ୍ତ ସ୍ଥାନ ସଫାସୁତୁରା କାର୍ଯ୍ୟ ଚାଲିଛି।

ଫଟୋ-୫୮ -

THE BISRA STONE LIME COMPANY LIMITED
CIN: L14100OR1910GO1033904
Regd. Office :Plot No:255, Pristine Green, Pokhariput, Bhubaneswar-751020

STATEMENT OF FINANCIAL RESULTS FOR THE NINE MONTH ENDED 31ST DECEMBER'2025
(Rs.in Lakhs)

| Sl. No. | Particulars | Nine Month Ended 31.12.2025 (Reviewed) | Nine Month Ended 31.12.2024 (Reviewed) | Year Ended 31.03.2025 (Audited) |
|---|---|---|---|---|
| 1 | Total Income from Operation (including Other Income) | 6,740.37 | 4,792.72 | 6,260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 1,063.96 | 691.11 | 671.34 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 1,063.96 | 691.11 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 697.62 | 453.75 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 697.62 | 453.75 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,482.66) | (21,219.49) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.80 | 0.52 | 0.50 |
| | (ii) Diluted | 0.80 | 0.52 | 0.50 |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Visakhapatnam
Date: 12th February' 2026

## ବାଇକ୍‌କୁ ପିଟି କଣ୍ଟେନର ଜଳିଗଲା, ଜଣେ ମୃତ

ଟାଙ୍ଗୀ,୧୨।୨ (ସମିସ) : ଗତକାଲି ରାତି ପ୍ରାୟ ସାଢେ ବାରଟା ସମୟରେ ଚାନ୍ଦପୁର ଥାନା ଅଧୀନସ୍ଥ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଦୁଇଜଣ ସାଙ୍ଗ ଟାଙ୍ଗୀରୁ ନିଜଗ୍ରାମ କୃଷ୍ଣଚନ୍ଦ୍ରପୁରକୁ ମଟର ସାଇକେଲରେ ଫେରୁଥିବା ସମୟରେ ପଛପଟୁ ଆସୁଥିବା ଏକ କଣ୍ଟେନର ଖୁବ ଜୋରରେ ଧକ୍କା ଦେବାଫଳରେ ବାଇକ ଆରୋହୀଙ୍କ ମଧ୍ୟରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ସାଙ୍ଗ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ଘଟଣାରୁ ଜଣାପଡିଛି କୃଷ୍ଣଚନ୍ଦ୍ରପୁର ଅରଖପଦାର ଦୁଇ ସାଙ୍ଗ ବଟକୃଷ୍ଣ ସାହୁ ଏବଂ ଦୀପକ ସାହୁ ଚାନ୍ଦପୁର ବଜାର ଦେଇ ନିଜ ଗ୍ରାମକୁ ଫେରୁଥିଲେ। ୧୬ ନମ୍ବର ଜାତୀୟ ରାଜପଥ ଚମ୍ପାଗଡ଼ ଛକ ଠାରୁ କିଛି ଦୂରରେ ପଛପଟୁ ଖୁବ ଜୋରରେ ଆସୁଥିବା ଏକ ଇଲେକ୍ଟ୍ରୋନିକ୍ ଜିନିଷ ବୋହେଇ କଣ୍ଟେନର ମୋଟର ସାଇକେଲ କୁ ପଛପଟୁ ଧକ୍କା ଦେବା ଫଳରେ ବାଟକୃଷ୍ଣ ସାହୁଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। କିନ୍ତୁ କଣ୍ଟେନରଟି ମଟର ସାଇକେଲକୁ କିଛିଦୂର ଘୋଷାରି ନେଇଥିଲା ଏବଂ ଦୀପକ ଗୁରୁତର ଆହତ ହୋଇଥିଲେ। ଅନ୍ୟ ପକ୍ଷରେ ମଟର ସାଇକେଲ ଘୋଷାଡି ହୋଇ ପେଟ୍ରୋଲ ଗାଡି ଯୋଗୁ ନିଆଁ ଲାଗିଯାଇ ଖୁବ ଜୋରରେ ଜଳିବାକୁ ଲାଗିଥିଲା ଯାହାଫଳରେ କଣ୍ଟେନରରେ ନିଆଁ ଲାଗି ଗାଡିଟି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଚାନ୍ଦପୁର ଥାନା ଆଇଆଇସି ଅଭୟ କୁମାର ବେହେରା, ସବଇନସପେକ୍ଟର ଆଶିଷ କୁମାର ନାୟକଙ୍କ ସମେତ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଆହତ ଦୀପକଙ୍କୁ ଚାନ୍ଦପୁର ହସପିଟାଲ ରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। କଣ୍ଟେନର ଡ୍ରାଇଭରଙ୍କୁ ଅଗ୍ନିଦଗ୍ଧ ହୋଇଥିବା ଜଣାପଡିଛି। ଚାନ୍ଦପୁର ପୁଲିସ ଏକ ମକଦମା କରି ଘଟଣାର ତଦନ୍ତ କରୁଛି।

## ବାଇକ୍ ଧକ୍କାରେ ବୃଦ୍ଧ ଗୁରୁତର

ଚିଲିକା, ୧୨।୨(ସମିସ) : ଆଜି ୧୬ନମ୍ବର ଜାତୀୟରାଜପଥ କହ୍ନେଇପୁର ଛକ ଠାରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଥିବା ବେଳେ ବାଇକ୍ ପଛରେ ବସିଥିବା ବ୍ୟକ୍ତି ଜଣକ ଛିଟିକି ପଡି ଚେତାଶୂନ୍ୟ ହୋଇପଡ଼ିଥିଲେ।

ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଗୋଟିଏ ବାଇକ୍ ରେ ଦୁଇ ଜଣ ବ୍ୟକ୍ତି ବସି ଦ୍ରୁତ ଗତିରେ ଯାଉଥିଲେ। ନାରୁଣୀ ଥାନା ଅଧିନ ୧୬ ନମ୍ବର ଜାତୀୟ ରାଜପଥ କହ୍ନେଇ ପୁର ଛକ ଠାରେ କହ୍ନେଇପୁର ଗ୍ରାମର ଅଲିଆ ସାହୁ ସାଇକେଲ ଚଳାଇ ଆସୁଥିବା ବେଳେ ବାଇକଟି ତାକୁ ଧକ୍କା ଦେଇ ଥିଲା। ଫଳରେ ଅଲିଆ ସାହୁ ତଳେ ପଡ଼ିଯିବା ସହ ଗୁରୁତର ଭାବେ ଆହତ ହୋଇଥିଲେ। ଅନ୍ୟପଟେ ବାଇକ୍ ପଛ ସିଟରେ ବସିଥିବା ଆରୋହୀ ଜଣଙ୍କ ଖଣ୍ଡେ ଦୂରରେ ଛିଟିକି ପଡି ଚେତା ଶୂନ୍ୟ ହୋଇ ଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରଚୁର ରକ୍ତ ସ୍ରାବ ହୋଇଥିଲା। ଦୁର୍ଘଟଣା ଘଟାଇବା ପରେ ବାଇକ୍ ଚାଳକ ସେଠାରୁ ଦ୍ରୁତ ଗତିରେ ଗାଡି ନେଇ ପଳାଇ ଥିଲା। ଦୁର୍ଘଟଣା ଖବର ପାଇ ନାରୁଣୀ ଥାନା ପୁଲିସ୍ ତୁରନ୍ତ ସେଠାରେ ପହଞ୍ଚିଥିଲା। ଦୁଇ ଗୁରୁତରଙ୍କୁ ବାଲୁଗାଁ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ପଠାଇବା ସହ ନାରୁଣୀ ପୁଲିସ ତଦନ୍ତ ଚାଲୁ ରଖିଛନ୍ତି।

# ଖୋର୍ଦ୍ଧାରେ ଭାରତ ବନ୍ଦ ଆଂଶିକ ସଫଳ










ଖୋର୍ଦ୍ଧା,୧୨।୨(ସମିସ): ନୂଆ ଶ୍ରମ କୋଡ଼୍ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଭିନ୍ନ ଶ୍ରମିକ ସଂଗଠନ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଫଳରେ ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ୧୦ ଶ୍ରମିକ ସଙ୍ଗଠନ ପକ୍ଷରୁ ମିଳିତ ଆହ୍ୱାନ କ୍ରମେ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହି କ୍ରମରେ ଆଜି ଖୋର୍ଦ୍ଧାରେ ସକାଳ ସାଢେ ୬ଟାରୁ ଶ୍ରମିକ ସଂଗଠନ ପକ୍ଷରୁ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ବନ୍ଦ ପାଳନ ସମୟରେ ବିଭିନ୍ନ ଟ୍ରେଡ଼୍ ୟୁନିୟନ(ଶ୍ରମିକ ସଂଗଠନ)ଗୁଡ଼ିକ ପକ୍ଷରୁ ସ୍ଥାନେ ସ୍ଥାନେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ ପ୍ରାୟ ୫ଘଂଟା ହେବ ରାସ୍ତା ଘାଟ ଜାମ କରିବା ସହିତ ଦୋକାନ ବଜାର ଖୋଲିବାକୁ ଦେଇନଥିଲେ। ତେବେ ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ଠାରୁ ହାତରେ ପତାକା, ପୋଷ୍ଟର ବ୍ୟାନର ଆଦି ଧରି ମନରେଗା ବଂଚାଓ, ଜି-ରାମ-ଜି ଆଇନକୁ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ଶ୍ରମ କୋଡ଼୍ ବାତିଲ, ବିଦ୍ୟୁତ ବିଲ ସଂଶୋଧନ, କୃଷକ ବିରୋଧୀ ବିଲ୍‌କୁ ବାତିଲ ଆଦି ଶ୍ରମିକ ଓ କୃଷକ ତଥା ଜନ ବିରୋଧୀ ଆଇନ ବାତିଲ ନାରା ଦେଇ ଆନ୍ଦୋଳନକାରୀମାନେ ଏକ ବିରାଟ ଶୋଭାଯାତ୍ରା କରି ସହର ପରିକ୍ରମା କରିଥିଲେ। ପରେ ସମବାୟ ବ୍ୟାଙ୍କ ଛକରେ ଏକ ପ୍ରତିବାଦ ସଭା ସଂଯୋଜକ ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏ.ଆଇ.ୟୁ.ଟି.ୟୁ.ସି ଖୋର୍ଦ୍ଧା ଜିଲ୍ଲା ସଭାପତି ଅଶୋକ ସାହୁ, ସି.ଆଇ.ଟି.ୟୁ ଜିଲ୍ଲା ଉପସଭପତି ଶୈଳେଶ ବଳିଆରସିଂହ, ସି.ପି.ଆଇ(ଏମ୍) ଖୋର୍ଦ୍ଧା ଲୋକାଲ କମିଟି ସମ୍ପାଦକ କିଶୋର ଚନ୍ଦ୍ର ପରମଗୁରୁ, ଶିକ୍ଷକ ନେତା ସୁରେଶ ବିଶ୍ୱାଳ, ଛାତ୍ରନେତା ଜୟନ୍ତ ମହାନ୍ତି, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ, ବସ୍ତିନେତା କାର୍ତିକ ଚନ୍ଦ୍ର ଘଡ଼େଇ, କଂଗ୍ରେସ ନେତା ରଣଜିତ୍ ମହାପାତ୍ର, ମାଜଦା କଂକ୍ରିଟ ଶ୍ରମିକ ନେତା ଯୋଗେନ୍ଦ୍ର ଦାସ,ପାଚିକାମାନଙ୍କ ପକ୍ଷରୁ ମିନତି ଚମ୍ପତି ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ କରିଥିଲେ।




ପ୍ରାୟତଃ ସକାଳୁ ଦିନ ସାଢେ ୧୧ଟା ପର୍ଯ୍ୟନ୍ତ ସହରରେ ପ୍ରାୟ ସମସ୍ତ ଦୋକାନ, ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ମାତ୍ର ସାଢେ ୧୧ପରେ ସବୁ ଚାଲିଥିଲା। ପୋଷ୍ଟ ଅଫିସ୍, ବ୍ୟାଙ୍କ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଆନ୍ଦୋଳନକାରୀମାନେ ପହଁଚି ବନ୍ଦ କରିଥିବା ଦେଖିବାକୁ ମିଳିଛି। ତେବେ ୧୬ ଓ ୫୭ନଂ ଜାତୀୟ ରାଜପଥ ଉପରେ ଭାରୀଯାନ ଗୁଡ଼ିକ ଲମ୍ବା ଲାଇନରେ ଛିଡ଼ା ହୋଇ ରହିଥିଲେ। କିଛି ସମୟ ପାଇଁ ଜାତୀୟ ରାଜପଥ ଜାମର ଭ୍ରମ ସୃଷ୍ଟି କରିଥିଲା। ମାତ୍ର ସହର ମଧ୍ୟରେ ଗାଡି ଚଳାଚଳ କରୁଥିଲା। ଅପର ପକ୍ଷରେ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଛକରେ ପୁଲିସ ଅଧିକାରୀଙ୍କ ସହ ସୁରକ୍ଷାକର୍ମୀ ମୁତୟନ ହୋଇଥିବା ଦେଖାଯାଇଥିଲା।

**ଭୂଷଣ୍ଡପୁର:** ବାର ଘଣ୍ଟିଆ ଭାରତ ବନ୍ଦ ଡାକରାର ପ୍ରଭାବ ଭୂଷଣ୍ଡପୁରରେ ପଡିଥିଲା। କମ୍ୟୁନିଷ୍ଟର ଆଜୀବନ ସଭ୍ୟ ଜୟ କୃଷ୍ଣ ବେହେରା, ରବୀନ୍ଦ୍ର କୁମାର ବେହେରା, ବ୍ରହ୍ମଚାରୀ ଦାସଙ୍କ ନେତୃତ୍ୱରେ ଆଜି ସମସ୍ତ ବିଦ୍ୟାଳୟ, ଡାକ ଘର ବନ୍ଦ କରିବାସହ ସାହି ଓ ବଜାରରେ ପଦଯାତ୍ରା କରିଥିଲେ। ଏଥିରେ ଅଜୟ ବେହେରାଙ୍କ ସହିତ କିଛି ମହିଳା ସାମିଲ ହୋଇଥିଲେ।

**ବେଗୁନିଆ:** ୧୨ ଘଣ୍ଟିଆ ସର୍ବ ଭାରତୀୟ ବନ୍ଦ ଡାକରା ସଫଳ କରିବା ପାଇଁ ବେଗୁନିଆ ସଦର ମହକୁମାସ୍ଥିତ ପୋଷ୍ଟ ଅଫିସ ଛକ ଠାରେ ଏୟୁଆଇଟିସି ଖୋର୍ଦ୍ଧା ଜିଲ୍ଲାର ନେତା ବସନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ନିଖିଳ ଓଡ଼ିଶା ଆଶା କର୍ମୀ ସଂଘର ବେଗୁନିଆ ଶାଖା ସଭାପତି ଟୁନି ମାନସିଂହ, ସମ୍ପାଦିକା ସୁନ୍ଦରମଣି ସୁନ୍ଦରାୟ, ସଦସ୍ୟ ବାସନ୍ତୀ ପ୍ରଧାନ, କନକ ମାଟି, ନଳିନୀ ମହାରଣା ଓ ବିନିମଣି ସାହୁ ସମେତ ଯୋଗ ଦେଇ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଥିଲେ।

**ବାଲୁଗାଁ:** କେନ୍ଦ୍ରୀୟ ଟ୍ରେଡ଼୍ ୟୁନିୟନ ସମେତ ବାମପନ୍ଥୀ ଦଳ ପକ୍ଷରୁ ଗୁରୁବାର ୧୨ଘଣ୍ଟିଆ ଭାରତ ବନ୍ଦ ଡ଼ାକରା ଦିଆଯାଇଥିବା ବେଳେ ବାଲୁଗାଁ ଓ ବାଣପୁର ଅଞ୍ଚଳରେ ଏହି ବନ୍ଦ ଆଂଶିକ ସଫଳ ହୋଇଛି। ସକାଳେ ସିପିଆଇ ଏମଏଲର ଖୋର୍ଦ୍ଧା ଜିଲ୍ଲା ସଂପାଦକ ମୁରଲିଧର ବେହେରା, ଏଆଇସିସିଟିୟୁ ଜିଲ୍ଲା ସମ୍ପାଦକ ଶରତ ବରାଳ, ସୁରେନ୍ଦ୍ର ନାୟକ ଓ ଲକ୍ଷ୍ମଣ ବେହେରା ପ୍ରମୂଖ ଟ୍ରେଡ଼୍ ୟୁନିୟନ କର୍ମକର୍ତ୍ତା ବାଲୁଗାଁ ବଜାରରେ ପିକେଟିଂ କରି ଖୋଲାଯାଇଥିବା କିଛି ବ୍ୟବସାୟୀ ଅନୁଷ୍ଠାନ ତଥା ଦୋକାନ ବଜାର, ଶିକ୍ଷା ଅନୁଷ୍ଠା, ରାଷ୍ଟ୍ରାୟତ ବ୍ୟାଙ୍କ, ଜୀବନବିମା କାର୍ଯ୍ୟାଳୟ ଓ ସମସ୍ତ ସରକାରୀ କାର୍ଯ୍ୟଳୟ ବନ୍ଦ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ବ୍ୟାପକ ପୋଲିସ ମୁତୟନ କରାଯିବା ସହ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା ଓ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡା ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ପର୍ଯ୍ୟାବରଣ ପଠଶାଳା

ନିରାକାରପୁର,୧୨।୨ (ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ କାଇପଦର ପରିସରରେ +୨ ବିଭାଗର ଜାତୀୟ ସେବା ଯୋଜନା ତରଫରୁ ଏକଦିବସୀୟ ପର୍ଯ୍ୟାବରଣ ପାଠଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପାଠଶାଳାକୁ ମହାବିଦ୍ୟାୟର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କୁ ପାଠଶାଳା ବିଷୟରେ ଦୃଷ୍ଟିଆକର୍ଷଣ କରାଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରତାପ କିଶୋର ଛୋଟରାୟ, ଇତିହାସ ବିଭାଗର ମୁଖ୍ୟ ଡକ୍ଟର ଜନ୍ମେଜୟ ଚୌଧୁରୀ, ଇଂରାଜୀ ବିଭାଗର ଅଧ୍ୟାପକ ମାନସ କୁମାର ଜୟସିଂହ, ଅଧ୍ୟାପିକା ସବିତା ବେହେରା, ଅଧ୍ୟାପିକା ଅଞ୍ଜଳୀ ସାହୁ ଯୋଗ ଦେଇ ପରିବେଶ ସୁରକ୍ଷା ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପାଠଶାଳାକୁ ପରିଚାଳନା କରିଥିଲେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡକ୍ଟର ସୁମନ୍ତ ଦେହେରୀ।

● ଚାନ୍ଦପୁର ପୁଲିସକୁ ମାନବାଧିକାର ଉଲ୍ଲଂଘନ ମହଙ୍ଗା ପଡ଼ିଲା

## ୪ ଲକ୍ଷ ତଣ୍ଡ ଗଣିବେ ତତ୍କାଳୀନ ଆଇଆଇସି ଓ ଏସ୍‌ଆଇ

ଟାଙ୍ଗୀ,୧୨।୨(ସମିସ): ଚାନ୍ଦପୁର ପୁଲିସକୁ ମାନବାଧିକାର ଉଲ୍ଲଂଘନ ମହଙ୍ଗା ପଡ଼ିଲା। ମାନବାଧିକାର କମିଶନ ତଦନ୍ତ କରି ୬ ବର୍ଷ ପରେ ଚାନ୍ଦପୁର ଥାନାର ତତ୍କାଳୀନ ଆଇଆଇସି ଧନେଶ୍ୱର ନାହାକ ଓ ସବ୍‌ଇନସପେକ୍ଟର ଏସୋହାରୋଙ୍କୁ ସମୁଦାୟ ୪ ଲକ୍ଷ ଟଙ୍କା ଅଭିଯୋଗକାରୀଙ୍କୁ ଜରିମାନା ସ୍ୱରୂପ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଳମ୍ବରେ ହେଉ ପଛେ ନ୍ୟାୟ ମିଳିଥିବା ଏ ଘଟଣାରେ ନିର୍ଦ୍ଦୋଷରେ ଛନ୍ଦି ହୋଇଥିବା ଅଭିଯୁକ୍ତ ନିରଂଜନ ମତବ୍ୟକ୍ତ କରିଛନ୍ତି। ଚାନ୍ଦପୁର ଥାନା ଅଧୀନସ୍ଥ ମୟୂରଝାଲିଆ ପଞ୍ଚାୟତ ହରିହରପୁର ଗ୍ରାମର ନିରଂଜନ ନାୟକ ଗତ ୨୦୦୪ ମସିହାରେ ଚାନ୍ଦପୁର ଥାନା ଚାନ୍ଦପୁର ରାମଚଣ୍ଡୀ ସାହିର ରବିନ୍ଦ୍ର କୁମାର ନାୟକ କନ୍ୟା ପୁଷ୍ପଲତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ୨୦୧୪ ମସିହାରେ ନିରଂଜନଙ୍କ ମା' ମିନାକୁମାରି ନାୟକ କର୍କଟରେ ପୀଡିତ ହେବା ପରେ ବୋହୂ ପୁଷ୍ପଲତା ଶାଶୂଙ୍କ ଉପରେ ନିର୍ଯ୍ୟାତନା କରିବାରୁ ସ୍ୱାମୀ ନିରଂଜନ ବିରୋଧ କରିଥିଲେ। ଫଳରେ ବୈବାହିକ ତଥା ପାରିବାରିକ କଳହ ସୂତ୍ରପାତ ହେଲା। ଶେଷରେ ଘଟଣା ଚାନ୍ଦପୁର ପୁଲିସ ପର୍ଯ୍ୟନ୍ତ ଲମ୍ବିଲା। ପୁଷ୍ପଲତା ନିଜ ବାପ ଘର ଲୋକଙ୍କୁ ଡାକି ନିରଂଜନ ଙ୍କୁ ନିସ୍ଥୁକ ମାଡମାରି ହାତ ଭାଙ୍ଗି ଦେଇଥିଲେ। ଏହି ଘଟଣାକୁ ନେଇ ନିରଂଜନ ଏସପିଙ୍କୁ ସାକ୍ଷାତ କରିଥିଲେ। ସ୍ୱାମୀ ଏସପିଙ୍କ ନିକଟକୁ ଯାଇଥିବା ସମୟରେ ସ୍ତ୍ରୀ ପୁଷ୍ପଲତା ଚାନ୍ଦପୁର ପୁଲିସକୁ ହାତବାରସି କରି ଯୌତୁକ ନିର୍ଯାତନା ସଂପର୍କରେ ଏତଲା ଦେଇ ଥିଲେ। ଅପରାହ୍ନରେ ନିରଂଜନ ଥାନାକୁ ଫେରାଦ କରିବାକୁ ଆସିବା ପରେ ତାଙ୍କୁ ଗିରଫ କରିବା ପାଇଁ ପୁଷ୍ପଲତା ଓ ତାଙ୍କ ବାପଘର ଲୋକେ ଥାନା ସମ୍ମୁଖରେ ଧାରଣାରେ ବସିରହିଲେ। ଉଚ୍ଚତମ ନ୍ୟାୟାଳୟଙ୍କ ଗାଇଡ ଲାଇନକୁ ଅଣଦେଖା କରିବା ସହ ଯୌତୁକ ବିରୋଧ ଆଇନକୁ ଅପବ୍ୟବହାର କରିଥିବା ପରେ ପୁଲିସ ନିରଂଜନକୁ ବେଆଇନ ଭାବେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଫଳରେ ସେ ୨୧ ଦିନ ରେ ଜେଲ ରେ ଥିବା ସମୟରେ ପୁଷ୍ପଲତା ତଞ୍ଚକତା କରି କମାଗୁରୁ ଷ୍ଟେଟ ବ୍ୟାଙ୍କରୁ ପୃଥକ୍ ପୃଥକ୍ ଚାରିଟି ଚେକ୍‌ରେ ଶାଶୂଙ୍କ ଆକାଉଣ୍ଟରୁ ୮ ଲକ୍ଷ ଟଙ୍କା ଉଠାଇନେଲେ। ମା'ର କ୍ୟାନସର ଚିକିତ୍ସା ପାଇଁ ଅର୍ଥ ଆବଶ୍ୟକତା ଦର୍ଶାଇ ପୁଲିସ ଟଙ୍କା ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିରଂଜନଙ୍କ ମା ମିନାକୁମାରିଙ୍କୁ ବୋହୂ ପୁଷ୍ପଲତା ଏକ ଲକ୍ଷ ୨୦ ହଜାର ଟଙ୍କା ପୁଲିସ ଉପସ୍ଥିତିରେ ଗତ ଗତ ୨୦୨୧ ଜୁଲାଇ ୨୩ ତାରିଖ ରେ ଦେଇଥିବା ଜଣାପଡିଛି। ସବୁଠାରୁ ସମ୍ବେଦନଶୀଳ ଘଟଣା ଏହିକି ନିରଂଜନ ତାଙ୍କ ପୁଅ ସୌମ୍ୟରଂଜନ ଭଡା ଘରେ ଦୀର୍ଘ ୬ ବର୍ଷ ହେଲା ରହିଆସୁଥିବା ବେଳେ ଧମକଚମକ ଦେଇ ସ୍ତ୍ରୀ ନିଜ ବାପ ଘର ଲୋକଙ୍କୁ ନେଇ ନିରଂଜନଙ୍କ ଘରେ ରହୁଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ ନିରଂଜନଙ୍କ ମା' ମିନା କୁମାରୀଙ୍କ ମୃତ୍ୟୁ ହୋଇସାରିଛି। ତେବେ ରାଜ୍ୟ ମାନବାଧିକାର କମିଶନ ପୁଲିସର ଏଭଳି ବୈମାତୃକ ଘଟଣାକୁ ବିଚାର କରି ୪ ଲକ୍ଷ ଟଙ୍କା କ୍ଷତିପୂରଣ ଟଙ୍କା ନିରଂଜନଙ୍କୁ ତୁରନ୍ତ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତତ୍କାଳୀନ ଆଇଆଇସି ଧନେଶ୍ୱର ନାହକ ଅବସରପ୍ରାପ୍ତ ହୋଇଥିବା ଏହି ଘଟଣା ର ତଦନ୍ତ ଭାର ନେଇଥିବା ତତ୍କାଳୀନ ସବଇନସପେକ୍ଟର ଏସ ଏସ ହାରୋ ଙ୍କ ଠାରୁ ଟଙ୍କା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଘଟଣା ସଂପର୍କରେ ରାଜ୍ୟ ଗୃହ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡିଛି।

## ଉତ୍ସବ ପଡ଼ିଆରୁ ବ୍ରାଉନ୍‌ସୁଗର ଜବତ, ୩ ଗିରଫ

ଖୋର୍ଦ୍ଧା,୧୨।୨(ସମିସ): ଗୁରୁଜଙ୍ଗ ଉତ୍ସବ ପଡିଆରୁ ଆଦର୍ଶ ଥାନା ପୁଲିସ ଡିଲ୍ ସମୟରେ ଚଢଉ କରି ବ୍ରାଉନସୁଗର ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ଲକ୍ଷେ ଟଙ୍କା ହେବ ବୋଲି ପୁଲିସ ଆକଳନ କରିଛି। ଡିଲବେଳେ ପୁଲିସ ଗୁରୁଜଙ୍ଗ ଦେୱାନସାହି ର ମନୋଜ କୁମାର ପ୍ରଧାନ ଓରଫ୍ କୁନା (୪୨), ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଗଡଖୋର୍ଦ୍ଧା ର ହେମନ୍ତ କୁମାର ପରିଡା ଓରଫ୍ ବଂଟି (୩୬) ଓ ମୁକୁନ୍ଦପ୍ରସାଦ ପିଏନ୍ କଲେଜ ନିକଟ ର ଫିରୋଜ ଖାନ୍(୩୪) ପ୍ରମୁଖ ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ବ୍ରାଉନସୁଗର ସମେତ ଗୋଟିଏ କାର, ଏକ ବାଇକ୍, ୩ଟି ଫୋନ୍, ପ୍ଲାଷ୍ଟିକ ଚାମଚ ଓ ପୁଡିଆ ରେ ବ୍ୟବହୃତ କାଗଜ କୁ ମଧ୍ୟ ଜବତ କରିଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ମାମଲାର ତଦନ୍ତଭାର ଅତିରିକ୍ତ ଥାନା ଅଧିକାରୀ ବିବି ମହାପାତ୍ରଙ୍କୁ ଦିଆଯାଇଛି।



## ନବ ନିର୍ମାଣ କୃଷକ ସଂଗଠନର ବିକ୍ଷୋଭ



ଖୋର୍ଦ୍ଧା,୧୨।୨(ସମିସ): ଖୋର୍ଦ୍ଧା ଜିଲ୍ଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ପ୍ରତିବାଦରେ ନବ ନିର୍ମାଣ କୃଷକ ସଂଗଠନ ସ୍ଥାନୀୟ ବାଟମଙ୍ଗଳା ଛକରୁ ବାଇକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ଚାଷୀଙ୍କ ଧାନକିଣା ସ୍ୱାଭାବିକ ନ ହେଲେ ପ୍ରଶାସନିକ କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ ବୋଲି କଡା ଚେତାବନୀ ଦେଇଛନ୍ତି ଚାଷୀ। ପରେ ଏକ ପ୍ରତିନିଧିମଣ୍ଡଳୀ ଯାଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଲେ ଯେ, ବହୁ ଘାତ ପ୍ରତିଘାତ ସଙ୍ଗେ ଚଳିତ ବର୍ଷ ଫସଲ ଭଲ ଅମଳ ହୋଇଛି ଓ ଧାନରେ ଆଦୌ ଆଦ୍ରତା ନଥିବାରୁ ସବୁ ଧାନ ଏଏଫକ୍ୟୁ ମାନର। ରାଜ୍ୟର କୃଷି ଓ ସମବାୟ ମନ୍ତ୍ରୀ ଧାନର ମାନ ଖରାପ ଥିଲେ ୨କେଜି ପର୍ଯ୍ୟନ୍ତ କଟାଯିବା ନେଇ କହୁଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ୫କେଜି କାହିଁକି କଟାଯାଉଛି ବୋଲି ପ୍ରଶ୍ନ କରିଛନ୍ତି। ଜିଲ୍ଲା ସଂଯୋଜକ ସୁରେଶ ମାନସିଂହ କହିଲେ ଚାଷୀଙ୍କ ଠାରୁ ଲୁଣ୍ଠନ ପ୍ରତିବାଦରେ ଏହି ବିକ୍ଷୋଭ କରାଯାଇଛି। ଆଗକୁ ଆନ୍ଦୋଳନକୁ ତୀବ୍ରତର କରାଯିବ। ରାଜ୍ୟ ଯୁବ ସଂଯୋଜକ ମନୱର ଅଲ୍ଲୀ କହିଲେ ଯେ, ପ୍ରତିବର୍ଷ ଧାନକିଣାରେ ଚାଷୀଙ୍କୁ ହଇରାଣ କରାଯାଉଛି। ଚାଷୀଙ୍କ ସମସ୍ୟାକୁ କେବେ ବି ବରଦାସ୍ତ କରାଯିବ ନାହିଁ, ଚାଷୀଙ୍କ ସମସ୍ୟା ସମାଧାନ ନକରିଲେ ପ୍ରଶାସନର ନିଦ ହଜାଇ ଦେବୁ କଡା ଚେତାବନୀ ଦେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ବେଗୁନିଆ ବ୍ଲକ ସଂଯୋଜକ ମଦନ ସାହୁ, ବୋଲଗଡ ସଂଯୋଜକ କାହ୍ନୁ ଚରଣ ବେହେରା, ଅକ୍ଷୟ ରାଉତରାୟ, ନୟାଗଡ ସଂଯୋଜକ ପ୍ରସନ୍ନ ପ୍ରଧାନ, ଅଭିମନ୍ୟୁ ଗୁମାନସିଂହ, ନିରଞ୍ଜନ ପ୍ରଧାନ, ଆଶିଷ ବେହେରା, କୈଳାଶ ଚନ୍ଦ୍ର ବେହେରା, ଅନ୍ତର୍ଯ୍ୟାମୀ ବେହେରା, ଦଣ୍ଡପାଣି ସାହୁଙ୍କ ସମେତ ଏକାଧିକ ଚାଷୀ ସାମିଲ ହୋଇଥିଲେ।

## ଆଇଚର ଧକ୍କାରେ ଜଣେ ମୃତ, ଉତ୍ତ୍ୟକ୍ତଙ୍କ ରାସ୍ତାରୋକ

ବେଗୁନିଆ, ୧୨।୨(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଡାଳତୋଳା ନିକଟରେ ମଧ୍ୟାହ୍ନରେ ଏକ ଆଇଚର ଗାଡି ସହ ବାଇକ ଧକ୍କା ହୋଇ ଗୁରୁତର ଆହତ ହୋଇଥିଲେ। ଚାଳକ ଜଣକ ହେଉଛନ୍ତି ଗଡମାଣିତିର ଗ୍ରାମର ଚନ୍ଦ୍ର ଶେଖର ବିଶ୍ୱାଳ। ଗୁରୁତର ଆହତ ହୋଇ ଏମସରେ ଚିକିତ୍ସିତ ସମୟରେ ସେ ମୃତ୍ୟୁବରଣ କରିଥିଲେ। ଶବ ବ୍ୟବଚ୍ଛେଦ କରାଯାଇ ଗ୍ରାମରେ ପହଁଚିବା ପରେ ପରିବାରର ଲୋକମାନଙ୍କ ସହିତ ସରପଞ୍ଚ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ପୁଲିସ ବିଟ ହାଉସ ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ଓ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ପହଁଚି ରେଡ଼କ୍ରସରୁ ୧୦ହଜାର ଟଙ୍କା ଏବଂ ସରପଞ୍ଚ ଓ ବିଧାୟକ ୫ ହଜାର ଲେଖାଏଁ ଦେବାରୁ ଲୋକମାନେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।



### ବିକାଶନଗରରେ ସେକ୍ସ ରାକେଟ ଠାବ

# ଧରାପଡ଼ିଲେ ରାଣୀ ମହୁମାଛି ସମେତ ୪ ଦେହଜୀବୀ, ୩ ଗ୍ରାହକ

ଖୋର୍ଦ୍ଧା,୧୨।୨(ସମିସ): ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ବିକାଶନଗର ରେଥିବା ଏକ ଭଡାଘରୁ ସେକ୍ସ ରାକେଟ ଠାବ କରିଛି ପୁଲିସ ଓ ସ୍ୱେଶାଲ ସ୍କ୍ୱାର୍ଡ। ରାଣୀ ମହୁମାଛି ସମେତ ୪ ଜଣ ଦେହଜୀବୀ ଏବଂ ୩ ଜଣ ଗ୍ରାହକଙ୍କୁ କବାଟ ଭାଙ୍ଗି ଧରିଛି ପୁଲିସ। ଉକ୍ତ ଭଡା ଘରକୁ ସିଲ କରିଥିବାବେଳେ ସମସ୍ତଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚୁରା କରୁଛି। ଖବରଲେଖା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରକାଶ କରିଥିବାବେଳେ ଘର ମାଲିକ ଜଣେ ପୁଲିସ କର୍ମଚାରୀ ବୋଲି ଜଣାପଡିଛି। ପ୍ରକାଶ ଥାଉକି, ବିକାଶନଗରର ଏହି ଭଡା ଘର ଗଳିଭିତରେ ରହିଛି। ତେଣୁ କାହାରି ନଜରକୁ ଆସିବାକୁ ଟିକେ ସମୟ ଲାଗୁଥିବାବେଳେ ଏହାର ସୁଯୋଗ ନେଇ ସେଠାରେ ଚାଲିଥିଲା ସେକ୍ସ ରାକେଟ୍। କିଙ୍ଗପିନ୍ ତଥା ରାଣୀ ମହୁମାଛି ଏଠାରେ ଭଡା ନେଇ ରହୁଥିଲେ। ବାହାରୁ ଯୁବତୀ ମାନଙ୍କୁ ଆଣି ଏଠାରେ ରାକେଟ ଚଳାଇଥିଲେ। ପ୍ରଥମେ କେହି ସନ୍ଦେହ କରିନଥିଲେ। ପରବର୍ତି ସମୟରେ ସେଠାକୁ ଲୋକଙ୍କ ଯିବା ଆସିବା ଲାଗି ରହିବା ଯୋଗୁ ସ୍ଥାନୀୟ ଲୋକେ ସନ୍ଦେହ କରିବା ଆରମ୍ଭ କରିଥିଲେ। ମାତ୍ର ସନ୍ଦେହ ଦୂର ଲାଗି ସମସ୍ତଙ୍କୁ ତାଙ୍କ ସମ୍ପର୍କିୟ ବୋଲି କହୁଥିବା ସ୍ଥାନୀୟ ଲୋକଙ୍କ ସୂତ୍ରରୁ ଜଣାଯାଇଛି। କିନ୍ତୁ ଭିନ୍ନ ଭିନ୍ନ ପିଲା ମୁହଁରେ ମାସ୍କ ଲଗାଇ ଯିବା ଆସିବା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ତେବେ ଦୀର୍ଘଦିନ ଧରି ଚାଲିଥିଲା ଦେହ ବ୍ୟବସାୟ। କିନ୍ତୁ ଏ ସଂକ୍ରାନ୍ତରେ ଘର ମାଲିକ ଜାଣିଥିଲେ କି ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି।



ତେବେ କୌଣସି ସୂତ୍ରରୁ ଖରବପାଇ ସ୍ୱେସାଲ ସ୍କ୍ୱାର୍ଡ ଇନଚାର୍ଜ ଡିଏସପି ରବି ନାରାୟଣ ଭଞ୍ଜଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ପୂର୍ବାହ୍ନରେ ଅଚାନକ ଚଢାଉ କରିଥିଲେ। ସେହି ସମୟରେ ଘର ଭିତରପଟୁ ବନ୍ଦ ରହିଥିଲା। ପୁଲିସ ବାରମ୍ବାର ଡାକିବା ସତ୍ୱେ ଭିତରପଟୁ କେହି କବାଟ ନ ଖୋଲିବାରୁ ଶେଷରେ କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଏହି ସମୟରେ ଦେହଜୀବୀ ଏବଂ ଗ୍ରାହକଙ୍କୁ ଅସଞ୍ଜତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏଥିସହିତ ଅନେକ ଆପତ୍ତିଜନକ ସାମଗ୍ରୀ ପୁଲିସ ଜବତ କରିଥିବା ଜଣାଯାଇଛି। ପରେ ସେମାନଙ୍କୁ ଥାନାକୁ ନେଇ ତଦନ୍ତ କରୁଥିବା ଜଣାଯାଇଛି।

ଅନ୍ୟପକ୍ଷରେ ଏ ସମ୍ପର୍କରେ ଜଣାପଡିବା ପରେ ପୁଲିସ୍‌କୁ ସୂଚନା ଦିଆଯାଇଥିଲା, ମାତ୍ର ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିଲା ବୋଲି କିଛି ସ୍ଥାନୀୟ ବାସିନ୍ଦା କହିଛନ୍ତି। ହୁଏତ ମାସିକିଆ ଚାନ୍ଦା ଥାନାକୁ ଯାଇଥାଇପାରେ ସେଥିପାଇଁ ପୁଲିସ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିଲା ବୋଲି ସେମାନେ ଅଭିଯୋଗ ଆଣିଥିଲେ। ଏ ନେଇ ଆଦର୍ଶ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବାରେ କୌଣସି ଅଭିଯୋଗ ରିପୋର୍ଟ ଲେଖାହେବା ଯାଏଁ ହୋଇନି, ପୁଲିସ ଅଟକ ବ୍ୟକ୍ତିଙ୍କୁ ତଦନ୍ତ କରୁଛି ବୋଲି କହିଛନ୍ତି।


**THE BISRA STONE LIME COMPANY LIMITED**
CIN: L14100OR1910GO1033904
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF FINANCIAL RESULTS FOR THE NINE MONTH ENDED 31ST DECEMBER'2025**

(Rs.in Lakhs)

| Sl. No. | Particulars | Nine Month Ended 31.12.2025 (Reviewed) | Nine Month Ended 31.12.2024 (Reviewed) | Year Ended 31.03.2025 (Audited) |
|---|---|---|---|---|
| 1 | Total Income from Operation (including Other Income) | 6,740.37 | 4,792.72 | 6,260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 1,063.96 | 691.11 | 671.34 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 1,063.96 | 691.11 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 697.62 | 453.75 | 438.51 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 697.62 | 453.75 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,482.66) | (21,219.49) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.80 | 0.52 | 0.50 |
| | (ii) Diluted | 0.80 | 0.52 | 0.50 |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Visakhapatnam
Date: 12th February' 2026



# ସକାଳୁ ସକାଳୁ ଅଟକିଲା ରାଜଧାନୀ









ଭୁବନେଶ୍ୱର, ୧୨।୨(ସମିସ): ଅପରପକ୍ଷେ ୧୦ ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନ ମାନଙ୍କ ପକ୍ଷରୁ ଡାକରା ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟ ଭୁବନେଶ୍ୱରରେ ପ୍ରଭାବ ପଡ଼ିଛି ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନଟିୟୁସି, ଏଆଇଟିୟୁସି, ଏଚ୍‌ଏମଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ୟୁଟିୟୁସିୟୁ, ଏଲପିଏଫ, ସେୱା ଓ ବ୍ୟାଙ୍କ, ବୀମା, ରାଜ୍ୟ ଓ କେନ୍ଦ୍ରସରକାରୀ କର୍ମଚାରୀ ମାନଙ୍କର ସ୍ୱାଧୀନ ସଂଗଠନ ପକ୍ଷରୁ କୁହାଯାଇଛି। ଜନ ବିରୋଧୀ ନୀତି ବିରୋଧରେ ସର୍ବଭାରତୀୟ ଧର୍ମଘଟରେ ହଜାର ହଜାର ଶ୍ରମିକ ସ୍ଲୋଗାନ ଦେଇ ସହରର ରେଳଷ୍ଟେସନ, ସିଟିବସଷ୍ଟାଣ୍ଡ, ବ୍ୟାଙ୍କ, ରିଜର୍ଭ ବ୍ୟାଙ୍କ, ଜାତୀୟ ରାଜପଥ, ଇନ୍‌ସ୍ୟୁରାନ୍ସ କାର୍ଯ୍ୟାଳୟ ରାଜମହଲ ଛକ, ମାଷ୍ଟରକ୍ୟାଂଟିନ, ଏସବିଆଇ ଲୋକାଲ ହେଡ କାର୍ଯ୍ୟାଳୟ, ଶ୍ରମ କାର୍ଯ୍ୟାଳୟ, ବିଦ୍ୟୁତ କାର୍ଯ୍ୟାଳୟ, କଳ୍ପନା, ସାମନ୍ତରାପୁର, ଏୟାରପୋର୍ଟ ଛକ, ରସୁଲଗଡ଼, ନାଲ୍‌କୋ ମୁଖ୍ୟ କାର୍ଯ୍ୟାଳୟ, ମଞ୍ଚେଶ୍ୱର ୱାର୍କ ସପ୍ ସମ୍ମୁଖରେ ହରତାଳ କରାଯାଇଥିଲା। ବରମୁଣ୍ଡା ସ୍ଥିତ ବସ୍ ଟର୍ମିନାଲରୁ ବସଗୁଡ଼ିକ ଅଟକି ରହିଥିଲା। ଫଳରେ ପୂର୍ବରୁ ବସଷ୍ଟାଣ୍ଡକୁ ଆସିଥିବା ଯାତ୍ରୀ ଦିନ ସାରା ଫସି ରହିଥିଲେ।

**■ ଦୋକାନ ବଜାର ବନ୍ଦ; ପରିବହନ ଠପ୍**

**■ ବରଯାତ୍ରୀଙ୍କୁ ଛାଡ଼ିବାକୁ ଅନୁରୋଧ କଲା ବର**

ମାଷ୍ଟର କ୍ୟାଣ୍ଟିନ୍ ନିକଟରେ ବହୁ ସଂଖ୍ୟାରେ କର୍ମୀ ରାସ୍ତା ଅବରୋଧ କରିଥିଲେ। ସରକାର ବିରୋଧୀ ନାରା ଦେଇଥିଲେ। ପୁଲିସ ପକ୍ଷରୁ ଏଠାରେ ହାଲୁକା ବଳ ପ୍ରୟୋଗ କରାଯାଇଥିଲା। ଆନ୍ଦୋଳନରତ ଶ୍ରମିକଙ୍କ ସହ ପୁଲିସର ପାଟିତୁଣ୍ଡ ହୋଇଥିଲା। ଆନ୍ଦୋଳନକାରୀଙ୍କୁ ପୁଲିସ ଗିରଫ କରିଥିଲା।

ଶ୍ରମିକମାନେ ଜୟଦେବ ବିହାରରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପଟେ ଶତାଧିକ ଟ୍ରକ ଅଟକି ରହିଥିଲା। ଶ୍ରମିକମାନେ ଆମ ବସ୍ ଷ୍ଟାଣ୍ଡର ଫାଟକରେ ତାଲା ପକାଇ ଦେଇଥିଲେ। ଯାହାଫଳରେ ଆମ ବସ୍ ଗୁଡ଼ିକ ବାହାରୁକୁ ବାହରି ପାରିଲାନି। ଜୟଦେବ ବିହାର ଛକେର ଏକ ବରଯାତ୍ରୀ ଗାଡ଼ିକୁ ଆନ୍ଦୋଳନକାରୀମାନେ ଅଟକାଇ ଦେଇଥିଲେ। ବର ନିଜେ ଗାଡ଼ିରୁ ଓହ୍ଲାଇ ଆସି ବାହାଘର ପାଇଁ ଛାଡିଦେବାକୁ ଅନୁରୋଧ କରିବା ପରେ ଧର୍ମଘଟକାରୀ ସେମାନଙ୍କୁ ଛାଡ଼ି ଦେଇଥିଲେ। ସକାଳୁ ଧରଣା, ପ୍ରତିବାଦ ଓ ବନ୍ଦ ତୀବ୍ର ହୋଇଥିଲା। ସଂଗଠନ କର୍ମକର୍ତ୍ତାମାନେ ଆମ୍ବୁଲାନ୍ସ ଏବଂ ଜରୁରୀକାଳୀନ ସେବା ବ୍ୟତିତ ଆନ୍ଦୋଳନକାରୀ କାହାରିକୁ ଛାଡିଲେନି। ରାସ୍ତା ଅବରୋଧ କରିଥିଲେ। ହ୍ୟୁମାନ୍ ଚେନ୍ କରି ରାସ୍ତା ଉପରେ ଛିଡା ହୋଇ ରହିଲେ। ରାଜଧାନୀରେ ସାଧାରଣ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଥିଲା। ବସ୍ ସମେତ ଘରୋଇ ଟ୍ୟାକ୍ସି ସର୍ଭିସ ମଧ୍ୟ ବନ୍ଦ ଥିଲା। କ୍ୟାବ୍ ସର୍ଭିସ ଦେଉଥିବା ଡ୍ରାଇଭର ସ୍ୱଇଚ୍ଛାରେ ଘରୁ ବାହରି ନଥିଲେ। ଯାହାଫଳରେ ବହୁ ସ୍ଥାନରେ ଯାତ୍ରୀଙ୍କ ପାଇଁ ଅଟୋ ଭରସା ପାଲିଥିଲା। ଅଟୋ ଚାଳକମାନେ ଗଳିକନ୍ଦିରେ ଲୁଚିଛପି ଯାତ୍ରୀ ପରିବହନ କରିଥିଲେ। ରାଜଧାନୀର ରାଜରାସ୍ତା ସମ୍ପୂର୍ଣ୍ଣ ଭାବେ ଶୁନ୍ ଶାନ୍ ହୋଇ ଯାଇଥିଲା। ରସୁଲଗଡ଼, ଜୟଦେବ ବିହାର, ଏଜି ଛକ, ବାପୁଜୀ ନଗର ଭଳି ବ୍ୟସ୍ତ ବହୁଳ ରାସ୍ତା ଖାଁ ଖାଁ ହୋଇଯାଇଥିଲା।

### ରାଷ୍ଟ୍ରାୟତ ଉଦ୍ୟୋଗ, ବ୍ୟାଙ୍କ୍ ଆଗରେ ଧାରଣା

ରାଜଧାନୀରେ ଥିବା ଏକାଧିକ ରାଷ୍ଟ୍ରାୟତ ଉଦ୍ୟୋଗ ଆଗରେ ସଂଗଠନ ଗୁଡ଼ିକର ସଦସ୍ୟମାନେ ଏକାଠି ଧାରଣା ଦେଇଥିଲେ। କେନ୍ଦ୍ର ସରକାର ବିରୋଧରେ ଦେଇଥିଲେ ନାରାବାଜି। ରାଜଧାନୀର ରିଜର୍ଭ ବ୍ୟାଙ୍କ ନିକଟସ୍ଥ ଏସ୍‌ବିଆଇ ସାମ୍ନାରେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ।

## 'ଓଡ଼ିଶାରେ ସାଧାରଣ ଧର୍ମଘଟ ସଫଳ'

ଭୁବନେଶ୍ୱର, ୧୨।୨(ସମିସ): ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଓଡ଼ିଶାରେ ହୋଇଥିବା ସାଧାରଣ ଧର୍ମଘଟ ସଫଳ ହୋଇଛି। ଲୋକମାନଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ସିପିଆଇ(ଏମ୍) କହିଛି। ରାଜ୍ୟ ଓ କେନ୍ଦ୍ର ସରକାର ଶ୍ରମିକ କୃଷକ ଶ୍ରେଣୀର ଦାବିଗୁଡ଼ିକ ତୁରନ୍ତ ପୂରଣ କରିବାକୁ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦାବି କରାଯାଇଛି। କେନ୍ଦ୍ର ସରକାରଙ୍କ ସମ୍ବିଧାନ ବିରୋଧୀ, ପୁଞ୍ଜିବାଦୀ ସପକ୍ଷବାଦୀ, ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟିକାରୀ ଓ ଶ୍ରମିକ, କୃଷକ, ଯୁବକ, ଛାତ୍ର, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ବିରୋଧୀ ଜନ ମାରଣ ନୀତି ବିରୋଧରେ ଏହି ଐତିହାସିକ ସାଧାରଣ ଧର୍ମଘଟ ଓ ହରତାଳକୁ ସଫଳ କରିଥିବାରୁ ରାଜ୍ୟବାସୀଙ୍କୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ନାବାଳିକାକୁ ଅପହରଣ; ଜଣେ ଗିରଫ

ଭୁବନେଶ୍ୱର, ୧୨।୨(ସମିସ): ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୁଲିସ୍ ଅଭିଯୁକ୍ତ ତପନ ଦାସକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକାରିଣୀଙ୍କ ୧୪ବର୍ଷର ନାବାଳିକା କେଦାର ଗୌରୀ ଅଞ୍ଚଳସ୍ଥ ଏକ ସ୍କୁଲକୁ ପାଠପଢ଼ା ପାଇଁ ଯାଇଥିଲେ। କିନ୍ତୁ ସେହି ଦିନ ଘରକୁ ଫେରିନଥିଲେ। ପରବର୍ତ୍ତୀ ଯାଞ୍ଚରେ ନାବାଳିକା ସେହି ଦିନ କ୍ଲାସରେ ଉପସ୍ଥିତ ହୋଇ ନଥିବା ସ୍କୁଲ କର୍ତ୍ତୃପକ୍ଷ ନିଶ୍ଚିତ କରିଥିଲେ। ତପନ ଦାସ ଓରଫ ସିଲୁ ପୂର୍ବରୁ ଏପରି କରିବାକୁ ଧମକ ଦେଇଥିଲେ। ଏନେଇ ସନ୍ଦେହ ପ୍ରକାଶ କରି ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତପନକୁ କେଉଁଝର ଜିଲ୍ଲାର ଘସିପୁରା ଥାନା ଅଞ୍ଚଳରୁ ଗିରଫ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଅଭିଯୁକ୍ତ ନାବାଳିକାଙ୍କୁ ପ୍ରଲୋଭନ ଦେଇ ନିଜ ସହିତ ନେଇଯାଇ ବିଭିନ୍ନ ସ୍ଥାନକୁ ବୁଲାଇନେଇଥିଲେ ଏବଂ ତାଙ୍କୁ ଅବୈଧ ଭାବେ ବନ୍ଦୀ କରିରଖିଥିଲେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଖେଳନା ବନ୍ଧୁକ ଜବତ; ଲୁଟେରା ଗିରଫ

**ସ୍କୁଟିରୁ ମିଳିଲା ସୁରାକ୍; ସୁନା ମୁଦି ଓ ଚୁଡ଼ି ଜବତ**



ଭୁବନେଶ୍ୱର, ୧୨।୨ (ସମିସ): ବନ୍ଧୁକ ଦେଖାଇ ମହିଳାଙ୍କ ଠାରୁ ଲୁଟ୍ କରିଥିବା ଘଟଣାରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବେହେରା ବସ୍ତିରେ ରହୁଥିବା ବାଣପୁର ଥାନା କୁମାରଙ୍ଗ ଗାଁର ଅଶୋକ କୁମାର ବେହେରା (୨୩)।

ପୁଲିସ ସୂଚନାନୁଯାୟୀ, ଗତ ୪ ତାରିଖ ଭୋରରୁ ନୂଆପଲ୍ଲୀ ଗଡ଼ ସାହିର ବରିଷ୍ଠ ନାଗରିକ ଇନ୍ଦୁମତୀ ବଳବନ୍ତରାୟ ଘର ପରିସରରେ ଫୁଲ ତୋଳୁଥିଲେ। ସେହି ସମୟରେ ଅଶୋକ ତାଙ୍କ ଘର ପରିସରରେ ପଶି ଇନ୍ଦୁମତୀଙ୍କୁ ବନ୍ଧୁକ ଦେଖାଇ ସୁନା ମୁଦି ଓ ଚୁଡ଼ି ଲୁଟ୍ କରି ନେଇଥିଲା। ଏନେଇ ଇନ୍ଦୁମତୀଙ୍କ ପୁଅ ମନୋରଞ୍ଜନ ବଳବନ୍ତରାୟ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଲୁଟେରା ଘର ଠାରୁ ଦୁଇ ଶହ ମିଟର ଦୂରରେ ରଖିଥିବା ସ୍କୁଟିକୁ ଚିହ୍ନଟ କରିଥିଲା। ଗାଡ଼ି ନମ୍ବରରୁ ଅଶୋକ ହିଁ ଲୁଟ୍ କରିଥିବା ଜଣାପଡ଼ିଥିଲା। ଆଜି ଭୋରରୁ ନୂଆପଲ୍ଲୀ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଅଶୋକ ବେହେରା ସାହି ଅଞ୍ଚଳରେ ବୁଲୁଥିବା ଖବରପାଇ ଚଢ଼ଉ କରିଥିଲା। ସେଠାରୁ ଅଶୋକକୁ ଗିରଫ କରିବା ସହ ଖେଳନା ବନ୍ଧୁକ, ଦୁଇଟି ସୁନା ମୁଦି, ହଳେ ଚୁଡ଼ି, ସ୍କୁଟି ଓ ମୋବାଇଲ ଫୋନ୍ ଜବତ କରିଥିଲା। ଅଶୋକ ପୂର୍ବରୁ ଗଡ଼ ସାହିରେ ଭଡ଼ା ରହୁଥିବା ବେଳେ ଇନ୍ଦୁମତୀଙ୍କୁ ମଧ୍ୟ ଜାଣି ଲୁଟ୍ କରିଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଛି।

## ଜମି ମାଫିଆ ଗୟାଧର ଜେନା ପୁଣି ଦୋଷୀ ସାବ୍ୟସ୍ତ



ଭୁବନେଶ୍ୱର, ୧୨।୨ (ସମିସ): କୁଖ୍ୟାତ ଜମି ମାଫିଆ ଗୟାଧର ଜେନା ପୁଣି ଦୋଷୀ ସାବ୍ୟସ୍ତ ହୋଇଛି। ଭୁବନେଶ୍ୱର ସ୍ଥିତ ଜେଏମଏଫସି (ଚତୁର୍ଥ) ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଜମି ଜାଲିଆତି ମାମଲାର ବିଚାର କରି ଗୟାଧରକୁ ସଜା ଶୁଣାଇଛନ୍ତି।

ପୁଲିସ ସୂଚନାନୁଯାୟୀ, କୁଜଙ୍ଗ ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁରର ଦୀପକ କୁମାର ମିଶ୍ର ୨୦୧୦ ମସିହାରେ ସେ ସାରଳା ରିଅଲକନ୍ ପ୍ରାଇଭେଟ୍ ଲିମିଟେଡର ଜଣେ ମାର୍କେଟିଂ କାର୍ଯ୍ୟନିର୍ବାହୀଙ୍କ ମାଧ୍ୟମରେ ଗୟାଧରକୁ ଭେଟିଥିଲେ। ଆଲୋଚନା ପରେ ସେ ପ୍ରତି ବର୍ଗଫୁଟ ୪୦୦ ଟଙ୍କା ମୂଲ୍ୟରେ ୧୫୦୦ ବର୍ଗଫୁଟ ଜମି କିଣିବାକୁ ରାଜି ହୋଇଥିଲେ ଓ ସମ୍ପୂର୍ଣ୍ଣ ଟଙ୍କା ମଧ୍ୟ ଦେଇଥିଲେ। ହେଲେ ଟଙ୍କା ପାଇବା ପରେ ମଧ୍ୟ ଗୟାଧର ଜମି ପଞ୍ଜିକରଣ କରିନଥିଲା କି ଟଙ୍କା ଫେରାଇ ନ ଥିଲା। ଏନେଇ ଦୀପକ ଏତଲା ଦେବାପରେ ଲକ୍ଷ୍ମୀସାଗର ଥାନା ପୁଲିସ କେସ୍ ନଂ - ୩୫୯/୨୧ ରେ ଦଫା ୪୬୭/୪୨୦ ଆଇପିସି ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ଏସ୍‌ଆଇ ପ୍ରିୟଦର୍ଶିନୀ ବେହେରା ଅଭିଯୁକ୍ତ ଗୟାଧରକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୫ ଜଣ ବିଭିନ୍ନ ସାକ୍ଷୀ ଓ ୧୪ ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ଗୟାଧରକୁ ଆଇପିସିର ଧାରା ୪୨୦ ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୪ ମାସର କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ ଯେ, କୁଖ୍ୟାତ ଜମି ମାଫିଆ ଗୟାଧର ନାମରେ ରାଜଧାନୀର ବିଭିନ୍ନ ଥାନାରେ ୩୦ରୁ ଅଧିକ ମାମଲା ରହିଥିବା ବେଳେ ସେ ୪ଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ସାରିଲାଣି।

ପ୍ୟାକିଙ୍ଗ ହେଉଛି କ୍ରସର ଗୁଣ୍ଡ

## ବସ୍ତା ଅସଲି; ସିମେଣ୍ଟ ନକଲି

### ରାତିଅଧରେ ଚାଲିଛି ଅପମିଶ୍ରଣ



ଭୁବନେଶ୍ୱର, ୧୨।୨ (ସମିସ): ରାଜଧାନୀରେ ଜମି କିଣାବିକା ପୂର୍ବାପେକ୍ଷା ବଢ଼ିଥିବା ବେଳେ ତାକୁ ତାଳ ଦେଇ ଗୃହ ନିର୍ମାଣ ମଧ୍ୟ ବୃଦ୍ଧିପାଇଛି। ଲୋକମାନେ ନିଜର ଘର ତିଆରିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଛାଉ ନାହାନ୍ତି। ଏହାର ସୁଯୋଗ ନେଇ ସକ୍ରିୟ ହୋଇଛନ୍ତି ଅସାଧୁ ବ୍ୟବସାୟୀ। ରାଜଧାନୀ ଓ ଆଖପାଖରେ ଖୋଲିଛନ୍ତି ଅପମିଶ୍ରିତ ସିମେଣ୍ଟ କାରଖାନା। ଲୋକମାନେ ଗୃହ ନିର୍ମାଣ ପାଇଁ ପାଣି ଭଳି ଟଙ୍କା ଖର୍ଚ୍ଚ କରି ଅସଲି ବସ୍ତାରେ ନକଲି ସିମେଣ୍ଟ କିଣୁଛନ୍ତି। ବିଭିନ୍ନ ସମୟରେ ପୁଲିସ ନକଲି ସିମେଣ୍ଟ କାରଖାନା ଠାବ କରୁଛି। ହେଲେ ନିର୍ମାଣରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ସିମେଣ୍ଟ ନକଲି ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ।

ଗତବର୍ଷ ଜାନୁଆରୀ ମାସରେ ଟଙ୍କପାଣି ରୋଡ ଅଞ୍ଚଳରୁ ନକଲି ସିମେଣ୍ଟ ଫ୍ୟାକ୍ଟ୍ରି ଠାବ କରିଥିଲା ବଡ଼ଗଡ଼ ଥାନା ପୁଲିସ। ସେଠାରୁ ଦୁଇ ଜଣଙ୍କୁ ଗିରଫ କରିବା ସହ ସେହି ମାଲିକଙ୍କର ଆଉ ଏକ କାରଖାନା ବିଷୟରେ ଜାଣିବାକୁ ପାଇଥିଲା। ମିଳିଥିବା ତଥ୍ୟ ଆଧାରରେ ପାହାଳସ୍ଥିତ କାରଖାନାରେ ମଧ୍ୟ ଚଢ଼ଉ କରିଥିଲା। ଦୁଇଟି ଯାକ କାରଖାନାରୁ ପ୍ରାୟ ୭୦୦ ବସ୍ତା ଅପମିଶ୍ରିତ ସିମେଣ୍ଟ ଜବତ କରିଥିଲା। ଅଲଟ୍ରାଟେକ୍ ଓ ଡାଲମିଆ ଭଳି ବ୍ରାଣ୍ଡର ବ୍ୟାଗ୍ ବ୍ୟବହାର କରି ନକଲି ସିମେଣ୍ଟ ଭର୍ତ୍ତିକରି ବିକ୍ରି କରୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିଲା। ସେହିପରି ଭଗବାନପୁର ଶିଳ୍ପାଞ୍ଚଳରୁ ନକଲି ସିମେଣ୍ଟ କାରଖାନା ଠାବ କରିଥିଲା ତମାଣ୍ଡୋ ଥାନା ପୁଲିସ। ନିମ୍ନମାନର ରଙ୍ଗ ସିମେଣ୍ଟ ତିଆରି କରି ବିର୍ଲା ହ୍ୱାଇଟ୍ ନାମରେ ବଜାରରେ ବିକ୍ରି କରୁଥିଲା। ମାଲିକକୁ ଗିରଫ କରିବା ପରେ ସେ କେବଳ ଓଡ଼ିଶାରେ ନୁହେଁ, ପଶ୍ଚିମବଙ୍ଗରେ ମଧ୍ୟ ସେହି ସିମେଣ୍ଟ ବିକ୍ରି କରୁଥିବା ଜଣାପଡ଼ିଥିଲା। ତେବେ ଇଏ କେବଳ ଦୁଇଟି ଘଟଣା ନୁହଁ, ଏବେ ବି ରାଜଧାନୀ ଓ ଆଖପାଖ ଅଞ୍ଚଳରେ ଅପମିଶ୍ରିତ ସିମେଣ୍ଟ କାରଖାନା ରହିଛି। ପ୍ରତିଦିନ ହଜାର ହଜାର ପକେଟ୍ ନକଲି ସିମେଣ୍ଟ ବଜାରରେ ବିକ୍ରି ହେଉଛି। ରାତି ଅଧରେ ଭୁବନେଶ୍ୱର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଥିବା ବିଭିନ୍ନ ଗୋଦାମଗୁଡ଼ିକରେ ଏଭଳି କାରବାର ହେଉଥିବା କୁହାଯାଉଛି। ହେଲେ ପୁଲିସ ପ୍ରଶାସନ ସିମେଣ୍ଟ ମାଫିଆଙ୍କ ପାଖରେ ପହଞ୍ଚି ପାରୁନାହିଁ।

### କିପରି ହେଉଛି ଅପମିଶ୍ରଣ

ପ୍ରଥମେ ବ୍ୟବହାର ଯୋଗ୍ୟ ନ ଥିବା ବା ମୁଣ୍ଡା ହୋଇଯାଇଥିବା ସିମେଣ୍ଟକୁ ଆଣି ଭାଙ୍ଗି ଦେଉଛନ୍ତି। ସେଥିରେ ଡଷ୍ଟ (କ୍ରସର ଗୁଣ୍ଡ) ଓ ଅନ୍ୟାନ୍ୟ ରସାୟନିକ ସାମଗ୍ରୀ ମିଶାଇ ଏକପ୍ରକାର ସିମେଣ୍ଟ ତିଆରି କରୁଛନ୍ତି। ସେହି ସିମେଣ୍ଟକୁ ନାମିଦାମୀ ବ୍ରାଣ୍ଡର ସିମେଣ୍ଟ ବ୍ୟାଗରେ ଭର୍ତ୍ତି କରି ମାର୍କେଟରେ ବିକ୍ରି କରୁଛନ୍ତି। ଆଉ କେତେକ କମ୍ପାନୀ ଅସଲି ବ୍ରାଣ୍ଡର ସିମେଣ୍ଟ ଆଣି ଖୋଲି ଦେଉଛନ୍ତି। ଦୁଇ ବସ୍ତା ଅସଲି ସିମେଣ୍ଟରେ ଦୁଇ ବସ୍ତା ଡଷ୍ଟ, ଚୂନା ଓ ଅନ୍ୟାନ୍ୟ ରସାୟନିକ ସାମଗ୍ରୀ ମିଶାଇ ୪ ବସ୍ତା ନକଲି ସିମେଣ୍ଟ ତିଆରି କରୁଛନ୍ତି। ଏତେ ସତର୍କତାର ସହ ସିମେଣ୍ଟ ଅପମିଶ୍ରଣ କରାଯାଉଛି ଯେ, ଯାହା ଅସଲି ପରି ଦେଖାଯାଉଛି ଓ ତାକୁ ଚିହ୍ନିବା କଷ୍ଟକର।

### ସବୁ ଜାଣି ମଧ୍ୟ ଅଭିଯୋଗକୁ ଅପେକ୍ଷା

ଦୀର୍ଘବର୍ଷ ଧରି ଅପମିଶ୍ରିତ ସିମେଣ୍ଟ କାରଖାନା ଚାଲୁଛି। ପ୍ରଶାସନ ଏ ବିଷୟରେ ଉଣା ଅଧିକେ ଜାଣୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ସିମେଣ୍ଟ ଅପମିଶ୍ରଣ କରି କିଛି ନର୍ଦ୍ଦିଷ୍ଟ ନାମୀଦାମୀ ବ୍ରାଣ୍ଡର କମ୍ପାନୀର ବ୍ୟାଗରେ ବିକ୍ରି କରୁଛନ୍ତି। ନକଲି ସିମେଣ୍ଟ ଯୋଗୁଁ ଅସଲି କମ୍ପାନୀର ସିମେଣ୍ଟ ବିକ୍ରି ବଜାରରେ ହ୍ରାସ ପାଉଛି। ଅସଲି କମ୍ପାନୀ ଏହାର କାରଣ ଖୋଜିବାକୁ ବେସରକାରୀ ଡିଟେକ୍ଟିଭ୍ ସଂସ୍ଥାକୁ ଦାୟିତ୍ୱ ଦେଉଛନ୍ତି। ଡିଟେକ୍ଟିଭ୍ ସଂସ୍ଥା ନିଜର ବୁଦ୍ଧି ବଳରେ ନକଲି ବା ଅପମିଶ୍ରିତ ସିମେଣ୍ଟ କାରଖାନାକୁ ଠାବ କରିବା ସହ ସ୍ଥାନୀୟ ଥାନାରେ ଅଭିଯୋଗ କରୁଛି। ତା'ପରେ ଯାଇ ଅପମିଶ୍ରିତ ସିମେଣ୍ଟ କାରଖାନାରେ ଚଢ଼ଉ ହେବା ସହ ଗିରଫଦାରୀ ହେଉଛି।


**EASTERN INVESTMENTS LIMITED**

CIN: L65993OR1927GOI034842

Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE NINE MONTH ENDED 31ST DEC'2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Nine Month Ended | | Year Ended | Nine Month Ended | | Year Ended |
| | | 31.12.2025 | 31.12.2024 | 31.03.2025 | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 39.76 | 63.67 | 44.27 | 13,635.82 | 10,832.21 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (14.38) | 0.50 | (28.91) | 1,216.38 | (351.64) | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (14.38) | 0.50 | (28.91) | 1,216.38 | (351.64) | (3,525.52) |
| 6 | Net Profit attributable to Non Controlling Interests | - | - | - | 583.59 | (211.33) | (1,791.41) |
| 7 | Net Profit attributable to Owners of the Company | - | - | - | 632.79 | (140.31) | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,532.26 | 26,576.05 | 26,546.64 | (8,776.47) | (7,819.01) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (1.00) | 0.03 | (2.00) | 44.59 | (9.89) | (121.71) |
| | (ii) Diluted | (1.00) | 0.03 | (2.00) | 44.59 | (9.89) | (121.71) |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 12th February' 2026

Sd/-
(A.K.Bagchi)
Managing Director-EIL



# ଭୁବନେଶ୍ୱର ସିଟି

## ପ୍ରେମ ସପ୍ତାହରେ ସାମ୍ପ୍ରଦାୟିକ ସଦ୍‌ଭାବନାର ବାର୍ତ୍ତା

# ହିନ୍ଦୁ ଘରର ବୋହୂ ହେଲେ ମୁସଲମାନ୍ ଝିଅ



ଭୁବନେଶ୍ୱର, ୧୨।୨(ସମିସ): କୁହାଯାଏ ପ୍ରେମ ଅନ୍ଧ। ପ୍ରେମରେ ନ ଥାଏ ବୟସର ତାରତମ୍ୟ କିମ୍ବା ଜାତି ଧର୍ମର ବାଛ ବିଚାର। ଦୁହିଁଙ୍କ ମନର ମିଳନ ଆଗରେ ଫିକା ପଡ଼ିଯାଏ ଧନ, ସମ୍ପତ୍ତି ଓ ସୌନ୍ଦର୍ଯ୍ୟର ମୋହ। କେତେବେଳେ ପ୍ରେମ ପାଇଁ ମଣିଷ ନିଜର ମୂଲ୍ୟବାନ ଜୀବନ ହରାଇ ବସେ ତ ଆଉ କେତେବେଳେ ସେହି ପ୍ରେମ କାହାକୁ ନୂଆ ଜୀବନ ବି ଦେଇପାରେ। ପ୍ରେମ ଯେ କେବଳ ସୁନ୍ଦର ଶରୀର, ଉଚ୍ଚଶିକ୍ଷିତମାନଙ୍କ ମଧ୍ୟରେ ହୋଇନଥାଏ, ବରଂ ଦୁଇଟି

### ପ୍ରେମ ସପ୍ତାହରେ ପଡ଼ିଲା ହାତଗଣ୍ଠି

ମନର ମିଳନ ଓ ପରସ୍ପର ମଧ୍ୟରେ ବୁଝାମଣାରେ ହୋଇଥାଏ। ତାହାକୁ ପ୍ରମାଣିତ କରିଛନ୍ତି ବଦ୍ରି ନାରାୟଣ ଦାସ ଓ ଫରିନ୍ ବେଗେ। ନିଜ ଧର୍ମକୁ ଛାଡ଼ି ହିନ୍ଦୁ ଧର୍ମକୁ ଆପଣାଇ ମୁସଲିମ୍ ଝିଅ 'ଫରିନ୍' ହୋଇଗଲେ 'ପ୍ରିୟାଂଶୀ'। ଫରିନ୍‌ଙ୍କ ମଥାରେ ସିନ୍ଦୂର ଦେଇ ୧୦ ବର୍ଷର ପ୍ରେମ ସମ୍ପର୍କକୁ ପ୍ରେମ ସପ୍ତାହରେ ସାମାଜିକ ସ୍ୱୀକୃତି ଦେଇଛନ୍ତି ବଦ୍ରୀ। ଭୁବନେଶ୍ୱର ଭୀମେଶ୍ୱର ମଙ୍ଗଳା ମନ୍ଦିରରେ ବନ୍ଧୁମାନଙ୍କ ଉପସ୍ଥିତିରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି।

କଟକ ଜଗତପୁରରେ ବଦ୍ରିନାରାୟଣ ଓ ଫରିନ୍‌ଙ୍କ ଘର। ଉଭୟଙ୍କ ମଧ୍ୟରେ ୧୦ ବର୍ଷ ହେବ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ହେଲେ ଉଭୟ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ସେମାନଙ୍କ ବିବାହକୁ ସ୍ୱୀକୃତି ଦେବାକୁ ବଦ୍ରିଙ୍କ ପରିବାର ମନା କରିଦେଲେ। ତଥାପି ହାର୍ ମାନିନଥିଲା ପ୍ରେମ। ପରସ୍ପର ପରସ୍ପରକୁ ଦେଇଥିବା ପ୍ରତିଜ୍ଞାରେ ଅଟଳ ରହିଲେ। ଯେତେ ବାଧାବିଘ୍ନ ଆସିଲେ ବି ପରସ୍ପର ସହ ଏକାଠି ରହିବାକୁ ସ୍ଥିର କଲେ ବଦ୍ରି ଓ ଫରିନ୍। ଏମାନଙ୍କ ନିଷ୍ପତ୍ତିକୁ ଆହୁରି ଦୃଢ଼ କରିଥିଲା ଗୋ' ରକ୍ଷକ ଦଳ। ଶେଷରେ ଭୁବନେଶ୍ୱର ଭୀମେଶ୍ୱର ମଙ୍ଗଳା ମନ୍ଦିରରେ ଫରିନା ମଥାରେ ସିନ୍ଦୂର ପିନ୍ଧିଛନ୍ତି। ହିନ୍ଦୁ ରିତିନିତୀ ଅନୁସାରେ ହିନ୍ଦୁ ଘରର ବୋହୂ ପାଲଟି ଯାଇଛନ୍ତି ଫରିନା ତଥା ପ୍ରିୟାଂଶୀ। ଏହାପରେ ବଦ୍ରିଙ୍କ ବାପା ମାଆ ବି ପୁଅ ବୋହୂଙ୍କୁ ଗ୍ରହଣ କରିବା ସହ ପରିବାରରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ଏହି ବିବାହ କାର୍ଯ୍ୟରେ ରାଜେଶ ପୃଷ୍ଟି, ଦେବାଶିଶ ନାୟକ, ରମେଶ ଖୁଣ୍ଟିଆ, ପ୍ରଦ୍ୟୁମ୍ନ ରାଉତ ପ୍ରମୁଖ ଉପସ୍ଥିତ ରହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ତେବେ ବର୍ତ୍ତମାନ ପ୍ରେମ ସପ୍ତାହ ଚାଲିଥିବା ବେଳେ ଏଭଳି ଏକ ନିଆରା ବାହାଘରକୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି।

## ପୂର୍ବତନ ଜିଲ୍ଲା ଜଜ୍ ବ୍ରଜକିଶୋର ପଟ୍ଟନାୟକଙ୍କ ପରଲୋକ



ଭୁବନେଶ୍ୱର, ୧୨।୨ (ସମିସ): ପୂର୍ବତନ ଜିଲ୍ଲା ଜଜ୍ ବ୍ରଜକିଶୋର ପଟ୍ଟନାୟକ(୮୮) ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଢେଙ୍କାନାଳ ଓ ବଲାଙ୍ଗିର ଜିଲ୍ଲାରେ ଜିଲ୍ଲା ଜଜ୍ ତଥା ଏଡୁକେସନ ଟ୍ରିବ୍ୟୁନାଲଇର ପ୍ରିଜାଇଡିଂ ଅଫିସର ହିସାବରେ କାର୍ଯ୍ୟ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କର ଧର୍ମପତ୍ନୀ ମୀରା ପଟ୍ଟନାୟକ, ଦୁଇ ପୁତ୍ର ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ବଳଦେବ ପଟ୍ଟନାୟକ ଓ ଅତିରିକ୍ତ ଜିଲ୍ଲା ଜଜ୍ ଦେବଦତ୍ତ ପଟ୍ଟନାୟକ, ବଡ ଝିଅ ଲୀନା ପଟ୍ଟନାୟକ, ମଝିଆ ଝିଅ ଗୀତା ମହାନ୍ତି, ଜାମାତା ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଜ୍ୟୋତିଶ ମହାନ୍ତି, କନିଷ୍ଠ ଭ୍ରାତା ବୈକୁଣ୍ଠ ନାଥ ପଟ୍ଟନାୟକ ଓ ବିଧାୟକ ଅନନ୍ତ ନାରାୟଣ ଜେନା ଉପସ୍ଥିତ ରହି ତାଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସେଥିରେ ତାଙ୍କର ତିନି ପୁତୁରା ପୂର୍ବତନ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ଅଧୀକ୍ଷଣ ଯନ୍ତ୍ରୀ ମାନସ ରଞ୍ଜନ ପଟ୍ଟନାୟକ ଓ ମୁଖ୍ୟ ଯନ୍ତ୍ରୀ ତାପସ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୨।୨ (ସମିସ): ସତ୍ୟନଗର ଟ୍ରାଫିକ ଛକରେ ଏକ ଦୁର୍ଘଟଣା ଘଟିଛି। କାର୍ ଧକ୍କା ଦେବାରୁ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି। ମୃତକ ହେଲେ ହୀରାକୁଦ ଥାନା ଲରପଙ୍ଗ୍ ଗାଁର ମିତେଶ କୁମାର ଖଟୁଆ (୨୯)।

ମିଳିଥିବା ସୂଚନା ଅନୁସାରେ, ମିତେଶ ରାଜଧାନୀର ଏକ ବେସରକାରୀ ସଂସ୍ଥାରେ ଚାକିରି କରିବା ସହ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଗୁରୁବାର ଭୋର୍ ସମୟରେ ମିତେଶ ବାଇକ୍ ଯୋଗେ ବାଣୀବିହାରରୁ ମାଷ୍ଟରକ୍ୟାଣ୍ଟିନ ଆଡ଼କୁ ଯାଉଥିଲେ। ସେ ସତ୍ୟନଗର ଟ୍ରାଫିକ ଛକ ନିକଟରେ ପାଇଥିବାବେଳେ ପଛରୁ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଛିଟିକି ପଡ଼ିବା ସହ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ଖାରବେଳ ନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମିତେଶଙ୍କ ଭଉଣୀ ନିବେଦିତା ଖଟୁଆଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେପଟେ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି।

● ମାର୍ଚ୍ଚ ୨୭ରେ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ

## ଆସିବେ ଭାରତ ସମେତ ୮ ଦେଶର ଚିତ୍ରଶିଳ୍ପୀ

ଭୁବନେଶ୍ୱର, ୧୨।୨(ସମିସ): ମାର୍ଚ୍ଚ ୨୭ ତାରିଖରୁ ଐତିହାସିକ ଧଉଳି ପାଦଦେଶରେ ଆୟୋଜିତ ହେବାକୁ ଯାଉଛି ୭ମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ। ଏହି କାର୍ଯ୍ୟକ୍ରମରେ ଭାରତ ସମେତ ଲଣ୍ଡନ, ଆମେରିକା, ନେପାଳ, ବାଂଲାଦେଶ, ଭିଏତନାମ, କୋରିଆ ଓ ଇରାକ ପରି ୮ ଟି ଦେଶରୁ ପ୍ରତିଷ୍ଠିତ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିବେ। ଏହି ଅବସରରେ ବରିଷ୍ଠ ଶିଳ୍ପୀଙ୍କୁ ସମ୍ମାନିତ କରାଯିବା ସହିତ କୃତି ଯୁବ ଶିଳ୍ପୀମାନଙ୍କୁ ପୁରସ୍କୃତ କରାଯିବ ଓ ପ୍ରତିଦିନ ସନ୍ଧ୍ୟାରେ କଳାତ୍ମକ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହେବ। ଏହା ସହିତ କୋମଳମତି ଶିଶୁଙ୍କ ଚିତ୍ର ପ୍ରତିଭାକୁ ଲୋକଲୋଚନକୁ ଆଣିବାପାଇଁ ଏକ ସ୍ୱତନ୍ତ୍ର ଶିଶୁ ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୧୫୦୦ ଶିଶୁ ଚିତ୍ରଶିଳ୍ପୀ ଭାଗନେବେ ବୋଲି ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ପଞ୍ଚାନନ ସାମଲ ସୂଚନା ଦେଇଛନ୍ତି। ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ଶିଳ୍ପୀମାନେ ଚଳିତ ମାସ ୨୮ ତାରିଖ ସୁଦ୍ଧା ଧଉଳି ଚାରୁକଳା ମହାବିଦ୍ୟାଳୟଠାରେ ଛବି ଦାଖଲ କରିବାପାଇଁ ଆବେଦନ କରିପାରିବେ ବୋଲି ଶ୍ରୀ ସାମଲ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ଓଡ଼ିଆ ଅସ୍ମିତା ଶିବିର'




ଭୁବନେଶ୍ୱର, ୧୨।୨(ସମିସ): ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ପକ୍ଷରୁ ରାଜ୍ୟସ୍ତରୀୟ ସାଂସ୍କୃତିକ ମହୋତ୍ସବ 'ଓଡ଼ିଆ ଅସ୍ମିତା ଶିବିର-୨୦୨୬' ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଉତ୍ସବକୁ ଉଦଘାଟନ କରିଛନ୍ତି। କୁଳସଚିବ ଅନାମିକା ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ଯୁବ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର ରାଜ୍ୟ ମୁଖ୍ୟ ଡ. ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟର ୨୧ଟି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ସଂଯୋଜକମାନଙ୍କୁ ନେଇ ତିନିଦିନ ବ୍ୟାପି ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ କାର୍ଯ୍ୟକ୍ରମ ଅଧିକାରୀ ଡ. ସାରଦା ପ୍ରସନ୍ନ ଦାସ ସ୍ୱାଗତଭାଷଣ ଦେଇଥିବା ବେଳେ ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଉଟରିଚ୍ ରେଡିଓ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର, ୧୨।୨(ସମିସ): ବିଶ୍ୱ ରେଡିଓ ଦିବସ ଉପଲକ୍ଷେ ସ୍ଥାନୀୟ ଏକାମ୍ର ହାଟରେ 'ଆଉଟରିଚ୍ ରେଡିଓ ମେଳା-୨୦୨୬' ଉଦ୍‌ଘାଟିତ ହୋଇଯାଇଛି। ଦ୍ୱାଦଶ ରେଡିଓ ମେଳାକୁ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ଶାସନସଚିବ ପୁନମ ଗୁହା ତାପସ କୁମାର, ବିଆଇଏସ୍ ନିର୍ଦ୍ଦେଶକ ଡ. ଏ.କେ ପୁରୋହିତ, ରେଡିଓ ନମସ୍କାର ପ୍ରତିଷ୍ଠାତା ଏନ୍ ଏ ଶାହା ଅନ୍‌ସାରୀ, ସିନୟର ବ୍ରଡକାଷ୍ଟର ଅଶୋକ ପାଣିଗ୍ରାହୀ, ଆଉଟରିଚ୍ ମୁଖ୍ୟ ସୁବ୍ରତ କୁମାର ପତି ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି।



ଚଳିତ ବର୍ଷ ମେଳାରେ ଅନେକ ରେଡିଓ ଚ୍ୟାନେଲ ସମେତ ବିଭିନ୍ନ ରାଜ୍ୟର ଲାଇସେନ୍ସପ୍ରାପ୍ତ ହାମ୍ ରେଡିଓ ଅପରେଟରମାନଙ୍କ ଦ୍ୱାରା ହାମ୍ ରେଡିଓ ସମେତ ଏମରଜେନ୍ସି ରେଡିଓର ପ୍ରଦର୍ଶନୀ କରାଯାଇଛ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସମିତି (ଓସଡମା) ପକ୍ଷରୁ ଓଡ୍ରାଫ ଓ ହାମ ରେଡିଓ ଅପରେଟରମାନଙ୍କ ଷ୍ଟଲରେ ଭିଡ଼ ଜମିବା ସହ ମେଳାର ସବୁଠାରୁ ଆକର୍ଷଣ ପାଲଟିଛି ପୁରୁଣା ରେଡିଓ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ରେଡିଓ ସଂଗ୍ରାହକ ମାନେ ୩ ହଜାରରୁ ଉର୍ଦ୍ଧ୍ୱ ରେଡିଓ ଏଠାରେ ପ୍ରଦର୍ଶନ ସହ ବିକ୍ରୟ କରୁଛନ୍ତି। ଚଳିତ ବର୍ଷ ରେଡିଓ ମେଳା ଜରିଆରେ ସାଧାରଣ ଲୋକ ଓ ରେଡିଓ ଷ୍ଟେସନମାନଙ୍କୁ ସୌରଶକ୍ତିର ବ୍ୟବହାର ପାଇଁ ଉତ୍ସାହିତ କରାଯିବାକୁ ଏକ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଛି। ଏଥର ମେଳାରେ ଉପକୂଳବର୍ତ୍ତୀ ଜିଲ୍ଲାର ରେଡିଓ ପ୍ରସାରକମାନଙ୍କ ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓ ଆଉଟରିଚ୍ ପକ୍ଷରୁ ମିଳିତ ଭାବେ କର୍ମଶାଳା ଏବଂ ବିପର୍ଯ୍ୟୟ ସମୟରେ ରେଡିଓର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ପ୍ରଥମ ଦିନରେ ଛାତ୍ରଛାତ୍ରୀଙ୍କ ପାଇଁ ରେଡିଓ ସମ୍ପର୍କିତ ବିଷୟକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସନ୍ତା କାଲି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ମାର୍ଚ୍ଚ ୨୨ରେ 'ବିଜେବି ଫ୍ରେଣ୍ଡସ୍'ର କର୍ମକର୍ତ୍ତା ନିର୍ବାଚନ




ଭୁବନେଶ୍ୱର, ୧୨।୨ (ସମିସ): ବିଜେବି କଲେଜର ପୁରାତନ ଛାତ୍ର ସଂସଦ 'ବିଜେବି ଫ୍ରେଣ୍ଡସ୍'ର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ମାର୍ଚ୍ଚ ମାସ ୨୨ ତାରିଖରେ ଅନୁଷ୍ଠିତ ହେବ। ଫେବୃଆରୀ ୧୮ ତାରିଖ ୫ଘଟିକା ସୁଦ୍ଧା ଚୂଡ଼ାନ୍ତ ସଦସ୍ୟ ସଦସ୍ୟାମାନଙ୍କ ତାଲିକା ପ୍ରକାଶ ପାଇବା ସହ ୧୯ ତାରିଖ ସକାଳ ୧୦ଟାରୁ ଅପରାହ୍ଣ ୩ଟା ଯାଏ ନାମାଙ୍କନ ପତ୍ର ଦାଖଲ କରାଯିବ। ମାର୍ଚ୍ଚ ୨୨ ତାରିଖରେ ସକାଳ ୮ଟାରୁ ଅପରାହ୍ଣ ୫ଟା ଯାଏ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଉକ୍ତ ଦିନ ଭୋଟ୍ ଗଣତି ସରିବା ପରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ଏଥିପାଇଁ ସମସ୍ତ ସଦସ୍ୟ ଓ ସଦସ୍ୟାଙ୍କ ତାଲିକା ବିଜେବି କଲେଜ ୱେବସାଇଟ୍ (www.bjbcollege.in)ରେ ଉପଲବ୍ଧ ରହିଛି। ଯଦି କୌଣସି ସଦସ୍ୟ ଓ ସଦସ୍ୟାଙ୍କ ନାମ ସେଥିରେ ସ୍ଥାନୀତ ହୋଇପାରି ନାହିଁ ସେମାନେ ଉପଯୁକ୍ତ ପ୍ରମାଣ(ଦେୟ ରସିଦ୍ ଏବଂ ପରିଚୟ ପ୍ରମାଣପତ୍ର) ପ୍ରଦାନ କରି ଫେବୃଆରୀ ୧୨ରୁ ୧୭ ତାରିଖ ଅପରାହ୍ଣ ୩ଟାରୁ ୫ଟା ମଧ୍ୟରେ 'ବିଜେବି ଫ୍ରେଣ୍ଡସ୍' ର କାର୍ଯ୍ୟାଳୟରେ ପଞ୍ଜୀକୃତ କରିପାରିବେ ବୋଲି 'ବିଜେବି ଫ୍ରେଣ୍ଡସ୍' ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଦର୍ଶାଯାଇଛି।

## ଓମ୍‌ଫେଡ୍ ମୁଖ୍ୟାଳୟରେ କେନ୍ଦ୍ର ସମବାୟ ସଚିବ

■ ଓମ୍‌ଫେଡ୍ କାର୍ଯ୍ୟଶୈଳୀକୁ ଦେଖି ଖୁସି ପ୍ରକଟ କଲେ
■ କେନ୍ଦ୍ରୀୟ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି

ଭୁବନେଶ୍ୱର, ୧୨।୨(ସମିସ): :ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ନୂତନ ଉତ୍ପାଦ ପ୍ରସ୍ତୁତ କ୍ଷେତ୍ରରେ ଓମ୍‌ଫେଡ୍ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଏହି କଥା କହିଛନ୍ତି କେନ୍ଦ୍ର ସମବାୟ ବିଭାଗ ଶାସନ ସଚିବ ଡକ୍ଟର ଆଶିଷ କୁମାର। ଓଡ଼ିଶା ଗସ୍ତରେ ଆସିଥିବା ଡକ୍ଟର ଆଶିଶ କୁମାର ଆଜି ସହିଦ ନଗରସ୍ଥିତ ଓମ୍‌ଫେଡ୍ ମୁଖ୍ୟାଳୟରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ଏହି କଥା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସମବାୟ ବିଭାଗର ଯୁଗ୍ମ ସଚିବ ସିଦ୍ଧାର୍ଥ ଜୈନ, ରାଜ୍ୟ ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଭାକର ପାଟିଲ, କେନ୍ଦ୍ର ସମବାୟ ବିଭାଗର ନିର୍ଦ୍ଦେଶକ ମୁକେଶ କୁମାର, ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ଅମୃତା କୁଲାଙ୍ଗେ, ରାଜ୍ୟ ସମବାୟ ବିଭାଗର ରେଜିଷ୍ଟ୍ରାର ସିଦ୍ଧାର୍ଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଓମ୍‌ଫେଡ୍ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ସମ୍ପର୍କରେ ପରିଚାଳନା ନିର୍ଦ୍ଦେଶକ ଶ୍ରୀ କୁଲାଙ୍ଗେ କେନ୍ଦ୍ର ସମବାୟ ସଚିବଙ୍କୁ ଅବଗତ କରାଇଥିଲେ। ଓମ୍‌ଫେଡ୍ ଦୁଗ୍ଧ ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ଉତ୍ପାଦ ପ୍ରସ୍ତୁତି ଏବଂ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତାର ତରିକା ସମ୍ପର୍କରେ ଅବଗତ ହେବା ସହ ସେ ବେଶ୍ ଖୁସି ପ୍ରକଟ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଓମ୍‌ଫେଡର ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଅତି ଉଚ୍ଚମାନର ଏବଂ ସ୍ୱାସ୍ଥ୍ୟକର ଉତ୍ପାଦ ପ୍ରସ୍ତୁତ କରୁଥିବା ଜାଣି ଓମ୍‌ଫେଡକୁ ପ୍ରଶଂସା କରିଛନ୍ତି। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିବା ପରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଛି। ଆଗାମୀ ଦିନରେ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ପାଇଁ ଜାତୀୟ କାର୍ଯ୍ୟକ୍ରମ ଯୋଜନାରେ ରାଜ୍ୟରେ ନୂତନ ସମବାୟ ସମିତି ଗଠନ କରିବାକୁ ସେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥିପାଇଁ କେନ୍ଦ୍ରୀୟ ସହାୟତା ଯୋଗାଇଦେବାକୁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି। ଦୁଗ୍ଧ ଚାଷୀମାନେ କିପରି ଅଧିକ ଲାଭବାନ ହେବେ ଏବଂ ସରକାରଙ୍କର ବିଭିନ୍ନ ଯୋଜନା କିପରି ସେମାନଙ୍କ ନିକଟରେ ପହଞ୍ଚିବ, ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ଅପେରା ମାଷ୍ଟର୍ସ ଆସୋସିଏସନର ବୈଠକ



ଭୁବନେଶ୍ୱର, ୧୨।୨(ସମିସ): ଅପେରା ମାଷ୍ଟର୍ସ ଆସୋସିଏସନର ବୈଠକ ଶତାବ୍ଦୀର କଳାକାର ଅନୁଷ୍ଠାନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ ଜଣ ସଭ୍ୟଙ୍କ ଉପସ୍ଥିତି ଥିଲେ। ସଭାପତି ବିଜୟ ଦାସଙ୍କ ସଭାପତିତ୍ୱରେ ଓମାର ରେଜିଷ୍ଟ୍ରେସନ ସାର୍ଟିଫିକେଟ ଓ ଲୋଗୋର ଉନ୍ମୋଚନ ଉତ୍ସବ ସମାରୋହ ପରେ କାର୍ଯ୍ୟନିର୍ବାହୀ କମିଟିକୁ ଭାଙ୍ଗିଦିଆ ଯାଇଥିଲା। ପରେ ନୂତନ କାର୍ଯ୍ୟନିର୍ବାହୀ କମିଟି ପାଇଁ ନିର୍ବାଚନ କରାଯାଇଥିଲା। ସବୁ ଉପସ୍ଥିତ ସଭ୍ୟଙ୍କ ସର୍ବସମ୍ମତି କ୍ରମେ ନାଟ୍ୟକାର / ନିର୍ଦ୍ଦେଶକ ବିଜୟ ଦାସଙ୍କୁ ପୁଣି ଥରେ ସଭାପତି ଭାବେ ଚୟନ କରାଗଲା ଏବଂ କାର୍ଯ୍ୟକାରୀ ସଭାପତି ନାଟ୍ୟକାର / ନିର୍ଦ୍ଦେଶକ ହର ବାରିକ, ଉପସଭାପତି ନିର୍ଦ୍ଦେଶକ କିଶୋର ଖଣ୍ଡୁଆଳ ଓ ନାଟ୍ୟକାର ନିହାର ରଞ୍ଜନ ମହାନ୍ତି, ସମ୍ପାଦକ ଭାବେ ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତିଙ୍କୁ ନିର୍ବାଚିତ କରାଯାଇଛି। ନିର୍ବାଚନ ଅଧିକାରୀ ଲକ୍ଷ୍ମୀକାନ୍ତ ପାଳିତ, ଲାଲା ବୀରେନ ରାୟ, ସୁଧାଂଶୁ ନାୟକ, ଦୀନେଶ ଦାସ ଓ ଗୋଲେକ ମହାରଣା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ସ୍ୱତନ୍ତ୍ର ଶିବିର



ବଡ଼ରଘୁନାଥପୁର, ୧୨।୨(ସମିସ): ଆଶା କିରଣ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟରେ ଏକ ସାତ ଦିନିଆ ସ୍ୱତନ୍ତ୍ର ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଅଂଶ ଗ୍ରହଣ କରିଥିବା ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଯୋଗାଭ୍ୟାସ, ସାମାଜିକ କାର୍ଯ୍ୟକ୍ରମ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାମାଜିକ କାର୍ଯ୍ୟକ୍ରମରେ ନିକଟସ୍ଥ ଛତାବର ଗ୍ରାମର ପରିସର ଓ ମନ୍ଦିର ପରିସରକୁ ପରିଷ୍କାର କରାଯିବା ସହିତ ନାଟକ ପରିବେଷଣ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଶିବିରର ଉଦ୍‌ଯାପନୀ ଦିବସ ରେ ଶିକ୍ଷାବିତ ସରିତା ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଶା କିରଣ ଗ୍ରୁପର ପ୍ରତିଷ୍ଠାତା ତଥା ସମ୍ପାଦକ ଅବଦୁଲ୍ ମୁତାଲିବ ଖାନ୍, ଅଧ୍ୟକ୍ଷ ପ୍ରଫେସର ଡଃ ଭୀମସେନ ସ୍ୱାଇଁ ଓ ନିର୍ଦ୍ଦେଶିକା ପ୍ରଫେସର ପୂର୍ଣ୍ଣିମା ପଟ୍ଟନାୟକ ଶିବିରର ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ ଏବଂ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ବିଶ୍ୱଜିତ୍ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆକର୍ଷଣରେ ଆଦିବାସୀ ସମାଜରେ ପ୍ରଚଳିତ ଚିତ୍ରକଳା

# ଜନଜାତିଙ୍କ କଳା, ସଂସ୍କୃତି ବଖାଣୁଛି ଇଡିତାଲ୍ ପେଣ୍ଟିଂ

ଭୁବନେଶ୍ୱର, ୧୨।୨(ସମିସ): ଓଡ଼ିଶାରେ ଆଦିବାସୀ ସମାଜରେ ପ୍ରଚଳିତ ଚିତ୍ରକଳା ହେଉଛି ଇଡିତାଲ ପେଣ୍ଟିଂ। ଏହା ମୁଖ୍ୟତଃ ଝୋଟି ଚିତା ଭାବେ ଜଣାଶୁଣା। ଏହି ଝୋଟିକୁ କାନ୍ଥରେ ବିଭିନ୍ନ ପର୍ବପର୍ବାଣୀରେ ପକାଯାଇଥାଏ। ତେବେ ଏହାର ମୂଳ ଲକ୍ଷ୍ୟ ହେଉଛି ବିଭିନ୍ନ ଦେବୀଙ୍କୁ ଆବାହନ କରି ସନ୍ତୁଷ୍ଟ କରିବା। ଲାଞ୍ଜିଆ ସଉରା ସମ୍ପ୍ରଦାୟମାନେ ଏହି ଚିତ୍ର ଆଙ୍କିଥାନ୍ତି। ସଉରା ଭାଷାରେ ଇଡିର ଅର୍ଥ ହେଉଛି ଚିତ୍ର ତାଲର ଅର୍ଥ କାନ୍ଥ। କାନ୍ଥ ଉପରେ ଉପରେ ଚିତ୍ର ହୋଇଥିବାରୁ ଏହାର ନାମ ଇଡିତାଲ ରହିଛି। ୨୦୨୪ ମସିହାରେ ଜିଆଇ ଟ୍ୟାଗ୍ (ଭୌଗୋଳିକ ସୂଚକ) ପାଇଥିବା ଏହି ପାରମ୍ପରିକ ଚିତ୍ରକଳାର ଲାଇଭ ଡେମୋନଷ୍ଟ୍ରେସନ୍ ଦେଖିବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଆରମ୍ଭ ହୋଇଥିବା ଜନଜାତି ସମ୍ପ୍ରଦାୟଙ୍କ କଳା ଓ କଳାବସ୍ତୁ ପ୍ରଦର୍ଶନୀରେ ରାୟଗଡ଼ା ଜିଲ୍ଲା ଗୁଣୁପୁର ର ସୌରା ଇଡିତାଲ ଗ୍ରୁପ୍ ପକ୍ଷରୁ ପ୍ରଦର୍ଶିତ ବିଭିନ୍ନ ଚିତ୍ରକଳା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି।



ସଉରା ସମ୍ପ୍ରଦାୟରେ ବିଶ୍ୱାସ ରହିଛଇ ଯେ, ପୃଥିବୀର ମଙ୍ଗଳ ନିମନ୍ତେ କିତୁଙ୍ଗ ବା ଭଗବାନ ଜୀବଜନ୍ତୁ, ବୃକ୍ଷଲତା ଇତ୍ୟାଦି ସୃଷ୍ଟି କରିଛନ୍ତି। ସେମାନଙ୍କୁ ସନ୍ତୁଷ୍ଟ କରିଲେ ନିଜର ତଥା ଗ୍ରାମର ମଙ୍ଗଳ ହୁଏ। ଚିତ୍ରକଳାରେ ସେମାନେ ନିଜର ପ୍ରତ୍ୟେକ ଦେବାଦେବୀଙ୍କର ନରଖି ଦୈନନ୍ଦିନ ଜୀବନ ପ୍ରଣାଳୀକୁ ଆଙ୍କି ପରୋକ୍ଷରେ ସେମାନଙ୍କୁ ଆବାହନ କରି ବିଶ୍ୱାସ ଓ ଭକ୍ତିର ପରିଚୟ ଦେଇଥାନ୍ତି। ତେବେ ଇଡିତାଲର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଘରର ଇଷ୍ଟଦେବତା ଭାବେ ପୂଜା ପାଇଥାଏ। ଚିତ୍ରରେ ଗ୍ରାମ ମଝିରେ ରହିଥିବା ଗ୍ରାମଦେବତୀ ମାଣ୍ଡୁଆ ସୁମ୍, ରୌଡା ସୁମ୍, ଯୁଡ଼ି ସୁମ୍ ସମ୍ପର୍କରେ ଚିତ୍ରରେ ଦର୍ଶାଯାଇଛି। ସେହିପରି ପରିବାର ମଧ୍ୟରେ କାହାରି ଦେହ ଅସୁସ୍ଥ ହେଲେ ଚିତ୍ର ପାଖରେ ରୋଗୀକୁ ଶୁଆଇ ଜଣେ ବୟୋଜ୍ୟେଷ୍ଠ ଅଧିଆ ପଡ଼ନ୍ତି। ପରିବାର ଆଉ ଜଣେ ସ୍ତ୍ରୀ ସଦସ୍ୟ କୁଲାରେ ଚାଉଳ ରଖି ହଳଦୀ ମିଶାଇ ହାତରେ ବୁଲାଇବା ସମୟରେ ଆଦିବାସୀ ଗୀତ ଗାଇଥାନ୍ତି। ଏଭଳି କରିବା ଦ୍ୱାରା ସେମାନେ ସୁସ୍ଥ ରଖିବା ବିଶ୍ୱାସ କରନ୍ତି। ଦୁଃଖ, ଦୁର୍ଦ୍ଦିନ ଓ ଦୁର୍ବିପାକ ସମୟରେ ସେମାନେ ଅଲୌକିକ ଶକ୍ତିର କୁପ୍ରଭାବରୁ ମୁକ୍ତି ପାଇବାରେ ବିଶ୍ୱାସରେ ଚିତ୍ର ଅଙ୍କନ କରି ତା ନିକଟରେ ବଳି ଦେଇଥାନ୍ତି। ଏହାସହ ପିତୃପୁରୁଷଙ୍କୁ ଚିତ୍ରରେ ସ୍ଥାନ ଦେଲେ ଘର ଓ ପରିବାର ମଙ୍ଗଳ ହେଉଥିବା ସେମାନେ ବିଶ୍ୱାସ କରନ୍ତି। ସେହିପରି ଏହି ଚିତ୍ର ଭୂତ, ପ୍ରେତ, ପିଶାଚ ଆଦି ଅଦୃଶ୍ୟ ଶକ୍ତିକୁ ଆୟତ୍ତ କରିଥାଏ। ଏଭଳି ଅନେକ କଥାକୁ ଚିତ୍ରକୁ ଦର୍ଶାଯାଇଛି। ଯାହାକୁ ଗୋଟି ଗୋଟି କରି ପରିଦର୍ଶକଙ୍କୁ ବୁଝାଉଛନ୍ତି ପ୍ରଶିକ୍ଷକ ଯୋଗୀ ଶବର। ତେବେ ଗ୍ରାମରେ ପ୍ରଥମେ କିଏ ନୂଆ ଘର ନିର୍ମାଣ କଲେ ମଧ୍ୟ ପୂଜକଙ୍କୁ ନିମନ୍ତ୍ରଣ କରି ଚିତ୍ର କାର୍ଯ୍ୟ ଆରମ୍ଭ କରିବା ପରମ୍ପରା ରହିଛି। ତେବେ ଏକଦା ନିଜର ପରମ୍ପରା ଥିବା ଏହି ଚିତ୍ରକଳା ଏବେ ବିଭିନ୍ନ ସରକାରୀ ଅବା ବେସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଦେଶର ପ୍ରମୁଖ ସ୍ଥାନରେ ଦେଖିବାକୁ ମିଳୁଛି। ଏହି ଚିତ୍ରକଳା ଗୁଡ଼ିକ ଓରମାସ୍, ଉତ୍କଳିକା ଆଦିରେ ଉପଲବ୍ଧ ରହିଥିବା ବେଳେ ବିଭିନ୍ନ ମେଳା ମହୋତ୍ସବରେ ମଧ୍ୟ ବିକ୍ରି ହୋଇଥାଏ। କାନଭାସ୍ ଉପରେ ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାକୁ ବଢ଼ାଣୁଥିବା ଇଡିତାଲ ପ୍ରଶିକ୍ଷଣ ପାଇଁ ମାଷ୍ଟର କ୍ରାଫ୍ଟ ଫରସନ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ପ୍ରତ୍ୟେକଙ୍କୁ ମାସିକ ଷ୍ଟାଇପେଣ୍ଡ ମଧ୍ୟ ପ୍ରଦାନ କରାଯାଉଥିବା ସେ କହିଛନ୍ତି। ଯାହାକି ଏହି ଚିତ୍ରକଳାକୁ ବଞ୍ଚାଇ ରଖିବା ସହ ଯୁବପିଢ଼ୀଙ୍କୁ ରୋଜଗାରକ୍ଷମ କରାଇବାରେ ସହାୟକ ହୋଇଛି। ଏହାସହ ଦେଶ ବିଦେଶରେ ମଧ୍ୟ ଇଡିତାଲର ଲାଇଭ୍ ଡେମୋନଷ୍ଟ୍ରେସନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଶ୍ରୀ ଶବର କହିଛନ୍ତି।




# ବନ୍ଦ ରହିଲା ସମ୍ବଲପୁର



**ସମ୍ବଲପୁର, ୧୨।୨ (ସମିସ)**

ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ରହିଲା ସମ୍ବଲପୁର। ଦୋକାନବଜାର ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦ ରଖିଥିବାବେଳେ ବିଭିନ୍ନ ଟ୍ରେଡ୍ ୟୁନିଅନ୍ ସଦସ୍ୟ, ଚାଷୀ ଓ କଂଗ୍ରେସ କର୍ମୀମାନେ ପିକେଟିଂ କରି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ଓ ବୀମା କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ଅଫିସ ଆଦି ବନ୍ଦ କରିଥିଲେ। ହସ୍ପିଟାଲ, ଔଷଧ ଦୋକାନ ଆଦି ଅତ୍ୟାବଶ୍ୟକୀୟ ସେବାକୁ ବାଦ୍ ଦେଲେ ସମ୍ବଲପୁରରେ ସବୁକିଛି ବନ୍ଦ ରହିଥିଲା। କୋର୍ଟ, କଚେରି ଓ ଶିକ୍ଷାନୁଷ୍ଠାନ ଗୁଡ଼ିକ ଖୋଲା ରହିଥିବାବେଳେ ସେଠାରେ ମହକିଲ, ଓକିଲ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପ୍ରାୟ ନ ଥିଲା କହିଲେ ଚଳେ।

ଶ୍ରମିକ ବିରୋଧୀ ଶ୍ରମକୋର୍ଡ ବାତିଲ ଦାବି, ଜି.ରାମ୍.ଜି ଆଇନ ପ୍ରତ୍ୟାହାର କରି ମନରେଗା ଲାଗୁ କରିବା, ଜନବିରୋଧୀ ବିଦ୍ୟୁତ୍ ବିଲ ସଂଶୋଧନ ପ୍ରତ୍ୟାହାର, କୃଷକ ବିରୋଧୀ ବିଲ୍ -୨୦୨୫ ବାତିଲ ଆଦି ଦାବିନେଇ ଟ୍ରେଡ୍ ୟୁନିଅନ ମିଳିତ ସଂଘ 'ଭାରତ ବନ୍ଦ'କୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲା। ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ୍, ସେୱା ଏବଂ ବ୍ୟାଙ୍କ, ବୀମା, ରାଜ୍ୟ ଓ କେନ୍ଦ୍ର ସରକାରୀ କର୍ମଚାରୀ ତଥା ଶିଳ୍ପ ସମୂହର ସ୍ୱାଧୀନ ଫେଡେରେସନଙ୍କ ସହ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ, କଂଗ୍ରେସ, ବାମଦଳ ପକ୍ଷରୁ ଆଜି ସକାଳେ ଲକ୍ଷ୍ମୀଟକିଜ୍ ଛକରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ବେସରକାରୀ ବସ୍ ସହ ଆମ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବାତିଲ ରହିଥିଲା। ଧର୍ମଘଟ ସମୟରେ ପେଟ୍ରୋଲ ପମ୍ପ ଗୁଡ଼ିକ ମଧ୍ୟ ବନ୍ଦ ରହିଥିଲା। ଜିଲ୍ଲାପାଳ କାର୍ଯ୍ୟାଳୟ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ସଦର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଆଦିକୁ ଆନ୍ଦୋଳନକାରୀମାନେ ପିକେଟିଂ କରି ବନ୍ଦ କରିଥିଲେ। ସମସ୍ତ ବ୍ୟାଙ୍କ ଓ ବୀମା କାର୍ଯ୍ୟାଳୟ ବନ୍ଦ ରହିଥିଲା। ସମ୍ବଲପୁରର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସିଟୁ ର ଗଦାଧର କୁଅଁର, ମହେଶ୍ୱର ଷଣ୍ଢ, ଲଳିତ ପଟ୍ଟନାୟକ, ପ୍ରଣୟ ନାୟକ, ହିନ୍ଦ୍ ମଜଦୂର ସଭା (ଏଚଏମ୍ଏସ) ର ଗୋକୁଳ ମେହେର, ସଞ୍ଜିତ ମହାନ୍ତି, ଚୁମନ ପ୍ରଧାନ, ଆର୍ଯ୍ୟାନ ବହିଦାର, ଯୋଗେନ୍ଦ୍ର ବେହେରା, ସୁମିତ ପଟେଲ, ଏଆଇଟିୟୁସି ର ନଟୁ ଗୋପାଳ, ଇନ୍ଦ୍ରଜିତ ତାଣ୍ଡି, ଆଇଏନ୍‌ଟିୟୁସି ର ମୋହନ ସା, ଦିଲୀପ ଦୁରିଆ ପ୍ରମୁଖ ବହୁ କର୍ମକର୍ତ୍ତା ଓ ସଦସ୍ୟମାନେ ସାମିଲ ହୋଇଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ଓ ପ୍ରବକ୍ତା ସରୋଜଙ୍କ ସହ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପଧାନ, ଭୈରବ ପ୍ରଧାନ, ସନ୍ତୋଷ ସାହୁ, ସନ୍ତୋଷ ତେଲେଙ୍ଗା, ଯୋଗେଶ ଭୋଇ, ତରଣୀସେନ ଭୋଇ, ବିପିନ ଭୁଏ, ନନ୍ଦଲାଲ ତ୍ରିପାଠୀ, ସୌମ୍ୟଭୂଷଣ ସାହାଣୀ, କାଶୀ ବିଶ୍ୱନାଥ, ମନବୋଧ ବାରିକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

ହିନ୍ଦ ମଜଦୁର ସଭାର ଶ୍ରମିକ ନେତା ଗୋକୁଳ ମେହେର କହିଛନ୍ତି, କେନ୍ଦ୍ର ସରକାର ଯେଉଁ ୪ଟି ଶ୍ରମ କୋଡ୍ ଆଣିଛନ୍ତି, ଏହାଦ୍ୱାରା ଶ୍ରମିକ ମାନଙ୍କ ବହୁତ କ୍ଷତି ହେବ। ରାଜନୈତିକ ଉଦ୍ଦେଶ୍ୟ ରଖି ମନରେଗାକୁ ଜି-ରାମ-ଜି ସ୍କିମ କରାଯାଇଥିବାରୁ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରୁଛୁ। ଆନ୍ଦୋଳନରେ ଆମକୁ ବିଭିନ୍ନ ଟ୍ରେଡ ୟୁନିୟନ ଓ ସାମାଜିକ ସଂଗଠନ ସହାୟତା କରୁଛନ୍ତି, ତେବେ ଅତ୍ୟାବଶ୍ୟକ ସେବାକୁ ବନ୍ଦରୁ ବାଦ ଦିଆଯାଇଛି। ଯୁବ ଶ୍ରମିକ ନେତା ସଞ୍ଜିତ ମହାନ୍ତି କହିଛନ୍ତି, ଜାତୀୟ ଶ୍ରମିକ ସଂଗଠନ ପକ୍ଷରୁ ସର୍ବଭାରତୀୟସ୍ତରରେ ଧର୍ମଘଟର ଡାକରା ଦିଆଯାଇଛି। ଏହି କ୍ରମରେ ସମ୍ବଲପୁର ବନ୍ଦ କରାଯାଉଛି, ବିଶେଷକରୀ ଶ୍ରମ ଆଇନକୁ ପରିବର୍ତ୍ତନ କରାଯାଇ ଯେଉଁ ହିସାବରେ ଶ୍ରମ କୋଡ୍ ଲାଗୁ କରିବାକୁ ଉଦ୍ୟମ କରାଯାଉଛି ତାହାକୁ ଆମେ ତୀବ୍ର ବିରୋଧ କରୁଛୁ। ଏହି ଆନ୍ଦୋଳନକୁ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ମଧ୍ୟ ସମର୍ଥନ କରିଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ସରକାର କୃଷି ଓ ଶ୍ରମିକକୁ ଅବହେଳା କରୁଛନ୍ତି। ଏବେ ପୁଣି ଶ୍ରମିକ ମାନଙ୍କ ନିମନ୍ତେ ନୂତନ ଶ୍ରମିକ ବିରୋଧୀ ଶ୍ରମ କୋଡ୍ ଆଣୁଛନ୍ତି। କେନ୍ଦ୍ର ସରକାର ଟ୍ରେଡ୍ ଡିଲ୍ କରି ବିଦେଶରୁ ଆମଦାନୀ କରିବା ବ୍ୟବସ୍ଥା କରୁଥିବାବେଳେ ଅନ୍ୟପକ୍ଷରେ ଚାଷୀର ଉତ୍ପାଦକୁ ନକିଣିବାକୁ ମସୁଧା କରି ଚାଷୀକୁ କ୍ଷତିଗ୍ରସ୍ତ କରିବାରେ ଲାଗିଛନ୍ତି। ସର୍ବନିମ୍ନ ସହାୟତା ମୂଲ୍ୟ (ଏମ୍ଏସ୍‌ପି) ଉପରେ ଥିବା ସହାୟତା ରାଶିକୁ ଉଠାଇଦେବା ପାଇଁ ଚକ୍ରାନ୍ତ ଆରମ୍ଭ ହେଲାଣି ବୋଲି ଶ୍ରୀ ଠାକୁର ଅଭିଯୋଗ କରିଛନ୍ତି।

















## ମହିଳା ମହାବିଦ୍ୟାଳୟରେ ଆନ୍ତର୍ଜାତିକ ଆଲୋଚନାଚକ୍ର ଉଦ୍‌ଯାପିତ

**ସମ୍ବଲପୁର, ୧୨।୨ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ (ଆଇକ୍ୟୁଏସି) ର ମିଳିତ ଆନୁକୂଲ୍ୟରେ 'ଜଳବାୟୁ ପରିବର୍ତ୍ତନ ଏବଂ ଜୈବ-ବିବିଧତା ସଂରକ୍ଷଣ'କୁ ନେଇ ଦ୍ୱିଦିବସୀୟ ଜାତୀୟ ସମ୍ମାନ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁରସ୍ଥିତ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ ଏବଂ ସମ୍ମାନିତ ଅତିଥି ଭାବରେ ପ୍ରଫେସର ହେମକୁମାର ନାୟକ ଯୋଗଦାନ କରି ଗବେଷଣା ତଥା ସାମୂହିକ ମଙ୍ଗଳପ୍ରାପ୍ତି ଲକ୍ଷ୍ୟରେ ଏଭଳି ସମ୍ମାନ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଛାତ୍ରୀମାନେ ପ୍ରାଣୀ ବିଜ୍ଞାନର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ଥିବା ୪୦ଟି ଗବେଷଣା ପ୍ରସ୍ତୁତ କରିଥିଲେ। ଏହି ସମ୍ମାନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଦୀପ ନାୟକ, ପ୍ରଫେସର ଅମୀୟ ପଟେଲ, ଭାରତୀୟ ଭେଷଜ ଗବେଷଣା ପରିଷଦ, ପୁଡୁଚେରିର ଗବେଷକ-ବୈଜ୍ଞାନିକ ଶୁଭାଶିଷ କର୍ଣ୍ଣ, ଗୋବିନ୍ଦ ବଲ୍ଲଭ ପନ୍ଥ କୃଷି ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଧୀର କୁମାର ଗୁରୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ହେମକୁମାର ନାୟକ ତଥା ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀ ଆଲୋଚନାରେ ଭାଗ ନେଇ ଗବେଷଣା ପତ୍ର ପାଠ କରିବାସହ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ତଥା ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ଅନୀଶା ପଟ୍ଟନାୟକ, ତନୁଜା ସାହୁ, ରଶ୍ମିପ୍ରିୟା ଗୌଡ଼, ସରସ୍ୱତୀ ମଲ୍ଲିକ, କ୍ଷୀରେଶ୍ୱର ମେହେର ପ୍ରମୁଖ ସମ୍ମାନ ଆୟୋଜନରେ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡର ବନଖଣ୍ଡ ଅଧିକାରୀ ଡ. ଅଂଶୁପ୍ରଜ୍ଞା ଦାସ ଯୋଗଦେଇ ଜୈବ ବିବିଧତା ସଂରକ୍ଷଣର ମହତ୍ତ୍ୱ ଏବଂ ଏଥିପାଇଁ ମାନବ ସମାଜର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ମଳୟ ରଞ୍ଜନ ମହାନନ୍ଦ ଯୋଗଦେଇ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ଜୈବ-ବିବିଧତା ସଂରକ୍ଷଣର ଉପାଦେୟତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଜାତୀୟ ସମ୍ମାନର ଆବାହକ ଏବଂ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁନୀଲ କୁମାର ଗୁରୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆୟୋଜନ ସମ୍ପାଦକ ଡ. ଶୁଭସ୍ୱରାଜ ପଟ୍ଟନାୟକ ଜାତୀୟ ସମ୍ମାନର ଉଦ୍ଦେଶ୍ୟ ବିଷୟରେ ଧ୍ୟାନ ଆକର୍ଷଣ କରିଥିଲେ। ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ମାନବୀୟ କାର୍ଯ୍ୟକଳାପ ପ୍ରାକୃତିକ ସମ୍ବଳ ଏବଂ ପରିବେଶ ଉପରେ ଦୃଷ୍ଟିପାତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଣୀ ବିଜ୍ଞାନ ପ୍ରଫେସର ମିଲନ କୁମାର ବେହେରାଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ତଥା ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଓଡ଼ିଆ ବିଭାଗ ସହଯୋଗୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଜାତୀୟ ସମ୍ମାନର ସଂଯୋଜକ ଦାୟିତ୍ୱ ତୁଲାଇଥିଲେ ଏବଂ ସହ-ଆବାହକ ଡକ୍ଟର ଜ୍ୟୋତ୍ସ୍ନାରାଣୀ ସେଠୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଡିଏଭିରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ



**ସମ୍ବଲପୁର, ୧୨।୨(ସମିସ):** ଶିକ୍ଷାନୁଷ୍ଠାନ ଡିଏଭି ବୁର୍ଲା ବିଦ୍ୟାଳୟ ପରିସରରେ ମହର୍ଷି ଦୟାନନ୍ଦ ସରସ୍ୱତୀ ଜୟନ୍ତୀ ପାଳିତ ହୋଇଛି। ଏହି ପବିତ୍ର ଦିବସରେ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ସ୍ୱାମୀଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଣ୍ଡା ନିଜ ଅଭିଭାଷଣରେ ମହର୍ଷି ଦୟାନନ୍ଦଙ୍କ ଜୀବନବିଷୟରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ସାହୁ ସ୍ୱରଚିତ କବିତା, ଶିକ୍ଷକ ଶୁକ୍ଳାମ୍ବର ସା ଓ ସଙ୍ଗୀତ ଶିକ୍ଷକ ବିଶ୍ୱାସ ରାଉତ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। ଡ. ଅଭୟ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ଚକ ତଳେ ପଡ଼ି ମହିଳା ଗୁରୁତର

**ରେଢ଼ାଖୋଲ, ୧୨।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଡାକ୍ତରଖାନା ଛକରେ ଗୁରୁବାର ଏକ ବୁଲା ଷଣ୍ଢ ଆକ୍ରମଣ କରିବାକୁ ଟ୍ରକ ଚକ ତଳେ ପଡ଼ି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମହିଳା ଜଣକ ହେଲେ ବଂଶାଜାଲ ଗ୍ରାମର ବାସିନ୍ଦା ମାଣିକ ରଣା। ସୂଚନା ଯୋଗ୍ୟ ଯେ ଉକ୍ତ ମହିଳା ଜଣଙ୍କ ରେଢ଼ାଖୋଲ ଡାକ୍ତରଖାନା ଛକ ନିକଟରେ ଚାଲି ଚାଲି ଯାଉଥିବା ବେଳେ ହଠାତ୍ ଏକ ବୁଲା ଷଣ୍ଢ ଆସି ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ମହିଳା ଜଣକ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ଟ୍ରକ ଚକ ତଳେ ପଡ଼ି ଯାଇଥିଲେ। ଏଥିରେ ତାଙ୍କ ଡାହାଣ ପାର୍ଶ୍ୱ ଗୋଡ଼ର ପାଦ ଉପରେ ଟ୍ରକ ଚକ ମାଡ଼ି ଯାଇଥିଲା। ଏଥିରେ ମହିଳା ଜଣଙ୍କ ଗୁରୁତର ଆହତ ହୋଇଥିଲେ। ଏଥିରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉକ୍ତ ମହିଳାଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ।

**୧୮ରୁ ଯୁକ୍ତ-୨ ପରୀକ୍ଷା**

# ୯ ଜିଲ୍ଲାରେ ୯୭୯୮୭ ପରୀକ୍ଷାର୍ଥୀ

**ସମ୍ବଲପୁର, ୧୨।୨ (ସମିସ)**

ଆସନ୍ତା ୧୮ ତାରିଖ ବିଜ୍ଞାନ ସ୍ରୋତର ମାତୃଭାଷା ଓଡ଼ିଆ ସହ ଆରମ୍ଭ ହେଉଛି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ)ର ଯୁକ୍ତ-୨ ପରୀକ୍ଷା। ପରିଷଦର ସମ୍ବଲପୁର ଜୋନ୍ ଅଧୀନ ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାର ୫୪୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବିଜ୍ଞାନ, କଳା ଓ ବାଣିଜ୍ୟ ସ୍ରୋତରେ ୮୯୮୮୩ ଜଣ ରେଗୁଲାର ଏବଂ ୬୬୫୨ ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ମୋଟ ୯୬୫୩୫ ଜଣ ପରୀକ୍ଷାର୍ଥୀ ଚଳିତବର୍ଷ ପରୀକ୍ଷା ଦେବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ସମ୍ବଲପୁର ଜୋନ୍ ସୂତ୍ରରୁ ପ୍ରକାଶ। ଏହାବ୍ୟତୀତ ଧନ୍ଦାମୂଳକ ଶିକ୍ଷାରେ ୧୨୦୫ ରେଗୁଲାର ଓ ୨୪୭ ଏକ୍ସ-ରେଗୁଲାର ଏହିପରି ମୋଟ ୧୪୫୨ ଜଣ ପରୀକ୍ଷା ଦେବେ। ଚଳିତବର୍ଷ ୯ଟି ଜିଲ୍ଲାରୁ ମୋଟ ୯୭୯୮୭ ଜଣ ଛାତ୍ରଛାତ୍ରୀ ଯୁକ୍ତ-୨ ପରୀକ୍ଷାରେ ଅବତୀର୍ଣ୍ଣ ହେବେ। ସୂଚନା ଅନୁଯାୟୀ, କଳାରେ ୬୫୨୭୪ ଜଣ ରେଗୁଲାର ପରୀକ୍ଷାର୍ଥୀ ଥିବାବେଳେ ବିଜ୍ଞାନରେ ୧୮୮୬୧ ଜଣ ଓ ବାଣିଜ୍ୟରେ ୫୭୪୮ ଜଣ ରହିଛନ୍ତି। ସେହିପରି ୯ଟି ଜିଲ୍ଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଏକ୍ସ- ରେଗୁଲାର ଛାତ୍ରଛାତ୍ରୀ କଳାରେ ୪୦୩୦, ବିଜ୍ଞାନରେ ୨୧୧୧ ଓ ବାଣିଜ୍ୟରେ ୫୧୧ ମୋଟ ୬୬୫୨ ଜଣ ପରୀକ୍ଷା ଦେବେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ-୨ ପରୀକ୍ଷା ମାର୍ଚ୍ଚ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ସୁନ୍ଦରଗଡ଼ ଜିଲାରେ ରେଗୁଲାର ଓ ଏକ୍ସରେଗୁଲାର ମିଶାଇ ସର୍ବାଧିକ ୧୯୪୪୦ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ବଲାଙ୍ଗୀର ଜିଲ୍ଲାରେ ୯୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ରେଗୁଲାର ଛାତ୍ରଛାତ୍ରୀ କଳାରେ ୧୧୭୨୨, ବିଜ୍ଞାନରେ ୨୬୧୮ ଓ ବାଣିଜ୍ୟରେ ୧୧୧୯ ଜଣ ପରୀକ୍ଷା ଦେଉଥିବାବେଳେ ସୋନପୁରରେ ୪୭ଟି ବିଦ୍ୟାଳୟରୁ କଳାରେ ୫୮୧୨, ବିଜ୍ଞାନରେ ୬୦୭ ଓ ବାଣିଜ୍ୟରେ ୯୭ ଜଣ; କଳାହାଣ୍ଡିରେ ୯୯ଟି ବିଦ୍ୟାଳୟରୁ କଳାରେ ୧୧୧୭୩, ବିଜ୍ଞାନରେ ୩୫୫୭ ଓ ବାଣିଜ୍ୟରେ ୩୩୪ ଜଣ; ନୂଆପଡ଼ାରେ ୩୩ଟି ବିଦ୍ୟାଳୟରୁ କଳାରେ ୪୧୯୨, ବିଜ୍ଞାନରେ ୧୩୬୨ ଓ ବାଣିଜ୍ୟରେ ୨୮୫ ଜଣ; ବରଗଡ଼ରେ ୭୪ଟି ବିଦ୍ୟାଳୟରୁ କଳାରେ ୧୦୧୧୨, ବିଜ୍ଞାନରେ ୧୬୯୬ ଓ ବାଣିଜ୍ୟରେ ୫୪୬ ଜଣ; ଦେବଗଡ଼ରେ ୧୯ଟି ବିଦ୍ୟାଳୟରୁ କଳାରେ ୧୯୧୨, ବିଜ୍ଞାନରେ ୬୮୦ ଓ ବାଣିଜ୍ୟରେ ୩୧ ଜଣ; ଝାରସୁଗୁଡ଼ାରେ ୨୮ଟି ବିଦ୍ୟାଳୟରୁ କଳାରେ ୨୯୦୭, ବିଜ୍ଞାନରେ ୫୬୬ ଓ ବାଣିଜ୍ୟରେ ୩୭୬ ଜଣ; ସମ୍ବଲପୁରରେ ୫୭ଟି ବିଦ୍ୟାଳୟରୁ କଳାରେ ୬୨୪୩, ବିଜ୍ଞାନରେ ୩୨୧୨ ଓ ବାଣିଜ୍ୟରେ ୮୩୮ ଜଣ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୯୫ଟି ବିଦ୍ୟାଳୟରୁ କଳାରେ ୧୧୨୦୧, ବିଜ୍ଞାନରେ ୪୫୬୩ ଓ ବାଣିଜ୍ୟରେ ୨୧୨୨ ଜଣ ରେଗୁଲାର ପରୀକ୍ଷାର୍ଥୀ ଚଳିତ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି।

### ପରୀକ୍ଷା ଦେବେ ୧୦୨୯୩ ରେଗୁଲାର ଛାତ୍ରଛାତ୍ରୀ

**ସମ୍ବଲପୁର ଜିଲ୍ଲା**

**ସମ୍ବଲପୁର, ୧୨।୨ (ସମିସ) :** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ର ଯୁକ୍ତ-୨ ପରୀକ୍ଷା ଆସନ୍ତା ୧୮ ତାରିଖରେ ଆରମ୍ଭ ହେଉଥିବାବେଳେ ମାର୍ଚ୍ଚ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ସମ୍ବଲପୁର ଜିଲ୍ଲାରେ ୫୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୪୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ଏହାବ୍ୟତୀତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସବ୍-ସେଣ୍ଟର ଭାବରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ସ୍ୱୀକୃତି ପାଇଛି। ଚଳିତବର୍ଷ କଳାରେ ୬୨୪୩ ଜଣ ରେଗୁଲାର ଓ ୩୧୦ ଜଣ ଏକ୍ସ-ରେଗୁଲାର, ବିଜ୍ଞାନରେ ୩୨୧୨ ଓ ୧୮୪ ଜଣ ଏକ୍ସ-ରେଗୁଲାର ଏବଂ ବାଣିଜ୍ୟରେ ୮୩୮ ଜଣ ରେଗୁଲାର ଓ ୪୮ ଜଣ ଏକ୍ସ-ରେଗୁଲାର ଏହିପରି ମୋଟ ୧୦୮୩୫ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ସମ୍ବଲପୁର ଜିଲ୍ଲାର ୫ଟି ଉଚ୍ଚ ବିଦ୍ୟାଳୟରୁ ୯୫ ଜଣ ରେଗୁଲାର ଓ ୧୬ ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲାଗିବ ଏବଂ ଲାଇଭ୍‌ଷ୍ଟ୍ରିମିଂ ହେବ। ପରୀକ୍ଷା ପ୍ରଶ୍ନପତ୍ର ଗଚ୍ଛିତ ଓ ଡେସପାଚ୍ ସହ ଉତ୍ତରପତ୍ର ସଂଗ୍ରହ କରି ଗଚ୍ଛିତ କରିବା ପାଇଁ ସମ୍ବଲପୁର ଜିଲ୍ଲାରେ ୬ଟି ହବ୍ ସେଣ୍ଟର ରହିଛି। ସେଗୁଡ଼ିକ ହେଲା - ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଲଇଡ଼ା, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୁଚିଣ୍ଡା, ଟ୍ରଷ୍ଟଫଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାମରା ଓ ଭୀମଭୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରେଢ଼ାଖୋଲ। ହବ୍ ଗୁଡ଼ିକରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ସହ ସୁରକ୍ଷା ପାଇଁ ପୁଲିସ ଫୋର୍ସ ନିୟୋଜିତ ହେବେ।

ଗତବର୍ଷ ୨୦୨୫ରେ ସମ୍ବଲପୁର ଜିଲ୍ଲାରେ ଯୁକ୍ତ-୨ ବିଜ୍ଞାନରେ ପରୀକ୍ଷା ଦେଇଥିବା ୩୬୨୮ ଜଣଙ୍କ ମଧ୍ୟରୁ ୩୩୨୧ ଜଣ ପାସ୍ (୯୧.୫୩%) ଏବଂ ୧୯୪୦ ଜଣ ପ୍ରଥମ ଡିଭିଜନ, ୮୩୨ ଜଣ ଦ୍ୱିତୀୟ ଡିଭିଜନ ଓ ୪୩୨ ଜଣ ତୃତୀୟ ଡିଭିଜନରେ ପାସ୍ କରିଥିଲେ। ସେହିପରି କଳାରେ ଜିଲ୍ଲାରେ ୬୦୭୯ ଜଣରୁ ୫୧୬୩ ଜଣ ପାସ୍ (୮୪.୯୩%) ଏବଂ ୧୧୭୨ ଜଣ ପ୍ରଥମ ଡିଭିଜନ, ୯୫୨ ଜଣ ଦ୍ୱିତୀୟ ଡିଭିଜନ ଓ ୩୦୩୭ ଜଣ ତୃତୀୟ ଡିଭିଜନରେ ପାସ୍ କରିଥିବାବେଳେ ବାଣିଜ୍ୟରେ ଜିଲ୍ଲାରେ ୯୧୨ ଜଣରୁ ୭୬୭ ଜଣ ପାସ୍ (୮୪.୧୦%) ଏବଂ ୨୯୫ ଜଣ ପ୍ରଥମ ଡିଭିଜନ, ୧୩୬ ଜଣ ଦ୍ୱିତୀୟ ଡିଭିଜନ ଓ ୩୩୫ ଜଣ ତୃତୀୟ ଡିଭିଜନରେ ପାସ୍ କରିଥିଲେ।

# ବ୍ଲକ୍ କାର୍ଯ୍ୟାଳୟ ସାମ୍ନା ପାଲଟିଛି ଧାନ ମଣ୍ଡି



**ଅମ୍ବାଭୋନା, ୧୨। ୨(ସମିସ):** ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅମ୍ବାଭୋନା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଟୋକନ ସମସ୍ୟା ନେଇ ୩ ଦିନ ହେଲା ଧାରଣା ଦେଇଛନ୍ତି। ପ୍ରଶାସନ ପକ୍ଷରୁ କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ବ୍ଲକ ସମ୍ମୁଖ ଧାନ ମଣ୍ଡିର ଭ୍ରମ ସୃଷ୍ଟି ହୋଇଛି। ହଜାର ହଜାର ବସ୍ତା ଧାନ ବ୍ଲକ ସାମନାରେ ଗଦା ହୋଇଛି। ଶୀତକାକର ଚାଷୀ ଧାରଣାରେ ବସିଥିଲେ ମଧ୍ୟ ପ୍ରସାଶନ ଚୁପ୍ ବସିଛି। ଚାଷୀ ଆନ୍ଦୋଳନରେ ବସିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ଆସୁ ନାହାନ୍ତି। ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ପଚାରିଲେ ବିନା ଟୋକନରେ ଧାନ ବିକ୍ରି ପାଇଁ କୌଣସି ବ୍ୟବସ୍ଥା ନାହିଁ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଚାଷୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସି ରହିବାକୁ ଏକ ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛନ୍ତି।

**ତୃତୀୟ ଦିବସରେ ମଧ୍ୟ ଧାରଣାରୁ ଉଠିଲେନି ଚାଷୀ**

**ଦାବି ପୂରଣ ନେଇ ପ୍ରଶାସନ ଚୁପ୍**

# ଟୋକନ୍ ପାଇଁ ଝାଙ୍କରପାଲିରୁ ଜିଲ୍ଲାପାଳଙ୍କ ଅଫିସ



**ମେଲଛାମୁଣ୍ଡା, ୧୨।୨(ସମିସ)**

ବର୍ଷସାରା ପରିଶ୍ରମ କରି ଫସଲ ଅମଳ ପରେ ଚାଷୀ ହତାଶ ହେଉଛନ୍ତି। ଧାନଫସଲ ଅମଳ ହେଲା; କିନ୍ତୁ ଧାନ ବିକ୍ରି କରିବାକୁ ଟୋକନ୍ ଅନିଶ୍ଚିତତା ଯୋଗୁଁ ଘରେ ଶହ ଶହ ବସ୍ତା ଧାନ ପଡ଼ିଛି। ଗୋଟିଏପଟେ ସରକାରଙ୍କ ଧାନମଣ୍ଡି ଖୋଲିଛି। କିଣାବିକା ପ୍ରକ୍ରିୟା ଅନ୍ତିମ ପର୍ଯ୍ୟାୟ ପହଞ୍ଚିଛି। ଅନ୍ୟପଟେ ଚାଷୀମାନଙ୍କୁ ଏପର୍ଯ୍ୟନ୍ତ ଟୋକନ୍ ମିଳିନି। ଏହା ଚିନ୍ତାର ବିଷୟ ହୋଇଛି। ଧାନକିଣାବିକା ପ୍ରକ୍ରିୟାକୁ ସରଳୀକରଣ କରାଯାଇଥିବା ଓ ସମସ୍ତ ଚାଷୀଙ୍କ ଧାନ ବିନା ଦ୍ୱିଧାରେ ଧାନ କ୍ରୟ କରାଯାଉଥିବା ସରକାର ଡିଣ୍ଡିମ ପିଟୁଛନ୍ତି। ସୋହେଲା ବ୍ଲକ ଘେଁସ ପେକ୍ସ ଅଧୀନ ଝାଙ୍କରପାଲି ଗ୍ରାମର ୯୦ ପ୍ରତିଶତ ଚାଷୀଙ୍କ ଟୋକନ୍ କିନ୍ତୁ ମିଳିପାରିନାହିଁ। ଏହା ସରକାରଙ୍କ ଡାହାମିଛ ପଦାରେ ପକାଇଛି। ନିଜ ପରିବାର ଓ ମେଡିକାଲ୍ ଖର୍ଚ୍ଚ ପାଇଁ ବାଧ ହୋଇ ଚାଷୀ ଦଲାଲକୁ କମ୍ ଦରରେ ଧାନ ଟେକି ଦେଉଛନ୍ତି। ଏନେଇ ଚାଷୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଛନ୍ତି; କିନ୍ତୁ ପ୍ରଶାସନର ନୀରବତା ସେମାନଙ୍କୁ ମର୍ମାହତ କରିଛି। ଶେଷରେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି କିଭଳି ଟୋକନ୍ ମିଳିବ ଓ ସେମାନେ ସରକାରଙ୍କ ଧାନବିକ୍ରି ପ୍ରକ୍ରିୟାରେ ସାମିଲ ହୋଇ ଉଚିତ୍ ମୂଲ୍ୟରେ ଧାନ ବିକ୍ରି କରିପାରିବେ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦୃଢ଼ ସ୍ୱରରେ ଚେତାବନୀ ଦେଇଛନ୍ତି ଯେ, ଏଥର ଯଦି ଟୋକନ୍ ନ ମିଳେ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ।

## ସେମାନେ ଯାହା କହନ୍ତି...



ଖରିଫ୍ ସିଜନରେ ମୁଁ ୫ ଏକର ପର୍ଯ୍ୟନ୍ତ ଧାନ ଚାଷ କରିଛି। ଧାନଫସଲ ଭଲ ଅମଳ ହୋଇଛି; କିନ୍ତୁ ଟୋକନ୍ ନ ମିଳିବାରୁ ଧାନ ବିକ୍ରି କରିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି। କିଛିଦିନ ହେଲା ମେଡିକାଲ ଖର୍ଚ୍ଚ ପାଇଁ ବାଧହୋଇ ଶାଗମାଛ ଦରରେ ଅଣ୍ଡର ରେଟ୍‌ରେ ୧୬/୧୭ ଶହ ଟଙ୍କାରେ କିଛି ଧାନ ବିକ୍ରି କରିଛି। ବାକି ରହିଥିବା ଧାନ କିଭଳି ଉଚିତ୍ ମୂଲ୍ୟରେ ଧାନମଣ୍ଡିରେ ବିକ୍ରି କରିପାରିବି ସେଥିପାଇଁ ମୋତେ ଓ ଟୋକନ୍ ପାଇବାରୁ ବଞ୍ଚିତ ଥିବା ଚାଷୀଙ୍କୁ ଟୋକନ୍ ମିଳିବାକୁ ଉଭୟ ପ୍ରଶାସନ ଓ ସରକାରଙ୍କୁ ଅନୁରୋଧ କରୁଛି।

**ମୋତିଲାଲ ବରିହା (ଚାଷୀ, ଝାଙ୍କରପାଲି)**



ସିଜନ୍ ଆରମ୍ଭରୁ ଆମ୍ଭେ କୃଷକ ସଙ୍ଗଠନ ସରକାର ଓ ଜିଲ୍ଲା ପ୍ରଶାସନକୁ ଜଣାଇ ଆସିଛୁ ଯେ, ଧାନ ବିକ୍ରି କରିବାରେ ଗ୍ରାଉଣ୍ଡରେ ଚାଷୀଙ୍କ ଅନେକ ସମସ୍ୟା ସୃଷ୍ଟି ହୋଇଛି। କେଉଁଠି ଚାଷୀଙ୍କୁ ଟୋକନ୍ ମିଳିନାହିଁ ତ କେଉଁଠି କଟନୀଛଟନୀ ନାମରେ ଧାନମଣ୍ଡିରେ ଚାଷୀଙ୍କୁ ଲୁଟ୍ କରାଯାଉଛି। ଏସବୁ ଅଭିଯୋଗ କଲେ ସରକାର ଓ ପ୍ରଶାସନ ଚାଷୀ ସଙ୍ଗଠନକୁ ଟାଉଟର୍ ଓ ନୌଟଙ୍କି କହୁଛନ୍ତି। ଝାଙ୍କରପାଲି ଗ୍ରାମର ଚାଷୀଙ୍କ କ୍ଷେତ୍ରରେ ଟୋକନ୍ ସମସ୍ୟା ନେଇ ବର୍ତ୍ତମାନ ଯେଉଁ ପରିସ୍ଥିତି ସୃଷ୍ଟି ହେଇଛି ଏଥିପାଇଁ କିଏ ଦୋଗଲାନୀତି ଓ ନୌଟଙ୍କି କରୁଛି ତାହା ପଦାରେ ପଡ଼ିଛି।

**ପ୍ରେମରାଜ ସାହୁ (ସମ୍ପାଦକ, ସହିଦ ମାଧୋସିଂ ଆଞ୍ଚଳିକ କୃଷକ ସଙ୍ଗଠନ)**



ବିଗତ ବର୍ଷରେ ଟୋକନ୍ ସମସ୍ୟା ନ ଥିଲା। ଦଲାଲ୍‌ମାନେ କିଛି କଟନୀଛଟନୀ କରୁଥିଲେ ସତ, ହେଲେ ଧାନ ବିକ୍ରି କରିବାରେ ଓ ଟୋକନ୍ ମିଳିବାରେ ଏଭଳି ସମସ୍ୟା ଆମ ଗ୍ରାମବାସୀ ଜାଣି ନ ଥିଲୁ। ଚଳିତ ବର୍ଷ ଆମ ଗ୍ରାମର କେବଳ ୪/୫ ଜଣ ଚାଷୀଙ୍କ ଟୋକନ୍ ଆସିଛି। ଅନ୍ୟ କୌଣସି ଚାଷୀଙ୍କ ଟୋକନ ଆସିନାହିଁ। ବାରମ୍ବାର ଆମ୍ଭେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଟୋକନ୍ ସମସ୍ୟା ନେଇ ଜଣାଇ ଆସିଛୁ; ହେଲେ ଆଜି ପର୍ଯ୍ୟନ୍ତ ଟୋକନ୍ ପାଇବାରେ ବଞ୍ଚିତ ଅଛୁ। ଘରଖର୍ଚ୍ଚ ଓ ଋଣ ପରିଶୋଧ ପାଇଁ ଅଣ୍ଡର ରେଟ୍‌ରେ ଧାନ ବିକିବାକୁ ବାଧ ହେଉଛୁ।

**ଗୋପାଳ ବରିହା (ଚାଷୀ, ଝାଙ୍କରପାଲି)**



ଟୋକନ୍ ପାଇବାରୁ ବଞ୍ଚିତ ଥିବା ଝାଙ୍କରପାଲି ଗ୍ରାମର ଚାଷୀମାନଙ୍କୁ ତୁରନ୍ତ ଟୋକନ୍ ଦିଆଯାଇ ସେମାନଙ୍କ ଧାନ ଉଠାଯାଉ। ଜଣେ ବି ଚାଷୀ ଟୋକନ୍ ପାଇବାରୁ ବଞ୍ଚିତ ରହିଲେ ଝାଙ୍କରପାଲି ଗ୍ରାମବାସୀଙ୍କ ଧାରଣାରେ ସଂଯୁକ୍ତ କୃଷକ ସଙ୍ଗଠନ ସାମିଲ ରହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ।

**ରମେଶ ମହାପାତ୍ର (ସଂଯୁକ୍ତ କୃଷକ ସଙ୍ଗଠନ, ବରଗଡ଼)**

**ମାଣ୍ଡୋସିଲ କପ୍**

# ଭୂଇଁଖାରକୁ ହରାଇ ସେମିରେ ମାଣ୍ଡୋସିଲ




**ପାଇକମାଲ, ୧୨।୨ (ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ବଡ଼ ଖେଳ ପଡ଼ିଆରେ ଚାଲିଥିବା ୨୬ତମ ମାଣ୍ଡୋସିଲ କପ୍ ଦ୍ୱିତୀୟ ଦିନରେ ୫ଟି ମ୍ୟାଚ ଖେଳାଯାଇଛି। ପ୍ରଥମ ମ୍ୟାଚରେ ମାଲପଡ଼ାକୁ ହରାଇ ଖଲିଆପାଣି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ନୂଆପରାକୁ ହରାଇ ଭୂଇଁଖାର ବିଜୟୀ ହୋଇଥିଲେ। ତୃତୀୟ ମ୍ୟାଚରେ ଖରାମାଳକୁ ହରାଇ ମାଣ୍ଡୋସିଲ ବିଜୟୀ ହୋଇଥିଲେ। ଚତୁର୍ଥ ମ୍ୟାଚରେ ଖଲିଆପାଣିକୁ ହରାଇ ଭୂଇଁଖାର ବିଜୟୀ ହୋଇଥିଲେ। ଭୂଇଁଖାର ଓ ମାଣ୍ଡୋସିଲ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ମାଣ୍ଡୋସିଲ ବିଜୟୀ ହୋଇ ସେମିଫାଇନାଲ ପ୍ରବେଶ କରିଛି। ହେମାନନ୍ଦ ବିଶ୍ୱାଳ, ନରେଶ ବିଶ୍ୱାଳ, ଯୋଗେନ୍ଦ୍ର ହଂସ, ଦେବେନ୍ଦ୍ର ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ବିଜୁ ବରିହା ସ୍କୋରର ଥିବା ବେଳେ ମନୋରଞ୍ଜନ ମଲ୍ଲିକ ଓ ଦୁଃଖିଶ୍ୟାମ ସରିଆଁ ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବରେ ଲଳିତ ଜଗତ, ଦୁଷ୍ମନ୍ତ କୁମାର ସାହୁ ଓ ଅନିଲ ଦାଶ ଯୋଗ ଦେଇଥିଲେ। ଦେବ ସିଂ ଭରାସାଗର, ଲୋକନାଥ ନାୟକ, ଗୋକୁଳ ବିଶ୍ୱାଳ, ବେଦବ୍ୟାସ ପୁଟା, ରାଜୁ ପୁଟା, ମାନସ ନାୟକ, ବିକେଶ ବିଶ୍ୱାଳ, ସୁରେଶ ବିଶ୍ୱାଳ, ନିର୍ମଳ ନାୟକ, ମହେଶ ନାୟକ, ଟିକେଶ ବିଶ୍ୱାଳ, ଗୋବର୍ଦ୍ଧନ ଭୋଇ, ଆକାଶ ବିଶ୍ୱାଳ, ସୋନୁ ପଟେଲ, ମୁକେଶ ବିଶ୍ୱାଳ, ଚନ୍ଦନ ସେଠ, ଦାମୋଦର ରଣା, ମହେନ୍ଦ୍ର ଭୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପଦ୍ମପୁର କପ୍ ଫୁଟବଲ ଟର୍ଣ୍ଣାମେଣ୍ଟ; ପଦ୍ମପୁର ଏବଂ ଫୁଲବାଣୀ ବିଜୟୀ

**ପଦ୍ମପୁର, ୧୨।୨(ସମିସ):** ସ୍ଥାନୀୟ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ପଦ୍ମପୁର ସ୍ପୋର୍ଟ୍ସ ଆସୋସିଏସନ ଦ୍ୱାରା ପଦ୍ମପୁର କପ୍ ଫୁଟବଲ ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନର ପ୍ରଥମ ମ୍ୟାଚରେ ପଦ୍ମପୁର ଦଳ ସାରଙ୍ଗଗଡ଼ ଦଳକୁ ୫-୧ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ଫୁଲବାଣୀ ହଷ୍ଟେଲ ଦଳ ଓ ରାୟପୁର ଦଳକୁ ୪-୩ ଗୋଲରେ ପରାସ୍ତ କରିଥିଲା। ଆଇନଜୀବୀ ନନ୍ଦକିଶୋର ମାଝୀ ଓ ଫୁଟବଲ ଖେଳାଳି ନବୀନ ଚନ୍ଦ୍ର ସାହୁ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଆସୋସିଏସନ ସଭାପତି ପ୍ରଭାତ ନାରାୟଣ ତ୍ରିପାଠୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଉଦ୍‌ଘାଟନୀ ମ୍ୟାଚରେ ଉପସଭାପତି ସଚ୍ଚିଦାନନ୍ଦ ବହିଦାର, ସମ୍ପାଦକ ଚିନ୍ମୟ ପଣ୍ଡା, କୋଷାଧ୍ୟକ୍ଷ ସଞ୍ଜୀବ ମାଝୀ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ. ନାରାୟଣ ପୁରୋହିତ, ସରୋଜ ମିଶ୍ର, ଅଶୋକ କାଲସାଏ, ନରେନ୍ଦ୍ର ସାହୁ, ନିରୋଜ ସିହ୍ନା, ପପୁ ନାଏକ, ଅଭିମନ୍ୟୁ ପୃଷ୍ଟି, ସୁନୀଲ ବାରିକ, ପ୍ରଦୀପ ଜାଲ, ପ୍ରଦୀପ ପାତ୍ର, ଶିରୀଶ ସାହୁ, ନରେଶ ବାରିକ, ରାଜେଶ ପଟ୍ଟନାୟକ, ନରୋତ୍ତମ ପ୍ରଧାନ, ଜୟପାଳ ଭୋଇ ଉପସ୍ଥିତ ଥିଲେ। ପ୍ରଶାନ୍ତ ବେହେରା, ସୁଧାଂଶୁ ସେଠ, ଦେବାଶିଷ ଦାଶ, ଅଶ୍ୱିନୀ ବରିହା, ନୀଳ ନାୟକ, ପ୍ରଦୀପ ରାଜହଂସ, ବିଦେଶୀ ସାହୁ, ଚନ୍ଦ୍ରମଣି ସାହୁ ଖେଳ ପରିଚାଳନା କରିଥିଲେ।

# ଶ୍ରମିକ ବିରୋଧୀ ଶିଳ୍ପ ସମ୍ପର୍କ ସଂହିତା ବିଲ୍‌କୁ ସାଂସଦ ନିରଞ୍ଜନ ବିଶିଙ୍କ ବିରୋଧ

**ପଦ୍ମପୁର, ୧୨।୨ (ସମିସ):** ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ରାଜ୍ୟସଭାରେ ଶିଳ୍ପ ସମ୍ପର୍କ ସଂହିତା (ସଂଶୋଧନ) ବିଲ୍- ୨୦୨୬ ଉପରେ ଆଲୋଚନା ସମୟରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ବିଲ୍‌ଟିକୁ ସେ କର୍ମଚାରୀ ବିରୋଧୀ, ଶ୍ରମିକ ବିରୋଧୀ ଓ ଟ୍ରେଡ୍ ୟୁନିୟନ ବିରୋଧୀ ବୋଲି ଅଭିହିତ କରିଥିଲେ। ଚର୍ଚ୍ଚାରେ ଅଂଶଗ୍ରହଣ କରି ଶ୍ରୀ ବିଶି କହିଥିଲେ ଯେ ଏହି ବିଲ୍ ଟ୍ରେଡ୍ ୟୁନିଅନ ଆଇନ, ଇଣ୍ଡଷ୍ଟ୍ରିଆଲ୍ ଏମ୍ପ୍ଲୟମେଣ୍ଟ (ଷ୍ଟାଣ୍ଡିଂ ଅର୍ଡର୍ସ) ଆଇନ ଏବଂ ଇଣ୍ଡଷ୍ଟ୍ରିଆଲ୍ ଡିସ୍ପ୍ୟୁଟ୍‌ସ ଆଇନ ଦ୍ୱାରା ସ୍ଥାପିତ ଶ୍ରମିକ ଅଧିକାର ସୁରକ୍ଷାର ମୌଳିକ ନୀତିକୁ ଦୁର୍ବଳ ଏବଂ ପରିବର୍ତ୍ତନ କରିଛି। ସେ କହିଥିଲେ ଯେ ବିଧେୟକଟି କମ୍ପାନୀ, ଶିଳ୍ପପତି ଓ କର୍ପୋରେଟ୍ ସଂସ୍ଥାଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଆଣାଯାଇଛି। ସେ କହିଥିଲେ ଯେ ଏହି ବିଧେୟକ ଫଳରେ ଶ୍ରମିକମାନେ ମଜୁରୀ ବୃଦ୍ଧି, ଶ୍ରମିକ ସୁରକ୍ଷା ପାଇଁ ସାମୂହିକ ଦାବୀ ଅଧିକାର, ଆନ୍ଦୋଳନ କରିବାର ଅଧିକାର ଓ ଆଇନ ଆଦାଲତରେ ନ୍ୟାୟ ଲଢେଇ ସୁଯୋଗରୁ ବଞ୍ଚିତ ହେବେ। ବିଶେଷକରି ୩୦୦ରୁ କମ୍ କର୍ମଚାରୀ ଥିବା ସଂସ୍ଥାରେ କାର୍ଯ୍ୟରତ ଶ୍ରମିକମାନେ ଆଇନଗତ ସୁରକ୍ଷାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ସାଂସଦ ଶ୍ରୀ ବିଶି ଚାକିରୀ ବିରତି କ୍ଷତିପୂରଣ ପାଇଁ ପ୍ରଯାପ୍ତ ସୁରକ୍ଷା ବ୍ୟବସ୍ଥା ନ ଥିବାକୁ ଉଲ୍ଲେଖ କରି କହିଥିଲେ ଯେ ପ୍ରସ୍ତାବିତ ସଂଶୋଧନ ଆନ୍ଦୋଳନ ଓ ଲକଆଉଟ୍ ଅଧିକାରକୁ ଅଧିକ ସୀମିତ କରିବ। ଷ୍ଟାଣ୍ଡିଂ ଅର୍ଡର୍ ସୁରକ୍ଷା ଦୁର୍ବଳ ହେବା ସହ ଟ୍ରେଡ୍ ୟୁନିଅନ ସ୍ୱୀକୃତି ଓ ପ୍ରତିନିଧିତ୍ୱ ପ୍ରଣାଳୀ ଉପରେ ମଧ୍ୟ ପ୍ରଭାବ ପଡ଼ିବ ବୋଲି ସେ କହିଥିଲେ। ଶେଷରେ ଶ୍ରୀ ବିଶି ସରକାରଙ୍କୁ ଶ୍ରମିକ ଓ କର୍ମଚାରୀଙ୍କ ଯୁକ୍ତିସଙ୍ଗତ ଦାବୀ ପୂରଣ କରିବା ସହ ଶ୍ରମିକ ଓ ପରିଚାଳନା ମଧ୍ୟରେ ସମତୋଳ ଶିଳ୍ପ ସମ୍ପର୍କ ସୁନିଶ୍ଚିତ କରିବା ପାଇଁ ବିଲ୍‌ରେ ଆବଶ୍ୟକ ସଂଶୋଧନ କରିବାକୁ ଦାବୀ କରି ବିଧେୟକକୁ ବିରୋଧ କରିଥିଲେ।



# ପାଇକମାଲରେ ହିନ୍ଦୁ ସମ୍ମିଳନୀ




**ପାଇକମାଲ, ୧୨।୨(ସମିସ):** ପାଇକମାଲ ବଇଦପାଲିସ୍ଥିତ ହନୁମାନ ମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୨୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସକାଳ ଶିବ ମନ୍ଦିର ନିକଟସ୍ଥ ଝରଣାରୁ ୧୦୮ ପୂର୍ଣ୍ଣ କଳସ ଶୋଭାଯାତ୍ରା ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ନୂଆପାଲିସ୍ଥିତ ନବ ପ୍ରଭାତ ଆଶ୍ରମର ଆଚାର୍ଯ୍ୟ ସ୍ୱାମୀ ପରମାନନ୍ଦ ଶାସ୍ତ୍ରୀଙ୍କ ଦ୍ୱାରା ହୋମଯଜ୍ଞ ସମ୍ପାଦିତ ହୋଇଥିଲା। କର୍ତ୍ତା ଭାବେ ଗୋବର୍ଦ୍ଧନ ଅଗ୍ରୱାଲ ଓ ତାଙ୍କ ପତ୍ନୀ ତାରାମଣୀ ଦେବୀ ଥିଲେ। ସଭାପତି ଜନାର୍ଦ୍ଦନ ପଣ୍ଡାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତୀୟ ଉପସଭାପତି ଭକ୍ତଚରଣ ସାହୁ, ମୁଖ୍ୟ ବକ୍ତା ପରମେଶ୍ୱର ଶାସ୍ତ୍ରୀ ଓ ସମ୍ମାନିତ ଅତିଥି ଭାବେ ତଥା ଗୋପପୁର ମହିମା ଆଶ୍ରମ ପ୍ରତିଷ୍ଠାତା ସନ୍ଥ ନୃସିଂହ ବାବା ଉପସ୍ଥିତ ରହି ହିନ୍ଦୁ ସଂସ୍କୃତି, ହିନ୍ଦୁ ଜାଗରଣ, ହିନ୍ଦୁତ୍ୱର ରକ୍ଷା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଏଥିରେ ଗୋବର୍ଦ୍ଧନ ଅଗ୍ରୱାଲ, ସରୋଜ ସାମଲ, ଯୋଗେନ୍ଦ୍ର ଭୋଇ, ସୁଶାନ୍ତ ନାଗ, ଆଶୁତୋଷ ସାହୁ, ସୁବାସିନୀ ସାହୁ, ଅଶ୍ୱିନୀ ଭୋଇ, ଲମ୍ବୋଦର ପଣ୍ଡା, ରୋହନ ପାଣିଗ୍ରାହୀ, ଓମ ପ୍ରକାଶ ମେହେର, ମୀନକେତନ ବେହେରା, ଆନନ୍ଦ ଅଗ୍ରୱାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ହିନ୍ଦୁ ସମ୍ମିଳନୀର ସମ୍ପାଦକ ନନ୍ଦଲାଲ ନାୟକ ଧନ୍ୟବାଦ ଦେଇଥିଲେ।

# ନାମ ସଂକୀର୍ତ୍ତନ ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ପଦ୍ମପୁର, ୧୨।୨ (ସମିସ):** ପଦ୍ମପୁର ଉପଖଣ୍ଡ ସରେଇକେଲା ଗ୍ରାମର ଆରାଧ ଦେବତା ବାବା ବିମଳେଶ୍ୱରଙ୍କ ପବିତ୍ର ମହାଶିବରାତ୍ରି ତଥା ଜାଗର ଯାତ୍ରା ଉପଲକ୍ଷେ ୨୫ତମ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବ। ଏଥିପାଇଁ ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଛି। ଗ୍ରାମର ଗୌନ୍ତିଆ ବିକାଶ ବହିଦାର ଶୁଭ ସ୍ତମ୍ଭ ସ୍ଥାପନ କରିଥିଲେ। ଏହି ଅବସରରେ ପୂର୍ଣ୍ଣ ନେଗୀ, ଭୀଷ୍ମଦେବ ବେହେରା, ଦୀନବନ୍ଧୁ ନାଏକ, ରାଜକୁମାର କଶ୍ୟପ, ନିରାକାର ପ୍ରଧାନ, ପ୍ରେମସାଗର ବାରିକ, ଉପେନ୍ଦ୍ର ବରିହା, ମହେଶ ମହାପାତ୍ର, ହେମସାଗର ମହାପାତ୍ରଙ୍କ ସମେତ ଭକ୍ତ, ଗ୍ରାମବାସୀ ଓ ଆୟୋଜକ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।



# ଆକ୍ସନମୁଡ୍‌ରେ ବରଗଡ଼ ଜିଲ୍ଲା ପ୍ରଶାସନ

**ବରଗଡ଼, ୧୨।୨(ସମିସ)**

କିଛି ଦିନ ପୂର୍ବରୁ ବରଗଡ଼ ସହରରେ ଗୋଷ୍ଠୀ ସଂଘର୍ଷରେ ଦୁଇ ଜଣଙ୍କ ଜୀବନ ଯାଇଛି; ଯାହାକି ଜନ ସାଧାରଣଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ବରଗଡ଼ ଓକିଲ ସଂଘ ସଭାପତି ଭୀଷ୍ମ ଦେବ ସରାଫଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବରଗଡ଼ ସହର ସମେତ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ଦେଇଥିଲେ।। ସେହିଦିନ ଅପରାହ୍ନରେ ପ୍ରଶାସନ ତରଫରୁ ଜରୁରୀ ବୈଠକ ବସିଥିଲା। ଶେଷରେ ପ୍ରଶାସନ ଆକ୍ସନ ମୁଡ଼କୁ ଆସିଛି। ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକ, ଆସିଷ୍ଟାଣ୍ଟ କଲେକ୍ଟର ମଦନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଜର୍ଜ ହାଇସ୍କୁଲ ପଡ଼ିଆ, ଭଟଲି ଛକ ସମେତ ବିଭିନ୍ନ ଅଞ୍ଚଳରେ ଚଢଉ କରିଥଲା। ଆଜିଠୁ ବରଗଡ଼ ସହର ମଧ୍ୟରେ ରାତି ୧୦ ଟା ପରେ ସମସ୍ତ ଦୋକାନ ବଜାର ବନ୍ଦ ରହିବ। ଏହା ସହ ବେଆଇନ ନିଶା କାରବାର ଉପରେ କଡ଼ା କାର୍ଯାନୁଷ୍ଠାନ ହେବ ବୋଲି ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକ କହିଛନ୍ତି।

**ଜର୍ଜ ହାଇସ୍କୁଲ ପଡ଼ିଆ, ଭଟଲି ଛକ ସମେତ ବିଭିନ୍ନ ଅଞ୍ଚଳରେ ଚଢଉ**

**ଆଜିଠୁ ରାତି ୧୦ଟା ପରେ ସମସ୍ତ ଦୋକାନ ବଜାର ବନ୍ଦ ରହିବ**





## EASTERN INVESTMENTS LIMITED

CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE NINE MONTH ENDED 31ST DEC'2025** (Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Nine Month Ended | | Year Ended | Nine Month Ended | | Year Ended |
| | | 31.12.2025 | 31.12.2024 | 31.03.2025 | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 39.76 | 63.67 | 44.27 | 13,635.82 | 10,832.21 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (14.38) | 0.50 | (28.91) | 1,216.38 | (351.64) | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (14.38) | 0.50 | (28.91) | 1,216.38 | (351.64) | (3,525.52) |
| 6 | Net Profit attributable to Non Controlling Interests | - | - | - | 583.59 | (211.33) | (1,791.41) |
| 7 | Net Profit attributable to Owners of the Company | - | - | - | 632.79 | (140.31) | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,532.26 | 26,576.05 | 26,546.64 | (8,776.47) | (7,819.01) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (1.00) | 0.03 | (2.00) | 44.59 | (9.89) | (121.71) |
| | (ii) Diluted | (1.00) | 0.03 | (2.00) | 44.59 | (9.89) | (121.71) |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 12th February' 2026

Sd/-
(A.K.Bagchi)
Managing Director-EIL

### ଚୌଦ୍ୱାର ଜେଲରୁ ଗହଣା ଗାଏବ ଘଟଣା

## କଟକ ଡିସିପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରିଣୀ



**ଚୌଦ୍ୱାର, ୧୨।୨(ସମିସ):** ଚୌଦ୍ୱାର ଜେଲ୍ ପରିସରରେ ଜଣେ ମହିଳା କଏଦୀଙ୍କ ସୁନା ଗହଣା ଗାଏବ ହେବା ଘଟଣା ଏବେ ରହସ୍ୟଜନକ ମୋଡ଼ ନେଇଛି। ସୂଚନା ଅନୁଯାୟୀ, ମାହାଙ୍ଗା ଥାନା ଶୁକ୍ଳେଶ୍ୱର ଗ୍ରାମର ଇତିଶ୍ରୀ ମହାନ୍ତି ୨୦୨୫ ସେପ୍ଟେମ୍ବର ମାସରେ ଗିରଫ ହୋଇ ଚୌଦ୍ୱାର ଜେଲକୁ ଆସିଥିଲେ। ସେହି ସମୟରେ ଜେଲ୍ ନିୟମ ଅନୁସାରେ ସିସିଟିଭି ସମ୍ମୁଖରେ ତାଙ୍କ ଠାରୁ ପ୍ରାୟ ୧୧ ଗ୍ରାମରୁ ଅଧିକ ସୁନା ଅଳଙ୍କାର (କାନଫୁଲ, ମୁଦି ଓ ନାକଗୁଣା) ଜେଲ୍ କର୍ମଚାରୀମାନେ କାଢ଼ି ନେଇ ଏକ ଖାମରେ ରଖିଥିଲେ। ମାତ୍ର ୩ ମାସ ପରେ ଡିସେମ୍ବର ୨୩ରେ ସେ ଜାମିନରେ ମୁକୁଳିବା ସମୟରେ, ଜମା ରଖାଯାଇଥିବା ଖାମରୁ ସୁନା ଗହଣା ଗାଏବ ଥିବା ଜଣାପଡ଼ିଥିଲା। ଏହି ଘଟଣାକୁ ନେଇ ଜେଲ୍ କର୍ତ୍ତୃପକ୍ଷ ଓ ପୁଲିସର ଭୂମିକାକୁ ନେଇ ଅଭିଯୋଗକାରିଣୀ ପ୍ରଶ୍ନ ଉଠାଇଛନ୍ତି। ଜେଲ୍ ଅଧିକ୍ଷକ ଓ ପୂର୍ବତନ ଜେଲରଙ୍କ ବିରୋଧରେ ଅଭିଯୋଗ କରିବା ପରେ ମଧ୍ୟ ଚୌଦ୍ୱାର ଥାନା ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସେ ଦର୍ଶାଇଛନ୍ତି। ବିଶେଷ କରି ଜେଲ୍ ଡିଆଇଜି ଉକ୍ତ ଗହଣାକୁ 'ସୁନେଲି ରଙ୍ଗର' ନକଲି ବୋଲି କହିବା ତାଙ୍କୁ ଅଧିକ ମର୍ମାହତ କରିଛି। ଶେଷରେ କୌଣସି ଉପାୟ ନ ପାଇ ନ୍ୟାୟ ପାଇଁ ଇତିଶ୍ରୀ କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଡିସିପିଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଗହଣା ଫେରି ନ ପାଇଲେ ସେ ଜେଲ୍ ସମ୍ମୁଖରେ ଅନଶନ କରିବା ସହ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଜେଲ୍ ଭଳି ଏକ ସୁରକ୍ଷିତ ସ୍ଥାନରୁ ଗହଣା ଚୋରି ହେବା ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।

### ଜାଗର ଉପଲକ୍ଷେ 'ସାବିତ୍ରୀ ମ୍ୟୁଜିକ୍'ର ଭକ୍ତିପୂର୍ଣ୍ଣ ଭେଟି

## ମୁକ୍ତିଲାଭ କଲା ଦୁଇଟି ନୂଆ ଶିବ ଭଜନ







**କଟକ, ୧୨।୨(ସମିସ):** ପବିତ୍ର ମହାଶିବରାତ୍ରି ବା ଜାଗର ଯାତ୍ରା ଉପଲକ୍ଷେ ଓଡ଼ିଶାର ଜଣାଶୁଣା ମ୍ୟୁଜିକ୍ ପ୍ରଡକ୍ସନ ହାଉସ୍ 'ସାବିତ୍ରୀ ମ୍ୟୁଜିକ୍' ପକ୍ଷରୁ ଦୁଇଟି ନୂଆ ଶିବ ଭଜନ ମୁକ୍ତିଲାଭ କରିଛି। ସାବିତ୍ରୀ ଭକ୍ତି ୟୁଟ୍ୟୁବ ଚ୍ୟାନେଲରେ ଉନ୍ମୋଚିତ ହୋଇଥିବା ଏହି ଦୁଇଟି ଗୀତ ହେଉଛି 'ମୋର ମନରେ ଶିବ' ଏବଂ 'ଜାଗର ରାତିର ମହିମା'। ପ୍ରଯୋଜକ ଧିରେନ୍ଦ୍ର କୁମାର ସାହୁଙ୍କ ଏହି ଦୁଇଟି ଯାକ ସଙ୍ଗୀତରେ ଓଡ଼ିଶାର ଅନେକ ନାମୀଦାମୀ କଳାକାର ଓ ସଙ୍ଗୀତଜ୍ଞ ସାମିଲ ହୋଇଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ଉଭୟ ଗୀତରେ ସ୍ୱର ସଂଯୋଜନା କରିଥିବା ବେଳେ ଏହା ଶ୍ରୋତାଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଉଛି। ପ୍ରଥମ ଗୀତ 'ମୋର ମନରେ ଶିବ'ରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଅନୁରାଧା ପାଣିଗ୍ରାହୀ କଣ୍ଠଦାନ କରିଥିବା ବେଳେ ଏହାକୁ ଗୀତିକାର ଅଲେଖ ବିଶ୍ୱାଳ ରଚନା କରିଛନ୍ତି। ସେହିପରି ଦ୍ୱିତୀୟ ଗୀତ 'ଜାଗର ରାତିର ମହିମା'କୁ ଗୀତିକାର ବିଭୂତି ସ୍ୱାଇଁ ରଚନା କରିଥିବା ବେଳେ ଲୋକପ୍ରିୟ କଣ୍ଠଶିଳ୍ପୀ ଦୀପ୍ତିମୟୀ ଦାସ ଏହାକୁ ଗାଇଛନ୍ତି। ପବିତ୍ର ଜାଗର ସମୟରେ ଏହି ଦୁଇଟି ଗୀତ ଶ୍ରୋତାମାନଙ୍କୁ ଆଧ୍ୟାତ୍ମିକ ଶାନ୍ତି ପ୍ରଦାନ କରିବା ସହ ସାରା ଓଡ଼ିଶାରେ ଚହଳ ସୃଷ୍ଟି କରିବ ବୋଲି ପ୍ରଯୋଜନା ସଂସ୍ଥା ଦୃଢ଼ ଆଶାବାଦୀ ଅଛି।

# ଆର୍‌ଟିଓ କାର୍ଯ୍ୟାଳୟରେ ଚାଲିଛି 'ଦଲାଲ୍‌ରାଜ'

**କଟକ, ୧୨।୨(ସମିସ)**



ରାଜ୍ୟ ସରକାର 'ମୋ ସରକାର' ମାଧ୍ୟମରେ ସ୍ୱଚ୍ଛତା ଓ ଲୋକଙ୍କୁ ଶୀଘ୍ର ସେବା ଯୋଗାଇବା ପାଇଁ ଡିଣ୍ଡିମ ପିଟୁଥିବା ବେଳେ, କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)ର ବାସ୍ତବ ଚିତ୍ର ଏବେ ଭିନ୍ନ। କଟକ ହାଇକୋର୍ଟ ନିକଟରେ ଥିବା କାର୍ଯ୍ୟାଳୟ, ସିଡିଏ ସେକ୍ଟର-୬ ସ୍ଥିତ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକରୁ ଆରମ୍ଭ କରି ନରାଜ ଅରିଲୋରେ ଥିବା ଆଇ ଆଣ୍ଡ ସି ସେଣ୍ଟର ପର୍ଯ୍ୟନ୍ତ ଏବେ ଦଲାଲଙ୍କ କବଜାରେ। ଦଲାଲ ଓ କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଏପରି ସ୍ତରକୁ ଯାଇଛି ଯେ, ସାଧାରଣ ଲୋକଟିଏ ନିଜର ନ୍ୟାଯ୍ୟ କାର୍ଯ୍ୟ ପାଇଁ ଅଫିସକୁ ଆସିଲେ ତାକୁ ନିରାଶ ହେବାକୁ ପଡୁଛି। ଅନ୍ୟପଟେ, ଅଫିସ ବାରଣ୍ଡାରେ ଦଲାଲମାନେ ନିର୍ଭୟରେ ଟେବୁଲ୍ ଚୌକି ପକାଇ ନିଜର ମନମାନୀ ଚଳାଉଛନ୍ତି, ଯାହା ପ୍ରଶାସନିକ ଶୃଙ୍ଖଳା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେକ୍ଟର ୬ ସ୍ଥିତ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍ ଏବେ ଦଲାଲମାନଙ୍କ ପାଇଁ 'ଦୁର୍ନୀତିର ହାଟ' ପାଲଟିଛି। ଅଭିଯୋଗ ହୋଇଛି ଯେ, ଜଣେ ବ୍ୟକ୍ତି ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ଯଦି ଏଜେଣ୍ଟଙ୍କ ସହାୟତା ନେଉଛନ୍ତି, ତେବେ ତାଙ୍କୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଗଣିବାକୁ ପଡୁଛି। ବିନା ଟେଷ୍ଟରେ କିମ୍ବା ଟେଷ୍ଟରେ ଫେଲ୍ ହେଲେ ମଧ୍ୟ କିପରି ଲାଇସେନ୍ସ ମିଳିବ, ତାହାର ସବୁ ପ୍ରକାରର ବନ୍ଦୋବସ୍ତ ଏଠାରେ କରାଯାଉଛି। ସବୁଠାରୁ ବଡ଼ କଥା ହେଉଛି, ଯଦି କେହି ସଚ୍ଚୋଟ ବ୍ୟକ୍ତି ନିଜେ ଯାଇ ଟେଷ୍ଟ ଦେବାକୁ ଚାହୁଁଛନ୍ତି, ତେବେ କିଛି ପ୍ରଭାବଶାଳୀ ଏଜେଣ୍ଟ ଓ ସ୍ଥାନୀୟ ଯୁବକ ସେମାନଙ୍କୁ ଭୟଭୀତ କରୁଛନ୍ତି। ସାଧାରଣ ଲୋକ କଟକରେ ଡ୍ରାଇଭିଙ୍ଗ ଟେଷ୍ଟିଂ ପାଇଁ ନିର୍ଦ୍ଧାରିତ ସ୍ଲଟ ପାଉ ନ ଥିବା ବେଳେ ସେକ୍ଟର -୬ ରେ ଥିବା ଟେଷ୍ଟିଂ ଟ୍ରାକରେ ଲାଞ୍ଚ ନେଉଥିବା ବ୍ୟକ୍ତି ଜଣକ ସବୁତକ ସ୍ଲଟ କିପରି ପାଉଛନ୍ତି ସେଥି ନେଇ ସନ୍ଦେହ ପ୍ରକାଶ ପାଇଛି।

- **ଟେବୁଲ୍ ଚୌକି ପକାଇ ଅଫିସ୍ ବାରଣ୍ଡାରେ ବସୁଛନ୍ତି ଦଲାଲ**
- **ସିଧାସଳଖ ଗଲେ ହେଉନି କୌଣସି କାମ**
- **ଦଲାଲ୍‌ଙ୍କୁ ଧରିଲେ ମିଳୁଛି ତ୍ୱରିତ ସେବା**

ଗାଡ଼ି ଫିଟନେସ୍ ଟେଷ୍ଟ ବେଳେ 'ଅଟୋମେଟିକ୍ ସେଣ୍ଟର'ରେ ଗାଡ଼ି ଫେଲ୍ କରାଇଦେବାକୁ ଖୋଲାଖୋଲି ଧମକ ଦିଆଯାଉଛି, ଯାହାଫଳରେ ଗାଡ଼ି ମାଲିକମାନେ ବାଧ୍ୟ ହୋଇ ଦଲାଲଙ୍କ ଶରଣାପନ୍ନ ହେଉଛନ୍ତି। ନରାଜ ସ୍ଥିତ ଆଇ ଆଣ୍ଡ ସି ସେଣ୍ଟର ପାର୍ଶ୍ୱରେ ଥିବା ସରକାରୀ ଜାଗାକୁ ସ୍ଥାନୀୟ ଅଞ୍ଚଳର କିଛି ଅସାଧୁ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଏହି ଅଞ୍ଚଳରେ ପଲ୍ୟୁସନ ସାର୍ଟିଫିକେଟ୍ ଠାରୁ ଆରମ୍ଭ କରି ଆରଆରଟି (ରେଟ୍ରୋ ରିଫ୍ଲେକଟିଭ ଟେପ୍) ଟେପ୍ ଲଗାଇବା ପାଇଁ ମାଲିକମାନଙ୍କୁ ଶୋଷଣ କରାଯାଉଛି। କିଛି ଚୁକ୍ତିଭିତ୍ତିକ କର୍ମଚାରୀ ମଧ୍ୟ ଏହି ଦଲାଲଙ୍କ ସହ ସାମିଲ ଥିବା ଜଣାପଡ଼ିଛି। ପରମିଟ୍, ଏନଓସି କିମ୍ବା ମାଲିକାନା ପରିବର୍ତ୍ତନ ଭଳି ଛୋଟ ଛୋଟ କାମ ପାଇଁ ମଧ୍ୟ ମୋଟା ଅଙ୍କର ଲାଞ୍ଚ ଦାବି କରାଯାଉଛି। ସକାଳ ୯ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ବେଆଇନ କାରବାର ଅବାଧରେ ଚାଲୁଥିଲେ ହେଁ ସ୍ଥାନୀୟ ବାରଙ୍ଗ ଥାନା ପୁଲିସ କିମ୍ବା ଅଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି। କଟକ ଆରଟିଓ ଅଫିସରେ ଦଲାଲଙ୍କ ଏଭଳି ଦୌରାତ୍ମ୍ୟ ବିଷୟରେ ପ୍ରଶାସନ ଅବଗତ ଥାଇ ମଧ୍ୟ ନିରବଦ୍ରଷ୍ଟା ସାଜିବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି 'ଦଲାଲରାଜ' ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

### ଫାଣ୍ଡି ଭିତରେ ଚାଷୀ ବିଷ ପିଇବା ଘଟଣା

## ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି; ତଦନ୍ତ ଜାରି

**କଟକ, ୧୨।୨(ସମିସ):** ଜଗତପୁର ଥାନା ପାଗା ଫାଣ୍ଡିରେ ଘଟିଥିବା ଅଭାବନୀୟ ଘଟଣାକୁ ନେଇ ଏବେ କମିଶନରେଟ୍ ପୁଲିସ ଅଡୁଆରେ ପଡ଼ିଛି। ନ୍ୟାୟ ପାଇଁ ବାରମ୍ବାର ଫାଣ୍ଡିକୁ ଯାଇ ନିରାଶ ହେବା ପରେ ଜଣେ ଚାଷୀ ଫାଣ୍ଡି ଭିତରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥଲେ। ତାଙ୍କୁ ବିଷ ପିଇବାରୁ ନିବୃତ୍ତ କରିବା ବଦଳରେ ସେହି ସମୟର ଦୃଶ୍ୟକୁ ଜଣେ ପୁଲିସ କର୍ମଚାରୀ ମୋବାଇଲ୍‌ରେ ରେକର୍ଡ କରିଥିଲେ। ପରେ ଗୁରୁତର ଚକ୍ରଧରଙ୍କୁ ତାଙ୍କ ପୁଅ ଜଗତପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଆଜି ଚକ୍ରଧରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ଏ ସମ୍ପର୍କରେ ଜଗତପୁର ଥାନା ଅଧିକାରୀ ପ୍ରଶାନ୍ତ ସାସମଲ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣା'ର ତଦନ୍ତ କରାଯାଉଛି। କେଉଁଭଳି ପରିସ୍ଥିତିରେ ଚାଷୀ ଜଣକ ଫାଣ୍ଡି ଭିତରେ ବିଷ ପିଇଥିଲେ, ତାଙ୍କୁ ଅଟକାଇବା ପରିବର୍ତ୍ତେ ଫାଣ୍ଡି ପୁଲିସ କେଉଁଭଳି ଭିଡ଼ିଓ ଉତ୍ତୋଳନ କଲେ ଏବଂ କାହିଁକି ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଲା ତାହାକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଫାଣ୍ଡି ଭିତରେ ଥିବା ସିସି କ୍ୟାମେରା ଫୁଟେଜକୁ ଆଉ ଥରେ ଯାଞ୍ଚ କରାଯିବ। ଫାଣ୍ଡି ପୁଲିସ ଦୋଷୀ ସବ୍ୟସ୍ତ ହେବ, ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସାସମଲ୍ ପ୍ରକାଶ କରିଛନ୍ତି।

- **ଦୋଷୀ ସାବ୍ୟସ୍ତ ହେଲେ ଫାଣ୍ଡି ପୁଲିସ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ**
- **ରାଗ'ରେ ବିଷ ପିଇଛନ୍ତି ଚାଷୀ: ସିସି କ୍ୟାମେରା ଫୁଟେଜ୍ ଆଉ ଥରେ ଯାଞ୍ଚ ହେବ**

ପୁଲିସ ସୂଚନା ଅନୁଯାୟୀ, ପାଗା ଫାଣ୍ଡି ଅନ୍ତର୍ଗତ ରାମେଶ୍ୱର ଚାହାପଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ଗାଡ଼ିରୁ ଜିନିଷ ଚୋରି ହୋଇଥିଲା। ସେହିଦିନ ଚକ୍ରଧରଙ୍କ ୨ ପୁଅ ଓ ଗ୍ରାମର ଅନ୍ୟ ୪ ଜଣ ଯୁବକ ଭୋଜିଭାତ କରୁଥିଲେ। ଭୋଜି ସମୟରେ ଚୋରି ହୋଇଥିବା ସନ୍ଦେହ କରି ଚକ୍ରଧରଙ୍କ ପୁଅଙ୍କ ନାମରେ ଅଭିଯୋଗ ଆଣି ଗାଡ଼ି ମାଲିକ ପାଗା ଫାଣ୍ଡିରେ ଏତଲା ଦେଇଥିଲେ। ଫାଣ୍ଡି ପୁଲିସ ଚକ୍ରଧରଙ୍କ ପୁଅଙ୍କୁ ଡାକି ପଚରାଉଚରା କରି ତଦନ୍ତ ଜାରି ରଖିଥିଲା। ପରେ ଚକ୍ରଧରଙ୍କ ଖଳାରୁ ୧୨ ବସ୍ତା ଧାନ ଚୋରି ହୋଇଥିଲା। ଚକ୍ରଧର ଧାନ ଚୋରିର ଅଭିଯୋଗ ମଧ୍ୟ ଫାଣ୍ଡିରେ ଦେଇଥିଲେ। ପୁଣି ଚକ୍ରଧରଙ୍କ ବାଡ଼ିରେ କେହି ପଶି ଫସଲ ନଷ୍ଟ କରିବା, ତାଙ୍କ ଜମିରୁ ଫସଲ କାଟିନେବା ସମ୍ପର୍କରେ ଚକ୍ରଧର ବାରମ୍ବାର ପୁଲିସ ପାଖକୁ ଯାଇ ନ୍ୟାୟ ଭିକ୍ଷା କରିଥିଲେ। କିନ୍ତୁ ପୁଲିସ ଏ ସମ୍ପର୍କରେ କୌଣସି ପଦକ୍ଷେପ ନେଇ ନ ଥିବାବେଳେ ଚକ୍ରଧରଙ୍କ ପୁଅମାନଙ୍କ ନାମରେ ଥିବା ଅଭିଯୋଗରେ ଥରକୁ ଥର ସେମାନଙ୍କୁ ଡାକି ପଚରାଉଚରା କରିବା ସହ ମାନସିକ ନିର୍ଯାତନା ଦେଉଥିଲା। ପୁଲିସଠାରୁ ନ୍ୟାୟ ନ ପାଇ ଫାଣ୍ଡି ଭିତରେ ଚକ୍ରଧର ଚାଷରେ ବ୍ୟବହାର ପାଇଁ ଆଣିଥିବା କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ଏସସିବି ଅଧୀକ୍ଷକଙ୍କ ଅଫିସ୍ ଘେରିଲା କଂଗ୍ରେସ

**କଟକ, ୧୨।୨(ସମିସ):** ଓଡ଼ିଶାର ସର୍ବବୃହତ ଚିକିତ୍ସାଳୟ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସପିଟାଲ (ଏସସିବି)ରେ ରୋଗୀ ସେବାରେ ଚରମ ଅବହେଳା ପ୍ରତିବାଦରେ କଟକ ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ମେଡିକାଲ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରଉ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୮ ତାରିଖରେ ଭେଷଜ ବିଭାଗ ଆଇସିୟୁରେ ଜଣେ ବୃଦ୍ଧ ଓ ଜଣେ ମହିଳା ରୋଗୀ ବେଡ୍‌ରୁ ତଳକୁ ଖସି ପଡ଼ିଥିବା ବେଳେ ସେଠାରେ କୌଣସି ଡାକ୍ତର କିମ୍ବା ନର୍ସ ଉପସ୍ଥିତ ନ ଥିବା ଘଟଣାକୁ କଂଗ୍ରେସ ତୀବ୍ର ନିନ୍ଦା କରିଛି। ବିଶ୍ୱସ୍ତରୀୟ ହେବାକୁ ଯାଉଥିବା ଏହି ମେଡିକାଲରେ ସ୍ୱାସ୍ଥ୍ୟ ସେବାର ଏଭଳି ବିକଳ ଚିତ୍ର ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ଅବସରରେ କଂଗ୍ରେସ ପକ୍ଷରୁ କର୍ତ୍ତବ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏଥିସହ ଆଇସିୟୁରେ ସିସିଟିଭି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ମେଡିକାଲ ପରିସରକୁ ଗଣମାଧ୍ୟମ ପ୍ରବେଶ ଉପରେ ଥିବା କଟକଣାକୁ ପ୍ରତ୍ୟାହାର କରିବାକୁ ଦଳ ଦାବି କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଶ୍ୱଜିତ୍ ମହାନ୍ତି, ହରିଶଙ୍କର ରାଉତ୍, ରାଜେନ୍ଦ୍ର ପଟ୍ଟନାୟକ, ବିଶ୍ୱନାଥ ଶତପଥୀ ଏବଂ ଅନ୍ୟାନ୍ୟ ବହୁ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ଅଧିକ୍ଷକଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧିଙ୍କୁ ଭେଟି କଂଗ୍ରେସ ନେତାମାନେ ରୋଗୀଙ୍କ ସୁରକ୍ଷା ଓ ସେବାକୁ ଅଗ୍ରାଧିକାର ଦେବାକୁ ଚେତାବନୀ ଦେଇଛନ୍ତି।

### ଅଢେଇ କୁଇଣ୍ଟାଲ୍ ଗଞ୍ଜେଇ ଜବତ

## ପତ୍ନୀ ଗିରଫ; ମୁଖ୍ୟ ଅଭିଯୁକ୍ତ ଫେରାର

**କଟକ, ୧୨।୨(ସମିସ):** କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଟାଙ୍ଗୀ ଅଞ୍ଚଳର କୁଖ୍ୟାତ ନିଶା ମାଫିଆ ସହଦେବ ପରିଡ଼ାର ଘରେ ଚଢାଉ କରିଥିଲା। ସେଠାରୁ ପ୍ରାୟ ଅଢେଇ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଏହି ସମୟରେ ସହଦେବ ଚମ୍ପଟ ମାରିଥିଲା ବେଳେ ତାର ପତ୍ନୀ ସରସ୍ୱତୀ ପରିଡ଼ା (୩୩) ଙ୍କୁ ଗିରଫ କରାଯାଇଛି। କୋର୍ଟ ଚାଲାଣ ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ଗତ କିଛି ମାସ ହେବ ଟାଙ୍ଗୀ ଅଞ୍ଚଳରେ ଗଞ୍ଜେଇ ବେପାର ହଠାତ ବୃଦ୍ଧି ପାଇଥିଲା। ନିୟମିତ ବ୍ୟବଧାନରେ ସେଠାକୁ ଗଞ୍ଜେଇ ଆମଦାନୀ ହେଉଥିଲା। ଏହା ଭିତରେ ବୁଧବାର ବିଳମ୍ବିତ ରାତିରେ ସୂଚନା ମିଳିଲାକି, ଟାଙ୍ଗୀ ଅଞ୍ଚଳକୁ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ କରାଯାଇଛି। ଗୁରୁବାର ଭୋର ସମୟରେ ଅବକାରୀ ଉପ ଅଧିକ୍ଷକ ବିକାଶ ନାୟକଙ୍କ ନେତୃତ୍ୱରେ ଏକ ଟିମ ତୁରନ୍ତ ତାର ଠିକଣାରେ ଚଢଉ କରିଥିଲେ। ମୁଖ୍ୟ ଅଭିଯୁକ୍ତ ସହଦେବ ପାଚେରୀ ଡେଇଁ ଚମ୍ପଟ ମାରିଥିଲା। ତଲାସି ପରେ ତାର ବେଡରୁମ ଖଟତଳୁ ୧୦ଟି ଗଞ୍ଜେଇ ଭର୍ତ୍ତି ବସ୍ତା ମିଳିଥିଲା। ଯାହାର ବଜାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ। ଏହି ବେଆଇନ କାରବାରରେ ସହଦେବର ପତ୍ନୀ ସରସ୍ୱତୀ ପ୍ରତ୍ୟେକ୍ଷ ଭାବେ ସହଯୋଗ କରୁଥିବାରୁ ତାଙ୍କୁ ଗିରଫ କରାଯାଇଛି। ପୂର୍ବରୁ ମଧ୍ୟ ସେ ୫ ଥର ଧରାପଡ଼ି ଜେଲ ଯାଇଛି। ମାତ୍ର ଜାମିନରେ ଆସିବା ପରେ ପୁର୍ନବାର ନିଶା ବେପାର ଚଳାଇଥିଲା।

## ରେଳ ଧାରଣାରୁ ଚୋରି; ୨ ଗିରଫ

**କଟକ, ୧୨।୨(ସମିସ):** ରେଳଧାରଣାରୁ ଲୁହା ସରଞ୍ଜାମ ଚୋରି କରୁଥିବା ବେଳେ ୨ ପେସାଦାର ଚୋରଙ୍କୁ କଟକ ଆରପିଏଫ୍ ସ୍କ୍ୱାଡ୍ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବାଦାମବାଡି ଥାନା ଅନ୍ତର୍ଗତ ଶଙ୍କରପୁର କେନାଲ ରୋଡର ବୀର ପାତ୍ର(୨୦) ଓ ଛତବ୍ରଜାରର ସନ୍ତୋଷ କୁମାର ରାଓ(୩୩)। ଏମାନଙ୍କ ପାଖରୁ ଲକ୍ଷାଧିକ ଟଙ୍କାର ରେଳବାଇ ସରଞ୍ଜାମ ଜବତ କରାଯାଇଛି। ଆଜି ଅପରାହ୍ନ ସାଢେ ୪ଟାରେ କଟକ-ପାରାଦୀପ ରେଳ ସେକ୍ସନର ସମ୍ରାଟ ସିନେମା ହଲ ପାଖରେ ଏହି ସନ୍ଦିଗ୍ଧ ଗତିବିଧି ନେଇ ସୂଚନା ମିଳିଥିଲା। ଏହାପରେ କଟକ ଆରପିଏଫର ଏକ ଟିମ ତୁରନ୍ତ ସେଠାରେ ପହଞ୍ଚିଥିଲା। ସେତେବେଳ ୨ ଜଣ ଯୁବକ ଏକ ଟ୍ରଲିରେ ରେଳଧାରଣା ପାର୍ଶ୍ୱରୁ କିଛି ସାମଗ୍ରୀ ସଂଗ୍ରହ କରୁଥିଲେ। ଆରପିଏଫଙ୍କୁ ଦେଖିବାମାତ୍ରେ ସେମାନେ ଦୌଡି ଖସି ପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ତଲାସି ପରେ ଉକ୍ତ ଟ୍ରଲିରେ ଜମା ହୋଇଥିବା ୩୯ ଖଣ୍ଡ ଇଆରସି ପେଣ୍ଡ୍ରୋଲ କ୍ଲିପ ମିଳିଥିଲା। ଯାହାକୁ ରେଳଧାରଣା ସଂଯୋଗରେ ବ୍ୟବହାର କରାଯାଏ। ପ୍ରତ୍ୟେକ କ୍ଲିପର ମୂଲ୍ୟ ପ୍ରାୟ ୧୯୫୦ ଟଙ୍କା ହେବ। ଏହାକୁ ସେମାନେ ବଳପୂର୍ବକ ରେଳ ଧାରଣାରୁ କାଢି ନେଉଥିଲେ। ଏହା ପରେ ସେଗୁଡିକୁ କବାଡିଆଙ୍କୁ ବିକ୍ରି କରିବାର ଯୋଜନା ରଖିଥିଲେ ବୋଲି ଜେରା ବେଳେ ସ୍ୱୀକାର କରିଛନ୍ତି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି। ପୂର୍ବରୁ ଅଭିଯୁକ୍ତ ବୀର ନାଁରେ ୨ଟି ଓ ସନ୍ତୋଷ ନାଁରେ ଗୋଟିଏ ଆପରାଧିକ ମାମଲା ରହିଛି।

## ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲ ଫି ବୃଦ୍ଧି ପ୍ରସଂଗ; ହାଇକୋର୍ଟଙ୍କ ରହିତାଦେଶ

**କଟକ, ୧୨।୨(ସମିସ):** ଭୁବନେଶ୍ୱରର ଏକ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲରେ ଫି ବୃଦ୍ଧିକୁ ବିରୋଧ କରି ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ୨୦୧୫ରୁ ପ୍ରତିବର୍ଷ ୧୫ରୁ ୨୦ ପ୍ରତିଶତ ଫି ବୃଦ୍ଧିକୁ ବିରୋଧ କରି ଅଭିଭାବକ ସଂଘ ବାଧ୍ୟ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏଥି ସହିତ ହାଇକୋର୍ଟ ଏକ ୧୦ ଜଣିଆ କମିଟି ମଧ୍ୟ ଗଠନ କରିଛନ୍ତି। ଆସନ୍ତା ୨୫ ତାରିଖ ଦିନ ଏହି ବୈଠକ ଅନୁଷ୍ଠିତ ହେବ। ଅଭିଭାବକ ସଂଘ କର୍ମକର୍ତ୍ତାଙ୍କ ସହିତ ସିବିଏସଇର ଦୁଇଜଣ ପ୍ରତିନିଧି, ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ସମ୍ପୃକ୍ତ ସ୍କୁଲର ପ୍ରତିନିଧି ପ୍ରମୁଖ ଏହି କମିଟିରେ ରହିବେ। ଦୁଇ ମାସ ଭିତରେ ପ୍ରାଥମିକ, ଶିକ୍ଷା ନିର୍ଦ୍ଦେଶକ ଫି ସମ୍ପର୍କିତ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଏକ ମଧ୍ୟବର୍ତ୍ତିକାଳୀନ ରିପୋର୍ଟ୍ ପ୍ରଦାନ କରିବାକୁ ଅଦାଲତ କହିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଟ୍ରାଫିକ୍ କନେଷ୍ଟବଳଙ୍କ ମୃତ୍ୟୁ

**ଫୁଲନଖରା, ୧୨।୨(ସମିସ):** କଟକ ସଦର ଥାନା ଅନ୍ତର୍ଗତ କଟକ ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥ ତେଲେଙ୍ଗାପେଣ୍ଠଠାରେ ବୁଧବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଟ୍ରାଫିକ୍ କନେଷ୍ଟବଳଙ୍କ ମୃତ୍ୟୁ ଘଟିଛି। ମୃତକ ବ୍ୟକ୍ତି ଜଣକ ହେଲେ ପ୍ରତାପନଗରୀସ୍ଥିତ ଜାତୀୟ ରାଜପଥ ଟ୍ରାଫିକ୍ ଥାନାରେ କାର୍ଯ୍ୟରତ ଜଟଣୀ ଅଞ୍ଚଳର ବିଷ୍ଣୁ ଚରଣ ପ୍ରଧାନ। ପ୍ରତିଦିନ ଭଳି ସେ ବୁଧବାର ରାତିରେ ଥାନାକୁ ନିଜର ଡ୍ୟୁଟିରେ ଯୋଗଦେବାକୁ ଆସୁଥିବା ବେଳେ ତେଲେଙ୍ଗାପେଣ୍ଠ ନିକଟରେ ଏକ ଅଜଣା ଗାଡି ପଛପଟୁ ବିଷ୍ଣୁଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଖବର ପାଇ କଟକ ସଦର ଥାନା ଓ ଟ୍ରାଫିକ୍ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ବିଷ୍ଣୁଙ୍କୁ ମେଡିକାଲ ନେଇଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। କଟକ ସଦର ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି।

### କଟକ ସହରରେ 'ଭାରତ ବନ୍ଦ'ର ପ୍ରଭାବ

# ବାଧାପ୍ରାପ୍ତ ହେଲା ପରିବହନ ଓ ବ୍ୟାଙ୍କିଙ୍ଗ୍ ସେବା





ସିଏନ୍‌ବିଟିରେ ଯାତ୍ରୀ ହନ୍ତସନ୍ତ

**କଟକ, ୧୨।୨(ସମିସ**




କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏବଂ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଆଜି ଦିଆଯାଇଥିବା ୧୨ ଘଣ୍ଟିଆ 'ଭାରତ ବନ୍ଦ' ଡାକରାର ବ୍ୟାପକ ପ୍ରଭାବ କଟକ ସହରରେ ଦେଖିବାକୁ ମିଳିଛି। ନୂଆ ଶ୍ରମ କୋଡ୍ ପ୍ରତ୍ୟାହାର, ବିଜୁଳି ବିଲ୍ ବୃଦ୍ଧି ଏବଂ ମନରେଗା ଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଆୟୋଜିତ ଏହି ବନ୍ଦ ପାଳନ ଯୋଗୁଁ ସହରର ସ୍ୱାଭାବିକ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜାରି ରହିଥିବା ଏହି ଆନ୍ଦୋଳନକୁ କଂଗ୍ରେସ ସମର୍ଥନ ଜଣାଇଥିବା ବେଳେ ସହରର ବ୍ୟାଙ୍କିଙ୍ଗ୍ ସେବା, ସରକାରୀ ଅଫିସ୍, ସ୍କୁଲ-କଲେଜ ଏବଂ ବଜାର ବନ୍ଦ ରହିଥିଲା। ଆନ୍ଦୋଳନକାରୀମାନେ ସହରର ପ୍ରମୁଖ ଛକ ଓ କଚେରି ଠାରେ ପିକେଟିଂ କରିବା ସହ ନାରାବାଜି କରିବାର ଦେଖାଯାଇଥିଲା। ବିଶେଷ କରି ରାସ୍ତା ଉପରେ ଥିବା ସୋ-ରୁମ୍ ଓ ବଡ଼ ଦୋକାନଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ଜାତୀୟ ରାଜପଥରେ ଗାଡ଼ି ମଟର ଚଳାଚଳ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏହି ବନ୍ଦ ଡାକରା ଯୋଗୁଁ ସାଧାରଣ ଯାତ୍ରୀମାନେ ସବୁଠାରୁ ଅଧିକ ହନ୍ତସନ୍ତ ହୋଇଥିଲେ। କଟକ ନେତାଜୀ ବସ୍ ଟର୍ମିନାଲରୁ ବସ୍ ଚଳାଚଳ ବନ୍ଦ ରହିଥିବାରୁ ଶତାଧିକ ଯାତ୍ରୀ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇ ନ ପାରି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହିଥିଲେ। ସେହିଭଳି କେତେକ ଟ୍ରେନ୍ ବାତିଲ ହେବା କାରଣରୁ ରେଳ ଷ୍ଟେସନରେ ମଧ୍ୟ ଯାତ୍ରୀଙ୍କ ଭିଡ଼ ଜମିଥିଲା ଏବଂ ଅନେକ ଲୋକ ବନ୍ଦ ସମ୍ପର୍କରେ ପୂର୍ବରୁ ଅବଗତ ନ ଥାଇ ଅସୁବିଧାରେ ପଡ଼ିଥିଲେ। କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ସହରର ବିଭିନ୍ନ ଛକ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE NINE MONTH ENDED 31ST DEC'2025**
(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Nine Month Ended | | Year Ended | Nine Month Ended | | Year Ended |
| | | 31.12.2025 | 31.12.2024 | 31.03.2025 | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 39.76 | 63.67 | 44.27 | 13,635.82 | 10,832.21 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (1.58) | (2.49) | (44.47) | 1,760.62 | (167.69) | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (14.38) | 0.50 | (28.91) | 1,216.38 | (351.64) | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (14.38) | 0.50 | (28.91) | 1,216.38 | (351.64) | (3,525.52) |
| 6 | Net Profit attributable to Non Controlling Interests | - | - | - | 583.59 | (211.33) | (1,791.41) |
| 7 | Net Profit attributable to Owners of the Company | - | - | - | 632.79 | (140.31) | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,532.26 | 26,576.05 | 26,546.64 | (8,776.47) | (7,819.01) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (1.00) | 0.03 | (2.00) | 44.59 | (9.89) | (121.71) |
| | (ii) Diluted | (1.00) | 0.03 | (2.00) | 44.59 | (9.89) | (121.71) |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 12th February' 2026

Sd/-
(A.K.Bagchi)
Managing Director-EIL

## ବ୍ରାହ୍ମଣସାହି ସଂକୀର୍ତ୍ତନମଣ୍ଡଳୀର ଦୋଳ ପ୍ରସ୍ତୁତି

କଟକ,୧୨।୨(ସମିସ): କଟକ ଚାନ୍ଦିନୀଚୌକ ବ୍ରାହ୍ମଣସାହି ନଦୀୟା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଆଗାମୀ ଦୋଳ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଅଭିରାମ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମହନ୍ତ ଭିକାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷର ଉତ୍ସବ ପରିଚାଳନା ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମାର୍ଚ୍ଚ ୩ ତାରିଖରେ ଚନ୍ଦ୍ରଗ୍ରହଣ ଲାଗୁଥିବା କାରଣରୁ ଚଳିତ ବର୍ଷ ଦୋଳ ପୂର୍ଣ୍ଣିମା ଉତ୍ସବ ପାଳନ କରାଯିବ ନାହିଁ ବୋଲି ବୈଠକରେ ସ୍ଥିର ହୋଇଛି। ଏହାର ବିକଳ୍ପ ସ୍ୱରୂପ, ଫେବୃଆରୀ ୨୬ ତାରିଖ ଫଗୁ ଦଶମୀଠାରୁ ମାର୍ଚ୍ଚ ୨ ତାରିଖ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ସଂକୀର୍ତ୍ତନ ସହ ଦୋଳ ବିମାନ ଭୋଗଖିଆ ଭାଇମାନଙ୍କ ଘରେ ପହଞ୍ଚିବ ବୋଲି ଅଧିକାରୀ ପ୍ରଦ୍ୟୁମ୍ନ ଚନ୍ଦ୍ର ରାଓ ସୂଚନା ଦେଇଛନ୍ତି। ଏଥିସହ ପବିତ୍ର ଫଗୁ ଦଶମୀ ଦିନ ରାତି ୮ଟାରେ ମଙ୍ଗଳାବାଗ ମହ୍ଲାସାହିଠାରେ ଆୟୋଜିତ ହେବାକୁ ଥିବା ଦଶମୀ ନଦୀୟା ଦୋଳ ମେଳଣ ଶୋଭାଯାତ୍ରାରେ ମଣ୍ଡଳୀ ସାମିଲ ହେବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକ ପ୍ରାରମ୍ଭରେ କୋଷାଧ୍ୟକ୍ଷ ମନୋରଞ୍ଜନ ପଣ୍ଡା ଆୟ-ବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଯାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହି ଆଲୋଚନାରେ ମୁଖ୍ୟ ପୃଷ୍ଠପୋଷକ ବୀରେନ୍ଦ୍ର ପ୍ରତାପ ସ୍ୱାଇଁ, ମଠାଧୀଶ ବ୍ରହ୍ମଚାରୀ ସମ୍ବିତ ଦାସ, ଅସିତ ମହାନ୍ତି, ସଞ୍ଜୟ ମହାନ୍ତିଙ୍କ ସମେତ ମଣ୍ଡଳୀର ବହୁ ସଦସ୍ୟ ଓ ଭୋଗଖିଆ ଭାଇମାନେ ଉପସ୍ଥିତ ଥିଲେ। ଶେଷରେ କଟୁଆଳ ଗୋପାଳ ମହାରଣା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରାଣୀହାଟ ହାଇସ୍କୁଲର ପ୍ରତିଷ୍ଠା ଦିବସ

କଟକ,୧୨।୨(ସମିସ): ସ୍ଥାନୀୟ ରାଣୀହାଟ ହାଇସ୍କୁଲ ପରିସରରେ ବୁଧବାର ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅତି ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ବହୁ ପୁରାତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ପ୍ରତିଷ୍ଠାତା ତଥା ପ୍ରଧାନଶିକ୍ଷକ ସ୍ୱର୍ଗତ ବାଞ୍ଛାନିଧି ଶତପଥୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବକ୍ତାମାନେ ସ୍ୱର୍ଗତ ଶତପଥୀଙ୍କ ନିଷ୍ଠା ଓ ତ୍ୟାଗ ଯୋଗୁଁ ବିଦ୍ୟାଳୟ ଆଜି ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ।



ଶତାବ୍ଦୀ କମିଟିର କାର୍ଯ୍ୟନିର୍ବାହୀ ସଭାପତି ପୂର୍ଣ୍ଣଚନ୍ଦ୍ର ଛାଟୋଇ, ସମ୍ପାଦକ ସୌମ୍ୟ ରଞ୍ଜନ ମିଶ୍ର, ଗୋପାଳ ଚନ୍ଦ୍ର ପଟ୍ଟନାୟକ, ସମରେନ୍ଦ୍ର ଘୋଷଙ୍କ ସମେତ ଦିଲୀପ ମିଶ୍ର ଓ ମିତାଲି ମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଶତାବ୍ଦୀ କମିଟିର ଉପସଭାପତି ବ୍ରଜକିଶୋର ନନ୍ଦ ସମସ୍ତଙ୍କୁ ଅଭିବାଦନ ଜଣାଇବା ସହ ଆସନ୍ତା ୧୪ ତାରିଖରେ ସ୍ୱର୍ଗତ ଶତପଥୀଙ୍କ ମହାପ୍ରୟାଣ ଦିବସରେ ଆୟୋଜିତ ହେବାକୁ ଥିବା ରକ୍ତଦାନ ଶିବିରରେ ସାମିଲ ହେବାକୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ବିଦ୍ୟାଳୟ ୧୦୦ ବର୍ଷ ପୂରଣ କରୁଥିବାରୁ ଆସନ୍ତା ମାର୍ଚ୍ଚ ମାସରେ ଏକ ବୃହତ୍ ଶତବାର୍ଷିକୀ ଉଦଯାପନୀ ଉତ୍ସବ ପାଳନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବେଲେଶ୍ୱର ବଧିର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କଟକ,୧୨।୨(ସମିସ): କଟକ ସଦର ବ୍ଲକ ଦଧିବାମନପୁର ପଞ୍ଚାୟତ ବହଳପଡ଼ା ବେଣ୍ଟକାରସ୍ଥିତ ଶ୍ରୀ ଶ୍ରୀ ବେଲେଶ୍ୱର ବଧିର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୧୮ ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ରାମଗୋପାଳ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ସମାଜସେବୀ ନିରାକାର ବେହେରା ଏବଂ ସମ୍ମାନିତ ଅତିଥିଭାବେ ଡ. ସୁବାଶିଷ ଶତପଥୀ ଓ ରବୀନ୍ଦ୍ରନାଥ ପାଢ଼ୀ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରଶଂସା କରିବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ଚୌଧୁରୀଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଧିର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଶକ୍ତିଲତା ମୁଦୁଲି ଧନ୍ୟବାଦ ଦେଇଥିଲେ।




### କଟକ ସହର ସମସ୍ୟା ଉପରେ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# ଶ୍ମଶାନରେ ମୌଳିକ ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ

କଟକ,୧୨।୨(ସମିସ): କଟକ ସହରର ବିଭିନ୍ନ ସମସ୍ୟା ଏବଂ ଏସସିବି ମେଡିକାଲର ଅବ୍ୟବସ୍ଥାକୁ ନେଇ ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ଜାରି ରହିଥିବା ନିୟମିତ ଶୁଣାଣି ପ୍ରକ୍ରିୟା ଆଜି ଅନୁଷ୍ଠିତ ହୋଇଛି। ଜଷ୍ଟିସ୍ କେ.ଆର. ମହାପାତ୍ର ଏବଂ ଜଷ୍ଟିସ୍ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରି ଅନେକ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

### ଶ୍ମଶାନର ଦୁରାବସ୍ଥା ଉପରେ ଅସନ୍ତୋଷ

ସତୀଚଉରା, ଖାନନଗର ଏବଂ ବିଡ଼ାନାସୀ ଶ୍ମଶାନରେ ପାନୀୟ ଜଳ ଏବଂ ଶୌଚାଳୟ ଭଳି ମୌଳିକ ସୁବିଧାର ଅଭାବକୁ ନେଇ କୋର୍ଟ ଉଦବେଗ ପ୍ରକାଶ କରିକହିଛନ୍ତି ଯେ, ମୃତକଙ୍କ ସମ୍ପର୍କୀୟଙ୍କ ପ୍ରତି ପ୍ରଶାସନର ଏଭଳି ଅମାନବୀୟ ମନୋଭାବ ଗ୍ରହଣୀୟ ନୁହେଁ। ସମସ୍ତ ଶ୍ମଶାନରେ ୨୪ ଘଣ୍ଟିଆ ପାନୀୟ ଜଳ ଏବଂ ସ୍ୱଚ୍ଛ ଶୌଚାଳୟ ବ୍ୟବସ୍ଥା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଲେଜର ଲାଇଟ୍ ଓ ଶବ୍ଦ ପ୍ରଦୂଷଣ ଉପରେ କଟକଣା

ସହରରେ ବାହାଘର ଶୋଭାଯାତ୍ରା ସମୟରେ ହେଉଥିବା ପ୍ରବଳ ଶବ୍ଦ ପ୍ରଦୂଷଣ ଏବଂ କ୍ଷତିକାରୀ ଲେଜର ଲାଇଟ୍ ବ୍ୟବହାରକୁ କୋର୍ଟ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛନ୍ତି। କୌଣସି ଶୋଭାଯାତ୍ରାରେ ଶବ୍ଦର ମାତ୍ରା ୬୫ ଡେସିବେଲ୍‌ରୁ ଅଧିକ ହେବ ନାହିଁ। ରାତି ୧୦ଟା ପରେ କୌଣସି ଶୋଭାଯାତ୍ରାକୁ ଅନୁମତି ଦିଆଯିବ ନାହିଁ। ଏହି ନିୟମ ଉଲ୍ଲଙ୍ଘନ ହେଲେ ସମ୍ପୃକ୍ତ ଥାନା ଅଧିକାରୀ ଦାୟୀ ରହିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

### ପ୍ଲାଷ୍ଟିକ୍ ମୁକ୍ତ କଟକକୁ ଗୁରୁତ୍ୱ

ପ୍ଲାଷ୍ଟିକ୍ ବ୍ୟବହାର ରୋକିବା ପାଇଁ ଆସନ୍ତା ମାର୍ଚ୍ଚ ୧୯ ତାରିଖରେ ନଗର ଉନ୍ନୟନ ସଚିବ, ଜିଲ୍ଲାପାଳ ଏବଂ ସିଏମସି କମିଶନରଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଏସସିବି ମେଡିକାଲ୍ ସମସ୍ୟା

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ (ଏସସିବି) ମେଡିକାଲରେ ନୂତନ ଭାବେ ୩ଟି ୩ଟି ଏମଆରଆଇ ମେସିନ୍ କାର୍ଯ୍ୟକ୍ଷମ ହୋଇଥିବା ବେଳେ ୧୨୮ ସ୍ଲାଇସ୍ ସିଟି ସ୍କାନ ମେସିନ୍ ପରିଚାଳନା ପାଇଁ ଆବଶ୍ୟକ କର୍ମଚାରୀ ନିଯୁକ୍ତି କରାଯାଇଥିବା ସରକାର ଜଣାଇଛନ୍ତି। ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ପରିସରରେ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ୪ଟି ଶୌଚାଳୟ କାର୍ଯ୍ୟକ୍ଷମ ହୋଇଛି। ଏହି ସମସ୍ତ କାର୍ଯ୍ୟର ସତ୍ୟାସତ୍ୟ ଯାଞ୍ଚ କରିବାକୁ ଆଡଭୋକେଟ୍ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି।

### ବିପଦପୂର୍ଣ୍ଣ କୋଠା ଓ ସ୍କୁଲ୍ ଯାଞ୍ଚ ନିର୍ଦ୍ଦେଶ

କଟକ ସହରରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ୍ କୋଠାର ସୁରକ୍ଷା ଯାଞ୍ଚ କରିବାକୁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ କୁହାଯାଇଛି। ବିଶେଷ କରି ମିଶନ ରୋଡ୍‌ରେ ଥିବା ଏକ ବିପଦପୂର୍ଣ୍ଣ ସ୍କୁଲ୍ କୋଠା ବିଷୟରେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

### ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ

ସତୀଚଉରା ଡମ୍ପିଂ ୟାର୍ଡକୁ ସ୍ଥାନାନ୍ତର ପାଇଁ ଟାଙ୍ଗୀ-ଚୌଦ୍ୱାର ତହସିଲରେ ଅଧିକ ଜମି ଯୋଗାଇଦେବାକୁ ଜିଲ୍ଲା ପ୍ରଶାସନ ଆଜି ହାଇକୋର୍ଟରେ ପ୍ରତିଶ୍ରୁତି ଦେଇଥିବା ବେଳେ ୱାର୍ଡ ନଂ ୫୫ ସମେତ ସହରର ବିଭିନ୍ନ ସ୍ଥାନରେ ଅଚଳ ଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକୁ ମରାମତି କରିବାକୁ ହାଇକୋର୍ଟ ସିଏମସିକୁ ନିର୍ଦ୍ଦେଶ ଦେଇଛନ୍ତି।

## ମୁଣ୍ଡଳୀ ଜଳ ବିଶୋଧନାଗାରରେ ମିଳିତ ମକଡ୍ରିଲ୍

କଟକ,୧୨।୨(ସମିସ): କଟକ ମୁଣ୍ଡଳୀସ୍ଥିତ ଜଳ ବିଶୋଧନାଗାର କେନ୍ଦ୍ର ପରିସରରେ ବୁଧବାର ଏକ ସ୍ୱତନ୍ତ୍ର ମକ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଜଳ ବିଶୋଧନାଗାରରୁ ହଠାତ୍ କୌଣସି ରସାୟନ ପଦାର୍ଥ ବା ଗ୍ୟାସ୍ ଲିକ୍ ହେଲେ ତାର ସଫଳ ମୁକାବିଲା କିପରି କରାଯିବ ଏବଂ ଅଘଟଣ ସମୟରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଲୋକଙ୍କୁ କିଭଳି ତ୍ୱରିତ ଭାବେ ଉଦ୍ଧାର କରାଯିବ, ସେ ସମ୍ପର୍କରେ ବିଭିନ୍ନ କୌଶଳ ପ୍ରଦର୍ଶିତ ହୋଇଥିଲା। ଏହି ମିଳିତ ମକ ଡ୍ରିଲରେ ଏନଡିଆରଏଫ, ଅଗ୍ନିଶମ ବିଭାଗ, ଓଡ୍ରାଫ ଏବଂ ଜିଲ୍ଲା ପ୍ରଶାସନ ଅଂଶଗ୍ରହଣ କରିଥିଲେ। ୱାଟକୋ ମୁଣ୍ଡଳୀ ସବଡିଭିଜନ ମ୍ୟାନେଜରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶୋଧନାଗାର କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କୁ ଆପତକାଳୀନ ସ୍ଥିତି ପାଇଁ ସଚେତନ କରାଯାଇଥିଲା। ଏହି ମକ ଡ୍ରିଲରେ ଏନଡିଆରଏଫର ୧୨ ଜଣ ଯବାନ ଏବଂ ବାରଙ୍ଗ ଅଗ୍ନିଶମ ବାହିନୀର ୮ ଜଣ କର୍ମଚାରୀ ଯୋଗଦେଇ ଉଦ୍ଧାର କାର୍ଯ୍ୟ ପ୍ରଦର୍ଶନ କରିଥିଲେ। ସ୍ୱରାଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ସଦସ୍ୟମାନେ ମଧ୍ୟ ଏଥିରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଏନଡିଆରଏଫର ବିବେକ ପାଣ୍ଡେ, ଅନୁରାଗ ତ୍ୟାଗୀଙ୍କ ସମେତ ସ୍ଥାନୀୟ ସରପଞ୍ଚ ଏବଂ ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପଭିତ୍ତିକ ଅଘଟଣରୁ ରକ୍ଷା ପାଇବା ପାଇଁ ଏଭଳି ପ୍ରଶିକ୍ଷଣ ଶିବିର ବେଶ୍ ସହାୟକ ହେବ ବୋଲି ପ୍ରଶାସନ ପକ୍ଷରୁ ମତପ୍ରକାଶ ପାଇଛି।

## ଏସ୍‌ସିବି ଆଇସିୟୁକୁ ମୋବାଇଲ୍ ମନା

କଟକ,୧୨।୨(ସମିସ): କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କର୍ତ୍ତୃପକ୍ଷ ରୋଗୀ ସେବାକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଆଇସିୟୁ ମଧ୍ୟରେ ମୋବାଇଲ୍ ବ୍ୟବହାର ଉପରେ କଟକଣାକୁ କଡ଼ାକଡ଼ି କରିଛନ୍ତି। ପୂର୍ବରୁ ଏହି ନିୟମ ରହିଥିଲେ ହେଁ, ବର୍ତ୍ତମାନ ଏହାକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯାଇଛି। ନିୟମ ଅନୁସାରେ, ଆଇସିୟୁ ଭିତରକୁ ନର୍ସ, ଅନ୍ୟ କର୍ମଚାରୀ ଏବଂ ରୋଗୀଙ୍କ ସମ୍ପର୍କୀୟ ମୋବାଇଲ୍ ନେଇପାରିବେ ନାହିଁ। କେବଳ କାର୍ଯ୍ୟରତ ଡାକ୍ତରଙ୍କୁ ମୋବାଇଲ୍ ନେବା ପାଇଁ ଅନୁମତି ଦିଆଯାଇଛି, ଯାହାଫଳରେ ସେମାନେ ରୋଗୀ ସେବା କ୍ଷେତ୍ରରେ ପେଶାଗତ ଆଲୋଚନା ଓ ଜରୁରୀ ପରାମର୍ଶ ପାଇଁ ଏହାକୁ ବ୍ୟବହାର କରିପାରିବେ। ମେଡିକାଲ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ରୋଗୀଙ୍କ ସମ୍ପର୍କୀୟ କେବଳ କିଛି ସମୟ ପାଇଁ ରୋଗୀଙ୍କୁ ଦେଖିବାକୁ ଆସୁଥିବାରୁ, ସେହି ସମୟରେ ମୋବାଇଲ୍‌ର କୌଣସି ଆବଶ୍ୟକତା ନାହିଁ। ଆଇସିୟୁ ମଧ୍ୟରେ ଶାନ୍ତି ରକ୍ଷା କରିବା ଏବଂ ରୋଗୀଙ୍କ ଚିକିତ୍ସାରେ ଯେପରି କୌଣସି ବ୍ୟାଘାତ ସୃଷ୍ଟି ନହୁଏ, ସେଥିପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହି କଟକଣା ଦ୍ୱାରା ଚିକିତ୍ସା ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଓ ଶୃଙ୍ଖଳା ଆସିବ ବୋଲି ଆଶା କରାଯାଉଛି।

**କେବଳ ଡାକ୍ତରଙ୍କୁ ଅନୁମତି, ରୋଗୀ ସମ୍ପର୍କୀୟ ଓ କର୍ମଚାରୀଙ୍କ ପାଇଁ କଟକଣା କଡ଼ାକଡ଼ି**

### ରମଜାନ ପାଇଁ କଟକ ମହାନଗର ନିଗମର ପ୍ରସ୍ତୁତି

## ପରିମଳ ଓ ଆଲୋକୀକରଣ ଉପରେ ମେୟରଙ୍କ ଗୁରୁତ୍ୱ



କଟକ,୧୨।୨(ସମିସ): ଆସନ୍ତା ପବିତ୍ର ରମଜାନ ମାସକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କଟକ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମସି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ସହରର ବିଭିନ୍ନ ଅଞ୍ଚଳରୁ ମୁସଲିମ ସମ୍ପ୍ରଦାୟର ପ୍ରତିନିଧି ଓ ମୁରବିମାନେ ଯୋଗଦେଇଥିଲେ। ବିଶେଷ କରି ମସଜିଦ୍ ଆଖପାଖ ଅଞ୍ଚଳରେ ରାସ୍ତାଘାଟ ମରାମତି, ନାଳନର୍ଦ୍ଦମା ସଫେଇ, ସ୍ୱଚ୍ଛତା, ଉପଯୁକ୍ତ ଆଲୋକୀକରଣ ଏବଂ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ସେମାନେ ନିଗମ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ମେୟର ଶ୍ରୀ ସିଂହ ଜନସାଧାରଣଙ୍କ ସମସ୍ତ ଅନୁରୋଧକୁ ଗମ୍ଭୀରତାର ସହ ଶୁଣିବା ସହିତ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ବ୍ୟବସ୍ଥା ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ସିଏମସି କମିଶନର କିରଣଦୀପ କୌର ସହୋତାଙ୍କ ସମେତ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, କର୍ପୋରେଟର ବୃନ୍ଦ ଏବଂ ୱାଟକୋ ଓ ବିଦ୍ୟୁତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପର୍ବ ସମୟରେ ଯେପରି ଶ୍ରଦ୍ଧାଳୁମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଛନ୍ତି।

## ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି,୧୨।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ପିଏମଶ୍ରୀ ଅସୁରେଶ୍ୱର ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ଖଟୁଆଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ପ୍ରଧାନ, ସରପଞ୍ଚ ଗୌତମୀ ଦାସ, ସମିତିସଭ୍ୟା ହିମାଦ୍ରୀ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁନୀଲ ଲେଙ୍କା, ରଘୁନାଥ ପଣ୍ଡା, ଅରୁନ୍ଧତୀ ଦାସ, ପଙ୍କଜୀନି ଦାସ, ସୁପ୍ରିୟା ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସିଆରସିସି କିଶୋର ଚନ୍ଦ୍ର ନାଥ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କୁ ବୀମା ସଖୀ ଭାବେ ନିଯୁକ୍ତି



ଟାଙ୍ଗୀ,୧୨।୨(ସମିସ): ମହିଳାଙ୍କ ଆତ୍ମନିର୍ଭର ଓ ଗ୍ରାମୀଣ ଅର୍ଥନୈତିକ ସୁଦୃଢ଼ ନିମନ୍ତେ କଟକ ସ୍ଥିତ ଭାରତୀୟ ଜୀବନ ବୀମା ନିଗମ କାର୍ଯ୍ୟାଳୟ ପରିସରରେ ବୀମା ସଖି କର୍ମଶାଳାରେ ନିଯୁକ୍ତି ପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଟାଙ୍ଗୀ ଚୌଦ୍ୱାର ବ୍ଲକର ୧୨ ଓ ସାଲେପୁର ବ୍ଲକର ୧୦ ମୋଟ ୨୨ଜଣ ମହିଳାଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି। ଜୀବନ ବୀମା ପରାମର୍ଶଦାତା ଶ୍ରୀକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତି ଓ ସମ୍ମାନିତ ଅତିଥିଭାବେ ବରିଷ୍ଠ ଶାଖା ପ୍ରବନ୍ଧକ ବିଶ୍ୱ ରଞ୍ଜନ ଢାଲି ଯୋଗଦେଇ ମହିଳାଙ୍କ ବିକାଶ ଉପରେ ଆଲୋକପାତ କରିବା ସହ ବୀମା ସଖି ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ। ଶାଖା ପରିଚାଳକ ଦୀପ୍ତିକାନ୍ତ ନାୟକ ପରିଚାଳନାରେ ସହଯୋଗ କରିଥିଲେ।

### ଘରୋଇ ବସ୍ ମାଲିକ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ

## ପୁନର୍ବାର ଲୋକନାଥ ସଭାପତି, ଦେବେନ୍ଦ୍ର ସମ୍ପାଦକ

କଟକ,୧୨।୨(ସମିସ): ଟାଉନ ହଲ୍ ପରିସରରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ବୈଠକରେ ଯାତ୍ରୀ ସୁରକ୍ଷା, ଭଡ଼ା ନିର୍ଦ୍ଧାରଣ, ଦୁର୍ଘଟଣା ନିୟନ୍ତ୍ରଣ ଏବଂ ଘରୋଇ ବସ୍ ମାଲିକ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନେକ ଗ୍ରାମାଞ୍ଚଳରେ ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ ଗାଡ଼ି ଚଳାଚଳରେ ବହୁ ସମସ୍ୟା ସୃଷ୍ଟି ହେଉଥିବା ନେଇ ପରିବହନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ବସ୍‌ଷ୍ଟାଣ୍ଡ ନିକଟରେ ଏବଂ ବିଭିନ୍ନ ଢାବାରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ଘରୋଇ ବସ୍ ମାଲିକ ସଂଘ ଦାବି କରିଛି। ଏହାଦ୍ୱାରା ମଦ୍ୟପାନଜନିତ ଦୁର୍ଘଟଣା ହ୍ରାସ ପାଇବ। ରାଜ୍ୟରେ ବସ୍‌ଗୁଡ଼ିକ ପାଇଁ ଆବଶ୍ୟକ ହେଉଥିବା ଫିଟ୍‌ନେସ ବିଭିନ୍ନ ଜିଲ୍ଲାରେ କରିବାର ବ୍ୟବସ୍ଥା ନ ଥିବାରୁ ବସ୍ ମାଲିକମାନେ ବହୁ ହଇରାଣ ହେଉଥିବା ବୈଠକରେ ଆଲୋଚନା ହୋଇଥିଲା। ଏହି ସମସ୍ୟାର ସମାଧାନ ଶୀଘ୍ର କରିବାକୁ ବସ୍ ମାଲିକ ସଂଘ ଦାବି କରିଛି। ସେହିପରି ରାସ୍ତାରେ ଦୁର୍ଘଟଣା ରୋକିବା ପାଇଁ ରାସ୍ତାରେ ବାଲି ପକାଉଥିବା ବ୍ୟକ୍ତିଙ୍କ ବିରୋଧରେ ଏବଂ ରାସ୍ତା ମଝିରେ ବେଆଇନ କଟ୍ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିଛି। ଏହି ଦୁଇଦିନିଆ ସମ୍ମିଳନୀର ଗୁରୁବାର ଉଦ୍‌ଯାପନୀ ଦିବସରେ ନୂତନ କର୍ମକର୍ତ୍ତା ନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ସଂଘର ନେତୃତ୍ୱ ମନୋନୟନ କରାଯାଇଛି। ସଭାପତି ଭାବେ ପୁନର୍ବାର ଲୋକନାଥ ପାଣି, ସମ୍ପାଦକ ଭାବେ ଦେବେନ୍ଦ୍ର ସାହୁ ଓ କୋଷାଧ୍ୟକ୍ଷ ଭାବେ ବରଦା ପ୍ରସନ୍ନ ଆଚାର୍ଯ୍ୟ ନେତୃତ୍ୱ ନେଇଛନ୍ତି।

## ବିପ୍ଳବୀ କବି ଧ୍ରୁବ ରଣାଙ୍କ ସ୍ମୃତିସଭା

ବଡ଼ମ୍ବା,୧୨।୨(ସମିସ): ବଡମ୍ବା ପ୍ରାଣଯୋଗ ପ୍ରତିଷ୍ଠାନର ସଦସ୍ୟ ବିପ୍ଳବୀ କବି ଧ୍ରୁବ ରଣାଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ଅନୁଷ୍ଠିତ ଶୋକସଭାରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଚନ୍ଦ୍ର ଶେଖର ମହାନ୍ତିଙ୍କ ପୌରହିତ୍ୟ ତଥା କାର୍ଯ୍ୟକାରୀ ଅଧ୍ୟକ୍ଷା ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଅଧ୍ୟାପିକା ଡ. ପୁଷ୍ପଲତା ପାଣିଗ୍ରାହୀ, ମୁଖ୍ୟବକ୍ତା ମାଣିଆବନ୍ଧ ମହାବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ଅଧ୍ୟାପକ ଡ. ଖଗେଶ୍ୱର ମହାପାତ୍ର, ସମ୍ମାନିତ ଅତିଥିଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ରାଜନୀତି ବିଭାଗ ଅଧ୍ୟାପକ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସସ୍ମିତା ସିଂହ ଓ ସୁବାଷ ଚନ୍ଦ୍ର ସାହୁ ପରିଚାଳନାରେ ସହଯୋଗ କରିଥିଲେ। ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ।

## ଜାତୀୟ କୃମି ନାଶକ ଦିବସ ପାଳନ

ଟିଗିରିଆ,୧୨।୨(ସମିସ): ଟିଗିରିଆ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାତୀୟ କୃମିନାଶକ ଦିବସ ପାଳନ କରାଯାଇଛି। ପ୍ରତିବର୍ଷ ଫେବୃଆରୀ ଓ ଅଗଷ୍ଟ ୧୦ରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଦିବସ ପାଳନ କରାଯାଇଥାଏ। ଚଳିତବର୍ଷ ବ୍ଲକ ମେଡ଼ିକାଲ ଅଫିସର ଡାକ୍ତର ମନୋରଞ୍ଜନ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ନୂଆପାଟଣା ସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଖଟୁଆ, ଡା. ପ୍ରିୟଦର୍ଶିନୀ ଷଡଙ୍ଗୀ, ସ୍ୱାସ୍ଥ୍ୟ ବିଭାଗ ପରିସଂଖ୍ୟାନ ସହାୟକ ମନମୋହନ ଦାଶ, ପିଏଚଇଓ ବିଦ୍ୟୁତପ୍ରଭା ନନ୍ଦ, ସ୍ୱାସ୍ଥ୍ୟ କର୍ମଚାରୀ ଶାଶ୍ୱତୀ ସେଠ, ଦିଲ୍ଲୀପ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଦିବସ ପାଳନର ତାତ୍ପର୍ଯ୍ୟ ବୁଝାଇବା ସହ କୃମିନାଶକ ଔଷଧ ସେବନ ପାଇଁ ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କୁ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱାରୋପ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ଆଶାକର୍ମୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବାଲୁଙ୍କେଶ୍ୱର ଯଜ୍ଞ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

ନିଶ୍ଚିନ୍ତକୋଇଲି,୧୨।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବୁହାଲୋ ପଞ୍ଚାୟତ ବରପଡା ଠାରେ ଥିବା ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାରୁଦ୍ରଙ୍କ ବିଜେସ୍ଥଳୀରେ ୫ଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ୩୦ତମ ସାମ୍ବତ୍ସରିକ ନାମଯଜ୍ଞ ଆସନ୍ତା ୧୯ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଯଜ୍ଞକୁ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଇନଫରମେସନ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ପରିଚାଳନା କରାଯିବ। ଉକ୍ତ ଯଜ୍ଞକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ରିସର୍ଚ୍ଚ ସେଣ୍ଟର ଅଧ୍ୟକ୍ଷ ଅରକ୍ଷିତ ଓଝାଙ୍କ ପୌରହିତ୍ୟରେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ ହଜାର ହଜାର ଭକ୍ତଙ୍କ ସମାଗମ ହେବାକୁ ନେଇ ଆଶଙ୍କା କରାଯାଉଥିବାରୁ ସେମାନଙ୍କ ପାଇଁ ପାନୀୟ ଜଳର ସୁବିଧା କରାଯିବା, ଯଜ୍ଞସ୍ଥଳ ଆଲୋକୀକରଣ କରାଯିବା ଓ ପୁଲିସ ପକ୍ଷରୁ ଶୃଙ୍ଖଳା ରକ୍ଷା କରାଯିବା ସହିତ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସୂଚାରୁ ରୂପେ କରାଯିବ ସେ ନେଇ ବିଷଦଭାବେ ଆଲୋଚନା ହୋଇଥିଲା। ଏ ସଂକ୍ରାନ୍ତରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଯଜ୍ଞ କମିଟି ପକ୍ଷରୁ ଅବଗତ କରାଯାଇଛି। ଏହାଛଡା ଯଜ୍ଞରେ ସନ୍ଥ ବିଭୂତି ପତ୍ରିକା ଉନ୍ମୋଚନ ହେବା ସହିତ ୨୫ ଫୁଟ ଉଚ୍ଚତା ବିଶିଷ୍ଟ ମହାମୃତ୍ୟୁଞ୍ଜୟ ସଦାଶିବଙ୍କ ବିରାଟ ସ୍ୱରୂପ ଦର୍ଶନ ଏବଂ ଜଗନ୍ନାଥଙ୍କ ଦୁର୍ଲ୍ଲଭ ୨୪ ବେଶ ଅନୁଷ୍ଠିତ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି। ଏହି ଯଜ୍ଞରେ ବିଭିନ୍ନ ପ୍ରାନ୍ତରରୁ ବହୁ ସନ୍ଥ, ସାଧୁ ଓ ସନ୍ୟାସୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



### ସ୍ୱାଧୀନତାର ୭୮ ବର୍ଷ ପରେ ବି ଅନ୍ଧାରରେ ଭଗବାନ

# ବିଜୁଳି ପାଇଁ ବିଭାଗ ମାଗୁଛି ଲକ୍ଷେ ଟଙ୍କା

ନିଶ୍ଚିନ୍ତକୋଇଲି,୧୨।୨(ସମିସ)



ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ବିତିଯାଇଛି। ସରକାର "ସୌଭାଗ୍ୟ" ଠାରୁ ଆରମ୍ଭ କରି "କୁଟୀରଜ୍ୟୋତି" ଭଳି ଅନେକ ଯୋଜନା ମାଧ୍ୟମରେ ଘରେ ଘରେ ବିଜୁଳି ପହଞ୍ଚାଇବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ପଞ୍ଚାୟତ ତିଳଦା ଗ୍ରାମର ଭଗବାନ ମଳିକଙ୍କ ପାଇଁ ବିଜୁଳି ଆଲୁଅ ଆଜି ମଧ୍ୟ ସାତସପନ। ଏକବିଂଶ ଶତାବ୍ଦୀରେ ଯେତେବେଳେ ଦୁନିଆ ଡିଜିଟାଲ୍ ହୋଇଛି, ସେତେବେଳେ ଏହି ପରିବାରଟି ଡିବିରି ଓ ମହମବତୀ ଆଲୁଅକୁ ପାଥେୟ କରି ଜୀବନ ବିତାଉଛନ୍ତି। ଭଗବାନଙ୍କ ଦୁର୍ଦ୍ଦଶା ଆଜି କାଲିର ନୁହେଁ। ପ୍ରାୟ ୧୫ ବର୍ଷ ତଳେ ତାଙ୍କ ଘର ପର୍ଯ୍ୟନ୍ତ ବିଦ୍ୟୁତ ଖୁଣ୍ଟ ପଡ଼ିଥିଲା, ମାତ୍ର ସେଥିରେ ଅଦ୍ୟାବଧି ତାର ସଂଯୋଗ ହୋଇପାରିଲା ନାହିଁ। ବିଦ୍ୟୁତ ଉପଭୋକ୍ତା ହେବା ପାଇଁ ସେ ଗତ ୨୦୨୪ ନଭେମ୍ବର ୧୪ ତାରିଖରେ ୩୯୪୧ ଟଙ୍କା ଜମା କରିଛନ୍ତି। ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ ଯେ ଟଙ୍କା ଜମା କଲେ ତୁରନ୍ତ ସଂଯୋଗ ମିଳିବ। ହେଲେ ଟଙ୍କା ଜମା କରିବାର ୧ ବର୍ଷ ୩ ମାସ ବିତିଯାଇଥିଲେ ମଧ୍ୟ ବିଭାଗ ଶୋଇରହିଛି। ଘରକୁ ବିଜୁଳି ଆଣିବାକୁ ଦୌଡ଼ି ଦୌଡ଼ି ଭଗବାନ ଏବେ ନୟାନ୍ତ ହୋଇପଡ଼ିଛନ୍ତି। ବିଦ୍ୟୁତ ସଂଯୋଗ ଦେବା ପରିବର୍ତ୍ତେ ବିଭାଗୀୟ ପକ୍ଷରୁ ଏବେ ଏକ ଅଜବ ସର୍ତ୍ତ ରଖାଯାଇଛି। ଖୁଣ୍ଟ ଓ ତାର ବାବଦକୁ ଭଗବାନଙ୍କୁ ୧ ଲକ୍ଷ ଟଙ୍କା ଜମା କରିବାକୁ କୁହାଯାଉଛି। ଜଣେ ଦିନ ମଜୁରିଆ ପାଇଁ ଏତେ ଟଙ୍କା ଯୋଗାଡ଼ କରିବା ଆକାଶ କୁସୁମ ସଦୃଶ। ଯଦି ସରକାରୀ ଯୋଜନାରେ ଗରିବଙ୍କୁ ମାଗଣା ସଂଯୋଗର ବ୍ୟବସ୍ଥା ଅଛି, ତେବେ ଭଗବାନଙ୍କୁ କେଉଁ ଆଧାରରେ ଏତେ ଟଙ୍କା ମଗାଯାଉଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଭଗବାନଙ୍କର ୩ଟି ସନ୍ତାନ ଏହି ଡିବିରି ଆଲୁଅ ସାହାଯ୍ୟରେ ପାଠ ପଢ଼ି ଉଚ୍ଚଶିକ୍ଷିତ ହୋଇଛନ୍ତି। କିନ୍ତୁ ଘରର ଅନ୍ଧାର ସେମାନଙ୍କୁ ମାନସିକସ୍ତରରେ ଦାରୁଣ ଆଘାତ ଦେଇଛି। ଗତ ସରକାର ସମୟରେ ସେ ବିଧାୟକ ଓ ସାଂସଦଙ୍କ ନିକଟରେ ଗୁହାରୀ କରି ନିରାଶ ହୋଇଥିଲେ। ସରକାର ପରିବର୍ତ୍ତନ ହେବା ପରେ ବର୍ତ୍ତମାନର ବିଧାୟକଙ୍କୁ ଜଣାଇଥିଲେ ମଧ୍ୟ ସେହି ସମାନ ସ୍ଥିତି। କିରୋସିନି ଠିକ୍ ଭାବେ ମିଳୁ ନ ଥିବାରୁ ଅନେକ ସମୟରେ ଏହି ପରିବାର ମହମବତୀ ଜାଳି ରାତି କାଟୁଛନ୍ତି। ସରକାରୀ ଅଧିକାରୀ ଓ ଜନପ୍ରତିନିଧିଙ୍କ ଏଭଳି ଅମାନବୀୟ ମନୋଭାବ ପାଇଁ ଭଗବାନଙ୍କ ପରିବାର ଆଜି ଅନ୍ଧାରରେ ରହିବାକୁ ବାଧ ହୋଇଛନ୍ତି। କେବେ ଏହି ପରିବାରକୁ ବିଜୁଳି ଆଲୁଅ ମିଳିବ ତାହା ଦେଖିବାକୁ ବାକି ରହିଲା।

**▶▶ ଡିବିରି ଆଲୁଅରେ କଟୁଛି ଜୀବନ**

**▶▶ ଟଙ୍କା ଜମା କରିବାର ବର୍ଷେ ପରେ ବି ମିଳୁନି ସଂଯୋଗ**